ନିଗମ ଉପଦେଶ

ସଂପାଦକ: ଦୁର୍ଗାଚରଣ ମହାନ୍ତି

ପ୍ରକାଶକ : ନୀଳାଚଳ ସାରସ୍ୱତ ସଂଘ, ପୁରୀ

ଭବପାଶ ବିନାଶାୟ ଜ୍ଞାନଦୃଷ୍ଟି-ପ୍ରଦର୍ଶିନେ
ନମଃ ସଦ୍‌ଗୁରବେ ତୁଭ୍ୟଂ ଭୁକ୍ତିମୁକ୍ତି ପ୍ରଦାୟିନେ ।
ନରାକାର ପରଂବ୍ରହ୍ମ ରୂପାୟାଽଜ୍ଞାନହାରିଣେ
ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ।

নিগম উপন্যাস

ନିଗମ ଉପଦେଶ

ସମ୍ପାଦକ

ଶ୍ରୀ ଦୁର୍ଗାଚରଣ ମହାନ୍ତି

ପ୍ରକାଶକ

ନୀଳାଚଳ ସାରସ୍ୱତ ସଂଘ,

କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗ, ପୁରୀ

ନିଗମ ଉପଦେଶ

ସମ୍ପାଦନା

ଶ୍ରୀ ଦୁର୍ଗାଚରଣ ମହାନ୍ତି

ପ୍ରକାଶକ:
ନୀଳାଚଳ ସାରସ୍ୱତ ସଂଘ, ପୁରୀ
କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗ,

ଚତୁର୍ଥ ସଂସ୍କରଣ
ମାଘ ପୂର୍ଣ୍ଣିମା, ୨୦୧୫

ପ୍ରଚ୍ଛଦ: ବିଜୟ କୁମାର ପ୍ରଧାନ

ପ୍ରାପ୍ତିସ୍ଥାନ
କେନ୍ଦ୍ର ଆସନ ମନ୍ଦିର
ବୀରତୁଙ୍ଗ, ପୁରୀ
ଓ
ନୀଳାଚଳ କୁଟୀର
ସ୍ୱର୍ଗଦ୍ୱାର, ପୁରୀ
ଓ
ନିଗମ ସ୍ମୃତି କୁଟୀର
ଯୋବ୍ରା, କଟକ-୩

ଲିପି ସଂଯୋଜନା ଓ ମୁଦ୍ରଣ:
ଗୁରୁପ୍ରସନ୍ନ ପ୍ରେସ୍
ଝୋଲାସାହି (ନିଉ କଲୋନୀ), କଟକ-୧

ମୂଲ୍ୟ : ସତୁରି ଟଙ୍କା ମାତ୍ର

ସୂଚୀପତ୍ର

କ୍ରମାଙ୍କ	ବିଷୟ	ପୃଷ୍ଠାଙ୍କ
୧ ।	ସୂଚନା	ଏକ
୨ ।	ଭୂମିକା	ପଚିଶ
୩ ।	ଆଭାସ	ତିରିଶ
୪ ।	ନବବର୍ଷର ଆଶୀର୍ବାଦ	୩୫
୫ ।	ଅକ୍ଷୟ ତୃତୀୟାରେ ଆଶୀର୍ବାଦ	୩୮
୬ ।	ଶଙ୍କରାଚାର୍ଯ୍ୟଙ୍କ ଜନ୍ମତିଥିରେ	୪୦
୭ ।	ଉତ୍ତିଷ୍ଠତ ଜାଗ୍ରତ	୪୩
୮ ।	ବର୍ତ୍ତମାନ ହିନ୍ଦୁ ସମାଜ ପ୍ରତି	୪୬
୯ ।	ସାଧାରଣଙ୍କୁ ଉପଦେଶ	୫୮
୧୦ ।	ନେତାମାନଙ୍କ ପ୍ରତି	୬୬
୧୧ ।	ସମନ୍ୱୟୀ ଉପଦେଶ	୭୪
୧୨ ।	ଶାକ୍ତ ଓ ବୈଷ୍ଣବମାନଙ୍କ ପ୍ରତି	୮୫
୧୩ ।	ସାଧାରଣଙ୍କ ପ୍ରତି	୯୬
୧୪ ।	ଛାତ୍ରମାନଙ୍କ ପ୍ରତି	୧୦୬
୧୫ ।	ଯୁଗ ସମସ୍ୟାରେ	୧୧୫
୧୬ ।	ସନ୍ନ୍ୟାସୀ-ବ୍ରହ୍ମଚାରୀ-ସେବକମାନଙ୍କ ପ୍ରତି	୧୨୦
୧୭ ।	ସରଳବିଶ୍ୱାସୀଙ୍କ ପ୍ରତି	୧୩୦
୧୮ ।	ସାଧକମାନଙ୍କ ପ୍ରତି	୧୪୪
୧୯ ।	ଶିଷ୍ୟମାନଙ୍କ ପ୍ରତି	୧୬୧

୨୦ ।	ଭକ୍ତମାନଙ୍କ ପ୍ରତି	୧୭୫
୨୧ ।	ସଂଘସେବୀଙ୍କ ପ୍ରତି	୧୮୭
୨୨ ।	କର୍ମୀମାନଙ୍କ ପ୍ରତି	୨୦୨
୨୩ ।	ସମର୍ପଣକାରୀଙ୍କ ପ୍ରତି	୨୦୫
୨୪ ।	ନିର୍ଭରକାରୀଙ୍କ ପ୍ରତି	୨୩୭
୨୫ ।	ପ୍ରାର୍ଥନାକାରୀଙ୍କ ପ୍ରତି	୨୪୬
୨୬ ।	ଦୁଃଖୀମାନଙ୍କ ପ୍ରତି	୨୫୧
୨୭ ।	ସତର୍କ ଉପଦେଶ	୨୫୭
୨୮ ।	ବର୍ଷ ଶେଷରେ ଆଶୀର୍ବାଦ	୨୬୨
୨୯ ।	ଅନ୍ତିମ ଉପଦେଶ	୨୬୫



ଶ୍ରୀ ଶ୍ରୀ ଠାକୁର

ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ

ଜୟଗୁରୁ

ନିଗମ ଉପଦେଶର ତୃତୀୟ ସଂସ୍କରଣ

ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ଅପାର କରୁଣା ବଳରୁ 'ନିଗମ ଉପଦେଶ' ପୁସ୍ତକର ତୃତୀୟ ସଂସ୍କରଣ ବହୁ ବାଧାବିଘ୍ନ ଓ ବିବିଧ ପ୍ରତିକୂଳ ପରିସ୍ଥିତି ଭିତରେ ପ୍ରକାଶିତ ହେଲା । ଏହି ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ସଂସ୍କରଣ ଯଥାକ୍ରମେ ୧୯୪୭ ଓ ୧୯୬୯ ମସିହାରେ ପ୍ରକାଶିତ ହୋଇ ପାଠକମାନଙ୍କ ମଧ୍ୟରେ ବିପୁଳ ସମାଦର ଲାଭ କରିଅଛି । ବହୁଦିନରୁ ଏହି ପୁସ୍ତକର ପୁନର୍ମୁଦ୍ରଣର ଆବଶ୍ୟକତା ଅନୁଭବ କରିଥିଲେ ମଧ୍ୟ ଆଜି ତାହା କାର୍ଯ୍ୟରେ ପରିଣତ କରିବା ପାଇଁ ସମର୍ଥ ହୋଇଥିବାରୁ ଆମେମାନେ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀଚରଣ ତଳେ ବିନମ୍ର କୃତଜ୍ଞତା ଜ୍ଞାପନ କରୁଅଛୁ ।

ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀମୁଖନିଃସୃତ ଓ ଶ୍ରୀହସ୍ତଲିଖିତ ବିବିଧ ତତ୍ତ୍ୱପୂର୍ଣ୍ଣ ଉପଦେଶବାଣୀ ସମୂହ ଦିବ୍ୟାମୃତର ଜାହ୍ନବୀ ଧାରା । ତନ୍ତ୍ର, ଜ୍ଞାନ, ଯୋଗ ଓ ପ୍ରେମସିଦ୍ଧ ସଦ୍‌ଗୁରୁଙ୍କର ଏହା ନିର୍ବିକଳ୍ପ ଭୂମିର ଭାଷା; ତପଃଶୁଦ୍ଧ ହୃଦୟର ସ୍ୱତଃସ୍ଫୂର୍ତ୍ତ ବେଦବାଣୀ । ସୁତରାଂ ଉପଦେଶଗୁଡ଼ିକ ସାର୍ବଭୌମ, ସମଗ୍ର ମାନବଜାତିର କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ ଏବଂ ଏହାର ଚିରନ୍ତନ ମୂଲ୍ୟ ରହିଛି । ସମାଜର ସବୁଶ୍ରେଣୀର ଲୋକଙ୍କ ନିମିତ୍ତ ଏଥିରେ ବହୁ ଶିକ୍ଷଣୀୟ ବିଷୟ ନିହିତ । ଶ୍ରୀ ଶ୍ରୀ ଠାକୁରଙ୍କ ସମସ୍ତ ଉପଦେଶାବଳୀ ଅତି ଯୁକ୍ତିପୂର୍ଣ୍ଣ, ବିଶଦ, ପ୍ରାଞ୍ଜଳ, ମଧୁର, ପ୍ରାଣସ୍ପର୍ଶୀ, ହୃଦୟଗ୍ରାହୀ, ଭାବୋଦ୍ଦୀପକ ଓ ପ୍ରେରଣାଦାୟକ । ଅନୁରାଗୀ ଭକ୍ତ ଶିଷ୍ୟ ପାଠକଙ୍କ ପ୍ରାଣରେ ତାହା ଅମୋଘ ଶକ୍ତି, ଆତ୍ମପ୍ରତ୍ୟୟ, ଉତ୍ସାହ, ଉଦ୍ଦୀପନା ଓ ନବଜୀବନର ସଂଚାର କରେ । ଶ୍ରୀ ଶ୍ରୀ ଠାକୁରଙ୍କ ନିଜ ଭାଷାରେ – "ତୁମେମାନେ କହ, ମୋ ଉପଦେଶରେ, ମୋ ଆଶୀର୍ବାଦରେ ତୁମମାନଙ୍କ ପ୍ରାଣରେ ନବ ଚେତନା, ନବ ଉଦ୍ଦୀପନାର ସଞ୍ଚାର ହୁଏ ।" ଭକ୍ତମାନେ ଶ୍ରୀ ଶ୍ରୀ ଠାକୁରଙ୍କ ଉପଦେଶବାଣୀ ଶ୍ରବଣ କରି ଏହାହିଁ ଅନୁଭବ କରିଥାନ୍ତି । ଉପଦେଶବାଣୀଗୁଡ଼ିକ ଆଦର୍ଶ ଜୀବନ ଗଠନ, ଆତ୍ମୋନ୍ନତି ଓ ପରମାର୍ଥ ଲାଭ ପଥରେ

ଆଲୋକବର୍ତ୍ତିକା ସଦୃଶ । ଗୃହୀ, ତ୍ୟାଗୀ, ସନ୍ନ୍ୟାସୀ, ବ୍ରହ୍ମଚାରୀ, ଜ୍ଞାନୀ, ଭକ୍ତ, ଶାକ୍ତ, ବୈଷ୍ଣବ ସର୍ବ ସଂପ୍ରଦାୟ ସମଭାବରେ ଏହି ଉପଦେଶାମୃତରୁ ପଥର ସନ୍ଧାନ, ଜୀବନ ଗଠନର ଉପାଦାନ ଏବଂ ସ୍ୱଲକ୍ଷ୍ୟରେ ଉପନୀତ ହେବାପାଇଁ ଯେ ସହାୟତା ଲାଭ କରିବେ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଏହି ନିଗମ ଉପଦେଶରେ ଶ୍ରୀ ଶ୍ରୀ ଠାକୁରଙ୍କର ସମସ୍ତ ଉପଦେଶବାଣୀ ଲିପିବଦ୍ଧ ହୋଇନାହିଁ । ଶ୍ରୀ ଶ୍ରୀ ଠାକୁର ସାଧାରଣ ଜନତା, ଭକ୍ତ, ଶିଷ୍ୟ, ଗୃହୀ, ସନ୍ନ୍ୟାସୀ, ବ୍ରହ୍ମଚାରୀ, ସେବକ, ସାଧକ, ଶାକ୍ତ, ବୈଷ୍ଣବ, ଛାତ୍ର, ନେତା, କର୍ମ୍ମୀ ପ୍ରଭୃତି ସମାଜର ସବୁ ଶ୍ରେଣୀର ଲୋକମାନଙ୍କ ନିମିତ୍ତ ବିଭିନ୍ନ ସମୟରେ ବହୁ ଉପଦେଶ ପ୍ରଦାନ କରିଛନ୍ତି । ସେସବୁ ଅଜସ୍ର ଅମୂଲ୍ୟ ଉପଦେଶଗୁଡ଼ିକ ଭିତରୁ କେତୋଟି ମାତ୍ର ରତ୍ନ ସଂଗୃହୀତ ହୋଇ ଏହି ପୁସ୍ତକରେ ଦିଆଯାଇଛି । ଜିଜ୍ଞାସୁ ପାଠକମାନେ ଶ୍ରୀଶ୍ରୀ ଠାକୁରଙ୍କ ପ୍ରଣୀତ ସମସ୍ତ ଗ୍ରନ୍ଥାବଳୀ, ଚିଠି ଓ ଅନ୍ୟାନ୍ୟ ଲେଖାମାନ ପାଠକଲେ ତାଙ୍କ ଅମୂଲ୍ୟ ଉପଦେଶଗୁଡ଼ିକର ପୂର୍ଣ୍ଣାଙ୍ଗ ପରିଚୟ ପାଇପାରିବେ । ତଥାପି ଏହି ପୁସ୍ତକରେ ସନ୍ନିବେଶିତ ଅମୂଲ୍ୟନିଧି ଗୁଡ଼ିକ ସମସ୍ତଙ୍କର ଅନ୍ତର ସ୍ପର୍ଶ କରିବ ଏବଂ ଯେ କେହି ପାଠକ ଏହା ପାଠ କରି ଉପକୃତ ହେବେ, ଏଥିରେ ସନ୍ଦେହ ନାହିଁ । ଶ୍ରୀଶ୍ରୀ ଠାକୁରଙ୍କର ଉପଦେଶ ବାଣୀଗୁଡ଼ିକର ମର୍ମ୍ମ ଉପଲବ୍ଧି କରି ତଦନୁଯାୟୀ ପରିଚାଳିତ ହେଲେ ଏବଂ ନିଜ ଜୀବନରେ ତାହା କାର୍ଯ୍ୟକାରୀ କରିପାରିଲେ ହିଁ ମାନବ ଜୀବନରେ ମନୁଷ୍ୟତ୍ୱ, ଦେବତ୍ୱ ଓ ବ୍ରହ୍ମତ୍ୱର ବିକାଶ ସମ୍ଭବ ହେବ । ଜୀବନରେ ଶ୍ରୀ ଶ୍ରୀ ଠାକୁରଙ୍କ ଉପଦେଶବାଣୀର ସାର୍ଥକ ପ୍ରତିପାଳନ ହିଁ ଶ୍ରୀଶ୍ରୀ ଠାକୁରଙ୍କ ପ୍ରତି ଆମର ଅନୁରାଗର ଉପଯୁକ୍ତ ପରିଚୟ ହେବ ।

ପରିଶେଷରେ ଏହି ପୁସ୍ତକରେ ସନ୍ନିବେଶିତ ମହାପୁରୁଷଙ୍କର ମହାନ ବାଣୀ ସକଳ ଉତ୍କଳବାସୀ ପାଠକମାନଙ୍କ ପ୍ରାଣରେ, ମନରେ, ହୃଦୟରେ ଓ ଚିତ୍ତକ୍ଷେତ୍ରରେ ଦିବ୍ୟ ଚେତନାର ପ୍ରେରଣା ପ୍ରଦାନ କରି ସେମାନଙ୍କୁ ଆତ୍ମୋନ୍ନତି ଓ ପରମାର୍ଥ ପଥରେ ଆଗେଇ ନେବା ପାଇଁ ସହାୟକ ହେଉ— ଏତିକି ପ୍ରାର୍ଥନା । । ଜୟଗୁରୁ ।

ଶ୍ରୀ ଶ୍ରୀ ଠାକୁରଚରଣାଶ୍ରିତ
ଦୁର୍ଗାଚରଣ ମହାନ୍ତି
ସଂପାଦକ, ନୀଳାଚଳ ସାରସ୍ୱତ ସଂଘ, ପୁରୀ

ବୀରତୁଙ୍ଗ
ତା ୨୩ । ୮ । ୧୯୮୩

ଜୟଗୁରୁ

ସୂଚନା

ସର୍ବଶ୍ରୁତି-ଶିରୋରତ୍ନ ବିରାଜିତ ପଦାମ୍ବୁଜଂ ।
ବେଦାନ୍ତାମ୍ବୁଜସୂର୍ଯ୍ୟାୟ ତସ୍ମୈ ଶ୍ରୀଗୁରବେ ନମଃ ।।

ଶ୍ରୁତିସ୍ମୃତି ସର୍ବଶାସ୍ତ୍ରଶିରୋରତ୍ନସାର
ସତତ ଶ୍ରୀପାଦପଦ୍ମେ ଶୋଭିତ ଯାହାର ।
ବେଦାନ୍ତ-ପଙ୍କଜ ଫୁଟେ ଦରଶନେ ଯାର
ସେହି ଜ୍ଞାନରବି ଗୁରୁପଦେ ନମସ୍କାର ।।

ଯେଉଁ ମହାପୁରୁଷ ତ୍ରିଗୁଣାତ୍ମିକା ମାୟାକୁ ଅତିକ୍ରମପୂର୍ବକ ସେହି ମାୟାକୁ ସମ୍ୟକ୍ ରୂପେ ଜ୍ଞାତ ଅଛନ୍ତି ଏବଂ ଯେ ସର୍ବଜ୍ଞ, ଯେ ଈଶ୍ୱରଙ୍କ ସହିତ ଅଭିନ୍ନ ଭାବରେ ବିରାଜିତ ରହି ସର୍ବଭୂତଙ୍କୁ ଭଗବଦ୍‌ଜ୍ଞାନରେ ସୁଖ ପାଆନ୍ତି, ଯାହାଙ୍କଠାରେ ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ ଶକ୍ତିର ସଂପୂର୍ଣ୍ଣ ବିକାଶ ହୋଇଅଛି, ଯେଉଁ ମହାତ୍ମା ମୁକ୍ତି ଲାଭ କରିଥିଲେ ମଧ୍ୟ କେବଳ ଜନସାଧାରଣଙ୍କ ଆଧ୍ୟାତ୍ମିକ ମଙ୍ଗଳନିମିତ୍ତ ପ୍ରସନ୍ନହୃଦୟରେ ଭଗବାନ୍‌ଙ୍କ ଦୈବୀପ୍ରକୃତି ସହିତ ଅଭିନ୍ନଭାବରେ ବିରାଜିତ ରହି ବର୍ତ୍ତମାନ ସୁଦ୍ଧା ଜୀବଉଦ୍ଧାର କାର୍ଯ୍ୟରେ ନିଯୁକ୍ତ ଅଛନ୍ତି, ସେହି ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ କୃପାରୁ ତଦୀୟ ପୂତ ଉପଦେଶାବଳୀ ସମନ୍ୱିତ 'ନିଗମ ଉପଦେଶ' ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହେଲା ।

ଜୀବମାନଙ୍କର ମଙ୍ଗଳ ସାଧନ କରିବା ହିଁ ଶ୍ରେଷ୍ଠ ଉପାସନା । ମହାପୁରୁଷ-ମାନେ ଭଗବାନ୍‌ଙ୍କ ଦୈବୀପ୍ରକୃତିକୁ ଆଶ୍ରୟ କରି ଭଗବତ୍ ଉପାସନା କରିଥାନ୍ତି । ସେମାନେ ମାୟାମୁକ୍ତ ହୋଇଥିବାରୁ ଜନସାଧାରଣଙ୍କୁ ଭଗବତ୍ ଦୃଷ୍ଟିରେ ଦର୍ଶନ କରିଥାନ୍ତି । ଏହି ପ୍ରକାରର ସଦ୍‌ଗୁରୁମାନଙ୍କର କେବେହେଲେ ଅର୍ଥାତ୍ କୌଣସି ସମୟରେ ହେଲେ ଅଭାବ ହୁଏ ନାହିଁ । ସେମାନେ ନିତ୍ୟ ବିଦ୍ୟମାନ । ଯେପରି ଇନ୍ଦ୍ରାଦି ଦେବତାମାନଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟ ଅଛି ଏବଂ ସେମାନେ ତାହା ସମ୍ପାଦନ କରିବାନିମିତ୍ତ ସର୍ବଦା ଯତ୍ନବାନ୍, ସେହିପରି ଧର୍ମରକ୍ଷା କରିବା, ମାନବକୁ ବିଦ୍ୟା ଦାନ କରିବା ବା ସତ୍‌ଶିକ୍ଷା ପ୍ରଦାନ ପୂର୍ବକ ଉଦ୍‌ବୁଦ୍ଧ କରିବା ଏବଂ ଉପଯୁକ୍ତ ଅଧିକାରୀଙ୍କୁ ଆତ୍ମଜ୍ଞାନ

ପ୍ରଦାନରୂପ ଦୀକ୍ଷା ପ୍ରଦାନ କରିବା ସଦ୍‌ଗୁରୁଙ୍କର ନିତ୍ୟକର୍ମ । ଏହି ଭଗବତ୍ ଇଚ୍ଛା ପୂରଣ କରିବାନିମିତ୍ତ ସଦ୍‌ଗୁରୁ ସର୍ବଦା ଯତ୍ନବାନ୍ । ଜଗତରେ ଉପଯୁକ୍ତ ଶିଷ୍ୟର ହିଁ ଅଭାବ; କେବେହେଲେ ସଦ୍‌ଗୁରୁଙ୍କର ଅଭାବ ହୁଏ ନାହିଁ ।

କର୍ମ, ଜ୍ଞାନ ଓ ଭକ୍ତି ଯୋଗରେ ନିପୁଣତା ଲାଭ କରିବା ପରେ ସାଧକମାନେ ଶିଷ୍ୟ ହେବାର ଯୋଗ୍ୟପାତ୍ର ହୁଅନ୍ତି ଏବଂ ଏହି ଉପଯୁକ୍ତ ଶିଷ୍ୟଙ୍କର ହିଁ ସଦ୍‌ଗୁରୁ ଲାଭ ହୋଇଥାଏ । ସଦ୍‌ଗୁରୁ ଉପଯୁକ୍ତ ଶିଷ୍ୟଙ୍କ ନିକଟରେ ହିଁ ପ୍ରକାଶିତ ହୋଇଥାନ୍ତି । ସାଧାରଣଙ୍କୁ ଅଜ୍ଞାନରେ ରଖିବା ନିମିତ୍ତ ସଦ୍‌ଗୁରୁ ନିଜକୁ ଗୁପ୍ତ ରଖନ୍ତି ନାହିଁ; ଶିଷ୍ୟ ହେବାର ଉପଯୁକ୍ତ ନ ହେଲେ ଅର୍ଥାତ୍ ସାଧକଙ୍କ ଦେହରେ ଶାସ୍ତ୍ରୀୟ ଶିଷ୍ୟ-ଲକ୍ଷଣସମୂହ ପ୍ରକାଶିତ ନ ହେଲେ କେବେହେଲେ ସଦ୍‌ଗୁରୁ ସାଧକଙ୍କୁ ଦର୍ଶନ ଦାନ କରନ୍ତି ନାହିଁ । ଯଦି ଅନୁପଯୁକ୍ତ ଅବସ୍ଥାରେ କୌଣସି ସାଧକଙ୍କର ସଦ୍‌ଗୁରୁ-ଦର୍ଶନ ଘଟେ, ତେବେ ସେ କେବେହେଲେ ସେହି ଗୁରୁ ବା ମହାପୁରୁଷଙ୍କୁ ସଦ୍‌ଗୁରୁ ବୋଲି ହୃଦୟଙ୍ଗମ କରିପାରନ୍ତି ନାହିଁ । ଯେପରି ଚକ୍ଷୁ ନ ଥିଲେ ରୂପ ଦର୍ଶନ ସମ୍ଭବ ହୁଏ ନାହିଁ, ସେହିପରି ବିଜ୍ଞାନମୟ କୋଷର ସ୍ଫୁରଣ ନ ହେଲେ ଶ୍ରୀଗୁରୁଦେବଙ୍କର ଗୁରୁତ୍ୱ ସାଧକ କେବେହେଲେ ଉପଲବ୍‌ଧି କରିପାରନ୍ତି ନାହିଁ । ସାଧାରଣ ବ୍ୟକ୍ତି ନିଜର ଧାରଣା ପରିବର୍ତ୍ତନ କରି କିଭଳି ପନ୍ଥାରେ ଗତି କଲେ ଉପଯୁକ୍ତ ଶିଷ୍ୟ ହୋଇପାରିବେ, ତାହାର ବିବିଧ ଉପଦେଶ ତାଙ୍କ ସ୍ୱହସ୍ତ ଲିଖିତ ପୁସ୍ତକାବଳୀ ଏବଂ ଶ୍ରୀମୁଖନିଃସୃତ ବାଣୀରୁ ସଂଗୃହୀତ ହୋଇ ଏଥିରେ ସନ୍ନିବେଶିତ କରାଯାଇଛି ।

ପାଠକମାନଙ୍କର ସ୍ମରଣ ରଖିବା ଉଚିତ ଯେ, ଯେପର୍ଯ୍ୟନ୍ତ ଆଧ୍ୟାତ୍ମ ପଥର ପଥିକ ପ୍ରାଥମିକ ସାଧକମାନେ ଶିଷ୍ୟତ୍ୱସାଧନ ଅର୍ଥାତ୍ ମନୁଷ୍ୟତ୍ୱ ସାଧନରେ ସିଦ୍ଧିଲାଭ କରି ସଦ୍‌ଗୁରୁ ଦର୍ଶନର ଉପଯୁକ୍ତ ଅଧିକାରୀ ହୋଇପାରି ନାହାନ୍ତି, ଶ୍ରୀଗୁରୁଦେବ ସେପର୍ଯ୍ୟନ୍ତ ଅପ୍ରକାଶ୍ୟଭାବରେ ରହି ଗୁରୁ ଅନ୍ୱେଷଣକାରୀ ସାଧକଙ୍କୁ ସର୍ବଦା ସାହାଯ୍ୟ କରିଥାନ୍ତି । ସାଧକଙ୍କ ସ୍ଥୂଳଶରୀର ଯେତେବେଳେ ଗଭୀର ନିଦ୍ରାରେ ନିମଗ୍ନ ଥାଏ,, ସେହି ସମୟରେ ସାଧକମାନେ ସୂକ୍ଷ୍ମଶରୀରରେ ସର୍ବଦା ଶ୍ରୀଗୁରୁଦେବଙ୍କ ନିକଟରୁ ଉପଦେଶ ଲାଭ କରିଥାନ୍ତି ଏବଂ ସେହି ଉପଦେଶ ପ୍ରଭାବରେ ଇହ ଜୀବନରେ ସେମାନଙ୍କର ଉନ୍ନତି ସାଧିତ ହୋଇଥାଏ । କିନ୍ତୁ ଚିତ୍ତଶୁଦ୍ଧି ଲାଭ ନ ହେବାପର୍ଯ୍ୟନ୍ତ ସାଧକ ତାହା ସ୍ମରଣ ରଖିପାରନ୍ତି ନାହିଁ । କାରଣ, ସ୍ଥୂଳଶରୀରରୁ ପୃଥକ ହୋଇ ଜୀବର ଜ୍ଞାନ ସୂକ୍ଷ୍ମଶରୀରରେ ପ୍ରବେଶ କରିବାପୂର୍ବରୁ ଜୀବ କିଛି ସମୟପାଇଁ ଅଚେତନ

ହୋଇଯାଏ । ଜୀବର ପୂର୍ବସ୍ମୃତି ଲୋପ ପାଇଯାଏ । ପୁନରାୟ ସ୍ଥୂଳଶରୀରକୁ ଫେରିବାପରେ ତାହା ସ୍ମରଣ ରହେ ନାହିଁ; ତଥାପି ସାଧକ ତାହାର ଫଳରୁ ବଞ୍ଚିତ ହୁଅନ୍ତି ନାହିଁ । ଶ୍ରୀଗୁରୁଦେବଙ୍କର ଉପଦେଶ ଅନୁସାରେ ନିଜକୁ ପରିଚାଳିତ କରି ସାଧକଙ୍କ ଚିତ୍ତ ଯେତେବେଳେ ଶୁଦ୍ଧ, ସମାହିତ ଏବଂ ଏକାଗ୍ରଭାବ ଧାରଣ କରେ, ସେତେବେଳେ ସେ ସଚେତନ ଭାବରେ ସୂକ୍ଷ୍ମଶରୀରରୁ ସ୍ଥୂଳଶରୀରକୁ ଯାତାୟାତ କରିବାକୁ ସକ୍ଷମ ହୋଇଥାନ୍ତି । ସେତେବେଳେ ତାଙ୍କର ସ୍ୱପ୍ନାବସ୍ଥାର ଜ୍ଞାନ ଜାଗ୍ରତ ଅବସ୍ଥାରେ ସମସ୍ତ ସ୍ମରଣ ଥାଏ । ସେ ସମୟରେ ଜାଗ୍ରତ-ସ୍ୱପ୍ନ ମଧ୍ୟରେ କିଛି ପ୍ରଭେଦ ରହେ ନାହିଁ । ଇହକାଳ ଓ ପରକାଳର ବ୍ୟବଧାନ ଦୂର ହୋଇ ସଦ୍‌ଗୁରୁଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପିତ ହୁଏ । କିଭଳି ପନ୍ଥାରେ ଗତି କଲେ ସାଧକ ଏହି ବିଜ୍ଞାନମୟ ଶରୀର ଲାଭ କରି ଶ୍ରୀଗୁରୁଦେବଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ଧନ୍ୟ ହେବେ ଏବଂ ଏହି ଦେହରେ ଶ୍ରୀଗୁରୁଦେବ ଏବଂ ଶ୍ରୀଭଗବାନଙ୍କୁ ଉପଲବ୍ଧି କରିପାରିବେ, ସେ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର ଯେଉଁ ଅମୂଲ୍ୟ ସହଜ ସରଳ ଉପଦେଶାବଳୀ ପ୍ରଦାନ କରିଛନ୍ତି, ତାହା ଏହି ପୁସ୍ତକରେ ପ୍ରଦତ୍ତ ହୋଇଅଛି ।

ଗୁରୁମାନେ କେବଳ ଉପଦେଶ ପ୍ରଦାନ କରି ସାଧକମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରିଥାନ୍ତି । କିନ୍ତୁ ସାଧକମାନେ ନିଜ ପୁରୁଷକାର ପ୍ରଭାବରେ ସେହି ଗନ୍ତବ୍ୟ ପଥରେ ଅଗ୍ରସର ହେବା ଦରକାର । ସଦ୍‌ଗୁରୁଙ୍କ ଉପଦେଶ ଅନୁସାରେ ସାଧକ-ଶିଷ୍ୟମାନେ ଲକ୍ଷ୍ୟପଥରେ ଅଗ୍ରସର ହେଲେ ଯଥାସମୟରେ ସେମାନେ ନିଜ ସ୍ୱରୂପରେ ଉପନୀତ ହୋଇଥାନ୍ତି । ସାଧକଙ୍କ ମନ ଯେଉଁ ଦିଗକୁ ଆକୃଷ୍ଟ ହୁଏ, ସେ ସେହି ଲକ୍ଷ୍ୟସ୍ଥଳରେ ଉପନୀତ ହୋଇଥାନ୍ତି । ସାଧାରଣ ଜୀବ ମନର ଦାସ । ସେହି ସାଧାରଣ ଜୀବ କେବେହେଲେ ମନକୁ ବଶୀଭୂତ କରିପାରନ୍ତି ନାହିଁ । ମାନବ ନିଜେ ଇଚ୍ଛା କରି କୌଣସି ବିଷୟରେ ନିଜକୁ ନିଯୁକ୍ତ କରିପାରେ ନାହିଁ, ଅର୍ଥାତ୍ ମାନବର ନିଜ ଉପରେ କୌଣସି କର୍ତ୍ତୃତ୍ୱ ନାହିଁ ଅଥଚ ସେ ଅପର ଉପରେ କର୍ତ୍ତୃତ୍ୱ କରିବାକୁ ସଦାତତ୍ପର । ସାଧାରଣଙ୍କ ଧାରଣା, ତ୍ୟାଗ-ସଂଯମ-ଅଭ୍ୟାସ ଫଳରେ ମାନବ ବାହ୍ୟ ଧନ-ସମ୍ପଦପ୍ରତି ତୁଚ୍ଛ ଭାବନା କରିବାହେତୁ ବିଶ୍ୱଦରବାରରେ ଭାରତବାସୀ ଦରିଦ୍ର ବୋଲି ପରିଗଣିତ ହେଉଛନ୍ତି ଏବଂ ପାଶ୍ଚାତ୍ୟ ଜଗତବାସୀ ବାହ୍ୟ ଧନ ସମ୍ପଦପ୍ରତି ଆସକ୍ତ ହୋଇ ଜ୍ଞାନ-ବିଜ୍ଞାନ-ବଳରେ ଆଜି ଜଗତରେ ଶୀର୍ଷସ୍ଥାନ ଅଧିକାର କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଏହି ଉକ୍ତି ଆପାତତଃ ଯୁକ୍ତିଯୁକ୍ତ ବୋଲି ବୋଧ ହେଲେ

ମଧ୍ୟ ବିଚାର କରି ଦେଖିଲେ ଭାରତବର୍ଷର ହୀନ ଅବସ୍ଥାର କାରଣ ପ୍ରକୃତ ପକ୍ଷରେ ତ୍ୟାଗ ବା ସଂଯମ ନୁହେଁ; ବରଂ ବର୍ତ୍ତମାନ ଯଦି ଭାରତବର୍ଷର କିଛି ମହତ୍ତ୍ୱ ଥାଏ, ତାହାହିଁ ଏହି ଆଧ୍ୟାତ୍ମିକତା— ଯାହାକି ତ୍ୟାଗ, ସଂଯମ ଉପରେ ସୁପ୍ରତିଷ୍ଠିତ । ପାଶ୍ଚାତ୍ୟ ଶିକ୍ଷାପ୍ରଭାବରେ ଭାରତବାସୀଙ୍କ ମନରେ ତ୍ୟାଗ, ସଂଯମ ବା ଆଧ୍ୟାତ୍ମିକ ସାଧନାସମ୍ବନ୍ଧରେ ଭ୍ରମପୂର୍ଣ୍ଣ ଧାରଣା ହିଁ ଭାରତର ଅଧଃପତନର ମୌଳିକ କାରଣ । ତ୍ୟାଗ, ସଂଯମ କହିଲେ ସାଧାରଣତଃ ନିଷ୍କର୍ମା ହୋଇ ବସିରହି ଭଗବଦ୍ ଭଜନ କରିବାକୁ ବୁଝାଏ ନାହିଁ । ମନକୁ ବଶୀଭୂତ କରିବା ଅର୍ଥ ସମସ୍ତ କାର୍ଯ୍ୟ ତ୍ୟାଗ କରି ନିଶ୍ଚେଷ୍ଟ ହୋଇ ବସିରହିବାକୁ ବୁଝାଏ ନାହିଁ । ବହୁ ସାଧକ ସଂସାର-କର୍ମଭିତରେ ଏହି ଭ୍ରମ ଧାରଣାର ବଶବର୍ତ୍ତୀ ହୋଇ ସାତ୍ତ୍ୱିକତା ଓ ଏକାଗ୍ରତାର ସାଧନା ସମ୍ପନ୍ନ କରିବା ଅସମ୍ଭବ ମନେ କରି କର୍ମତ୍ୟାଗପୂର୍ବକ କେବଳ ସାଧନ-ଭଜନରେ ମତ୍ତ ରହି ସାଧନା ନାମରେ ଘୋର ତାମସିକତା ଓ ନିଦ୍ରାଭାବାପନ୍ନ ମହାଜଡ଼ତାରେ ଆବୃତ ହୋଇପଡ଼ନ୍ତି । ଆଧୁନିକ ଆଧ୍ୟାତ୍ମ୍ୟ ପଥର ପଥିକ ବହୁ ସାଧକଙ୍କର ଏବଂବିଧ ଅବସ୍ଥା ଦର୍ଶନକରି ତ୍ୟାଗ, ସଂଯମ, ଆଧ୍ୟାତ୍ମିକତା ପ୍ରଭୃତି ଧର୍ମନାମରେ ଯାହା ପ୍ରଚଳିତ, ସେଥିପ୍ରତି ସାଧାରଣଙ୍କର ବିକୃତ ଧାରଣା ଜାତ ହୋଇଅଛି । ଯେଉଁ ତ୍ୟାଗ-ସଂଯମର ପୁଣ୍ୟ ମହିମାରେ ଦେଶରେ ବହୁ ଅସାଧ୍ୟ ସାଧିତ ହୋଇଯାଇଛି, କେତେଜଣ ଅନଧିକାରୀଙ୍କ ଆଦର୍ଶ ଦର୍ଶନ କରି ଆଜି ସାଧାରଣଙ୍କ ନିକଟରେ ସେ ପଥ ଅଶ୍ରଦ୍ଧାର ବିଷୟ ହୋଇପଡ଼ିଛି । ମନକୁ ବଶୀଭୂତ କରି ଯେକୌଣସି କର୍ମରେ ନିୟୋଗ କରିବାର ଶକ୍ତିଲାଭ ପରିବର୍ତ୍ତେ ଅଧିକାଂଶ ସାଧକଙ୍କ ମନରେ କର୍ମପ୍ରତି ନିରୁତ୍ସାହ ଭାବ, ଆଳସ୍ୟ, ଜଡ଼ତାର ମହାନିଦ୍ରା ଓ ପ୍ରତିକର୍ମରେ ଅକ୍ଷମତା ପ୍ରକାଶ ପ୍ରଭୃତି ତାମସିକ ଲକ୍ଷଣ ପ୍ରକାଶ ପାଉଛି ।

ଏହି ତମୋଗୁଣର ଜଡ଼ତା ନାଶ ନିମିତ୍ତ ରଜୋଗୁଣାତ୍ମକ କର୍ମର ଉଦ୍‌ବୋଧନ ଏକାନ୍ତ ଆବଶ୍ୟକ । ଏହାହିଁ ଶିଷ୍ୟତ୍ୱର ସାଧନା । ତମୋଗୁଣ ପରେ ରଜଃଗୁଣର ଆବିର୍ଭାବ ପ୍ରକୃତିର ସ୍ୱାଭାବିକ ନିୟମ । ତେଣୁ ତମୋଗୁଣ ବିରୁଦ୍ଧରେ ସର୍ବତ୍ର ଅଭିଯାନ ଆରମ୍ଭ ହୋଇଯାଇଛି । ଏଥିପାଇଁ ଚତୁର୍ଦ୍ଦିଗରେ ଅସନ୍ତୋଷ ଓ ସମସ୍ୟାର ସୃଷ୍ଟି ହେଉଅଛି । ମନଭିତରେ ଅଭାବବୋଧ ଜାଗ୍ରତ ହେଲେ ତାହାର ପୂରଣନିମିତ୍ତ ତୃଷାତୁର ଆର୍ତ୍ତ ଜୀବକୁଳ ଶାନ୍ତିବାରି ନିମିତ୍ତ ବ୍ୟାକୁଳ ହୋଇ ଭଗବତ୍ ପ୍ରାର୍ଥନା କଲେ କ୍ରମଶଃ ଭଗବଦ୍‌କୃପା ଉପଲବ୍ଧି ହୋଇ ହୃଦୟ ସତ୍ତ୍ୱଗୁଣରେ ପ୍ରତିଷ୍ଠିତ

ହେବାଦ୍ୱାରା ଦେଶ ଓ ଜନସାଧାରଣଙ୍କ ଅନ୍ତରରେ ଶାନ୍ତି ଓ ଆନନ୍ଦ ଲାଭ ହୋଇଥାଏ । କିନ୍ତୁ ତମୋଗୁଣନାଶରେ ରଜୋଗୁଣ ଯେପରି ସାମାନ୍ୟ ଚେଷ୍ଟାରେ ଜାଗିଉଠେ, ରଜୋଗୁଣ ପରେ ସତ୍ତ୍ୱଗୁଣର ଆବିର୍ଭାବ ତେତେ ସହଜରେ ହୁଏ ନାହିଁ । ଏଥିପାଇଁ ତମୋଗୁଣନାଶରେ ଉତ୍ତେଜନା ପ୍ରକାଶ ପାଇ ରଜୋଗୁଣର ବିକାଶ ହେଲେ ମଧ୍ୟ ସଦ୍‌ଗୁରୁଙ୍କ ଉପଦେଶ ଅଭାବରୁ ପୁନରାୟ ସେହି କର୍ମରେ ଅବସାଦ ଆସିଥାଏ । ଏହି କାରଣରୁ ରଜୋଗୁଣୀ ମାନବମାନେ କିଭଳି ଧାରଣାର ବଶବର୍ତ୍ତୀ ହୋଇ ସତ୍ତ୍ୱଗୁଣର ସାଧନପଥରେ ଅଗ୍ରସର ହୋଇ ଯେପରି ପୁନରାୟ ତମୋଗୁଣରେ ଆଚ୍ଛନ୍ନ ହୋଇ ନ ଯିବେ, ସେଥିପାଇଁ ଶ୍ରୀଶ୍ରୀଠାକୁର ବିଭିନ୍ନ ଅଧିକାରୀ ସାଧକମାନଙ୍କ ନିମିତ୍ତ ଯେଉଁ ଉପଦେଶାବଳୀ ବିଭିନ୍ନ ସ୍ଥାନରେ ପ୍ରଦାନ୍ କରିଥିଲେ ଏବଂ ଲିପିବଦ୍ଧ କରିଥିଲେ, ତାହାର କିୟଦଂଶ ଏହି ପୁସ୍ତକରେ ପ୍ରକାଶିତ ହୋଇଅଛି । ସେହି ଉପଦେଶ ଅନୁସାରେ ଚଳିଲେ ସାଧକମାନେ ତମୋଗୁଣ ପରିହାର କରି ରଜୋଗୁଣାତ୍ମକ କାର୍ଯ୍ୟରେ ଲିପ୍ତ ହେଲେ ମଧ୍ୟ ଯେପରି ସତ୍ତ୍ୱଗୁଣାତ୍ମକ ଭଗବଦ୍‌ଭଜନରେ ନିଯୁକ୍ତ ରହିପାରିବେ • ସାଂସାରିକ କର୍ତ୍ତବ୍ୟ ସମ୍ପାଦନ କରି ମଧ୍ୟ ଗୁରୁ ଭଗବାନ୍‌ଙ୍କ ସହିତ ସଂଯୋଗ ସ୍ଥାପନ କରିପାରିବେ, ତାହାର ଯେଉଁ ସବୁ ସଙ୍କେତ ଶ୍ରୀଶ୍ରୀଠାକୁର ପ୍ରଦାନ କରିଛନ୍ତି, ସେଥିରୁ କିୟଂଦଶ ଏହି 'ନିଗମ ଉପଦେଶ' ପୁସ୍ତକରେ ପ୍ରକାଶ କରାଯାଇଛି ।

ଅନେକଙ୍କ ଧାରଣା, ପ୍ରାକୃତିକ ନିୟମରେ ଦିନେ ରଜୋଗୁଣର ଧ୍ୱଂସ ହୋଇ ସମସ୍ତଙ୍କ ମନରେ କାଳପ୍ରଭାବରେ ସାତ୍ତ୍ୱିକ ପ୍ରେରଣା ଜାଗ୍ରତ ହେବ । ସ୍ୱାଭାବିକ ନିୟମାନୁସାରେ ତୁଚ୍ଛ ବାଲୁକାକଣା ମଧ୍ୟ କ୍ରମୋନ୍ନତିପଥରେ ଅଗ୍ରସର ହୋଇ ଦିନେ ବ୍ରହ୍ମଭାବରେ ପୂର୍ଣ୍ଣ ହେବ; କିନ୍ତୁ ତାହା ଯେ କେତେ ଦିନପରେ ହେବ, ତାହାର ସ୍ଥିରତା ନାହିଁ । ତେଣୁ କିଭଳି ଏହି ଦେହସ୍ଥିତିକାଳରେ ସେହି ଉନ୍ନତ ଅବସ୍ଥା ଉପଲବ୍ଧ ହେବ, ସେଥିପାଇଁ ସାଧନାର ଏକାନ୍ତ ପ୍ରୟୋଜନ । ଭଗବାନଙ୍କ ପାଇଁ ତୀବ୍ର ବ୍ୟାକୁଳତା ନ ଥିଲେ ଅର୍ଥାଦ୍ ଭକ୍ତି ନ ଥିଲେ କେହି ସାଧନ-ଭଜନପଥରେ ଅଗ୍ରସର ହୋଇପାରିବ ନାହିଁ । ବ୍ୟାକୁଳତା ଥିଲେ କାମ୍ୟବସ୍ତୁ ଲାଭ ନିମିତ୍ତ ଯେଉଁ ପ୍ରତିବନ୍ଧକମାନ ସୃଷ୍ଟି ହୁଏ, ତାହା ସହଜରେ ଅତିକ୍ରମ କରାଯାଇ ପାରେ । ତମୋଗୁଣାନ୍ୱିତ ସାଧକଙ୍କ ଜୀବନରେ ତୀବ୍ର ବ୍ୟାକୁଳତା ନ ଥାଏ; କିନ୍ତୁ ଭଗବଦ୍ ଅଭାବବୋଧ ହିଁ ତାଙ୍କୁ ଲାଭ କରିବାର ପ୍ରଧାନ ଉପାୟ ହୋଇଥିବାରୁ ସାଧନଭଜନଦ୍ୱାରା ଏହି ଅଭାବବୋଧ ଜାଗ୍ରତ କରାଯାଇଥାଏ । ମନରେ ଦୁଃଖ ଓ ଅଭାବବୋଧ ତୀବ୍ର ହେଲେ ତାହାର ପ୍ରତିକାର ନିମିତ୍ତ ମନ ସ୍ୱତଃ ଚିନ୍ତାଶୀଳ ହୋଇଉଠେ । ଏହାପରେ ସେହି ସାଧକ ଭଗବଦ୍‌ପ୍ରାପ୍ତ

ନିମିତ୍ତ ସଦ୍‌ଗୁରୁ ଅନ୍ୱେଷଣରେ ବ୍ରତୀ ହୁଅନ୍ତି । ସଦ୍‌ଗୁରୁଙ୍କ ଉପଦେଶ ଅନୁସାରେ ସାଧକମାନେ ସାଧନନିରତ ହୋଇ ମନକୁ ନିଜ ଇଷ୍ଟସିଦ୍ଧିର ଅନୁକୂଳ ପଥରେ ଗଠନ କରିବା ନିମିତ୍ତ ଯେ କୌଣସି ଧାରାବାହିକ ପ୍ରଣାଳୀରେ ନିଜକୁ ପରିଚାଳନା କରିବା ଉଦ୍ଦେଶ୍ୟରେ ସଂଘବଦ୍ଧ ଉପାସନାରେ ବ୍ରତୀ ହୋଇଥାନ୍ତି । କିଭଳି ବିଚାର ଓ ଆଚାରଦ୍ୱାରା ମନକୁ ଅଭ୍ୟାସ ଯୋଗରେ ନିୟନ୍ତ୍ରିତ କରି ସାଂସାରିକ କର୍ମଭିତରେ ଥାଇ ମଧ୍ୟ ଆଧ୍ୟାତ୍ମିକ ଜୀବନଯାପନ କରାଯାଇପାରେ, ସେ ସମ୍ବନ୍ଧରେ ବହୁବିଧ ଉପଦେଶ ଏହି ପୁସ୍ତକରେ ସଙ୍କଳିତ ହୋଇଅଛି ।

ସାଧକମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ, ଜାତି-ବର୍ଣ୍ଣ-ଧର୍ମ-ଲିଙ୍ଗ-ଭେଦ ନ ରଖି ସମଗ୍ର ମାନବ ଜାତି ମଧ୍ୟରେ ବିଶ୍ୱଜନୀନ ଭ୍ରାତୃଭାବର ବୀଜ ବପନ କରିବାକୁ ହେବ । ସେଥିନିମିତ୍ତ ଜଗତର ଦୁର୍ବିଜ୍ଞେୟ ପ୍ରାକୃତିକ ବିଧି ସମୂହର ଅନୁସନ୍ଧାନ କରିବା ଏକାନ୍ତ ଆବଶ୍ୟକ; କାରଣ ତଦ୍ୱାରା ମାନବର ଆଭ୍ୟନ୍ତରୀଣ ଆଧ୍ୟାତ୍ମିକ ଶକ୍ତିସମୂହର ଅନୁଶୀଳନ ଓ ଉତ୍କର୍ଷ ସାଧିତ ହୋଇଥାଏ । ସାଧକମାନେ ଏକତ୍ୱ ସାଧନଦ୍ୱାରା ସଦ୍‌ଗୁରୁଙ୍କ ସନ୍ଧାନ ଲାଭ କଲେ ପ୍ରକୃତ ଆତ୍ମଜ୍ଞାନ ଲାଭ କରିଥାନ୍ତି । ପ୍ରାଥମିକ ସାଧକମାନେ ଏହି ଏକତ୍ୱ ସାଧନା ନିମିତ୍ତ ସଂଘବଦ୍ଧ ଭାବରେ ଉପାସନା କରିବା ଆବଶ୍ୟକ । ସେଥିପାଇଁ ପରସ୍ପର ମଧ୍ୟରେ ପ୍ରେମ-ପ୍ରୀତି ସଞ୍ଚାରପୂର୍ବକ ମନରୁ ସବୁ ପ୍ରକାର ଘୃଣା ଓ ଦ୍ୱେଷଭାବ ଦୂର କରି ସଂଘ ସାଧନା ପଥରେ ଅଗ୍ରସର ହେବାକୁ ପଡ଼ିବ । ଅନ୍ୟର ଅନିଷ୍ଟ ଚିନ୍ତା ନ କରି ଯଥାସାଧ୍ୟ ଅନ୍ୟକୁ ନିଜଠାରୁ ଅଭିନ୍ନ ବୋଲି ମଣି ସେମାନଙ୍କର ସେବା କରିବା ଏବଂ ପରସ୍ପର ମଧ୍ୟରେ ଧର୍ମ, ଜ୍ଞାନ ଓ ଭକ୍ତିର ଅନୁଶୀଳନନିମିତ୍ତ ଯତ୍ନ କରିବା ଏବଂ ଅପରର ଉପକାରରେ ଲାଗିବାଭଳି ନିଜକୁ ଯୋଗ୍ୟ ଆଧାରଭାବରେ ଗଠନ କରିବା ସାଧକମାନଙ୍କର କର୍ତ୍ତବ୍ୟ । ଅପରର ସୁଖ ଦୁଃଖକୁ ନିଜର ସୁଖ ଦୁଃଖ ବୋଲି ଅନୁଭବ କରିବା ଏବଂ ଅପରର ଧର୍ମମତ ଓ ବିଶ୍ୱାସ ଭିନ୍ନ ହେଲେମଧ୍ୟ ସେଥିପ୍ରତି ଅଶ୍ରଦ୍ଧାଭାବ ପୋଷଣ ନ କରିବା ଇତ୍ୟାଦି ସାର୍ବଜନୀନ ଭ୍ରାତୃଭାବର ମୂଳସୂତ୍ର । ଏହାର ଉଦ୍ଦେଶ୍ୟ ଏପରି ନୁହେଁ ଯେ, ନିଜେ ନିଜର ସ୍ୱଧର୍ମ ହରାଇ ଅପରର ଧର୍ମମତ ଅନୁସାରେ ଚଳିବା କିମ୍ବା ସମସ୍ତଙ୍କ ସହିତ ମିଶି ସମସ୍ତଙ୍କ ଆଚାର-ବ୍ୟବହାର ପ୍ରତିପାଳନ କରିବା ଅଥବା ବର୍ଣ୍ଣଭେଦ ନ ମାନି ସମସ୍ତଙ୍କ ସହିତ ପାନଭୋଜନ କରି ଏକାକାର ହେବା । ଭଗବତ୍‌ଦୃଷ୍ଟିରେ ଆତ୍ମିକ ଜଗତରେ ଅନ୍ୟ ମଧ୍ୟରେ ଭ୍ରାତୃଭାବ ବା ଏକାତ୍ମଭାବ ପୋଷଣକରି କିଭଳି ସାଧକମାନେ ବାହ୍ୟିକଭାବରେ ନିଜର ସ୍ୱଧର୍ମ ପ୍ରତିପାଳନ କରି ଇଷ୍ଟନିଷ୍ଠା ରଖି

ସମସ୍ତଙ୍କ ସହିତ ମିଶି ମଧ୍ୟ ନିଜ ଲକ୍ଷ୍ୟରେ ଅଟଳ ଅଚଳ ରହି ସର୍ବଧର୍ମ-ସମନ୍ୱୟ-ପନ୍ଥାରେ ଚଳିପାରିବେ, ତାହାର ବିବିଧ ସଙ୍କେତ ମଧ୍ୟ ସଂଘସେବୀଙ୍କ ପ୍ରତି ଉପଦେଶ ଅଧ୍ୟାୟରେ ପ୍ରଦତ୍ତ ହୋଇଅଛି । ବହୁଭିତରେ ରହି ସାଧକମାନେ କିଭଳି ଏକତ୍ର ସାଧନ କରିପାରିବେ ଏବଂ ସେହି ସାଧନା ବଳରେ କିଭଳି ମାନବର ଐଶ୍ୱରିକ ଶକ୍ତି ଲାଭ ହୋଇପାରିବ, ତାହା ମଧ୍ୟ ବିବିଧ ଉପଦେଶ-ଛଳରେ ଏଥିରେ ସନ୍ନିବେଶିତ କରାହୋଇଛି ।

ଜଗତରେ ଯେତେ ମହାପୁରୁଷ ଆବିର୍ଭୂତ ହୋଇଛନ୍ତି, ସମସ୍ତଙ୍କ ସିଦ୍ଧିମୂଳରେ କୌଣସି ଜଣେ ମହାପୁରୁଷ ସଦ୍‌ଗୁରୁ ଭାବରେ ସହାୟତା କରିଛନ୍ତି । ଶାସ୍ତ୍ରପାଠରୁ ଜଣାଯାଏ ଯେ, ଈଶ୍ୱର ଅଛନ୍ତି; କିନ୍ତୁ ସଦ୍‌ଗୁରୁ କହୁଛନ୍ତି, ''ମୁଁ ତାଙ୍କୁ ପ୍ରତ୍ୟକ୍ଷ କରିଛି ।'' ଅନୁଗତ ଶିଷ୍ୟମାନଙ୍କୁ ସଦ୍‌ଗୁରୁ ସେହିପଥ ଦେଖାଇଦିଅନ୍ତି ଏବଂ ସେହି ପଥରେ ଧୀରେ ଧୀରେ ଚାଳିତ କରି ଲକ୍ଷ୍ୟସ୍ଥଳରେ ଉପନୀତ କରାଇ ଦେଇଥାନ୍ତି । ସଦ୍‌ଗୁରୁଙ୍କ ଦର୍ଶନ ଓ ତାଙ୍କ ଉପଦେଶାବଳୀ ଶ୍ରବଣ କଲାମାତ୍ରେ ତାଙ୍କ ପ୍ରତି ସ୍ୱାଭାବିକଭାବରେ ଶ୍ରଦ୍ଧା-ଭକ୍ତିର ଉଦୟ ହୁଏ । ତାଙ୍କରି ଉପଦେଶବାଣୀ ଶ୍ରବଣରେ ଓ ତାଙ୍କ ପ୍ରତି ସାମାନ୍ୟ ଶ୍ରଦ୍ଧା-ଭକ୍ତି ଜାତ ହେଲାମାତ୍ରେ ଅନ୍ତରସ୍ଥିତ ସୁପ୍ତ ଶକ୍ତି ଜାଗ୍ରତ ହୋଇଉଠେ । ଏଥିପାଇଁ ସାଧକ-ଶିଷ୍ୟମାନେ ତାଙ୍କୁ ନ ଦେଖି ମଧ୍ୟ ତାଙ୍କପ୍ରତି ଶ୍ରଦ୍ଧା-ଭକ୍ତି ଜ୍ଞାପନକରି ତାଙ୍କୁ ଗୁରୁତ୍ୱରେ ବରଣ କରିଥାନ୍ତି । ଶାସ୍ତ୍ର ମଧ୍ୟ ଶ୍ରୀଗୁରୁଦେବଙ୍କଠାରେ ବ୍ରହ୍ମବୁଦ୍ଧି ଆରୋପ କରିବାକୁ ଆଦେଶ ଦେଇଛନ୍ତି; ତେଣୁ, ତାଙ୍କର ତିରୋଧାନ ନାହିଁ । ଯେଉଁମାନେ ଜଣେ ମନୁଷ୍ୟଙ୍କଠାରେ ବ୍ରହ୍ମବୁଦ୍ଧି ପୋଷଣ କରିବାରେ ଆପତ୍ତି କରନ୍ତି, ସେମାନେ ଅଦ୍ୱୈତ ବେଦାନ୍ତ-ତତ୍ତ୍ୱ ପାଠ କଲେ, ସେମାନଙ୍କର ଏ ଭ୍ରମଧାରଣା ଦୂର ହୋଇଯିବ । ଅନ୍ଧ ନିକଟରେ ଯେପରି ପଥର ସନ୍ଧାନ ଜିଜ୍ଞାସା କରିବା ନିଷ୍ଫଳ, ସେହିଭଳି ସାଧାରଣ ଗୁରୁଙ୍କଠାରୁ ପଥର ସନ୍ଧାନ ଜାଣି ସେଥିରେ ଅଗ୍ରସର ହେବା ମଧ୍ୟ ନିଷ୍ଫଳ । ବ୍ରହ୍ମବିଦ୍‌ଗୁରୁ ଦୀକ୍ଷା ସମୟରେ ଶକ୍ତିସଞ୍ଚାର କରାଇଦେବା ମାତ୍ରେ ଶିଷ୍ୟମାନଙ୍କର ନବଜୀବନ ଲାଭ ହୋଇଥାଏ । ସାଧାରଣ ଗୁରୁମାନେ ଶତ ଶତ ଉପଦେଶ ଦେଲେ ମଧ୍ୟ ସେହି ଉପଦେଶରେ ଶକ୍ତିସଞ୍ଚାର ହୁଏ ନାହିଁ । ତେଣୁ ମୁକ୍ତ ବ୍ୟକ୍ତିଙ୍କ ବ୍ୟତୀତ କେହି ଅନ୍ୟର ବନ୍ଧନ ମୋଚନ କରିପାରନ୍ତି ନାହିଁ । ଗୁରୁ ଶିଷ୍ୟ ଉଭୟ ଉପଯୁକ୍ତ ହେଲେ ସହଜରେ ସିଦ୍ଧିଲାଭ ହୋଇଥାଏ । ଏଥିପାଇଁ ସଦ୍‌ଗୁରୁ ମହାପୁରୁଷଙ୍କ ଶିଷ୍ୟତ୍ୱ ସ୍ୱୀକାର କରି କେହି କେହି ସହଜରେ ଉନ୍ନତି ଲାଭ କରନ୍ତି, ଅନ୍ୟ କେହି କେହି ମଧ୍ୟ ଅଧୋଗତି

ଲାଭ କରିବାର ଦେଖାଯାଏ । ଶିଷ୍ୟ ଯଦି ଶ୍ରଦ୍ଧାଶୀଳ, ବିନୟୀ ଓ ଅଧ୍ୟବସାୟସମ୍ପନ୍ନ ହୁଅନ୍ତି, ତେବେ ସେ ଅତି ସହଜରେ ଗୁରୁପଦିଷ୍ଟ ତତ୍ତ୍ୱ ଆୟତ୍ତ କରିଥାନ୍ତି । ଶିଷ୍ୟତ୍ୱର ସାଧନା କଲେ ପ୍ରକୃତ ମନୁଷ୍ୟତ୍ୱ ଲାଭ ହୁଏ । ଏହି ସାଧନାରେ କିଭଳି ଆତ୍ମାଭିମାନ ପ୍ରବେଶ କରି ସାଧକଙ୍କୁ ପଥଚ୍ୟୁତ କରେ ଏବଂ ଶ୍ରୀଗୁରୁଦେବଙ୍କୁ ସୁଖ ପାଇ ତାଙ୍କଠାରେ ସମର୍ପଣ ଭାବ ରଖି ସାଧନପଥରେ ଅଗ୍ରସର ହେଲେ କିଭଳି 'ସ୍ୱରୂପଜ୍ଞାନ' ସ୍ୱତଃ ଫୁଟିଉଠେ, ଶ୍ରୀଶ୍ରୀ ଠାକୁରଙ୍କର ସେହି ସମ୍ବନ୍ଧୀୟ ବହୁ ଉପଦେଶ ସଂଗୃହୀତ ହୋଇ ଏଥିରେ ସନ୍ନିବେଶ କରାଯାଇଛି ।

ଆମ ଦେଶରୁ ଗୁରୁଭକ୍ତି ଏକପ୍ରକାର ଲୋପ ପାଇଗଲାଣି । ଅଧିକାଂଶ ବ୍ୟକ୍ତି ଗୁରୁଭକ୍ତିକୁ ଉଠାଇଦେବାକୁ ବଦ୍ଧପରିକର । ଦେଶରୁ ଗୁରୁଭକ୍ତି ଯଦି ଲୋପ ପାଇଯାଏ, ତେବେ ସାଧକଙ୍କ ଅନ୍ତରର ଶ୍ରଦ୍ଧା, ଭକ୍ତି, ନିଷ୍ଠା ଏବଂ ନମ୍ରତା ପ୍ରଭୃତି ଦୈବୀଗୁଣଗୁଡ଼ିକ ଅନୁଶୀଳନ ହୋଇପାରିବ ନାହିଁ । ଅନୁଶୀଳନ ଅଭାବରୁ ସଦ୍‌ଗୁଣସମୂହ ମାନବ-ଅନ୍ତରରୁ କ୍ରମେ ତିରୋହିତ ହୋଇଯିବ । ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରର ରାଜତ୍ୱ ପ୍ରତିଷ୍ଠିତ ହେବ । ଗୁରୁ ଗ୍ରହଣ କରିବାପୂର୍ବରୁ ସବୁ ପ୍ରକାର ବିଚାର କରିପାର; କିନ୍ତୁ ଥରେ ଗୁରୁ ବୋଲି ଗ୍ରହଣ କରିବା ପରେ ତାଙ୍କ ଆଦେଶ ଉପଦେଶକୁ ଗୁରୁଙ୍କ ଭଳି ସମ୍ମାନ-ପ୍ରଦର୍ଶନ କରିବାକୁ ହେବ । ଶ୍ରୀଗୁରୁଦେବଙ୍କ ଉପରେ ବିଶ୍ୱାସ ଓ ନିର୍ଭରତାକୁ ବର୍ତ୍ତମାନ ଯୁଗରେ ଦାସ-ମନୋବୃତ୍ତି ବୋଲି ଅଭିହିତ କରାଯାଉଛି ସତ୍ୟ, ମାତ୍ର ତାହା ନିତାନ୍ତ ଭ୍ରାନ୍ତ ଧାରଣା । ସଦ୍‌ଗୁରୁଙ୍କ ଉପଦେଶରେ ଶିଷ୍ୟର ଭବବନ୍ଧନ ଛିନ୍ନ ହୁଏ । ଶ୍ରୀଗୁରୁଦେବ କେବେହେଲେ କାହାରି ସ୍ୱାଧୀନତାରେ ହସ୍ତକ୍ଷେପ କରନ୍ତି ନାହିଁ; ବରଂ ଶିଷ୍ୟର ଯେପରି ମନର ସ୍ୱାଧୀନତା ଲାଭ ହେବ ଏବଂ ସେ ଯେପରି ସ୍ୱାବଲମ୍ବନଶୀଳ ହୋଇ ଇନ୍ଦ୍ରିୟମାନଙ୍କ ଦାସତ୍ୱରୁ ତଥା ପରିବାର ଓ ସମାଜ-ବନ୍ଧନରୁ ମୁକ୍ତି ଲାଭ କରି ସ୍ୱାଧୀନଭାବରେ ଚଳିପାରିବ, ସେହିଭଳି ଶିକ୍ଷା ଗୁରୁଦେବ ପ୍ରଦାନ କରିଥାଆନ୍ତି । ଯେଉଁ ଗୁରୁ ପରାବିଦ୍ୟା ଦାନ କରନ୍ତି, ତାଙ୍କପ୍ରତି କୃତଜ୍ଞତା ଜ୍ଞାପନ କରିବା କେବେହେଲେ ପରାଧୀନତାର ଲକ୍ଷଣ ନୁହେଁ । ହିନ୍ଦୁମାନେ ଗୁରୁଭକ୍ତି ବଳରେ ବଳୀୟାନ୍ ଥିବାରୁ ଜଗତରେ ଆଧ୍ୟାତ୍ମିକ କ୍ଷେତ୍ରରେ ଶ୍ରେଷ୍ଠାସନ ଲାଭ କରିଛନ୍ତି । ରାମାୟଣ, ମହାଭାରତଯୁଗର ଗୁରୁଭକ୍ତି, ଗୁରୁଦେବଙ୍କ ପ୍ରତି ଅଚଳ ଅଟଳ ଶ୍ରଦ୍ଧା ବର୍ତ୍ତମାନ ସୁଦ୍ଧା ଜଗତକୁ ପ୍ରେରଣା ଦାନ କରୁଛି । କେବେ ଯଦି ଭାରତର ଉନ୍ନତି ହେବ, ତେବେ ଏହି ଗୁରୁଭକ୍ତିବଳରେ ହିଁ ତାହା ସମ୍ପନ୍ନ ହୋଇପାରିବ । ଶ୍ରୀଗୁରୁଦେବ ହିଁ ପ୍ରତ୍ୟକ୍ଷ ଈଶ୍ୱର ।

ତାଙ୍କ ପଦରେ ଆତ୍ମସମର୍ପଣ କଲେ କିଭଳି ଅନ୍ତରସ୍ଥିତ ସଦ୍‌ଗୁଣାବଳୀର ବିକାଶ ସାଧିତ ହୋଇ ଚିତ୍ତ ଶୁଦ୍ଧ ଭାବ ଧାରଣ କରିପାରିବ, ସେ ସବୁର ବିବିଧ ଉପଦେଶବାଣୀ ସଂଗୃହୀତ ହୋଇ ଏଥିରେ ସନ୍ନିବେଶ କରାଯାଇଛି ।

ମାନବର ସମସ୍ତ ଇଚ୍ଛା ଭଗବଦ୍‌କୃପାରୁ ପୂର୍ଣ୍ଣ ହୋଇଥାଏ; କିନ୍ତୁ ଅଭିମାନୀ ସାଧକ ମନେକରେ ଯେ, ସେ ନିଜେ ତାହା ସମ୍ପନ୍ନ କରିଅଛି । ଇଚ୍ଛାରେ ବାଧା ଜାତ ନ ହେବାପର୍ଯ୍ୟନ୍ତ ସେ ନିଜକୁ କର୍ତ୍ତା ବୋଲି ବୃଥା ଅହଙ୍କାର ପୋଷଣ କରିଥାଏ । ଏତାଦୃଶ ବ୍ୟକ୍ତିମାନେ ନିଜର ସ୍ୱାତନ୍ତ୍ର୍ୟ ହରାଇ ପ୍ରକୃତିବଶରେ ଚାଳିତ୍ ହୁଅନ୍ତି । ସେମାନେ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର ନ କରି ପ୍ରକୃତିବଶରେ କାଳ-ସ୍ରୋତରେ ଭାସିଚାଲନ୍ତି । ବିବେକହୀନ ଭାବରେ ଗତି କରିବା ଫଳରେ ସେମାନେ ନାନାବିଧ ଦୁଃଖ-ଯନ୍ତ୍ରଣା ଭୋଗକରନ୍ତି । ପ୍ରକୃତିବଶରେ ମାନବଗଣ ପରିଚାଳିତ ହେବାଫଳରେ ବର୍ତ୍ତମାନ ଯୁଗରେ ସତ୍ୟ ସ୍ଥଳରେ ମିଥ୍ୟା, ତ୍ୟାଗ ସ୍ଥଳରେ ଭୋଗ, ବୈରାଗ୍ୟ ସ୍ଥଳରେ ଆସକ୍ତି ପ୍ରଭୃତି ସ୍ୱଭାବରେ ବିପରୀତ ବୃତ୍ତିଗୁଡ଼ିକ ବୃଦ୍ଧିପ୍ରାପ୍ତ ହେଉଅଛି । ଯେଉଁମାନେ ସଦ୍‌ଗୁରୁଙ୍କ ଉପଦେଶବାଣୀରେ ଉଦ୍‌ବୁଦ୍ଧ ହୋଇ ଅସତ୍-ପଥ ତ୍ୟାଗ କରି ସତ୍ୟପଥରେ ଧାବିତ ହୁଅନ୍ତି, ସେହିମାନଙ୍କୁ ସାଧୁ ମହାତ୍ମା କୁହାଯାଏ । ସତ୍ୟଲାଭର ଉପାୟ ସଂଯମ ଓ ମନନ । ଯେ ସଂଯମପରାୟଣ ନୁହନ୍ତି, ମୁକ୍ତିଲାଭର ଆଶା ତାହାଙ୍କ ପକ୍ଷରେ ବିଡ଼ମ୍ବନା ମାତ୍ର । ମାନବ ଅଭ୍ୟାସ ଓ ସଂସ୍କାର ବଶରୁ ଏଭଳି ପ୍ରକୃତି-ବଶୀଭୂତ ହୋଇ ପଡ଼ିଛି ଯେ, ସେଥିରୁ ଉଦ୍ଧାର ପାଇବା ଅତିଶୟ କଷ୍ଟକର । ତେଣୁ କ୍ରମେ ପୁରୁଷକାର ବା ଶ୍ରୀଗୁରୁଦେବଙ୍କ ଉପଦେଶବାଣୀ ଅନୁସାରେ ସତ୍ୟପଥରେ ଅଗ୍ରସର ହୋଇ ପୂର୍ବ ସଂସ୍କାର ନଷ୍ଟ କରି ନୂତନ ସଂସ୍କାରର ଅନୁଶୀଳନ କରିବାର ନାମ ସାଧନା । ଯେ ସାଧନା ଶେଷ କରିଛନ୍ତି, ତାଙ୍କୁ ସଂଯମୀ ବା ମୁନି କୁହାଯାଏ । ସାଧନା-ପଥରେ ସାଧକମାନେ ଗତି କରିବାବେଳେ କିଭଳି ବିଭିନ୍ନ ପ୍ରତିକୂଳ ଅବସ୍ଥା ସମ୍ମୁଖୀନ ହୁଅନ୍ତି, ଶ୍ରୀଗୁରୁଦେବଙ୍କ ଉପଦେଶବାଣୀ ପ୍ରଭାବରେ ସେହି ବାଧା କିଭଳି ଅପସାରିତ ହୋଇଥାଏ, ତାହାର ବିଭିନ୍ନ ଉପଦେଶ ମଧ୍ୟ ଏଥିରେ ସନ୍ନିବେଶିତ ହୋଇଅଛି । ଶ୍ରୀଗୁରୁଦେବଙ୍କ ଉପଦେଶ ଅନୁସାରେ ଚଳିଲେ କିଭଳି ପ୍ରକୃତି ବଶୀଭୂତା ହୋଇଥାଏ ଏବଂ ଫଳରେ ମାନବ ପ୍ରକୃତ ମନୁଷ୍ୟତ୍ୱରେ ପ୍ରତିଷ୍ଠିତ ହୋଇ ଦେବତ୍ୱ ଏବଂ ଈଶ୍ୱରତ୍ୱ ଲାଭ କରି ଧନ୍ୟ ହୁଏ, ସେ ସମ୍ବନ୍ଧୀୟ ବିବିଧ ଉପଦେଶ ମଧ୍ୟ ଏଥିରେ ସନ୍ନିବେଶିତ ହୋଇଅଛି ।

ପରମାନନ୍ଦଲାଭ ହିଁ ଜୀବର ଚରମ ଲକ୍ଷ୍ୟ; କିନ୍ତୁ ତ୍ରିଗୁଣାତ୍ମିକା ମାୟା ବା ପ୍ରକୃତି କବଳରେ ପତିତ ହୋଇ ବିପଥରେ ପରିଚାଳିତ ହେବା ଫଳରେ ଜୀବ ଲକ୍ଷ୍ୟଭ୍ରଷ୍ଟ ହୋଇପଡୁଛି । ତ୍ରିଗୁଣଦ୍ୱାରା ଦେହୀ ଦେହମଧ୍ୟରେ ଆବଦ୍ଧ । ଏହି ତ୍ରିଗୁଣମଧ୍ୟରେ ସତ୍ତ୍ୱଗୁଣ ନିର୍ମଳ ଓ ଶାନ୍ତ । ଏହାଦ୍ୱାରା ଜୀବ ଜ୍ଞାନ, ଭକ୍ତିର ଆନନ୍ଦାସ୍ୱାଦନ ଲାଭ କରେ । ସେଥିରେ ସେ ମନେକରେ, 'ମୁଁ ଜଣେ ଜ୍ଞାନୀ ଓ ଜଣେ ଶ୍ରେଷ୍ଠ ଭକ୍ତ, ମୁଁ ଜଗତରେ ସୁଖୀ' ଇତ୍ୟାଦି । ଏହିଭଳି ଅଭିମାନ ଭାବ ଜାଗ୍ରତ ହେବାଫଳରେ ଜୀବ ଆବଦ୍ଧ ହୁଏ । ତୃଷ୍ଣା ଓ ଆସକ୍ତିରୁ ରଜୋଗୁଣ ଜାତ । ତାହା ଜୀବକୁ କର୍ମଶକ୍ତିଦ୍ୱାରା ଆବଦ୍ଧ ରଖେ । ତମୋଗୁଣ ଜୀବକୁ ଆଳସ୍ୟ, ଜଡ଼ତା ଓ ନିଦ୍ରାଦ୍ୱାରା ଆବଦ୍ଧ ରଖେ । ତେଣୁ ସତ୍ତ୍ୱଗୁଣ ସ୍ୱର୍ଣ୍ଣଶୃଙ୍ଖଳ, ରଜୋଗୁଣ ରୌପ୍ୟଶୃଙ୍ଖଳ ଏବଂ ତମୋଗୁଣ ଲୌହଶୃଙ୍ଖଳ ରୂପରେ ସାଧକଙ୍କୁ ଆବଦ୍ଧକରି ରଖନ୍ତି । ସତ୍ତ୍ୱଗୁଣ ଜୀବକୁ ସୁଖରେ, ରଜୋଗୁଣ ଜୀବକୁ କର୍ମରେ ଏବଂ ତମୋଗୁଣ ଜ୍ଞାନକୁ ଆଚ୍ଛନ୍ନ କରି ଜୀବକୁ ପ୍ରମାଦରେ ସଂଯୁକ୍ତ କରନ୍ତି; କିନ୍ତୁ ଶ୍ରୀଗୁରୁଦେବଙ୍କ ଉପଦେଶ ଅନୁସାରେ ଚଳିଲେ ସାଧକମାନେ ବିବିଧ ପ୍ରକୃତି-କବଳରୁ ଉଦ୍ଧାର ଲାଭ କରନ୍ତି ଏବଂ ଗୁଣାତୀତ ଅବସ୍ଥାଲାଭପୂର୍ବକ ଧନ୍ୟ ହୁଅନ୍ତି । ଏହିସବୁ ଭାବକୁ ପରିସ୍ଫୁଟ କରିବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କର ବିବିଧ ଉପଦେଶବାଣୀ ଏଥିରେ ପ୍ରଦତ୍ତ ହୋଇଅଛି ।

ସାଧନା-ସମୟରେ ସାଧକଙ୍କ ସମ୍ମୁଖରେ ନାନାବିଧ ସାଧନ-ବିଘ୍ନ ଉପସ୍ଥିତ ହୋଇଥାଏ । ବିକ୍ଷୋଭକାରୀ ଇନ୍ଦ୍ରିୟବର୍ଗ ସାଧକଙ୍କ ଚିତ୍ତକୁ ବଳପୂର୍ବକ ବିଷୟରୁ ବିଷୟାନ୍ତରକୁ ଆକର୍ଷଣ କରିଥାନ୍ତି । ସାଧକମାନଙ୍କୁ ପୁରୁଷକାର ଅବଲମ୍ବନ କରି ଅର୍ଥାତ୍ ଶ୍ରୀଗୁରୁଦେବଙ୍କ ବାକ୍ୟକୁ ଅନୁସରଣ କରି ସତ୍ୟର ବିଜୟ-ବୈଜୟନ୍ତୀ ଉଡ଼ାଇ, ଧୈର୍ଯ୍ୟରୂପ ବର୍ମ ପରିଧାନପୂର୍ବକ ସଂଯମର ଶାଣିତ ଅସି କରରେ ଧାରଣକରି ପ୍ରକୃତିରୂପ ଶତ୍ରୁ ସହିତ ସଂଗ୍ରାମ କରିବାକୁ ପଡ଼ିବ । ଆମର ଅହଙ୍କାର ହିଁ ସେହି ପଥର ପ୍ରଧାନ ଶତ୍ରୁଭାବରେ ଦଣ୍ଡାୟମାନ ହେବ— ଏହା ହିଁ ଆମର ପୂର୍ବପ୍ରକୃତି । ପ୍ରକୃତି ଦେବୀ ନିଜର ଆବରଣୀ ଓ ବିକ୍ଷେପଶକ୍ତି ସାହାଯ୍ୟରେ ସାଧକଙ୍କୁ ସ୍ୱରୂପଚ୍ୟୁତ କରିବାକୁ ଚେଷ୍ଟା କରିଥାନ୍ତି; କିନ୍ତୁ ସାଧକମାନେ ବିବେକବଳରେ ଜ୍ଞାନ-ବିଚାରଦ୍ୱାରା ନିଜର ଆତ୍ମସ୍ୱରୂପଲାଭ ନିମିତ୍ତ ପୁନଃ ପୁନଃ ଚେଷ୍ଟା କରିବା ଦରକାର । ଏହାର ନାମ ସାଧନା । ଏହାକୁ କୁହାଯାଏ ଆତ୍ମଚେଷ୍ଟା । ଏହାର ନାମ ପୁରୁଷକାର । ଏହି ପୁରୁଷକାରର ଅନ୍ୟ ନାମ ଆତ୍ମକୃପା । ଏହି ଆତ୍ମକୃପା ବ୍ୟତୀତ ଗୁରୁବାକ୍ୟ ପ୍ରତିପାଳନ କରିବାପାଇଁ ଶ୍ରଦ୍ଧା ଜାତ ହୋଇପାରେ ନାହିଁ । ଏହି ଶ୍ରଦ୍ଧା ବା ପୁରୁଷକାର ବ୍ୟତୀତ ସାଧକ ଭଗବତ୍‌କୃପା

ଲାଭର ଅଧିକାରୀ ହୋଇପାରନ୍ତି ନାହିଁ । ଏହାହିଁ ସନାତନ ଧର୍ମର ସର୍ବବାଦୀସମ୍ମତ ମତ । ତେଣୁ କିଭଳି ଭାବରେ ସାଧକମାନେ ଆତ୍ମଶକ୍ତିର ଉଦ୍‌ବୋଧନ କରି ପ୍ରକୃତି ସହିତ ସଂଗ୍ରାମରେ ଜୟଯୁକ୍ତ ହେବେ, ସେ ସମ୍ବନ୍ଧରେ ଶ୍ରୀଶ୍ରୀ ଠାକୁର ଯେଉଁସବୁ ଉପଦେଶବାଣୀ ସାଧକମାନଙ୍କ ଉପକାରନିମିତ୍ତ ବିଭିନ୍ନ ସମୟରେ ପ୍ରଦାନ କରିଥିଲେ; ତାହା ସଂଗୃହୀତ ହୋଇ ଏଥିରେ ସନ୍ନିବେଶିତ ହୋଇଅଛି । ଏହି ପ୍ରକୃତି ସହିତ ସଂଗ୍ରାମରତ ସାଧକ, ଶିଷ୍ୟ, ଭକ୍ତମାନଙ୍କୁ ଅଭୟବାଣୀ ଶୁଣାଇ ଶ୍ରୀଶ୍ରୀ ଠାକୁର କହିଛନ୍ତି, ''ବତ୍ସ ! ଭୟନାହିଁ, ତୁମର ଜୟ ଅବଶ୍ୟମ୍ଭାବୀ । ଯେଉଁ ମହାଶକ୍ତି କ୍ଷୁଦ୍ର ଶକ୍ତିର ଜନନୀ, ସେହି ଶକ୍ତି ହିଁ ତୁମର ମା । ସେହି ଶକ୍ତି କଥା ସ୍ମରଣ କଲେ ହିଁ ତୁମର ସମସ୍ତ ଜଡ଼ତା, ସକଳ ଅବସାଦ ଦୂରୀଭୂତ ହୋଇଯିବ । ତୁମେ ନିତ୍ୟ ନବବଳରେ ବଳୀୟାନ ହୋଇ ଶତ୍ରୁ-ସଂହାରରେ ସମର୍ଥ ହୋଇପାରିବ ।'' ସେ ଆହୁରି ସ୍ମରଣ କରାଇଦେଇ କହିଛନ୍ତି— 'ଏହି ଆତ୍ମ-ଶକ୍ତିକୁ ନିଜର ଶକ୍ତି ବୋଲି ଭ୍ରମଧାରଣା ପୋଷଣ ନ କରି ଅର୍ଥାତ୍ ଅହଙ୍କାର ପ୍ରକାଶ ନକରି ନିଜର କ୍ଷୁଦ୍ର ଶକ୍ତିକୁ ମହାଶକ୍ତିଙ୍କ ସହିତ ଅଭେଦ ମନେ କରି ଆତ୍ମସତ୍ତାକୁ ସେହି ମହାନ ସତ୍ତାରେ ମିଳାଇଦେଇ 'ଜୟ ମା' ବୋଲି ଉଚ୍ଚାରଣ କରିପାରିଲେ ତୁମର କ୍ଷୁଦ୍ରଶକ୍ତି ମହାଶକ୍ତିରେ ପରିଣତ ହୋଇଯିବ । ତୁମର କ୍ଷୁଦ୍ରଜ୍ଞାନ ଅନନ୍ତଜ୍ଞାନରେ ବିଲୀନ ହୋଇଯିବ ।' ଶ୍ରୀଗୁରୁଦେବ ହିଁ ସେହି ଶକ୍ତିର ଆଧାର । ସେ ଜଗଜ୍ଜନନୀଙ୍କର ଜନନୀ । ସମସ୍ତ ଶକ୍ତି ତାଙ୍କରିଠାରୁ ଉଦ୍ଭୂତ । ପୁରୁଷକାର ଦ୍ୱାରା ଆତ୍ମଶକ୍ତିର ହୀନତା ଉପଲବ୍ଧି କଲାମାତ୍ରେ ଭଗବତ୍‌ଶକ୍ତି ଗୁରୁକୃପା ମାଧ୍ୟମରେ ସାଧକଙ୍କ ଭିତରେ ପ୍ରବେଶ କରି ସାଧକଙ୍କ ଜୀବନରେ ଚରମ ସଫଳତା ଆନୟନ କରେ । ସେଥିନିମିତ୍ତ ସେ 'ଜୟଗୁରୁ' ମହାନାମ ଉଚ୍ଚାରଣ କରିବା ନିମିତ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ପୁରୁଷକାର ବା ଆତ୍ମଚେଷ୍ଟା ଓ ଭଗବତ୍‌କୃପା ସିଦ୍ଧିଲାଭ ପକ୍ଷରେ ଏକାନ୍ତ ଆବଶ୍ୟକ । ସୁତରାଂ, ସେ 'ଜୟମା' ଓ 'ଜୟଗୁରୁ' ମହାନାମ କୀର୍ତ୍ତନ କଲେ ଆତ୍ମବଳ ଲାଭହେବ ବୋଲି ଉଲ୍ଲେଖ କରିଛନ୍ତି । ଏହାର ତାତ୍ପର୍ଯ୍ୟ ହେଉଛି, ଯେଉଁମାନେ ଆତ୍ମଶକ୍ତି ବଳରେ ସାଧନାରେ ସିଦ୍ଧି ଲାଭ କରିବେ ବୋଲି ଧାରଣା କରନ୍ତି, ସେମାନେ ଯେପରି ଭ୍ରାନ୍ତ, ଯେଉଁମାନେ ନିଶ୍ଚେଷ୍ଟ ହୋଇ ବସିରହି ସାଧନ-ଭଜନ ଓ ଜ୍ଞାନାଲୋଚନା ନ କରି କେବଳ ଗୁରୁକୃପା ବଳରେ ସମସ୍ତ ଲାଭ ହେବ ବୋଲି ଭାବି ବସି ରହିଛନ୍ତି, ସେମାନେ ମଧ୍ୟ ସେହିଭଳି ମୁଗ୍ଧ ବା ଭ୍ରାନ୍ତ । ପୁରୁଷକାରର ସାଧନାଦ୍ୱାରା ଚିତ୍ତ ଶୁଦ୍ଧଭାବ ଧାରଣ କଲେ ଯାଇ ଆତ୍ମଶକ୍ତିକୁ ଜୟଯୁକ୍ତ କରି ସାଧକଙ୍କ ଅନ୍ତରରେ 'ଜୟଗୁରୁ' ଧ୍ୱନି ସ୍ୱତଃ ଉଚ୍ଚାରିତ ହୁଏ । ଏହାହିଁ ସିଦ୍ଧି । ସାଧକମାନେ କିଭଳି ଭାବଧାରା ଅବଲମ୍ବନ ଦ୍ୱାରା

ଋଦ୍ଧି ଓ ସିଦ୍ଧି ଲାଭ କରିପାରିବେ, ତାହାର ଯେଉଁସବୁ ସଙ୍କେତ ଶ୍ରୀଶ୍ରୀ ଠାକୁର ପ୍ରଦାନ କରିଛନ୍ତି, ଏଥିରେ ତାହା ପ୍ରଦତ୍ତ ହୋଇଅଛି ।

ଭଗବାନଙ୍କ କୃପା ଉପରେ ଆଧ୍ୟାତ୍ମିକ ସାଧନାର ସିଦ୍ଧି ଯେପରି ନିର୍ଭର କରେ, ସେହିପରି ଜାଗତିକ ସିଦ୍ଧି ନିର୍ଭର କରେ ପ୍ରକୃତିର କୃପା ଉପରେ । ବର୍ତ୍ତମାନ ଯେଉଁମାନେ ଜଡ଼ ପ୍ରକୃତିର ଉପାସକ, ଇହସଂସାରରେ ସେମାନେ ସର୍ବପ୍ରକାର ଧନ ଓ ଐଶ୍ୱର୍ଯ୍ୟ ଲାଭ କରି ମରଜଗତରେ ଈଶ୍ୱରତ୍ୱର ଅଭିନୟ କରୁଛନ୍ତି ମାତ୍ର ଏବଂ ଯେଉଁମାନେ ଏହାକୁ ଅନିତ୍ୟ ବୋଲି ତ୍ୟାଗ କରି ଭଗବାନଙ୍କ ଶରଣାପନ୍ନ ହୋଇ ସାଧନ ନିରତ ଅଛନ୍ତି, ସେହିମାନେ ହିଁ ଅମରଜଗତର ସନ୍ଧାନ ଲାଭ କରିବା ନିମିତ୍ତ ମରଜଗତର ଦୁଃଖକଷ୍ଟରେ ସ୍ୱେଚ୍ଛାରେ ନିପତିତ ହୋଇ ଚିତ୍ତଶୁଦ୍ଧି-ସାଧନପଥରେ ଗତିକରୁଛନ୍ତି । ଯେଉଁମାନେ ପ୍ରବୃତ୍ତିର ସାଧକ, ସେମାନେ ବହିର୍ମୁଖ ଏବଂ ଯେଉଁମାନେ ନିବୃତ୍ତିର ସାଧକ, ସେମାନେ ଅନ୍ତର୍ମୁଖ । ଏହି ଅନ୍ତର୍ମୁଖ ହେବାହିଁ ଭାରତର ସାଧନା । ଅତଏବ ଏହା ହିଁ ଭାରତର ସ୍ୱଧର୍ମ । ଏହି ସ୍ୱଧର୍ମ ପରିତ୍ୟାଗ କରି ଆପାତ-ମନୋରମ ପରଧର୍ମର ସାଧନା ଭାରତପକ୍ଷରେ କଲ୍ୟାଣକର ନୁହେଁ । ସ୍ୱଧର୍ମାନୁଶୀଳନ ଫଳରେ ଭାରତର କିଭଳି ବିବିଧ ଉନ୍ନତି ସାଧିତ ହୋଇପାରିବ, ତାହାର ବିବିଧ ଉପଦେଶ ଏଥିରେ ସନ୍ନିବେଶିତ ହୋଇଅଛି ।

ପାଠକମାନେ ବର୍ତ୍ତମାନ ବୁଝିପାରିବେ ଯେ, ଏପର୍ଯ୍ୟନ୍ତ ଯେତେଦୂର ଆଲୋଚନା କରାଗଲା, ସେଥିରୁ ପ୍ରତିପନ୍ନ ହେଉଛି ଯେ, ପ୍ରକୃତିର ଅଧୀନତା-ଶୃଙ୍ଖଳ ଛିନ୍ନକରି ପରମପୁରୁଷଙ୍କଠାରେ ଆତ୍ମନିବେଦନରୂପ କର୍ମ କରିବା ହିଁ ପ୍ରକୃତ ପୁରୁଷକାର ଏବଂ ଭଗବଦ୍‌କୃପା ସେହି ପୁରୁଷକାରକୁ ସାହାଯ୍ୟ କରିଥାଏ ମାତ୍ର । ନିଷ୍କାମ କର୍ମ, ବିବେକ, ଜ୍ଞାନ ଓ ଭଗବଦ୍‌ଭକ୍ତି— ଏହି ତ୍ରିବିଧ ସାଧନାର ସମନ୍ୱୟ ଘଟିଲେ ହିଁ ତ୍ରିଗୁଣାତ୍ମିକା ପ୍ରକୃତି ବଶୀଭୂତା ହୁଅନ୍ତି ଏବଂ ସେ ଜୀବକୁ ତାଙ୍କ ଅଧୀନରେ ନରଖି ତାହାର ଅଧୀନତା ସ୍ୱୀକାର କରନ୍ତି । ସେତେବେଳେ ମାତୃଶକ୍ତିର ଜୟ ହୁଏ ଏବଂ ଯେତେବେଳେ ପୁରୁଷ ସ୍ୱରୂପରେ ପ୍ରତିଷ୍ଠିତ ହୋଇ ପରମପୁରୁଷଙ୍କ ସହିତ ପ୍ରେମ-ସାଗରରେ ନିମଗ୍ନ ହେବାକୁ ଚେଷ୍ଟା କରନ୍ତି, ସେତେବେଳେ ଶ୍ରୀଗୁରୁଦେବଙ୍କର ଜୟ ଘୋଷିତ ହୁଏ । ଏହି ଭାବରେ ପ୍ରତିଷ୍ଠିତ ହୋଇପାରିଲେହିଁ ମାନବର ଦୁଃଖ-ଯନ୍ତ୍ରଣାର ଜୟ ହୋଇ ଅନ୍ତରରେ ପରାଶାନ୍ତି ପ୍ରତିଷ୍ଠିତ ହୋଇଥାଏ । ସାଧକମାନେ ଶୁଦ୍ଧଚିତ୍ତରେ ଭଗବାନଙ୍କ ଭାବରେ ପ୍ରତିଷ୍ଠିତ ରହି ଶ୍ରୀଗୁରୁଦେବଙ୍କ ସେବାରେ ଆତ୍ମନିୟୋଗ କରିଥାନ୍ତି । ଏହିଭାବରେ

ପ୍ରତିଷ୍ଠିତ ହେବାନିମିତ୍ତ ପ୍ରାଥମିକ ସାଧକମାନଙ୍କର କିଭଳି ଭାବରେ ସାଧନପଥରେ ଗତିକରିବା କର୍ତ୍ତବ୍ୟ, ସେ ସମ୍ବନ୍ଧରେ ବିବିଧ ଉପଦେଶ ଏଥିରେ ସହଜ-ସରଳ ଭାବରେ ସନ୍ନିବେଶିତ ହୋଇଅଛି ଏବଂ ଶ୍ରୀଗୁରୁଦେବଙ୍କ ତିରୋଧାନ ପରେ ମଧ୍ୟ ସାଧକମାନେ କିଭଳି ତାଙ୍କ ସହିତ ଯୋଗସୂତ୍ର ରଖି ତାଙ୍କ ନାମର ଜୟ ଘୋଷଣା କରି ଲକ୍ଷ୍ୟପଥରେ ଅଗ୍ରସର ହୋଇପାରିବେ, ତାହା ମଧ୍ୟ ଏଥିରେ ସ୍ପଷ୍ଟଭାବରେ ଉଲ୍ଲେଖ ଅଛି ।*

ଯେଉଁ ମହାପୁରୁଷଙ୍କ ଉପଦେଶବାଣୀରେ ଉଦ୍‌ବୁଦ୍ଧ ହୋଇ ସାଧକମାନେ ନିଜ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇପାରିବେ, ତାହା ଏଥିରେ ବର୍ଣ୍ଣିତ ହୋଇଅଛି । ସେ କିଭଳି ଗୁରୁକୃପାରୁ ପୁରୁଷକାର ଅବଲମ୍ବନ କରି ସଦ୍‌ଗୁରୁଭାବ୍‌ରେ ବର୍ତ୍ତମାନ ସୁଦ୍ଧା ପ୍ରତିଷ୍ଠିତ ରହି ତାଙ୍କର ଆଶ୍ରିତ ଶିଷ୍ୟଭକ୍ତମାନଙ୍କୁ ତାଙ୍କ ଆଡ଼କୁ ଅଗ୍ରଗତି କରିବା ନିମିତ୍ତ ବିବିଧ ଉପଦେଶବାଣୀ ପ୍ରଦାନ କରିଛନ୍ତି ଏବଂ ବର୍ତ୍ତମାନ ମଧ୍ୟ ଅଦୃଶ୍ୟଭାବରେ ରହି ତାହା ସମ୍ପାଦନ କରୁଛନ୍ତି, ସେହି ମହାପୁରୁଷଙ୍କର ସାଧନଜୀବନ ଓ ସିଦ୍ଧଜୀବନ ବିଷୟରେ ପାଠକମାନଙ୍କର କିଞ୍ଚିତ୍ ଧାରଣ ଥିବା ଆବଶ୍ୟକ ।

ବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ନିବିଡ଼ ସଂମିଶ୍ରଣ ଫଳରେ ଭାରତବର୍ଷରେ ବିଶେଷତଃ ବଙ୍ଗପ୍ରଦେଶରେ ପ୍ରବଳଭାବରେ ଧର୍ମର ସଙ୍କଟ ଦେଖାଦେଇଥିଲା । ଫଳରେ ଆଧ୍ୟାତ୍ମିକ ସାଧନା ଓ ଭାରତୀୟ ସଂସ୍କୃତିର ଧାରା ବିଶେଷଭାବରେ ଆଘାତପ୍ରାପ୍ତ ହୋଇ ନିମ୍ନଗାମୀ ହେବାକୁ ବସିଲା । ଜନସାଧାରଣ ପ୍ରବୃତ୍ତିପଥକୁ ଶ୍ରେୟଃ ମନେକରି ସେଥିପ୍ରତି ବିଶେଷଭାବରେ ଆକୃଷ୍ଟ ହୋଇପଡ଼ିଲେ । ପ୍ରବୃତ୍ତିର ଆକର୍ଷଣରେ ଆମେ ଇନ୍ଦ୍ରିୟଗ୍ରାହ୍ୟ ଭୋଗ ଆଡ଼କୁ ଆକୃଷ୍ଟ ହୋଇଥାଉଁ ଏବଂ ନିବୃତ୍ତିର ଆକର୍ଷଣରେ ଆମ ମନ ତ୍ୟାଗ-ସଂଯମପଥରେ ପ୍ରଧାବିତ ହୁଏ । ଏ ଜଗତରେ ପ୍ରବୃତ୍ତି-ନିବୃତ୍ତିର ଦ୍ୱନ୍ଦ୍ୱ ସର୍ବଦା ଲାଗି ରହିଛି । ପ୍ରବୃତ୍ତି ଆତ୍ମକେନ୍ଦ୍ରରୁ ଆମମାନଙ୍କୁ ବିଚ୍ୟୁତି କରିବାକୁ ଇଚ୍ଛା କରେ ଏବଂ ନିବୃତ୍ତି ଆତ୍ମକେନ୍ଦ୍ର ଆଡ଼କୁ ଆମକୁ ଆକର୍ଷଣ କରିଥାଏ । ଏହି ନିବୃତ୍ତି ଶକ୍ତି ହିଁ ଗୁରୁଶକ୍ତି । ସୂର୍ଯ୍ୟଦେବ ଯେପରି ସମଗ୍ର ସୌରଜଗତର ପ୍ରାଣସ୍ୱରୂପରେ ପ୍ରତିଷ୍ଠିତ ରହି ତାଙ୍କର ଶକ୍ତିବଳରେ ସମଗ୍ର ଜଗତକୁ ଧାରଣ କରିଛନ୍ତି, ସେହିପରି କେହି ନ ଜାଣିଲେ ମଧ୍ୟ ଶ୍ରୀଗୁରୁଦେବଙ୍କ ଶକ୍ତି ସମସ୍ତ ଜୀବଙ୍କ ଅନ୍ତର୍ଜଗତକୁ ଧାରଣ କରି ରଖିଛି । ମହାପୁରୁଷ ବା ଶ୍ରୀଗୁରୁଦେବ ନିବୃତ୍ତି

* ୧୩୩୯ ସାଲର 'ଆର୍ଯ୍ୟଦର୍ପଣ'ର ପ୍ରବନ୍ଧ ଅନୁସରଣରେ ଲିଖିତ ।

ଶକ୍ତିର ମୂର୍ତ୍ତ ବିଗ୍ରହ । ସେ ସବୁବେଳେ ଜୀବମାନଙ୍କୁ ତାଙ୍କ ଆଡ଼କୁ ଆକର୍ଷଣ କରୁଛନ୍ତି । ତେଣୁ ସେ ଆମର ଅନ୍ତରଙ୍ଗ ସୁହୃଦ । ସୃଷ୍ଟିର ପ୍ରଥମରୁ ଯେପରି ପ୍ରବୃତ୍ତିଧର୍ମଶୀଳ ଜୀବପ୍ରବାହ ଅବିରାମ ଗତିରେ ଚଳିଆସୁଛି; ସେହିପରି ନିବୃତ୍ତିଧର୍ମଶୀଳ ମହାପୁରୁଷ-ମାନେ ମଧ୍ୟ ଜଗତରେ ଆବିର୍ଭୂତ ହୋଇ ଜଗତକୁ ପୂତ, ପବିତ୍ର ଓ ଧନ୍ୟ କରୁଛନ୍ତି । ସୃଷ୍ଟି-ପ୍ରବାହ ରକ୍ଷା ନିମିତ୍ତ ଯେପରି ପ୍ରକୃତିଶକ୍ତିର ଏକାନ୍ତ ଆବଶ୍ୟକ, ସେହିପରି ସୃଷ୍ଟିକୁ ସୁନ୍ଦର, ଶାନ୍ତିମୟ ଓ ଗୌରବାନ୍ୱିତ କରିବା ନିମିତ୍ତ ନିବୃତ୍ତିଶକ୍ତିର ମଧ୍ୟ ଏକାନ୍ତ ଆବଶ୍ୟକ । ଜଗତର ପ୍ରାକୃତ ଜୀବପ୍ରବାହ ସଙ୍ଗେ ସଙ୍ଗେ ଅପ୍ରାକୃତ ମହାମାନବଙ୍କ ଆବିର୍ଭାବ ବିଶ୍ୱପ୍ରକୃତିର ସ୍ୱାଭାବିକ ନିୟମ । ଏଥିପାଇଁ ଜଗତରେ ଯେତେବେଳେ ଯେଉଁଭାବର ମହାପୁରୁଷଙ୍କ ପ୍ରୟୋଜନ ହୁଏ, ସେତେବେଳେ ସେହିଭଳି ମହାପୁରୁଷ ଆବିର୍ଭୂତ ହୋଇଥାନ୍ତି । ଧର୍ମସଙ୍କଟରୁ ଜୀବମାନଙ୍କୁ ଉଦ୍ଧାର କରି ଜାତିର ଆଧ୍ୟାତ୍ମିକ ଜୀବନରେ ଯେଉଁ ମହାପୁରୁଷମାନେ ନବ ପ୍ରେରଣା ସଞ୍ଚାର କରିଛନ୍ତି, ସେମାନଙ୍କ ମଧ୍ୟରେ ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ନାମ ବିଶେଷଭାବରେ ଉଲ୍ଲେଖଯୋଗ୍ୟ ।

୧୨୮୭ ସାଲର ଝୁଲଣ ପୂର୍ଣ୍ଣମା ତିଥିରେ ନଦୀୟା ଜିଲ୍ଲାର କୁତବପୁର ଗ୍ରାମରେ କୁଳୀନ ବ୍ରାହ୍ମଣବଂଶରେ ତାଙ୍କର ଜନ୍ମ । ତାଙ୍କର ବାଲ୍ୟକାଳର ନାମ ନଳିନୀକାନ୍ତ । ପିତାଙ୍କ ନାମ ଭୁବନମୋହନ ଭଟ୍ଟାଚାର୍ଯ୍ୟ ଏବଂ ମାତାଙ୍କ ନାମ ମାଣିକ୍ୟ-ସୁନ୍ଦରୀ ଦେବୀ । ବାଲ୍ୟକାଳରେ ତାଙ୍କର ମାତୃ ବିୟୋଗ ଘଟିଲା । ସେ ମାତୁଳାଳୟ ରାଧାକାନ୍ତପୁରରେ ଥିବାରୁ ମାତାଙ୍କର ଶେଷ ଦର୍ଶନ ପାଇପାରି ନ ଥିଲେ; କିନ୍ତୁ ମା' ମୃତ୍ୟୁସମୟରେ ତାଙ୍କୁ ଜଗନ୍ମାତାଙ୍କ କୋଳରେ ସମର୍ପଣ କରିଦେଇଗଲେ । ନଳିନୀକାନ୍ତ ମାତାଙ୍କ ବାକ୍ୟ ଅନୁସାରେ ଜଗନ୍ମାତାଙ୍କ ଦର୍ଶନଲାଭ ନିମିତ୍ତ ଯେତେ ବ୍ୟାକୁଳ ହୋଇ ପ୍ରାର୍ଥନା କଲେ ମଧ୍ୟ ମା'ଙ୍କର କିମ୍ବା ଜଗନ୍ମାତାଙ୍କର ଦର୍ଶନ ପାଇଲେ ନାହିଁ । ଏହିଭାବରେ ବିଫଳ ମନୋରଥ ହୋଇ ସେ ଏକପ୍ରକାର ନାସ୍ତିକ ହୋଇଗଲେ । ଅଧିକାଂଶ ମହାପୁରୁଷଙ୍କପରି ତାଙ୍କ ପ୍ରାଥମିକ ଜୀବନ ସାଧନଶୀଳ କିମ୍ବା ଆସ୍ତିକ୍ୟବୁଦ୍ଧିସମ୍ପନ୍ନ ନ ଥିଲା; କିନ୍ତୁ ସେ ନୀତିପାଳନରୁ କେବେହେଲେ ବିଚ୍ୟୁତ ହେଉ ନ ଥିଲେ । ସେ ପିତାଙ୍କୁ ଅତିଶୟ ଭକ୍ତି କରୁଥିଲେ । ତେଣୁ ପିତାଙ୍କ ଅନୁରୋଧରେ ସେ ସୁଧାଂଶୁବାଳା ନାମ୍ନୀ ଜଣେ ପରମାସୁନ୍ଦରୀ ଗୁଣବତୀ କନ୍ୟାଙ୍କ ସହିତ ବିବାହ-ବନ୍ଧନରେ ଆବଦ୍ଧ ହେଲେ । ସୁଧାଦେବୀଙ୍କ ଅସାମାନ୍ୟ ପ୍ରଭାବରେ ପ୍ରଭାବାନ୍ୱିତ ହେବାହେତୁ ତାଙ୍କ ପୂର୍ବର

ନାସ୍ତିକଭାବ କିଞ୍ଚିତ୍ ପରିବର୍ତ୍ତିତ ହୋଇଥିଲେ ମଧ ସେ ପରକାଳସମ୍ବନ୍ଧରେ ସମ୍ପୂର୍ଣ୍ଣ ନାସ୍ତିକ ଭାବାପନ୍ନ ଥିଲେ । ସେ ଅର୍ଥୋପାର୍ଜ୍ଜନନିମିତ୍ତ ନାରାୟଣପୁର କଚେରିରେ ସୁପର୍‌ଭାଇଜର୍ କର୍ମରେ ନିଯୁକ୍ତ ଥିବା ଅବସ୍ଥାରେ ତାଙ୍କ ସ୍ତ୍ରୀଙ୍କର ଛାୟାମୂର୍ତ୍ତି ଦର୍ଶନ କଲାପରେ, ସେ ଜାଣିଲେ ଯେ ଛାୟାମୂର୍ତ୍ତି ଦର୍ଶନର ଚାରିଦଣ୍ଡ ପୂର୍ବରୁ ସ୍ତ୍ରୀ ସୁଧାଦେବୀଙ୍କର ମୃତ୍ୟୁ ଘଟିଛି ।

ସୁଧାଦେବୀଙ୍କର ଅଶରୀରୀ ମୂର୍ତ୍ତି ଦର୍ଶନପରେ ନଳିନୀକାନ୍ତଙ୍କ ଜୀବନର ଆମୂଳ ପରିବର୍ତ୍ତନ ହୋଇଗଲା । ପ୍ରାଣପ୍ରିୟତମା ପତ୍ନୀ ସୁଧାଦେବୀଙ୍କ ବିୟୋଗରେ ସେ ଦାରୁଣ ଆଘାତପ୍ରାପ୍ତ ହେଲେ ମଧ ପରକାଳର ଅସ୍ତିତ୍ୱ ସମ୍ବନ୍ଧରେ ତାଙ୍କ ଧାରଣା ଦୃଢ଼ମୂଳ ହେଲା । ସେ ଭାବିଲେ ଯେ, ମୃତ୍ୟୁ ହିଁ ମାନବ ଜୀବନର ଶେଷ ନୁହେଁ ! ଏହି ଇନ୍ଦ୍ରିୟଗ୍ରାହ୍ୟ ଜଗତ୍ ଅନ୍ତରାଳରେ ଆଉ ଗୋଟିଏ ଜଗତ୍ ଅଛି । ତାହାର ସ୍ୱରୂପ ଜାଣିବାକୁ ହେବ । ଇହଲୋକରେ ଥାଇ ପରଲୋକ ସହିତ ଯୋଗସୂତ୍ର ସ୍ଥାପନ କରିବାକୁ ପଡ଼ିବ । ସେହି ତତ୍ତ୍ୱ ଉପଲବ୍‌ଧି ନିମିତ୍ତ ସେ ଦୃଢ଼ନିଶ୍ଚୟ ହୋଇ ନାନା ସ୍ଥାନ ବୁଲି ଅନୁସନ୍ଧାନ କରି ମାନ୍ଦ୍ରାଜର ଥିଓସଫି ସଂପ୍ରଦାୟରେ ଯୋଗଦାନ କଲେ ଏବଂ ତାଙ୍କର ତତ୍‌କାଳୀନ ଆଚାର୍ଯ୍ୟଙ୍କଠାରୁ ପରଲୋକଗତ ଆତ୍ମା ଆନୟନର କୌଶଳ ଶିକ୍ଷା କରି ସମ୍ମୋହିତ ବ୍ୟକ୍ତି (Medium) ସାହାଯ୍ୟରେ ପରଲୋକଗତା ପତ୍ନୀଙ୍କ ସହିତ ବାକ୍ୟାଳାପ କଲେ; କିନ୍ତୁ ପ୍ରତ୍ୟକ୍ଷ ଦର୍ଶନ ନ ହେବାରୁ ସେ ମୃତ ପତ୍ନୀଙ୍କ ଦର୍ଶନନିମିତ୍ତ ଅନୁସନ୍ଧାନରେ ବ୍ୟାପୃତ ହେଲେ । ଏହିସମୟରେ ପ୍ରସିଦ୍ଧ ସାଧୁ ସ୍ୱାମୀ ପୂର୍ଣ୍ଣାନନ୍ଦଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ପୂର୍ଣ୍ଣାନନ୍ଦଙ୍କ ଉପଦେଶବାଣୀରେ ସେ ଉଦ୍‌ବୁଦ୍ଧ ହେଲେ ଏବଂ ତାଙ୍କର ପ୍ରକୃତ ଆଧ୍ୟାତ୍ମିକ ଜୀବନର ସୂତ୍ରପାତ ହେଲା । ସ୍ୱାମୀଜୀ ଉପଦେଶ ଦେଲେ ଯେ "ତୁମର ସ୍ତ୍ରୀ, ଏପରି କି ନାରୀ ମାତ୍ରକେ ଆଦ୍ୟାଶକ୍ତି ମହାମାୟାଙ୍କର ଛାୟା ମାତ୍ର । ତୁମେ ଛାୟାର ସନ୍ଧାନରେ ବ୍ରତୀ ନ ହୋଇ ମହାଶକ୍ତିଙ୍କ ସାଧନାରେ ବ୍ରତୀ ହୁଅ । ତାହାହେଲେ ତୁମର ସର୍ବାର୍ଥ ସିଦ୍ଧ ହେବ । ତୁମେ ଉପଯୁକ୍ତ ସଦ୍‌ଗୁରୁ ଅନୁସନ୍ଧାନ କରି ତାଙ୍କଠାରୁ ମହାଶକ୍ତିଙ୍କ ସାଧନା ଅବଗତ ହୁଅ; ମୁଁ ତୁମର ଗୁରୁ ନୁହେଁ; ତୁମର ଗୁରୁ ନିର୍ଦ୍ଦିଷ୍ଟ ଅଛନ୍ତି ।"

ସଦ୍‌ଗୁରୁ ଲାଭ ସହଜସାଧ୍ୟ ନୁହେଁ । ପ୍ରାଣର ଐକାନ୍ତିକ ବ୍ୟାକୁଳତା, ପ୍ରଚଣ୍ଡ ଅଧ୍ୟବସାୟ ଓ ଦୃଢ଼ ପ୍ରତିଜ୍ଞାଫଳରେ ସଦ୍‌ଗୁରୁ ଶିଷ୍ୟଙ୍କୁ ବୀଜମନ୍ତ୍ର ପ୍ରଦାନ କରନ୍ତି । ନଳିନୀକାନ୍ତଙ୍କ ଐକାନ୍ତିକ ପ୍ରାର୍ଥନାଫଳରେ ତାଙ୍କ ଶୟନ କକ୍ଷର ରୁଦ୍ଧଦ୍ୱାରଭେଦପୂର୍ବକ

ଜଣେ ଦିବ୍ୟ ଜ୍ୟୋତିର୍ମ୍ମୟ ମହାପୁରୁଷଙ୍କର ଆବିର୍ଭାବ ହେଲା । 'ବତ୍ସ ! ମନ୍ତ୍ର ନିଅ' କହି ବିଲ୍ୱପତ୍ରରେ ରକ୍ତଚନ୍ଦନଲିଖିତ ଗୋଟିଏ ବୀଜମନ୍ତ୍ର ପ୍ରଦାନପୂର୍ବକ ସେହି ଦିବ୍ୟପୁରୁଷ ଅନ୍ତର୍ହିତ ହେଲେ । ନଳିନୀକାନ୍ତ ବ୍ୟାକୁଳଭାବରେ ମନ୍ତ୍ରଜପର ପ୍ରଣାଳୀ ଶିକ୍ଷା କରିବାନିମିତ୍ତ ସେହି ମହାପୁରୁଷଙ୍କ ଅନୁସନ୍ଧାନରେ ବ୍ୟାପୃତ ହେଲେ; କିନ୍ତୁ କୌଣସିଠାରେ ତାଙ୍କର ସନ୍ଧାନ ପାଇଲେ ନାହିଁ । ତେଣୁ ବ୍ୟାକୁଳ ଚିତ୍ତରେ ଆତ୍ମହତ୍ୟା କରିବାର ସଂକଳ୍ପ କରି ଶୟନ କରିଥିବାବେଳେ ତାଙ୍କୁ ପ୍ରତ୍ୟାଦେଶ ହେଲା ଯେ, "ତୁମେ ବୀରଭୂମ ଜିଲାର ତାରାପୁର ଗ୍ରାମରେ ତାରାପୀଠରେ ଥିବା ବାମାକ୍ଷେପାଙ୍କ ନିକଟକୁ ଯାଅ— ତୁମର ଅଭୀଷ୍ଟ ସିଦ୍ଧ ହେବ ।"

ସେ ବୀରଭୂମ ତାରାପୀଠରେ ସାଧକ ବାମାଚରଣଙ୍କ ନିକଟରୁ ମନ୍ତ୍ରର ସାଧନ ପ୍ରଣାଳୀ ଶିକ୍ଷା କରି ଅଳ୍ପଦିନ ମଧ୍ୟରେ ତାନ୍ତ୍ରିକ ସାଧନାରେ ସିଦ୍ଧି ଲାଭପୂର୍ବକ ମହାଶକ୍ତି ତାରାଦେବୀଙ୍କୁ ନିଜ ସହଧର୍ମିଣୀ ସୁଧାଦେବୀଙ୍କ ମୂର୍ତ୍ତିରେ ଦର୍ଶନ କଲେ ଏବଂ ତାଙ୍କ ସହିତ ବାକ୍ୟାଳାପ କରି ଶାନ୍ତି ଲାଭ କଲେ ମଧ୍ୟ ତାଙ୍କୁ ସ୍ପର୍ଶ କରିବାକୁ ଅକ୍ଷମ ହେବାରୁ ମନରେ ସିଦ୍ଧିସମ୍ବନ୍ଧରେ ସନ୍ଦେହ ଜାତ ହେଲା । ତତ୍‌ପରେ ସେ ବାମାକ୍ଷେପାଙ୍କ ଆଦେଶରେ ପୁନରାୟ ସନ୍ନ୍ୟାସୀଗୁରୁଙ୍କ ଅନୁସନ୍ଧାନରେ ବ୍ରତୀ ହୋଇ ଜ୍ଞାନୀଗୁରୁ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ଆଶ୍ରୟରେ ରହି ଜ୍ଞାନସାଧନାରେ ସିଦ୍ଧି ଲାଭ କଲେ ଏବଂ ତାଙ୍କ କୃପାରୁ ନିଗମ ନିଗୂଢ଼ ରହସ୍ୟ ଅତି ଅଳ୍ପଦିନ ମଧ୍ୟରେ ହୃଦୟଙ୍ଗମ କରିଥିବାହେତୁ ଗୁରୁ ତାଙ୍କ ନାମ ଦେଲେ 'ନିଗମାନନ୍ଦ' ।

ଜ୍ଞାନତତ୍ତ୍ୱକୁ ନିଜ ଜୀବନରେ ଉପଲବ୍ଧି କରିବାନିମିତ୍ତ ସେ ଯୋଗୀଗୁରୁ ଅନୁସନ୍ଧାନରେ ବ୍ରତୀ ହୋଇ ସ୍ୱାମୀ ସୁମେରୁ ଦାସ ମହାରାଜଙ୍କୁ ଯୋଗୀଗୁରୁଭାବରେ ଲାଭ କରି ତାଙ୍କ କୃପାରୁ ଯୋଗସାଧନାରେ ସିଦ୍ଧମନୋରଥ ହେଲେ । ତତ୍ପରେ କୁମ୍ଭମେଳାରେ ସମବେତ ସାଧୁମଣ୍ଡଳୀ ତାଙ୍କ ଗୁରୁଭକ୍ତିରେ ମୁଗ୍ଧ ହୋଇ ତାଙ୍କୁ 'ପରମହଂସ' ଉପାଧି ପ୍ରଦାନ କଲେ ।

ଏହାପରେ ସେ ନିର୍ବିକଳ୍ପ ସମାଧିଲାଭପୂର୍ବକ ଗୁରୁଭାବରେ ଜଗତ୍‌କୁ ପ୍ରତ୍ୟାଗମନ କଲେ । ତତ୍ପରେ ସିଦ୍ଧ ଅବସ୍ଥାରେ ଜଗତ୍‌କୁ କିଭଳି ଦୃଷ୍ଟିରେ ଦେଖି ସେବାପରାୟଣ ହେବେ, ସେହି ତତ୍ତ୍ୱ ଜାଣିବାନିମିତ୍ତ ପ୍ରେମସିଦ୍ଧା ଯୋଗିନୀ ଗୌରୀ ମା'ଙ୍କଠାରୁ ଭାବତତ୍ତ୍ୱ ଶିକ୍ଷା କରି ତାଙ୍କ କୃପାରୁ ପ୍ରେମସାଧନାରେ ମଧ୍ୟ ସିଦ୍ଧି ଲାଭ କରିଥିଲେ । ଏହାପରେ ଗୁରୁ ସଚ୍ଚିଦାନନ୍ଦ ତାଙ୍କୁ ଗୁରୁଦକ୍ଷିଣାସ୍ୱରୂପ ଗୁରୁଭାର ଅର୍ପଣ

କଲେ । ସେ ଗୁରୁଭାବରେ ପ୍ରତିଷ୍ଠିତ ହୋଇ ଯେତେବେଳେ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ, ସେତେବେଳେ ଦେଶର ଅବସ୍ଥା ଅତୀବ ଶୋଚନୀୟ ଥିଲା । ତ୍ୟାଗ-ବୈରାଗ୍ୟର ବାଣୀ ସାଧାରଣଙ୍କ ନିକଟରେ ଉପେକ୍ଷିତ, ଅନାଦୃତ । ଭୋଗର ଆପାତ-ମନୋରମ ଦୃଶ୍ୟରେ ସମସ୍ତେ ମୁଗ୍ଧ । ଏହିପରି ଦୃଶ୍ୟମାନ ରୂପରସମୟ ଜଗତ୍‌ରୁ କିଭଳି ଭୋଗର ଉପକରଣ ସହଜରେ ମିଳିପାରିବ, ତାହା ହିଁ ଥିଲା ଅଧିକାଂଶଙ୍କ ମତ । ଦେଶର ଅବସ୍ଥା ଯେତେବେଳେ ଏହିଭଳି ଶୋଚନୀୟ, ସେହି ସମୟରେ ସେ ସାଧନ-ଜଗତ୍‌ରୁ ଏହି ପାପପଙ୍କିଳ ଜଗତ୍‌କୁ ଗୁରୁଭାବ ନେଇ ଅବତରଣ କଲେ । ସେ ଦେଖିଲେ, ଦେଶର ତତ୍‌କାଳୀନ ଅବସ୍ଥାରେ ଯଦି ତ୍ୟାଗ ବୈରାଗ୍ୟର ବାଣୀ ପ୍ରଚାର କରି ଜଗତକୁ ଅନିତ୍ୟ ପ୍ରତିପନ୍ନ କରିବାକୁ ଚେଷ୍ଟା କରିବେ, ତେବେ କେହି ତାଙ୍କ ନିକଟକୁ ଆସିବେ ନାହିଁ । ଯଦି କେହି ତାଙ୍କ ନିକଟକୁ ନ ଆସନ୍ତି, ତେବେ ତାଙ୍କ ଉପଲବ୍ଧ ସାଧନ-ସତ୍ୟ ସେ ସାଧାରଣରେ ବିତରଣ କରିପାରିବେ ବା କିପରି ? ତେଣୁ ସେ ଗୋଟିଏ ଉପାୟ ଅବଲମ୍ବନ କଲେ । ସେ ଯେଉଁସବୁ ସାଧନ-ସମ୍ପଦ ଲାଭ କରିଥିଲେ, ତାହାର ଅବାନ୍ତର ଫଳସ୍ୱରୂପ ତାଙ୍କର ଯେଉଁ ଅଲୌକିକ ଶକ୍ତି ଲାଭ ହୋଇଥିଲା, ସେ ସେହି ସମସ୍ତ ଶକ୍ତିକୁ ଏହି କ୍ଷେତ୍ରରେ ପ୍ରୟୋଗ କରିବାକୁ ଆରମ୍ଭ କଲେ । ତାଙ୍କର ଅଲୌକିକ ତପଃଶକ୍ତିପ୍ରଭାବରେ କେତେ ନିର୍ଦ୍ଧନ ଧନର ସନ୍ଧାନ ପାଇଲେ, କେତେ ନିଃସନ୍ତାନ ସନ୍ତାନ ଲାଭ କଲେ, କେତେ ଜଟିଳ ରୋଗଗ୍ରସ୍ତ ବ୍ୟକ୍ତି ରୋଗମୁକ୍ତ ହୋଇ ଧନ୍ୟ ହେଲେ । ଏହିଭାବରେ ସେ ଦେଶର ଜଣେ ଅଲୌକିକ ଶକ୍ତିସମ୍ପନ୍ନ ସାଧୁ ବୋଲି ପରିଚିତ ହେଲେ । ଧନୀ-ନିର୍ଦ୍ଧନ, ପଣ୍ଡିତ-ମୂର୍ଖ ସମସ୍ତେ ନିଜ ନିଜର ଅଭୀପ୍‌ସିତ ବସ୍ତୁଲାଭ-ନିମିତ୍ତ ତାଙ୍କ ଆଡ଼କୁ ଧାବିତ ହେଲେ । ସେ ସମସ୍ତଙ୍କ ମନୋବାସନା ପୂର୍ଣ୍ଣ କଲେ; କିନ୍ତୁ ସେ କାମ-କାମନାକଳୁଷିତ ମୋହାଚ୍ଛନ୍ନ ମାନବର ଐହିକ ଭୋଗସୁଖ କାମନା ଏତେ ପ୍ରବଳ ଦେଖିଲେ ଯେ, ନିତ୍ୟବସ୍ତୁର ପ୍ରସଙ୍ଗ ଉତ୍‌ଥାପନ କରିବାର ଅବସର ସୁଦ୍ଧା ପାଇଲେ ନାହିଁ । ଦିନେ ତାଙ୍କର ଯୋଗଶିକ୍ଷାଦାତା ଗୁରୁଦେବ ତାଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, ''ମୁଁ ତୋତେ ବ୍ରହ୍ମବିଦ୍ୟା ବିତରଣନିମିତ୍ତ ଭାର ଅର୍ପଣ କରି ଲୋକାଳୟକୁ ପ୍ରେରଣ କଲି, ତୁ ସେମାନଙ୍କୁ କେବଳ ଅବିଦ୍ୟା ବିତରଣ କରି ଭବବନ୍ଧନରେ ଆବଦ୍ଧ କରି ରଖୁଛୁ ! ତୁ ଏସବୁ ଶୀଘ୍ର ଛାଡ଼ିଦେଇ ସତ୍ୟର ବିମଳ ଆଲୋକରେ ଅଜ୍ଞାନାଚ୍ଛନ୍ନ ମାନବର ମୋହ-ଅନ୍ଧକାର ନାଶକର । ସ୍ତୁତି-ନିନ୍ଦା ପ୍ରତି ଲକ୍ଷ୍ୟ ନରଖି ବ୍ରହ୍ମଭାବରେ ଅନୁପ୍ରାଣିତ ହୋଇ କେବଳ ଆତ୍ମଜ୍ଞାନ ପ୍ରଦାନ କର ।''

ଏହାପରେ ସେ ସାଧନ ସମ୍ପଦ ବିତରଣ କରିବାନିମିତ୍ତ ଲୋକାଳୟକୁ ଆସି ଦେଖିଲେ ଯେ, ସଦ୍‌ଗୁରୁଙ୍କ ନିର୍ଦ୍ଦିଷ୍ଟ ପନ୍ଥାରେ ସାଧନା କରିବା, ଏପରି କି ତାଙ୍କ ବାଣୀକୁ କାର୍ଯ୍ୟକାରୀ କରିବା ନିମିତ୍ତ ସାଧାରଣଙ୍କ ମଧ୍ୟରେ ଶକ୍ତି, ଉଦ୍ୟମ, ସାହସ, ଧୈର୍ଯ୍ୟ, ତିତିକ୍ଷା, ସଂଯମ ଏବଂ ଅଧ୍ୟବସାୟ ନାହିଁ । ହିନ୍ଦୁଧର୍ମର ମୂଳଭିତ୍ତି ବ୍ରହ୍ମଚର୍ଯ୍ୟ-ଆଶ୍ରମ ଅଭାବରୁ ଗୃହସ୍ଥମାନେ ମଧ୍ୟ ବିପଥଗାମୀ । ତେଣୁ ସେ ଆଦର୍ଶ ଜୀବନ ଗଠନ ନିମିତ୍ତ 'ଯୋଗୀଗୁରୁ', 'ବ୍ରହ୍ମଚର୍ଯ୍ୟ ସାଧନ', 'ଜ୍ଞାନୀଗୁରୁ', 'ତାନ୍ତ୍ରିକଗୁରୁ' ଓ 'ପ୍ରେମିକଗୁରୁ' ଗ୍ରନ୍ଥ ପ୍ରକାଶ କରି ବିଭିନ୍ନ ମତବାଦ ମଧ୍ୟରେ ସମନ୍ୱୟ ସାମଞ୍ଜସ୍ୟ ପ୍ରତିଷ୍ଠା କଲେ ଏବଂ ଯେଉଁମାନେ ନିବୃତ୍ତି ପଥରେ ଗତି କରିବାନିମିତ୍ତ ତାଙ୍କଠାରେ ଆତ୍ମସମର୍ପଣ କଲେ, ସେମାନଙ୍କୁ ନେଇ 'ସାରସ୍ୱତ ମଠ' ପ୍ରତିଷ୍ଠାପୂର୍ବକ କିଭଳି ସେମାନଙ୍କ ପ୍ରବୃତ୍ତିକୁ ନିବୃତ୍ତି ଅଭିମୁଖୀ କରିବେ, ସେଥିନିମିତ୍ତ 'ଆର୍ଯ୍ୟଦର୍ପଣ' ନାମକ ମାସିକ ପତ୍ରିକା ପ୍ରକାଶ କରି ତାହାମାଧ୍ୟମରେ ଏବଂ ବିଭିନ୍ନ ସ୍ଥାନକୁ ପତ୍ରାଦି ପ୍ରେରଣ କରି ଓ ନାନା ସ୍ଥାନରେ ନିଜ ଶ୍ରୀମୁଖନିସୃତ ବାଣୀ ଦ୍ୱାରା ତାଙ୍କ ଶିଷ୍ୟ, ଭକ୍ତ ଏବଂ ସାଧାରଣଙ୍କ ମଧ୍ୟରେ ନିବୃତ୍ତିଧର୍ମର ପ୍ରତିଷ୍ଠା ନିମିତ୍ତ ଯେଉଁସବୁ ଉପଦେଶ ପ୍ରଦାନ କଲେ, ସେଥିମଧ୍ୟରୁ କେତେକ ଏହି ଗ୍ରନ୍ଥରେ ସନ୍ନିବେଶ କରାଯାଇଛି ।

ଶ୍ରୀ ଶ୍ରୀ ଠାକୁର ନାନାଭାବରେ ଭାରତର ଅନ୍ତର୍ମୁଖୀ ସାଧନା ଅର୍ଥାତ୍— ଆଧ୍ୟାତ୍ମିକ ଶକ୍ତିର ବିକାଶ ନିମିତ୍ତ ବିବିଧ ଯତ୍ନ କରି ଶେଷରେ ତାଙ୍କର ସମଗ୍ର ଜୀବନବ୍ୟାପୀ ପରିଶ୍ରମର ଫଳସ୍ୱରୂପ 'ସାରସ୍ୱତ ମଠ' ଓ ତଦନ୍ତର୍ଗତ ଆଶ୍ରମସମୂହ ଏବଂ ପୁସ୍ତକାବଳୀର ଆୟ ଗୋଟିଏ ଅର୍ପଣନାମାବଳରେ ସନ୍ନ୍ୟାସୀ ଓ ଗୃହୀ ଭକ୍ତମାନଙ୍କୁ ସମର୍ପଣ କରି ଶେଷ ଜୀବନର ଅବଶିଷ୍ଟାଂଶ ସମୟ ପୁରୀଧାମସ୍ଥ ସ୍ୱର୍ଗଦ୍ୱାର **ନୀଳାଚଳ କୁଟୀର**ରେ ନିର୍ଜ୍ଜନରେ ଅବସ୍ଥାନ କରିବାକୁ ଲାଗିଲେ । ଏହି ସମୟରେ ତତ୍‌କାଳୀନ ଉତ୍କଳୀୟ ଶିଷ୍ୟ ଭକ୍ତମାନଙ୍କୁ ସଂଘବଦ୍ଧ କରି ତାଙ୍କ ଭାବଧାରା ଉତ୍କଳରେ ପ୍ରଚାର ନିମିତ୍ତ ନିର୍ଦ୍ଦେଶ ଦେଇ ସ୍ୱହସ୍ତରେ **ନୀଳାଚଳ ସାରସ୍ୱତ ସଂଘ** ପ୍ରତିଷ୍ଠା କଲେ । ଏହାପରେ ଇଂରାଜୀ ୧ ୯୩୫ ମସିହା ନଭେମ୍ବର ମାସରେ କଲିକତା ମହାନଗରୀରେ ଦେହରକ୍ଷାକଲେ । ସେ ଅଦେହୀ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଗୁରୁରୂପରେ ନିତ୍ୟବର୍ତ୍ତମାନ ରହି ଶିଷ୍ୟ, ଭକ୍ତମାନଙ୍କୁ ପରିଚାଳନା କରୁଛନ୍ତି । ନୂତନ ଭକ୍ତମାନେ ତାଙ୍କ ପ୍ରତିଷ୍ଠିତ ସଂଘମାଧ୍ୟମରେ ଗତି କରି ତାଙ୍କ ନାମରୂପର ସ୍ମରଣ ଓ ତାଙ୍କ ପ୍ରସଙ୍ଗ ଆଲୋଚନା ଦ୍ୱାରା କିଭଳି ତାଙ୍କୁ ବର୍ତ୍ତମାନ ସୁଦ୍ଧା ଲାଭ କରିପାରିବେ,

ସେସବୁର ବହୁବିଧ ଉପଦେଶ ମଧ୍ୟ ଏହି ଗ୍ରନ୍ଥରେ ବିଭିନ୍ନ ଅଧ୍ୟାୟରେ ସନ୍ନିବେଶିତ ହୋଇଅଛି ।

ଶ୍ରୀଶ୍ରୀ ଠାକୁର ମହାରାଜ ସର୍ବଦା ଗୁରୁଭାବରେ ଅଧିଷ୍ଠିତ ଥାଇ ଯେଉଁ ଉପଦେଶାବଳୀ ପ୍ରଦାନ କରିଯାଇଛନ୍ତି, ତାଙ୍କ ଅବର୍ତ୍ତମାନରେ ସେହି ଉପଦେଶଗୁଡ଼ିକୁ ଗୁରୁଙ୍କଭଳି ସମ୍ମାନ ପ୍ରଦର୍ଶନ କରି ତାଙ୍କ ପ୍ରଦର୍ଶିତ ପନ୍ଥାରେ ଗତି କଲେ ସହଜରେ ଚିତ୍ତ ଶୁଦ୍ଧଭାବ ଧାରଣ କରିବ । ଶ୍ରୀଗୁରୁଦେବଙ୍କଠାରେ ଏବଂ ଶାସ୍ତ୍ରବାକ୍ୟରେ ଶ୍ରଦ୍ଧାସମ୍ପନ୍ନ ହୋଇ ସାଧନା କଲେ ସେଥିରେ ଶ୍ରୀଗୁରୁଦେବଙ୍କ ଶକ୍ତି ସଞ୍ଚାରିତ ହୋଇଥାଏ । ମୁକ୍ତବ୍ୟକ୍ତି ଈଶ୍ୱରଙ୍କ ଭାବପ୍ରାପ୍ତ ହୋଇଥାନ୍ତି । ତେଣୁ ଜୀବନ୍ମୁକ୍ତ ଗୁରୁଦେବଙ୍କ ବାକ୍ୟ ମଧ୍ୟ ବେଦବାକ୍ୟଭଳି ମାନ୍ୟ । ସେ ଗୁରୁଜ୍ଞାନରେ ଜୀବସେବାକୁ ଶ୍ରେଷ୍ଠ ବୋଲି ମନେକରି ସେହି ଅନୁସାରେ ଚଳିବାକୁ ଉପଦେଶ ପ୍ରଦାନ କରିଛନ୍ତି । ସେବାଦ୍ୱାରା ପ୍ରଥମେ ଆତ୍ମବିସର୍ଜନ ଓ ତା'ପରେ ଆତ୍ମପ୍ରତିଷ୍ଠା ହୋଇଥାଏ ଅର୍ଥାତ୍ ଜୀବତ୍ୱର ନିରସନରେ ଶିବତ୍ୱର ପ୍ରତିଷ୍ଠା ହୁଏ । ଭକ୍ତିହୀନ ଜ୍ଞାନ ଓ ଜ୍ଞାନହୀନ ଭକ୍ତି ଅସମ୍ପୂର୍ଣ୍ଣ । ଜ୍ଞାନୀ କେବଳ ବ୍ରହ୍ମଙ୍କର ଚିତ୍ ଅଂଶ ଓ ଭକ୍ତ କେବଳ ଆନନ୍ଦ ଅଂଶ ଗ୍ରହଣ କରିଥାନ୍ତି, କିନ୍ତୁ ଜ୍ଞାନୀଭକ୍ତ ବ୍ରହ୍ମଙ୍କର ସତ୍-ଚିତ୍-ଆନନ୍ଦ ଅଂଶତ୍ରୟ ପରିପୂର୍ଣ୍ଣ ଭାବରେ ଅବଗତ ହୋଇପାରନ୍ତି । ତେଣୁ କିଭଳି ଏକାଧାରରେ ତାଙ୍କର ଶିଷ୍ୟ ଭକ୍ତମାନେ ଜ୍ଞାନ, ଭକ୍ତି ଉଭୟ ଲାଭ କରିପାରିବେ, ସେ ସମ୍ବନ୍ଧରେ ସେ ବହୁବିଧ ଉପଦେଶ ପ୍ରଦାନ କରିଛନ୍ତି । ଏହିସବୁ ଉପଦେଶମଧ୍ୟରୁ କେତେକ ଏହି ପୁସ୍ତକରେ ପ୍ରଦତ୍ତ ହୋଇଅଛି ।

ଯେତେପ୍ରକାର ଉପାସନା ଅଛି, ସଦ୍‌ଗୁରୁଙ୍କ ଉପାସନା ସବୁଠାରୁ ଶ୍ରେଷ୍ଠ । ସବୁ ପ୍ରକାର ଭକ୍ତିଠାରୁ ଗୁରୁଭକ୍ତିକୁ ଶ୍ରେଷ୍ଠାସନ ପ୍ରଦାନ କରାଯାଇଛି । ତାଙ୍କୁ ଟିକିଏ ସୁଖ ପାଇ ତାଙ୍କ ପ୍ରଦର୍ଶିତ ପନ୍ଥାରେ ଗତି କଲେ ସର୍ବାର୍ଥ ସିଦ୍ଧିହେବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା ।

ଭଗବାନ୍‌ଙ୍କ କୃପାରୁ ଶିଷ୍ୟମାନଙ୍କର ଗୁରୁଭକ୍ତି ଲାଭ ହୋଇଥାଏ । ତେଣୁ ଭଗବଦ୍ ଭକ୍ତି ଓ ଗୁରୁ ଭକ୍ତି ମଧ୍ୟରେ ନିତ୍ୟସମ୍ବନ୍ଧ ବିଦ୍ୟମାନ ।

''ହରୌ ତୁଷ୍ଟେ ଗୁରୁସ୍ତୁଷ୍ଟୋ ଗୁରୋ ତୁଷ୍ଟେ ଜଗତ୍ତ୍ରୟଂ ।''

— ନାରଦ ପଞ୍ଚରାତ୍ର

ଅର୍ଥାତ୍ ହରି ତୁଷ୍ଟ ହେଲେ ଗୁରୁ ତୁଷ୍ଟ ହୁଅନ୍ତି ଏବଂ ଗୁରୁ ତୁଷ୍ଟ ହେଲେ ତ୍ରିଜଗତ୍ ତୁଷ୍ଟ ହୁଅନ୍ତି । ଶ୍ରୀଗୁରୁଦେବଙ୍କ ଚରଣତଳେ ଭକ୍ତିମାନ ଶିଷ୍ୟ ପ୍ରକୃତ ଭଗବତ୍‌ସେବାର ଅଧିକାରପ୍ରାପ୍ତ ହୁଅନ୍ତି । "ତତୋ ଭକ୍ତିମାନଧିକୃତୋ ଗୁରୌ ହରୌ ।" (ନାରଦ ପଞ୍ଚରାତ୍ର) ଯେଉଁସମୟରେ ସଦ୍‌ଗୁରୁଙ୍କ କୃପାକଟାକ୍ଷ ଲାଭ ହୁଏ, ସେହି ସମୟରେ ଭଗବତ୍ କଥା ଶ୍ରବଣ ଓ ଧ୍ୟାନାଦି ବିଷୟରେ ଭକ୍ତଙ୍କ ମନରେ ଶ୍ରଦ୍ଧାର ଉଦୟ ହୋଇଥାଏ । ଯଦା ସଦ୍‌ଗୁରୁ କଟାକ୍ଷୋ ଭବତି କଥା-ଶ୍ରବଣ-ଧ୍ୟାନାଦ୍ୟୌ ଶ୍ରଦ୍ଧା ଜାୟତେ ।"

(ମହାନାରାୟଣ ଉପନିଷଦ—୫ମ ଅଧ୍ୟାୟ)

ତେଣୁ ଶିଷ୍ୟ, ଭକ୍ତମାନେ ଶ୍ରୀଗୁରୁଦେବଙ୍କ ବାକ୍ୟ ପ୍ରତି ଶ୍ରଦ୍ଧାସମ୍ପନ୍ନ ହେଲେ ତାଙ୍କର ଅନନ୍ତ ଜ୍ଞାନରାଶି ସେହି ଶିଷ୍ୟମାନଙ୍କ ଭିତରେ ସଞ୍ଚାରିତ ହୋଇଥାଏ । ଯାହାଙ୍କ ବାକ୍ୟଦ୍ୱାରା ମନରେ ନିଶ୍ଚୟାତ୍ମିକା ବୃତ୍ତିର ଉଦୟହୁଏ, ତାଙ୍କୁ ହିଁ ସଦ୍‌ଗୁରୁ କୁହାଯାଏ । ଗୁରୁସେବା ଓ ଗୁରୁବାକ୍ୟ ପ୍ରତିପାଳନଦ୍ୱାରା ଆତ୍ମସମ୍ମାନର ବିନ୍ଦୁମାତ୍ର ଅପଚୟ ହୁଏ ନାହିଁ । ସେଥିରେ ଶିଷ୍ୟମାନଙ୍କର ବ୍ୟକ୍ତିତ୍ୱ କେବେହେଲେ ନଷ୍ଟ ହୁଏ ନାହିଁ । ବର୍ତ୍ତମାନ ଯୁଗରେ ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ପ୍ରଭୃତି ଦୈବୀଗୁଣଗୁଡ଼ିକ କ୍ରମେ ଲୋପ ପାଇଯାଉଛି । ଶାସ୍ତ୍ରରେ ଅଛି ଗୁରୁ, ବେଦ, ମନ୍ତ୍ର, ତୀର୍ଥ, ମହାପୁରୁଷ ଓ ଔଷଧ ଏହିସବୁ ପ୍ରତି ଯାହାଙ୍କର ଯେପରି ବିଶ୍ୱାସ, ସେ ସେହିଭଳି ଫଳ ପାଇଥାନ୍ତି । ଶ୍ରଦ୍ଧା ଅର୍ଥ ଆସ୍ତିକ୍ୟ ବୁଦ୍ଧି । ସଦ୍‌ଗୁରୁଙ୍କ ପ୍ରତି ଅଚଳ, ଅଟଳ ବିଶ୍ୱାସ ହିଁ ସିଦ୍ଧିଲାଭର ପ୍ରଧାନ ଉପାୟ । ଶ୍ରୀଗୁରୁଦେବ ନିତ୍ୟବିଦ୍ୟମାନ – ଏହି ଆସ୍ତିକ୍ୟ ବୁଦ୍ଧି ଜାତ ହେଲେ ତାଙ୍କ ବାକ୍ୟପ୍ରତି ଶିଷ୍ୟଙ୍କର ସ୍ୱାଭାବିକ ଶ୍ରଦ୍ଧାଭକ୍ତି ଜାତ ହୁଏ । ଶ୍ରଦ୍ଧା ନ ଥିଲେ ତାଙ୍କୁ ଲାଭ କରିବାପାଇଁ ଆନ୍ତରିକ ସ୍ପୃହା ଜାତ ହୁଏ ନାହିଁ । ଆମେ ଯେଉଁ ଗୁରୁଦେବଙ୍କ ବାକ୍ୟକୁ ଶ୍ରଦ୍ଧା କରୁଛୁଁ ସେ ବର୍ତ୍ତମାନ ସୁଦ୍ଧା ଅଛନ୍ତି— ଏହି ଆସ୍ତିକ୍ୟ ବୁଦ୍ଧି ଜାତ ହେଲାମାତ୍ରେ ସାଧକମାନେ କୌଣସି ବାଧାବିଘ୍ନରେ ବିଚଳିତ ହୋଇ ଲକ୍ଷ୍ୟଚ୍ୟୁତ ହୁଅନ୍ତି ନାହିଁ । ତେଣୁ ଶ୍ରୀଗୁରୁଦେବଙ୍କ ବାକ୍ୟ ପ୍ରତି ଶ୍ରଦ୍ଧା ହିଁ ସାଧକଙ୍କର ପ୍ରାଣର ଅଟଳ କେନ୍ଦ୍ର । ତେଣୁ ଶ୍ରଦ୍ଧାବାନ ସାଧକଙ୍କର ପଥଭ୍ରଷ୍ଟ ହେବାର ଆଶଙ୍କା ରହେ ନାହିଁ । ଗୀତାରେ ଭଗବାନ୍ କହିଛନ୍ତି— 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ।' ତେଣୁ କିଭଳି ଶିଷ୍ୟ ଭକ୍ତମାନଙ୍କ ଅନ୍ତରରେ ଏହି ଶ୍ରଦ୍ଧା ଭକ୍ତି ଦୃଢ଼ ଭାବରେ ରହିପାରିବ, ଏହି ପୁସ୍ତକରେ ସେ ସମ୍ବନ୍ଧରେ ବିବିଧ ଉପଦେଶ ପ୍ରକାଶ କରାଯାଇଛି ।

ଉପଯୁକ୍ତ କ୍ଷେତ୍ର ପାଇଲେ ଲୀଳାମୟଙ୍କ ଲୀଳା ସାଧକଙ୍କଭିତର ଦେଇ ଫୁଟିଉଠେ । ପ୍ରତି ଜୀବର ଜୀବନମାଧ୍ୟମରେ ଲୀଳାମୟ ଯେଉଁ ଲୀଳା କରିବାକୁ ଇଚ୍ଛା କରନ୍ତି, ସେଥିରେ କୌଣସି ବାଧା ସୃଷ୍ଟି ନ କରିବାକୁ ହିଁ ସାଧନା କୁହାଯାଏ । ସେ

ପ୍ରତ୍ୟେକ ଆଧାର ଅବଲମ୍ବନକରି ବିକଶିତ ହେବାକୁ ଇଚ୍ଛା କରୁଛନ୍ତି, କିନ୍ତୁ ଆମେ ଅହଂ ଅଭିମାନର ବଶବର୍ତ୍ତୀ ହୋଇ ତାଙ୍କର ସେହି ଇଚ୍ଛାକୁ କାର୍ଯ୍ୟକାରୀ କରିବାରେ ବାଧା ଦେଉଅଛୁ । ତାଙ୍କ ଇଚ୍ଛା ବିରୁଦ୍ଧରେ ନିଜକୁ ପରିଚାଳିତ କଲେ ଜୀବନ ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇଯାଏ । ଯଦି କେହି କୌଣସି ସାଧନ, ଭଜନ କରିବାକୁ ଅକ୍ଷମ ହୁଅନ୍ତି, ସେ ଯଦି ଭାବନ୍ତି ଯେ, 'ସେ ଯନ୍ତ୍ରୀ, ଆମେ ଯନ୍ତ୍ର'— ଏହି ସମର୍ପଣଭାବ ଅବଲମ୍ବନ କଲେ ତାଙ୍କଦ୍ୱାରା ମହତ୍ କାର୍ଯ୍ୟ ସାଧିତ ହୋଇପାରିବ । ପ୍ରତ୍ୟେକଙ୍କ ଅନ୍ତରରେ ସେ ନିତ୍ୟ ବିରାଜିତ ଅଛନ୍ତି । ଅହଂତ୍ୱର ବିନାଶ ବା 'ମୁଁ'ର ମରଣ ହେଲେ ସାଧକ ତାହା ସ୍ପଷ୍ଟଭାବରେ ଉପଲବ୍ଧି କରିପାରିବେ । 'ମୁଁ ସାଧନା କରୁଛି' ଏହି ଅଭିମାନ ତ୍ୟାଗ କରି 'ମୋ ଭିତର ଦେଇ ସେହି ଭଗବାନହିଁ ସାଧନା କରୁଛନ୍ତି'— ଏହି ଭାବର ଦ୍ରଷ୍ଟା ହୋଇପାରିଲେ ହିଁ ମାନବର ଜୀବନ ଦିବ୍ୟଜୀବନରେ ରୂପାନ୍ତରିତ ହୋଇଯାଏ । ଏହା ଦର୍ଶନ ବିଜ୍ଞାନସମ୍ମତ ସତ୍ୟବାଣୀ । କିଭଳି ଭାବରେ ଚଳିଲେ ସାଧକ ନିଜକୁ ନିତ୍ୟଜୀବ ବୋଲି ଧାରଣା କରି ଦେହସ୍ଥିତିକାଳରେ ସେହି ଦିବ୍ୟଜୀବନ ଲାଭ କରିପାରିବେ ଏବଂ ଶ୍ରୀଗୁରୁଦେବଙ୍କ ମହତୀ ଇଚ୍ଛାର ବାହନ ହୋଇ ଜୀବନକୁ ଧନ୍ୟ କରିପାରିବେ, ତାହାର ବହୁବିଧ ଉପଦେଶ ମଧ୍ୟ ଏଥିରେ ପ୍ରଦତ୍ତ ହୋଇଅଛି ।* ଯନ୍ତ୍ରୀ ଶ୍ରୀଗୁରୁଦେବଙ୍କ ପ୍ରତି ଲକ୍ଷ୍ୟ ରଖି ନ ଚଳିଲେ ସହଜରେ ଚିତ୍ତଶୁଦ୍ଧି ଲାଭ ହୁଏ ନାହିଁ । ବୃତ୍ତି ନିରୋଧଠାରୁ ବୃତ୍ତିର ସମର୍ପଣ ସାଧନା ସହଜ ଓ ଆଶୁସିଦ୍ଧିପ୍ରଦ । 'ସେ ଆମର ପ୍ରାଣେଶ୍ୱର' ଏତିକି ଅନୁଭୂତି ଥିଲେ ଆଧ୍ୟାତ୍ମିକ ଅନୁଭୂତି କିପରି ସହଜରେ ଲାଭ ହୁଏ, ତାହାର ବିବିଧ ଉପଦେଶ ମଧ୍ୟ ଏଥିରେ ବ୍ୟକ୍ତ ହୋଇଅଛି ।

ଶ୍ରୀଗୁରୁଦେବ ହିଁ ଶିଷ୍ୟ-ଭକ୍ତମାନଙ୍କର ସମସ୍ତ ଭାର ବହନ କରିବାକୁ ସମର୍ଥ । ଏହି କାରଣରୁ ଶରଣାଗତ ହୋଇ ସାଧନ କରିବା ହିଁ ବର୍ତ୍ତମାନ ଯୁଗର ଉତ୍କୃଷ୍ଟ ପନ୍ଥା । ଏପରି କରିବା ଫଳରେ ଭଗବତ୍‌ଇଚ୍ଛା ଭକ୍ତଙ୍କ ମାଧ୍ୟମରେ ଲୀଳାୟିତ ହୋଇ ଫୁଟିଉଠେ । ଗୀତାରେ ଅର୍ଜୁନହିଁ ଆତ୍ମସମର୍ପଣ ଯୋଗୀର ଉଦାହରଣ । ସଦ୍‌ଗୁରୁ ତାଙ୍କ ଆଶ୍ରିତ ଶିଷ୍ୟ-ଭକ୍ତମାନଙ୍କୁ ଏହି ସମର୍ପଣ ସାଧନା ପ୍ରଦାନ କରି ତାହାର ମହତ୍ତ୍ୱ ସମ୍ବନ୍ଧରେ ଯେଉଁସବୁ ଅମୂଲ୍ୟ ଉପଦେଶ ବାଣୀ ପ୍ରଦାନ କରିଛନ୍ତି, ତାହା ମଧ୍ୟ ସଂଗୃହୀତ ହୋଇ ଏଥିରେ ପ୍ରକାଶ କରାଯାଇଛି ।

ଗୁରୁଭକ୍ତି ବଳରେ ଶ୍ରୀଗୁରୁଦେବଙ୍କ ଅଜ୍ଞାତସାରରେ ତାଙ୍କର ଯାବତୀୟ ଜ୍ଞାନ ନିଷ୍ଠାବାନ୍ ଶିଷ୍ୟ-ଭକ୍ତଙ୍କ ଅନ୍ତରରେ ଲୀଳାୟିତ ହୋଇଉଠେ; ମାତ୍ର ଶିଷ୍ୟମାନଙ୍କର

* ଆର୍ଯ୍ୟଦର୍ପଣ ୧୩୪୫ ସାଲ ଦ୍ରଷ୍ଟବ୍ୟ ।

ଗୁରୁଶକ୍ତି ଧାରଣର ଉପଯୁକ୍ତ ଆଧାରଥିବା ଏକାନ୍ତ ଆବଶ୍ୟକ । ତାହା ନ ହେଲେ ଶ୍ରୀଗୁରୁଦେବଙ୍କ ଅସୀମଶକ୍ତି ଧାରଣ କରିବାକୁ ଶିଷ୍ୟମାନେ କେବେହେଲେ କ୍ଷମ ହୋଇପାରିବେ ନାହିଁ । ଶିଷ୍ୟମାନଙ୍କର ନିଜର ବୋଲି ଯାହା ଅଛି ଅର୍ଥାତ୍ ନିଜର ଦେହ, ମନ, ପ୍ରାଣ ସବୁ ତାଙ୍କ ନିମିତ୍ତ ଉତ୍ସର୍ଗ କରିବାକୁ ହେବ । ଏହାକୁ ଆତ୍ମସମର୍ପଣ କୁହାଯାଏ । ଆତ୍ମସମର୍ପଣ ଭାବ ନ ଥିଲେ ଶିଷ୍ୟମାନେ କେବେହେଲେ ଶ୍ରୀଗୁରୁଦେବଙ୍କ ବାକ୍ୟକୁ ଯଥାଯଥଭାବରେ ପ୍ରତିପାଳନ କରିବାକୁ ସମର୍ଥ ହୋଇପାରିବେ ନାହିଁ । ଏହି ଜ୍ଞାନ-ବିଜ୍ଞାନ ଯୁଗରେ ପାଶ୍ଚାତ୍ୟ ସଭ୍ୟତାଦୀପ୍ତ କ୍ଷିପ୍ତବୁଦ୍ଧିସମ୍ପନ୍ନ ଯୁବକବୃନ୍ଦ ଗୁରୁଶିଷ୍ୟ ଭାବକୁ ଦାସତ୍ୱର ନାମାନ୍ତର ବୋଲି ଉପେକ୍ଷା କରିଥାନ୍ତି । ଫଳରେ ସେମାନଙ୍କ ଅହଂତ୍ୱର ବିନାଶ ହୋଇପାରେ ନାହିଁ । ବର୍ତ୍ତମାନ ଯୁଗରେ ସମ୍ମୋହନ ବିଦ୍ୟାର ଆଶ୍ଚର୍ଯ୍ୟ ଶକ୍ତି ବିଷୟରେ ସମସ୍ତେ ଅବଗତ ଅଛନ୍ତି । ସମ୍ମୋହନ ବିଦ୍ୟା ଶିକ୍ଷାର୍ଥୀଙ୍କୁ କେତେଗୁଡ଼ିଏ ନିୟମ-ସଂଯମ ମଧ୍ୟଦେଇ ଗତିକରିବାକୁ ପଡ଼େ । ଶିକ୍ଷାର୍ଥୀ ଶିଷ୍ୟମାନେ ଶିକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ପରିଚାଳିତ ହୁଅନ୍ତି । ପରେ ଆଚାର୍ଯ୍ୟ ଉପଯୁକ୍ତ ସମୟଦେଖି ଶିଷ୍ୟଙ୍କୁ ପରୀକ୍ଷା କରିଥାନ୍ତି । ସେ ପରୀକ୍ଷା ମଧ୍ୟ ଆଶ୍ଚର୍ଯ୍ୟ ଧରଣର । କାରଣ, ପ୍ରାଥମିକ ପରୀକ୍ଷାରୁ ଉତ୍ତୀର୍ଣ୍ଣ ନ ହେଲେ କାହାରିଦ୍ୱାରା ସମ୍ମୋହନ ବିଦ୍ୟା ସିଦ୍ଧ ହୋଇପାରେ ନାହିଁ । ଦୁଇଟି ଘନସନ୍ନିବିଷ୍ଟ ଭିନ୍ନ ଭିନ୍ନ କ୍ଷୁଦ୍ର କକ୍ଷବିଶିଷ୍ଟ ଗୃହ । ଗୋଟିକରେ ଆଚାର୍ଯ୍ୟପ୍ରବର ଓ ଅନ୍ୟଟିରେ ଶିକ୍ଷାର୍ଥୀ ଅବସ୍ଥାନ କରନ୍ତି । କେହି କାହାକୁ ଦେଖିପାରନ୍ତି ନାହିଁ । ରୁଦ୍ଧଦ୍ୱାର କକ୍ଷମଧ୍ୟରେ ଶିକ୍ଷାର୍ଥୀ ଉପବେଶନ କରିଥାନ୍ତି ଏବଂ ଆଚାର୍ଯ୍ୟ ଧୀରେ ଧୀରେ ଶିଷ୍ୟଙ୍କ ପ୍ରତି ଶକ୍ତିସଞ୍ଚାର ପୂର୍ବକ ଆହ୍ୱାନ କରନ୍ତି, ''ବତ୍ସ ! ଶୀଘ୍ର ମୋ ନିକଟକୁ ଆସ ।'' ଏଣେ ଶିଷ୍ୟ କିଛି ନ ଭାବି ରୁଦ୍ଧଦ୍ୱାର ଭେଦ କରି ଆଚାର୍ଯ୍ୟଙ୍କ ନିକଟରେ ଉପସ୍ଥିତ ହୁଅନ୍ତି । କିଭଳି ଏହା ଘଟେ, ତାହା ପ୍ରତ୍ୟକ୍ଷଦର୍ଶୀ ଭିନ୍ନ ଅନ୍ୟ କେହି ବିଶ୍ୱାସ କରିପାରିବେ ନାହିଁ । ଏହାର କାରଣ, ଜ୍ଞାନଲାଭନିମିତ୍ତ ଶିଷ୍ୟମାନଙ୍କର ନିଜର ଇଚ୍ଛାକୁ ଗୁରୁଦେବଙ୍କ ଇଚ୍ଛା ସହିତ ଯୁକ୍ତକରିବାକୁ ହୁଏ । ଯେଉଁମାନେ ମନେକରନ୍ତି, ସଦ୍‌ଗୁରୁଙ୍କଠାରୁ ମନ୍ତ୍ରଗ୍ରହଣ କରିବାପରେ ତାଙ୍କର ଆଉ କିଛି କର୍ତ୍ତବ୍ୟ ନାହିଁ, ଗୁରୁଦେବ ସବୁ କରିଦେବେ— ଏହା ଭାବି ସେମାନେ ପ୍ରବୃତ୍ତି ପଥରେ ନିଜକୁ ପରିଚାଳିତ କରନ୍ତି; ସେହିମାନେ ପଥଭ୍ରଷ୍ଟ ସାଧକ । ଏଥିପାଇଁ ପ୍ରଥମେ ଶିଷ୍ୟତ୍ୱର ସାଧନା କରିବା ଏକାନ୍ତ ଆବଶ୍ୟକ । ଉପଯୁକ୍ତ ଶିଷ୍ୟଙ୍କ ଭାର ଗୁରୁଦେବ ବହନ କରନ୍ତି । ଶିଷ୍ୟଙ୍କ କର୍ତ୍ତବ୍ୟ ଶେଷ ହେଲେ ଶ୍ରୀଗୁରୁଦେବଙ୍କର କର୍ତ୍ତବ୍ୟ ଆରମ୍ଭ ହୁଏ ଏବଂ ଶରଣାଗତ ଶିଷ୍ୟର ସମସ୍ତ ଦାୟିତ୍ୱ ସେ ବହନ କରନ୍ତି । ସେହି ଅବସ୍ଥାରେ

ସାଧକ ନିଶ୍ଚିନ୍ତ ମନରେ ଶ୍ରୀଗୁରୁଦେବଙ୍କ ଜୟ ଘୋଷଣା କରି କିଭଳି ମୁକ୍ତିପଥରେ ଅଗ୍ରସର ହୁଅନ୍ତି, ତାହାର ବିବିଧ ଉପଦେଶ ମଧ୍ୟ ଏଥିରେ ବିବୃତ ହୋଇଅଛି ।

ଶ୍ରୀଗୁରୁଦେବ ହିଁ ମୁକ୍ତିଦାତା, ପରାଶାନ୍ତିର ଆଶ୍ରୟ । ତାଙ୍କ ସେବାରେ ସମସ୍ତ ଦେବତା ତୁଷ୍ଟ ହୋଇଥାନ୍ତି । ଏପରି ହେଲେ ମଧ୍ୟ ଶିଷ୍ୟ-ଭକ୍ତମାନେ ଶ୍ରୀଗୁରୁଦେବଙ୍କ ପ୍ରୀତିକାମନାରେ ଅନ୍ୟାନ୍ୟ ଦେବଦେବୀ ପୂଜା କରି ଚିତ୍ତଶୁଦ୍ଧିଭାବ ଧାରଣ କରିଥାନ୍ତି । ଯେଉଁ ସାଧକ ନିର୍ବିକଳ୍ପ ଭୂମିରୁ ଗୁରୁଭାବରେ ଅବତୀର୍ଣ୍ଣ ହୋଇଛନ୍ତି, ତାଙ୍କୁ ସଦ୍‌ଗୁରୁ କୁହାଯାଏ । ସଦ୍‌ଗୁରୁଙ୍କୁ ଜ୍ଞାନପନ୍ଥୀ ବ୍ରହ୍ମଭାବରେ, ଯୋଗୀ ପରମାତ୍ମା ଭାବରେ, ଭକ୍ତ ଭଗବାନ୍ ଜ୍ଞାନରେ ଏବଂ ତାନ୍ତ୍ରିକ ସ୍ଥୂଳମୂର୍ତ୍ତିରେ ଉପାସନା କରିଥାନ୍ତି । କେବଳ ସଦ୍‌ଗୁରୁଙ୍କୁ ପ୍ରାଣ ଦେଇ ସୁଖ ପାଇପାରିଲେ, ତାଙ୍କ ନିର୍ଦ୍ଦିଷ୍ଟ କର୍ମରେ ଆତ୍ମନିୟୋଗ କଲେ ଏବଂ ତାଙ୍କ ନାମ-ରୂପର ସ୍ମରଣ-ମନନ କଲେ, ପରମା ଗତି ଲାଭ ହୋଇଥାଏ । ଶ୍ରୀରାମ ଓ ଶ୍ରୀକୃଷ୍ଣ ସ୍ଥୂଳଦେହରେ ନ ଥିଲେ ମଧ୍ୟ ଯେପରି ତାଙ୍କ ନାମ ଓ ରୂପ ଧ୍ୟାନ କରି ବହୁ ମୁନିଋଷି, ଯୋଗୀ, ତପୀ ତାଙ୍କ ଚରଣରେ ସ୍ଥାନ ଲାଭ କରି କୃତାର୍ଥ ହେଉଛନ୍ତି, ସେହିପରି ସଦ୍‌ଗୁରୁଙ୍କ ନିତ୍ୟବିଦ୍ୟମାନତା ଅନୁଭବ କରି ତାଙ୍କ ଧ୍ୟାନ ଓ ନିଷ୍କାମ କର୍ମମାଧ୍ୟମରେ ସାଧକମାନେ କିଭଳି ତତ୍‌ସ୍ୱରୂପରେ ଉପନୀତ ହୋଇପାରିବେ, ସେ ସମ୍ବନ୍ଧରେ ବିବିଧ ଉପଦେଶବାଣୀ ଏଥିରେ ଦିଆଯାଇଛି ।

ଯଦି ସାଧକଙ୍କର ବିଶ୍ୱାସ ଥାଏ ଯେ, 'ସଦ୍‌ଗୁରୁ' ନିତ୍ୟବର୍ତ୍ତମାନ, ତାଙ୍କ ନାମ-ରୂପର ଉପାସନା କଲେ ଏବଂ ବ୍ୟାକୁଳ ଭାବରେ ତାଙ୍କୁ ଡାକିଲେ ସେ ଦୀକ୍ଷା ଦେବାକୁ ଓ ଶକ୍ତି ସଞ୍ଚାର କରିବାକୁ ସମର୍ଥ— ଏହିଭାବରେ ବିଶ୍ୱାସୀ ଭକ୍ତଙ୍କର ଅନ୍ୟ ଗୁରୁଗ୍ରହଣର କିଛିମାତ୍ର ପ୍ରୟୋଜନ ନାହିଁ । କାରଣ ସଦ୍‌ଗୁରୁଙ୍କ ନାମ ଓ ରୂପ ସାଧକଙ୍କୁ ମୁକ୍ତିଧାମକୁ ନେଇଯିବାକୁ ସମର୍ଥ । ବିଶ୍ୱାସୀ ଭକ୍ତଙ୍କ ନିକଟରେ ସେ ବର୍ତ୍ତମାନ ସୁଦ୍ଧା ସ୍ଥୂଳଦେହରେ ଆବିର୍ଭୂତ ହୋଇ ମନୋବାଞ୍ଛା ପୂରଣ କରୁଛନ୍ତି । ସୁତରାଂ ଏହି ସଦ୍‌ଗୁରୁଙ୍କ ଉପାସନା ଆଧୁନିକ ଯୁଗର ଅଭିନବ ସାଧନ-ପଦ୍ଧତି । କିଭଳି ତାଙ୍କ ସ୍ଥୂଳଦେହରକ୍ଷା ପରେ ମଧ୍ୟ ଶିଷ୍ୟ-ଭକ୍ତମାନେ ନିଜକୁ ତାଙ୍କ ଉପଦେଶ ଅନୁସାରେ ଚିତ୍ତଶୁଦ୍ଧିପଥରେ ପରିଚାଳିତ କରି ତାଙ୍କର ଦର୍ଶନ ଲାଭ କରିପାରିବେ, ସେ ସମ୍ବନ୍ଧୀୟ ବିବିଧ ଉପଦେଶବାଣୀ ଏଥିରେ ପ୍ରଦାନ କରାଯାଇଛି ।

ଯେଉଁସବୁ ପୁସ୍ତକରୁ ବିଷୟବସ୍ତୁ ସଂଗୃହୀତ ହୋଇଅଛି, ତନ୍ମଧ୍ୟରେ ପୁରାତନ ବର୍ଷର 'ଆର୍ଯ୍ୟଦର୍ପଣ', 'ଯୋଗୀଗୁରୁ', 'ଜ୍ଞାନୀଗୁରୁ', 'ପ୍ରେମିକଗୁରୁ',

'ଉପଦେଶାମୃତ', 'ଜୀବନୀବାଣୀ', 'ନୀଳାଚଳ ବାଣୀ', 'ଶ୍ରୀଶ୍ରୀ ଠାକୁରଙ୍କ ଚିଠି', 'ସମ୍ମିଳନୀର ଚିଠି' ପ୍ରଭୃତି ଗ୍ରନ୍ଥ ପ୍ରଧାନ ।

ପରିଶେଷରେ ନିବେଦନ, ଏହି ମହାପୁରୁଷଙ୍କର ଜୀବନୀ 'ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ' ପୁସ୍ତକ ପ୍ରକାଶିତ ହେବାପରେ 'ନିଗମ-ତତ୍ତ୍ୱ' ଓ 'ନିଗମ ଉପଦେଶ' ପ୍ରକାଶିତ ହୋଇଥିଲା । ବହୁଦିନରୁ ଏହି ପୁସ୍ତକଗୁଡ଼ିକ ଶେଷ ହୋଇଯାଇଥିଲେ ମଧ୍ୟ ଜୀବନୀପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ପୁସ୍ତକ ପ୍ରକାଶନରେ ନାନାବିଧ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ପାଠକମାନଙ୍କ ବିଶେଷ ଆଗ୍ରହଫଳରେ 'ନିଗମ ଉପଦେଶ'ର ଦ୍ୱିତୀୟ ସଂସ୍କରଣ ସୁଧୀଭକ୍ତମଣ୍ଡଳୀ ଓ ପାଠକସମାଜଙ୍କ ନିକଟରେ ଉପସ୍ଥାପିତ କରି ଆମେମାନେ ବିଶେଷ ଆନନ୍ଦିତ ।

ଯେଉଁମାନେ ଏହି ଗ୍ରନ୍ଥପ୍ରକାଶନରେ ସଂଶୋଧନ ତଥା ପୁନଃମୁଦ୍ରଣରେ ବିଶେଷ ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରିଛନ୍ତି, ସମ୍ପାଦକ ସେମାନଙ୍କ ନିକଟରେ କୃତଜ୍ଞ । କାଗଜ ଓ ମୁଦ୍ରଣର ବ୍ୟୟବୃଦ୍ଧିହେତୁ ପୁସ୍ତକର ମୂଲ୍ୟ ବୃଦ୍ଧି କରିବାକୁ ବାଧ୍ୟ ହେଲୁ । ପାଠକମାନେ ଦୋଷାଂଶ ପରିହାର କରି ସ୍ୱଧର୍ମସାଧନରେ ବ୍ରତୀ ହେଲେ ଶ୍ରମ ସାର୍ଥକ ମନେ କରିବୁଁ ।

ଜୟଗୁରୁ

ଶ୍ରୀ ଦୁର୍ଗାଚରଣ ମହାନ୍ତି

ସମ୍ପାଦକ,

ନୀଳାଚଳ ସାରସ୍ୱତ ସଂଘ, ପୁରୀ

ତା ୧୦ । ୧୨ । ୬୯

ବୀରତୁଙ୍ଗ

ଜୟଗୁରୁ

ଭୂମିକା

ପରମାରାଧ୍ୟ ଶ୍ରୀ ଶ୍ରୀ ଗୁରୁଦେବଙ୍କ ଅପାର କୃପାରୁ ଉତ୍କଳରେ ତଦୀୟ ଅସାଂପ୍ରଦାୟିକ ସନାତନ ଧର୍ମର ଭାବଧାରା ପ୍ରଚାର ଉଦ୍ଦେଶ୍ୟରେ ଓଡ଼ିଆ ଭାଷାରେ ଆଜି **ନିଗମାନନ୍ଦ-ସାହିତ୍ୟର ନିଗମ ଉପଦେଶ** ନାମକ ଏହି ପଞ୍ଚମ ପୁସ୍ତକ ପ୍ରକାଶ କରିବାକୁ ଆମ୍ଭେମାନେ ସାହସ କରିଅଛୁ । ଏହାପୂର୍ବରୁ **ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ, ନିଗମ ଲହରୀ, ନିଗମ-ତତ୍ତ୍ୱ ଓ ଶ୍ରୀ ଶ୍ରୀ ନିଗମାନନ୍ଦ କଥାମୃତ** ନାମକ ଚାରିଖଣ୍ଡି ପୁସ୍ତକ ଓଡ଼ିଆ ଭାଷାରେ ପ୍ରକାଶିତ ହୋଇଅଛି । ଆଜିକାଲି ମୁଦ୍ରଣକାର୍ଯ୍ୟ ବହୁ ଆୟାସ ଓ ବ୍ୟୟସାଧ୍ୟ ହେଲେ ହେଁ ଉତ୍କଳୀୟ ଭକ୍ତମାନଙ୍କ ନିରତିଶୟ ଆଗ୍ରହ ଏବଂ ଶ୍ରଦ୍ଧା ଏତେ ଅଳ୍ପ ସମୟ ମଧ୍ୟରେ ଏହି **ନିଗମ ଉପଦେଶ** ନାମକ ପଞ୍ଚମ ପୁସ୍ତକ ପ୍ରକାଶ କରିବାରେ ଆମ୍ଭମାନଙ୍କୁ ବିଶେଷଭାବରେ ଉତ୍ସାହିତ କରିଅଛି । **ନୀଳାଚଳ ସାରସ୍ୱତ ସଂଘ** ଉତ୍କଳର ପାଠକପାଠିକାମାନଙ୍କ ନିକଟରେ ଏଥିପାଇଁ ଋଣୀ ଏବଂ କୃତଜ୍ଞ ।

ଯେଉଁ ମହାପୁରୁଷଙ୍କ ଉପଦେଶାବଳୀ ତାଙ୍କ ପ୍ରଣୀତ **ଯୋଗୀଗୁରୁ, ଜ୍ଞାନୀଗୁରୁ, ପ୍ରେମିକଗୁରୁ, ତାନ୍ତ୍ରିକଗୁରୁ, ବ୍ରହ୍ମଚର୍ଯ୍ୟ ସାଧନ** ପ୍ରଭୃତି ଗ୍ରନ୍ଥମାନଙ୍କରୁ ଏବଂ ତାଙ୍କଦ୍ୱାରା ପ୍ରକାଶିତ ସନାତନ ଧର୍ମର ମୁଖପତ୍ର "ଆର୍ଯ୍ୟଦର୍ପଣ" ନାମକ ମାସିକ ପତ୍ରିକା ଏବଂ ଶିଷ୍ୟ-ଭକ୍ତମାନଙ୍କଠାରୁ ଲିଖିତ ପତ୍ରାବଳୀରୁ ସଂଗୃହୀତ ହୋଇ ଶିଷ୍ୟ-ଭକ୍ତ ଓ ପାଠକ ପାଠିକାମାନଙ୍କ ସୁବିଧା ଓ ସୌକାର୍ଯ୍ୟ ପାଇଁ ପୁସ୍ତକାକାରରେ ଏକତ୍ର ପ୍ରକାଶିତ ହେଲା, ସେହି ଦେବଦୁର୍ଲ୍ଲଭ ମହାମାନବ ଭାରତଭୂମିରେ ବିଶେଷତଃ ଆସାମ, ବଙ୍ଗଳା, ବିହାର, ଓଡ଼ିଶା ଓ ମାନ୍ଦ୍ରାଜ ପ୍ରଦେଶର ଆଧ୍ୟାତ୍ମିକ ସାଧକ-ସମାଜରେ ଅତି ସୁପରିଚିତ, ସମାଦୃତ ଓ ପୂଜିତ ଅଟନ୍ତି । ତାଙ୍କର ପୂତ ଜୀବନୀ **ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ** ପୁସ୍ତକରେ ଯଥାକଥଞ୍ଚିତ୍ ପ୍ରକାଶିତ ହୋଇଅଛି । ତଥାପି କେବଳ ଏହି ପୁସ୍ତକ ଖଣ୍ଡି ଯେଉଁମାନଙ୍କର ହସ୍ତଗତ ହେବ, ସେମାନଙ୍କ ଜାଣିବାପାଇଁ ପରମହଂସ

ସ୍ୱାମୀ ଶ୍ରୀଶ୍ରୀ ନିଗମାନନ୍ଦ ସରସ୍ୱତୀ ମହାରାଜଙ୍କ ସମ୍ବନ୍ଧରେ ଅତି ସଂକ୍ଷେପରେ ଏତିକିମାତ୍ର କୁହାଯାଇପାରେ ଯେ ଭାରତର ଉଚ୍ଚତମ ସୋପାନାରୂଢ଼ ସାଧୁମଣ୍ଡଳୀଙ୍କ ମଧ୍ୟରେ ସେ ଜଣେ ବିଶିଷ୍ଟ ସାଧୁ ଥିଲେ ଏବଂ ଆର୍ଯ୍ୟଋଷିମାନେ ମନୁଷ୍ୟର ପୂର୍ଣ୍ଣତା ଲାଭପାଇଁ, ଦେବତ୍ୱ ଓ ବ୍ରହ୍ମତ୍ୱଲାଭ ପରେ ଭଗବତ୍‌ପ୍ରାପ୍ତି ନିମିତ୍ତ ଯେତେ ପ୍ରକାର ସାଧନ ପ୍ରଣାଳୀ ଉଦ୍‌ଘାଟିତ କରିଯାଇଛନ୍ତି, ଶ୍ରୀଶ୍ରୀଠାକୁର ନିଗମାନନ୍ଦ ସେ ସମସ୍ତ ସାଧନାରେ ସିଦ୍ଧି ଲାଭ କରିଥିଲେ । ନିର୍ବିକଳ୍ପ ସମାଧି ଲାଭ ନ କରି କେହି ସଦ୍‌ଗୁରୁ ହୋଇପାରନ୍ତି ନାହିଁ । ପୁଣି ନିର୍ବିକଳ୍ପ ସମାଧିରୁ ଫେରିବା ମଧ୍ୟ ସାଧକମାନଙ୍କ ଭାଗ୍ୟରେ ଘଟେ ନାହିଁ । ଜଗଦ୍‌ଗୁରୁ ଯାହାଙ୍କଦ୍ୱାରା ଜୀବୋଦ୍ଧାର ଓ ଜଗଦ୍ଧିତକର କାର୍ଯ୍ୟ କରାଇବାକୁ ଇଚ୍ଛା କରନ୍ତି, ସେହିପରି ନିର୍ବିକଳ୍ପ ଭୂମି ଆରୂଢ଼ ସାଧକଙ୍କର ଶୁଦ୍ଧ ଆଧାରରେ ଭଗବତ୍‌ଇଚ୍ଛା ଜାଗ୍ରତ କରାଇଦେଇ ସାଧକଙ୍କୁ ଫେରାଇଆଣନ୍ତି । ଅନ୍ୟଥା ସଂକଳ୍ପ-ବିକଳ୍ପରହିତ ଏତାଦୃଶ ସାଧକ ସେ ତୁରୀୟ ନିର୍ଗୁଣ ଭୂମିରୁ ଫେରିପାରନ୍ତି ନାହିଁ ଏବଂ ତାଙ୍କ ସତ୍ତା ବିରାଟ ବ୍ରହ୍ମସତ୍ତାରେ ଲୀନ ହୋଇଯାଏ; ସାଧକ ବ୍ରହ୍ମନିର୍ବାଣ ବା ନିର୍ବାଣ ମୁକ୍ତିଲାଭ କରନ୍ତି । ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସେହି ଭାବାତୀତ ଓ କଳ୍ପନାତୀତ ନିର୍ବିକଳ୍ପ ଭୂମିରୁ ଫେରି ଜଗଦ୍‌ଗୁରୁଙ୍କ ଇଚ୍ଛାନୁସାର ଗୁରୁଭାର ଗ୍ରହଣ କରିଥିଲେ ।

'ସମାଧି ଈଶ୍ୱରପ୍ରଣିଧାନାତ୍'— ଈଶ୍ୱରପ୍ରଣିଧାନ ଦ୍ୱାରା ଯୋଗର ଚରମ ଫଳ ସମାଧି ସିଦ୍ଧି ଲାଭ ହୁଏ । ପୌର୍ବଦେହିକ ସୁକୃତିସମ୍ପନ୍ନ ଯେଉଁ ସାଧକମାନେ ସାଧନାର ପ୍ରଥମାବସ୍ଥାରେ ମହାଶକ୍ତିଙ୍କଦ୍ୱାରା ପ୍ରଲୋଭିତ ନ ହୋଇ, କ୍ଷୁଦ୍ର କ୍ଷୁଦ୍ର ସିଦ୍ଧି ବା ଶକ୍ତିପ୍ରତି ଭ୍ରୂକ୍ଷେପ ନ କରି ସାଧନାର ଚରମ ଅବସ୍ଥାକୁ ଗତି କରନ୍ତି, ସେମାନେ ସମାଧିଲାଭପରେ ଭଗବାନ୍‌ଙ୍କ ସଦୃଶ ସର୍ବଶକ୍ତିସମ୍ପନ୍ନ ଓ ଐଶ୍ୱର୍ଯ୍ୟଶାଳୀ ହୁଅନ୍ତି ଏବଂ ସଙ୍ଗେ ସଙ୍ଗେ ସେମାନଙ୍କର ଅଣିମାଦି ଅଷ୍ଟାଦଶସିଦ୍ଧି କରାମଳକସଦୃଶ ପ୍ରାପ୍ତି ହୁଏ; ମାତ୍ର ପ୍ରକୃତ ସଦ୍‌ଗୁରୁ ମହାପୁରୁଷମାନେ ଏହି ଅଲୌକିକ ଶକ୍ତି-ପ୍ରଦର୍ଶନକୁ ଏକାବେଳକେ ଉପେକ୍ଷା କରନ୍ତି । ଅନେକ ସାଧକ ପରମତତ୍ତ୍ୱ ବା ସତ୍ତାପର୍ଯ୍ୟନ୍ତ ନଯାଇ, ନିଜର ବ୍ରହ୍ମତ୍ୱ ବା ଈଶ୍ୱରତ୍ୱ ଉପଲବ୍ଧି ନକରି ଗୋଟିଏ ଗୋଟିଏ କ୍ଷୁଦ୍ର ଶକ୍ତି ଲାଭ କରି ବହୁ ଆୟାସସାଧ୍ୟ ସାଧନାରୁ ନିବୃତ୍ତ ହୁଅନ୍ତି । ସାଧାରଣ ଲୋକେ ଯେତେବେଳେ ସାମାନ୍ୟ ବୃଶ୍ଚିକଦଂଶନରୁ ମୁକ୍ତି ଦେବା ଲୋକକୁ ଆଦରରେ ଗ୍ରହଣ କରନ୍ତି, ଏତାଦୃଶ କ୍ଷୁଦ୍ରଶକ୍ତିସମ୍ପନ୍ନ ସାଧକମାନେ ଯେ ସେମାନଙ୍କ ନିକଟରେ ପୂଜ୍ୟ ଓ ଆଦୃତ ହେବେ, ଏହା ନିଃସନ୍ଦେହ । କିନ୍ତୁ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ତାନ୍ତ୍ରିକ ମତରେ ବଙ୍ଗଳାର

ତତ୍କାଳୀନ ସୁପ୍ରସିଦ୍ଧ ତାନ୍ତ୍ରିକ ବାମାକ୍ଷେପାଙ୍କ ସାହାଯ୍ୟରେ ଚିତାସାଧନା କରି ଶ୍ମଶାନରେ ମହାଶକ୍ତିଙ୍କ ଦର୍ଶନ ଲାଭ କରି ମଧ ମହାମାୟାଙ୍କ ବରରେ ଭୁଲିଯାଇ ନ ଥିଲେ । ମନ୍ତ୍ରସିଦ୍ଧିଫଳରେ ମହାଶକ୍ତି ତାଙ୍କୁ ତ୍ରିଲୋକର ସମସ୍ତ ସମ୍ପଦର ଅଧିକାରୀ କରିଦେବା ସହଜ ଥିଲେ ସୁଦ୍ଧା ସାଧକ ନଳିନୀକାନ୍ତ (ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ପୂର୍ବାଶ୍ରମ ନାମ) ତାହା ଏକାବେଳକେ ଉପେକ୍ଷା କରିଥିଲେ । ପରେ ବୈଦିକ ସନ୍ନ୍ୟାସ ଗ୍ରହଣ କରି କ୍ରମେ ଜ୍ଞାନ, ଯୋଗ ଏବଂ ପ୍ରେମସାଧନାରେ ସିଦ୍ଧିଲାଭ କରି ମାଧନାର ଶେଷ ସୀମାରେ ପହଞ୍ଚି ଥିଲେ । ଏହି କାରଣରୁ ଜଗଦ୍‌ଗୁରୁଙ୍କ ଇଚ୍ଛାନୁସାରେ ଗୁରୁଭାର ଗ୍ରହଣ କଲାପରେ ଜାତି-ବର୍ଣ୍ଣ-ଧର୍ମ-ନିର୍ବିଶେଷରେ ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିୟାନ୍ ପ୍ରଭୃତି ସକଳଧର୍ମାବଲମ୍ବୀଙ୍କୁ ନିଜ ନିଜ ଭାବ ଅକ୍ଷୁଣ୍ଣ ରଖି ଚରମ ସତ୍ୟ ଉପଲବ୍ଧି ପାଇଁ ସହଜ ସୁଗମ ସାଧନ-ପନ୍ଥା ଦେଖାଇ ଦେଇ ପାରୁଥିଲେ । ସାଧନାର ପ୍ରଥମାବସ୍ଥାରେ ଯେଉଁ ମହାଶକ୍ତି ବର ପ୍ରଦାନଦ୍ୱାରା ସାଧକଙ୍କୁ ଭୁଲାଇବାକୁ ଚେଷ୍ଟା କରୁଥିଲେ— ପରିଶେଷରେ ସେହି ମହାଶକ୍ତି ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ବଶୀଭୂତା ହୋଇ ଗୁରୁଶକ୍ତି ରୂପରେ ଠାକୁରଙ୍କ ଶିଷ୍ୟଭକ୍ତମାନଙ୍କୁ ପରିଚାଳିତ କରୁଥିଲେ, କରୁଅଛନ୍ତି ଏବଂ କରୁଥିବେ । ଆମେମାନେ ଆଜି ସେହି ମହାପୁରୁଷଙ୍କ ଇତସ୍ତତଃ ବିକ୍ଷିପ୍ତ ଉପଦେଶମାନ ସଂଗ୍ରହ କରି ଉତ୍କଳର ଅଧ୍ୟାତ୍ମପିପାସୁମାନଙ୍କୁ ଉପହାର ଦେଉଅଛୁ । ଏତାଦୃଶ ଭଗବତ୍ ପଦ ସମର୍ପିତ ଭକ୍ତଙ୍କୁ ଲକ୍ଷ୍ୟ କରି ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମଦ୍‌ଭାଗବତର ଏକାଦଶ ସ୍କନ୍ଧରେ ପରମ ଭକ୍ତ ଉଦ୍ଧବଙ୍କୁ କହିଅଛନ୍ତି—

> ''ନ ପାରମେଷ୍ଠ୍ୟଂ ନ ମହେନ୍ଦ୍ରଧିଷ୍ଣ୍ୟଂ
> ନ ସାର୍ବଭୌମଂ ନ ରସାଧିପତ୍ୟଂ
> ନ ଯୋଗସିଦ୍ଧିରପୁନର୍ଭବଂ ବା
> ମର୍ଯ୍ୟର୍ପିତାତ୍ମେଚ୍ଛତି ମଦ୍‌ବିନାନ୍ୟଂ ।।''

ମୋ ଠାରେ ସମର୍ପିତ ପୁରୁଷ ମୋତେ ତ୍ୟାଗକରି ବ୍ରହ୍ମପଦ, ଇନ୍ଦ୍ରପଦ, ସାର୍ବଭୌମ ପଦ, ପାତାଳଲୋକାଧିପତ୍ୟ, ଅଣିମାଦିଯୋଗସିଦ୍ଧି, ଏପରି କି ମୋକ୍ଷଲାଭପର୍ଯ୍ୟନ୍ତ ଇଚ୍ଛା କରନ୍ତି ନାହିଁ ।

ଯେଉଁମାନେ ସମର୍ପଣ ମନ୍ତ୍ରରେ ଦୀକ୍ଷିତ, ସେମାନେ ସର୍ବଶ୍ରେଷ୍ଠ ସାଧକ । ମୁଦ୍ରିତ ଉପଦେଶାବଳୀରେ ସମର୍ପଣକାରୀମାନଙ୍କ ପ୍ରତି ଉପଦେଶମାନ ବିଶେଷ ଭାବରେ ପ୍ରଣିଧାନଯୋଗ୍ୟ ।

ଶ୍ରୀ ଶ୍ରୀ ଠାକୁରଂ ନିଗମାନନ୍ଦ ସ୍ଥୂଳଦେହରେ ବିରାଜମାନ ଥିଲାବେଳେ ଶିଷ୍ୟଭକ୍ତମାନଙ୍କୁ ବାହାରେ ତାଙ୍କର ପରିଚୟ ଦେବାକୁ ନିଷେଧ କରିଥିଲେ । ତାଙ୍କ ତିରୋଧାନପରେ ଆଜି ଆମ୍ଭେମାନେ ତାଙ୍କରି ଭାବଧାରା ପ୍ରକାଶ କରି ଅପାର ଆନନ୍ଦ ଅନୁଭବ କରୁଅଛୁଁ ।

'ସର୍ବଂ ଖଲ୍ୱିଦଂ ବ୍ରହ୍ମ'— ବ୍ରହ୍ମ ବହୁରେ ପରିଣତ ହେବା ପୂର୍ବରୁ ନିଜକୁ ଗୁରୁରୂପରେ ରଖିଦେଇଥିଲେ । ଶିବ ଜୀବରେ ପରିଣତ ହେଲେ ଗୁରୁଦେବଙ୍କ ସାହାଯ୍ୟ ବ୍ୟତୀତ ପୁନରାୟ ଶିବତ୍ୱକୁ ଫେରିବା ଜୀବପକ୍ଷରେ ଅସମ୍ଭବ । ଶିବକୁ ଜୀବ କରି ଜୀବକୁ ପୁନରାୟ ସ୍ୱରୂପକୁ ଆଣିବା ଲୀଳା ସୃଷ୍ଟି-ଆଦ୍ୟରୁ ଚାଲିଆସୁଛି । ସ୍ୱରୂପକୁ ଆଣିବା ଗୁରୁଦେବଙ୍କର କାର୍ଯ୍ୟ । ଏହି ଲୀଳା ଅନୁସାରେ ଯେଉଁମାନଙ୍କର ଗତିମୁକ୍ତି ଭାର ସଦ୍‌ଗୁରୁଙ୍କ ଉପରେ ନ୍ୟସ୍ତ, ସେମାନେ ତାଙ୍କ ଇଲାକାଧୀନ । ସୁତରାଂ, ସଦ୍‌ଗୁରୁଙ୍କ ଇଲାକାଧୀନ ଶିଷ୍ୟ-ଭକ୍ତମାନଙ୍କ ଉପରେ ଜଗଦ୍‌ଗୁରୁଙ୍କ କର୍ତ୍ତୃତ୍ୱ ଆଉ ରହେ ନାହିଁ । ବିଶ୍ୱବ୍ରହ୍ମାଣ୍ଡର ପରିଧି ତୁଳନାରେ ସଦ୍‌ଗୁରୁଙ୍କ ରାଜ୍ୟର ପରିଧି କ୍ଷୁଦ୍ର, ସୁତରାଂ ପରିଧି କ୍ଷୁଦ୍ରଯୋଗୁ ସଦ୍‌ଗୁରୁଙ୍କ ଆଶ୍ରିତ ଶିଷ୍ୟଭକ୍ତମାନେ ମହାଶକ୍ତିରୂପିଣୀ ଗୁରୁଶକ୍ତିଙ୍କର କୃପା ଏବଂ ଦୃଷ୍ଟି ଯେତେ ସହଜରେ ପାଇପାରନ୍ତି, ଅନ୍ୟମାନେ ମହାଶକ୍ତିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେପରି ସମର୍ଥ ହୁଅନ୍ତି ନାହିଁ । ଏଥିପାଇଁ ଦୀକ୍ଷାର ପ୍ରୟୋଜନ— ବ୍ରହ୍ମବିଦ୍ ଗୁରୁଙ୍କ ସେବା ଅଧ୍ୟାତ୍ମରାଜ୍ୟରେ ପ୍ରବେଶ କରିବାର ଏକମାତ୍ର ଉପାୟ ।

ମୁଦ୍ରିତ ଉପଦେଶାବଳୀ ସମ୍ବନ୍ଧେ ବାକ୍ୟ ବ୍ୟୟ କରିବା ଧୃଷ୍ଟତା । ସେପରି କରିବାଦ୍ୱାରା ଅର୍ଥର ଅନର୍ଥ ଘଟାଇବାକୁ ହେବ । ଆଧାରଭେଦରେ ଉପଦେଶମାନଙ୍କର ଯଥାର୍ଥ୍ୟ ସମ୍ୟକ୍ ଉପଲବ୍ଧ ହେବ ।

ନିଗମ ଉପଦେଶ ପାଠକରି କେହି ଯେପରି ମନେ ନ କରନ୍ତି ଯେ, ଏତିକିରେ ଶ୍ରୀ ଶ୍ରୀ ଠାକୁରଙ୍କର ଉପଦେଶ ଶେଷ ହେଲା । ବହୁ ସ୍ଥାନରେ, ବହୁ ଭାବରେ ସେ ଉପଦେଶ ଦେଇଯାଇଛନ୍ତି । ତାହା ସଂପୂର୍ଣ୍ଣ ସଂଗ୍ରହ କରି ପ୍ରକାଶ କରିବା ଏକ ଦୁରୂହ ବ୍ୟାପାର । ସେ ନିଜେ ଯେଉଁସବୁ ଉପଦେଶବାଣୀ 'ସାରସ୍ୱତ ଗ୍ରନ୍ଥାବଳୀ' ତଥା 'ଆର୍ଯ୍ୟଦର୍ପଣ' ପତ୍ରିକାରେ ପ୍ରକାଶ କରିଯାଇଥିଲେ, ସେଥିର କିୟଦଂଶ ମାତ୍ର ଏ ପୁସ୍ତକରେ ଦିଆଯାଇଛି ।

ଶ୍ରୀ ଶ୍ରୀ ଠାକୁରଙ୍କ ଏକନିଷ୍ଠ ଶିଷ୍ୟ ଶ୍ରୀମାନ୍ ଦୁର୍ଗାଚରଣ ମହାନ୍ତି ବହୁ ପରିଶ୍ରମ କରି ଏହି ଉପଦେଶମାନ ସଂଗ୍ରହ କରିଅଛନ୍ତି । ନୀଳାଚଳ ସାରସ୍ୱତ ସଂଘ ତାଙ୍କ ନିକଟରେ ବିଶେଷଭାବରେ ଋଣୀ । ପାଠକମାନେ ଗୋଟିଏ ଉପଦେଶକୁ ପୁସ୍ତକର ଏକାଧିକ ସ୍ଥାନରେ ପାଇଲେ ସୁଦ୍ଧା ବିରକ୍ତ ହେବେ ନାହିଁ; କାରଣ, ଶ୍ରୀ ଶ୍ରୀ ଠାକୁର ମହାରାଜ ଏକ ପ୍ରକାର ଉପଦେଶ ବିଭିନ୍ନ ସ୍ଥାନରେ ଦେଇଅଛନ୍ତି ।

ଯେଉଁ ରତ୍ନଗୁଡ଼ିକ ମାଳାକାରରେ ଉତ୍କଳର ଭକ୍ତମାନଙ୍କୁ ଉପହାର ଦେଉଅଛୁ, ଆମ୍ଭମାନଙ୍କ ଗୁନ୍ଥିବା ଦୋଷରୁ ରତ୍ନର ରତ୍ନତ୍ୱରେ କୌଣସି ପ୍ରକାରେ ହ୍ରାସ ଘଟିବ ନାହିଁ ।

ପରିଶେଷରେ ଏ ପୁସ୍ତକର ମୁଦ୍ରଣରେ, ସଂକଳନରେ ତଥା ସଂଶୋଧନରେ ଯେଉଁମାନେ ସାହାଯ୍ୟ କରିଛନ୍ତି, ସେମାନଙ୍କ ନିକଟରେ ଆମ୍ଭେମାନେ ଚିରଋଣୀ । ମୁଦ୍ରଣକାର୍ଯ୍ୟରେ ସତ୍ୟବାଦୀ ପ୍ରେସ୍‌ର କର୍ମଚାରୀବୃନ୍ଦ ଆଶାତୀତ ସହୃଦୟତା ଦେଖାଇଥିବାରୁ ନୀଳାଚଳ ସାରସ୍ୱତ ସଂଘ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛନ୍ତି ଓ ସେମାନଙ୍କପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରୁଛନ୍ତି ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ସ୍ନ ୧୩୪୭ ସାଲ
ରାସ ପୂର୍ଣ୍ଣମୀ
ତା ୨୮ । ୧୧ । ୧୯୪୭

ଶ୍ରୀ ଶ୍ରୀ ଠାକୁର ଚରଣାଶ୍ରିତ ଅଧମ
ବନମାଳୀ ଦାସ
ସଭାପତି, ନୀଳାଚଳ ସାରସ୍ୱତ ସଂଘ,
ପୁରୀ

ଜୟଗୁରୁ

ଆଭାସ

ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସଦେବ ଭାରତର ପୂର୍ବପ୍ରାନ୍ତରେ ସୁପରିଚିତ । ତାଙ୍କପରି ସାଧକ, ସିଦ୍ଧ ଓ କର୍ମପ୍ରବର୍ତ୍ତକ ଅତିଅଳ୍ପ ଦେଖିବାକୁ ମିଳନ୍ତି । ସାଧନାରେ ଅସାଧ କିଛି ନାହିଁ– ଏକଥା ତାଙ୍କ ମହାନ୍ ଜୀବନରେ ଦେଖାଯାଇଛି । ସେ ୧୮୭୦ ଖ୍ରୀଷ୍ଟାବ୍ଦରେ ଅବିଭକ୍ତ ବଙ୍ଗଦେଶର ନଦୀୟା ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ଏବଂ ଶିକ୍ଷା ଶେଷରେ ବାରିକ୍‌ମିସ୍ତ୍ରୀ ବିଭାଗରେ ଚାକିରି କରୁଥିଲେ । ଜୀବନର ପ୍ରଭାତରେ ସହଧର୍ମିଣୀଙ୍କୁ ହରାଇ ତାଙ୍କର ବିଦେହୀ ଛାୟାମୂର୍ତ୍ତି ଥରକୁ ଥର ଦେଖି ପରଲୋକତତ୍ତ୍ୱ ସମ୍ବନ୍ଧରେ ତାଙ୍କର ତୀବ୍ର ଉତ୍କଣ୍ଠା ଜାତ ହେଲା । ଏହାର ଅନୁସନ୍ଧାନ କରୁ କରୁ ସେ ସଂସାରାଶ୍ରମ ଛାଡ଼ି ପରିବ୍ରାଜକ ହେଲେ ।

ବହୁ କୌତୂକପୂର୍ଣ୍ଣ ଘଟଣାଭିତରେ ସେ ତନ୍ତ୍ର, ଜ୍ଞାନ, ଯୋଗ ଓ ପ୍ରେମସାଧନାରେ ସିଦ୍ଧ ହୋଇ ନିର୍ବିକଳ୍ପ ସମାଧି ଲାଭ କରିବାକୁ ସମର୍ଥ ହୋଇଥିଲେ । ଜଗଦ୍‌ଗୁରୁଙ୍କ କର୍ମପ୍ରେରଣା ତାଙ୍କ ବିଶୁଦ୍ଧ ଆଧାରରେ ଜାଗ୍ରତ ହେବାରୁ ସେ କର୍ମଭୂମିରେ କୌପୀନମାତ୍ରେିକ ସମ୍ବଳ ହୋଇ ଅବତରଣ କଲେ । ଅଳ୍ପ କେତେଜଣ ତ୍ୟାଗୀ ଯୁବକ ତାଙ୍କ ପଦାଙ୍କ ଅନୁସରଣ କରିବାରୁ ସେମାନଙ୍କୁ ଧରି କର୍ମକେନ୍ଦ୍ର ସ୍ଥାପନ କରିବା ହେଲା ତାଙ୍କ ବିଶାଳ କର୍ମସୌଧର ଭିତ୍ତି । ବହୁ ଧର୍ମପିପାସୁ ତାଙ୍କପ୍ରତି ଆକୃଷ୍ଟ ହୋଇ ଆସିଲେ ସତ; କିନ୍ତୁ ସେମାନେ ପାଇଲେ କର୍ମସୂତ୍ରରେ ଧର୍ମଲାଭର ପ୍ରଶସ୍ତ ପଥ । ଯେଉଁମାନେ ତ୍ୟାଗୀ, ବ୍ରହ୍ମଚାରୀ ଓ ସନ୍ନ୍ୟାସୀ, ସେମାନଙ୍କ ସହିତ ଗୃହସ୍ଥ-ଶିଷ୍ୟଙ୍କର ମିଳନ କରାଇ ସେ ଗଠନ କଲେ କର୍ମୀ-ସଂଘ ।

ଶ୍ରୀମଦ୍ ଶଙ୍କରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ସରସ୍ୱତୀ ସଂପ୍ରଦାୟର ସେ ଜ୍ଞାନସିଦ୍ଧ ସନ୍ନ୍ୟାସୀ । ସେହି ସଂପ୍ରଦାୟର ସ୍ମୃତିରକ୍ଷାପାଇଁ ସେ ଆସାମ ପ୍ରଦେଶରେ ସାରସ୍ୱତ ମଠ ସ୍ଥାପନ କଲେ । ସେଠାରେ କର୍ମୀମାନେ ତାଙ୍କଠାରୁ ପ୍ରଚୋଦନା ପାଇ, ଜଙ୍ଗଲ ହାଣି, କୋଡ଼ି-କାଙ୍କରେ ମାଟି ଖୋଳି, ଲଙ୍ଗଳମୁନରେ ଶସ୍ୟ ଉତ୍ପାଦନ କରି ଦୁର୍ଗମ ବନକୁ ଶସ୍ୟଶାମଳା କୃଷିକ୍ଷେତ୍ରରେ ପରିଣତ କଲେ । ସର୍ବତୋଭାବରେ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହୋଇ ଜୀବନ ଗଠନ କରି ସେଥିରେ ସାଧନା କଲେ

ଆଧ୍ୟାତ୍ମିକ ଉନ୍ନତି ସୁନିଶ୍ଚିତ ବୋଲି ସେ ଶିକ୍ଷା ଦେଇଥିଲେ । ତାଙ୍କ ସନ୍ନ୍ୟାସୀ ବ୍ରହ୍ମଚାରୀମାନେ ବାରଦ୍ୱାର ବୁଲି ହାତ ପତାଇବା ତାଙ୍କ ପକ୍ଷରେ ଅସହ୍ୟ । ଭିକ୍ଷାବୃତ୍ତିକୁ ସେ ଘୃଣା କରୁଥିଲେ ।

ପ୍ରାଚୀନ ଭାରତୀୟ ଆଦର୍ଶରେ ସେ ଯେଉଁ ଋଷିବିଦ୍ୟାଳୟ ସେଠାରେ ସ୍ଥାପନ କରିଥିଲେ, ସେଥିର ଶିକ୍ଷାର୍ଥୀ ବାଳକମାନେ ବସ୍ତ୍ରବୟନ, ପୁସ୍ତକ ମୁଦ୍ରଣ ଓ ଅନ୍ୟାନ୍ୟ କାର୍ଯ୍ୟଭିତରେ ବ୍ରହ୍ମଚର୍ଯ୍ୟ ଓ ବ୍ୟାବହାରିକ ବିଦ୍ୟା ଶିକ୍ଷା କରୁଥିଲେ । ଆଜିକାଲି ଏହି ଭିତ୍ତିଉପରେ ମୌଳିକ ଶିକ୍ଷାଯୋଜନା ପରିକଳ୍ପିତ ହୋଇଛି । ସେ ଯେଉଁ ସନ୍ନ୍ୟାସୀ ବ୍ରହ୍ମଚାରୀ ସଂଘ ଗଠନ କରିଥିଲେ, ତଦ୍ଦ୍ୱାରା ଶିବଜ୍ଞାନରେ ଜୀବସେବା କରାଇବାକୁ ସେ ପ୍ରେରଣା ଦେଲେ । ସଂଘ ସୁସଂଗଠିତ ଓ ସୁଦୃଢ଼ ହେଲେ ଯେକୌଣସି ଭଲ କାର୍ଯ୍ୟ କରାଯାଇପାରେ ବୋଲି ସେ କହିଗଲେ ।

ଏହି ସଂଘ ଗଠନମୂଳରେ ତାଙ୍କର ଗଭୀର ଦେଶାତ୍ମବୋଧ ଓ ପ୍ରଗାଢ଼ ସ୍ୱଦେଶପ୍ରୀତି ନିହିତ । ସେ କହିଛନ୍ତି, ''ଏ ଯୁଗରେ କୌଣସି ବିଷୟରେ କୃତକାର୍ଯ୍ୟତା ଲାଭର ଏକମାତ୍ର ଉପାୟ 'ସଂଘଶକ୍ତି' । ତୁମେମାନେ ମିଳିତ ହୋଇ ଜାତୀୟ ଜୀବନରେ ଶକ୍ତି ସଞ୍ଚାର କର । ବ୍ୟକ୍ତିଗତ ସ୍ୱାର୍ଥ ଓ ମାନାଭିମାନ ପରିହାର କରି ଦେଶମାତୃକାର ପବିତ୍ର ମନ୍ଦିରରେ ଆତ୍ମୋତ୍ସର୍ଗ କର । ନିଜର ପ୍ରାଣଦାନ କରି ମାଆଙ୍କର ପ୍ରାଣ ପ୍ରତିଷ୍ଠା କର । ତ୍ୟାଗ ତୁମମାନଙ୍କର ଅସ୍ଥିମଜ୍ଜାଗତ । ଏ ତ୍ୟାଗବଳରେ ତୁମ୍ଭେମାନେ ଜଗଦ୍‌ବରେଣ୍ୟ ।''

ସଂଘ-ସେବକମାନଙ୍କୁ କଠୋର ନିୟମ-ଶୃଙ୍ଖଳାଭିତରେ ଆତ୍ମଗଠନ କରିବାକୁ ସେ ନିର୍ଦ୍ଦେଶ ଦେଲେ । ଅବିଚାରରେ ଆଦେଶ ପାଳନ ନକଲେ ସଂଘଭୁକ୍ତ ହେବା ଅନାବଶ୍ୟକ ବୋଲି ତାଙ୍କ ଅଭିମତ । ଶୃଙ୍ଖଳା ରକ୍ଷା କରିବାପାଇଁ ଶିଖ୍‌ଗୁରୁ ଗୁରୁଗୋବିନ୍ଦ ସିଂହଙ୍କ ଆଦର୍ଶ ସଂଘସେବୀମାନଙ୍କ ଆଗରେ ସେ ସ୍ଥାପନ କରିଥିଲେ । ଗୋଟିଏ ଦିଗରେ ନିଷ୍କାମ କର୍ମଶିକ୍ଷା ଓ ଅନ୍ୟ ଦିଗରେ ବଜ୍ରଦୃଢ଼ ସଂକଳ୍ପ ପ୍ରତିଷ୍ଠା କର୍ମୀମାନଙ୍କ ସାଧନାର ବିଷୟ ବୋଲି ସେ ଉପଦେଶ ଦେଲେ । ଏଥିପାଇଁ ଆଳସ୍ୟ, ଜଡ଼ତା ପରିହାର କରିବା ସାଧନା ସମସ୍ତଙ୍କର ଶିକ୍ଷଣୀୟ ବୋଲି ନିର୍ଦ୍ଦେଶ ଦେଲେ । ସେ ସେମାନଙ୍କୁ ଶିକ୍ଷା ଓ ଉପଦେଶ ଛଳରେ କହିଲେ– ''ଜୀବନର ଉନ୍ନତି ଯେଉଁମାନଙ୍କର ଲକ୍ଷ୍ୟ, ନିଦ୍ରା ଓ ତନ୍ଦ୍ରା ସେମାନଙ୍କର ବିଶିଷ୍ଟ ଶତ୍ରୁ । ନିଦ୍ରାଜୟୀ ହେବାକୁ ପଡ଼ିବ । ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଯେକୌଣସି ଅବସ୍ଥାରେ ମଧ୍ୟ ଯେପରି ଚେତନାର

ପ୍ରଶସ୍ତଦୀପ୍ତି ଆଚ୍ଛନ୍ନହୋଇ ନ ପଡ଼େ ।'' କହିବା ବାହୁଲ୍ୟ, ଏହି ନିଦ୍ରାଜୟ-ସାଧନା ସେ ସମସ୍ତଙ୍କୁ ଶିକ୍ଷା ଦେଇଛନ୍ତି ।

ଗୃହୀ-ସନ୍ନ୍ୟାସୀ-ବ୍ରହ୍ମଚାରୀ-ବାନପ୍ରସ୍ଥୀ ନିର୍ବିଶେଷରେ ମନୁଷ୍ୟତା ଅର୍ଜନ କରିବାକୁ ସେ ଶ୍ରେଷ୍ଠ ଆସନ ଦେଇଯାଇଛନ୍ତି । ସେ କହିଛନ୍ତି, ''ତୁମେମାନେ ମନୁଷ୍ୟ ହୁଅ ।'' ଅନ୍ୟତ୍ର ''ଟଙ୍କା ପାଇସା ବଡ଼ ନୁହେଁ, ବଡ଼ ହେଉଛି ମନୁଷ୍ୟ ।'' ମନୁଷ୍ୟ ପାଇବା ଦୁର୍ଲ୍ଲଭ । ''ମନୁଷ୍ୟତା ଅର୍ଜନ କରିବା ବଡ଼ କଠିନ ।'' ଆଧୁନିକ ଶିକ୍ଷିତଙ୍କ ମଧ୍ୟରେ ମନୁଷ୍ୟତାର ଅଭାବ ଦେଖି ସେ ମର୍ମାହତ ହୋଇ କହିଛନ୍ତି, ''ଜିତେନ୍ଦ୍ରିୟ, ସତ୍ୟବାଦୀ, ପରୋପକାରୀ, ଦେବ-ଦ୍ୱିଜ ଗୁରୁଭକ୍ତି, ସ୍ୱଧର୍ମାନୁରାଗୀ, ବିନୟୀ, ସରଳବିଶ୍ୱାସୀ ବ୍ୟକ୍ତି ଅସଭ୍ୟ ଓ ଅଶିକ୍ଷିତ ହେଲେ ମଧ ମୁଁ ତାଙ୍କୁ ଉଚ୍ଚକଣ୍ଠରେ 'ପଣ୍ଡିତ' ବୋଲି ଘୋଷଣା କରିବି ।''

ସତ୍ୟ ଭଗବାନ ଓ ଭଗବାନ ସତ୍ୟ । ତେଣୁ ସତ୍ୟ ଆଚରଣରେ ମନୁଷ୍ୟତା ଯେପରି ଫୁଟିଉଠେ, ପୁରୁଷକାର ସେପରି ପ୍ରତିଷ୍ଠିତ ହୁଏ । ସେ ଅନ୍ଧ ଦୈବବାଦୀ ନୁହନ୍ତି; ସୁତରାଂ କହିଛନ୍ତି, 'ସତ୍ୟ କହିଯାଅ, ସତ୍‌କାର୍ଯ୍ୟ କରିଯାଅ, ଫଳ ଯାହା ହେବାର ହୋଇଯାଉ, ସେଥିରେ ଭ୍ରୂକ୍ଷେପ କର ନାହିଁ । ହୃଦୟରେ ଅଫୁରନ୍ତ ଆନନ୍ଦ, ମନରେ ବଳ ପାଇବ । ସତ୍ୟ ହିଁ ତୁମମାନଙ୍କୁ ବିଜୟୀ କରିବ ।'' 'ସତ୍ୟଦୃଷ୍ଟିରେ ପଥ ନିର୍ବାଚନ' ପାଇଁ ଶିଷ୍ୟମାନଙ୍କୁ ସେ ଉପଦେଶ ଦେଇଛନ୍ତି । ଲକ୍ଷ୍ୟ ସ୍ଥିର କରି କର୍ମ ଭିତରକୁ ଡେଇଁ ପଡ଼ିବାକୁ ସେ କହିଯାଇଛନ୍ତି; କାରଣ, ଲକ୍ଷ୍ୟହୀନ କର୍ମକୁ ସେ କର୍ମରୂପେ ଗଣି ନାହାନ୍ତି । ଲକ୍ଷ୍ୟ ସ୍ଥିର ରଖି କର୍ମମୟ ଜୀବନରେ ଶିବଜ୍ଞାନରେ ଜୀବସେବା ଆଶ୍ରୟ କଲେ କର୍ମଦ୍ୱାରା ଗୁଣକ୍ଷୟ ହୋଇ ଆଧାର ଶୁଦ୍ଧ ହେବ । ସେଥିରେ ଭଗବତ୍‌ସତ୍ତା ଲାଭ ହେବ । ଏଥିରେ ଜୀବନର ସକଳ ସମସ୍ୟାର ସମାଧାନ ନିହିତ ବୋଲି ତାଙ୍କ ଉପଦେଶ । ଆଳସ୍ୟସୁଲଭ ଭାବପ୍ରବଣତାର ସେ ଘୋର ବିରୋଧୀ । କାରଣ କର୍ମଦୀପ୍ତ ପୁରୁଷକାରର ସେ ଏକାନ୍ତ ପକ୍ଷପାତୀ । ଭାବପ୍ରବଣତାକୁ ଛାଡ଼ି ନିର୍ଭୀକ ପ୍ରେରଣାରେ ସତ୍ୟପଥରେ ଦୃଢ଼ ଭାବରେ ଅଗ୍ରସର ହେବାପାଇଁ ସେ କହିଛନ୍ତି । ସମ୍ମୁଖ ସଂଗ୍ରାମ ଦେଖିଲେ ସନ୍ତ୍ରସ୍ତ ହୋଇ ପୁରୁଷକାରକୁ ଖର୍ବ କରିବା କାପୁରଷତାର ନିଦର୍ଶନ ବୋଲି ତାଙ୍କର ଶିକ୍ଷା; କିନ୍ତୁ କେବଳ ଉତ୍ତେଜନାର ବଶବର୍ତ୍ତୀ ହୋଇ କିଛି କଲେ ଫଳ ହେବ ନାହିଁ ବୋଲି ସେ କହନ୍ତି । ଭାରତର ସଂସ୍କୃତି ବର୍ତ୍ତମାନ ମଧ ସଜୀବବୋଲି ତାଙ୍କର ବିଶ୍ୱାସ । ସେ କହିଛନ୍ତି, 'ଏ ଦେଶରେ ବୃକ୍ଷଲତା ମଧ ତପସ୍ୱୀ । ଏ ଦେଶର ପ୍ରତି ଧୂଳିକଣା କେତେ ମହାପୁରୁଷ, କେତେ ଅବତାର, କେତେ ଯୋଗୀ ଋଷି ସାଧୁ

ସନ୍ନ୍ୟାସୀଙ୍କ ପଦରେ ଲାଗି ପୂତ ହୋଇଛି । ଏ ଦେଶର ମାଟିରେ ପଡ଼ି ଗଡ଼ିପାରିଲେ ବିନା ସାଧନାରେ ଧନ୍ୟ ହୋଇଯିବ । x x x ଏ ଦେଶର ଜଳବାୟୁ ଗୁଣରେ ବର୍ତ୍ତମାନ ମଧ ବହୁ ମହାପୁରୁଷ ଓ ଗୁଣୀଜ୍ଞାନୀଙ୍କର ଅଭାବ ନାହିଁ ।' ଏହା ତାଙ୍କର ଉଦାର ମତ । ଏଥିରେ ରକ୍ଷଣଶୀଳତାର ଲେଶମାତ୍ର ଗନ୍ଧନାହିଁ । ରକ୍ଷଣଶୀଳତାକୁ ସେ କିପରି ଘୃଣା କରନ୍ତି ଏବଂ ସେ କିପରି ଉଦାର ଧର୍ମଗୁରୁ, ଏହା ତାଙ୍କ ଉକ୍ତିରୁ ସ୍ପଷ୍ଟ ହୁଏ— ''ଯେଉଁମାନେ ନିଜ ଧର୍ମର ମହିମା ବୁଝିପାରନ୍ତି ନାହିଁ, ସେମାନେ ହିଁ ପର ଧର୍ମର ନିନ୍ଦା କରିଥାନ୍ତି । ଧର୍ମର ନିନ୍ଦାକରିବା ଉଚିତ ନୁହେଁ । ରକ୍ଷଣଶୀଳତା ଭଲ ନୁହେଁ । ଧର୍ମ ନାମରେ ରକ୍ଷଣଶୀଳତାରେ ମହାପାତକ ହୁଏ ।''

ଅନ୍ଧ ରକ୍ଷଣଶୀଳ ହେବା ଦୂରର କଥା, ସେ ଥିଲେ ନିର୍ଭୀକ ସଂସ୍କାରକ । ନିଜେ ଶଙ୍କର ସମ୍ପ୍ରଦାୟଭୁକ୍ତ ସନ୍ନ୍ୟାସୀ । ଶୃଙ୍ଗେରୀ ମଠ ସଂପୃକ୍ତ ଗୁରୁଙ୍କର ଶିଷ୍ୟ ହୋଇ ସୁଦ୍ଧା ଆଚାର୍ଯ୍ୟ ଶଙ୍କରଙ୍କ ପନ୍ଥାକୁ ଭ୍ରମଦେଖାଇ ସେ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ସେ କହିଛନ୍ତି— ''ଶଙ୍କରାଚାର୍ଯ୍ୟଙ୍କ ବେଦାନ୍ତ ମତ ଖୁବ ଉଦାର ସତ; କିନ୍ତୁ ତାର ପ୍ରଚାର ପଥ ଥିଲା ସଂକୀର୍ଣ୍ଣ, କେବଳ ଉଚ୍ଚବର୍ଣ୍ଣଙ୍କ ମଧରେ ସୀମିତ । ଗୌରାଙ୍ଗଦେବଙ୍କ ମତ ସଂକୀର୍ଣ୍ଣ, ଅର୍ଥାତ୍ ସମସ୍ତଙ୍କୁ ରାଧାକୃଷ୍ଣ ଉପାସନା କରିବାକୁ ହେବ; କିନ୍ତୁ ତାଙ୍କର ପ୍ରଚାର ପଥ ଥିଲା ଖୁବ୍ ଉଦାର । ବ୍ରାହ୍ମଣେତର ସକଳ ଜାତି ମଧରେ ଏହା ପ୍ରସାରିତ । ମୁଁ ଏହି ଉଭୟ ମତର ସାମଞ୍ଜସ୍ୟ କରି ସାରସ୍ୱତ ମଠ ପ୍ରତିଷ୍ଠା କରିଛି ।'' ତାଙ୍କ ମଠରେ ଯେକୌଣସି ବର୍ଣ୍ଣର ବାଳକଗଣ ପ୍ରବେଶ ଲାଭ କରି ବ୍ରହ୍ମଚର୍ଯ୍ୟଶିକ୍ଷା କରିପାରନ୍ତି । ନମଶୂଦ୍ର ବର୍ଣ୍ଣର ବାଳକ ବ୍ରହ୍ମଚାରୀ ହୋଇ ତାଙ୍କ ମଠ ଅଧୀନରେ ବର୍ତ୍ତମାନ ସୁଦ୍ଧା ଅଛନ୍ତି । ସେଠାରେ ବର୍ଣ୍ଣଧର୍ମର ବାଛବିଚାର ନାହିଁ । ହିନ୍ଦୁଧର୍ମଧ୍ୱଜାଧାରୀଙ୍କର କପଟାଚରଣରେ ସେ ବ୍ୟଥିତ ହୋଇଛନ୍ତି । ଶାକ୍ତ ବୈଷ୍ଣବଙ୍କର କଳହରେ ସେ ବିବ୍ରତ ହୋଇ କହିଛନ୍ତି, ରାମକୃଷ୍ଣ ପରମହଂସ ଦେବ ଶକ୍ତିସାଧକ ହେଲେ ମଧ ପରମବୈଷ୍ଣବ । ପୁଣି ଯେଉଁସବୁ ବିଷ୍ଣୁ ଉପାସକମାନଙ୍କର ବର୍ଷକୁ ବର୍ଷ ସନ୍ତାନ ହୁଏ; ସେମାନେ ଘୋର ଶାକ୍ତ । ବୈଷ୍ଣବୀନାମ୍ନୀ ବାରବିଳାସିନୀ ବ୍ୟତୀତ ଯେଉଁମାନଙ୍କର ସାଧନ ହୁଏ ନାହିଁ, କେଉଁ ମୂର୍ଖ ସେମାନଙ୍କୁ ବୈଷ୍ଣବ ବୋଲି କହିବ ?'' ସେ ଖାଣ୍ଟି ଶାକ୍ତ ବୈଷ୍ଣବ, ଶୈବ ସବୁ ଉପାସକଙ୍କୁ ସମ୍ମାନ କରନ୍ତି । ରାମପ୍ରସାଦ ଓ ଚଣ୍ଡୀଦାସଙ୍କୁ ପରମ ବୈଷ୍ଣବ ଆଖ୍ୟାରେ ଅଭିହିତ କରିଛନ୍ତି । କୌଣସି ଧର୍ମସମ୍ପ୍ରଦାୟର ସେ ନିନ୍ଦାକରି ନାହାନ୍ତି । ଯେ ଯାହା ପଥରେ ଠିକ୍ ଠିକ୍ ଭାବରେ ଗତି କଲେ ପରିଶେଷରେ ଲକ୍ଷ୍ୟ ଲାଭ କରିବ ବୋଲି ସେ କହନ୍ତି ।

''ନିଗମ ଉପଦେଶ''ରେ ସମାଜର ସବୁ ଶ୍ରେଣୀର ଲୋକଙ୍କ ପାଇଁ ଶିକ୍ଷଣୀୟ ବିଷୟ ଅଛି । ସର୍ବସାଧାରଣଙ୍କର ବିଷୟ ଲୋଭ ଓ ସାଂସାରିକ ଉନ୍ନତି ପାଇଁ କାମନା କଳୁଷିତ ହେବାର ଦେଖି ସେ ବଡ଼ ଦୁଃଖରେ କହିଛନ୍ତି, 'କାମନା-ବାସନା ଦୁଇ ଦଣ୍ଡର ଖେଳ ନୁହେଁ, ତାହା ଅନନ୍ତର ପରମାୟୁ । ସଂସ୍କାରରୂପରେ ତାହା ଆତ୍ମାର ଆବରଣ ହୋଇ ରହେ । ଏହି ସଂସ୍କାରଭେଦ ହିଁ ସାଧୁ-ଅସାଧୁର ବ୍ୟବଧାନ ।' ସଂସାରରେ 'କୁ' 'ସୁ' ଲୋକ ବୋଲି କେହି ଜନ୍ମ ଗ୍ରହଣ କରେ ନାହିଁ । ଏହିପରି କାମନା କୃତ୍ୟର 'କୁ' 'ସୁ' ଅନୁସାରେ ଅଦୃଷ୍ଟ ଉନ୍ନତିର ତାରତମ୍ୟ ହୁଏ । କାମନା ମନୁଷ୍ୟଭାଗ୍ୟର ଅପରପୃଷ୍ଠା । କାମନା ବନ୍ଧନ । ଜୀବ କାମନା କରି ନିଜ ବନ୍ଧନରେ ନିଜେ ବାନ୍ଧିହୋଇ ଯାହା ଭୋଗ କରେ, ସେଥିପାଇଁ ନିୟତିକୁ ଦୋଷ ଦିଏ । ତେଣୁ କାମନାବର୍ଜ୍ଜନ ହିଁ ମନୁଷ୍ୟର ଭାଗ୍ୟଗଠନର ଏକମାତ୍ର ଉତ୍କୃଷ୍ଟ ଉପାୟ । ଏକଥା ସେ ବିଶଦ୍‌ଭାବରେ ଏହି ନିଗମ ଉପଦେଶରେ ବୁଝାଇଛନ୍ତି । ନିଜ କର୍ମସୂତ୍ରର ସଂଯୋଗରେ ମନୁଷ୍ୟ ଯାହାକିଛି ଭୋଗକରେ । ଏହା ତାର ପ୍ରାରବ୍ଧ ଭୋଗମାତ୍ର । ସୁତରାଂ, କର୍ମ କଲାବେଳେ ଖୁବ୍ ସାବଧାନ ହୋଇ କାମନାଶୂନ୍ୟ ଭାବରେ ଅର୍ଥାତ୍ ଅନାସକ୍ତ ହୋଇ କରିବାକୁ ହେବ । କାରଣ, ସୁଖ ଓ ଦୁଃଖ ପ୍ରାର୍ଥନାର ଫଳ ମାତ୍ର । ସୁଖପାଇଁ ଯାହା ଦିନେ ପ୍ରାର୍ଥନା କରିଥିଲ, ତାହା ବର୍ତ୍ତମାନ ଉପସ୍ଥିତ ହୋଇ ଦୁଃଖର ନିଦାନ ହୋଇଛି । ଯେଉଁ ଅବସ୍ଥାରେ ତାହା ଅସ୍ଥାୟୀ ସୁଖ ଦେଇଥାନ୍ତା, ସେ ଅବସ୍ଥା ଆଜି ଆଉ ନାହିଁ ବୋଲି ଆଜି ତାହା ସେ ସୁଖ ଦେଇପାରେ ନାହିଁ । ସୁତରାଂ, ଭଗବାନଙ୍କୁ ଭକ୍ତି ଓ ଶାନ୍ତି ବ୍ୟତୀତ କୌଣସି ବିଷୟସୁଖ ମାଗ ନାହିଁ ବୋଲି ତାଙ୍କର ଉପଦେଶ ।

ତାଙ୍କ ଉପଦେଶାବଳୀ ବିଶଦ, ବିସ୍ତୃତ ଓ ପ୍ରାଞ୍ଜଳ । ଜୀବନର ପ୍ରତିକ୍ଷେତ୍ରରେ ପ୍ରୟୋଗପାଇଁ ବହୁ ଉପାଦାନ ଏଥିରେ ଅଛି । ଯେକୌଣସି ସ୍ତରର, ଯେକୌଣସି ଅବସ୍ଥାର, ଯେକୌଣସି ବୟସର ଲୋକେ ନିଜ ନିଜ ଉପଯୋଗୀ ବହୁ ତଥ୍ୟ ଏଥିରୁ ପାଇପାରିବେ; ବିଶେଷତଃ ଛାତ୍ର, ସାଧକ ଓ କର୍ମୀମାନେ ବହୁ ଉପକୃତ ହେବେ— ଏହା ଆମମାନଙ୍କର ଆଶା । ଆମ ଓଡ଼ିଆ ସାହିତ୍ୟରେ ଏଭଳି ସାହିତ୍ୟର ଅଭାବ । ଏହା କଥଞ୍ଚିତ୍ ପୂରଣ କଲେ ଶ୍ରମ ସଫଳଜ୍ଞାନ କରିବୁ ।

ଗୁଣପୁର (କୋରାପୁଟ ଜିଲା)
ତା ୨୦ । ୧୨ । ୪୭

ଶ୍ରୀଚରଣାଶ୍ରିତ
ଈଶ୍ୱରସାହୁ

ନବବର୍ଷର ଆଶୀର୍ବାଦ

''ତୁମେମାନେ ବର୍ଷ ଶେଷରେ ଆଜି ମୋ ନିକଟକୁ ଉପଦେଶ ପ୍ରାର୍ଥୀ ହୋଇ ଆସିଅଛ । ତୁମେମାନେ କହ ଯେ ମୋ ଉପଦେଶରେ, ମୋ ଆଶୀର୍ବାଦରେ ତୁମମାନଙ୍କ ପ୍ରାଣରେ ନବ ଚେତନା, ନବ ଉଦ୍ଦୀପନାର ସଞ୍ଚାର ହୁଏ । ମୁଁ ଉପଦେଶ ତ ବହୁତ ଦେଇଛି, କିନ୍ତୁ ଆଜି ଆଶୀର୍ବାଦ କରୁଛି, ତୁମେମାନେ ମନୁଷ୍ୟ ହୁଅ । ବର୍ଷ ଶେଷରେ ଏହା ହିଁ ମୋର ଶୁଭ ଆଶୀର୍ବାଦ ।''

''ମୋତେ ଅବଲମ୍ବନ କରି ସଂଘ ଓ ଆଶ୍ରମ ପ୍ରତି ତୁମମାନଙ୍କର ଶ୍ରଦ୍ଧା ରହିଛି । ମୁଁ ଅଛି ବୋଲି ଆଶ୍ରମ ତୁମର ଅତି ପ୍ରିୟ । ତୁମେମାନେ ଯେଉଁଦିନ ମୋ ଅସ୍ତିତ୍ୱରେ ଅବିଶ୍ୱାସୀ ହୋଇପଡ଼ିବ, ତୁମମାନଙ୍କ ଆଶ୍ରମ-ସଂଘ-ପ୍ରୀତି ସେହିଦିନଠାରୁ ତିରୋହିତ ହୋଇଯିବ । 'ମୁଁ ଅଛି'— ଏହି ବିଶ୍ୱାସ ଯେଉଁମାନଙ୍କ ପ୍ରାଣରେ ସୁଦୃଢ଼ ହୋଇ ରହିଛି, ସେମାନଙ୍କ ନିକଟରେ ସଂଘ, ଆଶ୍ରମ ଚିର ଆଦରଣୀୟ ହୋଇ ରହିବ ।''

''ତୁମେମାନେ ନିତ୍ୟ ମୁକ୍ତ । ମୁଁ ତୁମମାନଙ୍କୁ ଆବରଣଯୁକ୍ତ କରି ନିତ୍ୟ ଧାମରୁ ଆକର୍ଷଣ କରି ଆଣିଛି । ତୁମମାନଙ୍କର ନିଜର ମୁକ୍ତି ନିମିତ୍ତ କୌଣସି ଭାବନା ନାହିଁ । ଜଗତର ମଙ୍ଗଳସାଧନ ନିମିତ୍ତ ତୁମମାନଙ୍କର ଅବତରଣ । ତୁମମାନଙ୍କର କୌଣସି ବନ୍ଧନ ନାହିଁ ବୋଲି ତୁମମାନଙ୍କ ଉପରେ ମୁଁ ଏତେ କର୍ମର ବୋଝ ଲଦି ଦେଇଛି ।''

''ନିଜର ଚରିତ୍ର ଗଠନ କିପରି କରିବାକୁ ହୁଏ— ଜଗତକୁ ତୁମେମାନେ ଏହି ଶିକ୍ଷା ଦିଅ । ମନୁଷ୍ୟ ଅନେକ ବିଷୟ ପାଇଁ ଭିଖାରି ହୁଏ । କେବଳ ମନୁଷ୍ୟତ୍ୱ ଅର୍ଜନ କଲେ ସବୁ ଦୈନ୍ୟ ଆପଣା ମନକୁ ଚାଲିଯାଏ । ମନୁଷ୍ୟକୁ ତୁମେମାନେ ମନୁଷ୍ୟ ହେବାରେ ସାହାଯ୍ୟ କର— ତୁମମାନଙ୍କ ପ୍ରତି ମୋର ଏହା ହିଁ ଆଶୀର୍ବାଦ ।''

ଆତ୍ମ ପ୍ରତିଷ୍ଠା

"ପ୍ରଥମେ ଗୋଟିଏ ଭାବରେ ଆତ୍ମପ୍ରତିଷ୍ଠା କର, ପ୍ରଚାର ପରେ କରିବ । ତୁମେମାନେ ଆଦର୍ଶରେ ପ୍ରତିଷ୍ଠିତ ହୁଅ; ଦେଶ ତୁମମାନଙ୍କୁ ଦେଖି ଉଦ୍‌ବୁଦ୍ଧ ହେଉ– ଏହାହିଁ ମୋର ଏକମାତ୍ର କାମନା ।"

ଯେଉଁମାନେ ନିତ୍ୟସିଦ୍ଧ ସେମାନଙ୍କର କୌଣସି କର୍ମ ନାହିଁ । ତୁମେମାନେ ଯେଉଁ କର୍ମ କରୁଛ, ତାହା ତୁମ ନିଜ ପାଇଁ ନୁହେଁ– ଜୀବନ୍ମୁକ୍ତ ଗୁରୁଙ୍କ ପାଇଁ । ନିତ୍ୟସିଦ୍ଧମାନଙ୍କର ଆତ୍ମମୁକ୍ତି ନିମିତ୍ତ ଭାବନା ନାହିଁ; ଏଥିପାଇଁ ନିଶ୍ଚିନ୍ତ ମନରେ ସେମାନେ ଜଗତର ମଙ୍ଗଳ ନିମିତ୍ତ ଆପ୍ରାଣ ପରିଶ୍ରମ କରି ମରିପାରନ୍ତି । ମୁଁ ଚାହେଁ, ତୁମେମାନେ ଜଗତର ମଙ୍ଗଳ ପାଇଁ ତୁମମାନଙ୍କର ସମଗ୍ର ପ୍ରାଣ ଢାଳିଦିଅ । କ୍ଳାନ୍ତ, ଶ୍ରାନ୍ତ, ଅଜ୍ଞାନ-ବିମୂଢ଼ ମାନବ ପ୍ରାଣରେ ଆଶାର ଆଲୋକ ପ୍ରଜ୍ୱଳିତ କରିବା ହିଁ ତୁମମାନଙ୍କର ଏକମାତ୍ର କର୍ତ୍ତବ୍ୟ । ମୁଁ ଯେଉଁ ଆଶାରେ, ଯେଉଁ ଉଦ୍ଦୀପନାରେ ତୁମମାନଙ୍କୁ ଉଦ୍‌ବୁଦ୍ଧ କରିଛି, ତୁମେମାନେ ଜଗତର ପ୍ରତ୍ୟେକ ମାନବକୁ ସେହି ଆଦର୍ଶରେ, ସେହି ପ୍ରେରଣାରେ ଉଦ୍‌ବୁଦ୍ଧ କରିଦିଅ । ମନୁଷ୍ୟତ୍ୱର ସାଧନା ସର୍ବାପେକ୍ଷା ଦୁର୍ଲ୍ଲଭ ବସ୍ତୁ ।

ମୋର ପ୍ରକାଶଶକ୍ତି ହୁଅ

"ଜୀବଜଗତର କାହିଁରେ ମଙ୍ଗଳ ହେବ, ସମସ୍ତଙ୍କ ଅନ୍ତରରେ ସେହି ଅଲୌକିକ ଇଙ୍ଗିତ ବା ପ୍ରେରଣା ଜାଗେ ନାହିଁ । ମହାପୁରୁଷମାନେ ହିଁ କେବଳ ଜଗଦ୍‌ଗୁରୁଙ୍କର ସେହି ମଙ୍ଗଳମୟ ଇଙ୍ଗିତ ବୁଝିବାକୁ ସକ୍ଷମ । ମୁଁ ସଦ୍‌ଗୁରୁ, ଜଗଦ୍‌ଗୁରୁଙ୍କର ମଙ୍ଗଳମୟ ଇଚ୍ଛା ମୋ ଅନ୍ତରରେ ଲୀଳାୟିତ । ତୁମେମାନେ ସେହି ଲୀଳାପୁଷ୍ଟିର ସହାୟକ । ମୋ ଅନ୍ତରରେ ଯେଉଁ ସତ୍ୟ ପ୍ରତିଭାତ ହୋଇଛି, ତୁମେମାନେ ବାହାରେ ତାକୁ ରୂପ ଦିଅ । ମୁଁ ତୁମମାନଙ୍କଠାରୁ ଅନ୍ୟ କିଛି ଆଶା କରୁ ନାହିଁ । ତୁମେମାନେ ମୋର ପ୍ରକାଶଶକ୍ତି ହୁଅ ।"

"ବର୍ଷ ଶେଷ ହୋଇଛି, ପୁଣି ନବବର୍ଷ ଆସିବ । ଅପ୍ରମତ୍ତ ହୋଇ ତୁମେମାନେ ମୋ ଆଦର୍ଶକୁ ରୂପ ଦେବାକୁ ଚେଷ୍ଟା କର । ମୁଁ ତୁମମାନଙ୍କୁ ଯେଉଁସବୁ ଉପଦେଶ ଦେଇଛି, ତାହା ଅପେକ୍ଷା ମୂଲ୍ୟବାନ୍ ଉପଦେଶ ଆଉ କିଛି ନାହିଁ । ବର୍ତ୍ତମାନ ସେହି ଉପଦେଶଗୁଡ଼ିକୁ ନିଷ୍ଠାର ସହିତ ପାଳନ କର ।"

ହୋ ହା, ଗୋଳମାଳ ବା ଆଡ଼ମ୍ବରକୁ ମୁଁ ସୁଖ ପାଏ ନାହିଁ । ସୁତରାଂ ମୁଁ ଯାହା ସୁଖ ନ ପାଏ, ସେଥିପ୍ରତି ତୁମମାନଙ୍କର ଅପ୍ରବୃତ୍ତି ହେବା ଉତ୍ତମ । ତୁମେମାନେ କ୍ରମେ କ୍ରମେ ଆତ୍ମଗଠନ କର । ଦେଖିବ, ତୁମମାନଙ୍କୁ କିଏ ଅନୁସରଣ କରୁଛି କି ନାହିଁ, ସେଥିଲାଗି ତୁମମାନଙ୍କୁ ଆଉ ଭାବିବାକୁ ପଡ଼ିବ ନାହିଁ ।

''ତୁମେମାନେ ଗୌରାଙ୍ଗଦେବଙ୍କ ପଥରେ ଅର୍ଥାତ୍ ଭକ୍ତିପଥରେ, ଶଙ୍କରଙ୍କ ମତ ଅନୁରୂପ ଜ୍ଞାନ ଲାଭ କରି ଆଦର୍ଶ ମନୁଷ୍ୟ ହୁଅ । ଏହା ହିଁ ବର୍ଷ ଶେଷରେ ମୋର ଆଶୀର୍ବାଦ । ତୁମେମାନେ ନିଜ ପାଇଁ ନିଶ୍ଚିନ୍ତ ରହ, କାରଣ ତୁମେମାନେ ସଦ୍‌ଗୁରୁଙ୍କର ଅନ୍ତରଙ୍ଗ ପାର୍ଶ୍ୱଦ । ଜଗତ ନିମିତ୍ତ ତୁମମାନଙ୍କର ଜୀବନ, ତୁମେମାନେ ଜଗତରେ ମନୁଷ୍ୟତ୍ୱର ଆଦର୍ଶ ପ୍ରତିଷ୍ଠା କରିଯାଅ । ମୋର ଆଶୀର୍ବାଣୀ ତୁମମାନଙ୍କର ଧ୍ୟାନର ବସ୍ତୁ ହେଉ ।''

''ଭଗବତ୍ ସାରୂପ୍ୟ ଲାଭ କରିବାକୁ ହେଲେ ଭଗବାନଙ୍କ ଜଗତ୍ ସେବାର ଆଦର୍ଶ ସାଧକଙ୍କର ଲକ୍ଷ୍ୟ ହେବା ଉଚିତ । ଆତ୍ମସ୍ୱାର୍ଥ ଉଦ୍ଦେଶ୍ୟରେ ତପ, ଜପ, ପୂଜା ନିରର୍ଥକ । ମୋର ମୂଳ ଲକ୍ଷ୍ୟ ଅହଂତ୍ୱର ପ୍ରସାର । ସାଧାରଣଙ୍କ ଅହଂତ୍ୱ କେବଳ ନିଜଦେହ ସମ୍ବନ୍ଧୀୟ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ସୀମାବଦ୍ଧ; କିନ୍ତୁ ତୁମମାନଙ୍କ ଅହଂତ୍ୱ ବିଶ୍ୱବ୍ରହ୍ମାଣ୍ଡ ବ୍ୟାପ୍ତ ହେଉ, ଏହା ହିଁ ମୋର ଆଶା ଏବଂ ଆଶୀର୍ବାଦ ।''

''ତୁମେମାନେ ପ୍ରଥମେ ମୋ ଆଦର୍ଶକୁ ନିଜ ପରିବାରରେ ରୂପ ପ୍ରଦାନ କର । ପରିବାରର ଆଦର୍ଶ ଗ୍ରାମରେ, ଗ୍ରାମର ଆଦର୍ଶ ଦେଶରେ, ଦେଶର ଆଦର୍ଶ ମହାଦେଶରେ, ଶେଷରେ ସମଗ୍ର ଜଗତରେ ଦିନେ ତାହା ବ୍ୟାପ୍ତ ହୋଇପଡ଼ିବ । ମୋ ଆଦର୍ଶକୁ ରୂପ ଦେବା ହିଁ ତୁମମାନଙ୍କର ସାଧନା । ମୁକ୍ତି ନିମିତ୍ତ ତୁମମାନଙ୍କର ଚିନ୍ତା ନାହିଁ । ତୁମେମାନେ ମୋ କର୍ମ କରିଗଲେ ଅବଶେଷରେ ମୁଁ ତୁମମାନଙ୍କର ସମସ୍ତ ଭାର ବହନ କରିବି ।''

ଅକ୍ଷୟ ତୃତୀୟାରେ ଆଶୀର୍ବାଦ

''ତୁମେମାନେ ହିଁ ମୋର ଶୁଭ ଇଚ୍ଛାକୁ ମୂର୍ତ୍ତ କରିବାର ଏକମାତ୍ର ସହାୟ । ମୁଁ ଦିନେ ମୁଷ୍ଟିମେୟ କେତେଜଣଙ୍କୁ ଘେନି ମୋ କାର୍ଯ୍ୟର ସୂତ୍ରପାତ କରିଥିଲି । ମୁଁ କାହାକୁ ଡାକି ଆଣି ନ ଥିଲି କିମ୍ବା ମୋ ବିଭୂତି ଦେଖି କେହି ମନ୍ତ୍ରମୁଗ୍ଧ ହୋଇ ମୋର ଶରଣାପନ୍ନ ହୋଇ ନ ଥିଲେ । ଯେଉଁମାନେ ଆସିଥିଲେ, ମୋତେ ସୁଖ ପାଇବା ଛଡ଼ା ସେମାନଙ୍କର ଆସିବାର ଅନ୍ୟ କୌଣସି କାରଣ ନ ଥିଲା । ମୁଁ ଗୋଟିଏ ସ୍ଥାନରେ ବସି କେବଳ ବିଶୁଦ୍ଧ ସଂକଳ୍ପ ହିଁ କରିଥିଲି । ସେହି ସଂକଳ୍ପର ଅଦୃଶ୍ୟ ଆକର୍ଷଣ ବଳରେ ତୁମମାନଙ୍କର ମିଳନ ।''

ଭଗବତ ପ୍ରେରଣା

ତୁମମାନଙ୍କର ଜୀବନର ଭାବରେ, କର୍ମରେ, ଭଗବତ୍ ପ୍ରେରଣା ଅବତରଣ କରୁ; ତୁମେମାନେ ସଂକଳ୍ପସିଦ୍ଧି ନିମିତ୍ତ ଅକ୍ଷୟବୀର୍ଯ୍ୟ ଲାଭ କର । ସେହି ସିଦ୍ଧି ତୁମମାନଙ୍କର ଚାରିତ୍ରିକ ବଳ ଏବଂ ଚାରିତ୍ରିକ ନିର୍ମଳତା ଉପରେ ନିର୍ଭର କରେ । ତୁମେମାନେ ମୋ ଭାବ-ପଥରେ ବିଘ୍ନ ହୁଅ ନାହିଁ ।

''ଏହି ଦେହଦ୍ୱାରା ହିଁ କାର୍ଯ୍ୟ ସାଧିତ ହେବ । ତେବେ ଏହାର ରୂପାନ୍ତର ଆବଶ୍ୟକ । ତୁମେମାନେ ନିର୍ଭୀକ ସାଧକ । ଏଥିପାଇଁ ଆତ୍ମଦାନରେ ତୁମମାନଙ୍କର ବିନ୍ଦୁ ମାତ୍ର କୁଣ୍ଠାବୋଧ ନାହିଁ । ଆଜି ଅକ୍ଷୟ ତୃତୀୟାରେ ମୁଁ ତୁମମାନଙ୍କୁ ଆଉ କି ଆଶୀର୍ବାଦ କରିବି ? ତୁମେମାନେ ମନୁଷ୍ୟ ହୋଇ ଉଠ, ଏହା ହିଁ ମୋର ଆଶୀର୍ବାଦ । ମୋର ମାୟା ନାହିଁ, କିନ୍ତୁ ମୁଁ ତୁମମାନଙ୍କୁ ସୁଖ ପାଏ । ଏହି ସୁଖ ପାଇବା ଦ୍ୱାରା ହିଁ ତୁମମାନଙ୍କ ଜୀବନ ଗଠିତ ହୋଇଅଛି । ସୁଖ ପାଇବା ସବୁଠାରୁ ଉତ୍ତମ । ମୋ ନିକଟରେ ଯେଉଁମାନେ ଅନ୍ୟ କୌଣସି ଦାବି କରନ୍ତି, ସେମାନେ ବଞ୍ଚିତ ହେବେ । ପୁଣି ତୁମେମାନେ ଦେଖୁଛ, ମୋ ପ୍ରତି ଯେଉଁମାନଙ୍କର ସ୍ୱଚ୍ଛ, ନିର୍ମଳ ପ୍ରେମ ରହିଛି, ସେହିମାନେ ହିଁ ମୋ କାର୍ଯ୍ୟକୁ, ମୋ ଭାବକୁ, ମୋ ଆଦର୍ଶକୁ ହୃଦୟରେ ଧରି ନିଃସ୍ୱାର୍ଥ ଭାବରେ ପଡ଼ି ରହିଛନ୍ତି ।''

ଆତ୍ମଦାନ

ମୋର ବୋଲି ଯଦି ଜଣକୁ ହେଲେ ପାଏଁ, ତାହା ହିଁ ମୋର ପରମ ଲାଭ । ପରୀକ୍ଷା ଭିତର ଦେଇ ଏହି ବଛା ବଛି ହୋଇ ଯାଉଅଛି । ମୋର ଅନୁଭୂତି ସତ୍ୟ— ତେଣୁ ବାସ୍ତବ ଜଗତରେ ମଧ ତାହାର ଅନିବାର୍ଯ୍ୟ ରୂପ ଦିନେ ନା ଦିନେ ନିଶ୍ଚୟ ଫୁଟି ଉଠିବ । ତୁମେମାନେ ମୋର ସାହାଯ୍ୟକାରୀ । ମୁଁ ଯାହା ଲୋଡୁଥିଲି, ତାକୁ ରୂପ ଦେବା ନିମିତ୍ତ ତୁମମାନଙ୍କର ଏହି ଅକୁଣ୍ଠ ଆତ୍ମଦାନ ।

''ଅକ୍ଷୟ ତୃତୀୟାରେ ହିଁ ତୁମମାନଙ୍କର ନବ ଜୀବନର ଦୀକ୍ଷା । ଏହି ଦିନଟି ସହିତ ମୋ ଭାବର ଏବଂ ତୁମମାନଙ୍କ ପ୍ରାଣର ଯୋଗ ରହିଅଛି । ସେହି ଶୁଭ ଦିନରେ, ଶୁଭ ଲଗ୍ନରେ ଯେଉଁ ଉଦ୍ଦେଶ୍ୟ ସିଦ୍ଧି ନିମିତ୍ତ ତୁମମାନଙ୍କର ଆତ୍ମଦାନ, ତାହାରି ଅକ୍ଷୟ ସ୍ମୃତିରେ ଆଜି ପୁଣି ତୁମେମାନେ ନୂତନ ହୋଇ ଉଠ ।''

ଦୀକ୍ଷା

ତୁମେମାନେ ମନୁଷ୍ୟ ହେବାକୁ, ସାଧୁ ହେବାକୁ ଏଠାକୁ ଆସିଛ । ଅନ୍ୟ କୌଣସି କାମନା ବାସନା ତୁମମାନଙ୍କର ନାହିଁ । ନବ ବର୍ଷରେ, ନବ ଦୀକ୍ଷା ଦିନରେ ମନ ସହିତ ବୁଝାଶୁଝା କରି ଦେଖ, କେଉଁଠାରେ ସ୍ୱାର୍ଥର ପ୍ରଲୋଭନରେ ଆଦର୍ଶ ଚ୍ୟୁତ ହୋଇଅଛ କି ନା ? ଦୀକ୍ଷାର ମନ୍ତ୍ର ଭୁଲିଗଲେ ଉଦ୍ଧାରର ଆଉ ଉପାୟ ନାହିଁ । ଅଧିକାରୀ ହେବା ସବୁଠାରୁ ବଡ଼ କଥା । ସେହି ଅଧିକାର ଅର୍ଜନ ନିମିତ୍ତ ତୁମମାନଙ୍କର ସାଧନା । ମଝିରେ ମଝିରେ ଅହଂକାର ଆସି ଆତ୍ମପ୍ରତିଷ୍ଠା-ଯଜ୍ଞକୁ ଲଣ୍ଡଭଣ୍ଡ କରିଦିଏ । ସେଥିପାଇଁ ସମର୍ପଣ ପଥରେ ଚାଲିଲେ ଆଉ କୌଣସି ଆଶଙ୍କା ନାହିଁ ।

''ମନୁଷ୍ୟ ଦୁଇ ଦିନର ପ୍ରତିଷ୍ଠା ଲୋଡ଼େ । ଏଥିପାଇଁ ସମର୍ପଣ ପଥ ଧରି ଚାଲିବାକୁ ତାର ନାନାପ୍ରକାର ଆପତ୍ତି ହୁଏ । ଅପୂର୍ଣ୍ଣତା ଧରି କେତେ ଲୋକ ପୂର୍ଣ୍ଣତାର ଅଭିନୟ କରି ଯାଉଛନ୍ତି । କିନ୍ତୁ ତାହା ହେଲେ କଅଣ ହେବ ? ସେ ଜୀବନରେ କୌଣସି ସାତ୍ତ୍ୱିକ ପ୍ରେରଣା ସଞ୍ଚାରର କ୍ଷମତା ନାହିଁ । ଅଭିନୟରେ ଦିନେ ନା ଦିନେ ନିଶ୍ଚୟ ଆତ୍ମଗ୍ଲାନି ଉପସ୍ଥିତ ହେବ । ତୁମେମାନେ ଅଭିନୟ ପରିତ୍ୟାଗ କର, ଖାଣ୍ଟି ଭାବରେ ମନୁଷ୍ୟ ହୋଇ ଉଠ । ଅକ୍ଷୟବୀର୍ଯ୍ୟ ଲାଭ କରି ଏହି ମର୍ତ୍ତ୍ୟଜଗତରେ ଅମୃତାନନ୍ଦ ଅନୁଭବ କର— ଏହା ହିଁ ମୋର ଅଭିଳାଷ ଓ ଆଶୀର୍ବାଦ ।''

ଶଙ୍କରାଚାର୍ଯ୍ୟଙ୍କ ଜନ୍ମତିଥିରେ

ଆଜି ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ଉତ୍ସବ । ଯାହାଙ୍କ ଜନ୍ମୋତ୍ସବକୁ ଉପଲକ୍ଷ୍ୟ କରି ତୁମେମାନେ ଆଜି ଏଠାରେ ଏକତ୍ର ହୋଇଅଛ, ପୁଣି ଆନନ୍ଦରେ ଉଦ୍ଦୀପିତ ହୋଇଅଛ, ତାଙ୍କ ଜୀବନର ଭାବ ବୁଝ । ନିଜ ଜୀବନକୁ ସେହି ଅନୁରୂପରେ ଗଠନ କର— ଏହା ହିଁ ମୋର ଆଶୀର୍ବାଦ ।

ଦୁଇଟି ଆଦର୍ଶ

ଶ୍ରେଷ୍ଠ ଆଦର୍ଶର ଦୁଇଗୋଟି ଚରମ ସୀମା, ଆଚାର୍ଯ୍ୟ ଶଙ୍କର ଓ ମହାପ୍ରଭୁ ଗୌରାଙ୍ଗଦେବ । ଶଙ୍କରାଚାର୍ଯ୍ୟଙ୍କ ଜ୍ଞାନକୁ ପରିପକ୍ୱ କଲେ ଏହି ଜଗତ ମୂଳରେ ବିଦ୍ୟମାନ ଥିବା ନିତ୍ୟଭାବର ପରିଚୟ ପାଇବ । ଛୋଟ କିମ୍ବା ବଡ଼ ବିଚାର କରି ମୁଁ ଏ କଥା କହୁ ନାହିଁ । କିନ୍ତୁ ଶଙ୍କରାଚାର୍ଯ୍ୟଙ୍କ ଜ୍ଞାନର ଅତୀତ ହୋଇ ଆହୁରି ମଧ୍ୟ କିଛି ଅଛି । ସେହି ନିତ୍ୟଭାବଲୋକର ତତ୍ତ୍ୱ ବୁଝ । ଏହି ଜଗତରେ ଥାଇ ସେହି ଭାବକୁ ପ୍ରତ୍ୟେକେ ନିଜ ଜୀବନରେ ମୂର୍ତ୍ତ କରି ପ୍ରକାଶ କର । ଜ୍ଞାନ ଉତ୍ତମ; କିନ୍ତୁ ଜ୍ଞାନଦ୍ୱାରା ଜଗତକୁ ପ୍ରାଣ ପୂରାଇ ପ୍ରେମ ନ କଲେ ସେହି ଜ୍ଞାନର ବା ସାର୍ଥକତା କଅଣ ?

ଯେ ଜ୍ଞାନ ଲାଭ କରନ୍ତି, ସେ ଶଙ୍କର । ଜଣେ ଶଙ୍କର ଯାଇଛନ୍ତି ସତ୍ୟ; କିନ୍ତୁ ଆଉ ଶଙ୍କର ଯେ ହେବେ ନାହିଁ, ଏ କଥାର ତାତ୍ପର୍ଯ୍ୟ କଅଣ ଅଛି ? ଜ୍ଞାନକୁ ପରିପକ୍ୱ କରି ଏ ସ୍ଥୂଳ ଜଗତରେ ସଖ୍ୟ, ଦାସ୍ୟ, ବାତ୍ସଲ୍ୟ ଇତ୍ୟାଦି ନିତ୍ୟ ଭାବ ଅବଲମ୍ବନ କରି ଯେଉଁମାନେ ଜୀବନ ଅତିବାହିତ କରନ୍ତି, ସେମାନେ ବହୁ ଉର୍ଦ୍ଧ୍ୱରେ ଅଧିଷ୍ଠିତ ବୋଲି ମୁଁ ମନେ କରେ । ଅନେକେ ଭାବନ୍ତି ଯେ, ଆଉ କେହି ଶଙ୍କରଙ୍କ ପରି ହୋଇପାରିବେ ନାହିଁ । ଏ ଧାରଣା ଭ୍ରମାତ୍ମକ । ଶଙ୍କର ହିଁ ଚରମ ନୁହନ୍ତି । ଶଙ୍କର ଗୌରାଙ୍ଗଙ୍କର ସମ୍ମିଳିତ ଆଦର୍ଶ ହିଁ ତୁମମାନଙ୍କ ଜୀବନର ଆଦର୍ଶ । କୌଣସି ଗୋଟିଏ ଦିଗ ଚରମ ବୋଲି ଭାବ ନାହିଁ ।

ଜ୍ଞାନ ଓ ପ୍ରେମ

ଜ୍ଞାନ ଆବଶ୍ୟକ; କିନ୍ତୁ ସେହି ଜ୍ଞାନକୁ ଅବଶେଷରେ ପ୍ରେମରେ ପରିଣତ କରିବାକୁ ହେବ । କେବଳ ନିରୋଳ ଶୁଷ୍କଜ୍ଞାନରେ କୌଣସି ଲାଭ ନାହିଁ । ଜ୍ଞାନର ପ୍ରୟୋଗ ମଧ୍ୟ କିରବାକୁ ହେବ । ଜ୍ଞାନୀମାନେ ହିଁ ଜଗତର ଅସଲ ସେବକ । ସେମାନେ କୌଣସିଥିରେ ଆବଦ୍ଧ ହୋଇ ପଡ଼ନ୍ତି ନାହିଁ ବୋଲି ସଂସ୍କାର ଓ ବଳ ସେମାନଙ୍କ ଭିତରେ ଅଛି । ତେଣୁ ଜ୍ଞାନୀମାନେ ଅକୁଣ୍ଠିତ ଭାବରେ ସମସ୍ତଙ୍କର ସେବା କରିପାରନ୍ତି ।

ତୁମେମାନେ ଜ୍ଞାନଲାଭ କରିଛ, ଏ କଥା ମୁଁ କେତେବେଳେ ବୁଝିବି ଜାଣ ? ଅନ୍ୟର ଦୁଃଖ ଦୈନ୍ୟରେ ବିଚଳିତ ନ ହୋଇ ଯଦି ତୁମେମାନେ ରହି ନ ପାରିବ, ସେତେବେଳେ ଯାଇ ବୁଝିବି ଯେ ତୁମମାନଙ୍କର ଜ୍ଞାନଲାଭ ହୋଇଅଛି । ଶଙ୍କରଙ୍କର ଜ୍ଞାନ କହିଲେ ପୋଥିଗତ ଜ୍ଞାନ ବୋଲି ମୁଁ ବୁଝେ ନାହିଁ । ଜଗତର ଅବିଦ୍ୟା ଦୂର କରିବା ପାଇଁ ଶଙ୍କରାଚାର୍ଯ୍ୟଙ୍କ ପରି ଯେଉଁମାନଙ୍କ ପ୍ରାଣରେ ବ୍ୟାକୁଳତା ଜାତ ହେବ, ସେହିମାନେ ହିଁ ଶଙ୍କରଙ୍କ ଜ୍ଞାନଲାଭ କରିଛନ୍ତି ବୋଲି ମୁଁ ବୁଝିବି ।

ଜ୍ଞାନଲାଭ ପରେ ମଧ୍ୟ ତୁମମାନଙ୍କ ଜୀବନରେ ନିତ୍ୟଲୋକର ଭାବ ବିକଶିତ ହେଉ, ଏହା ମୋର ଆଶୀର୍ବାଦ । ତୁମେମାନେ ଏହି ଜୀବନରେ, ଏହି ଦେହରେ ଓ ମନ ଭିତରେ ଭଗବାନଙ୍କୁ ଉପଲବ୍ଧି କରିପାରିବ । କୌଣସି ମାନସିକ କ୍ରିୟାକୁ ମୁଁ ଜ୍ଞାନ ଅର୍ଥରେ ନେଉଁ ନାହିଁ । ଯାହା ପ୍ରାଣକୁ ଶୀତଳ କରି ପରିପୂର୍ଣ୍ଣ ଆନନ୍ଦରେ ବିହ୍ୱଳ କରେ, ତାହାକୁ ମୁଁ ଜ୍ଞାନ ବୋଲି କହେ । କ୍ରମେ ତୁମେମାନେ ସେହି ଜ୍ଞାନର ଅଧିକାରୀ ହୁଅ— ଏହା ମୋର ପ୍ରାର୍ଥନା ।

ସାମଞ୍ଜସ୍ୟ ସୂତ୍ର

ପୋଥିପଢ଼ା ଜ୍ଞାନୀଙ୍କର ଅଭାବ ନାହିଁ । ସେମାନେ କଅଣ ଜଗତର ଅବିଦ୍ୟାମାଳିନ୍ୟ ଦୂର କରିବାକୁ ସମର୍ଥ ? ଯେଉଁ ଜ୍ଞାନାଲୋକରେ ଅବିଦ୍ୟା ଦୂର ହୋଇପାରେ, ସେହି ଜ୍ଞାନଦୀପ୍ତିରେ ତୁମମାନଙ୍କର ଅନ୍ତର ଉଦ୍‌ଭାସିତ ହୋଇ ଉଠୁ । ବେଶୀ ନୁହେଁ, ତୁମମାନଙ୍କ ଭିତରୁ ଅନ୍ତତଃ ଦୁଇ ଚାରି ଜଣ ଏହି ଜ୍ଞାନଲାଭ ନିମିତ୍ତ ଆକୁଳ ହୁଅ । ପୋଥିଗତ ବିଦ୍ୟା ଦ୍ୱାରା ଜଗତର ଦୁଃଖ ଦୂର କରାଯାଇ ପାରେ ନାହିଁ ।

ଜ୍ଞାନ ଅନ୍ତରର ଦୁର୍ଲ୍ଲଭ ବସ୍ତୁ । ତାହା ପାଇବା ପାଇଁ ବହିର୍ଜଗତ କଥା ଭୁଲିଗଲେ ସୁଦ୍ଧା ଲାଭ ବ୍ୟତୀତ କ୍ଷତିର କୌଣସି କାରଣ ନାହିଁ ।

କେବଳ ଜ୍ଞାନୀ ହେଲେ ତୁମମାନଙ୍କ ଭିତରେ ବିରୋଧ ଜାତ ହେବ । ଜ୍ଞାନଲାଭ କରି ଯେଉଁସ୍ଥାନରେ ଉପସ୍ଥିତ ହେବ, ସେଠାରୁ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ପାରିବ । ସେହି ଚରମ ସ୍ଥଳର ସନ୍ଧାନ କେହି ହେଲେ ପାଅ ନାହିଁ ବୋଲି ବିରୋଧକୁ ଅତିକ୍ରମ କରି ନିର୍ବିରୋଧ ଅବସ୍ଥା ଲାଭ କରିପାର ନାହିଁ । ହତାଶ ହୁଅ ନାହିଁ । ସେହି ଚରମ ଜ୍ଞାନଲାଭ ହିଁ ଜୀବନର ଲକ୍ଷ୍ୟ । ଅର୍ଥାତ୍ ମୋ ସହିତ ଜଗତର ସର୍ବବିଧ ସାମଞ୍ଜସ୍ୟ ସୂତ୍ରଟି ବୁଝିନିଅ ।

ମୋର ଶେଷକଥା, ଶଙ୍କରାଚାର୍ଯ୍ୟଙ୍କ ପରି ଜ୍ଞାନଲାଭ କର; କିନ୍ତୁ ଶଙ୍କରାଚାର୍ଯ୍ୟଙ୍କ ପ୍ରାଣର ବଳ, ମନର ବଳ, ସାହସ— ଏସବୁ ହେଉଛି ଅସଲ କଥା । ଜ୍ଞାନଲାଭ କଲା ପରେ ଏହି ଦୈବୀଗୁଣଗୁଡ଼ିକ ଯଦି ନିଷ୍ପ୍ରଭ ହୋଇଯାଏ, ତାହାହେଲେ ଜୀବନର କୌଣସି ସାର୍ଥକତା ରହିବ ନାହିଁ । ତୁମେମାନେ ଶଙ୍କରାଚାର୍ଯ୍ୟଙ୍କ ଭଳି ଜ୍ଞାନୀ ଏବଂ ଗୌରାଙ୍ଗଦେବଙ୍କ ଭଳି ହୃଦୟବାନ୍ ହୁଅ— ଏହି ମୋର ଆଶୀର୍ବାଦ ।

(ଆର୍ଯ୍ୟଦର୍ପଣ ୧୩୩୯ ସାଲ)

ଉତ୍ତିଷ୍ଠତ ଜାଗ୍ରତ*

''ଉତ୍ତିଷ୍ଠତ ଜାଗ୍ରତ
ପ୍ରାପ୍ୟ ବରାନ୍ ନିବୋଧତ ।
କ୍ଷୁରସ୍ୟ ଧାରା ନିଶିତା ଦୂରତ୍ୟୟା
ଦୁର୍ଗଂ ପଥସ୍ତତ୍ କବୟୋ ବଦନ୍ତି ।''

''ହେ ଅମୃତର ସନ୍ତାନଗଣ ! ଜାଗରିତ ହୋଇ ମଧ୍ୟ ତୁମେମାନେ ନିଦ୍ରାରେ ବିଭୋର ହୋଇ ରହିଅଛ । ତୁମମାନଙ୍କର ଚେତନା ନିମ୍ନଗାମୀ । ଏଥିପାଇଁ ତୁମେମାନେ ଉର୍ଦ୍ଧ୍ୱପ୍ରତିଷ୍ଠ ଆନନ୍ଦର ଆସ୍ୱାଦନ ପାଉନାହଁ । ତୁମେମାନେ ଜାଗ୍ରତ ହୁଅ, ଚେତନାର ଉଜ୍ଜ୍ୱଳଦୀପ୍ତିରେ ଉଦ୍ଦୀପିତ ହୋଇ ଉଠ । ନିଦ୍ରାରେ ତୁମମାନଙ୍କର ଅମୂଲ୍ୟ ସମୟ ଅତିବାହିତ ହୋଇଯାଉଛି । ଜୀବନର ନିଗୂଢ଼ ରହସ୍ୟ ଅବଗତ ହୋଇ କେଉଁଦିନ ତୁମେମାନେ ଅମର ଅନୁଭୂତିରେ ସୁପ୍ରତିଷ୍ଠିତ ହେବ ? ଜୀବନର ଉନ୍ନତି ଯେଉଁମାନଙ୍କର ଲକ୍ଷ୍ୟ, ନିଦ୍ରା ଓ ତନ୍ଦ୍ରା ସେମାନଙ୍କର ବିଶିଷ୍ଟ ଶତ୍ରୁ । ନିଦ୍ରାଜୟୀ ହେବାକୁ ପଡ଼ିବ । ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ପ୍ରଭୃତି ଯେକୌଣସି ଅବସ୍ଥାରେ ମଧ୍ୟ ଯେପରି ଚେତନାର ପ୍ରଶସ୍ତ ଦୀପ୍ତି ଆଚ୍ଛନ୍ନ ହୋଇ ନ ପଡ଼େ । ସମଗ୍ର ଚେତନାକୁ ଏକମୁଖୀ କରି ଧ୍ୟାନରେ ବସିଲେ ଦେଖିବ ତୁମର ଅପ୍ରାପ୍ୟ ହୋଇ କିଛି ନାହିଁ ।''

ନିଦ୍ରାଜୟ

ଗୋଟିଏ ଗୋଟିଏ ଗ୍ରନ୍ଥିରେ ତୁମମାନଙ୍କ ମନର ସଂସ୍କାର ଦୃଢ଼ ଭାବରେ ବିଜଡ଼ିତ ହୋଇଅଛି । ସବୁ ଗ୍ରନ୍ଥିର ଉନ୍ମୋଚନ ହେବା ଆବଶ୍ୟକ । ତାହାହେଲେ ଯାଇ ତୁମେମାନେ ପୂର୍ଣ୍ଣ ଚେତନା ରାଜ୍ୟର ସନ୍ଧାନ ପାଇବ ।

ନିଦ୍ରା ଜୟ କରି ନ ପାରିଲେ ଅମର ଜୀବନର ସନ୍ଧାନ ପାଇପାରିବ ନାହିଁ । ନିଦ୍ରାରେ ତୁମମାନଙ୍କ ଅମୂଲ୍ୟ ସମୟ ନଷ୍ଟ ହୋଇ ଯାଉଅଛି । ଦିନତମାମ କେତେ ସମୟ ବା ତୁମେମାନେ ଜାଗ୍ରତ ରହିପାର ? ଭିତରେ ତୀବ୍ର ସଂବେଗର ସୃଷ୍ଟି କର । ଶ୍ରେଷ୍ଠ ଆଚାର୍ଯ୍ୟଙ୍କ ସମୀପକୁ ଗମନ କରି, ଦିବ୍ୟଜ୍ଞାନ ଲାଭକରି ଧନ୍ୟ ହୁଅ । ମୋହନିଦ୍ରା ପରିହାର କରି ଥରେ ମାତ୍ର ଉଠ, ଜାଗ ।

* ୧୩୩୯ ସାଲ ଆଷାଢ଼ ସଂଖ୍ୟା ଆର୍ଯ୍ୟଦର୍ପଣ ଦ୍ରଷ୍ଟବ୍ୟ ।

ଆରାମ ଉପଭୋଗ କଲେ ସତ୍ୟର ସନ୍ଧାନ ମିଳିବ ନାହିଁ । ସତ୍ୟପଥ କ୍ଷୁରଧାର ପରି ତୀକ୍ଷ୍ଣ । ଦୁର୍ଗମ ପଥରେ ଯିବାକୁ ହେଲେ ବହୁ ପରିମାଣ ଶକ୍ତିର ପ୍ରୟୋଜନ । ଏଥିପାଇଁ କହୁଛି, ତୁମେମାନେ ଯେଉଁ ପଥରେ ଗତି କରୁଛ, ତାହା ବଡ଼ କଠିନ । ଶ୍ରଦ୍ଧା, ନିଷ୍ଠା, ବୈରାଗ୍ୟ– ଏହିସବୁ ଦୈବୀଗୁଣ ନ ଥିଲେ ଏ ପଥରେ ଗତିକରିବା ଅସମ୍ଭବ । ଏ ପଥ ଦୁର୍ବଳ ଅଧିକାରୀମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ନୁହେଁ, ଯେଉଁମାନେ ଅଟଳ ବ୍ରହ୍ମଚର୍ଯ୍ୟ ପାଳନ କରି ବିଗତଭୀ ହୋଇ ପାରିଛନ୍ତି, ସେହିମାନେ ହିଁ କେବଳ ଏହି ଦୁର୍ଗମ ପଥର ଯାତ୍ରୀ ହୋଇପାରିବେ ।

ବୃହତ୍ତର ଜୀବନ

ଯେଉଁମାନଙ୍କର ଚିତ୍ତ ଦୁର୍ବଳ, ବଜ୍ରଦୃଢ଼ ସଂକଳ୍ପ କରିବାର ଶକ୍ତି ଯେଉଁମାନଙ୍କ ଭିତରେ ନାହିଁ, ସେମାନେ ସର୍ବଦା ଭୟ କରନ୍ତି । ସେମାନେ ସତ୍ୟପଥରେ ଚାଲିପାରନ୍ତି ନାହିଁ । ତୁମମାନଙ୍କ ଭିତରୁ କାହାରିକୁ ସାମାନ୍ୟ ବା ନ୍ୟୂନ ଅଧିକାରୀ ବୋଲି ମୁଁ ମନେ କରେ ନାହିଁ । କାରଣ ଆତ୍ମସମର୍ପଣ ପଥ ସବୁଠାରୁ ଶ୍ରେଷ୍ଠ ପଥ । ତୁମେମାନେ ନିଜର କ୍ଷୁଦ୍ର ଜୀବନ ଦାନ କରି ବୃହତ୍ତର ଜୀବନର ଅନୁଭୂତି ପାଇବା ପଥରେ ଚାଲୁଅଛ । ତୁମମାନଙ୍କ ମଧ୍ୟରେ ଆଳସ୍ୟ, ଜଡ଼ତା ପ୍ରଭୃତି କିଛି ହେଲେ ଆସିପାରିବ ନାହିଁ; କାରଣ ତୁମେମାନେ ମୋଠାରେ ଆତ୍ମସମର୍ପଣ କରିଛ ।

ତୁମମାନଙ୍କ ଭିତରେ ମୋର ଦୈବୀଗୁଣଗୁଡ଼ିକ ଅଲକ୍ଷ୍ୟରେ ସଂକ୍ରମିତ ହେଉଥିବ । ସୁତରାଂ ତୁମେମାନେ ମଧ୍ୟ ମୋ ପରି ଜୀବନ୍ମୁକ୍ତିର ଆସ୍ୱାଦନ କରିବ । ସମର୍ପଣ ପଥରେ ଯେ ତୁମେମାନେ ଉନ୍ନତି ଲାଭ କରୁଅଛ, ଏକଥା କିପରି ବୁଝିବ ଜାଣ ? ଯେତେବେଳେ ଦେଖିବ, ଦେହରୁ ଜଡ଼ତ୍ୱ ବୋଲି ଜିନିଷଟି ସମ୍ପୂର୍ଣ୍ଣରୂପେ ବିଦୂରିତ ହୋଇଯାଇଛି, ସେତେବେଳେ ଆନନ୍ଦ ଉଦ୍ଦୀପନାରେ ତୁମମାନଙ୍କ ଭିତରଟି ସର୍ବଦା ପୂର୍ଣ୍ଣ ହୋଇ ଉଠିବ । କାର୍ଯ୍ୟକରି ମଧ୍ୟ ସେତେବେଳେ ତୁମମାନଙ୍କର କ୍ଳାନ୍ତି ଆସିବ ନାହିଁ; କିମ୍ବା ସେଥିରେ ମନ ଆଚ୍ଛନ୍ନ ହୋଇ ପଡ଼ିବ ନାହିଁ । କର୍ମର କୌଶଳ ଅର୍ଥାତ୍ କର୍ମ କରି ମଧ୍ୟ ଯେ ସମ୍ପୂର୍ଣ୍ଣ ନିର୍ଲିପ୍ତ ରହିବା ସମ୍ଭବ, ଏହି ସମର୍ପଣ ପଥରେ ଗତିକଲେ ତାହା ବୁଝିପାରିବ । ଏଥିପାଇଁ କହୁଛି, ଆଉ ସମୟ ନଷ୍ଟ କର ନାହିଁ । ଉଠ, ଜାଗ୍ରତ ହୁଅ, ସମର୍ପଣ ମନ୍ତ୍ରରେ ଦୀକ୍ଷାନେଇ ଦିବ୍ୟଜ୍ଞାନ ଲାଭ କର; ଦିବ୍ୟକର୍ମର ସନ୍ଧାନ ଜାଣିରଖ ।

ବୈରାଗ୍ୟର ଦୀପ୍ତି

ଯେଉଁମାନେ ସଦା ଜାଗ୍ରତ, ସଦା ଚେତନ, ସେମାନଙ୍କର ତ ପଥରେ କୌଣସି ଭୟ ନାହିଁ; ସେମାନଙ୍କ ନିକଟରେ ସତ୍ୟର ପ୍ରତି ପଦକ୍ଷେପ ସୁସ୍ପଷ୍ଟ । ସାଧକମାନଙ୍କ ଜୀବନରେ ଅନ୍ଧକାର ନାହିଁ । ସେମାନଙ୍କ ଜୀବନରେ ବୈରାଗ୍ୟର ଯେଉଁ ତୀବ୍ର ଅଗ୍ନି ପ୍ରଜ୍ୱଳିତ, ତାହାର ଦୀପ୍ତିରେ ହିଁ ଗନ୍ତବ୍ୟ ପଥ ଆଲୋକମଣ୍ଡିତ ହୋଇ ଫୁଟି ଉଠେ ।

ପଥ ଦୁର୍ଗମ ସତ୍ୟ— କିନ୍ତୁ ସତ୍ୟଲାଭେଚ୍ଛୁ ସାଧକମାନେ ହିଁ ସେ ପଥର ଏକମାତ୍ର ଯାତ୍ରୀ ହୋଇପାରନ୍ତି । ତୁମେମାନେ ସତ୍ୟଲାଭ କରିବ ବୋଲି ସବୁ ବିସର୍ଜନ କରି ଆସିଅଛ । ମନର ସେହି ସୁଦୃଢ଼ ସଂକଳ୍ପରୁ ଯେପରି ତୁମେମାନେ କେବେହେଲେ ବିଚ୍ୟୁତ ନ ହୁଅ । ନିଜେ ପକାଇ ଦେଇଥିବା ଛେପକୁ ପୁଣି ଢୋକ ନାହିଁ । ଜୀବନର ଲକ୍ଷ୍ୟ ଯେପରି ନିଷ୍କମ୍ପ ପ୍ରଦୀପବତ୍ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଜ୍ଜ୍ୱଳ ରହେ, ସେଥିପ୍ରତି ଦୃଷ୍ଟି ଦିଅ ।

ଉତ୍ତିଷ୍ଠତ ଜାଗ୍ରତ

ବର୍ତ୍ତମାନର ହିନ୍ଦୁସମାଜ ପ୍ରତି

ଉଚ୍ଛୃଙ୍ଖଳ ସମାଜ

ହିନ୍ଦୁ ସମାଜର ବର୍ତ୍ତମାନ ବିଷମ କାଳ ଉପସ୍ଥିତ । ଉପଯୁକ୍ତ ନେତା ଅଭାବରୁ ଉଚ୍ଛୃଙ୍ଖଳତା, ସ୍ୱେଚ୍ଛାଚାରିତା ବହୁପରିମାଣରେ ବଢ଼ିଯାଇଛି । ଲୋକେ ଉନ୍ମାର୍ଗଗାମୀ ହୋଇ ପଡ଼ିଛନ୍ତି । ଅଧିକାଂଶ ଲୋକ ବିପଥଗାମୀ ଅଥଚ ସମସ୍ତେ ଶାସ୍ତ୍ରବେତ୍ତା, ଧର୍ମବକ୍ତା ଓ ଉପଦେଷ୍ଟା । ସେମାନେ ନିଜ ନିଜର ଶିକ୍ଷାଦୀକ୍ଷାନୁସାରେ ଯାହାର ଯେଭଳି ସଂସ୍କାର ବା ଧାରଣା ଜନ୍ମିଛି, ସେ ସେହିଭଳି ଶାସ୍ତ୍ର ବ୍ୟାଖ୍ୟା କରି ଧର୍ମଶିକ୍ଷା ଦେଉଛନ୍ତି । ଏଥିରେ ନିଜେ ତ ପ୍ରତାରିତ ହେଉଛନ୍ତି, ସେଥି ସଙ୍ଗେ ସଙ୍ଗେ ଅନ୍ୟ ପାଞ୍ଚ ଜଣଙ୍କୁ ମଧ୍ୟ ବିପଥଗାମୀ କରୁଛନ୍ତି । କେହି କେହି ଅବିଦ୍ୟା ଅଭିମାନରେ ଉନ୍ମତ୍ତ ହୋଇ ଆତ୍ମଦର୍ଶୀ, ସତ୍ୟଧର୍ମୀ ଋଷିମାନଙ୍କର ଭ୍ରମ ପ୍ରଦର୍ଶନପୂର୍ବକ ନିଜ କୃତିତ୍ୱ ପ୍ରଚାର କରୁଛନ୍ତି । କେହି ବା ଗୋଟିଏ ଶାସ୍ତ୍ରରେ କେତେକ ଅଂଶ ପ୍ରକ୍ଷିପ୍ତ, କେତେକ ଅଂଶ ଅତିରଞ୍ଜିତ ଏବଂ ଆଉ କେତେକ ଅଂଶ ମିଥ୍ୟା ଲକ୍ଷଣାକ୍ରାନ୍ତ ବୋଲି ଛାଡ଼ିଦେଇ ନିଜ ଉଦ୍ଦେଶ୍ୟ ସିଦ୍ଧିର ଉପଯୋଗୀ ଅଂଶ ବାଛି ଧର୍ମ ପ୍ରଚାରକ ରୂପରେ ଦେଖା ଦେଉଛନ୍ତି ।

ଆଉ କେହି କେହି ପୁରାଣ ତନ୍ତ୍ରଗୁଡ଼ିକ ପିଲାଙ୍କ କୁଣ୍ଢାଇ ଖେଳ ବୋଲି କହି ବୈଦାନ୍ତିକ ବ୍ରହ୍ମବିତ୍ ହୋଇ ବସିଅଛନ୍ତି । ପୁଣି କେହି ବା କେଉଁ ଶାସ୍ତ୍ରକୁ ଆଧୁନିକ, କେଉଁ ଶାସ୍ତ୍ରକୁ ସ୍ୱାର୍ଥପର ବ୍ରାହ୍ମଣମାନଙ୍କ ରଚିତ ବୋଲି କହି ପାଣ୍ଡିତ୍ୟ ଦେଖାଇ ବିଜ୍ଞତା ପ୍ରକାଶ କରୁଛନ୍ତି । ଆଉ କେହି ବା ବ୍ୟାକରଣ-ତାପରେ ପୁରାଣଗୁଡ଼ିକ ତରଳାଇ ଦୟାପରବଶ ହୋଇ ସେଥିରୁ ଖାଣ୍ଟି ଅଂଶ ବାହାର କରୁଅଛନ୍ତି । ସେ ତାପରେ ଐତିହାସିକ ସତ୍ୟ ପର୍ଯ୍ୟନ୍ତ ଉଡ଼ି ଯାଉଅଛି । କେଉଁଦଳ ଅବା ନିୟମସଂଯମ ବିଧିନିଷେଧକୁ କୁସଂସ୍କାର ବୋଲି କହି ସ୍ୱେଚ୍ଛାଚାରର ପ୍ରଶ୍ରୟ ଦେଉଅଛନ୍ତି । ସମସ୍ତେ କିନ୍ତୁ ଧର୍ମହୀନ– ବିପଥରେ ଘୂରି ମରୁଛନ୍ତି । ଧର୍ମର ଲକ୍ଷ୍ୟ ହରାଇ ବସିଛନ୍ତି, ଅଥଚ ମୁହଁରେ ବଡ଼ ବଡ଼ କଥା; ଦର୍ଶନ, ଉପନିଷଦ୍, ଯୋଗ ଜ୍ଞାନ ଭିନ୍ନ ଛୋଟ କଥା ପାଖକୁ ସେମାନେ ଯାଆନ୍ତି ନାହିଁ । ସେମାନେ କେହି ବେଦାନ୍ତର ମାୟାବାଦୀ, କେହି ବୌଦ୍ଧଧର୍ମର ଶୂନ୍ୟବାଦୀ, କେହି ଗୀତୋକ୍ତ କର୍ମଯୋଗୀ, କେହି ଉପନିଷଦର

ବ୍ରହ୍ମଜ୍ଞାନୀ, କେହି ତନ୍ତ୍ରୋକ୍ତ କୌଳାଚାରୀ, କେହି ଉଜ୍ଜ୍ୱଳ ରସସ୍ୱାଦୀ, ଆଉ କାହା ମୁହଁରେ ଅବା ଯୋଗ ସମାଧି ।

ଏ ତ ଗଲା ଶିକ୍ଷିତ ନେତା ଓ ଉପେଦଷ୍ଟା ଏବଂ ସେମାନଙ୍କ ଚେଲାମାନଙ୍କର କଥା । ଆଉ ଯେଉଁମାନେ ଧର୍ମର ନିମ୍ନସ୍ତରରେ ଅଛନ୍ତି, ସେମାନେ କେବଳ ଚିତାତିଳକ କାଟି, ମାଳି ଝୁଲିଧରି, ଚିନି କଦଳୀ ଭୋଗଦେଇ ବାହ୍ୟ ଶୌଚାଚାର ଓ ଚୈତନ୍ୟ ଚୁଟି ରଖି ସମୟ କଟାନ୍ତି । ଦିନଭିତରେ ତିନିଥର ସନ୍ଧ୍ୟା ଆହ୍ନିକର ଆଡ଼ମ୍ବର, ଅଥଚ ମିଥ୍ୟା ମୋକଦ୍ଦମା, ମିଥ୍ୟା ସାକ୍ଷ୍ୟ, ପରନିନ୍ଦା, ପରସ୍ୱାପହରଣ ଓ ପରଦାର ଗମନରେ ଅବହେଳା ନାହିଁ । ଏହି ଶ୍ରେଣୀର ଲୋକ ଧର୍ମର ଅସଲ ପ୍ରାଣ ଛାଡ଼ି ସଂସ୍କାରବଶରେ କେବଳ ଧର୍ମର ହାଡ଼ ମାଂସ ଧରି ବିଚରଣ କରୁଛନ୍ତି ।

ଗୋଟିଏ ଦୃଷ୍ଟାନ୍ତ ଦେଉଅଛି । ହିନ୍ଦୁସମାଜର ବ୍ରତ ଓ ପର୍ବ ଉପଲକ୍ଷ୍ୟରେ ଉପବାସ କରିବାର ବିଧି ଅଛି । ଉପ (ସମୀପରେ) ବାସ, ଅର୍ଥାତ୍ ଭଗବାନଙ୍କ, ନିକଟରେ ବାସ କରିବା ହିଁ ଉପବାସର ତାତ୍ପର୍ଯ୍ୟ । ସେଥିପାଇଁ ଉପବାସର ପୂର୍ବଦିନରୁ ସଂଯମାଦି କରି ଚିତ୍ତଶୁଦ୍ଧ ରଖିବାକୁ ହୁଏ । ପରଦିନ ଦିବାରାତ୍ର ସଂଯତଭାବରେ ଭଗବତ୍ ଆରାଧନା ଓ ଧ୍ୟାନଧାରଣାରେ ନିଯୁକ୍ତ ରହିବାର ବ୍ୟବସ୍ଥା ଅଛି । କିନ୍ତୁ ମିଥ୍ୟା କହି, ପରନିନ୍ଦା ଓ କଳହ କରି ଦ୍ୱିବାରାତ୍ର କଟାଇଦେଇ ଜଳ ଟିକିଏ ନ ଖାଇ ଅନାହାରରେ ରହି ପାରିଲେ ଉପବାସର ସାର୍ଥକତା ହେଲା ବୋଲି ଏମାନେ ମନେ କରୁଛନ୍ତି । ପ୍ରଥମଶ୍ରେଣୀର ଲୋକ ଜ୍ଞାନଗରିଷ୍ଠ ଋଷିଶ୍ରେଷ୍ଠମାନଙ୍କ ପ୍ରତିଷ୍ଠିତ ଧର୍ମର ସୁଦୃଢ଼ ଭିତ୍ତି ଭାଙ୍ଗିବାର ଚେଷ୍ଟା କରନ୍ତି । ଦ୍ୱିତୀୟ ଶ୍ରେଣୀର ଲୋକ ବନ୍ଧନ ଉପରେ ବନ୍ଧନ ସୃଷ୍ଟି କରି ଅନ୍ତଃସାରଶୂନ୍ୟ ହୋଇପଡୁଛନ୍ତି ।

ପାଶ୍ଚାତ୍ୟ ପ୍ରଭାବ

ଆଉ ଗୋଟିଏ ଶ୍ରେଣୀର ଲୋକ ହିନ୍ଦୁ ସମାଜରେ ଦେଖା ଦେଇଛନ୍ତି, ସେମାନେ ଜାରଜ ଧର୍ମାବଲମ୍ବୀ । ପାଶ୍ଚାତ୍ୟ ପଣ୍ଡିତମାନଙ୍କ ବ୍ୟାଖ୍ୟାତ ହିନ୍ଦୁଶାସ୍ତ୍ର ପାଠକରି ସେମାନେ ଅଜ୍ଞ ସମାଜରେ ବିଜ୍ଞ ବେଶରେ ବସିଛନ୍ତି । ସେମାନଙ୍କ ମୁହଁରେ କେବଳ କୁସଂସ୍କାର ଓ ପୌତ୍ତଳିକତାର କଥା; କେବଳ ଧର୍ମ ସଭା ଓ ବକ୍ତୃତାର ଉଚ୍ଚ ନିନାଦ । ଯେଉଁମାନେ ଗୀତାର ପ୍ରଥମ ଶ୍ଳୋକଟିକୁ ଅନୁବାଦ କରିବାକୁ ଯାଇ ସାତସାତୋଟି ଭୁଲ କରିବସି ଅଛନ୍ତି,ସେମାନଙ୍କର ସମାଲୋଚିତ ହିନ୍ଦୁଧର୍ମ ଓ ହିନ୍ଦୁଶାସ୍ତ୍ର

ପାଠ କରି ଏହି ଶ୍ରେଣୀର ଲୋକ ପଣ୍ଡିତ ବୋଲାଇ ହିନ୍ଦୁଧର୍ମ ଓ ହିନ୍ଦୁମାନଙ୍କର ଗୁରୁ- ହୋଇଛନ୍ତି । ଋଷିମାନେ ସଂସ୍କୃତ ଅନଭିଜ୍ଞ ବୋଲି ସେମାନଙ୍କ ପ୍ରଣୀତ ଶାସ୍ତ୍ରାଦିର ଭ୍ରମ ସଂଶୋଧନ ଓ ଶ୍ଳୋକାଂଶ କର୍ତ୍ତନ କରି ଏମାନେ ହିନ୍ଦୁ ସମାଜର ନିଃସ୍ୱାର୍ଥ ଉପକାର ସାଧନ କରୁଛନ୍ତି । ଏହି ଶ୍ରେଣୀର ଲୋକଙ୍କ ଦ୍ୱାରା ହିନ୍ଦୁଧର୍ମ-ରୂପ-କଳ୍ପପାଦପ ଫଳମୂଳ ଓ ପତ୍ରପୁଷ୍ପାଦି ଶୂନ୍ୟ ହୋଇ ସ୍ଥାଣୁବତ୍ ତିଷ୍ଠି ରହିବାର ଆୟୋଜନ ହେଉଅଛି ।

ଏହା ବ୍ୟତୀତ ଆଉ ଏକ ଶ୍ରେଣୀର ଲୋକ ଅଛନ୍ତି— ସେମାନେ ଅବତାର । ଏମାନେ ନିଜ କିମ୍ବା ଭକ୍ତମାନଙ୍କ ଦ୍ୱାରା ସମାଜରେ ଅବତାର ରୂପରେ ପରିଚିତ ହେଉଛନ୍ତି । ଭଗବାନ ଗୌରାଙ୍ଗଦେବଙ୍କ ପରେ ଏ ଦେଶ ଅବତାରରେ ପୂର୍ଣ୍ଣ । କେତେକଙ୍କର କାରାବାସ ଓ ଦ୍ୱୀପାନ୍ତରର ଲୀଳାଭିନୟ ହୋଇଯାଇଛି । ଏହି ଲୋକଙ୍କଦ୍ୱାରା ହିନ୍ଦୁ ସମାଜ ଖଣ୍ଡ ଖଣ୍ଡ ହେଉଅଛି ଏବଂ ପ୍ରକୃତ ସାଧୁଚରିତ୍ର ଅବତାର ଅନ୍ତରାଳରେ ରହି ଲୋକଲୋଚନର ବହିର୍ଭୂତ ହୋଇଯାଉଅଛି । ଅବତାରର ସଂଶୟ ଜାଲ ଛିନ୍ନ କରି ନପାରି ସାଧୁ ମହାତ୍ମାଙ୍କ ତ୍ୟାଗ-ବୈରାଗ୍ୟ ବା ଜ୍ଞାନ-ଭକ୍ତିର ଆଦର୍ଶ ସାଧାରଣ ଲୋକ ଗ୍ରହଣ କରିପାରୁ ନାହାନ୍ତି ।

ଆଜିକାଲି ଅନେକ ଲୋକ ବୁଦ୍ଧିର ମାଳିନ୍ୟରୁ, ଶିକ୍ଷାଦୋଷରୁ ଏବଂ ସଂସର୍ଗଗୁଣରୁ ଗୁରୁଙ୍କର ପ୍ରୟୋଜନୀୟତା ସ୍ୱୀକାର କରୁ ନାହାନ୍ତି । ସେମାନଙ୍କର ବିଶ୍ୱାସ, ଗୁରୁକରଣ ହିନ୍ଦୁମାନଙ୍କର ଗୋଟିଏ କୁସଂସ୍କାର ଭିନ୍ନ ଅନ୍ୟ କିଛି ନୁହେଁ । କିନ୍ତୁ ସେମାନଙ୍କର ବୁଝି ରଖିବା ଉଚିତ ଯେ, ଏହି କୁସଂସ୍କାର ପାଳନକରି ହିନ୍ଦୁ ସଂପ୍ରଦାୟରେ କେତେ ଶ୍ରେଷ୍ଠ ବ୍ୟକ୍ତି ଦୃଷ୍ଟ ହେଉନାହାନ୍ତି କି ? ତେବେ ମୁହଁ ଜୋରରେ ଗୁରୁପ୍ରଥାକୁ କୁସଂସ୍କାର କହି ଧୃଷ୍ଟତା ଓ ମୂଢ଼ତା ପ୍ରକାଶ କରୁଛ କାହିଁକି ? ବ୍ୟାବହାରିକ ଯେ କୌଣସି ବିଦ୍ୟାରେ ଯେତେବେଳେ ଶିକ୍ଷକ ବ୍ୟତୀତ ସାଫଲ୍ୟ ଲାଭ କରିପାର ନାହିଁ, ସେତେବେଳେ କେଉଁ ସାହସରେ ଗୁରୁଙ୍କ ବ୍ୟତୀତ ପରାବିଦ୍ୟା ଲାଭ କରିବାକୁ ଅଗ୍ରସର ହେଉଅଛ ? ମୁକ୍ତି କଅଣ ତୁମ ପକ୍ଷରେ ଏତେ ସହଜ ? ଫଳ ମଧ୍ୟ ତଦ୍ରୂପ ।

କିନ୍ତୁ ଦୁଃଖର ବିଷୟ ବର୍ତ୍ତମାନ ଯୁଗରେ ଗୁରୁପ୍ରଥା ଗୋଟିଏ ବ୍ୟବସାୟରେ ପରିଣତ ହୋଇଯାଇଛି । ସେମାନେ ମାନବର ଆତ୍ମାକୁ ଧରି, ପବିତ୍ର ଧର୍ମକୁ ଧରି ବାଳକ ପରି କ୍ରୀଡ଼ା କରୁଛନ୍ତି । ସେମାନେ ଧର୍ମଚକ୍ରବାଳର ବାହାରେ ରହି କେବଳ କ୍ରୀଡ଼ା କରୁଅଛନ୍ତି । ପୁଣି ଏହି ଗୁରୁମାନଙ୍କ କ୍ରୀଡ଼ାପୁତ୍ତଳିକା ହୋଇ ହିନ୍ଦୁମାନେ ଆଧ୍ୟାତ୍ମିକ ଶକ୍ତିହୀନ ହୋଇ ପଡୁଅଛନ୍ତି । ଗୁରୁ ଆଧ୍ୟାତ୍ମିକ ବଳରେ ବଳୀୟାନ ନ ହେଲେ ଶିଷ୍ୟର

ଆଧ୍ୟାତ୍ମିକ ଶକ୍ତିଲାଭର କୌଣସି ସମ୍ଭାବନା ନାହିଁ । କେବଳ ଗୁରୁବଂଶରେ ଜନ୍ମଗ୍ରହଣ କଲେ ବା ଶବ୍ଦରାଶି ମନ୍ଥନ କରି ବଡ଼ ବଡ଼ କଥା କହିପାରିଲେ କେହି ଗୁରୁ ହୋଇପାରିବେ ନାହିଁ । ଗୁରୁ ଆଧ୍ୟାତ୍ମିକ ଜଗତର ଲୋକ । ପୁଣି ଯେଉଁ ବ୍ୟକ୍ତି ଆଧ୍ୟାତ୍ମିକ ଜଗତର ଲୋକ ହୋଇ ମଧ୍ୟ ଶିଷ୍ୟ ଭିତରେ ଆପଣାର ଉନ୍ନତ ଶକ୍ତି ସଞ୍ଚାର କରିପାରିବା ଭଳି ଶିକ୍ଷା କରି ନାହାନ୍ତି, ସେ ମଧ୍ୟ ଗୁରୁ ହୋଇପାରିବେ ନାହିଁ । ହେଲେ ମଧ୍ୟ ସେଭଳି ଗୁରୁଙ୍କ ଦ୍ୱାରା ଶିଷ୍ୟମାନଙ୍କର କୌଣସି ଉପକାର ହେବ ନାହିଁ । କେବଳ ଗୋଟିଏ ଅନ୍ଧଦ୍ୱାରା ଚାଳିତ ଅନ୍ୟ ଗୋଟିଏ ଅନ୍ଧଭଳି ଚତୁର୍ଦ୍ଦିଗରେ ଘୂରିବୁଲିବା ହିଁ ସାର ହେବ । ଅତଏବ ଶିଷ୍ୟମାନଙ୍କର କର୍ତ୍ତବ୍ୟ ଆଧ୍ୟାତ୍ମିକ ଶକ୍ତିସଞ୍ଚାରକ୍ଷମ ଗୁରୁଙ୍କ ନିକଟରୁ ମନ୍ତ୍ର ଗ୍ରହଣ କରିବା । ଯାହା ମୁକ୍ତିର ଏକମାତ୍ର ଉପାୟ, ଯାହା ଆତ୍ମୋନ୍ନତିର ଏକମାତ୍ର କାରଣ, ତାହାକୁ ନେଇ ଖେଳିବା କେବେହେଲେ ଶୋଭନୀୟ ହେବନାହିଁ ।

ଗୁରୁ ଶକ୍ତି

ସଦ୍‌ଗୁରୁ ଲାଭ କରିବାକୁ ହେଲେ ପ୍ରଥମେ ନିଜକୁ ସତ୍ କରିବାକୁ ହେବ । ପୁଣି ସୂର୍ଯ୍ୟଙ୍କୁ ଦେଖିବା ନିମିତ୍ତ ଯେପରି ମଶାଲ ଜାଳିବା ପ୍ରୟୋଜନ ନାହିଁ, ସେହିପରି ଗୁରୁ ଚିହ୍ନିବା ନିମିତ୍ତ ବିଶେଷ କୌଣସି ଉପଦେଶର ଆବଶ୍ୟକ ହୁଏ ନାହିଁ । ଯାହାଙ୍କଠାରେ ଆଧ୍ୟାତ୍ମିକ ଶକ୍ତି ଅଛି; ତାଙ୍କୁ ଦେଖିଲାକ୍ଷଣି ଚିହ୍ନିହୁଏ । ଏହି ଶକ୍ତି ପ୍ରତ୍ୟେକ ମନୁଷ୍ୟଠାରେ ଅଛି; ତେବେ ସେ ଶକ୍ତି ବିକାଶ ନିମିତ୍ତ ଚିତ୍ତ ଶୁଦ୍ଧି ପ୍ରୟୋଜନ ।

ଗୁରୁ ତ୍ୟାଗ ସମ୍ବନ୍ଧରେ ଆମ ଦେଶରେ ଯେଉଁ ପ୍ରଥା ପ୍ରଚଳିତ, ତାହା ମନ୍ତ୍ରଦାତା ଗୁରୁଙ୍କ ସମ୍ବନ୍ଧରେ ପ୍ରଯୁଜ୍ୟ; ପିତା ବା ପିତାମହଗୁରୁ ବା ପୈତୃକଗୁରୁଙ୍କ ସମ୍ବନ୍ଧରେ ଏହା ପ୍ରଯୁଜ୍ୟ ନୁହେଁ । ମନ୍ତ୍ର ଗ୍ରହଣ କରିସାରିଲା ପରେ ଯଦି ଜଣାପଡ଼େ ଯେ, ସେ ଅସନ୍ମାର୍ଗଗାମୀ ବା ଅବିଦ୍ୱାନ, ତଥାପି ତାଙ୍କୁ ପରିତ୍ୟାଗ କରିବା ଠିକ୍ ନୁହେଁ । କିନ୍ତୁ ମନ୍ତ୍ରଗ୍ରହଣ ପୂର୍ବରୁ ଜାଣିପାରିଲେ କେବେହେଲେ ସେପରି ଗୁରୁଙ୍କ ନିକଟରୁ ମନ୍ତ୍ର ଗ୍ରହଣ କରିବା ଉଚିତ ନୁହେଁ । ମନ୍ତ୍ର ଗ୍ରହଣ ଆଧ୍ୟାତ୍ମିକ ଉନ୍ନତିର କାରଣ; ସମାଜରେ ବାହାଦୂରୀ ପାଇବା ପାଇଁ ଏହା ଉଦ୍ଦିଷ୍ଟ ନୁହେଁ ।

ସମାଜ ଭୟରେ କିମ୍ବା ବଂଶନାଶ ଆଶଙ୍କାରେ ଜାଣିଶୁଣି ଅନେକ ଶିକ୍ଷିତ ବ୍ୟକ୍ତି ଷଣ୍ଢତୁଲ୍ୟ ଗଣ୍ଡ ମୂର୍ଖଙ୍କୁ ଗୁରୁ କରିଥାନ୍ତି । ଏହାଦ୍ୱାରା କ'ଣ ପାପକୁ ପ୍ରଶ୍ରୟ ଦିଆଗଲା ନାହିଁ ? ଏଥିପାଇଁ ଦିନକୁ ଦିନ ପୈତୃକ ଗୁରୁପୁରୋହିତ କୁଳର ଅବନତି

ଘଟୁଅଛି । ଉପଯୁକ୍ତ ଗୁରୁ ବାଛି ତାଙ୍କୁ ଅନୁସରଣ କଲେ ବାଧ ହୋଇ ଅନୁପଯୁକ୍ତ ପୈତୃକ ଗୁରୁ ମଧ୍ୟ ଉପଯୁକ୍ତତା ଲାଭ ନିମିତ୍ତ ଚେଷ୍ଟା କରିବେ; ଅନ୍ୟଥା ସେମାନଙ୍କର ଦକ୍ଷିଣ ହସ୍ତର ବ୍ୟାପାର ବନ୍ଦ ହୋଇଯିବ । ବଂଶପରାମ୍ପରା ଶିଷ୍ୟରୂପ ମୌରସୀ ସମ୍ପତ୍ତି ଭୋଗରେ ବ୍ୟାଘାତ ହେଲେ ସେମାନେ ଆଉ ନିଶ୍ଚେଷ୍ଟ ହୋଇ ରହିପାରିବେ ନାହିଁ, ଉପଯୁକ୍ତ ହେବାକୁ ଚେଷ୍ଟା କରିବେ । ଏଥିରେ ସେମାନଙ୍କର ଉନ୍ନତି ଅବଶ୍ୟମ୍ଭାବୀ । ନ ହେଲେ ଗୁରୁଗିରି ଛାଡ଼ିବାକୁ ହେବ । ଗୁରୁକୁଳର ଅଧୋଗତି ନିମିତ୍ତ ଶିଷ୍ୟମାନେ ହିଁ ଅଧିକତର ଦାୟୀ । ପାପକୁ ପ୍ରଶ୍ରୟ ଦେଲେ ପାପୀ କଅଣ ତହିଁରୁ ବିରତ ହୁଏ ?

ଶିକ୍ଷିତ ଧର୍ମଗୁରୁ

ବଙ୍ଗଦେଶର ଜଣେ ପ୍ରସିଦ୍ଧ କବି ତାଙ୍କ "ପ୍ରବାସେର ପତ୍ର" ନାମକ ଗ୍ରନ୍ଥର ଏକ ସ୍ଥାନରେ ଲେଖିଛନ୍ତି, "ହିନ୍ଦୁମାନେ ନିକୃଷ୍ଟ ଲିଙ୍ଗ ଉପାସକ" ଇତ୍ୟାଦି । ହିନ୍ଦୁସମାଜର ଜଣେ ଗଣ୍ୟମାନ୍ୟ ବରେଣ୍ୟ ବ୍ୟକ୍ତିଙ୍କର ଏପରି ଉତ୍କଟ ଜ୍ଞାନ, ଅଗାଧ ପାଣ୍ଡିତ୍ୟ ଓ ଭକ୍ତି ଏବଂ ଅଦ୍ଭୁତ ବିଶ୍ୱାସରେ ସ୍ତମ୍ଭିତ ଓ ବିସ୍ମିତ ହେବାକୁ ପଡ଼େ । ଶିକ୍ଷିତ ବ୍ୟକ୍ତିଙ୍କର ଏହା ଅପେକ୍ଷା ଅଧଃପତନ ଆଉ କଅଣ ହୋଇପାରେ ? ଏହିମାନେ ହିଁ ହିନ୍ଦୁମାନଙ୍କର ନେତା ହୋଇ ଅଯାଚିତ ଭାବରେ ଧର୍ମ ଉପଦେଶ ଦେଇ ବୁଲନ୍ତି । ଲିଙ୍ଗ ଶବ୍ଦର ଏକାଧିକ ଅର୍ଥ ବୋଧ ପର୍ଯ୍ୟନ୍ତ ଜ୍ଞାନ ଯେଉଁମାନଙ୍କର ନାହିଁ, ସେମାନେ ଧର୍ମଗୁରୁ ସାଜିବାକୁ ଯିବା ଆତ୍ମମ୍ଭରିତା ଓ ଧୃଷ୍ଟତା ଭିନ୍ନ ଅନ୍ୟ କିଛି ନୁହେଁ; କାରଣ ଏମାନଙ୍କ ଅପେକ୍ଷା କୋହ୍ଲ, ଭୀଲ, ସାନ୍ତାଳମାନେ ମଧ୍ୟ ସ୍ୱଧର୍ମ ଜ୍ଞାନ ରକ୍ଷା କରିଥାଆନ୍ତି । ଅନଧିକାର ଚର୍ଚ୍ଚା କରି ଅଶିକ୍ଷିତ ବ୍ୟକ୍ତିମାନେ ହିଁ ଲୋକସମାଜରେ ହାସ୍ୟାସ୍ପଦ ହୁଅନ୍ତି । ଶିକ୍ଷିତ ବ୍ୟକ୍ତି ଯେ ଏପରି ଅଜ୍ଞ-ଜ୍ଞାନାଭିମାନ ବହନ କରନ୍ତି, ଏହା ହିଁ ଆଶ୍ଚର୍ଯ୍ୟ । ଏହି ଶ୍ରେଣୀର ଲୋକଙ୍କଦ୍ୱାରା ସ୍ୱଦେଶର ଓ ସ୍ୱଧର୍ମର କିପରି ଉନ୍ନତିର ସମ୍ଭାବନା, ତାହା ସହଜରେ ଅନୁମେୟ । ହିନ୍ଦୁ ସମାଜ ମୃତ ବୋଲି ଆଚାର-ବିଚାର-ବିମୂଢ଼ ବ୍ୟକ୍ତିଙ୍କର ଏବଂବିଧ ପ୍ରଳାପୋକ୍ତି ନୀରବରେ ଶୁଣି ସହିଯାଉଛି ।

ନୀତିଶିକ୍ଷାର ଅଭାବ

କେବଳ ଶାସ୍ତ୍ରପାଠ ବା ଉପଦେଶରେ ତତ୍ତ୍ୱଜ୍ଞାନ ଲାଭ ହୁଏ ନାହିଁ । ବିଶେଷତଃ ବର୍ତ୍ତମାନ କାଳର ଶିକ୍ଷାରେ ତତ୍ତ୍ୱଜ୍ଞାନ ତ ଦୂରର କଥା, ନୀତିଜ୍ଞାନ ପର୍ଯ୍ୟନ୍ତ

ବିକଶିତ ହୁଏ ନାହିଁ । ଶିକ୍ଷିତ ବ୍ୟକ୍ତି ଶିକ୍ଷାର ଅଭିମାନ ମାତ୍ର ବହନ କରନ୍ତି, ଶିକ୍ଷାର ପ୍ରକୃତ ଫଳପ୍ରାପ୍ତ ହୁଅନ୍ତି ନାହିଁ । ଯେଉଁ ବ୍ୟକ୍ତି 'ପିତାମାତା ପରମଗୁରୁ' ଏକଥା ଭୁଲି ମୂର୍ଖ ପିତାଙ୍କୁ ବନ୍ଧୁସମାଜରେ ଗୃହର ଚାକର ବୋଲି କହିବାକୁ ଲଜ୍ଜାବୋଧ କରନ୍ତି ନାହିଁ, ଅଶୌଚରେ ଯେଉଁମାନେ କେତେଦିନ ଖିଅର ନ ହୋଇ ନରକଯନ୍ତ୍ରଣା ଭୋଗ କରନ୍ତି, ସମ୍ପର୍କ ବିଚାର ନ କରି ଛାଗ ପରି ଯେଉଁମାନେ ପର ସ୍ତ୍ରୀ ଗମନ କରନ୍ତି, ଭିକ୍ଷୁକକୁ ମୁଠାଏ ଭିକ୍ଷା ପରିବର୍ତ୍ତେ ଯେଉଁମାନେ ଅର୍ଦ୍ଧଚନ୍ଦ୍ରର ବ୍ୟବସ୍ଥା କରନ୍ତି, ନିରନ୍ନ କୃଷକକୁ ଆପଣା ସ୍ୱାର୍ଥସିଦ୍ଧ ନିମିତ୍ତ ଯେଉଁମାନେ ମୋକଦ୍ଦମାରେ ପ୍ରବୃତ୍ତ କରାନ୍ତି, ବିଚାରାଳୟରେ ବସି ପଦୋନ୍ନତି ନିମିତ୍ତ ଯେଉଁମାନେ ନିର୍ଦ୍ଦୋଷକୁ ଦଣ୍ଡିତ କରନ୍ତି, ଭୋଗସୁଖକୁ ଜୀବନର ଏକମାତ୍ର କର୍ତ୍ତବ୍ୟ ବୋଲି ସ୍ଥିର କରି ଯେଉଁମାନେ ଆପଣା ବିଧବା ମାତାଙ୍କର, କନ୍ୟା ବା ଭଗିନୀଙ୍କର ପୁରୁଷାନ୍ତର ଗ୍ରହଣ ବ୍ୟବସ୍ଥା କରନ୍ତି, ଯେଉଁମାନେ ପଶୁପରି ରିପୁର ଅଧୀନ ହୋଇ କାର୍ଯ୍ୟ କରନ୍ତି, ଯେଉଁମାନେ ପରକାଳ, ଜନ୍ମାନ୍ତର, କର୍ମଫଳ, ଦେବତା, ଈଶ୍ୱର ବା ଗୁରୁ ସ୍ୱୀକାର କରନ୍ତି ନାହିଁ; ହିଂସା, ଦ୍ୱେଷ, ପରନିନ୍ଦା, ପରଦୋଷ ଚର୍ଚ୍ଚା ଓ ମିଥ୍ୟା ବାକ୍ୟ ଯେଉଁମାନଙ୍କର ନିତ୍ୟ କାର୍ଯ୍ୟ— ସେମାନଙ୍କୁ ମନୁଷ୍ୟ ଗର୍ଭଜାତ ଗର୍ଦ୍ଦଭ ଭିନ୍ନ ଶିକ୍ଷିତ ଶବ୍ଦରେ କିଏ ବା ଅଭିହିତ କରିବ ?

ଯେଉଁମାନେ ''ସମାଶ୍ଳିଷ୍ୟତ୍ୟୁଚ୍ଚୈର୍ଘନପିଶିତଂ ପିଣ୍ଡଂ ସ୍ତନଧିୟା
ମୁଖଂ ଲାଳାକ୍ଲିନ୍ନଂ ପିବତି ଚଷକଂ ସାସବମିବ ।
ଅମେଧ କ୍ଳେଦାର୍ଦ୍ରେ ପଥିଚ ରମେତ ସ୍ପର୍ଶରସିକୋ,
ମହାମୋହାନ୍ଧାନାଂ କିମପି ରମଣୀୟଂ ନ ଭବତି ?''

ଏହି କଥା ଭୁଲି ରମଣୀର ରମଣୀୟ କୁଚଯୁଗ ଓ ଅଧର ମଧୁର ବର୍ଣ୍ଣନାରେ ବ୍ୟସ୍ତ, ତାଙ୍କୁ ମୋହାନ୍ଧ ବ୍ୟତୀତ କିଏ ପଣ୍ଡିତ ବୋଲି ସ୍ୱୀକାର କରିବ ? ଅସ୍ପୃଶ୍ୟ କୁକ୍କୁଟ ମାଂସ ବ୍ୟତୀତ ଯେଉଁମାନଙ୍କର ସ୍ୱାସ୍ଥ୍ୟୋନ୍ନତି ହୁଏ ନାହିଁ, ପିତାମାତାଙ୍କ ପଦରେ ଯେଉଁମାନଙ୍କର ମସ୍ତକ ଅବନତ ହୁଏ ନାହିଁ, ଚାକିରିରୁ ଅବସର ଗ୍ରହଣ କରି ଘରେ ବସିବା ପୂର୍ବରୁ ଯେଉଁମାନଙ୍କର ପ୍ରସାବ ପରେ ଜଳ ବ୍ୟବହାର କରିବାର ସୁବିଧା ହୁଏ ନାହିଁ, ଚିକେନ୍‌ବ୍ରଥ୍ ଭିନ୍ନ ଗବ୍ୟ ଘୃତରେ ଯେଉଁମାନଙ୍କର ତୃପ୍ତି ହୁଏ ନାହିଁ, ବିଲାତି ଘାସ ଭିନ୍ନ ଯୂଇ, ମଲ୍ଲୀରେ ଯେଉଁମାନଙ୍କର ବଗିଚା ଶୋଭାପାଏ ନାହିଁ, ପରପୁରୁଷ ସହିତ ନିଜ କୁଳବଧୂକୁ ଆମୋଦ କରିବାର ନ ଦେଖିଲେ ଯେଉଁମାନଙ୍କର ସ୍ଫୁର୍ତ୍ତି ହୁଏ ନାହିଁ, ପୂର୍ବପୁରୁଷମାନଙ୍କୁ ଅସଭ୍ୟ କୃଷକ ନ କହିଲେ ଯେଉଁମାନଙ୍କର ବିଜ୍ଞତା ପ୍ରକାଶ ପାଏ ନାହିଁ, ସେମାନଙ୍କ ଶିକ୍ଷାକୁ କେଉଁ ନିର୍ଲ୍ଲଜ ଶିକ୍ଷା ଶବ୍ଦରେ ଅଭିହିତ କରିବ ?

ଶିକ୍ଷା ଓ ଜ୍ଞାନ

ଜିତେନ୍ଦ୍ରିୟ, ସତ୍ୟବାଦୀ, ପରୋପକାରୀ, ଦେବଦ୍ୱିଜ, ଗୁରୁଭକ୍ତ, ସ୍ୱଧର୍ମାନୁରାଗୀ, ବିନୟୀ, ସରଳବିଶ୍ୱାସୀ ବ୍ୟକ୍ତି ଅସଭ୍ୟ ଓ ଅଶିକ୍ଷିତ ହେଲେ ମଧ୍ୟ ଆମ୍ଭେମାନେ ତାଙ୍କୁ ଉଚ୍ଚ କଣ୍ଠରେ ପଣ୍ଡିତ ବୋଲି ଘୋଷଣା କରିବୁ । ଯେଉଁ ବିଦ୍ୟାବାଗୀଶମାନେ ଶାସ୍ତ୍ରର ମର୍ଯ୍ୟାଦା ଭୁଲି ସ୍ୱାର୍ଥ ନିମିତ୍ତ ଅଶାସ୍ତ୍ରୀୟ ବ୍ୟବସ୍ଥା ପ୍ରଦାନ କରନ୍ତି, ସେମାନଙ୍କ ପାଣ୍ଡିତ୍ୟକୁ ଧିକ୍ । ଯେଉଁମାନେ ଦେଶର ନେତା ସାଜି ଦେଶୋନ୍ନତି ଛଳରେ ଦରିଦ୍ର ସ୍ୱଦେଶବାସୀଙ୍କର ଶୋଣିତସମ ଅର୍ଥ ଶୋଷଣ କରି ନିଜର ପାନଭୋଜନର ବ୍ୟବସ୍ଥା କରନ୍ତି ଓ ନିଜର ମତ ସମର୍ଥନ ନିମିତ୍ତ ମରାମରି ଗଣ୍ଡଗୋଳ କରନ୍ତି, ସେମାନଙ୍କ ଶିକ୍ଷାଦୀକ୍ଷାକୁ ଶତଧିକ୍ ।

ପୂର୍ବକାଳରେ ଶିକ୍ଷାଗୁଣରେ ଜ୍ଞାନ ସ୍ୱତଃ ପ୍ରକାଶ ପାଉଥିଲା; କିନ୍ତୁ ବର୍ତ୍ତମାନ ସେ ଆଶା ସୁଦୂର ପରାହତ । ସମାଜ ଉଚ୍ଛୃଙ୍ଖଳ ଓ ସ୍ୱେଚ୍ଛାଚାରୀ; ସୁତରାଂ ସାଧନ ଦ୍ୱାରା ଜ୍ଞାନ ଲାଭ କରିବାକୁ ହେବ । ଶତ ଶତ ତର୍କଶାସ୍ତ୍ର ଓ ବ୍ୟାକରଣାଦି ଅନୁଶୀଳନ ପୂର୍ବକ ମନୁଷ୍ୟମାନେ ଶାସ୍ତ୍ରଜାଲରେ ପତିତ ହୋଇ ବିମୋହିତ ହୋଇ ପଡୁଛନ୍ତି । ପୁଣି ବିଶ୍ୱବିଦ୍ୟାଳୟର ଶିକ୍ଷାପ୍ରାପ୍ତ ବ୍ୟକ୍ତିମାନଙ୍କର ମସ୍ତିଷ୍କ ବିକୃତି ବ୍ୟତୀତ କେଉଁଠାରେ ଜ୍ଞାନର ଦୀପ୍ତି ପ୍ରକାଶ ପାଉନାହିଁ । ତା ହୋଇନଥିଲେ ବିଶ୍ୱବିଦ୍ୟାଳୟର ଜଣେ ଉଚ୍ଚ ଉପାଧିଧାରୀ ପତ୍ନୀବିୟୋଗବିଧୂର ଯୁବକ ଉଦ୍‌ଭ୍ରାନ୍ତ ଭାବରେ ପାଗଳଙ୍କ ପରି ପ୍ରଳାପ କରନ୍ତେ କାହିଁକି ? ତାଙ୍କପରି ବିଦ୍ୟା-ବୁଦ୍ଧିସମ୍ପନ୍ନ ବ୍ୟକ୍ତିଙ୍କ ନିକଟରୁ ଦେଶବାସୀ ଏହି ଘୋର ଦୁର୍ଦ୍ଦିନରେ କେତେ ଉଚ୍ଚ ଆଶା କରୁଛନ୍ତି । କିନ୍ତୁ ଦୁଃଖର ବିଷୟ, ସେହି ସ୍ୱାର୍ଥପର ଯୁବକ ଆମରଣ କାନ୍ଦି କାନ୍ଦି ବିଷୟାନ୍ଧ ଲୋକଙ୍କ ନିକଟରେ ବାହାବା ପାଉଛନ୍ତି ।

ପ୍ରକୃତ ପ୍ରେମ ସ୍ୱର୍ଗୀୟ ବସ୍ତୁ ସତ; କିନ୍ତୁ ସ୍ଥୂଳଦେହ ନାଶରେ ସେହି ପ୍ରେମ ବିନଷ୍ଟ ହୁଏ ନାହିଁ । ସ୍ଥୂଳଦେହ ନିମିତ୍ତ ଶୋକ ପ୍ରକାଶ କରିବାର ତାତ୍ପର୍ଯ୍ୟ ବା କଅଣ ? ଜଗତବାସୀଙ୍କ ନିକଟରେ ଗୋଟିଏ ସୀମାବଦ୍ଧ ପ୍ରେମର ପରିଚୟ ଦେବା ପ୍ରେମିକଙ୍କର ଲକ୍ଷଣ ନୁହେଁ । ତାହା ବ୍ୟବହାରିକ ବିଦ୍ୟାବୁଦ୍ଧିର ଅଭିମାନ । ଆମ୍ଭେମାନେ ଏହିପରି ଉଦ୍‌ଭ୍ରାନ୍ତ ଯୁବକଙ୍କୁ ହାହାକାର କରିବାର ଦେଖି ଅଜ୍ଞାନବିଜୃମ୍ଭିତ ଶୂନ୍ୟୋଚ୍ଛ୍ୱାସ ବୋଲି ମନେକରୁ । ବିଦ୍ୟାଶିକ୍ଷାରେ ଯଦି ତାଙ୍କର ପ୍ରକୃତ ଜ୍ଞାନର ଉଦୟ ହୋଇଥାନ୍ତା, ତାହେଲେ ସେ ମୃତ ସ୍ତ୍ରୀ ମୁଖକୁ ଉପଲକ୍ଷ୍ୟ କରି ପ୍ରେମୋଚ୍ଛ୍ୱାସରେ ମର୍ମବ୍ୟଥା ପ୍ରକାଶ ନ କରି ଶିହ୍ଲନାଚାର୍ଯ୍ୟଙ୍କ ସହିତ ଏକ ସ୍ୱରରେ କହିଥାନ୍ତେ—

''କ୍ୱତଦ୍‌ବକ୍ତ୍ରାରବିନ୍ଦଂ କ୍ୱ ତଦଧରମଧୁ କ୍ୱାୟତାସ୍ତେ କଟାକ୍ଷାଃ,
କ୍ୱାଲାପଃ କୋମଳାସ୍ତେ କ୍ୱ ଚ ମଦନଧନୁର୍ଭଙ୍ଗୁରୋ ଭ୍ରୂବିଳାସଃ ।
ଇତ୍‌ଥଂ ଖଟ୍ୱାଙ୍ଗ କାଟ୍ରୌ ପ୍ରକଟିତବଦନଂ ମଞ୍ଜୁ ଗୁଞ୍ଜିତ-ସମୀରା,
ରାଗାନ୍ଧାନାମିବୋଚ୍ଚୈରୁପହସତି ମହାମୋହଜାଲଂ କପାଳମ୍ ।''

ତତ୍ତ୍ୱ ଦୃଷ୍ଟି

ଏକଦା କୌଣସି ଶ୍ମଶାନରେ ଗୋଟିଏ ମାଂସଚର୍ମବିହୀନ ମସ୍ତକ କଙ୍କାଳ ଦେଖି ଶିହ୍ଲନାଚାର୍ଯ୍ୟଙ୍କର ମନେ ହେଲା, ମସ୍ତକ କଙ୍କାଳ ମଧ୍ୟରେ ଏହି ଯେଉଁ ଦନ୍ତାକ୍ଷିଗୁଡ଼ିକ ଦୃଷ୍ଟ ହେଉଅଛି ଏବଂ ଗଳରନ୍ଧ୍ରରେ ପ୍ରବେଶ କରି ମୁଖରନ୍ଧ୍ର ଦେଇ ନିଃସରଣ ହେଲାବେଳେ ବାୟୁର ଯେଉଁ ଶବ୍ଦ ଶୁଣାଯାଉଅଛି, ଏହି ଉଭୟ ଦ୍ୱାରା ଜ୍ଞାନ ହେଉଅଛି ଯେ, ସେହି କପାଳ ଘୋର କାମାନ୍ଧ ବ୍ୟକ୍ତିମାନଙ୍କୁ କହୁଅଛି— ମୂଢ଼ ମାନବ, ଏହି ମୁଖ ପ୍ରତି ଥରେ ଚାହିଁ ଦେଖ ଏବଂ ଯାହା ନିମିତ୍ତ ତୁମେ ଅନ୍ଧ ହୋଇ କେତେ ଯେ ପାଶ୍ଚାଚାର କରିଅଛ, ସେହି ସ୍ତ୍ରୀ ମୁଖକୁ ସ୍ମରଣ କର । ଏହି ଦେଖ ତାର ପରିଣାମ ! ସେହି ମୁଖାରବିନ୍ଦ ବା କାହିଁ ? ପୁଣି ତାର କିପରି ଅବସ୍ଥା ? ଏହି କଙ୍କାଳ ଭିତରେ ତାହାର କିଛି ଲକ୍ଷଣ ପାଉଅଛ କି ?

ବର୍ତ୍ତମାନ ଭାବି ଦେଖ ଯାହା ତୁମେ ସୁଧାପରି ସମାଦରରେ ପାନ କରୁଥିଲ, ସେହି ଅଧରମଧୁ ବର୍ତ୍ତମାନ କାହିଁ ? ସେହି ସୁଧାବୋଲା ଆଳାପ ବା କାହିଁ ? ସେହି ମଦନଧନୁର ବିଳାସ ପରି ଭ୍ରୂଭଙ୍ଗୀର ବିଳାସ ବା କେଉଁଠି ? ବର୍ତ୍ତମାନ ତାର ଏହିପରି ପରିଣାମ । ତାହାରି ମଧ୍ୟରେ ଏହା ଆଚ୍ଛାଦିତ ହୋଇ ରହିଥିଲା । ତୁମେ ରାଗାନ୍ଧ ହୋଇ ଚର୍ମାବୃତ ଏହି କଙ୍କାଳକୁ କେଡ଼େ ମଧୁବୋଲା ଦ୍ରବ୍ୟ ବୋଲି ମନେ କରି କେତେ ଆଦର ଗୌରବ କରିଅଛ; କେତେ ସୁଖକର, କେଡ଼େ ଆନନ୍ଦଦାୟକ ମନେ କରିଅଛ । ଅନ୍ଧ, ସେ ସମୟରେ ଯଦି ତୁମର ଏହି ପରିଣାମ ମନେ ପଡ଼ିଥାନ୍ତା, ତାହାହେଲେ ଆଉ ଏପରି ଦ୍ରବ୍ୟରେ ଏତେ ଆହ୍ଲାଦିତ ହୋଇନଥାନ୍ତ । ସ୍ତ୍ରୀମୁଖମାତ୍ରକୁ ଏତେ ସମ୍ମାନ ଦାନ କରନ୍ତ ନାହିଁ ।

ସମାଜରେ ଯେ ଯେଉଁ ବିଷୟରେ ଯେତେ ସ୍ପର୍ଦ୍ଧା କରନ୍ତି, ଅସଲ କାର୍ଯ୍ୟବେଳକୁ ତାଙ୍କୁ ସେତିକି ପଛରେ ଦେଖିବାକୁ ମିଳେ— ଏହା ଆମମାନଙ୍କ ଜାତୀୟ ସ୍ୱଭାବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ ଶକ୍ତିଶାଳୀ ନେତା ଦେଶବାସୀଙ୍କୁ

ଭିକ୍ଷା ତ୍ୟାଗ କରି ଲାଠି ଧରିବାକୁ ପରାମର୍ଶ ଦେଇଥାନ୍ତି, ଶୁଣାଯାଏ, ଲାଠି ଦେଖିଲେ ସର୍ବ ପ୍ରଥମେ ସେହି ନେତା ମୁକ୍ତକଚ୍ଛ ହୋଇ ପୃଷ୍ଠଭଙ୍ଗ ଦିଅନ୍ତି ।

ଭଣ୍ଡ ସାଜିବାର ମାରାତ୍ମକ ଫଳ

ସମାଜରେ ଆଉ ଏକ ଶ୍ରେଣୀର ଲୋକ ଅଛନ୍ତି, ସେମାନେ ଗୈରିକ ବସନ ପରିଧାନ କରି, ନିଶଦାଢ଼ି ଛାଡ଼ି ଅଥବା ଜଟାଜୁଟ ରଖି ବିଭୂତି ବା ଚନ୍ଦନାଦି ଦ୍ୱାରା ତିଳକକରି ମହାସାଧୁଭାବ ଦେଖାଇଥାନ୍ତି । କିନ୍ତୁ ସେମାନଙ୍କ ଅନ୍ତର ବିଷୟଚିନ୍ତା, କପଟତା, କୁଟିଳତା, ସ୍ୱାର୍ଥପରତା, ହିଂସା, ନିନ୍ଦା ଓ ଅହଂଭାବରେ ପରିପୂର୍ଣ୍ଣ । ଏହିପରି ବର୍ଣ୍ଣ-ଚୋର ଭଣ୍ଡମାନଙ୍କ ମଧ୍ୟରୁ କେହି କେହି ଅନ୍ନାହାର ତ୍ୟାଗକରି ବାହାଦୁରୀ ଦେଖାଇଥାଆନ୍ତି । ଅନେକ ନିର୍ବୋଧ ଲୋକ ସେଥିରେ ଭୁଲିଯାଇ ଏହି ବଚନବାଗୀଶ ବ୍ୟବସାୟୀଙ୍କ ନିକଟରେ ଶିଷ୍ୟତ୍ୱ ସ୍ୱୀକାର କରନ୍ତି । ଏପରି ମାତାଲ ଭଣ୍ଡତାନ୍ତ୍ରିକ ଏବଂ ବୈତାଳ ବୈରାଗୀମାନେ ଦେଶ ଉଚ୍ଛନ୍ନ କରୁଛନ୍ତି ।

ସ୍ତ୍ରୀପୁତ୍ରାଦି ଆଶ୍ରିତ ପରିବାରବର୍ଗଙ୍କୁ ପରିତ୍ୟାଗ କରି ଗୃହରୁ ପଳାୟନ କରିବାର ନାମ ସନ୍ନ୍ୟାସ ନୁହେ । ଗୈରିକ ବସନ ପରିଧାନ, ଦଣ୍ଡକମଣ୍ଡଳୁ ଧାରଣ ଓ ମସ୍ତକ ମୁଣ୍ଡନ କଲେ ତାହାଙ୍କୁ ସନ୍ନ୍ୟାସୀ କୁହାଯାଏ ନାହିଁ । ଯେଉଁମାନଙ୍କର ଆତ୍ମାନୁଭୂତି ନାହିଁ, ମନର ସ୍ଥିରତା ନାହିଁ, ଯେଉଁମାନଙ୍କର ଭଗବଦ୍ ଭକ୍ତିରସର ଉଚ୍ଛ୍ୱାସ ନାହିଁ, ସେମାନେ ରଙ୍ଗୀନ ବସନ ପିନ୍ଧି, କୌପୀନ ଓ କମଣ୍ଡଳୁ ଧାରଣ କରି, ଜଟାଜୁଟ ରଖି, ଭସ୍ମ ବୋଳି ହୋଇ ବୃକ୍ଷତଳେ ବସି ରହିଲେ ବା ହେବ କଅଣ ? ସେପରି ସନ୍ନ୍ୟାସୀ ନାଟ ଯାତ୍ରା ସଂପ୍ରଦାୟରେ ମଧ୍ୟ ଦୃଷ୍ଟ ହୋଇଥାଆନ୍ତି । ସନ୍ନ୍ୟାସୀମାନଙ୍କର ଏ ସକଳ ବେଶଭୂଷା ଓ ନିୟମ ସଂଯମାଦିର ଯେ ପ୍ରୟୋଜନ ନାହିଁ, ମୁଁ ଏକଥା କହୁନାହିଁ । ପ୍ରକୃତ ଔଷଧ ସଙ୍ଗରେ ଅନୁପାନ ସେବନର ହିଁ ବ୍ୟବସ୍ଥା ! ପୁଣି ଅନୁପାନ ବ୍ୟତୀତ କେବଳ ଔଷଧ ସେବନରେ କେତେ ପରିମାଣରେ ବା ଫଳଲାଭ ହୁଏ, ମାତ୍ର ଔଷଧ ପରିତ୍ୟାଗ କରି କେବଳ ଅନୁପାନ ସେବନ କଲେ କଅଣ ହେବ ? ସେହିପରି ପ୍ରକୃତ ତ୍ୟାଗ-ବୈରାଗ୍ୟ ବ୍ୟତୀତ କେବଳ ସନ୍ନ୍ୟାସୀ ବେଶଭୂଷା ଧାରଣ କରିବା ନିରର୍ଥକ । ପୁଣି କେବଳ ଫଳାହାରରେ, ଜଳାହାରରେ ବା ଅନାହାରରେ କେହି ମୁକ୍ତିଭାଗୀ ସନ୍ନ୍ୟାସୀ ହୋଇପାରିବେ ନାହିଁ । ତାହା ହେଲେ ପଶୁପକ୍ଷୀ, ଜଳଚର ବା ପନ୍ନଗମାନେ ମଧ୍ୟ ମୁକ୍ତିଲାଭ କରିପାରନ୍ତେ ।

''ବାୟୁପର୍ଣ୍ଣ-କଣାତୋୟବ୍ରତିନୋ ମୋକ୍ଷଭାଗିନଃ,
ସନ୍ତି ଚେତ୍ ପନ୍ନଗା ମୁକ୍ତା ପଶୁପକ୍ଷୀଜଳଚରାଃ ।''

— ମହାନିର୍ବାଣତନ୍ତ୍ର

ପ୍ରକୃତ ସନ୍ନ୍ୟାସ

ସମ୍ପୂର୍ଣ୍ଣ ରୂପେ ତ୍ୟାଗର ନାମ ସନ୍ନ୍ୟାସ ।

'' ଅଭିମାନଂ ସୁରାପାନଂ ଗୌରବଂ ରୌରବଂ ଧ୍ରୁବମ୍,
ପ୍ରତିଷ୍ଠା ଶୁକରୀବିଷ୍ଠା ତ୍ରୟଂ ତ୍ୟକ୍ତ୍ୱା ହରିଂ ଭଜେତ୍ ।''

ଅଭିମାନକୁ ସୁରାପାନ ସଦୃଶ, ଗୌରବକୁ ରୌରବ ନରକ ସଦୃଶ, ପ୍ରତିଷ୍ଠାକୁ ଶୂକରୀବିଷ୍ଠା ସଦୃଶ ଜ୍ଞାନ କଲେ ଯାଇ ସାଧନ ଭଜନ ହେବ । ନହେଲେ ବସନରେ କି ଆସନରେ, ଅଶନରେ କି ଅନଶନରେ, ରସନରେ କି ଭାଷଣରେ ଏବଂ ଅସଲ ଅଭାବରେ ନକଲରେ କିଛି ଫଳ ହେବ ନାହିଁ । ମହାତ୍ମା କବୀର କହିଛନ୍ତି—

''ମୁଡ଼ ମୁଡ଼ାୟେ ଜଟାରାଖୟେ ମସ୍ତ ଫିରେ ଯୈସା ଭେଁସା ।
ଖଲରି ଉପର ଖାକ୍ ଲଗାୟେ ମନ ଯୈସା ତୋ ତୈସା ।।''

ଅର୍ଥାତ୍ ମସ୍ତକ ମୁଣ୍ଡନ କଲେ କ'ଣ ହେବ, ଜଟା ରଖିଲେ ଅବା କଅଣ ହେବ, ଆଉ ଦେହରେ ଭସ୍ମ ଲେପନ କଲେ ବା କ'ଣ ହେବ; ଯଦି ଚିତ୍ତଶୁଦ୍ଧି ନ ହୋଇଛି, ତେବେ ଏ ସବୁ ବେଶଭୂଷାରେ କି କାର୍ଯ୍ୟ ?

ପରିବର୍ତ୍ତନର ଆଭାସ

କିନ୍ତୁ ଚିରଦିନ ସମାନ ଯାଏ ନାହିଁ । ସ୍ରୋତ ଫେରି ଆସୁଛି । ବର୍ତ୍ତମାନ ହିନ୍ଦୁମାନଙ୍କର ହୃଦୟରେ ଜ୍ଞାନ, ଧର୍ମ ଓ ସ୍ୱାଧୀନତା-ଲିପ୍ସା ଜାଗି ଉଠୁଛି । ବର୍ତ୍ତମାନ ହିନ୍ଦୁମାନେ ବୁଝିପାରିଲେଣି ଯେ, ଏହି ବୈଚିତ୍ର୍ୟମୟ ସୃଷ୍ଟି ରାଜ୍ୟର ସୀମା କେଉଁଠାରେ । ହିନ୍ଦୁଧର୍ମ ଗଭୀର ସୂକ୍ଷ୍ମ ଆଧ୍ୟାତ୍ମିକ-ବିଜ୍ଞାନସମ୍ମତ, ଦାର୍ଶନିକତାରେ ପରିପୂର୍ଣ୍ଣ । ହିନ୍ଦୁ ଧର୍ମର ନିଗୂଢ଼ ମର୍ମ ସାମାନ୍ୟ କିଛି ବୁଝିପାରି ପାଶ୍ଚାତ୍ୟ ଜଡ଼ବିଜ୍ଞାନ ଅଜ୍ଞାନ ହୋଇ ଯାଉଅଛି । ଦିନକୁ ଦିନ ହିନ୍ଦୁଧର୍ମର ଯେପରି ଉନ୍ନତି ଦେଖାଯାଉଛି, ସେଥିରେ ଆଶା କରାଯାଏ ଅତି ଅଳ୍ପ ଦିନ ମଧ୍ୟରେ ଏହି ଧର୍ମର ଅମଳ ଧବଳ କୌମୁଦୀରେ ସମଗ୍ର ଦେଶ, ସମଗ୍ର ଜାତି ଉଦ୍‌ଭାସିତ ଓ ପ୍ରଫୁଲ୍ଲିତ ହୋଇ ଉଠିବ ।

ବର୍ତ୍ତମାନ ହିନ୍ଦୁସନ୍ତାନମାନେ ହିନ୍ଦୁଶାସ୍ତ୍ର ବିଶ୍ୱାସ କଲେଣି, ହିନ୍ଦୁଧର୍ମ ମାନିଲେଣି, ହିନ୍ଦୁ ମତ୍‌ରେ ଉପାସନା କଲେଣି । ସ୍କୁଲ କଲେଜ ଛାତ୍ରଙ୍କଠାରୁ ଆରମ୍ଭ କରି ଯୁବକ, ପ୍ରୌଢ଼ ପର୍ଯ୍ୟନ୍ତ ଅନେକଙ୍କର ସାଧନ ଭଜନରେ ପ୍ରବୃତ୍ତି ହେଲାଣି । କିନ୍ତୁ ଉପଯୁକ୍ତ ଉପଦେଷ୍ଟା ଅଭାବରୁ କେହି ସାଧନା ବିଷୟରେ ପ୍ରକୃତ ପଥ ଦେଖିପାରୁ ନାହାନ୍ତି ।

ଅସ୍ମଦ୍ଦେଶୀୟ ଖ୍ୟାତନାମା ପଣ୍ଡିତମାନେ ସାଧନର ଯେପରି କଠିନ ବିଧି ବ୍ୟବସ୍ଥା ବ୍ୟକ୍ତ କରନ୍ତି; ସେ କଥା ଶୁଣି ସାଧନରେ ପ୍ରବୃତ୍ତି ହେବା ଦୂରେ ଥାଉ, ଶୁଣିଲାକ୍ଷଣି ସେ ଆଶାରେ ଆଜୀବନ ଜଳାଞ୍ଜଳି ଦେବାକୁ ପଡ଼େ । ସେମାନେ ଧର୍ମ କର୍ମର ଯେପରି ଲମ୍ବା ଚୌଡ଼ା ତାଲିକା ପ୍ରସ୍ତୁତ କରନ୍ତି, ଆଜୀବନ କଷ୍ଟୋପାର୍ଜ୍ଜିତ ଅର୍ଥ ବ୍ୟୟ କରି ମଧ୍ୟ ତାହା ସମ୍ପାଦନ କରିବା ଅନେକଙ୍କ ପକ୍ଷରେ ସୁକଠିନ । ଧର୍ମ କରିବାକୁ ହେଲେ ସ୍ତ୍ରୀ, ପୁତ୍ର ପରିତ୍ୟାଗ କରିବାକୁ ହେବ; ଧନରତ୍ନରେ ଜଳାଞ୍ଜଳି ଦେବାକୁ ପଡ଼ିବ; ଗୃହସଂସାର ଛାଡ଼ିବାକୁ ହେବ; ଅନାହାରରେ ଦେହ ଶୁଷ୍କ କରିବାକୁ ପଡ଼ିବ; ସାଧୁବେଶ ଧାରଣକରି ବୃକ୍ଷତଳ ଆଶ୍ରୟ ପୂର୍ବକ ଶୀତ, ବାତ ସହ୍ୟ କରିବାକୁ ହେବ; ଏପରି ନ ହେଲେ ଭଗବାନଙ୍କ କୃପାଲାଭ ହୋଇପାରିବ ନାହିଁ । ଧର୍ମ ଲାଭ କରିବାକୁ ହେଲେ ଯେ୍ ଏତେ ବିଡ଼ମ୍ବନା ଭୋଗ କରିବାକୁ ପଡ଼ିବ, ଏକଥା ଶୁଣିଲେ ବଡ଼ ଆଶ୍ଚର୍ଯ୍ୟ ଲାଗେ । ମୁଁ ଜାଣେ ସୁଖ ନିମିତ୍ତ ଧର୍ମାଚରଣ; ଶାସ୍ତ୍ରରେ ମଧ୍ୟ ଏହାର ପ୍ରମାଣ ମିଳେ ।

"ସୁଖଂ ବାଞ୍ଛତି ସର୍ବୋହି ତଚ୍ଚ ଧର୍ମସମୁଦ୍‌ଭବମ୍,
ତସ୍ମାଦ୍ଧର୍ମଃ ସଦା କାର୍ଯ୍ୟ ସର୍ବବର୍ଣ୍ଣୈଃ ପ୍ରଯତ୍ନତଃ ।"

— ଦକ୍ଷସଂହିତା, ୩ । ୨୩

ସାଧନ ସହଜ

ତେବେ ଦେଖନ୍ତୁ, ଧର୍ମାଚରଣର ଉଦ୍ଦେଶ୍ୟ ସୁଖଲାଭ । ଅନାହାରରେ ରହି ଓ ଅର୍ଥବ୍ୟୟ କରି କାୟିକ ଓ ମାନସିକ କଷ୍ଟଭୋଗ କରିବା ଅଜ୍ଞାନତାର ପରିଚାୟକ । ଦୁଃଖର ବିଷୟ, ଉପଯୁକ୍ତ ଉପଦେଷ୍ଟା ଅଭାବରୁ ଗୃହରେ ପ୍ରଚୁର ଅନ୍ନ ଥାଇ ମଧ୍ୟ ଉପବାସରେ ଦିନ କଟାଇବାକୁ ହେଉଛି । ଆମର ଅସୀମ ଶାସ୍ତ୍ର— ଅନନ୍ତ ସାଧନ କୌଶଳ । ଆମ୍ଭେମାନେ ବର୍ଷକ ଭିତରେ ଆଶ୍ୱିନ ମାସରେ ଦିନେ ଶାସ୍ତ୍ରଗୁଡ଼ିକ ଖରାରେ ଶୁଖାଉଁ; ପରେ ଗଣ୍ଠିଲା ବାନ୍ଧି ଶୁଷ୍କ ମୁଖରେ ପର ଆଡ଼କୁ ହାତ ପତାଇ ଅନାଇ ରହୁ ।

କିମ୍ବା କୌଣସି ଗୋଟିଏ ବିକୃତ ସାଧନାରେ ପ୍ରବୃତ୍ତ ହୋଇ ବିଡ଼ମ୍ବନା ଭୋଗ କରୁ; ଅଥବା କଳିକାଳ ସ୍କନ୍ଧରେ ଦୋଷ ଲଦିଦେଇ ନିଶ୍ଚିନ୍ତ ହେଉ ।

ଆହୁରି ଗୋଟିଏ କଥା, କଳିର ଜୀବ ସ୍ୱଳ୍ପାୟୁ ଓ ଦୁର୍ବଳ । ବିଶେଷତଃ ଚବିଶ ଘଣ୍ଟା ହାଡ଼ଭଙ୍ଗା ପରିଶ୍ରମ କରି ମଧ୍ୟ ଆଜିକାଲି ଅନେକ ଅନ୍ନ ବସ୍ତ୍ର ସଂଗ୍ରହ କରିପାରୁ ନାହାନ୍ତି । ଏପରି ଅବସ୍ଥାରେ ସଦ୍‌ଗୁରୁ ମିଳିଲେ ମଧ୍ୟ ଅଷ୍ଟାଙ୍ଗ ସାଧନର କଠୋର ନିୟମ, ସଂଯମ ଓ ପ୍ରାଣାୟାମାଦିସଦୃଶ କାୟିକ ଓ ମାନସିକ କଠିନ ପରିଶ୍ରମ ଏବଂ ଅଭ୍ୟାସ ପାଇଁ ସୁଦୀର୍ଘ ସମୟ କାହାରି ନାହିଁ । ଏହି ସବୁ ପ୍ରତିବନ୍ଧକ ହେତୁ ସାଧନରେ ପ୍ରବୃତ୍ତି ଥିଲେ ମଧ୍ୟ ତାହା ପକ୍ୱ ବିଲ୍ୱରେ କାକଚଞ୍ଚୁପୁଟାଘାତ ସଦୃଶ ବୃଥା ହୁଏ । ଏ ସବୁ ଅଭାବ ଓ ପ୍ରତିବନ୍ଧକ ଦୂର କରିବା ହିଁ ମୋର ଉଦ୍ଦେଶ୍ୟ ।

ମୁଁ ସଂସାରାଶ୍ରମ ପରିତ୍ୟାଗ କରି ବହୁଦିନ ବୃଥା ପରିଭ୍ରମଣ ଓ କେତେ ସାଧୁ ସନ୍ନ୍ୟାସୀଙ୍କର ସେବା କଲି । ପରେ ଜଗଦ୍‌ଗୁରୁ ଭୂତଭାବନଭବାନୀପତିଙ୍କ କୃପାରୁ ସଦ୍‌ଗୁରୁ ଲାଭ କରି ଲୁପ୍ତପ୍ରାୟ ଗୁପ୍ତ ଯୋଗ ସାଧନର ସହଜ ଓ ସୁଖସାଧ୍ୟ କୌଶଳ ଉପାୟାଦି ଶିକ୍ଷା କରିଅଛି । ବହୁଦିନ ଧରି ସେହିସବୁ କୌଶଳ ଅବଲମ୍ବନରେ କ୍ରିୟାନୁଷ୍ଠାନ କରି ପ୍ରତ୍ୟକ୍ଷ ଫଳ ପାଇଅଛି । ତେଣୁ ଆଜି ଭାରତବାସୀ ସାଧକ ଭ୍ରାତୃବୃନ୍ଦଙ୍କ ଉପକାର କରିବାପାଇଁ କୃତସଂକଳ୍ପ ହୋଇ ଗ୍ରନ୍ଥ ପ୍ରକାଶ କରୁଅଛି । ଯେଉଁ ସବୁ ସାଧନ କୌଶଳ ଶିକ୍ଷା କରିଅଛି; ତାହା ସମସ୍ତ ଆଲୋଚନା ଓ ଚର୍ଚ୍ଚା କରିବା ବ୍ୟକ୍ତିଗତ କ୍ଷମତାର ଆୟତ୍ତ ନୁହେଁ । ତେବେ ଯଦି କାହାରି ଏପରି ସାଧନାରେ ପ୍ରବୃତ୍ତି ହୁଏ ଏବଂ ସେ ଯଦି ଅନୁଗ୍ରହକରି ମୋ ନିକଟରେ ଉପସ୍ଥିତ ହୁଅନ୍ତି, ପରୀକ୍ଷାଦ୍ୱାରା ଉପଯୁକ୍ତ ବୋଲି ବୁଝିପାରିଲେ ଯତ୍ନର ସହିତ କ୍ରିୟାଦି ଶିଖାଇ ଦେବାକୁ ପ୍ରସ୍ତୁତ ଅଛି ।

'ବ୍ରହ୍ମଚର୍ଯ୍ୟ ସାଧନ', 'ଯୋଗୀଗୁରୁ', 'ଜ୍ଞାନୀଗୁରୁ', 'ତାନ୍ତ୍ରିକଗୁରୁ', 'ପ୍ରେମିକ ଗୁରୁ', ଗ୍ରନ୍ଥମାନଙ୍କରୁ ଗୃହୀତ ।

ସାଧାରଣଙ୍କୁ ଉପଦେଶ

ଅନ୍ୟାୟ ଅର୍ଥୋପାର୍ଜ୍ଜନ

ସମସ୍ତେ ଥରେ ଭାବି ଦେଖନ୍ତୁ, ଆପଣମାନେ ଅଧର୍ମପ୍ରଣୋଦିତ ହୋଇ, କେତେ ପରିଶ୍ରମ କରି, କେତେ କଷ୍ଟ ସହ୍ୟ କରି ଅର୍ଥ ଉପାର୍ଜ୍ଜନ କରୁଛନ୍ତି ଓ ସଞ୍ଚୟ କରୁଛନ୍ତି । କିନ୍ତୁ ଯେତେବେଳେ ଆପଣ ସେହି ଅଜ୍ଞାତ ପ୍ରଦେଶକୁ ଚାଲିଯିବେ, ସେତେବେଳେ ବାଟ ଖରଚ ବୋଲି ପଇସାଟିଏ ମଧ୍ୟ ସଙ୍ଗରେ ନେଇପାରିବେ ନାହିଁ । ଯେଉଁ ସ୍ତ୍ରୀପୁତ୍ରଙ୍କୁ ସୁଖୀ କରିବା ନିମିତ୍ତ ମୁଣ୍ଡଝାଳ ତୁଣ୍ଡରେ ମାରି ହିତାହିତଜ୍ଞାନଶୂନ୍ୟ ହୋଇ ଆପଣ କେତେ ଗର୍ହିତ ଆଚରଣ କରୁଛନ୍ତି, ସେହି ସ୍ତ୍ରୀ ପୁତ୍ରାଦି କେହି ତ ହେଲେ ସଙ୍ଗରେ ଯିବେ ନାହିଁ; ନିଜେ କେବଳ ଯନ୍ତ୍ରଣା ଭୋଗ କରି ଚକ୍ଷୁ ଜଳରେ ବକ୍ଷ ସିକ୍ତ କରିବେ ସିନା ! ଏ ଯେଉଁ ଅଧର୍ମର ଆଶ୍ରୟ କରି, ପରର ଅନିଷ୍ଟ କରି ଅର୍ଥ ଉପାର୍ଜ୍ଜନ କରିଛନ୍ତି ଓ ସଞ୍ଚୟ କରିଛନ୍ତି, ସେତେବେଳେ ଏହିସବୁ ଅର୍ଥଦ୍ୱାରା ନିଜର କୌଣସି ଉପକାର ହେବ ନାହିଁ । ପ୍ରତ୍ୟୁତ ସେଥିପାଇଁ ତୀବ୍ର ଯନ୍ତ୍ରଣା ଭୋଗ କରିବାକୁ ହେବ । ଏଣୁ ଶାସ୍ତ୍ରରେ ଅଛି—

''ବରଂ ଦାରିଦ୍ର୍ୟମନ୍ୟାୟପ୍ରଭବାଦ୍ ବିଭବାଦପି,
କ୍ଷୀଣତା ପୀନତା ଦେହେ ପୀନତା ନ ତୁ ରୋଗଜା ।''

ବରଂ ଦରିଦ୍ର ହୋଇ ଦୁଃଖରେ ରହିବା ଭଲ; ତଥାପି ଅନ୍ୟାୟ ଉପାୟରେ ବିଭବଶାଳୀ ହେବା ଭଲ ନୁହେଁ । ଯେପରି ସୁସ୍ଥ କ୍ଷୀଣ ଶରୀର ବରଂ ଭଲ; କିନ୍ତୁ ରୋଗରେ ଫୁଲି ମୋଟା ହେବା ଭଲ ନୁହେଁ । ଶାସ୍ତ୍ରରେ କୁହାଯାଇଛି ଯେ, ଧନ ବୋଲ ବା ଜୀବନ ବୋଲ, ତୃଣପତ୍ରଗାମୀ ଜଳ ବିନ୍ଦୁ ସଦୃଶ ସମସ୍ତ ଚଞ୍ଚଳ । ଅତଏବ ଧର୍ମାଚରଣ କର । ତାହାହେଲେ ଇହକାଳରେ କୀର୍ତ୍ତି ଓ ପରକାଳରେ ଅନନ୍ତ ସୁଖଲାଭର ଅଧିକାରୀ ହେବ । ଏହି ଅନିଶ୍ଚିତ ଓ ସୁଦୁର୍ଲ୍ଲଭ ମାନବ ଦେହ ଧାରଣ କରି ଯେଉଁ ବ୍ୟକ୍ତି ଧର୍ମ ଉପାର୍ଜନ କରନ୍ତି ନାହିଁ, ତାଙ୍କର ଜୀବନ ବୃଥା, ସେହି ବ୍ୟକ୍ତି ଇହକାଳରେ ଓ ପରକାଳରେ ଦୁଃଖ ଭୋଗ କରିଥାନ୍ତି ।

''ଯସ୍ୟ ତ୍ରିବର୍ଗଶୂନ୍ୟସ୍ୟ ଦିନାନ୍ୟାୟାନ୍ତି ଯାନ୍ତି ଚ,
ସ ଲୋହକାରଭସ୍ତ୍ରେବ ଶ୍ୱସନ୍ନପି ନ ଜୀବତି ।'' —ମହାଭାରତ ।

ଧର୍ମୋପାର୍ଜନ ନ କରି ଯେଉଁ ବ୍ୟକ୍ତିଙ୍କର ଦିନ ଆସୁଛି ଓ ଯାଉଛି, କର୍ମକାରର ଯନ୍ତା ଯେପରି ବୃଥାରେ ନିଃଶ୍ୱାସ ମାରୁଛି, ସେ ବ୍ୟକ୍ତି ମଧ୍ୟ ସେହିପରି ବୃଥାରେ ବଞ୍ଚି ରହିଛନ୍ତି । ବାସ୍ତବିକ କେବଳ ବଂଶମର୍ଯ୍ୟାଦା ଥିଲେ ଅଥବା ବିଷୟ ବିଭବର ଖ୍ୟାତି ଥିଲେ ମନୁଷ୍ୟ ଉନ୍ନତ ହୋଇପାରେ ନାହିଁ, ଜ୍ଞାନର ଉତ୍କର୍ଷରେ ଓ ଗୁଣ ଗରିମାରେ ହିଁ ମାନବର ଗୁରୁତ୍ୱ ପ୍ରତିପନ୍ନ ହୁଏ । କାରଣ—

''ବିଦ୍ୟା ବିତ୍ତଂ ବପୁଃ ଶୌର୍ଯ୍ୟଂ କୂଳେ ଜନ୍ମ ନିରୋଗିତା,
ସଂସାରୋଚ୍ଛିତ୍ତିହେତୁଶ୍ଚ ଧର୍ମାଦେବ ପ୍ରବର୍ତ୍ତତେ ।''

— ମହାଭାରତ

ଧର୍ମାନୁଷ୍ଠାନ

ବିଦ୍ୟା, ବିତ୍ତ, ଦେହ, ଶୌର୍ଯ୍ୟ, ଶ୍ରେଷ୍ଠ କୁଳରେ ଜନ୍ମ, ଦେହ ନିରୋଗ ରହିବା ଓ ସଂସାର ବନ୍ଧନରୁ ମୁକ୍ତିଲାଭ କରିବା — ଏସବୁ ଧର୍ମରୁ ପ୍ରସୂତ ହୋଇଥାଏ । କିନ୍ତୁ ଆଧୁନିକ ବିବେକବାଦୀମାନେ ନିଜ ବିକୃତ ବୁଦ୍ଧିକୁ ବିବେକ ଜ୍ଞାନକରି ବିଷମ ଅନର୍ଥ ଉତ୍ପାଦନ କରୁଛନ୍ତି । ସେମାନେ ବିବେକ ନାମରେ ଜ୍ଞାନବିଜ୍ଞାନସମ୍ପନ୍ନ, ଯୋଗବଳଶାଳୀ, ଆର୍ଯ୍ୟଋଷିପ୍ରଣୀତ ଶାସ୍ତ୍ରକୁ ଅବିଶ୍ୱାସ କରି ପ୍ରତ୍ୟବାୟଭାଗୀ ହେଉଛନ୍ତି । ପ୍ରକୃତ ତତ୍ତ୍ୱ ଅବଗତ ହେବାକୁ ହେଲେ ଶାସ୍ତ୍ରର ଆଶ୍ରୟ ଓ ଶାସ୍ତ୍ରବାକ୍ୟରେ ବିଶ୍ୱାସ ବ୍ୟତୀତ ଅନ୍ୟ ଗତି ନାହିଁ ।

ଯେଉଁମାନେ ଧର୍ମକର୍ମରେ ସ୍ୱେଚ୍ଛାଚାରର ବଶବର୍ତ୍ତୀ ହୋଇ ସ୍ୱ କପୋଳକଳ୍ପିତ ମତ ସ୍ଥାପନରେ ପ୍ରୟାସୀ, ଯେଉଁମାନେ ପାଶ୍ଚାତ୍ୟ ଦେଶରୁ ଆମଦାନୀ କରାଯାଇଥିବା ବିବେକ ବୁଦ୍ଧି ଧାରକରି ଏବଂ ବିଜାତୀୟ ଶିକ୍ଷାରେ ବିକୃତ ମସ୍ତିଷ୍କ ହୋଇ ସ୍ୱଜାତୀୟ-ଶାସ୍ତ୍ରରେ ଅବିଶ୍ୱାସୀ, ଯେଉଁମାନେ ଶାସ୍ତ୍ରବାକ୍ୟ ଉପେକ୍ଷା କରି ବିଷୟବିଷ-ବିଦଗ୍ଧ ଚିତ୍ତରେ ବିଚଞ୍ଚଳ ବୁଦ୍ଧି କର୍ତ୍ତୃକ ଚାଳିତ ହୋଇ ଧର୍ମାନୁଷ୍ଠାନ କରନ୍ତି, ସେମାନେ ଇହକାଳରେ ସୁଖ ଓ ପରକାଳରେ ପରମାଗତି ଲାଭ କରିପାରନ୍ତି ନାହିଁ । ଯେଉଁମାନେ ବିବେକ ନାମରେ ନିଜ ଇଚ୍ଛାନୁଯାୟୀ ମତାମତ କାର୍ଯ୍ୟାକାର୍ଯ୍ୟ ବିଚାର କରନ୍ତି, ସେମାନଙ୍କର ବିବେକ ଶବ୍ଦର କୌଣସି ଅର୍ଥଜ୍ଞାନ ପର୍ଯ୍ୟନ୍ତ ନାହିଁ ।

ଜୀବର ବୁଦ୍ଧି ନିଜ ସଂସ୍କାର ଅନୁଯାୟୀ ଗଠିତ । ସୁତରାଂ ତାର କାର୍ଯ୍ୟାକାର୍ଯ୍ୟ ବିଚାରର ଶକ୍ତି କାହିଁ ? ଯେଉଁମାନେ ବିଷୟ ସମ୍ପତ୍ତି ଏବଂ ଖ୍ୟାତି ପ୍ରତିପତ୍ତିକୁ

ପ୍ରାଣତୋଷକ ଓ ମୁଖରୋଚକ ଜ୍ଞାନ କରି ସେହି ଆଶାରେ ପାପଶଯ୍ୟାରେ ଶାୟିତ ହୋଇ କେତେ ପ୍ରକାର ମନ୍ଦ କର୍ମ କରୁଛନ୍ତି, ସେମାନଙ୍କ ନିକଟରେ ଧର୍ମ ଭୟଙ୍କର, ଅରୁଚିକର ଓ ଅତୃପ୍ତିଦାୟକ । ଯେଉଁସବୁ ଲୋକଙ୍କ ହୃଦୟ ସ୍ୱାର୍ଥରେ ପରିପୂର୍ଣ୍ଣ, ସେମାନଙ୍କଦ୍ୱାରା କୌଣସି କାଳରେ, କୌଣସି ଦେଶରେ, ବା କୌଣସି ଲୋକର ଅଥବା ସମାଜର ଉପକାର ସାଧିତ ହୋଇପାରିବ ନାହିଁ । ଯେଉଁସବୁ ସୁଶିକ୍ଷିତ ବ୍ୟକ୍ତି ଗୀତାର ଦ୍ୱାହି ଦେଇ ଅଧର୍ମ ପ୍ରଚାର କରୁଛନ୍ତି, ସେମାନଙ୍କର ସର୍ବଥା ସ୍ମରଣ ରଖିବା କର୍ତ୍ତବ୍ୟ ଯେ, ଭଗବାନ କହିଛନ୍ତି—

"ଅଶାସ୍ତ୍ରବିହିତଂଘୋରଂ ତପ୍ୟନ୍ତେ ଯେ ତପୋଜନାଃ,
ଦମ୍ଭାହଙ୍କାରସଂଯୁକ୍ତାଃ କାମରାଗବଳାନ୍ୱିତାଃ ।
କର୍ଷୟନ୍ତଃ ଶରୀରସ୍ଥଂ ଭୂତ ଗ୍ରାମମଚେତସଃ ।
ମାଞ୍ଚୈବାନ୍ତଃ ଶରୀରସ୍ଥଂ ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ୍ ।"

— ଶ୍ରୀମଦ୍‌ଭଗବଦ୍ ଗୀତା, ୧୭—୫ । ୬

ଯେଉଁମାନେ ଅଶାସ୍ତ୍ରବିହିତ ତପସ୍ୟା କରନ୍ତି ଏବଂ ଯେଉଁମାନେ ଦମ୍ଭ ଅହଙ୍କାର, କାମରାଗ-ବଳଯୁକ୍ତ; ସେମାନେ ଶରୀରସ୍ଥ ଭୂତସମୂହକୁ କୃଶ କରି ଆତ୍ମସ୍ୱରୂପରେ ମୋତେ ମଧ କୃଶ କରନ୍ତି । ସେମାନଙ୍କୁ ନିଶ୍ଚୟ ବିବେକବର୍ଜିତ ଅସୁର ବୋଲି ଜାଣିବ ।

ଅତଏବ ସମସ୍ତେ ବୁଝିପାରିବେ ଯେ, ଆଜିକାଲି ଫେସନମୁଗ୍ଧ ବାବୁଙ୍କର ଖାମଖିଆଲି ଓ ମନଗଢ଼ା ଉପାସନା କିଛି ନୁହେଁ । ଜାତୀୟ ଧର୍ମ ଓ ଶାସ୍ତ୍ରାନୁମୋଦିତ ଧର୍ମାଚରଣ କରିବା ହିଁ ସମସ୍ତଙ୍କର କର୍ତ୍ତବ୍ୟ । ଯଦି କେହି ଗୀତାର ଏହି ଶ୍ଳୋକ ଦୁଇଟି ପ୍ରକ୍ଷିପ୍ତ ବା ବ୍ରାହ୍ମଣମାନଙ୍କର ସ୍ୱାର୍ଥଗାଥା ବୋଲି କହନ୍ତି, ତେବେ ମୁଁ ନାଚାର । ବାସ୍ତବିକ ଯାହାଙ୍କର ଯହିଁରେ ଅଧିକାର ନାହିଁ, ତାଙ୍କର ସେଥିରେ ହସ୍ତକ୍ଷେପ କରିବା ଦେଶର ଓ ସମାଜର ମହାଅନିଷ୍ଟକାରକ । ଆତ୍ମାଭିମାନରେ ପୂର୍ଣ୍ଣ ହୋଇ ସେମାନେ କେବଳ ପ୍ରବଞ୍ଚିତ ହୁଅନ୍ତି, ଆହୁରି ନାନା ଉପାୟରେ ଅନ୍ୟକୁ ମଧ ପ୍ରବଞ୍ଚିତ କରିଥାନ୍ତି । ମହାତ୍ମାମାନେ ଏହି ସବୁ ଲୋକଙ୍କୁ ବଞ୍ଚକ ଶବ୍ଦରେ ଅଭିହିତ କରନ୍ତି ।

"ଗୃହୀ ହୋକର୍ କହେ ଜ୍ଞାନ,
ଭୋଗୀ ହୋକର୍ ଲଗାଏ ଧ୍ୟାନ ।
ଯୋଗୀ ହୋକର୍ ଠୋକେ ଭଗ୍
ତିନୋ ଆଦିମ୍ ମହା ଠଗ ।"

ଅର୍ଥାତ୍ ଯେ ଗୃହସ୍ଥହୋଇ ବ୍ରହ୍ମଜ୍ଞାନ ଦେଖାଇ ହୁଅନ୍ତି, ଯେ ଭୋଗୀ ହୋଇ ଧ୍ୟାନାନୁସନ୍ଧାନରେ ରତ ହୁଅନ୍ତି ଏବଂ ଯୋଗୀ ହୋଇ ଯେ ନାରୀ ସହବାସ କରନ୍ତି; ଏହିପରି ବ୍ୟକ୍ତିଙ୍କୁ ମହା ଠକ କହନ୍ତି ।

ତେଣୁ କହୁଛି, ଭଣ୍ଡାମିରେ ମାନବ ଜୀବନଟାକୁ ପଣ୍ଡ ନ କରି ଅହଙ୍କାରାଦି ସର୍ବଥା ତ୍ୟାଗ କଲେ ଆଉ ଚିରଦିନ ବଦ୍ଧ ରହିବାକୁ ହେବ ନାହିଁ; ଅନାୟାସରେ ତ୍ରିତାପମୁକ୍ତ ହୋଇ ନିର୍ବାଣମୁକ୍ତି ଲାଭ କରିପାରିବ । ମାନବ ନିଜକୁ ମାରିବାକୁ ନିଜେ ହିଁ କର୍ତ୍ତା, କାରଣ ବାସନା ହିଁ ବିଷୟୀ ମାନବର ସମସ୍ତ ବିଷୟରେ ଭର୍ତ୍ତା । ଆପଣମାନେ ବାସନାକୁ ତ୍ୟାଗ କରି ଦେଖନ୍ତୁ, ନିଜକୁ ସୁଦ୍ଧା ଦେଖିବାକୁ ପାଇବେ ନାହିଁ । କାମନାକୁ ତ୍ୟାଗ କରିପାରିଲେ ଆଉ ଇତର ସାଧାରଣଙ୍କ ପରି ଶରୀରଧାରଣ ନକରି ସର୍ବଦା ସଚ୍ଚିଦାନନ୍ଦବ୍ରହ୍ମରେ ଲୟ ପ୍ରାପ୍ତ ହେବେ ।

ସଂସାରରେ ଧର୍ମକର୍ମ, ଚରିତ୍ର ରକ୍ଷା ବା ସାଧନା ଓ ତପସ୍ୟାର ବିଶେଷ ପ୍ରୟୋଜନ ଅଛି । ଜଗତରେ ସକଳ ଭାବ, ସକଳ କାମନା ହିଁ ଅଭ୍ୟାସପୁଷ୍ଟ । ଯାହା ପ୍ରତିନିତ୍ୟ କରାଯାଏ, ତାହା ଏକପ୍ରକାର ଆତ୍ମିକ ସଂସ୍କାର ବା ପ୍ରକୃତିଗତ ହୋଇ ପ୍ରତିଷ୍ଠିତ ହୁଏ । ସୁତରାଂ ଦୈନନ୍ଦିନ ଜୀବନରେ ମାନବ ଯାହା ଅଭ୍ୟାସ କରିବ, ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ତାହାର ସେହି ଶକ୍ତି ସର୍ବାପେକ୍ଷା ଅଧିକ କାର୍ଯ୍ୟକାରୀ ହେବାର ବିଶେଷ ସମ୍ଭାବନା । କର୍ମ ଓ କାମନା ଅନୁସାରେ ମନୁଷ୍ୟ ଗଠନର ଯେତେବେଳେ ପରିବର୍ତ୍ତନ ଓ ବିକୃତି ହେଉଅଛି, ସେତେବେଳେ ମାନସିକ ପ୍ରକୃତି ମଧ୍ୟ ସେଥିରେ ବିଶିଷ୍ଟ ଭାବରେ ପରିବର୍ତ୍ତିତ ହେବା ନିଶ୍ଚିତ— ଏ କଥାଟି ବୁଝିବାକୁ ଅଧିକ ବୁଦ୍ଧି ବ୍ୟୟ କରିବାକୁ ପଡ଼ିବ ନାହିଁ ।

ମରଣର ଆୟୋଜନ

ତା'ପରେ ଗୋଟିଏ କଥାରେ ଜୀବନର ଉଦ୍ଦେଶ୍ୟ ଜାଣିବାକୁ ହେଲେ ବୁଝିବା ଦରକାର ଯେ, ଜୀବନ କେବଳ ମରଣ ନିମିତ୍ତ ଆୟୋଜନ । ସଂସାରୀ,ସନ୍ନ୍ୟାସୀ, ତ୍ୟାଗୀ, ଭୋଗୀ ସମସ୍ତେ ଆଜୀବନ ମରଣ-ବିଲ୍ ପ୍ରସ୍ତୁତ କରିବାରେ ବ୍ୟସ୍ତ । ଦାତା, କୃପଣ, ବିଳାସୀ, ବୈରାଗୀ ସମସ୍ତଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ମୃତ୍ୟୁ ବା ମନୁଷ୍ୟ ଜନ୍ମର ଅବସାନ । କାରାବଦ୍ଧ ବ୍ୟକ୍ତି ପରିଶ୍ରମ କରି, ସେବା କରି ନିଜର ମୁକ୍ତି ବା ସ୍ୱାଧୀନତା ଅର୍ଜନ କରେ । ଦେହବଦ୍ଧ ଜୀବର ଜୀବନ ମଧ୍ୟ ଠିକ୍ ସେହି ଭାବରେ

କଟିଯାଏ । ସଂସାରରେ ଯେ ମନୁଷ୍ୟର ଏତେ ବିଭିନ୍ନ ଜାତୀୟ ଉଦ୍ୟମ ଦେଖିବାକୁ ମିଳେ, ସେ ସବୁର ଲକ୍ଷ୍ୟ ଗୋଟିଏ । ଅଦୃଷ୍ଟ ଅନୁସାରେ ତାର ପ୍ରକାରର ଭିନ୍ନତା ହୋଇଥାଏ ମାତ୍ର । ଚୋର ଓ ସାଧୁ ଉଭୟ କାମନାର ଦାସ, ତେବେ ସେମାନଙ୍କ କାମନାର ସ୍ୱରୂପ ବୁଝିବାରେ ପ୍ରଭେଦ ହୋଇଥାଏ ସିନା !

ଅତଏବ ଭଲ ମରଣର ଆୟୋଜନ କରିବାକୁ ହେଲେ 'ଭଲ'ର ଉପାସନାରେ ଜୀବନ ଉତ୍ସର୍ଗ କରିବା ହେଉଛି ଏକମାତ୍ର ଅନିବାର୍ଯ୍ୟ ସାଧନା । କାରଣ, ଭଲ କାମନା, ଭଲ ଚିନ୍ତା ଜୀବନରେ ବିଶେଷ ଭାବରେ ଅଭ୍ୟସ୍ତ ବା ପ୍ରକୃତିଗତ ନ ହେଲେ, ମୃତ୍ୟୁଯାତନା ବା ଅନ୍ତିମ ବିଦାୟର ଅସ୍ତ କୋଳାହଳ ଭିତରେ ତାହା ମନରେ ନ ପଡ଼ିବା ହିଁ ସ୍ୱାଭାବିକ । ଯାହା ଖାଅ, କେବଳ ତାହାର ହିଁ ଢକ୍‌କାର ଉଠିଥାଏ । ତେଣୁ କହୁଛି, କାମନା ଲାଳସା ଦୁଇ ଦଣ୍ଡର ଖେଳ ନୁହେଁ, ତାହା ଅନନ୍ତର ପରମାୟୁ । ସଂସ୍କାର ରୂପରେ ତାହା ଆତ୍ମାର ଆବରଣ ହୋଇ ରହେ । ଏହି ସଂସ୍କାର ଭେଦ ହିଁ ସାଧୁ ଅସାଧୁର ବ୍ୟବଧାନ । ସଂସାରରେ କୁ-ଲୋକ ବୋଲି କେହି ଜନ୍ମଗ୍ରହଣ କରିନାହାନ୍ତି । ଏହିପରି କାମନା କୃତ୍ୟର କୁ-ସୁ ଅନୁସାରେ ଅଦୃଷ୍ଟ ଉନ୍ନତିର ତାରତମ୍ୟ ହୁଏ । ତେଣୁ କାମନା ମନୁଷ୍ୟ ଭାଗ୍ୟର ଅପର ପୃଷ୍ଠା ।

ଅଦୃଷ୍ଟ

ଅଦୃଷ୍ଟ କଅଣ, ତାହା କଥାରେ ବୁଝାଯାଇ ନ ପାରେ । ଅଦୃଷ୍ଟ — ଅ-ଦୃଷ୍ଟ; ତାହା ରୁଗ୍ଣ ଭଗ୍ନର ସଫେଇ ସାକ୍ଷୀ ନୁହେଁ । ସାଧାରଣ ଜାଣନ୍ତି ମୃତ୍ୟୁପତି ଧର୍ମରାଜଙ୍କ ପାଖରେ ଚିତ୍ରଗୁପ୍ତ ନାମରେ ଜଣେ ପାର୍ଶ୍ୱଦ ଅଛନ୍ତି । ତାଙ୍କର ବିରାଟ ଖାତାରେ ଆମର ପାପପୁଣ୍ୟ ଧର୍ମାଧର୍ମ ଲେଖା ହୋଇ ରହିଛି । ଏହାର ତାତ୍ପର୍ଯ୍ୟ ହେଉଛି ଯେ, ଚିତ୍ରଗୁପ୍ତ, ଅର୍ଥାତ୍ ଏଠାର ଲୋକଙ୍କ ଆଖିରେ ଧୂଳି ପକାଇ ଅଜଣା ପାପକର୍ମ କରି ହଜମ କରାଯାଇ ପାରେ, କିନ୍ତୁ ସେଠାରେ ଆମ୍ଭମାନଙ୍କର ସମସ୍ତ ଗୁପ୍ତ ଚିତ୍ର ଅଙ୍କିତ ହୋଇ ରହେ; ସୁତରାଂ ନିସ୍ତାର ନାହିଁ । ଅତଏବ ସମସ୍ତଙ୍କର କର୍ତ୍ତବ୍ୟ ଯେ ସ୍ୱ ସ୍ୱ ବର୍ଣ୍ଣାଶ୍ରମ ଧର୍ମ ପାଳନ କରି ରିପୁମାନଙ୍କୁ ସ୍ୱ-ବଶରେ ରଖି, ଅର୍ଥାତ୍ ପରଦାର, ପର ଦ୍ରବ୍ୟରେ ଲୋଭ, ପରସ୍ୱାପହରଣ, ପରନିନ୍ଦା, ଦ୍ୱେଷ, ହିଂସା, ପର ପୀଡ଼ନାଦି ନକରି ସତ୍ୟ, ଦୟା, ଶାନ୍ତି, କ୍ଷମାଦି ସାଧୁ ଇଚ୍ଛାର ବଶବର୍ତ୍ତୀ ହୋଇ ସର୍ବଦା ପରୋପକାର କରିବା ଏବଂ ଦେବତା, ବ୍ରାହ୍ମଣ, ଅତିଥି ଓ ପିତାମାତା ପ୍ରଭୃତି ଗୁରୁଜନଙ୍କ ପ୍ରତି ଭକ୍ତି ଓ ସେମାନଙ୍କର ସେବା କରିବା । ଆହାର ବିହାର, ଶୟନ ଭ୍ରମଣ ସବୁ ସମୟରେ ଏବଂ

ସବୁ କାର୍ଯ୍ୟରେ ମାନବ ଯେତେବେଳେ ନିଜର କାମ, କ୍ରୋଧ, ମୋହ, ଲୋଭାଦି ନେଇ ଆପଣା ଇଷ୍ଟଦେବଙ୍କଠାରେ ମନପ୍ରାଣ ସହ ଆତ୍ମସମର୍ପଣ କରିବାକୁ ଶିକ୍ଷା କରେ, ଯେତେବେଳେ ଇଷ୍ଟଦେବଙ୍କଠାରୁ ନିଜକୁ ଆଉ ଭିନ୍ନ ବୋଧ କରିପାରେ ନାହିଁ, ସେତେବେଳେ ସମୁଦାୟ ସିଦ୍ଧି ହିଁ ଆପେ ଆପେ ଉପସ୍ଥିତ ହୁଏ ।

ଶାସ୍ତ୍ରାନୁଶୀଳନ

ପାଠକ ! ହିନ୍ଦୁଧର୍ମ ଅନୁଶୀଳନ କରି ମୁଁ ଯେଉଁ ଅପାର୍ଥିବ ପରମାନନ୍ଦ ଲାଭ କରିଛି, ଆପଣମାନଙ୍କୁ ତାର ଅଂଶ-ଭାଗୀ କରିବା ହିଁ ମୋର ପ୍ରଧାନ ଉଦ୍ଦେଶ୍ୟ । ସଚ୍ଚିଦାନନ୍ଦ ବିଗ୍ରହ ସ୍ୱରୂପ ସଦ୍‌ଗୁରୁ ମୋତେ ସମନ୍ୱୟ ଓ ସାମଞ୍ଜସ୍ୟ ବିଧାନ କରି, ସମସ୍ତ ଶାସ୍ତ୍ରାର୍ଥ ପ୍ରକାଶ ଓ ସାଧନ ପନ୍ଥା ପ୍ରକଟିତ କରି, ଗ୍ରନ୍ଥପ୍ରଚାର କରିବାକୁ ଆଦେଶ ଦେଇଛନ୍ତି । ମୁଁ ତାଙ୍କ ସେବକମାନଙ୍କ ମଧ୍ୟରେ ବିଦ୍ୟା ବୁଦ୍ଧିରେ ଅଧମ ହେଲେ ମଧ୍ୟ ତାଙ୍କ ଆଶୀର୍ବାଦବଳରୁ ସେ ମୋତେ ଯେଉଁଳି ଜ୍ଞାନ ଓ ଶକ୍ତି ଅର୍ପଣ କରିଛନ୍ତି, ତଦନୁସାରେ ମୁଁ ସମସ୍ତ ହିନ୍ଦୁଶାସ୍ତ୍ର ଚିତ୍ତଶୁଦ୍ଧି ଓ ଜ୍ଞାନ, କର୍ମ, ଯୋଗ ଏବଂ ଭକ୍ତି ଏହି କେତୋଟି ପ୍ରଧାନ ସ୍ତରରେ ବିଭକ୍ତ କରି ସାଧାରଣଙ୍କ ହାତରେ ଅର୍ପଣ କରି ନିଶ୍ଚିନ୍ତ ହେଲି । ମୁଁ ତାଙ୍କ ଆଦେଶ ପାଳନରେ କେତେଦୂର କୃତକାର୍ଯ୍ୟ ହୋଇପାରିଛି, ତାହା କେବଳ ସେ କହିପାରିବେ ।

ଖ୍ରୀଷ୍ଟିଆନ, ମୁସଲମାନ, ଶାକ୍ତ, ବୈଷ୍ଣବ, ବୌଦ୍ଧ, ବ୍ରାହ୍ମ, ସମସ୍ତେ ଆପଣା ଆପଣା ସାଂପ୍ରଦାୟିକ ଭାବ ଅକ୍ଷୁଣ୍ଣ ରଖି ପୁସ୍ତକୋକ୍ତ ସାଧନାରେ ସିଦ୍ଧି ଲାଭ କରି ମାନବଜୀବନର ପୂର୍ଣ୍ଣତ୍ୱ ସାଧନ ଓ ମରଜଗତରେ ଅମରତ୍ୱ ଲାଭ କରିପାରିବେ । ଧର୍ମବଳ ସୁଦୃଢ଼ ନ ହେଲେ କେହି କେବେହେଲେ କୌଣସି ବିଷୟରେ ଉନ୍ନତି ଲାଭ କରିପାରନ୍ତି ନାହିଁ । ଜୀବନର ପ୍ରଥମ କାର୍ଯ୍ୟ ଚରିତ୍ର ଗଠନ । ଯାହାଙ୍କର ଚରିତ୍ରବଳ ନାହିଁ, ସେ କେବେହେଲେ ଉନ୍ନତି-ପଥରେ ଅଗ୍ରସର ହୋଇ ପାରିବେ ନାହିଁ । ଆପଣମାନେ ଜାତୀୟ ଧର୍ମରେ, ଜାତୀୟ ଆଚାର ବ୍ୟବହାରରେ ଅବିଶ୍ୱାସୀ ହୋଇ ଜଗତର ଅଜ୍ଞାନ ତିମିରାଚ୍ଛନ୍ନ ପ୍ରଦେଶରେ ଲୁକ୍କାୟିତ ହୋଇ ରହନ୍ତୁ ନାହିଁ ।

ଗ୍ରନ୍ଥ ଅଧ୍ୟୟନରେ ଜ୍ଞାନ ହୁଏ ନାହିଁ— ଜ୍ଞାନ ହୁଏ ସାଧନାରେ । ସାଧନ-ବଳହୀନ କାମ-କଳୁଷିତ ଜୀବର ବିଦ୍ୟା କେବଳ ପକ୍ଷୀର ହରିନାମ ଶିକ୍ଷା ସଦୃଶ । ଅନଧିକାରୀବ୍ୟକ୍ତି ଶାସ୍ତ୍ରପାଠ କରିବାକୁ ଗଲେ ତାଙ୍କ ଚକ୍ଷୁରେ ସମସ୍ତ ବିକୃତ, ବିଶୃଙ୍ଖଳ ଓ ବିସମ୍ବାଦପୂର୍ଣ୍ଣ ବୋଧ ହେବ । ପ୍ରଥମେ ସାଧନବଳ ସଂଗ୍ରହ କରନ୍ତୁ, ଦେଖିବେ

ହିନ୍ଦୁଧର୍ମ ଗଭୀର ସୂକ୍ଷ୍ମ ଆଧ୍ୟାତ୍ମିକ ବିଜ୍ଞାନରେ ପରିପୂର୍ଣ୍ଣ । ଏହା ବୁଝିବାକୁ ଚେଷ୍ଟା କରନ୍ତୁ, ଜାଣିପାରିବେ ଆର୍ଯ୍ୟ ଋଷିମାନଙ୍କର ଯୁଗଯୁଗାନ୍ତରରୁ ଆବିଷ୍କୃତ ଶାସ୍ତ୍ରରେ କି ଅମୂଲ୍ୟ ରତ୍ନ ସଜ୍ଜିତ ଅଛି । ହିନ୍ଦୁଧର୍ମ ଅଲଙ୍ଘ୍ୟ ପ୍ରମାଣର ସୁଦୃଢ଼ ଭିତ୍ତିରେ ବଦ୍ଧମୂଳ ହୋଇ ସ୍ୱୟଂସିଦ୍ଧ ବ୍ରହ୍ମବିଦ୍ୟା ରୂପରେ ଚିରଦିନ ବର୍ତ୍ତମାନ ରହିଅଛି । ଏପରି ଉଦାର ଓ ଉଚ୍ଚ ଶିକ୍ଷା କୌଣସି ଧର୍ମ ସଂପ୍ରଦାୟରେ ଦୃଷ୍ଟ ହୁଏ ନାହିଁ । ହିନ୍ଦୁ ଧର୍ମର ଉଦାର ଗର୍ଭରେ ସର୍ବଜନଙ୍କୁ ସ୍ଥାନ ଦେବା ନିମିତ୍ତ ଏହି ଧର୍ମ ପ୍ରଚାରିତ ହୋଇଅଛି । ଅତଏବ ସାମାନ୍ୟ ଲୋକଙ୍କ ଧର୍ମାଚରଣ ପଦ୍ଧତି ଦେଖି କେହି ଯେପରି ଏହାକୁ କୁସଂସ୍କାର ବା ଅଜ୍ଞାନ ବିଜୃମ୍ଭିତ ଶୂନ୍ୟୋଚ୍ଛ୍ୱାସ ମନେ କରିବା ଠିକ୍ ନୁହେଁ । ଆପଣ ନିଜ କ୍ଷୁଦ୍ର ବୁଦ୍ଧିରେ ଯେଉଁ ତତ୍ତ୍ୱଧାରଣା କରିପାରୁ ନାହାନ୍ତି ତାହା ମିଥ୍ୟା ବା କୁସଂସ୍କାର ବୋଲି ଉଡ଼ାଇ ଦେଲେ ବିଜ୍ଞ ଲୋକେ କେବେହେଲେ ଆପଣଙ୍କୁ ଅଭିଜ୍ଞ ବୋଲି କହିବେ ନାହିଁ; ବରଂ ଅନଭିଜ୍ଞ ବୋଲି ଅବଜ୍ଞା କରିବେ । ଅନୁସନ୍ଧାନ କରି, ସାଧନା କରି ସନାତନ ହିନ୍ଦୁଧର୍ମର ପୂର୍ବ ଗୌରବ ଜାଗ୍ରତ ଓ ପୂର୍ବପୁରୁଷମାନଙ୍କର ମହିମା ଅକ୍ଷୁଣ୍ଣ ରଖିବାକୁ ଚେଷ୍ଟା କରନ୍ତୁ ଏବଂ ନିଜେ ଦୁର୍ଲଭ ମାନବ ଜୀବନର ସଦ୍‌ବ୍ୟବହାର କରି କୃତକୃତାର୍ଥ ହୁଅନ୍ତୁ ।

ଅଧ୍ୟବସାୟ

ବର୍ତ୍ତମାନ ମୋର ଶେଷ ନିବେଦନ ହେଉଛି ଯେ, ପରଲୋକରେ ପରମାଗତି ଲାଭ ହୋଇପାରେ, ଏହା ଭାବି ନିଶ୍ଚିନ୍ତରେ କାଳ କ୍ଷୟ କରନ୍ତୁ ନାହିଁ । ସାଧନାଦ୍ୱାରା ଜୀବନ୍ମୁକ୍ତ ହେବାକୁ ଚେଷ୍ଟା କରିବା ସମସ୍ତଙ୍କର କର୍ତ୍ତବ୍ୟ । ଯେତେପ୍ରକାର ସାଧନା ଅଛି, ମୁକ୍ତି ବିଷୟକ ସାଧନା ହିଁ ସର୍ବାପେକ୍ଷା ପ୍ରଧାନ ଏବଂ ମାନବର ପରମ ପୁରୁଷାର୍ଥ । ଏହା ହିଁ ମାନବ ଜୀବନର ଏକମାତ୍ର ଚରମ ଲକ୍ଷ୍ୟ । ସେଥିପାଇଁ ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁକ୍ତିଲାଭ ନିମନ୍ତେ ଯତ୍ନ କରିବାକୁ ସନିର୍ବନ୍ଧ ଅନୁରୋଧ କରୁଅଛି ।

ଦୁର୍ଭାଗ୍ୟବଶତଃ ଯେଉଁମାନେ ମୁକ୍ତିପଥରୁ ଦୂରରେ ଅବସ୍ଥାନ କରନ୍ତି, ଶାସ୍ତ୍ରକାରମାନେ ସେମାନଙ୍କୁ ମନୁଷ୍ୟ ଗର୍ଭଜାତ ଗର୍ଦ୍ଦଭ ରୂପରେ ବର୍ଣ୍ଣନା କରିଅଛନ୍ତି ।

ଜାତସ୍ତ ଏବ ଜଗତି ଜନ୍ତବଃ ସାଧୁ ଜୀବିତାଃ
ଯେ ପୁନର୍ନେହ ଜାୟନ୍ତେ ଶେଷା ଜଠରଗର୍ଦ୍ଦଭଃ । — ଯୋଗବାଶିଷ୍ଠ

ବର୍ତ୍ତମାନ ''ସତ୍ୟମେବ ଜୟତେ ନାନୃତ୍ୟ'' ବୋଲି ପୂର୍ଣ୍ଣାନନ୍ଦରେ ଆନନ୍ଦକନ୍ଦସମ୍ଭୂତ, ଦିବ୍ୟଜ୍ୟୋତିଃ ସ୍ୱରୂପ ପରମ ପୁରୁଷଙ୍କର ହରି ହର-ବିରଞ୍ଚି-ବାଞ୍ଛିତ ପଦଦ୍ୱନ୍ଦ୍ୱାରବିନ୍ଦ ବନ୍ଦନା କରି ଭକ୍ତ ଭ୍ରାତୃବୃନ୍ଦଙ୍କ ନିକଟରୁ ବିଦାୟ ଗ୍ରହଣ କରୁଅଛି । ମୁଁ

ବିଶେଷ ଭାବରେ ଜାଣେ ଯେ, ମୌଖିକ ଉପଦେଶ ଓ ପ୍ରତ୍ୟକ୍ଷ ଭାବରେ ସାଧନ କୌଶଳ ଦେଖାଇ ନ ଦେଲେ କୌଣସି ସାଧକ ସାଧନରେ ସକ୍ଷମ ହୋଇପାରିବେ ନାହିଁ । ସୁକୃତିବାନ୍ ସାଧକମାନଙ୍କର ଆକାଂକ୍ଷା ଉଦ୍ରେକ କରିବାହିଁ ମୋର ପ୍ରଧାନ ଉଦ୍ଦେଶ୍ୟ । ଜନ୍ମଜନ୍ମାନ୍ତରର କର୍ମଗୁଣରେ ଯଦି କାହାରି କୌଣସି ସାଧନରେ ପ୍ରବୃତ୍ତି ଜାତ ହୁଏ, ତେବେ ସେ ମୋ ନିକଟକୁ ଆସିଲେ ମୁଁ ସବିଶେଷ ଭାବରେ ଜଣାଇବାକୁ ବାଧ୍ୟ ଅଛି । (ଜ୍ଞାନୀଗୁରୁ)

ଭଗବାନଙ୍କୁ ଯୁକ୍ତିତର୍କଦ୍ୱାରା ଜଣାଯାଏ ନାହିଁ । ସେ ବାକ୍ୟ ଓ ମନର ଅତୀତ । ଘଟକୁ ଯେପରି କୁମ୍ଭକାର ପ୍ରସ୍ତୁତ କରିଛି, ସେହିପରି ଏହି ଜଗତର ଜଣେ କେହି କର୍ତ୍ତା ଅଛନ୍ତି । ଏ ବିଷୟ ବିଚାର କରିବାକୁ ଗଲେ ଆମର ମନବୁଦ୍ଧି ଏପରି ଗୋଟିଏ ସ୍ଥାନରେ ପହୁଞ୍ଚିବ ଯେ, ସେଠାରେ ମନବୁଦ୍ଧି ନିରସ୍ତ ହୋଇ ପଡ଼ିବ । ଏପରି ହେବ ଯେ, ତା ଉପରକୁ ଆଉ କୌଣସି ପ୍ରକାରରେ ଉଠିପାରିବ ନାହିଁ । ସେହିଠାରେ ହିଁ ସମସ୍ତଙ୍କୁ ଭଗବାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ । ବିଲାତର ଦୁଇଜଣ ସାହେବଙ୍କ ମଧ୍ୟରେ ଖୁବ୍ ବନ୍ଧୁତା ଥିଲା । ସବୁ ବିଷୟରେ ସେମାନେ ଏକପ୍ରାଣ ଥିଲେ । କିନ୍ତୁ ଧର୍ମ ସମ୍ବନ୍ଧରେ ସେମାନଙ୍କର ମତ ବିଭିନ୍ନ ଥିଲା । ଜଣେ କହୁଥିଲେ ଜଗତ ଭଗବାନଙ୍କ ସୃଷ୍ଟି; ଆଉ ଜଣେ କହୁଥିଲେ ଜଗତ ପ୍ରକୃତିର ସୃଷ୍ଟି, ଭଗବାନ ନାହାନ୍ତି । କିନ୍ତୁ କେହି କାହାକୁ ଆପଣା ମତରେ ଆଣିପାରିଲେ ନାହିଁ । ଦୁଇଜଣଯାକ ବୈଜ୍ଞାନିକ । ଦିନେ ଦୁଇବନ୍ଧୁ ଦୂରବୀକ୍ଷଣ ଯନ୍ତ୍ର ଦେଇ ଗ୍ରହନକ୍ଷତ୍ରାଦିର ଗତିବିଧି ନିରୀକ୍ଷଣ କରୁଥିଲେ । ସେମାନଙ୍କ ଭିତରୁ ଜଣେ ଦେଖିଲେ ଯେ, ଗ୍ରହମାନେ ଏପରି ଦ୍ରୁତଗତିରେ ଘୂରୁଛନ୍ତି ଯେ, ଗୋଟିକ ସହିତ ଅନ୍ୟଟିର ସଂଘର୍ଷ ହେଲେ ସବୁ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବ । କିନ୍ତୁ ଏହିପରି ଦ୍ରୁତଗତିରେ ଘୂରୁଥିଲେ ମଧ୍ୟ ଗୋଟିକ ସହିତ ଅନ୍ୟର ସଂଘର୍ଷ ହେଉନାହିଁ । ଗ୍ରହ ନକ୍ଷତ୍ରାଦିର ଏହିପରି ଗତିବିଧି ଲକ୍ଷ୍ୟକରି ନାସ୍ତିକ ସାହେବ ଜଣକ କହି ଉଠିଲେ– ‘‘ଆକାଶସ୍ଥ ଗ୍ରହନକ୍ଷତ୍ରାଦିର ଏହିସବୁ ଗତିବିଧି ଲକ୍ଷ୍ୟ କଲେ ଯେକୌଣସି ଲୋକ ମନରେ ଆସିବ, ଜଣେ ବୁଦ୍ଧିସମ୍ପନ୍ନ ସତ୍ତା ଦ୍ୱାରା ଏମାନେ ଶୃଙ୍ଖଳାକ୍ରମରେ ପରିଚାଳିତ ହୋଇଅଛନ୍ତି ।’’ ଏକଥା ଶୁଣି ଈଶ୍ୱରବିଶ୍ୱାସୀ କହିଉଠିଲେ ଯେ, ତୁମେ ଯାହାକୁ ବୁଦ୍ଧିସମ୍ପନ୍ନ ସତ୍ତା ବୋଲି କହୁଛ, ତାଙ୍କୁ ହିଁ ଆମେ ଭଗବାନ ବୋଲି କହୁଁ ।

ସେହିପରି ଆମେମାନେ ଯେତେବେଳେ ବିଚାର କରୁ କରୁ ଆମର ମନ ବୁଦ୍ଧି ନିରସ୍ତ ହୋଇ ପଡ଼ିବ, ସେତିକିବେଳେ ଭଗବାନଙ୍କ ଅସ୍ତିତ୍ୱ ଉପଲବ୍ଧି କରିହେବ ।

ନେତାମାନଙ୍କ ପ୍ରତି

ଦେଶର ମହାମାନ୍ୟ ନେତା ଏବଂ ଧର୍ମ ସଂସ୍କାରକ ଓ ସମାଜ ସଂସ୍କାରକଙ୍କ ନିକଟରେ ମୋର ନିବେଦନ ହେଉଛି ଯେ, ଆପଣମାନେ ପଥ ଛାଡ଼ି ବିପଥରେ ଘୂରି ମରୁଛନ୍ତି କାହିଁକି ? ଗୃହର ଭିତ୍ତି ପରିତ୍ୟାଗ କରି ପ୍ରଥମରୁ ଛାତ କରିବାପାଇଁ ବ୍ୟସ୍ତ ହେଉଛନ୍ତି କାହିଁକି ? ଧର୍ମ ଓ ସମାଜ ଥିଲେ ସିନା ତାର ସଂସ୍କାର କରିବେ ? ବର୍ତ୍ତମାନ ତ ଭାଇ ଭାଇରେ, ପିତା ପୁତ୍ରରେ, ସ୍ୱାମୀ ସ୍ତ୍ରୀରେ ବିଭିନ୍ନ ସମାଜ ଓ ବିଭିନ୍ନ ଧର୍ମ ଗଠିତ । ଆପଣମାନେ ତେବେ ସଂସ୍କାର କରିବେ କଅଣ ? ମୁଣ୍ଡ ତ ନାହିଁ, ମୁଣ୍ଡବ୍ୟଥା ହେବ ବା କିପରି ? ପ୍ରଥମେ ଏକତା ବନ୍ଧନରେ ସମାଜକୁ ଦୃଢ଼ବଦ୍ଧ କରନ୍ତୁ; ତତ୍‌ପରେ ଦୋଷ ଦେଖିଲେ ସଂସ୍କାର କରିବେ । ମୃତ ସମାଜ ଦେହରେ ଆଘାତ କରି ସମଗ୍ର ଅଙ୍ଗ ଗଳିତ କରନ୍ତୁ ନାହିଁ । ପ୍ରଥମେ ସମାଜ ଦେହକୁ ସଂଜୀବିତ କରନ୍ତୁ, ତତ୍‌ପରେ ଦୂଷିତ ଅଙ୍ଗ କାଟି ଫିଙ୍ଗିଦେବେ । ଦେଖିବେ, ଔଷଧ, ପଥ୍ୟଦ୍ୱାରା ଖୁବ୍ ଅଳ୍ପ ଦିନରେ କ୍ଷତସ୍ଥାନ ଆରୋଗ୍ୟ ହୋଇଯିବ ।

ଆତ୍ମାନୁଚିନ୍ତା

ପ୍ରଥମେ ନିଜେ ସଂସ୍କୃତ ହୁଅ, ଧର୍ମ ଲାଭକର; ତତ୍‌ପରେ ଧର୍ମସଂସ୍କାର ବା ଧର୍ମପ୍ରଚାର କର । ନିଜେ ଅନ୍ଧ ହୋଇ ଅନ୍ୟ ଜଣେ ଅନ୍ଧକୁ ପଥ ଦେଖାଇବାକୁ ଯାଇ ଉଭୟେ ଖାଲରେ ପଡ଼ ନାହିଁ । ବ୍ରାହ୍ମଣମାନଙ୍କର ନିନ୍ଦା କରିବା ପୂର୍ବରୁ ଅନ୍ୟ ଜାତି ଲୋକଙ୍କର ଭାବି ଦେଖିବା ଉଚିତ ଯେ, ସେମାନେ ନିଜ ନିଜର ଜାତୀୟ ଧର୍ମରେ ଅଧିଷ୍ଠିତ ଅଛନ୍ତି କି ନାହିଁ । ଭଣ୍ଡ ସନ୍ନ୍ୟାସୀ ବା ବୈରାଗୀଙ୍କ ଅଧଃପତନ ନେଇ ଦୁଃଖ ପ୍ରକାଶ କରିବା ପୂର୍ବରୁ ଗୃହସ୍ଥମାନଙ୍କ ପକ୍ଷରେ ଭାବି ଦେଖିବା ଉଚିତ ଯେ,ସେମାନେ ଗାର୍ହସ୍ଥ୍ୟ ଧର୍ମ ଯଥାବିଧି ପାଳନ କରୁଛନ୍ତି କି ନାହିଁ । ଆମେମାନେ ନିଜ କଥା ଭୁଲିଯାଇ ପରଦୋଷ ଦେଖିବାକୁ ଶିଖିଛୁ– ଏହା ଆମ ଜାତୀୟ ଅବନତିର ପ୍ରଧାନ କାରଣ । ପରନିନ୍ଦା, ପରବିଷୟ ଆଲୋଚନା କରି ଦିନକୁ ଦିନ ଆମ୍ଭେମାନେ ଅଧଃପତନର ଅତଳ ତଳକୁ ଖସି ଯାଉଛୁ । ସୁତରାଂ ପ୍ରଥମେ ଅନ୍ୟର ଚିନ୍ତା ନ କରି,ନିଜକୁ ଭଲ କରିବାକୁ ଚେଷ୍ଟା କରି,ପରେ ଅନ୍ୟର ଭଲ ପାଇଁ ଜୀବନ ଉତ୍ସର୍ଗ କରିବା ଉଚିତ । ବଡ଼ ବଡ଼ ବିଷୟରେ ବକ୍ତୃତା ନ ଦେଇ ସର୍ବ ପ୍ରଥମେ ଶିକ୍ଷା ବିସ୍ତାରର ଚେଷ୍ଟା

କରନ୍ତୁ । ଆପାତତଃ ସାଧାରଣଙ୍କ ମଧ୍ୟରେ ଶିକ୍ଷାଦାନର ବ୍ୟବସ୍ଥା କରନ୍ତୁ । ପ୍ରକୃତ ଶିକ୍ଷା ଲାଭ କରି ଆପଣମାନେ ଯେତେବେଳେ ଜୀବ, ଜଗତ୍ ଓ ଭଗବାନଙ୍କ ଅଚ୍ଛେଦ୍ୟ ସମ୍ବନ୍ଧ ହୃଦୟଙ୍ଗମ କରିପାରିବେ, ସେତେବେଳ ଭଗବାନ ଶଙ୍କରାଚାର୍ଯ୍ୟଙ୍କ

ମାତା ଚ ପାର୍ବତୀ ଦେବୀ ପିତା ଦେବୋ ମହେଶ୍ୱରଃ
ବାନ୍ଧବାଃ ଶିବଭକ୍ତାଶ୍ଚ ସ୍ୱଦେଶୋ ଭୁବନତ୍ରୟମ୍ ।

ଏହି ସୁମହାନ୍ ଉଦାରଭାବ— ଅଚ୍ଛେଦ୍ୟ ପ୍ରେମ ଭାବ ବୁଝିପାରିବେ,ସେତେବେଳେ ମୁଁତ୍ୱ ବା ଅହଂତ୍ୱର ସଂକୀର୍ଣ୍ଣ ପରିସର ବିଶ୍ୱମୟ ପ୍ରସାରିତ ହୋଇଯିବ; ଜଗତ୍ ସ୍ୱାର୍ଥରେ ଆତ୍ମସ୍ୱାର୍ଥ ପଦଦଳିତ ହୋଇଯିବ । ଗୋଟିଏ ଅହଂତ୍ୱର ଶୃଙ୍ଖଳରେ ରାଜା-ପ୍ରଜା, ଧନୀ-ଦରିଦ୍ର, ବ୍ରାହ୍ମଣ-ଚଣ୍ଡାଳ, ଏପରିକି ପଶୁପକ୍ଷୀ, କୀଟ-ପତଙ୍ଗ ପର୍ଯ୍ୟନ୍ତ ବନ୍ଧା ପଡ଼ିବେ । ସେତେବେଳେ ଯାଇ ପ୍ରକୃତ ସମାଜ ପ୍ରତିଷ୍ଠିତ ହେବ, ସେତେବେଳେ ଏକତା-ହାର ଗଳାରେ ପିନ୍ଧି ବିଶ୍ୱମୟ ଏକତା ସ୍ଥାପନ କରିବାକୁ ସକ୍ଷମ ହେବେ । ପଠିତ ଶିକ୍ଷାରେ ଗଠିତ ଜୀବନ ଲାଭ ନ ହେଲେ ସେ ଶିକ୍ଷାକୁ ଧିକ୍କାର ଦେବାକୁ ହେବ ।

ଅତଏବ ପ୍ରଥମେ ଶିକ୍ଷା ଲାଭ କରି ତଦନୁଯାୟୀ ଚରିତ୍ର ଗଠନ କରନ୍ତୁ । ତତ୍‌ପରେ ସାଧୁ ଓ ଶାସ୍ତ୍ର କୃପାରୁ ଏବଂ ସାଧନାବଲମ୍ବନରେ ସତ୍ୟଲାଭ କରି, କୃତାର୍ଥ ହୋଇ ଜଗତ ହିତରେ ଜୀବନ ଉତ୍ସର୍ଗ କରନ୍ତୁ । କାହାର ନିନ୍ଦା ନ କରି ଅନର୍ଥକ ସମାଲୋଚନା ନକରି, ପାପୀତାପୀ, ବ୍ରାହ୍ମଣ, ଚଣ୍ଡାଳ, ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଶିକ୍ଷା ଦିଅନ୍ତୁ । ସମସ୍ତଙ୍କୁ ସ୍କନ୍ଧରେ ବହନ କରି ଆଧାତ୍ମିକ ରାଜ୍ୟର ବନ୍ଧୁର ସୋପାନଗୁଡ଼ିକ ପାର କରି ଦିଅନ୍ତୁ । କାହାରି ବିଶ୍ୱାସ ନଷ୍ଟ ନ କରି ପାରିବେ ତ ଆତ୍ମମାନଙ୍କର ନୂତନ ଦ୍ରବ୍ୟଗୁଡ଼ିକ ସେମାନଙ୍କୁ ଦାନ କରନ୍ତୁ । ଆଖିରେ ଆଙ୍ଗୁଠି ଦେଇ ଦେଖାଇ ଦିଅନ୍ତୁ, ଆମେମାନେ ସମସ୍ତେ ଏକ ପିତାଙ୍କର ସନ୍ତାନ, ଏକ ପଥର ଯାତ୍ରୀ । ସମସ୍ତେ ଗୋଟିଏ ସ୍ଥାନକୁ ଯାଇ ବିଶ୍ରାମ ଲାଭ କରିବା । କ୍ରମଶଃ ଦେଖିବେ ଜଗତରୁ ହିଂସାଦ୍ୱେଷ ବିଦୂରିତ ହୋଇ ପ୍ରେମ ବନ୍ଧନରେ ସମସ୍ତେ ଆବଦ୍ଧ ହୋଇଯିବେ । ଏକତାର ପବିତ୍ର ବନ୍ଧନରେ, ପ୍ରେମର ସୁଧା ସଂପ୍ଲୁତ ମଳୟ ହିଲ୍ଲୋଳରେ ସମାଜ ସଂଜୀବିତ ହୋଇଉଠିବ । ତାହାହେଲେ ଯାଇ ଅଚିରେ ହିନ୍ଦୁଧର୍ମର୍ ବିଜୟପତାକା ଭାରତଗଗନରେ ଉଡ୍‌ଡ୍ରୀୟମାନ ହେବ, ପୁଣି ହିନ୍ଦୁ ଦେଶର ଓ ହିନ୍ଦୁ ଜାତିର ଗୌରବ ରବି ଦିଗ୍ ଦିଗନ୍ତରେ ପ୍ରତିଭାତ ହେବ ।

ଏ ଦେଶର ସଂସ୍କୃତି

ପାଠକଗଣ ! ଭାରତର ସୁବର୍ଣ୍ଣଯୁଗରେ ଦେବକଳ୍ପ ଋଷିମାନେ ସାଧନା ଶୈଳର ସମାଧିରୂପ ଉନ୍ନତ ଶିଖରରେ ଅଧିରୂଢ଼ ହୋଇ ଜ୍ଞାନର ଦୀପ୍ତବହ୍ନି ପ୍ରଜ୍ୱଳିତ କରି ଯେଉଁସବୁ ନିତ୍ୟ ସତ୍ୟ ଆଧାତ୍ମିକ ତତ୍ତ୍ୱାବଳୀ ଆବିଷ୍କାର କରିଥିଲେ, ହିନ୍ଦୁଶାସ୍ତ୍ର ତାହାର ସୁଧାମୟ ଫଳ । ସେହି ଆର୍ଯ୍ୟ ଋଷିମାନଙ୍କ ତପଃ ପ୍ରଭାବରେ ଲୋକହିତନିମିତ୍ତ ପ୍ରଚାରିତ ଅମୂଲ୍ୟ ଶାସ୍ତ୍ର ଅଗ୍ରାହ୍ୟ କରି, ସ୍ୱ କପୋଳକଳ୍ପିତ ଧର୍ମମତର ଅସାର ଭିତ୍ତି ଅବଲମ୍ବନ କରି ସ୍ୱଦେଶର, ସ୍ୱଜାତିର ଓ ସ୍ୱଧର୍ମର କଳଙ୍କ ରଟନା କରନ୍ତୁ ନାହିଁ । ଆତ୍ମଶକ୍ତି, ଆତ୍ମପ୍ରତିଭା, ଆତ୍ମସାଧନା ଓ ଯୁକ୍ତି ବିଚାରରେ ଜଳାଞ୍ଜଳି ଦେଇ ପରାନୁକରଣରେ ପ୍ରତାରିତ ହୁଅନ୍ତୁ ନାହିଁ । ପର କଥାରେ ପ୍ରଭାବିତ ହୋଇ ନିଜ କରସ୍ଥିତ ପରମାନ୍ନ ପରିତ୍ୟାଗ କରି ମୁଷ୍ଟିଭିକ୍ଷା ପାଇଁ ଅନ୍ୟର ଦ୍ୱାରସ୍ଥ ହୁଅନ୍ତୁ ନାହିଁ । ଆପଣା କାନରେ ହାତ ଦେଇ ଦେଖିବା ପୂର୍ବରୁ ପର କଥାରେ ବାୟସାପହୃତ କୁଣ୍ଡଳର ଅନୁସନ୍ଧାନରେ ତତ୍‌ପର ହୁଅନ୍ତୁ ନାହିଁ । ପରକଥାରେ ପ୍ରବୁଦ୍ଧ ହୋଇ ଜଡ଼ତା ହେତୁ ନିଜ ଧର୍ମକୁ ଜଡ଼, ପୌତ୍ତଳିକ ଓ କୁସଂସ୍କାର ବୋଲି କହି ପୂର୍ବପୁରୁଷ ଋଷିମାନଙ୍କର ଏବଂ ସ୍ୱଦେଶ, ସ୍ୱଜାତି ଏବଂ ସ୍ୱଧର୍ମର ନିନ୍ଦା ପ୍ରଚାର କରନ୍ତୁ ନାହିଁ । ରସନା କଳୁଷିତ ହୋଇଯିବ । ଆତ୍ମମର୍ଯ୍ୟାଦା ଭୁଲି ପରପଦଲେହନ ପୂର୍ବକ ସମଗ୍ର ଜାତିର କଳଙ୍କ ଘୋଷଣା କରନ୍ତୁ ନାହିଁ । ଯେଉଁ ଦେଶରେ, ଯେଉଁ ଜାତି ମଧ୍ୟରେ ଜନ୍ମଲାଭ କରିଛନ୍ତି, ଆପଣ ତାହାର ଗୌରବ ଉପଲବ୍ଧି କରିବାକୁ ଅକ୍ଷମ ହୋଇ ଅଦୃଷ୍ଟକୁ ଧିକ୍‌କାର କରନ୍ତୁ ନାହିଁ ।

ଏ ଦେଶର ବୃକ୍ଷଲତାମାନେ ମଧ୍ୟ ତପସ୍ୱୀ । ଏ ଦେଶର ପ୍ରତି ଧୂଳିକଣା କେତେ ମହାପୁରୁଷ, କେତେ ଅବତାର, କେତେ ଯୋଗୀଋଷି ସାଧୁ ସନ୍ନ୍ୟାସୀଙ୍କ ପଦରେ ଲାଗି ପୂତ ହୋଇଅଛି । ଏ ଦେଶର ମାଟିରେ ପଡ଼ି ଗଡ଼ିପାରିଲେ ବିନା ସାଧନାରେ ଜୀବନ ଧନ୍ୟ ହୋଇଯିବ । ଭାରତର ପବିତ୍ର ବକ୍ଷରେ କେତେ ଧର୍ମ ସଂପ୍ରଦାୟ, କେତେ ମଠ-ମନ୍ଦିର, କେତେ ଧର୍ମଶାଳା ବିଦ୍ୟମାନ ଅଛି, ବୁଲି ଦେଖିଛନ୍ତି କି ? କେତେ ଆଶ୍ରମ, କେତେ ତୀର୍ଥ ଓ କେତେ ତ୍ୟାଗୀ ବୈରାଗୀ ଅଛନ୍ତି, କୌଣସି ଦିନ ଅନୁସନ୍ଧାନ କରିଛନ୍ତି କି ? ଏ ଦେଶର ଅଶିକ୍ଷିତ ବାଳକମାନେ ମଧ୍ୟ ପରଲୋକ ସମ୍ବନ୍ଧରେ ଯେଉଁ ଆଧାତ୍ମିକ ସଂସ୍କାର ରଖିଛନ୍ତି, ଅନ୍ୟ ଦେଶର ଖ୍ୟାତନାମା ଶିକ୍ଷିତ ବ୍ୟକ୍ତିଙ୍କର ମଧ୍ୟ ତାହା ଲାଭ କରିବାକୁ ବହୁ ବିଳମ୍ବ ହେବ ।

ଏହି ପତିତ ଦେଶରେ, ପତିତ ଜାତି ମଧ୍ୟରେ ଜନ୍ମଗ୍ରହଣ କରିବା ସମଧିକ ସୌଭାଗ୍ୟ ବୋଲି ଆମେମାନେ ମନେକରୁ । ଏ ଦେଶରେ ଜନ୍ମ ହୋଇ, ବାଲ୍ୟକାଳରୁ ଏ ଦେଶର ସଂସ୍କାର ଲାଭ କରି, ଆପଣମାନେ ଯେଉଁ ଆଧ୍ୟାତ୍ମତତ୍ତ୍ୱ ଧାରଣ କରିପାରୁ ନାହାଁନ୍ତି; ଅନ୍ୟ ଦେଶର ଲୋକ ସାତସମୁଦ୍ର ତେର ନଦୀ ପାରରେ ବସି ତାହା ବୁଝିବେ ବା କିପରି ? ଆପଣ ସେହିମାନଙ୍କ କଥାରେ ଭୁଲି ସେମାନଙ୍କ ମତରେ ଚଳି ଆତ୍ମଗୌରବ ବିନଷ୍ଟ କରୁଛନ୍ତି କାହିଁକି ? ଦୁର୍ଭାଗ୍ୟବଶତଃ ଆପଣ ଯାହା ବୁଝିପାରୁ ନାହାନ୍ତି, ଆପଣଙ୍କ କ୍ଷୁଦ୍ର ମସ୍ତିଷ୍କରେ ଯେଉଁ ସକଳ ତତ୍ତ୍ୱର ଧାରଣା ହେଉନାହିଁ; ତାହା ଆପଣ ଗ୍ରହଣ କରନ୍ତୁ ନାହିଁ, କିନ୍ତୁ ଅଜ୍ଞ ହୋଇ ତାହାର ନିନ୍ଦା ପ୍ରଚାର କଲେ ବିଜ୍ଞ ସମାଜରେ ଅବଜ୍ଞାତ ହେବେ ସିନା !

ସର୍ବପ୍ରଥମେ ଶୃଙ୍ଖଳାକ୍ରମରେ ଜୀବନ ଗଠନପୂର୍ବକ ଜ୍ଞାନର ଉତ୍କର୍ଷ ସାଧନ କରନ୍ତୁ; ଯେତେବେଳେ ଅଜ୍ଞାନର ସ୍ଥୂଳ-ଯବନିକା ଭେଦକରି ଦୃଷ୍ଟି ପ୍ରସାରିତ ହେବ, ସେତେବେଳେ ବୁଝିପାରିବେ ଏହି ବୈଚିତ୍ର୍ୟମୟ ସୃଷ୍ଟି ରାଜ୍ୟର ସୀମା କେଉଁଠାରେ ! ସେତେବେଳେ ଜାଣିପାରିବେ ଯେ, ଆର୍ଯ୍ୟ ଋଷିମାନଙ୍କର ଯୁଗଯୁଗାନ୍ତର ଆବିଷ୍କୃତ ଶାସ୍ତ୍ରରେ କି ଅମୂଲ୍ୟ ରତ୍ନ ସଞ୍ଚିତ ହୋଇ ରହିଅଛି । ହିନ୍ଦୁଶାସ୍ତ୍ରର ବିଶାଳ କକ୍ଷ-ଭଣ୍ଡାରରେ ଇହକାଳ ଓ ପରକାଳ ବିଷୟକ କେତେ ଅଗଣିତ, ଅଜ୍ଞାତ ଓ ଅପ୍ରକାଶିତ ତତ୍ତ୍ୱ ସ୍ତରେ ସ୍ତରେ ସଞ୍ଚିତ ହୋଇ ରହିଅଛି, ଅନୁସନ୍ଧାନ କରି, ସାଧନା କରି, ମାନବ ଜନ୍ମ ସାର୍ଥକ କରନ୍ତୁ ଓ ପରମାନନ୍ଦ ଉପଭୋଗ କରନ୍ତୁ । ହିନ୍ଦୁ ଧର୍ମର ବିମଳ ସ୍ନିଗ୍ଧ କିରଣରେ ଉଦ୍‌ଭାସିତ ଓ ପ୍ରଫୁଲ୍ଲିତ ହୋଇ ଭାରତର ପୂର୍ବ ଗୌରବ ପୁନରୁଦ୍ଦୀପିତ କରି ତାହାର ବିଜୟ ଦୁନ୍ଦୁଭିନାଦରେ ଦିଗଦିଗନ୍ତ ପ୍ରତିଧ୍ୱନିତ କରନ୍ତୁ । ଜ୍ଞାନଗରିଷ୍ଠ ଋଷିଶ୍ରେଷ୍ଠମାନଙ୍କ ପ୍ରଚାରିତ ସାଧନାରେ ଅବିଶ୍ୱାସ କରନ୍ତୁ ନାହିଁ । ସେମାନଙ୍କ ସାଧନ-ସମୁଦ୍ର ମନ୍ଥନରେ ଏହି ସୁଧାର ଉଦ୍‌ଭବ ହୋଇଅଛି । ଏହି ସୁଧାପାନରେ ମରଜଗତର ମନୁଷ୍ୟ ଅମରତ୍ୱ ଲାଭ କରିବେ । ପାଶ୍ଚାତ୍ୟଦେଶୀମାନଙ୍କର ବାହ୍ୟ ବିଜ୍ଞାନ ଦେଖି ସେଥିରେ ଭୁଲିଯାଇ ଆର୍ଯ୍ୟ ଶାସ୍ତ୍ରକୁ ଅନାଦର କଲେ ସ୍ୱଗୃହର ପାୟସାନ୍ନ ପରିତ୍ୟାଗ କରି ପରଗୃହରେ ମୁଷ୍ଟିଭିକ୍ଷା କଲାପରି ବିଡ଼ମ୍ବନା ଭୋଗ କରିବାକୁ ହେବ ସିନା !

ହିନ୍ଦୁମାନେ ଯାହା ବୁଝିଛନ୍ତି, ତାହା ବୁଝିବା ତ ଦୂରର କଥା, ତାହାର ସୀମାରେ ପହଞ୍ଚିବାକୁ ଅନ୍ୟ ଧର୍ମାବଲମ୍ବୀମାନଙ୍କର ବହୁ ବିଳମ୍ବ ହେବ । ଆଜି ମଧ୍ୟ ହିନ୍ଦୁମାନେ ଯେଉଁ ଜ୍ଞାନ ହୃଦୟରେ ଧାରଣ କରି ରଖିଛନ୍ତି, ତାହା ବୁଝିବାର ଶକ୍ତି ଅନ୍ୟମାନଙ୍କର

ନାହିଁ । ହିନ୍ଦୁମାନେ ବହୁଦିନରୁ ପରାଧୀନତା ଶୃଙ୍ଖଳ ପିନ୍ଧି ଜଡ଼ ହୋଇ ପଡ଼ିଛନ୍ତି; ତେଣୁ ହିନ୍ଦୁମାନଙ୍କୁ ଜଡ଼ୋପାସକ ପ୍ରଭୃତି ଯାହା ଇଚ୍ଛା ତାହା କୁହାଯାଇପାରେ । ଅନ୍ୟଥା ଯେଉଁ ଜଡ଼ବାଦୀମାନଙ୍କ ଧର୍ମର ଅସ୍ଥିମଜ୍ଜାରେ ଜଡ଼ତ୍ୱ ପୂରି ରହିଛି, ଯେଉଁମାନଙ୍କ ଧର୍ମ ବର୍ତ୍ତମାନ ସୁଦ୍ଧା ଦୁଗ୍ଧପୋଷ୍ୟ ଶିଶୁପରି ଯଥେଚ୍ଛାଗମନରେ ପରମୁଖାପେକ୍ଷୀ, ଆଶ୍ଚର୍ଯ୍ୟର ବିଷୟ, ସେହିମାନେ ହିଁ ହିନ୍ଦୁଧର୍ମର ନିନ୍ଦା କରିଥାନ୍ତି । ତେଣୁ କହୁଛି, ହିନ୍ଦୁ ଧର୍ମ ବୁଝିବାକୁ ଚେଷ୍ଟା କରନ୍ତୁ; ଦେଖିବେ ହିନ୍ଦୁମାନେ ଯାହା କରନ୍ତି, ତାହାର ବିନ୍ଦୁଟିଏ ମଧ୍ୟ କୁସଂସ୍କାର ବା ମିଥ୍ୟା ନୁହେଁ । ହିନ୍ଦୁଧର୍ମ ଗଭୀର ଆଧ୍ୟାତ୍ମିକ-ବିଜ୍ଞାନ-ସମ୍ମତ-ଦାର୍ଶନିକତାରେ ପରିପୂର୍ଣ୍ଣ ।

ଅଜ୍ଞେୟ ତତ୍ତ୍ୱ

ପାଶ୍ଚାତ୍ୟ ଶିକ୍ଷାଦୃପ୍ତ ବ୍ୟକ୍ତିମାନେ ଭାବିଥାନ୍ତି ଯେ, 'ଯାହାର ବୈଜ୍ଞାନିକ ବ୍ୟାଖ୍ୟା ନାହିଁ ତାହାର କୌଣସି ମୂଲ୍ୟ ନାହିଁ ।' ତେଣୁ ସବୁ କାର୍ଯ୍ୟରେ ସେମାନେ ବୈଜ୍ଞାନିକ ଯୁକ୍ତି ଖୋଜି ବୁଲନ୍ତି । ସବୁ ଅବସ୍ଥାରେ ଯଦି ବୈଜ୍ଞାନିକ ଯୁକ୍ତି ଅବଲମ୍ବନ କରି ଚାଲିବାକୁ ହେବ, ତାହାହେଲେ ମାନବର ଦୁଃଖର ସୀମା ଆଉ ରହିବ ନାହିଁ । ପ୍ରତ୍ୟେକ କାର୍ଯ୍ୟର ବୈଜ୍ଞାନିକ ସତ୍ୟ ଜାଣି ତେବେ ଯାଇ ତାର ଅନୁଷ୍ଠାନ କରିବା— ଏ ବିବେଚନା ଭୁଲ । ନିର୍ଜୀବ ରଜଃକଣାରୁ ଏପରି ଦେବୋପମ ମନୁଷ୍ୟ ସନ୍ତାନ କିପରି ଜନ୍ମଗ୍ରହଣ କରେ ? ରଜନୀରେ କାହିଁକି ଜୀବ ନିଦ୍ରାରେ ଆଚ୍ଛନ୍ନ ହୋଇପଡ଼େ; ରଜନୀ ଅବସାନରେ କିଏ ପୁଣି ତାକୁ ଜାଗ୍ରତ କରାଇ ଦିଏ ? ପାଳିଜ୍ୱର ଦିନେ ବା ଦୁଇଦିନ ଅନ୍ତରରେ ଠିକ୍ ନିୟମିତ ସମୟରେ ଅଲକ୍ଷିତ ଭାବରେ ଆସି କିପରି ରୋଗୀକୁ ଆକ୍ରମଣ କରେ ? ଏ ସବୁ ବିଷୟରେ ଯୁକ୍ତି କେହି ଖୋଜି ପାଇଛନ୍ତି କି ? ତେବେ ଅସମ୍ଭବ ଅଯୌକ୍ତିକ ବୋଲି ଚିତ୍କାର କରୁଛନ୍ତି କାହିଁକି ? ପନ୍ଦର କୋଡ଼ିଏ ଟଙ୍କା ବେତନର ରେଲଓ୍ୱେ ସିଗ୍ନାଲରମାନେ କେବଳ "ଟରେ ଟକ୍କା" ଶିକ୍ଷା କରି ସମ୍ବାଦ ଆଦାନ ପ୍ରଦାନ ନ କରି ଯଦି କହନ୍ତି, "କେଉଁ ଶକ୍ତି ବଳରେ ତାର ଯୋଗେ ଏହି କାର୍ଯ୍ୟ ସମ୍ପନ୍ନ ହେଉଅଛି, ତାହା ନ ବୁଝି, ନ ଜାଣି କେବଳ ସମ୍ବାଦଦାତାର କାର୍ଯ୍ୟ ଆମେ କରିବୁ ନାହିଁ," ତେବେ ତ ସେମାନଙ୍କ ଜୀବନରେ ଚାକିରିର ମଧୁର ସ୍ୱାଦ ଉପଭୋଗ ହୋଇପାରିବ ନାହିଁ ! କାରଣ ସେମାନଙ୍କ ସ୍ଥୂଳବୁଦ୍ଧିରେ ସେହି ବିଶାଳ ତତ୍ତ୍ୱର ଧାରଣା ଏକାବେଳକେ ଅସମ୍ଭବ ।

ନିଜ ବିବେଚନା ଉପରେ ନିର୍ଭର କରି ସ୍ୱାଧୀନଭାବରେ କାର୍ଯ୍ୟ କରନ୍ତି ବୋଲି ଶିକ୍ଷିତ ବ୍ୟକ୍ତିମାନଙ୍କର ଏତେ ସମ୍ମାନ ନୁହେଁ । ପଶୁ ପକ୍ଷୀମାନେ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କରିଥାନ୍ତି । ଶିକ୍ଷିତ ବ୍ୟକ୍ତି ଜାଣନ୍ତି, କିପରି କାର୍ଯ୍ୟ କରି ଲୋକେ କିପରି ଫଳ ପାଇଛନ୍ତି । ସେ ସମସ୍ତ ସ୍ମରଣ କରି, ଯଥାଯଥ ଭାବରେ ପ୍ରୟୋଗ କରିପାରନ୍ତି ବୋଲି ଶିକ୍ଷିତ ବ୍ୟକ୍ତିମାନଙ୍କର ଏତେ ସମ୍ମାନ । ମୂର୍ଖମାନେ କିଛି ଜାଣନ୍ତି ନାହିଁ, ନିଜ ପ୍ରକୃତି ଅନୁସାରେ କାର୍ଯ୍ୟ କରିଯାନ୍ତି; ତେଣୁ ସେମାନଙ୍କର ପଦେ ପଦେ ଦୋଷ । ବର୍ତ୍ତମାନ ଯୁଗରେ ଆମେମାନେ ହୀନବୁଦ୍ଧି ଓ ଦୁର୍ବଳ ହୋଇ ମଧ୍ୟ ଧର୍ମର ଯୁକ୍ତି ଓ ବିଜ୍ଞାନ ଖୋଜି ବୁଲୁ । ପ୍ରତ୍ୟେକ କାର୍ଯ୍ୟରେ ଯେ ବୈଜ୍ଞାନିକ ଯୁକ୍ତି ନାହିଁ, ତାହା ବା କିଏ ଜାଣେ ! ଅନନ୍ତର ଅନନ୍ତଶକ୍ତି ତତ୍ତ୍ୱ ନିରୂପଣ କରିବା ବ୍ୟକ୍ତିଗତ କ୍ଷମତାର ଆୟତ୍ତ ନୁହେଁ । ତେଣୁ କହୁଛି, ଜ୍ଞାନଗରିଷ୍ଠ ଋଷିଶ୍ରେଷ୍ଠମାନଙ୍କ ବାକ୍ୟରେ ବିଶ୍ୱାସ କରି ଅଧିକାର ଅନୁସାରେ ଧର୍ମକାର୍ଯ୍ୟ କରିବା ସର୍ବଥା କର୍ତ୍ତବ୍ୟ ।

ଶାସ୍ତ୍ର ରହସ୍ୟ

ଆମମାନଙ୍କର ସ୍ୱଭାବର ଦୋଷ ଯେ, ଆମେ କେହି ଆପଣା ବୁଦ୍ଧିର ହୀନତା ସ୍ୱୀକାର କରିବାକୁ ଚାହୁଁନାହିଁ । ଯେ ସର୍ବବାଦିସମ୍ମତ ବୋକା, ସେ ମଧ୍ୟ ତାହା ବିଶ୍ୱାସ କରେ ନାହିଁ । ଦିନେ ମୁଁ ମୋର ଜନ୍ମପଲ୍ଲୀର ସୂତ୍ରଧରମାନଙ୍କର କାରଖାନାରେ ବସି ଜଣେ ବନ୍ଧୁଙ୍କ ସହିତ ନିଉଟନ୍ଙ୍କ ପ୍ରଚାରିତ ମାଧ୍ୟାକର୍ଷଣ ଶକ୍ତି ବିଷୟ ଆଲୋଚନା କରୁଥିଲି । ନିକଟରେ ସୂତ୍ରଧରଟି ଗାଡ଼ିର ଚକ ଗଢୁଥିଲା । ଫଳଟି ଶୂନ୍ୟରେ, ଊର୍ଦ୍ଧ୍ୱରେ କିମ୍ବା ନିକଟରେ ନ ପଡ଼ି ନିମ୍ନରେ କାହିଁକି ପଡ଼ିଲା, ଏହି କଥା ଶୁଣି ସେ ହସି ହସି ଅସ୍ଥିର ହୋଇ ନିମ୍ନରେ ପଡ଼ିଥିବା କେତୋଟି କାଠିକୁଟାକୁ ଲକ୍ଷ୍ୟକରି ବୁଦ୍ଧିର ଯୁକ୍ତି ଦେଖାଇ ଆମମାନଙ୍କୁ ଏପରି କି ନିଉଟନଙ୍କୁ ମଧ୍ୟ ଗଧ ବନାଇ ଦେଲା ।

ତେବେ ଦେଖନ୍ତୁ, ଆମେମାନେ ନିଜେ ସେହି ଆର୍ଯ୍ୟ ଋଷିମାନଙ୍କର ଜ୍ଞାନଗରିମା ହୃଦୟଙ୍ଗମ କରିପାରୁ ନାହୁଁ; ଆମ କ୍ଷୁଦ୍ର ମସ୍ତିଷ୍କରେ ସେହି ବିଶାଳତତ୍ତ୍ୱର ଧାରଣା ହେଉନାହିଁ – ତାହା ସ୍ୱୀକାର ନ କରି ଶାସ୍ତ୍ରବାକ୍ୟକୁ ବିକୃତ ମସ୍ତିଷ୍କର୍ ପ୍ରଳାପ ବାକ୍ୟ ବୋଲି ଉଡ଼ାଇ ଦେଉଁ । ମୁଁ ମଧ୍ୟ ଦିନେ ଏହି ଶ୍ରେଣୀର ଅଗ୍ରଣୀ ଥିଲି । ମୋର ଯେଉଁ ଗ୍ରାମରେ ଜନ୍ମ, ସେଠାରେ ଭଦ୍ରଲୋକଙ୍କର ବାସ ନାହିଁ । ଯେଉଁ ଆଠ ଦଶ ଘର ବ୍ରାହ୍ମଣ ଅଛନ୍ତି, ସେମାନେ ପ୍ରକୃତ ଜ୍ଞାନର ଆଲୋକ ଦେଖିନାହାନ୍ତି, ଅଥଚ

ପାଶ୍ଚାତ୍ୟ ଶିକ୍ଷାଦୀପ୍ତ ମଧ୍ୟ ନୁହନ୍ତି, ଅନ୍ଧବିଶ୍ୱାସୀ । କେବଳ ବିରାଟ ତର୍କଜାଲ, ସାଂପ୍ରଦାୟିକ ଦଳାଦଳି ପ୍ରଭୃତି ଗ୍ରାମ୍ୟବିଜ୍ଞତାର ବଡ଼ିମା ଧରି ଏମାନେ କାଳଯାପନ କରନ୍ତି । ସଂଧ୍ୟା, ଆହ୍ନିକ, ଜପ, ତପ, ପୂଜାଦିର ପ୍ରକୃତ ମର୍ମ ସେମାନେ ଜାଣନ୍ତି ନାହିଁ ଏବଂ ତାହା ମଧ୍ୟ ଉପଯୁକ୍ତ ଭାବରେ ଅନୁଷ୍ଠିତ ହୁଏ ନାହିଁ । କେବଳ ସେ ଗ୍ରାମ ନୁହେଁ, ପ୍ରାୟ ପନ୍ଦରପଣ ଗ୍ରାମରେ ହିଁ ଏହିପରି ଦେଖାଯାଏ । ଏଥିପାଇଁ କ୍ରମେ ଲୋକମାନଙ୍କର ଧର୍ମକର୍ମ ପ୍ରତି ଅଶ୍ରଦ୍ଧା ଜାତ ହେଉଅଛି । ମୁଁ ମଧ୍ୟ ସେହିପରି ସ୍ଥାନରେ ଜନ୍ମଗ୍ରହଣ କରି ସେହିମାନଙ୍କ ସଂସର୍ଗରେ ଲାଳିତପାଳିତ ହୋଇ ସେହିପରି ଶିକ୍ଷା ପାଇଥିଲି । ପରେ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ନାନା ସ୍ଥାନରେ, ନାନା ସଂପ୍ରଦାୟ ସହିତ ମିଳାମିଶା କରି ମୋ ମନର ଗତି କିପରି କିମ୍ଭୂତକିମାକାର ହୋଇଗଲା । ସେତେବେଳେ ଦେବତା-ତତ୍ତ୍ୱ ଓ ଦେବତା ଆରାଧନାକୁ ମୁଁ କୁସଂସ୍କାର ମନେ କଲି । ଆମର ପୂର୍ବପୁରୁଷମାନେ ଆଧାତ୍ମିକ ଜ୍ଞାନ ଧ୍ୟାନରେ ଜୀବନ ଯାପନ କରି ଯାଇଥିଲେ, ମୁଁ ସେହି ମହାନ୍ ବଂଶରେ ଜନ୍ମଗ୍ରହଣକରି ମଧ୍ୟ ସଂଧ୍ୟା ଉପାସନା ନିତ୍ୟକର୍ମ ପର୍ଯ୍ୟନ୍ତ ପ୍ରତ୍ୟବାୟ ମନେକଲି । ଜ୍ଞାନ ଅଭାବରୁ ବୁଝିପାରିଲି ନାହିଁ ଯେ, ଏହି ସୃଷ୍ଟିରାଜ୍ୟର ସୀମା କେଉଁଠାରେ ।

କିନ୍ତୁ ଚିରକାଳ ସମାନ ଯାଏ ନାହିଁ । ଅଦୃଷ୍ଟଚକ୍ରର ଆବର୍ତ୍ତନରେ ପଡ଼ି ଗୁରୁକୃପାବଳରୁ ଓ ଶାସ୍ତ୍ରମାହାତ୍ମ୍ୟ ହେତୁ ଏବଂ କାର୍ଯ୍ୟ କାରଣର ପ୍ରତ୍ୟକ୍ଷତା ଫଳରେ ପୂର୍ବର ସେହିସବୁ ଅପୂର୍ବ ସଂସ୍କାର ବିରହିତ ହୋଇ ଯାଇଛି, ସୁତରାଂ ବର୍ତ୍ତମାନ ସ୍ୱକପୋଳକଳ୍ପିତ ଧର୍ମମତର ଅସାର ଭିତ୍ତି ଅବଲମ୍ବନ କରି ମୁଁ ଜାତୀୟ ଶାସ୍ତ୍ରକୁ ଅଗ୍ରାହ୍ୟ କରିପାରୁ ନାହିଁ । ସେଥିପାଇଁ କହୁଛି, ଆର୍ଯ୍ୟଶାସ୍ତ୍ରର ଜଟିଳ ରହସ୍ୟ ଭେଦ କରି ନ ପାରିଲେ ନିଜ କ୍ଷୁଦ୍ର ବୁଦ୍ଧିର ତ୍ରୁଟି ଉପଲବ୍ଧି କରି ତତ୍ତ୍ୱଜ୍ଞାନୀ ଋଷିମାନଙ୍କର ମହାବାକ୍ୟକୁ ଅଗ୍ରାହ୍ୟ କରନ୍ତୁ ନାହିଁ । ମୁଁ ଲୟଯୋଗ, ରାଜଯୋଗ, ହଠଯୋଗ ପ୍ରଭୃତି ଯୋଗର ଉଚ୍ଚାଙ୍ଗ ସାଧନକୌଶଳ ସମୂହ, ବ୍ରହ୍ମଚର୍ଯ୍ୟ ସାଧନର ଉପାୟ, ବିନ୍ଦୁସାଧନ, ଶୃଙ୍ଗାର ସାଧନ, କୁମାରୀସାଧନ, ପଞ୍ଚମକାରରେ କାଳୀସାଧନ ପ୍ରଭୃତି ତନ୍ତ୍ରୋକ୍ତ ଗୁହ୍ୟସାଧନ ଓ ରସତତ୍ତ୍ୱ ଏବଂ ସାଧସାଧନା ପ୍ରଭୃତି ଆର୍ଯ୍ୟଶାସ୍ତ୍ରର ଜଟିଳ ରହସ୍ୟଗୁଡ଼ିକ 'ଯୋଗୀଗୁରୁ', 'ଜ୍ଞାନୀଗୁରୁ', 'ତାନ୍ତ୍ରିକଗୁରୁ' ଓ 'ପ୍ରେମିକଗୁରୁ' ଗ୍ରନ୍ଥମାନଙ୍କରେ ପ୍ରକାଶ କରିଅଛି । ଜ୍ଞାନ, ଧର୍ମ ଓ ସାଧନପିପାସୁ ସୁକୃତିବାନ ସାଧକମାନେ ଯଦି ଶାସ୍ତ୍ରୋକ୍ତ ସାଧନର ସମ୍ୟକ୍ ତତ୍ତ୍ୱ ଜାଣିବା ଇଚ୍ଛାରେ ମୋ ଦୀନ ଆଶ୍ରମରେ ଅନୁଗ୍ରହ ପୂର୍ବକ ଉପସ୍ଥିତ ହୁଅନ୍ତି, ତେବେ ଗୁରୁକୃପାବଳରେ ମୋର ଯେପରି ଶିକ୍ଷା ଅଛି ଏବଂ ଆଲୋଚନା

ଚର୍ଚ୍ଚା କରି ମୁଁ ଯେଉଁ କ୍ଷୁଦ୍ର ଜ୍ଞାନ ଲାଭ କରିଅଛି, ସେହି ଅନୁସାରେ ଆଦରର ସହିତ, ଯତ୍ନର ସହିତ ବୁଝାଇ ଦେବାକୁ ତ୍ରୁଟି କରିବି ନାହିଁ । ଯେଉଁମାନଙ୍କର ଶିକ୍ଷା ଓ ସଂସର୍ଗ ଦୋଷରୁ ମନ୍ତ୍ର ବା ହିନ୍ଦୁଶାସ୍ତ୍ରାଦିରେ ବିଶ୍ୱାସ ନାହିଁ, ସେମାନେ ମୋ ନିକଟରେ ଉପସ୍ଥିତ ହେଲେ ଗୁରୁକୃପାରୁ ମନ୍ତ୍ରର ଅଲୌକିକ କ୍ଷମତା ଓ ଯୋଗରୁ ଗୋଟିଏ ଦୁଇଟି ବିଭୂତି ପ୍ରତ୍ୟକ୍ଷ ଦେଖାଇ ଦେଇ ପାରିବି ।

ବର୍ତ୍ତମାନ ଆପଣମାନଙ୍କ ନିକଟରେ ମୋର ସନିର୍ବନ୍ଧ ଅନୁରୋଧ ଯେ, ଜ୍ଞାନର ଉତ୍କର୍ଷ ସାଧନ କରି ଅଜ୍ଞାନର ସମୂଳ ଯବନିକା ଅନ୍ତରାଳରେ ଦୃଷ୍ଟି ନିକ୍ଷେପ କରିବାକୁ ଶିକ୍ଷା କରନ୍ତୁ । ଦେଖିବେ, ଏହି ବୈଚିତ୍ର୍ୟମୟ ସୃଷ୍ଟି ରାଜ୍ୟର ସୀମା କେଉଁଠାରେ । ସେତେବେଳେ ବୁଝିପାରିବେ, ଆର୍ଯ୍ୟ ଋଷିମାନଙ୍କର ଯୁଗଯୁଗାନ୍ତର ଆବିଷ୍କୃତ ଓ ତପଃ ପ୍ରଭାବରେ ବିଜ୍ଞାତ ଏବଂ ଲୋକହିତାର୍ଥରେ ପ୍ରଚାରିତ କି ଅମୂଲ୍ୟ ରତ୍ନରାଜି ଶାସ୍ତ୍ରରେ ସଞ୍ଚିତ ହୋଇ ରହିଛି । ଅନ୍ଧବିଶ୍ୱାସ ଭଲ ନୁହେ; ଅନୁସନ୍ଧାନ କରି, ସାଧନ କରି ଶାସ୍ତ୍ର ବାକ୍ୟର ସତ୍ୟତା ଉପଲବ୍ଧି କରନ୍ତୁ । ପିତାମହ, ପ୍ରପିତାମହ-ମାନଙ୍କ ଅବଲମ୍ବିତ ସନାତନ ହିନ୍ଦୁଧର୍ମରେ ବିଶ୍ୱାସ ସ୍ଥାପନ କରି ତଦନୁସାରେ ସାଧନ ଭଜନ କରି ମାନବଜନ୍ମ ସାର୍ଥକ କରନ୍ତୁ ଓ ପରମାନନ୍ଦ ଉପଭୋଗ କରନ୍ତୁ । ହିନ୍ଦୁଧର୍ମର ବିଜୟ-ଦୁନ୍ଦୁଭି ନାଦରେ ଦିଗ୍‌ଦିଗନ୍ତ ପ୍ରତିଧ୍ୱନିତ କରନ୍ତୁ । ହିନ୍ଦୁଧର୍ମର ବିମଳ-ସ୍ନିଗ୍ଧକିରଣ ବିକରଣ କରି ସମଗ୍ର ଦେଶ ଓ ସମଗ୍ର ଜାତିକୁ ଉଦ୍‌ଭାସିତ ଏବଂ ପ୍ରଫୁଲ୍ଲିତ କରାନ୍ତୁ । ଆସନ୍ତୁ ଭାଇ ! ଭାଇ ଭାଇ ଆଲିଙ୍ଗନ କରି କୋଳାକୋଳି ହୋଇ ଏହି ପତିତ ଦେଶ ଓ ପତିତ ଜାତିର ମଙ୍ଗଳ ନିମିତ୍ତ କୃପାଭିକ୍ଷା କରି ଧର୍ମକାମାର୍ଥେ ସେହି ପତିତପାବନ କାଙ୍ଗାଳଶରଣ ସତ୍ୟସ୍ୱରୂପ ସନାତନ ଗୁରୁବ୍ରହ୍ମଙ୍କ ମୋକ୍ଷପ୍ରଦ ଅତୁଳ ରଙ୍ଗିମଚରଣ ଉଦ୍ଦେଶ୍ୟରେ ପ୍ରଣାମ କରିବା ।

ନିତ୍ୟଂ ଶୁଦ୍ଧଂ ନିରାଭାସଂ ନିରାକାରଂ ନିରଞ୍ଜନମ୍,
ନିତ୍ୟବୋଧଂ ଚିଦାନନ୍ଦଂ ଗୁରୁବ୍ରହ୍ମ ନମାମ୍ୟହମ୍ ।
ଓଁ ଶାନ୍ତିରେବ ଶାନ୍ତିଃ ଓଁ

ସମନ୍ୱୟୀ ଉପଦେଶ

ଭଗବାନ ଏକ । କିନ୍ତୁ ବିଭିନ୍ନ ଦେଶର, ବିଭିନ୍ନ ସମାଜର ଭାଷା ଭେଦରେ ଯେପରି ଜଳର ନାମ ପାଣି, ୱାଟର ଓ ଆକୁଆ ପ୍ରଭୃତି ଭିନ୍ନ ଭିନ୍ନ ନାମ ହୋଇଅଛି, ସେହିପରି ସେହି ସର୍ବ୍ବବ୍ୟାପକ, ସର୍ବଭୂତାନ୍ତରାତ୍ମା ଭଗବାନଙ୍କୁ ଦେଶଭେଦରେ ଏବଂ ଭାଷା ଭେଦରେ କେହି ଭଗବାନ (କାଳୀ, କୃଷ୍ଣ, ଶିବ ଇତ୍ୟାଦି), କେହି ଆଲ୍ଲା, କେହି ଗଡ୍, କେହି ଅବା ଅନ୍ୟ କୌଣସି ନାମରେ ଡାକିଥାନ୍ତି । ନାନାଦେଶର ଭିନ୍ନ ଭିନ୍ନ ସଂପ୍ରଦାୟ ଏକ ଭଗବାନଙ୍କୁ ନାନାରୂପରେ, ପିତା, ମାତା ପ୍ରଭୁ ଓ ପୁତ୍ର ପ୍ରଭୃତି ନାନାଭାବରେ ଏବଂ କାଳୀ, କୃଷ୍ଣ, ଆଲ୍ଲା, ଗଡ୍ ପ୍ରଭୃତି ନାନା ନାମରେ ଉପାସନା କରିଥାନ୍ତି । ଭାବଗ୍ରାହୀ ଭଗବାନ ମଧ୍ୟ ସାଧକଙ୍କର ଭାବ ବୁଝି ସେହି ରୂପରେ ହିଁ କୃପା କରନ୍ତି । ତେଣୁ ଗୀତା କହେ—

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।

ଶ୍ରୀମଦ୍‌ଭଗବଦ୍ ଗୀତା — ୪ । ୧୧

ନାମ ରୂପ କଳ୍ପନା

ଧର୍ମର ଏହାହିଁ ଉଚ୍ଚ ଓ ଉଦାର ଶିକ୍ଷା । ଧର୍ମର ଉଦାର ଗର୍ଭରେ ସର୍ବାଧିକାରୀ ଜନସାଧାରଣଙ୍କୁ ଗ୍ରହଣ କରିବା ନିମିତ୍ତ, ସର୍ବବିଧ ଭକ୍ତଙ୍କୁ ଆଶ୍ରୟ ଦେବା ନିମିତ୍ତ ଏହି ଉଦାର ଶିକ୍ଷା । ଅନନ୍ତ ଭଗବାନଙ୍କୁ ଉପାସନା କରିବାର ସୁବିଧା ନିମିତ୍ତ ସାଧକମାନେ ବିଭିନ୍ନ ସଂପ୍ରଦାୟରେ ଭିନ୍ନଭିନ୍ନ ନାମ ଓ ରୂପ କଳ୍ପନା କରିନେଇଛନ୍ତି । ହିନ୍ଦୁଶାସ୍ତ୍ରରେ ମଧ୍ୟ ତାହାହିଁ ଦୃଷ୍ଟ ହୁଏ ।

ଚିନ୍ମୟସ୍ୟାଦ୍ୱିତୀୟସ୍ୟ ନିଷ୍କଳସ୍ୟାଶରୀରିଣଃ,
ଉପାସକାନାଂ କାର୍ଯ୍ୟାର୍ଥେ ବ୍ରହ୍ମଣୋ ରୂପକଳ୍ପନା ।

— ବେଦାନ୍ତ, ରାମତାପନୀ

ବ୍ରହ୍ମ ଚିନ୍ମୟ, ଅଦ୍ୱିତୀୟ, ମାୟାତୀତ ଓ ଅଶରୀରୀ ହେଲେ ହେଁ ଉପାସକମାନଙ୍କ କାର୍ଯ୍ୟସାଧନ ନିମିତ୍ତ ତାଙ୍କର ରୂପ କଳ୍ପନା କରାଯାଇଅଛି । ତେଣୁ ରୁଚିଭେଦରେ, ଭାବଭେଦରେ ନାନା ସମ୍ପ୍ରଦାୟ ଭିନ୍ନ ଭିନ୍ନ ନାମ ଓ ଭିନ୍ନ ଭିନ୍ନ ରୂପ

କଳ୍ପନା କରିଛନ୍ତି । କିନ୍ତୁ ସମସ୍ତଙ୍କର ଲକ୍ଷ୍ୟ ସେହି ଏକ, ଅଦ୍ୱିତୀୟ ପରଂବ୍ରହ୍ମ । ପ୍ରତ୍ୟେକ ସମ୍ପ୍ରଦାୟର ସ୍ଥୂଳ ବୁଦ୍ଧି ବିଶିଷ୍ଟ ବ୍ୟକ୍ତିମାନେ ଏହି ମର୍ମ ରହସ୍ୟ ଓ ମହାନ୍ ସତ୍ୟ ହୃଦୟଙ୍ଗମ କରି ନ ପାରି କେବଳ ନିଜ ନିଜ ସମ୍ପ୍ରଦାୟର ନାମ ରୂପକୁ ହିଁ ସତ୍ୟ ମନେ କରି ଅନ୍ୟସବୁ ନାମ ଓ ରୂପ ଉପାସକମାନଙ୍କ ପାଇଁ ନରକର ବ୍ୟବସ୍ଥା କରିଥାନ୍ତି ।

ଜଗତର ସଭ୍ୟ ଓ ଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଏହି ମୋହରୁ ନିଷ୍କୃତି ପାଇ ନାହାନ୍ତି । ତେଣୁ ଦେଖାଯାଏ, ସେମାନେ ଧର୍ମ ପ୍ରଚାର ନାମରେ ପ୍ରକୃତରେ ଅପର ଧର୍ମର ନିନ୍ଦା କରନ୍ତି । ନିତାନ୍ତ ଶିଶୁ ମୁଖରେ ତିକ୍ତ ଦ୍ରବ୍ୟ ଦେବାକ୍ଷଣି ସେ ବିରକ୍ତ ହୋଇ ମୁଖ ଫେରାଇଥାଏ; କିନ୍ତୁ ମିଷ୍ଟଦ୍ରବ୍ୟ ଦେଲେ ତୁଷ୍ଟ ହୋଇ ଆଗ୍ରହର ସହିତ ଭୋଜନ ଇଚ୍ଛା ପ୍ରକାଶ କରେ । ସେହିପରି ଧର୍ମ ପ୍ରଚାରକମାନେ ନିଜ ନିଜ ଧର୍ମର ମଧୁରତ୍ୱ ମାନବ ସମାଜରେ ପ୍ରକାଶ କରନ୍ତୁ । ଯଦି କେହି ସ୍ୱଧର୍ମର ତିକ୍ତ ଅସ୍ୱାଦରେ ବିରକ୍ତ ହୋଇଥାନ୍ତି, ତେବେ ସେ ସାଗ୍ରହରେ ତୁମ ଧର୍ମର ମଧୁର ଆସ୍ୱାଦ ନିମିତ୍ତ ଧାବିତ ହେବେ । କିନ୍ତୁ ଧର୍ମ ପ୍ରଚାର ନାମରେ ଧର୍ମନିନ୍ଦା କରି ନିଜ ଧର୍ମର ଗୌରବ ହାନି କରନ୍ତୁ ନାହିଁ ।

ଯେଉଁମାନେ ନିଜ ଧର୍ମର ମହିମା ବୁଝିପାରନ୍ତି ନାହିଁ, ସେହିମାନେ ହିଁ ଅପରଧର୍ମର ନିନ୍ଦା କରିଥାନ୍ତି । ଧର୍ମର ନିନ୍ଦା କରିବା ଉଚିତ ନୁହେଁ । ରକ୍ଷଣଶୀଳତା ଭଲ ନୁହେଁ । ଧର୍ମ ନାମରେ ରକ୍ଷଣଶୀଳତାରେ ମହାପାତକ ହୁଏ । ଧର୍ମର ନିନ୍ଦା ନରକର କାରଣ । ସମସ୍ତଙ୍କର ଭାବିବା ଉଚିତ ଯେ, ଯେଉଁ ନାମରେ, ଯେଉଁ ଭାବରେ ତାଙ୍କୁ ଭାବନ୍ତୁ, ଯେପରି କ୍ରିୟାନୁଷ୍ଠାନ କରନ୍ତୁ ପଛକେ, ତାଙ୍କର ଉଦ୍ଦେଶ୍ୟ କ'ଣ ? ସେ ଅବଶ୍ୟ ଭଗବାନଙ୍କ ବ୍ୟତୀତ ତୁମର କି ମୋର ଉପାସନା କରନ୍ତି ନାହିଁ ।

ନାମରେ କଅଣ ଅଛି ! ତାହା କେତୋଟି ଅକ୍ଷରର ସମଷ୍ଟି ମାତ୍ର । ସେହି ଏକ ଏବଂ ଅଦ୍ୱିତୀୟ ଭଗବାନଙ୍କର ଭାବସମୂହ ହୃଦୟରେ ଉଦିତ ହୁଏ ବୋଲି ନାମର ଏତେ ମହାତ୍ମ୍ୟ । ନାମରେ ସେହି ଅନନ୍ତ ଭାବମୟ ଭଗବାନଙ୍କୁ ହିଁ ସ୍ମରଣ କରାଯାଏ । କେବଳ ଭଗବାନଙ୍କ ନାମ ବୋଲି ନୁହେଁ; ଶବ୍ଦମାତ୍ରକେ ତାର ଲକ୍ଷ୍ୟ ବସ୍ତୁକୁ ସ୍ମରଣ କରାଇଦିଏ । ସଂପ୍ରଦାୟ ଭେଦରେ, ଭାଷା ଭେଦରେ ନାମ ଭିନ୍ନ ଭିନ୍ନ ହେଲେ ମଧ୍ୟ ପ୍ରତ୍ୟେକଙ୍କର ଲକ୍ଷ୍ୟ ଏକ । ଆମେମାନେ ଭିନ୍ନ ଭିନ୍ନ ନାମରେ ସେହି ଏକ ପରମପିତା ପରମେଶ୍ୱରଙ୍କର ଆରାଧନା କରୁ । ତାହାହେଲେ ଦେଖ, ତୁମେ ନ ବୁଝି ଅନ୍ୟ ଧର୍ମର ନିନ୍ଦା କରି ପ୍ରକୃତରେ ତୁମ ଆଚରିତ ଧର୍ମର ଓ ତୁମ ଆରାଧିତ ଭଗବାନଙ୍କର ହିଁ ନିନ୍ଦା କରୁଅଛ ।

ଭଗବାନ ନାମ ଶୁଣନ୍ତି ନାହିଁ, କାର୍ଯ୍ୟ ଦେଖନ୍ତି ନାହିଁ, କେବଳ ସାଧକଙ୍କ ହୃଦୟର ଅନ୍ତରପ୍ରଦେଶର ଭାବ ଓ ଭକ୍ତି ଟିକକ ଲକ୍ଷ୍ୟ କରିଥାନ୍ତି । ତେଣୁ ହିନ୍ଦୁ ତାଙ୍କୁ ଭାବଗ୍ରାହୀ ଜନାର୍ଦ୍ଦନ ବୋଲି କହିଥାଏ । ପ୍ରକୃତରେ ତାଙ୍କର କୌଣସି ନିର୍ଦ୍ଦିଷ୍ଟ ନାମ ବା ରୂପ ନାହିଁ ।

ଯେ ତାଙ୍କୁ ଯେଉଁ ନାମରେ ଡାକନ୍ତି, ଯେପରି ଭାବରେ ଭାବନ୍ତି, ସେ ତାଙ୍କୁ ସେହି ଭାବରେ, ସେହି ରୂପରେ ଦେଖା ଦେଇ କୃତାର୍ଥ କରିଥାନ୍ତି । ଏ ସମ୍ବନ୍ଧରେ ଗୋଟିଏ ଗଳ୍ପ ମନେ ପଡ଼ିଲା—

କୌଣସି ଗ୍ରାମରେ ଜଣେ କୃଷକ ପତ୍ନୀ ବିଧବା ହୋଇ ହାରାଧନ ନାମରେ ତାର ୧୭ । ୧୮ ବର୍ଷ ବୟସର ଏକମାତ୍ର ପୁତ୍ରକୁ ଧରି ବାସ କରୁଥିଲା । ବିଧବାର ଅନ୍ୟ କୌଣସି ଦୁଃଖ ନ ଥିଲା । ଯଥେଷ୍ଟ ଜମି ବାଡ଼ି ଓ ନଗଦ ଟଙ୍କା ମଧ୍ୟ ଥିଲା । କିନ୍ତୁ ତାର ମନକଷ୍ଟର କାରଣ ହୋଇଥିଲା, ସେହି ପୁତ୍ର । ସମସ୍ତେ କହନ୍ତି, ହାରାଧନର ବୁଦ୍ଧି ନାହିଁ । ପ୍ରକୃତରେ ସେ ମାଆର କଥା ଶୁଣୁ ନ ଥିଲା, କିଛି କାମଦାମ କରୁନଥିଲା । ନିଜ ଇଚ୍ଛା ଅନୁସାରେ ଦିନ କାଟୁଥିଲା । ହାରାଧନ ଗ୍ରାମର ଅନ୍ୟ କୌଣସି ବାଳକଙ୍କ ସହିତ ଖେଳେ ନାହିଁ, କାହା ପାଖକୁ ଯାଏ ନାହିଁ । ନିଜ ମନକୁ ହସେ, କାନ୍ଦେ, ଗୀତଗାଏ, କେତେବେଳେ ବା ମନକୁମନ ନାଚେ । ଏହାକୁ ତାହାର ପାଗଳ ହେବାର ପୂର୍ବ ଲକ୍ଷଣ ବୋଲି ସମସ୍ତେ ଅଭିମତ ପ୍ରକାଶ କଲେ । ଫଳରେ ସ୍ନେହମୟୀ ଜନନୀ ନିଜର ଏକମାତ୍ର ସନ୍ତାନ ନିମିତ୍ତ ସର୍ବଦା ମନଦୁଃଖରେ କାଳ ଯାପନ କରୁଥିଲା । ହାରାଧନକୁ ବୁଝାଇ କହିଲେ ସୁଦ୍ଧା ମା କଥାରେ ସେ ଭ୍ରୂକ୍ଷେପ କରେ ନାହିଁ । କୌଣସି ଉପଦେଶ ମଧ୍ୟ ତା କାନରେ ପଶେ ନାହିଁ । ମାଆର ଦୁଃଖ ଦୂର କରିବା ସନ୍ତାନର କର୍ତ୍ତବ୍ୟ— ଏ ନୀତିବାକ୍ୟର ମର୍ଯ୍ୟାଦା ରକ୍ଷା କରିବାକୁ ହାରାଧନ ଚେଷ୍ଟା କରେ ନାହିଁ । ସେ କୌଣସି ଶାସ୍ତ୍ରର ଶାସନରେ ଶାସିତ ନୁହେଁ ।

ହାରାଧନଙ୍କ ଗ୍ରାମର ଅଦୂରରେ ଗୋଟିଏ ଜଙ୍ଗଲ ଥିଲା । ତା ଭିତରେ କୁଟୀର ନିର୍ମାଣ କରି କୌଣସି ସାଧୁ ଭଗବଦ୍ ଆରାଧନା କରୁଥିଲେ । ହାରାଧନ ଗୋରୁ ଚରାଇବାକୁ ଯାଇ ପ୍ରତ୍ୟହ ସେହି ସାଧୁଙ୍କ ଆଶ୍ରମରେ ବିଶ୍ରାମ କରେ । ଭକ୍ତମାନେ ସାଧୁଙ୍କୁ ସେବା-ପୂଜା କରୁଥିବା ଦେଖି ଏବଂ ସାଧୁଙ୍କ ମୁଖରୁ ନାନାପ୍ରକାର ଧର୍ମୋପଦେଶ ଶୁଣି ହାରାଧନର ଇଚ୍ଛା ହେଲା— ଏହି ସାଧୁଙ୍କ ନିକଟରେ ଦୀକ୍ଷିତ ହୋଇପାରିଲେ ନିଶ୍ଚୟ ସେ ଉଦ୍ଧାର ପାଇବ । ତାର ଏପରି ଇଚ୍ଛା ଅତିଶୟ ବଳବତୀ

ହେବାରୁ ସେ ଦିନେ ସାଧୁଙ୍କ ନିକଟରେ ନିଜର ମନ କଥା ଫିଟାଇ କହିବାକୁ ବାଧ୍ୟ ହେଲା । ସେ ସାଧୁଙ୍କ ପାଦ ଧରି ବ୍ୟାକୁଳ ଭାବରେ ରୋଦନ କରିବାକୁ ଲାଗିଲା । ଚତୁର ସାଧୁ ଜାଣିଥିଲେ ଯେ ହାରାଧନର ମା ପାଖରେ ଅନେକ ଟଙ୍କା ସଞ୍ଚିତ ଅଛି । ସୁତରାଂ ସାଧୁ ହାରାଧନକୁ କହିଲେ, ''ତୁ ଯଦି ସାଧୁମଣ୍ଡଳୀଙ୍କୁ ଭୋଜନ କରାଇପାରିବୁ, ତାହାହେଲେ ମୁଁ ତୋତେ ମନ୍ତ୍ର ଦେବି ।''

ହାରାଧନ ଯାଇ ମାଆଙ୍କୁ ସବୁକଥା କହିଲା । ଏକମାତ୍ର ପୁତ୍ରର ଅନୁରୋଧ ଉପେକ୍ଷା କରି ନ ପାରି ମାଆ କିଛି ଟଙ୍କା ବାହାର କରି ପୁତ୍ରକୁ ଦେଲେ । ହାରାଧନ ଆନନ୍ଦରେ ସେ ଟଙ୍କା ନେଇ ସାଧୁଙ୍କ ହାତରେ ଦେଲା । ସାଧୁ ଟଙ୍କା ପାଇ ମହୋତ୍ସବ କଲେ । କିନ୍ତୁ ହାରାଧନକୁ ମନ୍ତ୍ର ଦେଲେ ନାହିଁ । ଏହିପରି ତିନିଥର ହାରାଧନ ଟଙ୍କା ଦେଲା, ତିନିଥର ସାଧୁ ଭୋଜନ ମଧ୍ୟ ହେଲା; କିନ୍ତୁ ହାରାଧନର କପାଳରେ ମନ୍ତ୍ର ଲାଭ ହେଲା ନାହିଁ । ସେ ନିତାନ୍ତ ବ୍ୟଥିତ ଓ ମର୍ମାହତ ହୋଇ ସାଧୁଙ୍କର ଆଶ୍ରମ ତ୍ୟାଗ କଲା । ଗୋରୁ ଚରାଇବାକୁ ଗଲେ ମଧ୍ୟ ସେ ଆଉ ସାଧୁଙ୍କ ଆଶ୍ରମ ଆଡ଼କୁ ମାଡ଼ିଲା ନାହିଁ ।

ହାରାଧନ କ୍ରମେ ବଡ଼ ହୋଇ ଚାଷବାସ କଲା । ଥରେ ସେ ଜମି ଚାଷ କରୁଥିବା ବେଳେ ପୂର୍ବୋକ୍ତ ସାଧୁ ସେହି ବାଟ ଦେଇ ସ୍ଥାନାନ୍ତରକୁ ଯାଉଥିଲେ । ହାରାଧନ ତାଙ୍କୁ ଦେଖିବାକ୍ଷଣି ଦଉଡ଼ି ଯାଇ ପଥରୋଧ କରି ଛିଡ଼ାହେଲା ଏବଂ ଅତି କ୍ରୋଧରେ କହିଲା, ''ସାଧୁ, ତିନିଥର ତୁମେ ମୋର ଟଙ୍କା ଠକି ନେଇଛ— ଅଥଚ ମୋତେ ମନ୍ତ୍ର ଦେଇନାହଁ । ଆଜି ବିଲ ମଝିରେ ତୁମକୁ ଏକୁଟିଆ ପାଇଛି । ମୋତେ ମନ୍ତ୍ର ଦିଅ, ଅଥବା ମୋ ଟଙ୍କା ଫେରାଇ ଦିଅ । ନ ଦେଲେ ଏହି ବିଲରେ ତୁମକୁ ମାରି ପୋତିଦେବି ।'' ଅଶିକ୍ଷିତ, ବୁଦ୍ଧିଭ୍ରଷ୍ଟ ଚଷାର ସେ ରୁଦ୍ରମୂର୍ତ୍ତି ଦେଖି ସାଧୁ ପ୍ରକୃତରେ ଅତିଶୟ ଭୟଭୀତ ହୋଇପଡ଼ିଲେ । ଟଙ୍କା ଦେବାଠାରୁ ମନ୍ତ୍ରଦେବା ଶ୍ରେୟ ମନେକରି ସାଧୁ କହିଲେ, ''ତୋର ମନ୍ତ୍ର 'ଗୋପାଳ' । ତୁ ଏହି ମନ୍ତ୍ର ଜପ କର ।'' ହାରାଧନ ଆନନ୍ଦରେ ଗଦଗଦ ହୋଇ ସାଧୁଙ୍କୁ ବାରମ୍ବାର ପ୍ରଣାମ କରି ବାଟ ଛାଡ଼ିଦେଲା । ସାଧୁ ମଧ୍ୟ ରକ୍ଷା ପାଇଗଲେ ।

ହାରାଧନ ମନ୍ତ୍ର ଜପ କରି ଭୋକ ଶୋଷ ପାସୋରି ଦେଲା । ଖରାବେଳେ ସ୍ନାନାହାର ପାଇଁ ସେ ଆଉ ଘରକୁ ଗଲା ନାହିଁ । ଫଳରେ ତାର ମା ଖାଦ୍ୟ ଧରି ବିଲକୁ ଆସିଲା; କିନ୍ତୁ ହାରାଧନ କହିଲା, ''ମୁଁ ଖାଇବି ନାହିଁ । ସେହି ସାଧୁ ମୋତେ ଆଜି ମନ୍ତ୍ର ଦେଇଛନ୍ତି । ଖାଇବାକୁ ଗଲେ ମନ୍ତ୍ର ପାସୋରଯିବ ।''

ପିଲା ଖାଇବ ନାହିଁ, ଏକଥା ମା ସହେ କେତେକେ ? ମା କହିଲା— ତୋର ମନ୍ତ୍ର ମୋତେ କହିଦେଇ ତୁ ଖାଇବସ । ପରେ ମୁଁ ସେ ମନ୍ତ୍ରଟି ତୋତେ କହି ଦେବି । ଅଗତ୍ୟା ହାରାଧନ ତା ମାଆକୁ ମନ୍ତ୍ରଟି କହିଦେଇ ଖାଇବାକୁ ବସିଲା । ମାଆ ମନ୍ତ୍ର ଜପ କରିବାକୁ ଲାଗିଲା । ଆହାର ପରେ ଆଚମନ ପାଇଁ ହାରାଧନକୁ ଜଳ ଦେବାକୁ ମା ବ୍ୟସ୍ତ ହେଲା । ହାରାଧନ ଆଚମନ କରିସାରି ମା'କୁ କହିଲା, ''ମନ୍ତ୍ର କହି ଦେ ।'' ମା ଆବାକ୍ । ହାରାଧନ ପରି ପିଲାର ମା, ତାର ସ୍ମରଣଶକ୍ତି ବା କେତେ ? ସେ ମନ୍ତ୍ରଟି ପାସୋରି ଦେଇଥିଲା । ହାରାଧନ ଚଣ୍ଡମୂର୍ତ୍ତି ଧରି କର୍କଶ ସ୍ୱରରେ କହିଲା, ''ଏଇଥିପାଇଁ ମୁଁ ଖାଇବି ନାହିଁ ବୋଲି କହିଥିଲି । ଶୀଘ୍ର ମୋତେ ମନ୍ତ୍ର କହି ଦେ । ନ ହେଲେ ଏହିକ୍ଷଣି ଆତ୍ମହତ୍ୟା କରିବି ।''

ହାରାଧନ ମା' ଅନେକ ଭାବି ଚିନ୍ତି ଅତି କଷ୍ଟରେ ''ଗୋପାଳ'' ସ୍ଥଳରେ ''ଟୋପାଳ'' ବୋଲି ସ୍ମରଣ କରାଇଦେଲା । ହାରାଧନର ମନରେ କୌଣସି ସନ୍ଦେହ ହେଲା ନାହିଁ । ସେ ଆନନ୍ଦରେ 'ଟୋପାଳ' ମନ୍ତ୍ର ଜପ କରିବାକୁ ଲାଗିଲା । ମା' ବିଦାୟ ହୋଇଗଲା ।

କ୍ରମେ ହାରାଧନ ଆତ୍ମବିସ୍ମୃତ ହୋଇ ଆସିଲା । ସେ ଉଚ୍ଚସ୍ୱରରେ ଟୋପାଳ, ଟୋପାଳ ବୋଲି ଚିତ୍କାର କରି ଡେଇଁବାକୁ ଲାଗିଲା । କେତେବେଳେ ହସିଲା, କେତେବେଳେ କାନ୍ଦିଲା । ଲୋକେ ଆସି ସେଠାରେ ଜମା ହେଲେ, ନାନାପ୍ରକାର ଥଟ୍ଟା ପରିହାସ କରିବାକୁ ଲାଗିଲେ । ସମସ୍ତେ ସ୍ଥିର କଲେ ଯେ ହାରାଧନ ବର୍ତ୍ତମାନ ପୂର୍ଣ୍ଣ ପାଗଳ ହୋଇଯାଇଛି । ହାରାଧନ ଭାବିଲା, ଲୋକଙ୍କ ଉପରେ ରାଗ କରି କଳହ କଲେ, ପୁଣି ମନ୍ତ୍ରଟି ଭୁଲି ଯାଇପାରେ; ତେଣୁ ସେ ଗ୍ରାମ ନିକଟସ୍ଥ କୃଷିକ୍ଷେତ୍ରକୁ ଛାଡ଼ି ଗୋଟିଏ ଭୀଷଣ ଜଙ୍ଗଲରେ ପ୍ରବେଶ କଲା । କ୍ରମେ ସେ ଆହାର, ନିଦ୍ରା, ଦିନରାତି, ସବୁ ପାସୋରି ଦେଲା । ତା ଦେହ ଶୁଷ୍କ ହୋଇଗଲା । ଅଗତ୍ୟା ଗୋଟିଏ ସ୍ଥାନରେ ପଡ଼ିରହି ସେ ମନ୍ତ୍ର ଜପ କରିବାକୁ ଲାଗିଲା । ସବୁ ଭୁଲିଗଲେ ମଧ୍ୟ କେବଳ 'ଟୋପାଳ' ମନ୍ତ୍ର ଭୁଲିଗଲା ନାହିଁ । ତାହାର ପ୍ରାଣପକ୍ଷୀ ଦେହ ପିଞ୍ଜର ଛାଡ଼ିବାର କାଳ ଆଗତ ହେଲା ।

ବୈକୁଣ୍ଠରେ ଭକ୍ତବତ୍ସଳ ଭଗବାନଙ୍କର ଆସନ ଟଳିବାକୁ ଆରମ୍ଭ କଲା । ସେ ହାରାଧନ ନିକଟକୁ ଯିବାପାଇଁ ଲକ୍ଷ୍ମୀଙ୍କଠାରୁ ବିଦାୟ ମାଗିଲେ । ଲକ୍ଷ୍ମୀ କହିଲେ, ''ପ୍ରଭୋ ! ବର୍ତ୍ତମାନ ମର୍ତ୍ତ୍ୟଧାମରେ ଏପରି କେଉଁ ଭକ୍ତ ଜନ୍ମିଲା, ଯାହା ନିମନ୍ତେ

ଆପଣ ନିଜେ ଧରାଧାମକୁ ଯିବେ ?'' ଭଗବାନ ସବୁ ବୁଝାଇ ଦେବାରୁ ଲକ୍ଷ୍ମୀ ମଧ୍ୟ ତାଙ୍କ ସଙ୍ଗରେ ମର୍ତ୍ତ୍ୟକୁ ଯିବାକୁ ପ୍ରସ୍ତୁତ ହେଲ । ଧନ୍ୟ ହାରାଧନ ! ଯୁଗଳରୂପରେ ଦେଖାଦେବାପାଇଁ ବୋଧହୁଏ ଭଗବାନଙ୍କର ଇଚ୍ଛା— ତେଣୁ ଏ ଆୟୋଜନ । ଯଥା ସମୟରେ ଭଗବାନ ଲକ୍ଷ୍ମୀଙ୍କୁ ସଙ୍ଗରେ ଘେନି ସେହି ବନପାର୍ଶ୍ୱରେ ଉପସ୍ଥିତ ହେଲେ । ଭକ୍ତକୁ ପରୀକ୍ଷା କରିବାକୁ ସେହି ସ୍ଥାନରେ ଭଗବାନଙ୍କୁ ରହିବାକୁ କହି ଦେବୀ ଏକାକିନୀ ବନ ମଧ୍ୟରେ ପ୍ରବେଶ କଲେ । କିନ୍ତୁ ସେଠାରେ କୌଣସି ଚିହ୍ନିତ ସାଧୁ, ସନ୍ନ୍ୟାସୀ ବା ଭକ୍ତ ତାଙ୍କର ନୟନଗୋଚର ହେଲେ ନାହିଁ । ମା ଲକ୍ଷ୍ମୀଦେବୀ ହାରାଧନର ଆନନ୍ଦ, ପୁଲକ, ରୋମାଞ୍ଚ ପ୍ରଭୃତି ସାତ୍ତ୍ୱିକ ଲକ୍ଷଣ ଦେଖି ତାକୁ ହିଁ ଭକ୍ତ ବୋଲି ସ୍ଥିର କଲେ । କିନ୍ତୁ ଲୋକଟି 'ଟୋପାଳ' ବୋଲି କାହାର ନାମ ଜପ କରୁଅଛି ? ଏ ସନ୍ଦେହ ଭଞ୍ଜନ ନିମିତ୍ତ 'ଟୋପାଳ' କିଏ ବୋଲି ବାରମ୍ବାର ହାରାଧନକୁ ଜିଜ୍ଞାସା କଲେ । ସେ ଲୋକଙ୍କ ଜ୍ୱାଳାରୁ ରକ୍ଷାପାଇବା ନିମନ୍ତେ ଗ୍ରାମ ଛାଡ଼ି ବଣକୁ ଆସିଥିଲା । କିନ୍ତୁ ଏଠାରେ ମଧ୍ୟ ରକ୍ଷା ନାହିଁ । ଜଣେ ସ୍ତ୍ରୀଲୋକ ବିଘ୍ନ ଘଟାଇବାକୁ ଆସିଛି ଭାବି ସେ ଲକ୍ଷ୍ମୀଙ୍କ ପ୍ରତି ଭ୍ରୂକ୍ଷେପ ମଧ୍ୟ କଲା ନାହିଁ ।

ଭକ୍ତ ଐଶ୍ୱର୍ଯ୍ୟ ମାଗୁ ନାହିଁ । ସୁତରାଂ ହାରାଧନ ଆଜି ସର୍ବୈଶ୍ୱର୍ଯ୍ୟେଶ୍ୱରୀ ଦେବୀ କମଳାଙ୍କୁ ପାଇ ମଧ୍ୟ ଦୃକ୍‌ପାତ କଲା ନାହିଁ; କିନ୍ତୁ ଲକ୍ଷ୍ମୀ ମଧ୍ୟ ଛାଡ଼ିଲେ ନାହିଁ । ହାରାଧନ ବିରକ୍ତ ହୋଇ କ୍ଷୀଣ କର୍କଶ ସ୍ୱରରେ ଉତ୍ତର ଦେଲା, 'ଟୋପାଳ ତୋ ଘଇତା ।'

ଲକ୍ଷ୍ମୀଦେବୀ ଭକ୍ତକୁ ଆଉ ବିରକ୍ତ କରିବାକୁ ସାହସ କଲେ ନାହିଁ । ଧୀରେ ଧୀରେ ଭଗବାନଙ୍କ ନିକଟରେ ଉପସ୍ଥିତ ହେଲେ । ହାରାଧନ ରାଗ କରି କହିଛି ବୋଲି ସେ ବୁଝିପାରି ନ ଥିଲେ । ସୁତରାଂ ଟୋପାଳ ଯେ ତାଙ୍କର ସ୍ୱାମୀ, ଏ କଥାରେ ତାଙ୍କର ସନ୍ଦେହ ହେଲା ନାହିଁ । ତେଣୁ ଭଗବାନଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, ''ତୁମ ଭକ୍ତକୁ ଦେଖିଲି ସତ, କିନ୍ତୁ ବଡ଼ ଆଶ୍ଚର୍ଯ୍ୟ ରକମର ଭକ୍ତ ତ ! ସେ ଟୋପାଳ ବୋଲି ତୁମକୁ ଡାକୁଛି । ମୋ ଆଡ଼କୁ ଫେରି ଅନାଇଲା ନାହିଁ । ପ୍ରଭୋ ! ମୁଁ ତୁମର ସବୁ ନାମ ଜାଣେ; କିନ୍ତୁ ଟୋପାଳ ନାମଟି ତ ଶୁଣି ନାହିଁ ? ଏ ନାମଟି ପୁଣି ତୁମର କେବେ ହେଲା ?''

ଭଗବାନ ମୃଦୁ ହାସ୍ୟ କରି କହିଲେ, ''ପ୍ରିୟେ, ମୋର କ'ଣ କୌଣସି ନିର୍ଦ୍ଦିଷ୍ଟ ନାମରୂପ ଅଛି ? ଯେ ମୋତେ ଯେଉଁ ନାମରେ ଡାକେ, ଯେଉଁ ରୂପରେ ଭାବେ, ମୁଁ

ତାକୁ ସେହି ରୂପରେ ସେହି ଭାବରେ କୃତାର୍ଥ କରେ । ଏହି ବ୍ୟକ୍ତି ଯେଉଁଦିନଠାରୁ ମୋର୍ ଭକ୍ତ ହୋଇଛି, ସେହି ଦିନଠାରୁ ମୋର 'ଟୋପାଳ' ନାମ ହୋଇଅଛି ।''

ପାଠକ ! ଦେଖିଲେ ତ ! ନାମ ଓ ରୂପ କିପରି କାର୍ଯ୍ୟକାରୀ ! ଆମ ଦେଶରେ ଆଉ ଗୋଟିଏ ଗଳ୍ପ ପ୍ରଚଳିତ ଅଛି । କୌଣସି ଚଣ୍ଡାଳ ଜଣେ ସାଧୁଙ୍କ ନିକଟରୁ ତୁଚ୍ଛ ଭାବରେ 'ଢେଙ୍କି' ମନ୍ତ୍ର ପାଇ ପ୍ରଥମାବସ୍ଥାରେ ଭଗବାନଙ୍କୁ ଢେଙ୍କି ରୂପରେ ଦର୍ଶନ କରି କୃତାର୍ଥ ହୋଇଥିଲା । ଅତଏବ ହିନ୍ଦୁ, ଖ୍ରୀଷ୍ଟିଆନ୍, ମୁସଲମାନ, ଶିଖ୍, ପାର୍ଶି, ବୌଦ୍ଧ, ବ୍ରାହ୍ମ, ଯେ କେହି ଯେଉଁ ନାମରେ ବା ଯେଉଁ ରୂପରେ ଭଗବାନଙ୍କୁ ଆରାଧନା କରିବେ, ତାଙ୍କର ମନୋରଥ ଅବଶ୍ୟ ପୂର୍ଣ୍ଣ ହେବ । କୌଣସି ପ୍ରତ୍ୟବାୟ ଘଟିବ ନାହିଁ ।

ଏକତତ୍ତ୍ୱ

ଅନେକେ କହନ୍ତି, ଗୋଟିଏ ଧର୍ମରେ ରହି, ଶାକ୍ତ, ଶୈବ ଓ ବୈଷ୍ଣବ ମାନଙ୍କ ମଧ୍ୟରେ ପରସ୍ପର ହିଂସା ଦ୍ୱେଷ କାହିଁକି ? ହିନ୍ଦୁଏହାକୁ ଏକତତ୍ତ୍ୱ ଅଭ୍ୟାସ ବୋଲି ଜାଣେ । ମୁଁ ମୋର ଗୋଟିଏ ପେଟ ପୂରାଇବା ନିମିତ୍ତ ଶସ୍ୟ ସଞ୍ଚୟ କରି ନାହିଁ । ବିଶ୍ୱତୃପ୍ତି ନିମିତ୍ତ ଦଉଡ଼ିଲେ କଅଣ ହେବ ? ତେଣୁ ସାଧକମାନେ ପ୍ରଥମାବସ୍ଥାରେ ଆପଣା ଆପଣା ଇଷ୍ଟଦେବତାଙ୍କୁ ଶ୍ରେଷ୍ଠ ବୋଲି ଜାଣି ଭକ୍ତିର ଉତ୍କର୍ଷ ସାଧନ କରିଥାନ୍ତି ।

ଦିନେ ପରମଭକ୍ତ ହନୁମାନ ଶ୍ରୀକୃଷ୍ଣଙ୍କ ବିଦ୍ୟମାନରେ ଶ୍ରୀରାମଚନ୍ଦ୍ରଙ୍କୁ ପୂଜା କରିବାର ଦେଖି ଅର୍ଜ୍ଜୁନ ପଚାରିଲେ, ଭାଇ ହନୁମାନ ! ତୁମେ କ'ଣ ରାମ ଓ କୃଷ୍ଣଙ୍କୁ ପୃଥକ୍ ଜ୍ଞାନ କର ? ହନୁମାନ ହସି ହସି କହିଲେ—

''ଶ୍ରୀନାଥେ ଜାନକୀନାଥେ ଅଭେଦଃ ପରମାତ୍ମନି,
ତଥାପି ମମ ସର୍ବସ୍ୱ ରାମଃ କମଲଲୋଚନଃ ।''

ଏହାକୁ ହିଁ ଇଷ୍ଟନିଷ୍ଠା କୁହାଯାଏ । ଏହା ହିଁ ପ୍ରକୃତ ସାଧକଙ୍କର ଉକ୍ତି । ଯେ ନିଜ ଆରାଧ୍ୟ ଦେବତାଙ୍କ ପ୍ରତି ସଂପୂର୍ଣ୍ଣ ଭକ୍ତିରେ ବିଶ୍ୱାସ ସ୍ଥାପନ କରିପାରିଛନ୍ତି, ମୁକ୍ତି ତାଙ୍କର କରତଳଗତ । ସେ ବା କାହିଁକି ଅନ୍ୟ ଦେବତାଙ୍କର ଶରଣ ଗ୍ରହଣ କରିବାକୁ ଯିବେ ? ନିଜ ଇଷ୍ଟଦେବତାଙ୍କ ପ୍ରତି ଯେଉଁମାନଙ୍କର ବିଶ୍ୱାସ ନାହିଁ, ସେହିମାନେ ହିଁ ତେତିଶିକୋଟି ଦେବତାଙ୍କର ଆଶ୍ରୟ ଗ୍ରହଣ କରିଥାନ୍ତି । ସେହିମାନେ ହିଁ ଏଣେ ଡାହାଣକୁ ମୁହଁ କରି କହନ୍ତି, ''ମା ଗୋ କାଳି ! ମୋତେ ଉଦ୍ଧାର କର ।'' ପୁଣି ବାମ ଆଡ଼କୁ ମୁହଁ ଫେରାଇ କହନ୍ତି, ''ବାବା ଶ୍ରୀକୃଷ୍ଣ ! ମୋତେ ଗୋଲକଧାମରେ ବିଲୁଆ, କୁକୁର

କରି ରଖ ।'' ଆମେମାନେ ଏପରି ସାଧନାର ପକ୍ଷପାତୀ ନୋହୁଁ । ସାଧକଙ୍କର ଦୃଢ଼ନିଷ୍ଠା ଓ ଅଦ୍ୱୈତଭାବ ଅତିଶୟ ଉପାଦେୟ ଓ ଅମୂଲ୍ୟବସ୍ତୁ । ସାଧକଶ୍ରେଷ୍ଠ ରାମପ୍ରସାଦ ଗାଇଛନ୍ତି –

''ଏଭଲି ମାଆର ସନ୍ତାନ ନୁହେଁ ମୁଁ
ବିମାତାରେ ମା' ଡାକିବି ?''

କମଳାକାନ୍ତଙ୍କର ଗୋଟିଏ ଗାନ ଅଛି –

''କାଳୀ ମାଆର ସନ୍ତାନ ମୁଁ ପରା ଗଙ୍ଗା କୂଳେ କିଆଁ ଯିବି ?
ମାଆ ଥାଉଁ ଥାଉଁ ସଉତୁଣୀ ମାଆ ଶରଣ କାହିଁକି ନେବି ?''

ଆଉ ଜଣେ ବ୍ରହ୍ମ-ସାଧକ ଗାଇଛନ୍ତି –

ଛୁଆ ଡାକେ ତାର ଆପଣା ମାଆକୁ ମାଆ
ଯାହାକୁ ତାହାକୁ ମାଆ ଡାକି ଦେବି– ନୁହେଁ ମୁଁ ସେପରି ଛୁଆ ।

ଏବଂଭୂତ ସାଧକ ଭକ୍ତିବିଶ୍ୱାସ ବଳରେ ବଳୀୟାନ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ତୁଚ୍ଛ କରିଥାନ୍ତି । ଏଥିପାଇଁ ଶାକ୍ତ ବୈଷ୍ଣବଙ୍କ ଭିତରେ ଦ୍ୱନ୍ଦ୍ୱ । ଏହିଥିରୁ ହିଁ ସାଧକଙ୍କର ନିଜ ଇଷ୍ଟ ଦେବତାଙ୍କ ପ୍ରତି ଗାଢ଼ ଅନୁରାଗର ପରିଚୟ ମିଳିଥାଏ । ଇଷ୍ଟନିଷ୍ଠାଦ୍ୱାରା ସାଧକଙ୍କର ଏକତତ୍ତ୍ୱ ଅଭ୍ୟାସ ହେଲେ ଯେଉଁ ଜ୍ଞାନବୃକ୍ଷ ଉତ୍ପନ୍ନ ହୁଏ, ଧର୍ମର ସମଗ୍ର କ୍ଷେତ୍ର ତାହାର ଶାଖାପ୍ରଶାଖା ଓ ଚେରମୂଳରେ ଆବୃତ ହୋଇଥାଏ ।

ବହୁ ଭାବ-ମୂଳରେ ଏକ

ଆଜିକାଲି କେତେ ଲୋକ ସର୍ବଧର୍ମ ସମନ୍ୱୟର ଆଳ ଦେଖାଇ ଗୋଟିଏ ପୃଥକ୍ ଦଳ ସୃଷ୍ଟି କରିବା ଚେଷ୍ଟାରେ ଅଛନ୍ତି । ସେମାନେ ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିଆନ୍ ସମସ୍ତଙ୍କୁ ଏକ କରି ରାମ-ରହିମ-ଖ୍ରୀଷ୍ଟ ଓ କୃଷ୍ଣଙ୍କର ଖେଚେଡ଼ି ପ୍ରସ୍ତୁତ କରୁଚନ୍ତି । ଯେଉଁମାନେ ସମନ୍ୱୟର ଅର୍ଥପର୍ଯ୍ୟନ୍ତ ଜାଣନ୍ତି ନାହିଁ, ସାଧନାର ଧାପ ମାଡ଼ନ୍ତି ନାହିଁ, ସେମାନଙ୍କର ଧର୍ମସମନ୍ୱୟ ଚେଷ୍ଟା ଦେଖିଲେ କିଏ ବା ନ ହସି ରହିପାରେ ?

ଏପରି ଧର୍ମ ସମନ୍ୱୟ ପ୍ରଚେଷ୍ଟା ନିଜର ଉଦ୍ଦେଶ୍ୟ ସିଦ୍ଧି ବା ସମାଜରେ ଆତ୍ମପ୍ରଚାର ବ୍ୟତୀତ ଆଉ କଅଣ ହୋଇପାରେ ? ସୁବିଧା ଏବଂ ହୃଦୟର ପ୍ରଶସ୍ତତା ଓ ମତର ଉଦାରତା ପ୍ରଭୃତି ପ୍ରତ୍ୟାଶାରେ ସର୍ବଧର୍ମ-ସମନ୍ୱୟର ତରଙ୍ଗ ଖେଳୁଛି ।

ହିନ୍ଦୁ ମୁସଲମାନ ଧରି, ଦଳ ବାନ୍ଧି, କରିମ-କୃଷ୍ଣ ଖେଚେଡ଼ି ରାନ୍ଧି ସାମ୍ପ୍ରଦାୟିକଭାବଗୁଡ଼ିକର ଅଭାବ ଘଟାଉଛନ୍ତି କାହିଁକି ? ନିଶ୍ଚୟ ବୁଝିରଖନ୍ତୁ, ସାମ୍ପ୍ରଦାୟିକ ଭାବ ଚିରଦିନ ରହିବ । ଗୋଟିଏ ବାଳକ କେବେହେଲେ ଜଣେ ଯୁବକ ବହନ କରି ପାରିବା ଭଳି ବୋଝ ବହିପାରିବ ନାହିଁ । ବଳବାନ୍ ଓ ସୁସ୍ଥ ବ୍ୟକ୍ତି ଯାହା ଖାଇ ଜୀର୍ଣ୍ଣ କରିପାରିବେ, ଦୁର୍ବଳ ରୋଗୀର ତାହା କଦାପି ସୁପଥ୍ୟ ହେବ ନାହିଁ । ସେଦିନ ଭଗବାନ୍ ରାମକୃଷ୍ଣ ପରମହଂସ ଦେବ ସର୍ବସାମ୍ପ୍ରଦାୟିକ ଧର୍ମ ସାଧନ କରି ପ୍ରତ୍ୟକ୍ଷ ଉପଲବ୍ଧି କରି କି ଶିକ୍ଷା ଦେଇ ଯାଇଛନ୍ତି ତାହା କଅଣ ଜାଣନ୍ତି ନାହିଁ ? ତାହା କ'ଣ ଏତେ ଶୀଘ୍ର ଦେଶବାସୀ ଭୁଲିଗଲେ ?

ସେ କହିଥିଲେ— ଭାବ ବହୁତ; କିନ୍ତୁ ମୂଳରେ ଏକ । ସବୁ ସଂପ୍ରଦାୟର ଭାବଗୁଡ଼ିକ ନିଷ୍ଠାପର ଭାବରେ ସାଧନ କଲେ ସମସ୍ତେ ଏକ ସତ୍ୟରେ ଉପନୀତ ହେବେ । ନୈଷ୍ଠିକ ଭାବ ଓ ରକ୍ଷଣଶୀଳତା ଏକ କଥା ନୁହେଁ । ନିଜ ଭାବରେ ସତୀନାରୀ ପରି ସାଧନ କର; କିନ୍ତୁ ଅନ୍ୟ କାହାରି ଭାବର ନିନ୍ଦା କର ନାହିଁ । ଏହାହିଁ ସର୍ବଧର୍ମସମନ୍ୱୟ । ମହାକାରଣକୁ ଗଲେ ଯାଇ ଭାବର ସାମଞ୍ଜସ୍ୟ ହୁଏ । ସ୍ଥୂଳରେ ତାହା କଦାପି ହେବାର ନୁହେଁ । ହାର ଓ କାନଫୁଲ କହିଲେ କେହି ଗୋଟିଏ ଜିନିଷ ବୋଲି ମନେକରିବେ ନାହିଁ; ସେମାନଙ୍କର ମୂଳକାରଣ, ସ୍ୱର୍ଣ୍ଣ କହିଲେ ଗୋଟିଏ ଭାବର ସମନ୍ୱୟ ହେବ ।

ସ୍ଥୂଳରେ ଅବସ୍ଥାନ କରି ଯେଉଁମାନେ ଭାବର ସାମଞ୍ଜସ୍ୟ କରିବାକୁ ଚେଷ୍ଟା କରନ୍ତି, ସେହିଠାରେ ହିଁ ଖେଚେଡ଼ି ହୋଇ ଗୋଳମାଳ ଉପସ୍ଥିତ ହୁଏ । ସ୍ତ୍ରୀଲୋକ କହିଲେ ଗୋଟିଏ ଜାତି ବୁଝାଯାଏ; କିନ୍ତୁ ଭାବରେ ବହୁ ହୋଇପଡ଼େ । ମାତା, ଭଗିନୀ, ସ୍ତ୍ରୀ, କନ୍ୟା ସମସ୍ତେ ହିଁ ଏକ ଅଦ୍ୱିତୀୟ ସ୍ତ୍ରୀଲୋକ, ଭବରାଜ୍ୟରେ ବହୁ ଭାବରେ ପ୍ରତୀୟମାନ ହୋଇଥାନ୍ତି ମାତ୍ର । ଭଗବାନଙ୍କ ସମ୍ବନ୍ଧରେ ମଧ୍ୟ ସେହିପରି ବୁଝିବାକୁ ହେବ; ଅର୍ଥାତ୍ ସେ ଏକ, ପୁଣି ସେ ବହୁ । ଭଗବାନ ରାମକୃଷ୍ଣଦେବ ଏହି ଭାବରେ ସବୁ ଧର୍ମର ଭାବ ସ୍ୱତନ୍ତ୍ର ରଖି ସେ ସମସ୍ତଙ୍କର ଉତ୍ପତ୍ତିର କାରଣ ଯେ ଗୋଟିଏ ସ୍ଥାନ ଏହା ନିର୍ଦ୍ଦେଶ କରି ଦେଇଯାଇଛନ୍ତି । ସେ ଖ୍ରୀଷ୍ଟିୟାନ୍, ମୁସଲମାନ, ହିନ୍ଦୁମାନଙ୍କର, ଶାକ୍ତ, ଶୈବ, ବୈଷ୍ଣବବାଦୀ ପ୍ରଭୃତିଙ୍କର, କାହାରି ଭାବ ନଷ୍ଟ କରି ନାହାନ୍ତି । ସବୁଧର୍ମ ସତ୍ୟ ବୋଲି ଜଣାଇ ସମସ୍ତଙ୍କୁ ନିଜ ନିଜ ସାଂପ୍ରଦାୟିକ ଧର୍ମ ସାଧନ କରିବାକୁ ଉପଦେଶ ଦେଇଛନ୍ତି ।

ସର୍ବଧର୍ମସମନ୍ୱୟ କହିଲେ ଏକଥା ଯେପରି କେହି ନ ବୁଝନ୍ତି ଯେ, ସବୁ ଭାବ ଭାଙ୍ଗିଦେଇ ଏକ କରିଦେବା । ସ୍ତ୍ରୀଜାତି ଏ କ ହେଲେ ମଧ ଭଗିନୀଠାରେ ମାତାର ଭାବ ମିଳିପାରିବ ନାହିଁ; ଭଗିନୀଠାରେ ଭଗିନୀର ଭାବ ହିଁ ମିଳେ । ଭଗିନୀଠାରେ ସ୍ତ୍ରୀଭାବ ଉପଲବ୍ଧି କରିବାକୁ ହେଲେ ଭଗିନୀଭାବ ବିକୃତ ହୋଇଯିବ । ଏହିପରି ଭାବ ବିପ୍ଳବକୁ ବ୍ୟଭିଚାର କୁହାଯାଏ । ସେହିପରି ପ୍ରତ୍ୟେକ ସଂପ୍ରଦାୟର ଉପାସ୍ୟ ଏକ ହେଲେ ହେଁ ଭାବର ତାରତମ୍ୟ ଥିବାଯୋଗୁଁ ସମସ୍ତେ ନିଜ ନିଜ ଭାବ ସାଧନ କଲେ ସେହି ସେହି ଭାବ ପ୍ରସ୍ଫୁଟିତ ହୋଇଥାଏ । ଉଦାହରଣ ସ୍ୱରୂପ– ଖ୍ରୀଷ୍ଟ ମତର ଚରମାବସ୍ଥାରେ ଯେଉଁ ଭାବ ଲାଭ ହେବାର କଥା, ତାହା ଆମ ଶାକ୍ତ ସଂପ୍ରଦାୟରେ ଲାଭ ହେବ କିପରି ? ବୌଦ୍ଧମତ ଅନୁସାରେ ସାଧନ କଲେ ଶ୍ରୀକୃଷ୍ଣଙ୍କ ଜ୍ଞାନ ଆସିପାରିବ ନାହିଁ । ଯେଉଁ ସଂପ୍ରଦାୟ ଯେଉଁ ଭାବରେ ଗଠିତ, ସେମାନେ ସେହି ଭାବରେ ସାଧନ କରିବା ଆବଶ୍ୟକ । ଏହିଭଳି ଭାବରେ ସେମାନେ ମହାକାରଣକୁ ଗମନ କଲେ, ତେବେ ଯାଇ ସେଠାରେ ଉପନୀତ ହୋଇ ସେହି ଭାବ ଉପଲବ୍ଧି କରିପାରିବେ । ଅତଏବ ଯେଉଁମାନେ ହିନ୍ଦୁ-ମୁସଲମାନ ସମାଜ ଭାଙ୍ଗି, କରିମ୍‌କାଳୀଙ୍କୁ ଏକ କରି ଧର୍ମ ରାଜ୍ୟର ଭାବ ଉଡ଼ାଇଦେବାକୁ ବସିଛନ୍ତି, ସେମାନେ ଏପରି ବ୍ୟଭିଚାରି ଧର୍ମ ଦ୍ୱାରା ଦେଶର, ସମାଜର ତଥା ମାନବର ମହା ଅକଲ୍ୟାଣ ସାଧନ କରୁଛନ୍ତି ।

ଅଭିରୁଚି ଅନୁରୂପ ସାଧନା

ଧର୍ମବିଦ୍ୱେଷ ହେତୁ ଆମେମାନେ ବାସ୍ତବିକ୍ ନରରୂପୀ ପଶୁ ହୋଇ ରହିଛୁ । ଘୃଣାବୃତ୍ତିଦ୍ୱାରା କେବେହେଲେ ଶାନ୍ତିଲାଭ ହୋଇପାରିବ ନାହିଁ । ଯାହା କଲେ ଏହି ଅବଜ୍ଞାଭାବ ଅପନୋଦିତ ହୋଇ ଆମ ହୃଦୟକାନନରୁ ସମୂଳେ ଉତ୍ପାଟିତ ହେବ, ତାହାର ଉପାୟ ବିଧାନ କରିବା ସମସ୍ତଙ୍କର କର୍ତ୍ତବ୍ୟ । ରାମକୃଷ୍ଣଦେବ ତାହାର ପ୍ରମାଣ ଦେଇ ସର୍ବଧର୍ମସମନ୍ୱୟ କରି ଯାଇଅଛନ୍ତି । ''ଯେତେ ମତ, ତେତେ ପଥ ।'' ମୋର ସାଧନପଥ ସତ୍ୟ, ଅନ୍ୟସବୁ ଭ୍ରାନ୍ତ– ଏପରି ଭାବର ବଶବର୍ତ୍ତୀ ହୋଇ ଅନ୍ୟର ନିନ୍ଦା କରିବା କର୍ତ୍ତବ୍ୟ ନୁହେଁ । ସେ ନିଜେ ସାଧକ ହୋଇଥିବାରୁ ତାହାର ମର୍ମ ହୃଦୟଙ୍ଗମ କରି ସର୍ବଧର୍ମର ସାମଞ୍ଜସ୍ୟ ବିଧାନ କରିଥିଲେ । ଯେ ଯେଉଁ ଭାବରେ ଉପାସନା କରନ୍ତି, ତାଙ୍କର ମନୋରଥ ସେହି ଭାବରେ ସିଦ୍ଧ ହୁଏ । ଏହି ସତ୍ୟ ବର୍ତ୍ତମାନ ଧର୍ମବିପ୍ଳବ ଯୁଗରେ ନିତାନ୍ତ ପ୍ରୟୋଜନ । ଏହି ସତ୍ୟ ସମସ୍ତଙ୍କ ପ୍ରାଣରେ ଦୃଢ଼ ନ ହେଲେ ଆମମାନଙ୍କର କାହାରି ହେଲେ ମଙ୍ଗଳ ହେବ ନାହିଁ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନଙ୍କୁ

ଏକାକାର କରି ଖେଚେଡ଼ି ରାନ୍ଧି ସର୍ବଧର୍ମସମନ୍ୱୟ ନାମରେ ଧର୍ମର ବ୍ୟଭିଚାର କରନ୍ତୁ ନାହିଁ ।

କେହି ଯେପରି ପ୍ରଚାରକମାନଙ୍କର ବାକ୍‌ଚାତୁରୀରେ ପ୍ରତାରିତ ନହୁଅନ୍ତି । ଯାହାଙ୍କର ଯହିଁରେ ଅଭିରୁଚି, ସେ ସେହି ଏକ ଭାବରେ ସାଧନ କରନ୍ତୁ; ଅଭୀଷ୍ଟ ସିଦ୍ଧ ହେବ । ଅପର କଥାରେ ନିଜର ଜିନିଷକୁ ଛାଡ଼ି ଅନ୍ୟର ଜିନିଷ ଧରିବା ଉଚିତ ନୁହେଁ । ସମସ୍ତ ଧର୍ମସଂପ୍ରଦାୟକୁ ସମ୍ମାନ ଦେଖାଇ, କୌଣସି ଧର୍ମର ନିନ୍ଦା ନ କରି, କାହାର ଭ୍ରମ ଦେଖାଇବାକୁ ନଯାଇ, ଭାବଘରେ ଚୋରି ନ କରି ନିଜ ନିଜ ଭାବରେ ସାଧନ କଲେ ପରିଶେଷରେ ଏକ ସତ୍ୟରେ ଉପନୀତ ହେବେ; କାରଣ ସବୁ ଧର୍ମ ସତ୍ୟ । ଏହା ହିଁ ପ୍ରକୃତ ସର୍ବଧର୍ମସମନ୍ୱୟ । ଆଉ ସମସ୍ତ ଧର୍ମର ଭାବ ନଷ୍ଟ କରି ମୂଳକୁ ଏକ କରିବାକୁ ଚେଷ୍ଟା କଲେ ଧର୍ମର ବ୍ୟଭିଚାର ଘଟିଥାଏ । ଏକଥା କୌଣସି ଧର୍ମପିପାସୁ ଭୁଲିଯିବା ଉଚିତ ନୁହେଁ । ଧର୍ମପଥର ପ୍ରତ୍ୟେକ ବ୍ୟକ୍ତି ଏହି ସତ୍ୟ ଉପଲବ୍‌ଧି କରି ସ୍ୱଚ୍ଛନ୍ଦରେ, ନିଶ୍ଚିନ୍ତ ମନରେ, ଶାନ୍ତିରେ ଜୀବନର କେତୋଟି ଦିନ ଆନନ୍ଦରେ କଟାଇ ଦିଅନ୍ତୁ । *

* ପୁରାତନ ଆର୍ଯ୍ୟଦର୍ପଣ, ଜ୍ଞାନୀଗୁରୁ ଓ ପ୍ରେମିକଗୁରୁ ଦ୍ରଷ୍ଟବ୍ୟ ।

ଶାକ୍ତ ଓ ବୈଷ୍ଣବମାନଙ୍କ ପ୍ରତି

ଭାରତର ହିନ୍ଦୁ ସମାଜରେ ସାକାର ଉପାସକମାନେ ପ୍ରଧାନତଃ ଶାକ୍ତ, ବୈଷ୍ଣବ, ଶୈବ, ସୌର ଓ ଗାଣପତ୍ୟ— ଏହି ପାଞ୍ଚ ସଂପ୍ରଦାୟରେ ବିଭକ୍ତ । ଏମାନଙ୍କ ମଧ୍ୟରେ ଶାକ୍ତ ଓ ବୈଷ୍ଣବ ସଂପ୍ରଦାୟ ପ୍ରଧାନ । ସୁତରାଂ ଏମାନଙ୍କ ବିଷୟ ଏଠାରେ ଆଲୋଚନା କରିବା ।

ମୋଟ ଉପରେ ଭଗବାନଙ୍କର ସ୍ତ୍ରୀ ମୂର୍ତ୍ତିର ଉପାସକମାନେ ଶାକ୍ତ; କାଳୀ ତାରା ପ୍ରଭୃତି ଏମାନଙ୍କର ଉପାସ୍ୟ ଦେବ୍ବତା । ପୁଣି ଭଗବାନଙ୍କର ପୁରୁଷ ମୂର୍ତ୍ତିର ଉପାସକମାନେ ବୈଷ୍ଣବ; ବିଷ୍ଣୁ, କୃଷ୍ଣ, ରାମ ପ୍ରଭୃତି ଏମାନଙ୍କର ଉପାସ୍ୟ ଦେବତା । ଶାକ୍ତ ଓ ବୈଷ୍ଣମାନଙ୍କ ମଧ୍ୟରେ ବହୁ ଦିନରୁ ବାଦ, ବିବାଦ ଚାଲି ଆସୁଛି । ଉଭୟବାଦୀମାନେ ଆପଣା ଆପଣା ମତରେ ପ୍ରାଧାନ୍ୟ ସଂସ୍ଥାପନ ନିମିତ୍ତ ବହୁ ଯୁକ୍ତି ପ୍ରମାଣ ଦେଖାଇଥାନ୍ତି । ଶାକ୍ତମାନେ କହନ୍ତି— "ଶକ୍ତିଜ୍ଞାନଂ ବିନା ଦେବି ! ମୁକ୍ତିର୍ହାସ୍ୟାୟ କଳ୍ପତେ" – (ତନ୍ତ୍ରବଚନ) ଅର୍ଥାତ୍ ଶକ୍ତିସାଧନ ଭିନ୍ନ ମୁକ୍ତିର ଆଶା ବିଡ଼ମ୍ବନା । ପୁନଶ୍ଚ ବୈଷ୍ଣବମାନେ ଶାସ୍ତ୍ରପୁରାଣ ଦେଖାଇ ଯୁକ୍ତି କରନ୍ତି ଯେ— "ଅନ୍ୟାନ୍ୟ ଜନ୍ମରେ ନାନା ଦେବଦେବୀଙ୍କର ଉପାସନା କରି ପରିଶେଷରେ କୃଷ୍ଣମନ୍ତ୍ରରେ ଦୀକ୍ଷିତ ହେଲେ ଯାଇ ଗୋଟିଏ ଜନ୍ମରେ ମୁକ୍ତିଲାଭ ହୁଏ । ଅର୍ଥାତ୍ ବୈଷ୍ଣବ ହିଁ ଏକମାତ୍ର ମୁକ୍ତିର ଅଧିକାରୀ ।"

ପୃଥିବୀରେ ନାନା ଦେଶର ନାନା ଧର୍ମସଂପ୍ରଦାୟ ନିଜନିଜ ଧର୍ମଭାବରେ ବିଭୋର ହୋଇ ରହିଛନ୍ତି । ତାହାହେଲେ ଏମାନେ କଅଣ ଶାକ୍ତ ଅଥବା ବୈଷ୍ଣବ ନ ହେଲେ ମୁକ୍ତିଲାଭ କରିପାରିବେ ନାହିଁ ? ପରିଧିର ସବୁ ସ୍ଥାନଠାରୁ ବୃତ୍ତର କେନ୍ଦ୍ର ସମଦୂରବର୍ତ୍ତୀ, ଯେତେ ମତ ସେତେ ପଥ । ପ୍ରତ୍ୟେକ ବ୍ୟାସାର୍ଦ୍ଧ ସମାନ । ପରିଧି ବା ବ୍ୟାସାର୍ଦ୍ଧସ୍ଥିତ ବ୍ୟକ୍ତିମାନେ ତାହା ବା କିପରି ଜାଣିବେ ? ତେଣୁ ଜଗତର ସମ୍ପ୍ରଦାୟମାନଙ୍କ ମଧ୍ୟରେ ଏହି ବାଦ ବିବାଦ ଲାଗିରହିଛି । ପ୍ରକୃତ ସାଧୁମାନଙ୍କ ନିକଟରେ କୌଣସି ହିଂସା ଦ୍ୱେଷ ନାହିଁ । ଏମାନେ ଜାଣନ୍ତି, ଶାକ୍ତ ହୁଅନ୍ତୁ ବା ବୈଷ୍ଣବ ହୁଅନ୍ତୁ, ସାଧନାର ଚରମାବସ୍ଥାରେ ଉଭୟ ଗୋଟିଏ ଲକ୍ଷ୍ୟରେ ଉପନୀତ ହେବେ ।

ଶ୍ରେଣୀବିଭାଗ ରହସ୍ୟ

ଏହା ବ୍ୟତୀତ ପଞ୍ଚ ଉପାସକମାନଙ୍କ ମଧ୍ୟରେ ଆହୁରି ଗୂଢ଼ ରହସ୍ୟ ଅଛି । ଏହି ପାଞ୍ଚ ଭାବର ଉପାସକ ପରସ୍ପର ଭିନ୍ନ ନୁହନ୍ତି । ଗୋଟିଏ ଧର୍ମର ତାହା ପାଞ୍ଚଗୋଟି ଶ୍ରେଣୀବିଭାଗ ମାତ୍ର । ସାଧାରଣଙ୍କ ଆଚରିତ ଧର୍ମଠାରୁ ତତ୍ତ୍ୱଜ୍ଞାନୀ, ଦାର୍ଶନିକଙ୍କ ଧର୍ମ ପର୍ଯ୍ୟନ୍ତ ସମସ୍ତ ହିନ୍ଦୁଧର୍ମର ଅଙ୍ଗ । ଗଙ୍ଗା ଯେପରି ସ୍ୱର୍ଗରୁ ଅବତରଣ କରି ଶତଧାରରେ ବିଭକ୍ତ ହୋଇ ପାତାଳରେ ପ୍ରବେଶ କରିଛନ୍ତି, ହିନ୍ଦୁଧର୍ମ ସେହିପରି ନିବୃତ୍ତିପ୍ରମୁଖ ସ୍ୱର୍ଗଦେଶରୁ ବାହାରି ପ୍ରବୃତ୍ତିପ୍ରମୁଖ ଶତ ସଂପ୍ରଦାୟରେ ବିଭକ୍ତ ହୋଇ ଜନସମାଜରେ ପ୍ରବେଶ କରିଅଛି । କିନ୍ତୁ ଏ ସମସ୍ତ ସାଧନପଥର ଲକ୍ଷ୍ୟ ଏକ । ହିନ୍ଦୁଧର୍ମ ସାଧକମାନଙ୍କ ଅଧିକାରାନୁସାରେ ବିଭକ୍ତ ହୋଇଥିବାରୁ ପଞ୍ଚ ଉପାସକଙ୍କର ସାଧନପ୍ରଣାଳୀ ପ୍ରତିଷ୍ଠିତ ହୋଇଅଛି । ତେଣୁ କି ଶାକ୍ତ, କି ବୈଷ୍ଣବ, କି ସୌର ବା କି ଗାଣପତ୍ୟ– ହିନ୍ଦୁଧର୍ମର ଲୋକେ ନିଜ ନିଜ ଧର୍ମ ସାଧନପଥରେ ଆପଣା ଗୁରୁଙ୍କ ଉପଦେଶ ଅନୁସାରେ ସାଧନ କରି ଚିତ୍ତଶୁଦ୍ଧି ଲାଭକରିଥାନ୍ତି । ଚିତ୍ତଶୁଦ୍ଧି ନ ହେଲେ ସାମ୍ପ୍ରଦାୟିକ ଧର୍ମର ଊର୍ଦ୍ଧ୍ୱକୁ କେହି ଉଠିପାରିବେ ନାହିଁ । ଉଚ୍ଚ ଆଦର୍ଶକୁ ଉଠିଲେ ତେବେ ଯାଇ ହିନ୍ଦୁଧର୍ମର ଉଚ୍ଚଦେଶରେ ପହଞ୍ଚି ପାରିବେ । ଏହି ଉଚ୍ଚଦେଶ ହିନ୍ଦୁଧର୍ମର ପରମ ନିବୃତ୍ତି ପଥ ବା ସନ୍ନ୍ୟାସ ଧର୍ମ । ସନ୍ନ୍ୟାସଧର୍ମ ବ୍ରହ୍ମଚିନ୍ମୟତା ଭିନ୍ନ ଅନ୍ୟ କିଛି ନୁହେଁ । ସେହି ସନ୍ନ୍ୟାସ ଧର୍ମରେ ପହଞ୍ଚି ବିଭିନ୍ନ ସାମ୍ପ୍ରଦାୟିକ ସାଧକମାନେ ଏକ ହୋଇ ଯାଆନ୍ତି । ଏହିପରି କ୍ଷୁଦ୍ର ଆକାଶ ମହାକାଶରେ ମିଶିଯାଏ, କ୍ଷୁଦ୍ର ନଦୀ ଅନନ୍ତସାଗରରେ ବିଲୀନ ହୁଏ । ଏହି ଚଡ଼ାଦେଶର ଅନନ୍ତ ଆକାଶରେ 'କେବଳ ଏକମେବାଦ୍ୱିତୀୟଂ ।'

ଅତଏବ ବୈୟାକରଣିକ ଅର୍ଥ ଅନୁସାରେ ଶାକ୍ତ ବା ବୈଷ୍ଣବ ଶକ୍ତି ଉପାସକ ବା ବିଷ୍ଣୁ ଉପାସକ ହୋଇପାରନ୍ତି; କିନ୍ତୁ ପ୍ରକୃତ ଧର୍ମର ମର୍ମ ତାହା ନୁହେଁ । ଏହା ହିନ୍ଦୁଧର୍ମର ସାଧନପଥର ସ୍ତରବିଭାଗ ମାତ୍ର । ଜୀବ ଯେତେ ଦିନଯାଏ ମାୟାର ଅଧୀନ ଥାଏ, ରୂପ-ରସ-ଗନ୍ଧ-ଶବ୍ଦ ସ୍ପର୍ଶରେ ଯେତେଦିନ ଯାଏ ମୋହିତ ହୋଇଥାଏ, ବାସନା କାମନାର ଦାସ ହୋଇଥାଏ, ସେତେ ଦିନ ପର୍ଯ୍ୟନ୍ତ ସେ ଶାକ୍ତ । ପୁଣି ଯେତେବେଳେ ସାଧନା ଦ୍ୱାରା ପ୍ରକୃତିକୁ ବଶୀଭୂତ କରି ନିଶ୍ଚିନ୍ତ ମନରେ ପ୍ରେମରାଜ୍ୟକୁ ଗମନ କରେ, ସେତେବେଳେ ସେ ବୈଷ୍ଣବ । ଅତଏବ ସାଧକ ଶକ୍ତି ଉପାସକ କିମ୍ବା ବିଷ୍ଣୁ ଉପାସକ ନ ହେଲେ ମଧ୍ୟ ସାଧନାର ସ୍ତରଭେଦରେ ଶାକ୍ତ ଅଥବା ବୈଷ୍ଣବ ଆଖ୍ୟା ପ୍ରାପ୍ତ ହୁଅନ୍ତି । ଏହିପରି ଭାବରେ ଯେଉଁ ମନ୍ତ୍ରରେ ଉପାସନା କରାଗଲେ ମଧ୍ୟ ସାଧନାର ସ୍ତର

ଭେଦରେ କ୍ରମେ ଶୈବ ଶାକ୍ତ ଆଦି ନାମରେ ସାଧକ ଅଭିହିତ ହୁଅନ୍ତି । ମହାଦେବଙ୍କ ଦୃଷ୍ଟାନ୍ତ ଦ୍ୱାରା ଏ ବିଷୟଟି ବୁଝାଇବାକୁ ଚେଷ୍ଟା କରିବା ।

ଶକ୍ତିଜ୍ଞାନ ଆୟତ୍ତ କରିବା

ମହାଦେବ ଯେତେବେଳେ ଦାକ୍ଷାୟଣୀଙ୍କୁ ବିବାହ କରି ସଂସାର କରୁଥିଲେ, ସେତେବେଳେ ସେ ପୂର୍ଣ୍ଣ ଶାକ୍ତ । ତତ୍‌ପରେ ଯେତେବେଳେ ଦକ୍ଷଯଜ୍ଞ ଉପସ୍ଥିତ ହେଲା, ମହାଦେବ ସତୀଙ୍କୁ ବିନା ନିମନ୍ତ୍ରଣରେ ପିତ୍ରାଳୟକୁ ଯିବାକୁ ବାରଣ କଲେ । କିନ୍ତୁ ସତୀ ଶିବ ବାକ୍ୟ ଅଗ୍ରାହ୍ୟ କରି ଦକ୍ଷାଳୟକୁ ଯାଇ ପ୍ରାଣତ୍ୟାଗ କଲେ । ସେତେବେଳେ ଶିବ ବୁଝିଲେ ଯେ ପ୍ରକୃତି ତାଙ୍କର ବଶୀଭୂତା ନୁହନ୍ତି । କର୍ତ୍ତବ୍ୟ ବୋଧକଲେ ସେ ଅକ୍ଳେଶରେ ସବୁ ବନ୍ଧନ ଛିନ୍ନ କରିଦେଇପାରନ୍ତି । ସେତେବେଳେ ଯାଇ ସେ ପ୍ରକୃତ ଶକ୍ତିଙ୍କୁ ଚିହ୍ନିପାରିଲେ । ତାଙ୍କର ଶକ୍ତିଜ୍ଞାନ ଜାତ ହେଲା । ଶକ୍ତିଜ୍ଞାନ ଉଦୟ ହେବା ମାତ୍ରେ ସେ ମହାଯୋଗରେ ନିମଗ୍ନ ହେଲେ ।

ଏଣେ ଦାକ୍ଷାୟଣୀ ହିମାଳୟ ଗୃହରେ ଗୌରୀ ରୂପରେ ଜନ୍ମଗ୍ରହଣ କରି ଶିବଙ୍କୁ ପତି ଭାବରେ ପାଇବା ପାଇଁ ତାଙ୍କର ସେବା କରିବାକୁ ଲାଗିଲେ । ଶିବ କିନ୍ତୁ ଭ୍ରୂକ୍ଷେପ କଲେ ନାହିଁ । ଯେଉଁ ଶିବ ଦିନେ ସତୀଙ୍କର ମୃତ ଦେହକୁ ସ୍କନ୍ଧରେ ବହନ କରି ତ୍ରିଲୋକ ଭ୍ରମଣ କରୁଥିଲେ, ସେହି ଶିବ ଆଜି ସେହି ସତୀଙ୍କୁ, ସେହି ହରାଇଥିବା ଧନକୁ ପୁନଃପ୍ରାପ୍ତ ହୋଇ ମଧ୍ୟ ତାଙ୍କ ଆଡ଼କୁ ଟିକିଏ ଦୃକ୍‌ପାତ ମଧ୍ୟ କଲେ ନାହିଁ । ସେତେବେଳେ ଗୌରୀଦେବୀ ଦେବତାମାନଙ୍କ ସାହାଯ୍ୟରେ ମନ୍ମଥଙ୍କଦ୍ୱାରା ଶିବଙ୍କର ଧ୍ୟାନଭଙ୍ଗ କରିବାକୁ ଚେଷ୍ଟା କଲେ । ମାତ୍ର ଶିବଙ୍କର କଟାକ୍ଷରେ ମଦନ ଭସ୍ମୀଭୂତ ହେଲା । ଆଜି ଶିବ ବୈଷ୍ଣବ ହେଲେ । ତେଣୁ ମହାଦେବଙ୍କୁ ପରମ ବୈଷ୍ଣବ ବୋଲି କୁହାଯାଏ ।

ଶାକ୍ତ ମାୟାର ଅଧୀନ ଏବଂ ମାୟା ବୈଷ୍ଣବଙ୍କର ଅଧୀନ । ବୈଷ୍ଣବଙ୍କ ନିକଟରେ ପ୍ରକୃତି ମାୟା ବିସ୍ତାର କରନ୍ତି ନାହିଁ; ବରଂ ଲଜ୍ଜାରେ ନତମୁଖୀ ହୋଇ ପଳାୟନ କରନ୍ତି । କିନ୍ତୁ ମାୟା ଶାକ୍ତଙ୍କ ସମ୍ମୁଖରେ ରୂପ, ରସ, ଗନ୍ଧ, ସ୍ପର୍ଶର ହାଟ ବସାଇ ତାଙ୍କୁ ଭୁଲାଉଥାଏ । ଏହି ମାୟାକୁ ଯେ ସାଧନା ଦ୍ୱାରା ବଶୀଭୂତ କରିଛନ୍ତି, କିମ୍ବା ତାଙ୍କ କୃପାଲାଭ କରିଛନ୍ତି ଏବଂ କାମକୁ ଭସ୍ମୀଭୂତ କରିଛନ୍ତି, ତାଙ୍କୁ ହିଁ ବୈଷ୍ଣବ କୁହାଯାଏ । ଏହି କାରଣରୁ ରାମପ୍ରସାଦ, ପରମହଂସ-ରାମକୃଷ୍ଣ ଶକ୍ତି ସାଧକ ହେଲେ ମଧ୍ୟ ପରମ ବୈଷ୍ଣବ ।

ପୁଣି ଯେଉଁସବୁ ବିଷ୍ଣୁ-ଉପାସକମାନଙ୍କର ବର୍ଷକୁ ବର୍ଷ ସନ୍ତାନ ଜାତ ହୁଏ, ଯେଉଁମାନେ ବିଷୟ-ବିଷ-ବିଦଗ୍ଧ ଚିତ୍ତରେ ସଂସାର-ପ୍ରଲୋଭନରେ ପଡ଼ି ସିଙ୍ଗିବୁଡ଼ା ଖାଉଥାନ୍ତି, ସେମାନେ ଘୋର ଶାକ୍ତ । ବୈଷ୍ଣବୀନାମ୍ନୀ ବାରବିଳାସିନୀ ବ୍ୟତୀତ ଯେଉଁମାନଙ୍କର ସାଧନ ହୁଏ ନାହିଁ, କେଉଁ ମୂର୍ଖ ସେମାନଙ୍କୁ ବୈଷ୍ଣବ ବୋଲି କହିବ ? ପୁଣି ଯେଉଁ ବ୍ୟକ୍ତି ପ୍ରକୃତିର ଜ୍ୱଳନ୍ତ କବଳରୁ ରକ୍ଷା ପାଇଛନ୍ତି, ସେ ଶକ୍ତି ଉପାସକ ହେଲେ ମଧ୍ୟ ବୈଷ୍ଣବ ପଦବାଚ୍ୟ । ଶକ୍ତି ଉପାସକ ଯଦି ଶାକ୍ତ ହୋଇଥାନ୍ତେ, ତେବେ ହ୍ଲାଦିନୀ ଶକ୍ତି ରାଧାଙ୍କର ଉପାସକ ପରମ ଭାଗବତ୍ ଶୁକଦେବ ଗୋସ୍ୱାମୀ ମଧ୍ୟ ଶାକ୍ତ ହୋଇଥାନ୍ତେ । କିନ୍ତୁ ସମସ୍ତେ ତାଙ୍କୁ ପରମ ବୈଷ୍ଣବ ବୋଲି କହିଥାନ୍ତି । ଏହି ହେତୁରୁ ରାମପ୍ରସାଦ ମଧ୍ୟ ପରମ ବୈଷ୍ଣବ । ରାମପ୍ରସାଦ ଯେଉଁଦିନ ଗାଇଲେ—

ସଂସାରେ ସବୁ ମାଆର ଖେଳା
ତାର ଆପ୍ତ ଭବେ ଗୁପ୍ତଲୀଳା ।
ସଗୁଣ ନିର୍ଗୁଣେ ବିବାଦ ଯୋଗାଡ଼ି,
ଟେଲାମାରି ସେ ତ ଭାଙ୍ଗୁଚି ଟେଲା ।
ସେ ତ ସକଳ କର୍ମେ ସମାନ ରାଜି,
ରାଜି ନୁହେଁ ଖାଲି କାମର ବେଳା ।

ସେତେବେଳେ ଜଣାଗଲା ଯେ ରାମପ୍ରସାଦ ଶାକ୍ତ । ସେ ମାୟାକୁ ଜାଣିଛନ୍ତି । ଆଉ ମାୟା ତାଙ୍କୁ ବନ୍ଦୀ କରି ପାରିବ ନାହିଁ । ପୁଣି ଯେତେବେଳେ ଶୁଣାଗଲା—

ଭାବ ଘରେ ବାସ ତାର
ଭାବ ଅଭାବରେ ଧରିବାକୁ ତାରେ
ଶକତି ନାହିଁ କାହାର ।
ନ ମିଳେ ଦର୍ଶନ ଷଡ଼ ଦର୍ଶନେ
ଆଗମ ନିଗମ ତନ୍ତ୍ର ସାରେ
ଭକ୍ତି ରସର ରସିକ ସେ ଯେ
ସଦାନନ୍ଦେ ବିରାଜ କରେ ।

ସେତେବେଳେ ଆଉ ସନ୍ଦେହ ରହିଲା ନାହିଁ, ଆମେମାନେ ରାମପ୍ରସାଦଙ୍କୁ ସେହିଦିନଠାରୁ ବୈଷ୍ଣବ ବୋଲି ଜାଣିପାରିଲୁ ।

ବୈଷ୍ଣବ ପ୍ରକୃତିଜୟୀ

ପାଠକ ! ବର୍ତ୍ତମାନ ଥରେମାତ୍ର ଭାବି ଦେଖନ୍ତୁ, ଶାକ୍ତ ଓ ବୈଷ୍ଣବଙ୍କ ମଧ୍ୟରେ ପ୍ରଭେଦ କେଉଁଠାରେ ଏବଂ ସମାଜର ଶକ୍ତିଉପାସକ କେଉଁମାନେ ? ଯେକୌଣସି ଦେବତାଙ୍କର ଉପାସକ ହେଲେ ମଧ୍ୟ ମୁସଲମାନ, ଖ୍ରୀଷ୍ଟିଆନ୍ ପ୍ରଭୃତିଙ୍କୁ ସୁଦ୍ଧା ଶାକ୍ତ ବା ବୈଷ୍ଣବ କୁହାଯାଇପାରେ । ଅତଏବ ବିଷ୍ଣୁ ଉପାସକ ମାତ୍ରେ ବୈଷ୍ଣବ ନୁହନ୍ତି । ପୃଥିବୀରେ ଯେ କୌଣସି ଜାତିର ବ୍ୟକ୍ତି ହେଲେ ମଧ୍ୟ ଯେ ସାଧନାର ଉଚ୍ଚସ୍ତରରେ ଅଧିରୋହଣ କରି ପ୍ରକୃତିର ଜ୍ୱଳନ୍ତ ବାହୁର ଆକର୍ଷଣ ଏଡ଼ି ପାରିଛନ୍ତି, ମୁଁ ତାଙ୍କୁ ଉଚ୍ଚକଣ୍ଠରେ ବୈଷ୍ଣବ ବୋଲି ଅଭିହିତ କରିବି ।

ପୁଣି ବର୍ତ୍ତମାନ ସମାଜର ବିଷ୍ଣୁ ଉପାସକମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଘୋର ଶାକ୍ତ ବୋଲି କହିବାକୁ ମୁଁ ଦ୍ୱିଧାବୋଧ କରିବି ନାହିଁ । ଜନୈକ ସାଧକ କବି କହିଛନ୍ତି— ମୁହଁରେ କହିଲେ କେହି ଭକ୍ତ ହୋଇଯାନ୍ତି ନାହିଁ, ଭକ୍ତ ହେବାକୁ ଗଲେ ପ୍ରଥମେ ଶାକ୍ତ ହେବାକୁ ପଡ଼େ ।

ହେ ଭାଇ ଶାକ୍ତ ଓ ବୈଷ୍ଣବ ! ତୁମେମାନେ ନିଜ ନିଜ ସାଂପ୍ରଦାୟିକ ଅନ୍ଧ ବିଶ୍ୱାସ ଭୁଲି ଥରେ ସମାହିତ ଚିତ୍ତରେ ଚିନ୍ତା କର; ତାହାହେଲେ ଉପରୋକ୍ତ ବାକ୍ୟର ସତ୍ୟତା ଉପଲବ୍ଧି କରିପାରିବ । ତୁମେମାନେ କ'ଣ ମନେ କରୁଛ ଯେ ଚୋର, ବଦମାସ, ଲମ୍ପଟ ଯେ କେହି ହୁଅନ୍ତୁ, ସେମାନେ ଶକ୍ତି ମନ୍ତ୍ର ବା ବିଷ୍ଣୁ ମନ୍ତ୍ରରେ ଦୀକ୍ଷାନେଲେ ମୁକ୍ତି ପାଇଯିବେ ? ତୁମେମାନେ ପରସ୍ପର କହିଥାଅ ଯେ, ଯେକୌଣସି ବ୍ୟକ୍ତି ଶାକ୍ତ ବା ବୈଷ୍ଣବ ହେଲେ ମୁକ୍ତିଲାଭ କରିବେ । କିନ୍ତୁ ଟିକିଏ ଗଭୀର ଭାବରେ ଚିନ୍ତା କଲେ ତୁମ କଥାର ଅସାରତା ବୁଝିପାରିବ । ଯଦି ଶାକ୍ତ ବା ବୈଷ୍ଣବ ଅର୍ଥରେ ଉପରୋକ୍ତ ଭାବ ତୁମେମାନେ ଗ୍ରହଣ କର, ତାହାହେଲେ ସବୁ ବିବାଦ ତୁଟିଯିବ । ଶାସ୍ତ୍ର ବାକ୍ୟର ମର୍ଯ୍ୟାଦା ରକ୍ଷା ହେବ । ତାହା ନ ହେଲେ ତୁମମାନଙ୍କର ପ୍ରଳାପୋକ୍ତି କେହି ଗ୍ରାହ୍ୟ କରିବେ ନାହିଁ । ବାସ୍ତବିକ ବୈଷ୍ଣବ ହିଁ ମୁକ୍ତିର ଅଧିକାରୀ । ବୈଷ୍ଣବମାନଙ୍କ ଭିନ୍ନ ଅନ୍ୟ କେହି ମୁକ୍ତିଲାଭ କରିପାରନ୍ତି ନାହିଁ । କିନ୍ତୁ ବିଷ୍ଣୁ ଉପାସକଙ୍କୁ ବୈଷ୍ଣବ ବୋଲି କହିଲେ ସେ କଥାରେ କେହି ଆସ୍ଥା ସ୍ଥାପନ କରିବେ ନାହିଁ । ପୁଣି ଶକ୍ତିକୁ ଯେ ପ୍ରକୃତରେ ଚିହ୍ନି ତାର ବାହୁବନ୍ଧନ ଛେଦନ କରିଛନ୍ତି, ସେହି କେବଳ ବୈଷ୍ଣବ । ସେ ଯେକୌଣସି ଜାତି କିମ୍ବା ଯେକୌଣସି ଉପାସକ ହୁଅନ୍ତୁ ପଛକେ, ସେହି ବୈଷ୍ଣବ ହିଁ ମୁକ୍ତିର ଅଧିକାରୀ । ମୁଁ ମଧ୍ୟ ସେହି ବୈଷ୍ଣବଙ୍କର ପଦରଜ ଭିଖାରି ।

.ପ୍ରେମଭକ୍ତି ସାଧ

ମହାପ୍ରଭୁ ଚୈତନ୍ୟଦେବ ଯେଉଁ ଭକ୍ତିପ୍ରଧାନ ବୈଷ୍ଣବଧର୍ମ ପ୍ରଚାର କରିଛନ୍ତି, ତାହାର ଭିତ୍ତି ଦର୍ଶନ ଉପରେ ପ୍ରତିଷ୍ଠିତ । ଚୈତନ୍ୟଦେବ ପ୍ରଥମେ ଷଡ଼ଦର୍ଶନ ପାଠକରି ପରେ ଭାଗବତ ପାଠ କରିଥିଲେ । ଭାଗବତ ପାଠ ପରେ ସେ ବୈଷ୍ଣବଧର୍ମ ପ୍ରଚାର କଲେ । ଭକ୍ତି ନଅପ୍ରକାର— ଆଉ ତାର ଚଉଷଠି ପ୍ରକାର ଅଙ୍ଗ ଅଛି । ଚୈତନ୍ୟ-ଦେବଙ୍କର ଯେତେ ଭକ୍ତ ଥିଲେ ସେମାନେ ଜଣେ ଜଣେ ଗୋଟିଏ ଗୋଟିଏ ପ୍ରକାରର ଭକ୍ତ ଏବଂ ସେମାନେ ଗୋଟିଏ ଗୋଟିଏ ପ୍ରକାର ଭାବର ସାଧନା କରିଛନ୍ତି । ଗୌରାଙ୍ଗଦେବ ଯେଉଁ ସମୟରେ ଜନ୍ମଗ୍ରହଣ କରିଥିଲେ, ସେ ସମୟରେ ଭାରତବର୍ଷ ବିଦ୍ୟା ଓ ଜ୍ଞାନ ଚର୍ଚ୍ଚାରେ ଖୁବ୍ ଉନ୍ନତ ଥିଲା । ବିଶେଷତଃ ନବଦ୍ୱୀପ ଜ୍ଞାନ ଆଲୋଚନାର କେନ୍ଦ୍ର ଥିଲା । ପ୍ରକାଶାନନ୍ଦ ସରସ୍ୱତୀ, ବାସୁଦେବ ସାର୍ବଭୌମ ପ୍ରଭୃତି ଯେଉଁମାନେ ଚୈତନ୍ୟଦେବଙ୍କ ମତ ଗ୍ରହଣ କରିଥିଲେ, ସେମାନେ ଭାରତ ବିଜୟୀ ଅଦ୍ୱିତୀୟ ପଣ୍ଡିତ ଥିଲେ ।

ଚୈତନ୍ୟଦେବଙ୍କୁ ଯଦି ଆମେ ଅବତାର ବୋଲି ମନେ ନ କରି ଜଣେ ମହାପୁରୁଷ ବୋଲି ଗ୍ରହଣ କରୁ, ତାହାହେଲେ ମଧ୍ୟ ଆମେ ତାଙ୍କ ପ୍ରେମଭକ୍ତି ବହୁ ପରିମାଣରେ ଗ୍ରହଣ କରିପାରୁ; କାରଣ ଭଗବାନ ସର୍ବଶକ୍ତିଶାଳୀ, ତାଙ୍କ ଦ୍ୱାରା ସବୁ ସମ୍ଭବ । ସେଥିପାଇଁ ସେ ଏପରି ପ୍ରେମଭକ୍ତି ଦେଖାଇ ପାରିଥିଲେ । ଆମେ ସାଧାରଣ ମନୁଷ୍ୟ, ଆମମାନଙ୍କର ଏପରି ପ୍ରେମଭକ୍ତି ହେବା ସମ୍ଭବ ନୁହେଁ— ଏହିଭଳି ଭାବିଲେ ଆମେ ହତାଶ ହୋଇପଡୁ । ପୁଣି ଆମେମାନେ ଯଦି ମନେ କରୁ, ସେ ତ ମନୁଷ୍ୟ ଓ ଆମେ ମଧ୍ୟ ମନୁଷ୍ୟ, ତାଙ୍କର ଯଦି ଏପରି ହୋଇପାରେ, ଆମର ନ ହେବ ବା କାହିଁକି ? ତାହାହେଲେ ସେଭଳି ପ୍ରେମଭକ୍ତି ଯେପରି ଲାଭ ହେବ, ଆମେ ତାହାର ଚେଷ୍ଟା କରିବୁଁ ।

ଜ୍ଞାନ ପ୍ରେମର୍ ମିଳନ

ସତ୍, ଚିତ୍, ଆନନ୍ଦ ହିଁ ବ୍ରହ୍ମଙ୍କର ସ୍ୱରୂପ । ଭଗବାନଙ୍କୁ ପରିପୂର୍ଣ୍ଣ ରୂପରେ ଉପଲବ୍ଧି କରିବାକୁ ହେଲେ, ତାଙ୍କର ଏହି ତିନୋଟି ଭାବକୁ ଉପଲବ୍ଧି କରିବାକୁ ହେବ । କେବଳ ଜ୍ଞାନୀ ହେଲେ ତାଙ୍କୁ ସଂପୂର୍ଣ୍ଣଭାବରେ ଉପଲବ୍ଧି କରିପାରିବ ନାହିଁ

କିମ୍ବା କେବଳ ଭକ୍ତ ହେଲେ ସମ୍ପୂର୍ଣ୍ଣ ରୂପରେ ତାଙ୍କୁ ବୁଝିପାରିବ ନାହିଁ । ଯେ କେବଳ ଜ୍ଞାନୀ, ସେ ଭଗବାନଙ୍କର ଚିତ୍ ଅଂଶଟି କେବଳ ବୁଝିପାରିବେ; ଆନନ୍ଦ ଅଂଶକୁ ଉପଲବ୍ଧି କରି ପାରିବେ ନାହିଁ । ସୁତରାଂ ଏପରି କୌଣସି ସାଧକଙ୍କ ଜୀବନ ପୂର୍ଣ୍ଣ ନୁହେ । କିନ୍ତୁ ତୁମମାନଙ୍କ ମଧ୍ୟରେ ଜ୍ଞାନ ପ୍ରେମର ମିଳନ କରିବାକୁ ହେବ । ଯଦି ତୁମେମାନେ ଆଚାର୍ଯ୍ୟ ଶଙ୍କରଙ୍କ ଜ୍ଞାନ ଓ ମହାପ୍ରଭୁ ଗୌରାଙ୍ଗଦେବଙ୍କ ପ୍ରେମଭକ୍ତି ଲାଭ କରିପାରିବ, ତାହାହେଲେ ତୁମମାନଙ୍କର ଜନ୍ମ ସାର୍ଥକ ଓ ପରିପୂର୍ଣ୍ଣ ହେବ, ତୁମମାନଙ୍କ ଜୀବନ ମଧୁମୟ ହୋଇଯିବ ଏବଂ ତୁମେମାନେ କୃତକୃତ୍ୟ ହୋଇଯିବ । ଯେପରି ଗଙ୍ଗା ଯମୁନାର ବିଭିନ୍ନ ଧାରା ପ୍ରୟାଗରେ ଆସି ମିଳିତ ହେଲାପରେ ତାର ପରବର୍ତ୍ତୀ ଦେଶର ଲୋକମାନେ ଗୋଟିଏ ତୁଠରେ ଉଭୟ ନଦୀର ଜଳ ବ୍ୟବହାର କରି ପରିତୃପ୍ତ ହେଉଛନ୍ତି, ସେହିପରି ଜ୍ଞାନାବତାର ଶଙ୍କରାଚାର୍ଯ୍ୟଙ୍କ ଏବଂ ପ୍ରେମାବତାର ଗୌରାଙ୍ଗଦେବଙ୍କ ପରବର୍ତ୍ତୀ ଜନଗଣ ଉତ୍ତରାଧିକାରୀ ସୂତ୍ରରେ, ସ୍ୱାଭାବିକ ଭାବରେ ଏ ଉଭୟଙ୍କ ଜ୍ଞାନ ପ୍ରେମ ଲାଭକରି ପରିତୃପ୍ତ ହେବାର ଅଧିକାରୀ ହୋଇପାରିଛନ୍ତି । ସୁତରାଂ ତୁମେମାନେ କୌଣସି ସାଂପ୍ରଦାୟିକ ସଂସ୍କାରରେ ଚିତ୍ତକୁ ସଙ୍କୁଚିତ ନ କରି ଉଦାର ଭାବରେ ଚିତ୍ତକୁ ଭଗବନ୍ମୁଖୀ କରି ରଖ, ସହଜରେ ଜ୍ଞାନ ଓ ପ୍ରେମଲାଭ କରିପାରିବ ।

ଜ୍ଞାନ ଓ ପ୍ରେମର ମିଳନ ନିମିତ୍ତ ସାରସ୍ୱତ ମଠରେ ମୁଁ ଜଗଦ୍‌ଗୁରୁଙ୍କର ଆସନ ପ୍ରତିଷ୍ଠା କରିଛି । ଶଙ୍କରାଚାର୍ଯ୍ୟଙ୍କ ଆସନ ଜ୍ଞାନର ଆସନ । ଗୌରାଙ୍ଗଦେବଙ୍କ ଆସନ ପ୍ରେମର ଆସନ । କିନ୍ତୁ ବାହ୍ୟତଃ ଜ୍ଞାନ ପ୍ରେମର ଆସନ ପୃଥକ୍ ହେଲେ ମଧ୍ୟ ତୁମମାନଙ୍କ ଭିତରେ ଉଭୟର ମିଳନ କରିବାକୁ ହେବ ।

ଆଚାର୍ଯ୍ୟ ଶଙ୍କରଙ୍କ ମତ, ଗୌରାଙ୍ଗଦେବଙ୍କ ପଥ

ଶଙ୍କରାଚାର୍ଯ୍ୟଙ୍କ ବେଦାନ୍ତ ଖୁବ୍ ଉଦାର ସତ; କିନ୍ତୁ ତାର ପ୍ରଚାରପଥ ଥିଲା ସଂକୀର୍ଣ୍ଣ, କେବଳ ଉଚ୍ଚବର୍ଣ୍ଣଙ୍କ ମଧ୍ୟରେ ସୀମାବଦ୍ଧ । ଗୌରାଙ୍ଗଦେବଙ୍କ ମତ ସଂକୀର୍ଣ୍ଣ, ଅର୍ଥାତ୍ ସମସ୍ତଙ୍କୁ ରାଧାକୃଷ୍ଣ ଉପାସନା କରିବାକୁ ହେବ । କିନ୍ତୁ ତାଙ୍କର ପ୍ରଚାର ପଥ ଥିଲା ଖୁବ୍ ଉଦାର, ବ୍ରାହ୍ମଣେତର ଜାତି ମଧ୍ୟରେ ତାହା ବ୍ୟାପ୍ତ । ମୁଁ ଏହି ଉଭୟ ମତର ସାମଞ୍ଜସ୍ୟ କରି ସାରସ୍ୱତମଠ ପ୍ରତିଷ୍ଠା କରିଛି । ମୁଁ ଏହି ଭାବରେ ତୁମମାନଙ୍କୁ ପରିଚାଳିତ କରିବି । ଏହାହିଁ ମୋର ପ୍ରଚାରିତ ଶଙ୍କରଙ୍କ ମତ ଓ ଗୌରାଙ୍ଗଙ୍କ ପଥ । ଏହି ଭାବ, ଏହି ମତ ହିଁ ମୋ ମଠର ଆଦର୍ଶ ଓ ବୈଶିଷ୍ଟ୍ୟ ।

ମୁଁ ମଠରେ ଯଦି କୌଣସି ମୂର୍ତ୍ତି ପ୍ରତିଷ୍ଠା କରିଥାନ୍ତି, ଦେଶର ସଂସ୍କାର ଅନୁଯାୟୀ ହୁଏତ କୃଷ୍ଣମୂର୍ତ୍ତି ବା ଶକ୍ତି ମୂର୍ତ୍ତିର ପ୍ରତିଷ୍ଠା କରିଥାନ୍ତି । ସେଥିରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିଶେଷ ଭାବରେ ଉପକୃତ ହେଲେ ମଧ ସବୁ ସମ୍ପ୍ରଦାୟ ସମାନ ଭାବରେ ଉପକୃତ ହୋଇ ପାରନ୍ତେ ନାହିଁ । କିନ୍ତୁ ମୁଁ ଯେଉଁ ମୂର୍ତ୍ତିହୀନ ଗୁରୁବ୍ରହ୍ମଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଛି, ସେଥିରେ ସବୁ ସଂପ୍ରଦାୟର ଲୋକେ ଉପକୃତ ହୋଇପାରିବେ । ଅଥଚ ନିଜ ନିଜ ଭାବଅନୁଯାୟୀ ଧ୍ୟାନଧାରଣାରେ କୌଣସି ଅସୁବିଧା ହେବ ନାହିଁ । କାରଣ ଶ୍ରୀଗୁରୁଦେବଙ୍କ ଆସନରେ ସମସ୍ତେ ନିଜ ନିଜର ଇଷ୍ଟ ଦେବଦେବୀଙ୍କୁ ଧ୍ୟାନ କରିପାରନ୍ତି । ତୁମେମାନେ କୌଣସି ସମ୍ପ୍ରଦାୟର ସଂସ୍କାର ରଖ ନାହିଁ । କିନ୍ତୁ ସମ୍ପ୍ରଦାୟର ଯାହା ପ୍ରାପ୍ୟ, ତୁମେମାନେ ତାହା ଲାଭ କରିପାରିବ । ଅସଂପ୍ରଦାୟିକ ଭାବରେ ଧର୍ମପ୍ରଚାର ମୋର ଅନ୍ୟତମ ଉଦ୍ଦେଶ୍ୟ । ମୋ ଭିତରେ ସବୁ ଭାବ ଅଛି । ତୁମେମାନେ ସମୟ ହେଲାକ୍ଷଣି ଅଧିକାର ଅନୁଯାୟୀ ଯେ ଯାହାର ଭାବ ଲାଭ କରିପାରିବ । ସଦ୍‌ଗୁରୁଙ୍କ ନିକଟରୁ କେହି ବିମୁଖ ହୋଇ ଫେରିବେ ନାହିଁ । ଏହାହିଁ ସଦ୍‌ଗୁରୁଙ୍କ ବିଶେଷତ୍ୱ ।

ଭଗବାନ ଅନନ୍ତ । ତାଙ୍କର କୌଣସି ରୂପ ନାହିଁ, ତେବେ ସାଧକଙ୍କ ଭାବ ଅନୁସାରେ ସେ ତତ୍ତ୍ୱମୟ, ଜ୍ଞାନମୟ, ଭାବମୟ ଦେହ ଧାରଣ କରନ୍ତି । ଦେହ ଦେହୀ ଏକ ସ୍ୱରୂପ ଏବଂ ସଚ୍ଚିଦାନନ୍ଦଘନ ଅବସ୍ଥା, ସେଥିରେ ଉପାଦାନଗତ କୌଣସି ଭେଦ ନାହିଁ ।

ଆମ ଦେଶରେ ଯେଉଁସବୁ ମୂର୍ତ୍ତିପୂଜା ହୁଏ, ତାହା ସାଧାରଣତଃ ଦୁଇ ପ୍ରକାର । କେତେଗୁଡ଼ିଏ ଭାବମୟୀ ମୂର୍ତ୍ତି— ଯେପରି ରାଧାକୃଷ୍ଣ; ପୁଣି କେତେଗୁଡ଼ିଏ ତତ୍ତ୍ୱମୟୀ— ଯେପରି କାଳୀମୂର୍ତ୍ତି । କାଳୀଙ୍କର ଯେଉଁ ମୂର୍ତ୍ତିରେ ପ୍ରତିମା ନିର୍ମାଣ ହୁଏ, ବାସ୍ତବିକ କାଳୀଙ୍କର ମୂର୍ତ୍ତି ସେପରି ନୁହେଁ । ଏହା କେତେଗୁଡ଼ିଏ ତତ୍ତ୍ୱର ପ୍ରତୀକ ମାତ୍ର । ଯେପରି ବିରାଟ ପୃଥିବୀର ଆକାର ଗୋଟିଏ ମାନଚିତ୍ରରେ ଅଙ୍କିତ ହୋଇ ପୃଥିବୀର ଧାରଣା ଦିଆଯାଏ, ଅଥଚ ପୃଥିବୀର ଆକାର ଏହି ମାନଚିତ୍ର ପରି ନୁହେଁ, ଗୋଟିଏ ଧାରଣା ଦେବାନିମିତ୍ତ ଏପରି ହୋଇଥାଏ । ସେହିପରି ତତ୍ତ୍ୱମୟୀ ମୂର୍ତ୍ତି, ତତ୍ତ୍ୱର ମାନଚିତ୍ର ମାତ୍ର । ଭଗବାନଙ୍କୁ ସାଧକମାନେ ସଚ୍ଚିଦାନନ୍ଦ ଘନବିଗ୍ରହ ବୋଲି ପୂଜା କରନ୍ତି । ଭାବଲୋକରେ ବ୍ରହ୍ମଙ୍କର ଏହି ସଚ୍ଚିଦାନନ୍ଦ ଘନବିଗ୍ରହ ଅବସ୍ଥା । ନିମ୍ନାଧିକାରୀ ହିନ୍ଦୁଙ୍କ ନିମିତ୍ତ ମୂର୍ତ୍ତିପୂଜାର ବ୍ୟବସ୍ଥା । ଏହାକୁ ସାକାର ଉପାସନା କୁହାଗଲେ ମଧ ପ୍ରକୃତ ପକ୍ଷରେ ଏହା ନିରାକାରଙ୍କର ଉପାସନା । ଯେଉଁ ମୂର୍ତ୍ତିଙ୍କର ପୂଜା କରାହୁଏ, ତାହା ସମସ୍ତେ ଜାଣନ୍ତି । ଭଗବାନଙ୍କୁ ତ କେହି ଦେଖି ନାହାନ୍ତି ! ତେଣୁ ଭଗବାନଙ୍କ ସମ୍ବନ୍ଧରେ ନିରାକାର ଭିନ୍ନ ଅନ୍ୟ କୌଣସି ଧାରଣା ନାହିଁ । ସୁତରାଂ ଯେଉଁମାନେ ସାକାର ମୂର୍ତ୍ତିରେ

ଭଗବାନଙ୍କୁ ପୂଜା କରୁଛନ୍ତି, ଭଗବାନଙ୍କ ସମ୍ବନ୍ଧରେ ସେମାନଙ୍କର ନିରାକାରର ଧାରଣା ଅଛି । ଉଚ୍ଚ ଅଧିକାରୀଙ୍କର ମୂର୍ତ୍ତିପୂଜାର ପ୍ରୟୋଜନ ନାହିଁ । ସେମାନେ ସାକାର ମୂର୍ତ୍ତିକୁ ଅଗ୍ରାହ୍ୟକରି ଜ୍ଞାନତତ୍ତ୍ୱରେ ତାଙ୍କର ଉପାସନା କରନ୍ତି । ସେମାନେ ଯେ ନିରାକାରର ଉପାସକ, ତାହା ସମସ୍ତେ ବୁଝିପାରନ୍ତି । କିନ୍ତୁ ଯେଉଁମାନେ ଚରମଜ୍ଞାନ ଲାଭକରି ପ୍ରେମରାଜ୍ୟରେ ଉପନୀତ ହୋଇପାରିଛନ୍ତି, ସେହିମାନେ ହିଁ ତାଙ୍କୁ ସଚ୍ଚିଦାନନ୍ଦ ଘନବିଗ୍ରହ ରୂପରେ ଜାଣିପାରିଛନ୍ତି । ତେଣୁ ଉଚ୍ଚାଧିକାରୀ ଓ ନିମ୍ନାଧିକାରୀଙ୍କର କ୍ରମ ଏକ ।

ଶାକ୍ତ ବୈଷ୍ଣବ

ବୈଷ୍ଣବମାନେ ସାଧାରଣତଃ ତିନିଭାବରେ ସାଧନା କରିଥାନ୍ତି । ପ୍ରତ୍ୟେକ ଭାବରେ ଜଣେ ଜଣେ ସାଧନାର ଚରମସ୍ତରକୁ ଉଠିଥାନ୍ତି । ରାୟ ରାମାନନ୍ଦ ପ୍ରକୃତ ପ୍ରେମିକ । ଏହାଙ୍କ ପ୍ରେମରେ ବିରହ ବା ବିଚ୍ଛେଦ ନାହିଁ । ଜ୍ଞାନ ପ୍ରତିଷ୍ଠା ପରେ ପ୍ରେମଲାଭ ହେଲେ ସେ ପ୍ରେମରେ ବିଚ୍ଛେଦ ରହେ ନାହିଁ । ସେତେବେଳେ ପ୍ରେମିକ ଗୋପୀ ଭାବରେ ପ୍ରତିଷ୍ଠିତ ହୁଅନ୍ତି । ଗୋପୀ ନିର୍ଲିପ୍ତ, ନିର୍ଗୁଣ ଓ ସାକ୍ଷୀ ମାତ୍ର । ତେଣୁ ରାୟ ରାମାନନ୍ଦ ରମଣୀମାନଙ୍କୁ ନେଇ ଲୀଳା ଶିକ୍ଷା ଦେଉଥିଲେ ମଧ୍ୟ ତାଙ୍କ ଅନ୍ତରରେ ଭେଦଜ୍ଞାନ ନ ଥିଲା । ଏଥିପାଇଁ ଚରିତାମୃତରେ ଲେଖିଛନ୍ତି—

ଏକା ରାମାନନ୍ଦଙ୍କର ତ ଥିଲା ଏ ଅଧିକାର
ତେଣୁ ଅପ୍ରାକୃତ ଶରୀର ସିନା ଅଟେ ତାଙ୍କର ।

ଦ୍ୱିତୀୟପ୍ରକାର ସାଧନା ହେଉଛି ପ୍ରାକୃତ ଭୋଗ ମଧ୍ୟଦେଇ ଅପ୍ରାକୃତ ବିଳାସ ଉପଭୋଗ କରିବା । ଏହାର ଉଦାହରଣ ଚଣ୍ଡୀଦାସ । ସେ ଶୁକ୍ରର ଅଧୋଗମନ ଯୌଗିକ ପ୍ରକ୍ରିୟା ଅନୁସାରେ ରୋଧକରି ସାଧନ କରିବା ଫଳରେ ସିଦ୍ଧମନୋରଥ ହୋଇଥିଲେ । ଏହା ହିଁ ବୈଷ୍ଣବମାନଙ୍କର ଶକ୍ତି ବା ତନ୍ତ୍ରସାଧନର ପନ୍ଥା । ଏହା କେବେହେଁ ସାଧାରଣଙ୍କର ଅନୁକରଣୀୟ ନୁହେଁ । ଏହା ମନ୍ଦ ଭିତରେ ଭଲ ।

ଭକ୍ତିଧର୍ମ ହିଁ ବୈଷ୍ଣବ ଧର୍ମ । ଏହାହିଁ ଆମ ଦେଶର ବିଶେଷତ୍ୱ । ନିତ୍ୟଧାମର ଦାସ୍ୟ ସଖ୍ୟାଦି ପଞ୍ଚଭାବର ଆଦର୍ଶରେ ଗୃହସ୍ଥଧର୍ମ ନିରୂପିତ ହୋଇଅଛି । ଗୃହସ୍ଥ ଧର୍ମ ହିଁ ଭକ୍ତିଧର୍ମ । ବୈଷ୍ଣବମାନଙ୍କର ଅଷ୍ଟସଖୀ ଅଷ୍ଟଭାବର ଘନୀଭୂତ ପ୍ରକାଶ । ବୈଷ୍ଣବ ଭାବର ଉତ୍କର୍ଷ ସାଧନ କରିବାକୁ ହେଲେ ସାଧକ ଉକ୍ତ ଅଷ୍ଟସଖୀଙ୍କ ମଧ୍ୟରୁ ଯେ କୌଣସି ଜଣକର ଅନୁଗତ ହୋଇ ଅର୍ଥାତ୍ ସାଧକ ନିଜେ ସେହି ସଖୀ ଭାବରେ

ଭାବିତ ହୋଇ ଶ୍ରୀକୃଷ୍ଣଙ୍କ ଯୁଗଳ ଉପାସନା କରିବା ବିଧେୟ । ଉପରୋକ୍ତ ଭାବ ସାଧନାରେ କ୍ରମେ ବେଦାନ୍ତର ସାକ୍ଷୀଭାବ ଉପଲବ୍ଧି ହେବ । ଏହି ଭାବର ଉତ୍କର୍ଷ ସାଧିତ ହେଲେ ସାଧକ କ୍ରମେ ନିତ୍ୟଲୀଳାର ପରିକର ହୋଇପାରିବେ । ଯେ ଯେଉଁ ଭାବର ଉତ୍କର୍ଷ କରିବେ, ସମଭାବର ଆକର୍ଷଣ (Affinity) ହେତୁ ସେ ନିତ୍ୟଧାମର ସେହିଭଳି ଭାବବିଗ୍ରହରେ ଲୟ ହେବେ । ପଶ୍ଚିମ ଭାରତର ଜ୍ଞାନ ଧର୍ମର ପ୍ରାବଲ୍ୟ ଓ ସେଠାରେ ତାହା ସଂଯମ ଉପରେ ପ୍ରତିଷ୍ଠିତ । ଉପର୍ଯ୍ୟୁକ୍ତ ଦୁଇ ଭାବ ହିଁ ଭକ୍ତଙ୍କର ଆଦର୍ଶ; କିନ୍ତୁ ବର୍ତ୍ତମାନ ଯୁଗରେ ସେ ଆଦର୍ଶରେ କେହି ଉପନୀତ ହୋଇପାରୁ ନାହାନ୍ତି ।

ତୃତୀୟ ହେଲା ସାଧାରଣ ଭକ୍ତିଭାବ — ଯେପରି ପ୍ରହ୍ଲାଦ, ଉଦ୍ଧବ, ବିଦୁର ଏବଂ ଅର୍ଜ୍ଜୁନ ପ୍ରଭୃତି । ''ଆମେ ନିତାନ୍ତ ଦୁର୍ବଳ । କୃପା ହିଁ ଆମର ଭରସା ।'' ଏହା ଭକ୍ତଙ୍କର ଭାବ । ତାଙ୍କ ମୂର୍ତ୍ତି କଳ୍ପନାଦି କରି ଧ୍ୟାନଧାରଣା କରିବା, ମନ୍ତ୍ର ଜପ, ଶ୍ରବଣ, କୀର୍ତ୍ତନ ଇତ୍ୟାଦି କରିବାଦ୍ୱାରା ଶେଷରେ ଭଗବତ୍‌ଭାବ ଲାଭ ହୋଇଥାଏ ।

ଭାରତରେ ହିନ୍ଦୁଧର୍ମର ଅସଂଖ୍ୟ ସମ୍ପ୍ରଦାୟ ରହିଛି । ପ୍ରତ୍ୟେକଙ୍କ ସହିତ ପ୍ରତ୍ୟେକଙ୍କର ମତଭେଦ; କିନ୍ତୁ ଗୁରୁବାଦ ନେଇ ସମସ୍ତେ ଏକ ମତ । କେବଳ ଗୁରୁବାଦ ମଧ୍ୟଦେଇ ବିଭିନ୍ନ ସମ୍ପ୍ରଦାୟଭିତରେ ମିଳନର ସୂକ୍ଷ୍ମସୂତ୍ର ବିଦ୍ୟମାନ । ଯଦି ଭାରତରେ ବିଭିନ୍ନ ସମ୍ପ୍ରଦାୟମଧ୍ୟରେ କେବେ ମିଳନ ହୁଏ, ତେବେ ଏହି ଗୁରୁବାଦ ମଧ୍ୟଦେଇ ତାହା ସମ୍ଭବ ହୋଇ ପାରିବ । ପ୍ରତ୍ୟେକ ସଂପ୍ରଦାୟ ହିଁ ନିଜ ନିଜର ଗୁରୁଙ୍କୁ ନାନାଭାବରେ ଉପାସନା କରିପାରନ୍ତି । କେହି ଫୁଲ-ଜଳ ଦେଇ, କେହି ଧ୍ୟାନ-ଧାରଣା ଦ୍ୱାରା ପୂଜା କରନ୍ତି । ଏଥିମଧ୍ୟରୁ ଯେକୌଣସି ପନ୍ଥାରେ ଗତି କଲେ ମଧ୍ୟ କିଛି ଦୋଷ ହୁଏ ନାହିଁ । ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟରେ ତାଙ୍କ ପ୍ରତିକୃତିରେ ଫୁଲଚନ୍ଦନ ଦେଇ ପୂଜା କଲେ ମଧ୍ୟ ସେଥିରେ ଆଶାତୀତ ଫଳ ଲାଭ ହୁଏ । ସବୁ ଶ୍ରେଣୀର ଶିଷ୍ୟଭକ୍ତଙ୍କ ପ୍ରତି ଗୁରୁଦେବଙ୍କ ସମାନ ଦୃଷ୍ଟିଥାଏ । ଯେଉଁମାନେ ମୋତେ ସୁଖ ପାଆନ୍ତି, ସେମାନଙ୍କର ଧ୍ୟାନଧାରଣା ଅପେକ୍ଷା ବିଶେଷ ଉନ୍ନତି ଲାଭ ହୋଇଥାଏ । ଗୁରୁଦେବଙ୍କୁ ସୁଖ ପାଇବା ବ୍ୟତୀତ ଶିଷ୍ୟଭକ୍ତମାନଙ୍କର ଅନ୍ୟ କାହିଁରେ ଉନ୍ନତି ଅସମ୍ଭବ । ଏହି ସୁଖ ପାଇବା ଭିତର ଦେଇ ଗୁରୁଶକ୍ତି ଶିଷ୍ୟଭକ୍ତମାନଙ୍କ ଭିତରେ କ୍ରିୟାଶୀଳ ହୋଇଥାଏ ।

ଯେଉଁମାନେ ଗୁରୁଦେବଙ୍କୁ ସୁଖ ପାଆନ୍ତି, ସେମାନେ ଶ୍ରୀଗୁରୁଦେବଙ୍କ ପ୍ରଦତ୍ତ ନିଷ୍କାମ କର୍ମକୁ ଧରି ପଡ଼ିରହନ୍ତି । ଯାହାଙ୍କଦ୍ୱାରା ଯାହା ହେବ, ଶ୍ରୀଗୁରୁ ତାଙ୍କଦ୍ୱାରା ସେହି କର୍ମ ସମ୍ପାଦନ କରାଇନିଅନ୍ତି । ତଦ୍ୱାରା ଗୁଣକ୍ଷୟ ହୋଇଥାଏ । *

* କଥା ସଂଗ୍ରହ ୨ୟ ଖଣ୍ଡ ଅନୁସରଣରେ ଲିଖିତ ।

ନିତ୍ୟଲୋକର ନିତ୍ୟମୂର୍ତ୍ତିକୁ ଶ୍ରୀକୃଷ୍ଣ କିମ୍ବା ଭଗବାନ ଯାହା କହ, ସେଥିରେ କିଛି କ୍ଷତି ନାହିଁ । ତନ୍ତ୍ରରେ ତାଙ୍କରି ପୂଜା କରାହୁଏ । ସ୍ୱୟଂ ପ୍ରଭୁ ନିତ୍ୟାନନ୍ଦ ମଧ୍ୟ ଭଗବାନଙ୍କୁ ତନ୍ତ୍ରୋକ୍ତ ପଦ୍ଧତି ଅନୁସାରେ ଉପାସନା କରୁଥିଲେ । ନିତ୍ୟାନନ୍ଦ ପ୍ରଭୁ ଯେ ଖଡ଼ଦହଠାରେ ଭୈରବୀଚକ୍ର ରଚନା କରି ପୂଜା କରୁଥିଲେ, ମୁଁ ତାହା ସ୍ୱଚକ୍ଷୁରେ ଦେଖିଆସିଛି । ଶ୍ରୀକୃଷ୍ଣଙ୍କପରି ପ୍ରେମିକ, ଭୋଗୀ, ତ୍ୟାଗୀ, ସ୍ୱାମୀ, ରାଜା, ଯୋଦ୍ଧା, ଯୋଗୀ, ଜ୍ଞାନୀ, କର୍ମୀ ଏବଂ ଭକ୍ତବତ୍ସଳ ଅନ୍ୟ କୌଣସିଠାରେ ପରିଦୃଷ୍ଟ ହୁଅନ୍ତି ନାହିଁ ।

ତେଣୁ ଶକ୍ତିତତ୍ତ୍ୱ ଓ ବୈଷ୍ଣବତତ୍ତ୍ୱ ମଧ୍ୟରେ କିଛି ପ୍ରଭେଦ ନାହିଁ; ଏହା ସାଧନାର ସ୍ତର ମାତ୍ର । ସାଧକଙ୍କର ପ୍ରଥମ ସ୍ତରରେ ଶାକ୍ତ ଭାବ; ଚରମ ସ୍ତରରେ ବୈଷ୍ଣବଭାବ । ଯେ ମା, ସେ ମଧ୍ୟ ରାଧା । ବହିରଙ୍ଗା ଶକ୍ତି କାଳୀ ବା ମା । ଅନ୍ତରଙ୍ଗା ଶକ୍ତି ତିନିପ୍ରକାର— ସତ୍, ଚିତ୍ ଓ ଆନନ୍ଦ । ଏହି ଆନନ୍ଦମୟୀ ଶକ୍ତି ବା ହ୍ଲାଦିନୀଶକ୍ତିର ନାମ ରାଧା । କିନ୍ତୁ ଯେଉଁମାନେ ମାତୃଭାବର ଉପାସକ; ସେମାନଙ୍କ ପକ୍ଷରେ ପତ୍ନୀଭାବର ଉପାସନା କର୍ତ୍ତବ୍ୟ ନୁହେଁ । ତେଣୁ ସିଦ୍ଧବ୍ୟକ୍ତିଙ୍କ ବ୍ୟତୀତ ଏ ସାଧନାରେ କାହାରି ଅଧିକାର ନାହିଁ । ଶ୍ରୀରାଧା ହିଁ ପ୍ରକୃତ ସିଦ୍ଧା ଏବଂ ଶ୍ରୀକୃଷ୍ଣ ହିଁ ପ୍ରେମର ସାଧକ । ତେଣୁ ଶ୍ରୀରାଧା ହିଁ ଶ୍ରୀକୃଷ୍ଣଙ୍କର ପ୍ରେମଗୁରୁ । ଏହା ପ୍ରାକୃତ ଜଗତର ଭାବ । ଅପ୍ରାକୃତ ନିତ୍ୟଜଗତର ପରମ ପୁରୁଷ ଶ୍ରୀକୃଷ୍ଣ ହିଁ ପ୍ରେମରେ ଏକମାତ୍ର ସିଦ୍ଧ ।

ରାୟ ରାମାନ୍ଦ, ବିଦ୍ୟାପତି, ଚଣ୍ଡୀଦାସ, ବିଲ୍ୱମଙ୍ଗଳ ଓ ଜୟଦେବ— ଏମାନେ ପଞ୍ଚରସିକ ଭକ୍ତ । ଏମାନେ କାମଜୟୀ ସିଦ୍ଧପୁରୁଷ ଥିଲେ । ଏହି ପଞ୍ଚରସିକଙ୍କ ମଧ୍ୟରେ ରାୟ ରାମାନନ୍ଦ ହିଁ ସର୍ବଶ୍ରେଷ୍ଠ । ସେ ସାକ୍ଷାତ୍ ମଦନମୋହନ ଥିଲେ; ତେଣୁ ସେ ମହାପ୍ରଭୁଙ୍କର ଏତେ ଅନ୍ତରଙ୍ଗ ହୋଇପାରିଥିଲେ । ରାୟ ରାମାନନ୍ଦ ପ୍ରକୃତଭାବରେ ଶ୍ରୀକୃଷ୍ଣଙ୍କ ମଧୁରଲୀଳା ଜଗତକୁ ଦେଖାଇଦେଇଯାଇଛନ୍ତି । ସୁନ୍ଦରୀ ଯୁବତୀଙ୍କର ସର୍ବାଙ୍ଗ ସେବା କରି ମଧ୍ୟ ସେ ନିର୍ବିକାର ଥିଲେ । ତାଙ୍କ ସାଧନାରେ ବିଶିଷ୍ଟ ନାୟିକା କେହି ନ ଥିଲେ । ଏହା ହିଁ ତାଙ୍କର ବିଶେଷତ୍ୱ ।

ସାଧାରଣଙ୍କ ପ୍ରତି

ବର୍ତ୍ତମାନ ସର୍ବସାଧାରଣଙ୍କର କର୍ତ୍ତବ୍ୟ କଅଣ ? ସେମାନେ କଅଣ କରିବେ, କେଉଁ ପଥରେ ଚାଲିବେ, ପୁଣି କାହା କଥାରେ ଅବା ବିଶ୍ୱାସ କରିବେ ? ହିନ୍ଦୁ-ସମାଜରେ ବିଷମକାଳ ଉପସ୍ଥିତ । ଆଉ ବିଷମକାଳ ଉପସ୍ଥିତ ହୋଇଛି ବୋଲି ତ ଭୟ ହେଉଛି । କାହା କଥାରେ ବିଶ୍ୱାସ କରିବା ? ଯେ କହୁଛନ୍ତି 'ଗୃହସ୍ଥ ଜାଗ୍ରତ ହୁଅ' ପୁଣି ସେ କହୁଛନ୍ତି 'ଉଠ ନାହିଁ, ରାତି ଅଛି ।' ତାହା ହେଲେ ବର୍ତ୍ତମାନ କଅଣ କରିବା କର୍ତ୍ତବ୍ୟ ?

ମନୁଷ୍ୟତ୍ୱ ଆଶ୍ରୟ କର

ବର୍ତ୍ତମାନ କର୍ତ୍ତବ୍ୟ ହେଉଛି, ଆମମାନଙ୍କର ଈଶ୍ୱରଦତ୍ତ ମନୁଷ୍ୟତ୍ୱକୁ ଆଶ୍ରୟ କରିବା । କାରଣ ସେ ଆମ ପ୍ରତ୍ୟେକଙ୍କୁ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ କରାଇ ଜ୍ଞାନ ପ୍ରଦାନ କରିଛନ୍ତି । ଟିକିଏ ସ୍ଥିରଭାବରେ ସେହି ଜ୍ଞାନର ଆଶ୍ରୟ ନେଇ, ବିବେକର ବଶବର୍ତ୍ତୀ ହୋଇ ଚଳିପାରିଲେ କୌଣସି ଗୋଳମାଳରେ ପଡ଼ିବାକୁ ହେବ ନାହିଁ । ଆମମାନଙ୍କର ଦେହରଥରେ ବିବେକରୂପୀ ଶ୍ରୀକୃଷ୍ଣ ସାରଥିଭାବରେ ଅବସ୍ଥିତ ହୋଇ ସଂଶୟାକୁଳିତ ବିଷାଦମଗ୍ନ ଶିଷ୍ୟ ଓ ସଖା ଅର୍ଜ୍ଜୁନରୂପୀ ମନକୁ ନିୟତ ଗୀତାମୃତ ପାନ କରାଉଛନ୍ତି । ଅତଏବ ବିବେକର ଶରଣାଗତ ହୋଇ ଜ୍ଞାନ ଲାଭ କରିବାକୁ ହେବ; କିନ୍ତୁ ଯାହାଙ୍କର ଚିତ୍ତଶୁଦ୍ଧି ହୋଇ ନାହିଁ, ଯେ ମାୟାର ସମ୍ମୋହନ ମନ୍ତ୍ରରେ ମୁଗ୍ଧ ହୋଇ ପରିଚାଳିତ ହେଉଛନ୍ତି, ସେ ବିବେକର ବଶବର୍ତ୍ତୀ ନୁହନ୍ତି । ସୁତରାଂ ପ୍ରଥମେ ବିବେକକୁ ଜାଗ୍ରତ କରିବାନିମିତ୍ତ ଚିତ୍ତଶୁଦ୍ଧି ଆବଶ୍ୟକ । ପୁଣି ଚିତ୍ତଶୁଦ୍ଧି ପାଇଁ ଇଚ୍ଛା ଥିଲେ ଭଗବଦ୍‌ନିର୍ଦ୍ଦିଷ୍ଟ ନିୟମଗୁଡ଼ିକ ସର୍ବଦା ପାଳନ କରିବା ଏକାନ୍ତ କର୍ତ୍ତବ୍ୟ । ତେଣୁ ଋଷିମାନେ ମାନବଜୀବନର ପ୍ରଥମ ସୋପାନରେ ବ୍ରହ୍ମଚର୍ଯ୍ୟ ଆଶ୍ରମର ବ୍ୟବସ୍ଥା କରିଥିଲେ । ବ୍ରହ୍ମଚର୍ଯ୍ୟ ଆଶ୍ରମରେ ଶାସ୍ତ୍ରାଦି ପାଠ, ଜ୍ଞାନଲାଭ ଏବଂ ଆହାରାଦିର ସଂଯମ ଓ ଶମ-ଦମାଦି ଅଭ୍ୟାସ କରିବା ଫଳରେ ଚିତ୍ତଶୁଦ୍ଧି ହେଉଥିଲା । ବ୍ରହ୍ମଚର୍ଯ୍ୟ ହିଁ ଧର୍ମର ଭିତ୍ତି, ବ୍ରହ୍ମଚର୍ଯ୍ୟ ଅଭାବରେ ଆମମାନଙ୍କ ସମାଜର ଏ ଦୂରବସ୍ଥା ।

ଚିତ୍ତଶୁଦ୍ଧିର ଉପକାରିତା

ଚିତ୍ତଶୁଦ୍ଧି ନ ହେଲେ କେହି କୌଣସି ଧର୍ମରେ ଅଗ୍ରସର ହୋଇ ପାରିବେ ନାହିଁ । ଖ୍ରୀଷ୍ଟିୟାନ୍ ମୁସଲମାନ୍‌ଙ୍କ ମଧ୍ୟରେ ମତଭେଦ, ଶାକ୍ତବୈଷ୍ଣବଙ୍କ ମଧ୍ୟରେ ମତଭେଦ, ପୌରାଣିକ-ଦାର୍ଶନିକଙ୍କ ମଧ୍ୟରେ ମତଭେଦ ଅଛି ସତ; କିନ୍ତୁ ଚିତ୍ତଶୁଦ୍ଧି ବିଷୟରେ କୌଣସି ସମ୍ପ୍ରଦାୟର ମତଭେଦ ଦେଖାଯାଏ ନାହିଁ । ଚରିତ୍ରଗଠନପୂର୍ବକ ଚିତ୍ତଶୁଦ୍ଧି କରିବା ଖ୍ରୀଷ୍ଟିୟାନ୍ ମୁସଲମାନ ସମ୍ପ୍ରଦାୟର ମଧ୍ୟ ଅନୁମୋଦିତ । ଚୋରି କରିବା, ମିଥ୍ୟା କହିବା କୌଣସି ସମ୍ପ୍ରଦାୟର ଅଭିପ୍ରେତ ନୁହେଁ । ସୁତରାଂ ଆମେମାନେ ପ୍ରଥମ ଜୀବନରେ ସର୍ବସମ୍ମତ ଚିତ୍ତଶୁଦ୍ଧିର ସାଧନା ଆରମ୍ଭ କରିପାରୁଁ । ଏଥିରେ ପ୍ରତାରିତ ହେବାର ଭୟ ନାହିଁ ଏବଂ ଏହାର ଅଭ୍ୟାସ ମଧ୍ୟ ବିଶେଷ ଶିକ୍ଷାସାପେକ୍ଷ ନୁହେଁ । ଦେଶ-କାଳ-ପାତ୍ରଭେଦରେ ସାତ୍ତ୍ୱିକ ଆହାର, ସାତ୍ତ୍ୱିକ ଚିନ୍ତା ଅଭ୍ୟାସ କଲେ ସହଜରେ ଚିତ୍ତଶୁଦ୍ଧି ହୋଇଥାଏ । ଏଥିରେ ଶରୀର ନିରୋଗ ଓ ସୁସ୍ଥ ରହେ ଏବଂ ବିଶ୍ୱାସ ଓ ଭକ୍ତି ହୃଦୟ ଅଧିକାର କରେ ।

ଚିତ୍ତଶୁଦ୍ଧି ପରେ ଯାହାଙ୍କର ଯେଉଁ ଭାବରେ; ଯେଉଁ ମତରେ ବିଶ୍ୱାସ ହେବ, ତାଙ୍କର ତାହା ଅବଲମ୍ବନ କରିବା କର୍ତ୍ତବ୍ୟ । ଅନ୍ୟର ମତ ଶ୍ରେଷ୍ଠ ଏବଂ ନିଜର ମତ ନିକୃଷ୍ଟ ଓ ମିଥ୍ୟା କୁସଂସ୍କାରପୂର୍ଣ୍ଣ ବୋଲି ଶୁଣିଲେ ମଧ୍ୟ ବିଚଳିତ ହେବା ଉଚିତ ନୁହେଁ । ନିଜର ମତ ଦୃଢ଼ଭାବରେ ଧାରଣ କରି ତାହାର ପରିଣତି ଓ ପରିପୁଷ୍ଟିନିମିତ୍ତ ଚେଷ୍ଟା କରିବା ଦରକାର; କାରଣ କୌଣସି ମତ ବା କୌଣସି ସମ୍ପ୍ରଦାୟ ନିରର୍ଥକ ନୁହେଁ । ଅଜ୍ଞତା ହେତୁ ସ୍ୱାର୍ଥପର ବ୍ୟକ୍ତିମାନେ ସାମ୍ପ୍ରଦାୟିକ ମତର ସମାଲୋଚନା କରି ଦୁର୍ବଳାଧିକାରୀମାନଙ୍କର ମନ ବିଗାଡ଼ି ଦିଅନ୍ତି; କିନ୍ତୁ ଜାଣିରଖ ଯେ କୌଣସି ମତ ମିଥ୍ୟା ନୁହେଁ । ସମସ୍ତ ମତର ସାଧକମାନେ ପୂର୍ଣ୍ଣସତ୍ୟରେ କିମ୍ବା ସତ୍ୟର ଗୋଟିଏ ଦେଶରେ ନିଶ୍ଚୟ ପହଞ୍ଚିବେ ।

ମତ ପଥ ମାତ୍ର

ଯେତେବେଳେ ମାନବସମାଜର ଜନସାଧାରଣ ବିଭିନ୍ନ ପ୍ରକୃତିବିଶିଷ୍ଟ; ସେତେବେଳେ ସେମାନଙ୍କ ମତରେ ବୈଷମ୍ୟ ରହିବା ଅବଶ୍ୟମ୍ଭାବୀ । ସୁତରାଂ ବିଭିନ୍ନ ମତଗୁଡ଼ିକୁ କେବଳ ପଥମାତ୍ର ଭାବନା କରି, କୌଣସି ମତର ନିନ୍ଦା ନକରି କିମ୍ବା ସକଳ ମତର— କରିମ୍, କାଳୀ, କୃଷ୍ଣ, ଖ୍ରୀଷ୍ଟଙ୍କର ଖେଚେଡ଼ି ତିଆରି ନକରି ସତୀ ନାରୀପରି

ସ୍ୱଧର୍ମନିଷ୍ଠ ହୋଇ ରହ । ଜନ୍ମଜନ୍ମାନ୍ତରର ସଂସ୍କାର, ଶିକ୍ଷା ଓ ରୁଚି ଭେଦର ଅଧିକାରୀ ଅନୁରୂପ ଯେକୌଣସି ଗୋଟିଏ ମତ ଅବଲମ୍ବନ କର । ଅନନ୍ତର ବିଶ୍ୱାସ ଦୃଢ଼ ହୋଇ, ଭାବ ପୁଷ୍ଟ ହୋଇ ଲକ୍ଷ୍ୟ ସ୍ଥିର ହେଲେ ତଦନୁରୂପ ସାଧନପ୍ରଣାଳୀ ଅବଲମ୍ବନ କର । ସାଧନାରେ ଲକ୍ଷ୍ୟବସ୍ତୁ ଉପଲବ୍ଧ ହେଲେ ତତ୍‌ପ୍ରତି ଭକ୍ତିର ସଞ୍ଚାର ହେବ । ତାଙ୍କୁ ପାଇବାନିମିତ୍ତ ପ୍ରାଣ ବ୍ୟାକୁଳ ହୋଇ ଉଠିବ । ସେତେବେଳେ ସଂସାରର ଯାବତୀୟ ବସ୍ତୁରେ ବିରାଗ ଜନ୍ମି ଅଭୀଷ୍ଟ ବସ୍ତୁରେ ଚିତ୍ତର ଅବିଚ୍ଛିନ୍ନ ଏକମୁଖୀ ଗତି ଜାତ ହେବ ଏବଂ ଚିତ୍ତବୃତ୍ତି ନିରୋଧ ହୋଇ ତତ୍ତ୍ୱଜ୍ଞାନ ପ୍ରକାଶ ପାଇବ । ସେତେବେଳେ ଆତ୍ମସ୍ୱରୂପ ଲାଭ କରି କୃତାର୍ଥ ହୋଇ ମୁକ୍ତିପଦରେ ଅଧିଷ୍ଠିତ ହେବ ।

ମୁକ୍ତିରେ ସହାୟକାରୀ

କିନ୍ତୁ ମୁକ୍ତିଲାଭ କରିବାକୁ ହେଲେ ଜଣେ ମୁକ୍ତପୁରୁଷଙ୍କର ସାହାଯ୍ୟ ବିଶେଷ ଆବଶ୍ୟକ । ହିନ୍ଦୁଶାସ୍ତ୍ରରେ ସେ ଗୁରୁ ନାମରେ ଅଭିହିତ । ଗୁରୁଙ୍କର କୃପା ନ ହେଲେ ମୁକ୍ତିପଥରେ ଅଗ୍ରସର ହେବାର ଅନ୍ୟ ଉପାୟ ନାହିଁ । ଗୁରୁ ଶିଷ୍ୟଠାରେ ଆଧ୍ୟାତ୍ମିକ ଶକ୍ତି ସଞ୍ଚାର ନ କଲେ କେହି ଅଧ୍ୟାତ୍ମ ଜ୍ଞାନ ଲାଭ କରି କୃତାର୍ଥ ହୋଇପାରିବେ ନାହିଁ । ସୁତରାଂ ଗୁରୁକରଣର ଆବଶ୍ୟକତା ବିଶେଷ ଭାବରେ ଉପଲବ୍ଧି କରିବା ବିଧେୟ । ଯେ ଆତ୍ମସ୍ୱରୂପ ଲାଭ କରିଛନ୍ତି, ସେ ଗୁରୁ । ନୋହିଲେ ଅନ୍ୟ କାହାରି ନିକଟକୁ ଗଲେ ଗୁରୁଙ୍କ ଅଭାବ ପୂରଣ ହେବ ନାହିଁ । ଏପରି ଗୁରୁ ନ ପାଇଲେ ସରଳ ଭାବରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କର । ଅକପଟ ଭାବରେ ସରଳ ପ୍ରାର୍ଥନା ଆମମାନଙ୍କ ପାଖରେ ବେଶ୍ କାର୍ଯ୍ୟକାରୀ । ଯେତେବେଳେ ଯେଉଁ ଦୁର୍ବଳତା ଅନୁଭବ କରିବ, ସେଥିନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା କର, ହାତେ ହାତେ ଫଳ ପାଇବ । ସୁତରାଂ ଗୁରୁଦେବଙ୍କର ପ୍ରୟୋଜନୀୟତା ବୁଝିବାକ୍ଷଣି ବ୍ୟାକୁଳ ହୋଇ ପ୍ରାର୍ଥନା କର । ଭଗବାନ ତାହା ପୂରଣ କରିବେ । ଉପଯୁକ୍ତ ସମୟରେ ଗୁରୁ ଆପେ ଆପେ ଲାଭ ହୋଇଥାନ୍ତି । ଗୁରୁ ପାଇଲେ ଆଉ ଚିନ୍ତା କଅଣ ? ସର୍ବସ୍ୱ ତାଙ୍କ ଚରଣରେ ଅର୍ପଣ କରି ତାଙ୍କରି ଆଦେଶ ପାଳନ କରିଯାଅ, ସର୍ବାର୍ଥ ସିଦ୍ଧ ହେବ ।

ତାହାହେଲେ ଦେଖ, ପ୍ରକୃତ ଧର୍ମପିପାସୁ ବ୍ୟକ୍ତିଙ୍କର ଏ ଜଗତରେ କିଛି ହେଲେ ଅଭାବ ରହେ ନାହିଁ । ଦୂରରୁ ହାଟର କୋଳାହଳ ଶୁଣାଯାଇଥାଏ; କିନ୍ତୁ ହାଟ ଭିତରେ ପଶିଲେ ଆଉ କୌଣସି ଗୋଳମାଳ ନ ଥାଏ । ସେହିପରି ଧର୍ମଜଗତରେ

ବାହାର ବାଦ, ବିବାଦ, ବିଦ୍ୱେଷ, କୋଳାହଳ; କିନ୍ତୁ ପ୍ରକୃତ ଧାର୍ମିକଙ୍କ ନିକଟରେ କୌଣସି ବାଦ-ବିସମ୍ବାଦ ନାହିଁ । ମୁକ୍ତଅବସ୍ଥା ଆମମାନଙ୍କର ସ୍ୱଭାବ । ସୁତରାଂ ତାହା ଲାଭ କରିବା ଯାବତୀୟ କାର୍ଯ୍ୟ ଅପେକ୍ଷା ସହଜ । ଧର୍ମଲାଭ କରିବାକୁ ବିଦ୍ୟାବୁଦ୍ଧି, ମୂଳଧନ କିମ୍ବା ବଳବୀର୍ଯ୍ୟର ପ୍ରୟୋଜନ ହୁଏ ନାହିଁ । କେବଳ ପ୍ରାଣଭରା ବିଶ୍ୱାସ ଓ ଭକ୍ତିର ପ୍ରୟୋଜନ ହୁଏ ।

ମାନବ ମନରେ ସ୍ୱତଃ ଦୁଇଟି ପ୍ରଶ୍ନର ଉଦୟ ହୁଏ— ଭଗବାନ୍ ଅଛନ୍ତି କି ନାହାନ୍ତି ? ଯଦି ନ ଥାନ୍ତି ଚାର୍ବାକ୍‌ଙ୍କ ମତ ଅନୁସରଣ କର । ତୁମେ କିଏ, ତାହା ଅନୁସନ୍ଧାନ କର । ଆଉ ଯଦି ଥାଆନ୍ତି ଅବଶ୍ୟ ତାଙ୍କୁ କେହି ଦେଖିଛନ୍ତି । ଯେ ଦେଖିଛନ୍ତି, ତାଙ୍କୁ ସାହାଯ୍ୟରେ ଦେଖିନିଅ କିମ୍ବା ସେ ଯେପରି ଦେଖିଛନ୍ତି, ସେହି ଉପାୟ ବୁଝିନିଅ । ତାହା ହେଲେ କୃତାର୍ଥ ହେବ । ଆଉ ଯାହାଙ୍କର ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ ନାହିଁ, ସେ କାଳୀ, କୃଷ୍ଣ ପ୍ରଭୃତି ସଂସ୍କାରଗୁଡ଼ିକ ଭୁଲିଯାଇ ସରଳ ଭାବରେ ସମାହିତ ଚିତ୍ତରେ ଅନୁସନ୍ଧାନ କରନ୍ତୁ, ତାଙ୍କର ଅଭାବ କଅଣ ଏବଂ ସେ କଅଣ ଚାହାନ୍ତି ।

ଭଗବାନ୍ ହିଁ ସୁଖ

ଆମେ ସୁଖପାଇଁ ଭିକାରି । ଆମେ ଚିରଦିନ ପାଇଁ ନିରବଚ୍ଛିନ୍ନ ପୂର୍ଣ୍ଣ ସୁଖ କାମନା କରୁ । କିନ୍ତୁ ସୁଖ କାହିଁ ? ଧନଜନରେ, ବିଦ୍ୟାବୁଦ୍ଧିରେ, ଖ୍ୟାତିପ୍ରତିପତ୍ତିରେ କିମ୍ବା ନାମ ଯଶ ପ୍ରଭୃତି ଅନିତ୍ୟ ପାର୍ଥିବ ପଦାର୍ଥରେ କେହି କେବେହେଲେ ସୁଖୀ ହୋଇପାରି ନାହାନ୍ତି । ସୁତରାଂ ତୁମେ ନିଜର ସ୍ୱରୂପ ଜାଣିପାରିଲେ ସୁଖୀ ହେବ । ଯେ ଭଗବାନଙ୍କୁ ମାନନ୍ତି ନାହିଁ, କିନ୍ତୁ ସୁଖ ଚାହାନ୍ତି, ଆଉ ଯେଉଁ ବ୍ୟକ୍ତି ସୁଖ ଚାହାନ୍ତି ନାହିଁ, କିନ୍ତୁ ଭଗବାନଙ୍କୁ ପାଇବାପାଇଁ ବ୍ୟାକୁଳ, ସେମାନେ ଉଭୟେ ପ୍ରକାରାନ୍ତରେ ଗୋଟିଏ ବସ୍ତୁର ପ୍ରାର୍ଥୀ । କାରଣ ସୁଖସ୍ୱରୂପ ଭଗବାନଙ୍କ ବ୍ୟତୀତ ସୁଖ ଅନ୍ୟ କେଉଁଠାରେ ନାହିଁ । ପୁଣି ଭଗବାନଙ୍କୁ ଲାଭ କରିପାରିଲେ ସୁଖଲାଭ ହୋଇଥାଏ । ସୁତରାଂ ଉଭୟ ଏକ ପଥର ପଥିକ; କିନ୍ତୁ ଅନଭିଜ୍ଞ ସ୍ଥୂଳଦର୍ଶୀ ବ୍ୟକ୍ତିମାନେ ସେମାନଙ୍କୁ ନାସ୍ତିକ ଓ ଭକ୍ତ ଆଖ୍ୟା ଦେଇ ଜଗତରେ ଦଳାଦଳି ଓ ହିଂସାଦ୍ୱେଷର ସୃଷ୍ଟି କରନ୍ତି । ପ୍ରକୃତ ଭଗବଦ୍‌ଭକ୍ତ ଯଦି ଶ୍ରୀକୃଷ୍ଣଙ୍କୁ ନିନ୍ଦା କରନ୍ତି, ତଥାପି ତାଙ୍କୁ ନାସ୍ତିକ କୁହାଯିବ ନାହିଁ । କାରଣ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ସେ ଜାଣନ୍ତି ନାହିଁ ବା ବୁଝିପାରନ୍ତି ନାହିଁ । ସେପରି ଧାର୍ମିକଙ୍କୁ ବୈଷ୍ଣବମାନଙ୍କର କୃଷ୍ଣଭକ୍ତ ବୋଲି ସ୍ୱୀକାର କରିବା କର୍ତ୍ତବ୍ୟ ।

ଆମେମାନେ ସମସ୍ତେ ପ୍ରବାହର ଜଳ, ଅନନ୍ତ ପଥର ଯାତ୍ରୀ । ଯଦିବା ନିଜ ନିଜ ବାସସ୍ଥାନରୁ ଯାତ୍ରା କରୁଥିବାରୁ ନାନା ପଥ ସୃଷ୍ଟି ହୋଇଅଛି, ତଥାପି ସମସ୍ତଙ୍କ ଗତି ଗୋଟିଏ କେନ୍ଦ୍ର ଭଗବତ୍ ଚରଣପ୍ରତି । ତେବେ ଆଉ ହିଂସା, ଦ୍ୱେଷ, ଦ୍ୱନ୍ଦ୍ୱ, କୋଳାହଳ କାହିଁକି ? ଯଦି ସୁଖ ଚାହଁ, ସର୍ବାବସ୍ଥାରେ ଭଗବାନଙ୍କର ଶରଣାଗତ ହୁଅ । ତାଙ୍କ କୃପାରେ ଅନନ୍ତ ସୁଖ-ଶାନ୍ତିର ଅଧିକାରୀ ହୋଇ ନିତ୍ୟଧାମ ପ୍ରାପ୍ତ ହେବ ।

ଅତଏବ ଧର୍ମଲାଭ କରିବାକୁ କାହାର କୌଣସି ପ୍ରକାର ବାଧା ହୋଇ ନ ପାରେ । ଯେ କୌଣସି ଗୋଟିଏ ମତ ଆଶ୍ରୟ କରି ପରିଚାଳିତ ହୋଇପାରିଲେ କୃତାର୍ଥ ହୋଇପାରିବ । ଗୋଟିଏ ଆଲପିନ୍ ସାହାଯ୍ୟରେ ଆତ୍ମହତ୍ୟା କରାଯାଇପାରେ; କିନ୍ତୁ ଅନ୍ୟକୁ ମାରିବାକୁ ହେଲେ ଯୁଦ୍ଧବିଦ୍ୟା ଶିକ୍ଷା ଓ ଢାଲ-ତରବାରିର ପ୍ରୟୋଜନ ହୁଏ । ସେହିପରି ନିଜେ ଧର୍ମଲାଭ କରିବାକୁ କୌଣସି ବିଶେଷ କଷ୍ଟ ପାଇବାକୁ ହୁଏ ନାହିଁ । ତେବେ ଯେଉଁମାନେ ଲୋକଶିକ୍ଷା ଦିଅନ୍ତି, ସେମାନଙ୍କୁ ନାନା ଶାସ୍ତ୍ର, ନାନା ପଥ, ନାନା ମତ, ବିଭିନ୍ନ ସାଧନପ୍ରଣାଳୀ ପ୍ରଭୃତି ଜାଣିବାକୁ ହୁଏ; କିନ୍ତୁ ସତ୍ୟ ପ୍ରତ୍ୟକ୍ଷ ନ କରି ଗୁରୁ ହେବାର ସ୍ପର୍ଦ୍ଧା କରିବା ଏବଂ ଶାସ୍ତ୍ରାଲୋଚନା କରିବା ବିଡ଼ମ୍ବନା ମାତ୍ର । ଏହି ଶ୍ରେଣୀର ଲୋକଙ୍କଦ୍ୱାରା ହିନ୍ଦୁସମାଜ ଅଧଃପତନକୁ ଗତି କରୁଅଛି ।

ହିନ୍ଦୁଧର୍ମର ବିଶାଳତା

ଅନଧିକାରୀ ହୋଇ ଯେଉଁମାନେ ଧର୍ମ ବ୍ୟାଖ୍ୟା ଓ ଧର୍ମପ୍ରଚାର କରନ୍ତି, ସେମାନେ ଦେଶ ଓ ସମାଜର ଘୋର ଶତ୍ରୁ । ସତ୍ୟ ଲାଭ ନ କରି ଶାସ୍ତ୍ରପାଠ କରିବାକୁ ଗଲେ ଶାସ୍ତ୍ରର ନିଗୂଢ଼ ଅର୍ଥ ନିର୍ଣ୍ଣୟ କରିବା ଓ ତା'ର ମର୍ମ ରହସ୍ୟ ଭେଦ କରିବାକୁ ସମର୍ଥ ହେବା ସମ୍ଭବ ନୁହେଁ । ହିନ୍ଦୁଶାସ୍ତ୍ର ଅନନ୍ତ । ସର୍ବାଧିକାରୀ ଜନଗଣଙ୍କୁ ସ୍ଥାନ ଦେବାପାଇଁ ପ୍ରବୃତ୍ତିପଥରେ ଶତ ଶତ ଶାଖା-ପ୍ରଶାଖାରେ ବିଭକ୍ତ ହୋଇ ନିବୃତ୍ତି ପଥରେ ସ୍ତରେ ସ୍ତରେ ଅନନ୍ତଦେଶକୁ ଉଠିଯାଇଛି । ସୁକୁମାର କୁମାରମାନଙ୍କ କୋମଳ ହୃଦୟରେ ଧର୍ମବୀଜ ବପନ କରିବାନିମିତ୍ତ ବର୍ଣ୍ଣାଶ୍ରମୋଚିତ ବ୍ରତ-ନିୟମଠାରୁ ଆରମ୍ଭ କରି ବ୍ରହ୍ମଗତ ପ୍ରାଣ ନିରାକାର ବ୍ରହ୍ମୋପାସକଙ୍କ ସନ୍ନ୍ୟାସପର୍ଯ୍ୟନ୍ତ ସମସ୍ତ ହିନ୍ଦୁଧର୍ମର ଦେହ । ଗୁରୁକୃପାବଳରେ ପ୍ରକୃତ ଜ୍ଞାନ ଲାଭ ନ ହେଲେ ଶାସ୍ତ୍ରପାଠ କରି ତାହା ବୁଝିପାରିବ ନାହିଁ; କିନ୍ତୁ ପ୍ରକୃତରେ ଶାସ୍ତ୍ର ଓ ସବୁ ପ୍ରକାର ସାଧନାର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଫଳ ଏକ । ତେବେ ଉଦ୍ଦେଶ୍ୟ ଧରି ପଥରେ ଯିବା ପଦ୍ଧତି ବା ପ୍ରଣାଳୀ ବିଭିନ୍ନ ହୋଇପାରେ ।

ଭଗବାନ ଏକ, ମାନବାତ୍ମା ଏକ । ସୁତରାଂ ଧର୍ମ କେବେହେଲେ ଏକଭିନ୍ନ ଦୁଇ ପ୍ରକାର ହୋଇ ନ ପାରେ । ଧର୍ମ ଶବ୍ଦ ଧୃ ଧାତୁରୁ ଉତ୍ପନ୍ନ ହୋଇଅଛି । ଧୃ ଧାତୁର ଅର୍ଥ ଧାରଣ କରିବା । ଲୋକତ୍ରୟ ବା ଜଗତତ୍ରୟ ଯହିଁରେ ଧୃତ ବା ନିହିତ, ତାହାକୁ ଧର୍ମ କୁହାଯାଏ । ମହ ଆଦି ଅଣୁ ପର୍ଯ୍ୟନ୍ତ ଯାହାଦ୍ୱାରା ଧୃତ ଏବଂ ରକ୍ଷିତ ହୋଇ କ୍ରମବିବର୍ତ୍ତନରେ ବା ଜନ୍ମାନ୍ତରୀୟ ଉନ୍ନତି ପଥରେ ଉନ୍ନତିର ଚରମସୀମାକୁ ଚାଳିତ ହୁଏ, ତାହାରି ନାମ ଧର୍ମ । ସୁତରାଂ ଯାବତୀୟ ମାନବ ଏକଧର୍ମର ଅଧୀନ । ତେବେ ସମସ୍ତ ଜଗତ ବ୍ୟାପ୍ତ ହୋଇ ସାମ୍ପ୍ରଦାୟିକତାର ଏ ବିଦ୍ୱେଷକୋଳାହଳ ଉତ୍‌ଥିତ ହୁଏ କାହିଁକି ?

ଧର୍ମର ଉଦ୍ଦେଶ୍ୟ ଏକ

ସବୁ ଦେଶର, ସବୁ ମାନବଙ୍କର, ସକଳ ସମ୍ପ୍ରଦାୟର ଧର୍ମ ଏକ; କିନ୍ତୁ ସାଧନ ପଥ ବିଭିନ୍ନ । ଜୀବମାତ୍ରର ଶରୀରପୋଷଣ ପାଇଁ କ୍ଷିତ୍ୟାଦି ପଞ୍ଚଭୌତିକ ପଦାର୍ଥର ପ୍ରୟୋଜନ । ସମସ୍ତେ ଶରୀର ରକ୍ଷାକରିବା ନିମିତ୍ତ ତାହା ସବୁ ନିତ୍ୟ ଗ୍ରହଣ କରୁଛନ୍ତି । ହିଂସ୍ରଜନ୍ତୁ ରକ୍ତମାଂସମୟ ଜୀବଦେହ ଭକ୍ଷଣଦ୍ୱାରା, ଅନ୍ୟାନ୍ୟ ପଶୁମାନେ ତୃଣ-ଗୁଳ୍ମାଦିଭକ୍ଷଣଦ୍ୱାରା, ମନୁଷ୍ୟଙ୍କ ମଧ୍ୟରେ କେଉଁ କେଉଁ ସମାଜର ଲୋକ ଘିଅ, ମଇଦା, କେଉଁ ସମାଜର ଲୋକ ମତ୍ସ୍ୟ, ମାଂସ, କେଉଁ ସମାଜର ଲୋକ ଫଳମୂଳ, କେଉଁ ସମାଜର ଲୋକ ମିଶ୍ରପଦାର୍ଥୋତ୍ପନ୍ନ ଖାଦ୍ୟ ଭକ୍ଷଣଦ୍ୱାରା ସେହି ପଞ୍ଚଭୌତିକ ଶରୀରକୁ ପରିପୂର୍ଣ୍ଣ କରିଥାନ୍ତି । ସମସ୍ତଙ୍କର ମୁଖ୍ୟ ଉଦ୍ଦେଶ୍ୟ କ୍ଷୁଧା ନିବୃତ୍ତି ଏବଂ ଗୌଣ ଉଦ୍ଦେଶ୍ୟ ଶରୀରପୋଷଣ; କିନ୍ତୁ ଉଦ୍ଦେଶ୍ୟ ଏକ ହେଲେ ମଧ୍ୟ ତାହା ପୂରଣର ପନ୍ଥା ଯେପରି ଭିନ୍ନ ଭିନ୍ନ, ସେହିପରି ଧର୍ମ ଓ ତାହାର ସାଧନାର ଉଦ୍ଦେଶ୍ୟ ଏକ ହେଲେ ହେଁ ସାଧନପ୍ରଣାଳୀ ବିଭିନ୍ନ ପ୍ରକାରର ହେବାଯୋଗୁଁ ଯାବତୀୟ ମାନବଙ୍କକର୍ତ୍ତୃକ ବିଭିନ୍ନ ଧର୍ମସମ୍ପ୍ରଦାୟର ସୃଷ୍ଟି ହୋଇଅଛି ।

ମୂଳତଃ ଧର୍ମର ଉଦ୍ଦେଶ୍ୟ ଏକ ପ୍ରକାର । ମନୁଷ୍ୟ ବ୍ୟତୀତ ପଶୁପକ୍ଷୀଠାରୁ ଜଡ଼ପିଣ୍ଡାଦିର କ୍ରମୋନ୍ନତି ଧର୍ମ ପ୍ରକୃତି ହସ୍ତରେ ନ୍ୟସ୍ତ । ଫଳରେ ସେମାନଙ୍କ ଧର୍ମ ସେ ସମସ୍ତଙ୍କୁ ସମାନ ଭାବରେ, ସମାନ ଗତିରେ ଉନ୍ନତି ପଥରେ ଚାଳିତ କରେ; କିନ୍ତୁ ମାନବ ଅହଂତତ୍ତ୍ୱରେ ସ୍ୱାଧୀନ ଜୀବ । ଧର୍ମ ପରିଚାଳନାରେ ଆତ୍ମୋନ୍ନତି ତା'ର ସ୍ୱାଧୀନ ଇଚ୍ଛା ମାତ୍ର । ସେଥିପାଇଁ ବିଭିନ୍ନ ଦେଶର ଭିନ୍ନ ଭିନ୍ନ ସମାଜର ମନୀଷୀମାନଙ୍କ କର୍ତ୍ତୃକ

ଧର୍ମ ସାଧନାର ପ୍ରଣାଳୀ ବିଭିନ୍ନ ହୋଇଥିବାରୁ ସମ୍ପ୍ରଦାୟର ସୃଷ୍ଟି ହୋଇଅଛି । ପୁଣି ଯେଉଁ ଧର୍ମସମ୍ପ୍ରଦାୟ ଯେତେ ସଜୀବତା ଲାଭ କରିଛନ୍ତି ତାଙ୍କ ଭିତରେ ସେତେ ଶାଖା ସମ୍ପ୍ରଦାୟର ସୃଷ୍ଟି ହୋଇଅଛି– ମୁସଲମାନମାନଙ୍କର ସିୟା ଓ ସୁନ୍ନୀ, ଖ୍ରୀଷ୍ଟିୟାନ୍‌ମାନଙ୍କର ପ୍ରୋଟେଷ୍ଟାଣ୍ଟ୍ ଓ କାଥ୍‌ଲିକ୍ । ପୁଣି ହିନ୍ଦୁମାନଙ୍କ କଥା ତ ଛାଡ଼ିଦିଅ । ଚାରିଆଡ଼େ ଅସଂଖ୍ୟ ସମ୍ପ୍ରଦାୟ ନିଜ ନିଜ ଧର୍ମଭାବରେ ବିଭୋର ହୋଇ ରହିଛନ୍ତି । ଯାହାଙ୍କର ଯେପରି ଜ୍ଞାନ, ଯେପରି ପ୍ରତିଭା, ଯେପରି ସାଧନା, ସେ ଆତ୍ମାର ସେହିପରି ଉନ୍ନତ ଅବସ୍ଥା ବୁଝିପାରି ସେହି ଅବସ୍ଥାପ୍ରାପ୍ତିର ଉପାୟ ଉଦ୍‌ଭାବନପୂର୍ବକ ନିଜ ନିଜ ସମାଜର ଆଚାର-ବ୍ୟବହାର ପ୍ରତି ଲକ୍ଷ ରଖି ଧର୍ମଶାସ୍ତ୍ର ପ୍ରଣୟନ କରିଛନ୍ତି । ସୁତରାଂ ସମାଜ ଅନୁଯାୟୀ ଧର୍ମ-ସାଧନାର ଉପାୟ ନିର୍ଦ୍ଧାରିତ ହୋଇଅଛି ଏବଂ ନାନା ଧର୍ମ-ସମ୍ପ୍ରଦାୟ ପରିଦୃଷ୍ଟ ହେଉଅଛି । ତେଣୁ ଆଜି ଜଗତ୍‌ର ସମସ୍ତ ସମ୍ପ୍ରଦାୟ, ସମସ୍ତ ମନୀଷୀ, ସମୁଦାୟ ଧର୍ମଯାଜକ ନିଜ ନିଜ ମତ, ନିଜ ନିଜ ଧର୍ମ-କାହାଣୀର ଶାନ୍ତମଧୁର ପ୍ରୋଜ୍ଜ୍ୱଳ ବ୍ୟାଖ୍ୟା କରି ମାନବ-ହୃଦୟ ପରିତୃପ୍ତ କରୁଛନ୍ତି ।

ସାରଭୂତ ଶାସ୍ତ୍ରାଂଶ ପାଠ କର

ସଂସାରରେ ମନୁଷ୍ୟ ପ୍ରାଣ ଓ ଅନନ୍ତ-ତୃଷାମୟ ହୃଦୟବୃତ୍ତି ବୁଝି ଧର୍ମବ୍ୟାଖ୍ୟାର ପରମ ପବିତ୍ର ଭାବ ନେଇ ବ୍ୟସ୍ତ ରହିଛି । ଶାସ୍ତ୍ରଗୁଡ଼ିକ ସତ୍ୟଦର୍ଶୀ ଋଷିମାନଙ୍କ ରଚିତ । ସତ୍ୟ ଏକ । ସୁତରାଂ ଶାସ୍ତ୍ରସବୁ କଅଣ ପରସ୍ପର ଭିନ୍ନ ବିସଂବାଦୀ ହୋଇପାରନ୍ତି ? କିନ୍ତୁ ଅନଧିକାରୀମାନେ ସେମାନଙ୍କର ସ୍ଥୂଳବୁଦ୍ଧିରେ ଶାସ୍ତ୍ରାଲୋଚନା କରି ପରସ୍ପରକୁ ବିଭିନ୍ନ ଦେଖିଥାନ୍ତି । ତେଣୁ ଆଜି ଏକା ଶାସ୍ତ୍ରର ପାଞ୍ଚ ଜଣ ନିଜ ନିଜ ସଂସ୍କାର ଓ ଶିକ୍ଷା ଅନୁସାରେ ପାଞ୍ଚ ପ୍ରକାର ବ୍ୟାଖ୍ୟା କରି ହିଂସାଦ୍ୱେଷ-ବହ୍ନିରେ ସମାଜକୁ ଦଗ୍‌ଧ କରୁଛନ୍ତି । ଜଣେ ଅଧିକାରୀଙ୍କ ଉପଦେଶ ଅନ୍ୟ ଅଧିକାରୀଙ୍କ ନିକଟରେ, ଗୃହସ୍ଥଙ୍କ ଉପଦେଶ ସନ୍ନ୍ୟାସୀଙ୍କ ନିକଟରେ, ପୁଣି ସନ୍ନ୍ୟାସୀଙ୍କ ଉପଦେଶ ବ୍ରହ୍ମଚାରୀଙ୍କ ନିକଟରେ ବ୍ୟକ୍ତ କରି ହିନ୍ଦୁ-ସମାଜକୁ ଉନ୍ମାର୍ଗଗାମୀ କରୁଛନ୍ତି । ସାଧାରଣ ଲୋକେ ଏହି ସମସ୍ତ ଶାସ୍ତ୍ରବ୍ୟାଖ୍ୟାନକାରୀ ଓ ଉପଦେଷ୍ଟାମାନଙ୍କର ବିଭିନ୍ନ ମତବାଦର ଆବର୍ତ୍ତରେ ପଡ଼ି ବୁଡ଼ିମରୁଛନ୍ତି । ଅତଏବ ସତ୍ୟ ଲାଭ ନ କରି କେବେହେଲେ ଶାସ୍ତ୍ରର ଗୋଲକଧନ୍ଦାରେ ପ୍ରବେଶ କରିବା କର୍ତ୍ତବ୍ୟ ନୁହେଁ । ତାହାହେଲେ ଏ ଜୀବନରେ ଆଉ ସେ ଗୋଲକଧନ୍ଦାରୁ ବାହାର ହେବାର ଉପାୟ ନାହିଁ ।

ଲୋକେ ବ୍ୟାବହାରିକ ବୁଦ୍ଧିରେ ଶାସ୍ତ୍ରପାଠପୂର୍ବକ ଅଜ୍ଞ ସମାଜରେ ବିଜ୍ଞ ବେଶରେ କେବଳ ବିରାଟ ତର୍କଜାଲ ବିସ୍ତାର କରି ବୃଥା ପାଟିତୁଣ୍ଡ କରି ବୁଲନ୍ତି । ଏହିପରି ପଲ୍ଲବଗ୍ରାହୀ କେବେହେଲେ ପ୍ରକୃତ ଜ୍ଞାନଲାଭ କରିପାରନ୍ତି ନାହିଁ; ଅପରନ୍ତୁ ଆଉ ପାଞ୍ଚଜଣଙ୍କୁ ବିପଥରେ ପରିଚାଳିତ କରି ସମାଜରେ ଦଳାଦଳି ସୃଷ୍ଟି କରିଥାନ୍ତି । ସୁତରାଂ, ସାଧକମାନେ ଭକ୍ତ ଓ ଭଗବାନଙ୍କ ଲୀଳାଗ୍ରନ୍ଥ ଏବଂ ନିଜ ନିଜ ସାଧନପଥର ସାରଭୂତ କାର୍ଯ୍ୟ ସାଧନୋପଯୋଗୀ ଶାସ୍ତ୍ରାଂଶ ମାତ୍ର ପାଠ କରିବା କର୍ତ୍ତବ୍ୟ । ତତ୍‌ପରେ ସତ୍ୟଲାଭ କରି ସାଧାରଣଙ୍କୁ ଶିକ୍ଷା ଦେବାନିମିତ୍ତ ସମସ୍ତ ହିନ୍ଦୁଧର୍ମ ଶାସ୍ତ୍ର ଅଧ୍ୟୟନ କରିବେ । ସେତେବେଳେ ଦେଖିବେ ହିନ୍ଦୁଧର୍ମ ଶାସ୍ତ୍ରରେ କିପରି ସୁଶୃଙ୍ଖଳିତଭାବରେ ଅଗଣିତ ତତ୍ତ୍ୱ ସ୍ତରେ ସ୍ତରେ ସୁସଜ୍ଜିତ ହୋଇ ରହିଛି ।

କୌଣସି ଶାସ୍ତ୍ର ମିଥ୍ୟା ବା ନିରର୍ଥକ ନୁହେଁ । କୌଣସି ନା କୌଣସି ଅଧିକାରୀଙ୍କ ପ୍ରୟୋଜନ ତଦ୍ଦ୍ୱାରା ସିଦ୍ଧ ହୁଏ । ରାଜନୀତି, ସମାଜନୀତି, ଧର୍ମନୀତି ପ୍ରଭୃତି ଏପରି କୌଣସି ନୂତନ କଥା କେହି କହିପାରିବେ ନାହିଁ, ଯାହା ବିଶାଳ ହିନ୍ଦୁ-ଧର୍ମଶାସ୍ତ୍ରର କୌଣସି ନା କୌଣସି ଗ୍ରନ୍ଥରେ ଲିପିବଦ୍ଧ ହୋଇ ନାହିଁ । ଆମେମାନେ ଉପଯୁକ୍ତ ଗୁରୁଙ୍କ ଅଭାବରେ ଉପଯୁକ୍ତ ଶିକ୍ଷାଲାଭରୁ ବଞ୍ଚିତ ବୋଲି ଅସୀମ ଜ୍ଞାନସମ୍ପନ୍ନ ଆର୍ଯ୍ୟ ବଂଶରେ ଜନ୍ମଗ୍ରହଣ କରି ମଧ୍ୟ ଅକର୍ମଣ୍ୟ, ନଗଣ୍ୟ ହୋଇ ରହିଛୁ ଏବଂ ସର୍ବଦା ରୋଗଶୋକରେ ଓ ସଂକଳ୍ପିତ କର୍ମନାଶରେ ହତାଶ ହୋଇ ମରୁଛୁ ।

ଅତଏବ ସତ୍ୟ ଲାଭ କରି ଯେ କୃତାର୍ଥ ହୋଇଛନ୍ତି, ସେ ହିନ୍ଦୁଧର୍ମଶାସ୍ତ୍ର ରୂପକଳ୍ପ ଭଣ୍ଡାରର ଦ୍ୱାରୀ ହୋଇ ସର୍ବସାଧାରଣଙ୍କ ନିକଟରେ ଅଧିକାରାନୁରୂପ ତତ୍ତ୍ୱ କଥା ପ୍ରଚାରଦ୍ୱାରା ସମାଜର ସୁଖଶାନ୍ତି ପ୍ରତିଷ୍ଠା କରିବେ; ତ୍ରିତାପଦଗ୍ଧ ଜୀବଗଣଙ୍କ ହୃଦୟରେ ଅମୃତ ଢାଳି ସେମାନଙ୍କୁ ସଂଜୀବିତ କରିବେ । ହିନ୍ଦୁଧର୍ମଶାସ୍ତ୍ରରୂପ ସମୁଦ୍ରମନ୍ଥନଦ୍ୱାରା ଏହି ସୁଧାର ଉଦ୍ଭବ ହୋଇଅଛି । ଏ ସୁଧାପାନକରି ମରଜଗତର ମନୁଷ୍ୟ ଅମରତ୍ୱ ଲାଭ କରିବେ ଏବଂ ସେମାନଙ୍କ ଆତ୍ମଜ୍ଞାନର ଅପୂର୍ଣ୍ଣ ଆକାଂକ୍ଷା ଦୂରୀଭୂତ ହେବ ।

ଧର୍ମବଳରେ ପ୍ରକୃତ ଉନ୍ନତି

ପ୍ରକୃତ ଉନ୍ନତି ଲାଭ କରିବାକୁ ହେଲେ ଧର୍ମବଳ ଲାଭ କରିବା ପ୍ରୟୋଜନ । ଧର୍ମବଳ ଲାଭ କରିବାକୁ ହେଲେ ବ୍ରହ୍ମଚର୍ଯ୍ୟ ପାଳନ ଏକାନ୍ତ ଆବଶ୍ୟକ । କେବଳ

ପୁସ୍ତକ ପାଠଦ୍ୱାରା କିମ୍ବା ବକ୍ତୃତାଦ୍ୱାରା ଧର୍ମଲାଭ କରାଯାଏ ନାହିଁ । ହିନ୍ଦୁଧର୍ମ ବ୍ୟତୀତ ପୃଥିବୀରେ ସବୁ ଧର୍ମସଂପ୍ରଦାୟରେ— ପ୍ରତ୍ୟକ୍ଷଭାବରେ ନ ହେଲେ ମଧ— ବ୍ରହ୍ମଚର୍ଯ୍ୟ ବ୍ରତ ପାଳିତ ହୋଇଥାଏ । ତେବେ ଦେଶ-କାଳ-ପାତ୍ରଭେଦରେ ବିଭିନ୍ନତା ପରିଦୃଷ୍ଟ ହୋଇଥାଏ ମାତ୍ର । ଆମ ଦେଶର ବିଧବା ଲଳନାମାନେ ଆୟୁ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟରେ ବିଭୂଷିତା ହୋଇ ବ୍ରହ୍ମଚର୍ଯ୍ୟର ମହିମା ବିଘୋଷିତ କରୁଛନ୍ତି ।

ଯଦି ଦେଶର ପ୍ରକୃତ ଉନ୍ନତି କରିବା କାହାର ଇଚ୍ଛା ଥାଏ, ତେବେ ସାଧାରଣଙ୍କର ବ୍ରହ୍ମଚର୍ଯ୍ୟ ଅଭାବରେ କି କ୍ଷତି ହେଉଅଛି, ତାହା ସେମାନଙ୍କୁ ସର୍ବାଗ୍ରେ ବୁଝାଇଦେବା କର୍ତ୍ତବ୍ୟ । ଭାରତବର୍ଷରୁ ବହୁଦିନ ହେଲା ବ୍ରହ୍ମଚର୍ଯ୍ୟପାଳନ ଉଠିଯାଇଥିବାରୁ ବର୍ତ୍ତମାନ ହିନ୍ଦୁ-ସମାଜରେ ନାନାବିଧ ପ୍ରତିକୂଳ ଅବସ୍ଥା ଦେଖାଦେଉଛି । ସୁତରାଂ ବିଶେଷ ଅଧବସାୟ ସହିତ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବାକୁ ପଡ଼ିବ । ସାଧୁ, ମହାତ୍ମା, ଧନୀ, ଜ୍ଞାନୀ, କର୍ମୀ, ଛାତ୍ର, ଶିକ୍ଷକ ଓ ଅଭିଭାବକ ସମସ୍ତଙ୍କ ସମବେତ ଚେଷ୍ଟାରେ ଯେପରି ଆମ ସନ୍ତାନ ସନ୍ତତିମାନେ ସେହି ବ୍ରହ୍ମଚର୍ଯ୍ୟ ମହାବ୍ରତ ଅବଲମ୍ବନ କରି ଶକ୍ତି ସମ୍ପନ୍ନ ହୋଇପାରିବେ, ତାହା ପ୍ରତ୍ୟେକ ସ୍ୱଦେଶହିତୈଷୀଙ୍କ ଜୀବନର ମହାବ୍ରତ ହେବା ଉଚିତ । ନିଜ ନିଜର ବ୍ୟକ୍ତିଗତ କ୍ଷୁଦ୍ରତ୍ୱ ଭୁଲି ଏହି ମହାବ୍ରତ ଅବଲମ୍ବନ କଲେ ଭିନ୍ନ ଭିନ୍ନ ପରିବାରର, ମୋଟ ଉପରେ ସମଗ୍ର ହିନ୍ଦୁଜାତିର ଉନ୍ନତି ଅବଶ୍ୟମ୍ଭାବୀ ।

ଆଧୁନିକ ଶିକ୍ଷାରେ ଦେଶ ଏକାବେଳକେ ଅନ୍ତଃସାରଶୂନ୍ୟ ହୋଇଯାଇଛି । ଆଧ୍ୟାତ୍ମିକତାବିହୀନ ଶିକ୍ଷାଫଳରେ ମାନବ କେତେଦୂର ନିମ୍ନକୁ ଖସିଆସେ, ସେ ସମ୍ବନ୍ଧରେ ପ୍ରକୃତ ଘଟଣା ଶୁଣିଲେ ସମସ୍ତେ ବିସ୍ମିତ ହେବେ । ବର୍ତ୍ତମାନ ଯୁଗରେ ପୁତ୍ରର ସାତ୍ତ୍ୱିକଭାବ ଦର୍ଶନରେ ପିତା ଭୀତ ହୋଇ ପୁତ୍ରକୁ ସତ୍‌ପଥକୁ ଆଣିବାନିମିତ୍ତ ନିତାନ୍ତ ଜଘନ୍ୟ ଉପାୟ ଅବଲମ୍ବନ କରିବାକୁ ପଶ୍ଚାତ୍‌ପଦ ହେଉ ନାହାନ୍ତି । କ୍ଷେତ୍ରବିଶେଷରେ ସାତ୍ତ୍ୱିକ ପୁତ୍ରକୁ ପିତା ବଳପୂର୍ବକ ବାରବନିତାଦ୍ୱାରା ପ୍ରଲୁବ୍ଧ କରାଇ ନରକର ଦ୍ୱାର ଉଦ୍‌ଘାଟନ କରିବାକୁ ମଧ ପଶ୍ଚାତ୍‌ପଦ ହେଉନାହାନ୍ତି । ସାତ୍ତ୍ୱିକ ଭାବାପନ୍ନ ଛାତ୍ର ଦୁଇ ମିନିଟ୍‌ରେ ଯେଉଁ ବିଦ୍ୟା ଆୟତ୍ତ କରିପାରିବେ, ତାମସିକ ଭାବାପନ୍ନ ଛାତ୍ରଙ୍କୁ ସେହି ବିଦ୍ୟା ଆୟତ୍ତ କରିବାକୁ ଏକଘଣ୍ଟା ସମୟ ଲାଗିବ । ବର୍ତ୍ତମାନ ତଥାକଥିତ ଶିକ୍ଷିତ ପିତାଙ୍କ ମତରେ ତାଙ୍କର ପୁତ୍ର ସନ୍ନ୍ୟାସ ହେବାଠାରୁ, ମଦ୍ୟପାୟୀ, ବେଶ୍ୟାସକ୍ତ ଓ ଦୁର୍ନୀତିପରାୟଣ ହୋଇ ମଧ ସଂସାରରେ ସଂସାରୀ ହେବା ଅନେକାଂଶରେ ଭଲ ।

ଧର୍ମଶିକ୍ଷା ଅର୍ଥ ଚରିତ୍ର ଗଠନମୂଳକ ଶିକ୍ଷାକୁ ବୁଝାଯାଏ । ତେଣୁ ଦେଶବାସୀ ଜନସାଧାରଣ ବ୍ରହ୍ମଚର୍ଯ୍ୟ ଭିତ୍ତିରେ ସ୍ୱତନ୍ତ୍ର ପ୍ରତିଷ୍ଠାମାନ ଗଠନ କରିବା ଏକାନ୍ତ କର୍ତ୍ତବ୍ୟ ।

ଧର୍ମତତ୍ତ୍ୱ ବିଷୟରେ କିଛି କହିବାକୁ ହେଲେ ସେଥିରେ ମଧ୍ୟ ଅଭ୍ୟାସମୂଳକ କାର୍ଯ୍ୟକାରୀ ଶିକ୍ଷାର ପ୍ରୟୋଜନ ଅଛି । ସେଥିରେ କୃତକାର୍ଯ୍ୟ ହେଲେ ଧର୍ମତତ୍ତ୍ୱ ବିଷୟରେ କହିବାର ଅଧିକାର ଜନ୍ମେ । ଭଗବାନ୍‌ଙ୍କ ସହିତ ପ୍ରତ୍ୟକ୍ଷଭାବରେ ଯୋଗହେବାକୁ ହେଲେ ସଦ୍‌ଗୁରୁଙ୍କଠାରୁ ପ୍ରତ୍ୟକ୍ଷଭାବରେ ଶିକ୍ଷା କରିବା ଦରକାର । ତେବେ ଯାଇ ଧର୍ମଶିକ୍ଷା ଦେବାର ଅଧିକାର ଲାଭ ହୋଇପାରିବ ।

ଶୁଣ, ମାନବ ବର୍ତ୍ତମାନ ଏପରି ଇହକାଳସର୍ବସ୍ୱ ହୋଇପଡ଼ିଛି ଯେ, ପରକାଳର ଚିନ୍ତା ପର୍ଯ୍ୟନ୍ତ ସେ କରିପାରୁନାହିଁ । ଏପରି କି ପରକାଳର ଅସ୍ତିତ୍ୱ ସମ୍ବନ୍ଧରେ ଅଧିକାଂଶଙ୍କର ବିଶ୍ୱାସ ମଧ୍ୟ ନାହିଁ । ସେମାନେ ଏ ଜଗତ୍‌ରେ ନିତ୍ୟବାସ କରିବାର କଳ୍ପନା ନେଇ ଦୁର୍ବଳ ଉପରେ ଅତ୍ୟାଚାର ଓ ପ୍ରଭୁତ୍ୱ ସ୍ଥାପନନିମିତ୍ତ ମିଥ୍ୟାର ଆଶ୍ରୟ ଗ୍ରହଣ କରି ମଧ୍ୟ ଧନସମ୍ପଦବୃଦ୍ଧିର ଚେଷ୍ଟା କରୁଛନ୍ତି; କିନ୍ତୁ ସେମାନେ ଦିନେ ଯେ ଏ ସମସ୍ତ ତ୍ୟାଗକରି ସେହି ଅଜଣା ଦେଶକୁ ଚାଲିଯିବେ ଏବଂ ଯାହାଙ୍କର ଅକ୍ଷୟ ଭଣ୍ଡାରର ଜିନିଷ ତାଙ୍କରି ଭଣ୍ଡାରରେ ପଡ଼ି ରହିଥିବ, ଏକଥା ସେମାନେ ବୁଝୁ ନାହାନ୍ତି । କେବଳ ଅହଙ୍କାରବଶରେ 'ସବୁକୁ ମୋର' ବୋଲି ଭ୍ରମଧାରଣା ପୋଷଣ କରୁଛନ୍ତି ମାତ୍ର । ନିତ୍ୟ ପ୍ରତ୍ୟକ୍ଷଭାବରେ ବହୁ ଲୋକଙ୍କର ମୃତ୍ୟୁ ଦେଖି ମଧ୍ୟ ସେମାନେ ମନେ କରୁଛନ୍ତି ଯେ ସେ ଏ ଜଗତ୍‌ର ସ୍ଥାୟୀ ଅଧିବାସୀ । ଏହା ହିଁ ସବୁଠାରୁ ବଳି ଆଶ୍ଚର୍ଯ୍ୟର କଥା ।

ଛାତ୍ରମାନଙ୍କ ପ୍ରତି

ପରିପୂର୍ଣ୍ଣ ଜୀବନ ଗଠନ

"ଛାତ୍ରାଣାମଧ୍ୟୟନଂ ତପଃ" । ଛାତ୍ରମାନଙ୍କର ଅଧ୍ୟୟନ ହିଁ ତପସ୍ୟା । ଅର୍ଥାତ୍ ଛାତ୍ରମାନେ ଅଧ୍ୟୟନ ନିମିତ୍ତ ସମସ୍ତ ଚେଷ୍ଟା ଓ ଶକ୍ତି ବିନିଯୋଗ କରିବେ । ଏହି ସମୟରେ ଅନ୍ୟବିଧ ଚିନ୍ତା ଓ ଅନ୍ୟ ଚେଷ୍ଟାରେ ଚିତ୍ତର ଗତି ବିଭିନ୍ନମୁଖୀ ହେଲେ ଏକାଗ୍ରତା ଜନ୍ମିବାକୁ ବାଧା ଘଟେ; ସୁତରାଂ ସମ୍ୟକ୍ ଭାବରେ ଜ୍ଞାନାର୍ଜନ ହୋଇପାରେ ନାହିଁ । ଏଥିପାଇଁ ପ୍ରାଚୀନ କାଳରେ ଆମ ଦେଶରେ ଛାତ୍ରମାନେ ଗୁରୁ ଗୃହରେ ରହି ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରି ଜ୍ଞାନାର୍ଜନରେ ରତ ରହୁଥିଲେ । ପ୍ରକୃତିର ଉନ୍ମୁକ୍ତ, ଉଦାର, କୃତ୍ରିମତା ବର୍ଜିତ ନିଭୃତ ଲୀଳାକ୍ଷେତ୍ରରେ ସଦ୍‌ଗୁରୁଙ୍କ ସନ୍ନିଧାନରେ ଏହି ଆଶ୍ରମ ଜୀବନ ଅତିବାହିତ ହେଉଥିଲା ।

ଏଠାରେ ସଂସାରର ଆବିଳତା ସ୍ଥାନ ପାଉ ନ ଥିଲା, ସୁତରାଂ ଛାତ୍ର ଜୀବନରେ ମଧ୍ୟ କୌଣସିପ୍ରକାରର ଆବିଳତା ପ୍ରବେଶ କରିପାରୁ ନ ଥିଲା । ଏମାନଙ୍କ ଜୀବନ ସମ୍ପୂର୍ଣ୍ଣ ଭାବରେ ସ୍ୱଭାବ ଅନୁକୂଳରେ ଗଠିତ ହେଉଥିଲା । ଅକାଳପକ୍ୱତା ଦୋଷ ସେମାନଙ୍କ ଭିତରେ ଦେଖାଯାଉନଥିଲା । ଏମାନେ ରାଜା-ପ୍ରଜା, ଧନୀ-ନିର୍ଦ୍ଧନ ନିର୍ବିଶେଷରେ ମନୁଷ୍ୟ ସନ୍ତାନରୂପରେ ପ୍ରତିପାଳିତ ହେଉଥିଲେ । ସୁତରାଂ ଆଭିଜାତ୍ୟ ବା ପଦମର୍ଯ୍ୟାଦାର ଗର୍ବ ଏମାନଙ୍କ ଶିକ୍ଷାପଥରେ ପ୍ରତିବନ୍ଧକ ହେଉ ନ ଥିଲା । ଯାହା ଭିତରେ ଯେଉଁ ବୀଜଥାଏ, ତାହାହିଁ ସୁପରିଣତ ହୋଇ ଉପଯୁକ୍ତ ସମୟରେ ଫଳପୁଷ୍ପ ସୁଶୋଭିତ ହେଉଥିଲା । ଶାସ୍ତ୍ରାଦିରେ ଯେଉଁସବୁ ସତ୍ୟ ଲିପିବଦ୍ଧ ଅଛି, ଛାତ୍ର ଜୀବନରେ ପରୀକ୍ଷା କରି ତାହାର ସତ୍ୟତା ଉପଲବ୍ଧି କରିବାକୁ ମଧ୍ୟ ଏମାନଙ୍କର ସୁଯୋଗ ଘଟୁଥିଲା । ସର୍ବୋପରି ଆଚାର୍ଯ୍ୟ ଓ ଗୁରୁ ଏମାନଙ୍କ ନିକଟରେ ଜୀବନ୍ତ ଶାସ୍ତ୍ର ବୋଲି ପ୍ରତିଭାତ ହେଉଥିଲେ । ସୁତରାଂ ଶ୍ରେଷ୍ଠ ବ୍ୟକ୍ତି ଯେପରି ଆଚରଣ କରନ୍ତି, ତଦିତର ବ୍ୟକ୍ତି ତାର ଅନୁକରଣ କରିଥାନ୍ତି— ଏହି ସତ୍ୟ ସଫଳ ହେଉଥିବାରୁ ଛାତ୍ରମାନଙ୍କ ଜୀବନ ମଧୁମୟ ହେଉଥିଲା ।

ଶିକ୍ଷାକାଳରେ ଯେଉଁମାନଙ୍କର ଜିହ୍ୱା ଓ ଉପସ୍ଥ ସଂଯତ ହୋଇପାରୁଥିଲା, ସେମାନେ ସତ୍ୟାନୁଶୀଳନ ଓ ଜଗତର ହିତନିମିତ୍ତ ଜୀବନ ଉତ୍ସର୍ଗ କରୁଥିଲେ । ଆଉ

ଯେଉଁମାନେ ଏହି ଉଭୟ ପ୍ରଭାବରୁ ରକ୍ଷା ପାଇବାକୁ ଅକ୍ଷମ ହେଉଥିଲେ, ସେମାନଙ୍କୁ ଗାର୍ହ୍ୟସ୍ଥାଶ୍ରମରେ ପ୍ରବେଶ କରି ଦ୍ୱିତୀୟ ଥରପାଇଁ ପରୀକ୍ଷା ଦେବାକୁ ପଡୁଥିଲା । ପୂର୍ବର ସଂଯମ, ଶିକ୍ଷା ଓ ଆଦର୍ଶ ପ୍ରବଳ ଥିବାରୁ ସେମାନେ ସେତେବେଳେ ଏହି ପରୀକ୍ଷାରେ ଅବାଧରେ ଉତ୍ତୀର୍ଣ୍ଣ ହୋଇପାରୁଥିଲେ; ସେତେବେଳେ ସେମାନେ ପୁଣି ଉଚ୍ଚରୁ ଉଚ୍ଚତର ଜ୍ଞାନଲାଭନିମିତ୍ତ ପ୍ରୟାସୀ ହୋଇ ତଦନୁକୂଳ ଜୀବନଯାପନ କରି ପୂର୍ଣ୍ଣତା ଲାଭ କରୁଥିଲେ । ଏହିପରି ଭାବରେ ପ୍ରତ୍ୟେକଙ୍କର ଜୀବନରେ ପୂର୍ଣ୍ଣତା ଲାଭ କରିବା ହିଁ ସେକାଳର ଆଦର୍ଶ ଥିଲା । ସେ ଯୁଗରେ ଏପରି ଭାବରେ ସମାଜ ସଂଗଠିତ ହୋଇଥିଲା ଯେ, ଏହାର ଶିକ୍ଷାକ୍ଷେତ୍ର ସବୁଠାରେ ଏବଂ ସମସ୍ତ ବ୍ୟବସ୍ଥା ହିଁ ମନୁଷ୍ୟ ଜୀବନର ସାର୍ବଭୌମ ଲକ୍ଷ୍ୟମୁଖୀ ଥିଲା । ଏହି ଶିକ୍ଷାରେ ଧନୀ-ଦରିଦ୍ର, ବ୍ରାହ୍ମଣ-ଅବ୍ରାହ୍ମଣ କାହାରି ମଧ୍ୟରେ ବିରୋଧ ନ ଥିଲା । ମନୁଷ୍ୟମାତ୍ରକେ ଏହି ପ୍ରକାର ଆଶ୍ରମଚତୁଷ୍ଟୟ ମଧ୍ୟରେ ଜୀବନଯାପନ କରି ସେହି ଗୋଟିଏ ଲକ୍ଷ୍ୟପଥରେ ଧାବିତ ହେଉଥିଲେ । ସମାଜ-ଶୃଙ୍ଖଳା ଭିତରେ ମଧ୍ୟ କୌଣସି ବିରୋଧ ଉପସ୍ଥିତ ହେବାର କାରଣ ନ ଥିଲା । ଗୁଣକର୍ମ ଅନୁସାରେ ସମାଜର ବିଭିନ୍ନ ସ୍ତର ଥିଲେ ମଧ୍ୟ ଲକ୍ଷ୍ୟ ଏକ ଥିବାରୁ ସମସ୍ତଙ୍କ ଭିତରେ ସହଯୋଗିତା ଥିଲା, ବିରୋଧ ଘଟିବାର କୌଣସି କାରଣ ନ ଥିଲା ।

ଆମୂଳ ପରିବର୍ତ୍ତନ ଆବଶ୍ୟକ

ବର୍ତ୍ତମାନ ବୈଦେଶିକ ଶିକ୍ଷାପ୍ରଭାବରେ ପ୍ରଭାବିତହୋଇ ଭାରତ ସେହି ଆଦର୍ଶ ଭୁଲିଯାଇଛି । ଭାରତରେ ପୂର୍ବୋକ୍ତ ଉଚ୍ଚତମ ଆଦର୍ଶ ହିଁ ଦେଶର ପ୍ରାଣ । ଦେଶକୁ ଜାଗ୍ରତ କରିବାକୁ ହେଲେ ଏହି ଆଦର୍ଶକୁ ପୁନରାୟ ଜାଗ୍ରତ କରିବାକୁ ପଡ଼ିବ । ବର୍ତ୍ତମାନ ଦେଶକୁ ଉନ୍ନତ କରାଇବାପାଇଁ ନାନାବିଧ ଚେଷ୍ଟା ଚାଲିଛି; କିନ୍ତୁ ପ୍ରକୃତ ରୋଗ ନିର୍ଣ୍ଣୟ କରି ନ ପାରିଲେ ଯେପରି ବିବିଧ ଔଷଧ ପ୍ରୟୋଗ କରି ମଧ୍ୟ ବିଫଳମନୋରଥ ହେବାକୁ ପଡ଼େ, ଆଜି ଦେଶ ପକ୍ଷରେ ମଧ୍ୟ ସେହିପରି ଅବସ୍ଥା ଘଟିଛି । ପ୍ରକୃତ ଶିକ୍ଷାକ୍ଷେତ୍ର ଓ ଆଦର୍ଶ ଜାତୀୟ ଶିକ୍ଷା ଅଭାବରେ ଆମେମାନେ ଦେଶର ଏକମାତ୍ର ଆଶା-ଭରସାର ସ୍ଥଳ କୋମଳପ୍ରାଣ ବାଳକ-ବାଳିକାମାନଙ୍କୁ କିପରି ଅଧଃପାତ ପଥରେ ପରିଚାଳିତ କରୁଛୁ, ସେଥିପ୍ରତି କାହାରି ଦୃଷ୍ଟି ନାହିଁ ।

ଆମେ ସ୍ୱରାଜ୍ୟ ଲାଭକରିବା ନିମିତ୍ତ ବ୍ୟାକୁଳ ହେଉଛୁ; କିନ୍ତୁ ଏହି ସ୍ୱରାଜ୍ୟ ରକ୍ଷା କରିବେ କେଉଁମାନେ ? ଯେଉଁମାନେ ଶିକ୍ଷାରେ, ଦୀକ୍ଷାରେ, ଆଚାର-ବ୍ୟବହାରରେ, ଚାଲିଚଳନରେ, ବିଳାସ-ବ୍ୟସନରେ ସମ୍ପୂର୍ଣ୍ଣ ବିଦେଶୀ ଭାବାପନ୍ନ

ହେବାକୁ ଶିକ୍ଷା ପାଉଛନ୍ତି, ସେହିମାନେ କଅଣ ସ୍ୱରାଜ୍ୟ ରକ୍ଷା କରିପାରିବେ ? ଆମେ କେବଳ ମୁହଁରେ ସ୍ୱରାଜ୍ୟ ସ୍ୱରାଜ୍ୟ ବୋଲି କହୁଛୁଁ; କିନ୍ତୁ ଆମେ ମନରେ, ପ୍ରାଣରେ ବୈଦେଶିକ ଶ୍ରେଷ୍ଠତା ବରଣ କରିନେଇଛୁ । ଆମମାନଙ୍କ ଶାସ୍ତ୍ର ଅତିରଞ୍ଜିତ ବୋଲି ବାଳକ-ବାଳିକାମାନେ ଶିକ୍ଷା ପାଉଛନ୍ତି । ନାନା ଦେବ-ଦେବୀଙ୍କର ଭଜନ, ସମାଜରେ ନାନାବିଧ କୁସଂସ୍କାର; ଜାତ୍ୟାଭିମାନ, ଅସ୍ପୃଶ୍ୟତା ଦୋଷ, ଆହାର ବିହାରରେ, ପୋଷାକ ପରିଚ୍ଛଦରେ ଅସଭ୍ୟତା ପ୍ରଭୃତି ଆମର କଳଙ୍କ ବୋଲି ଗ୍ରହଣ କରି ଆମେ ଏକାବେଳକେ ବିବ୍ରତ ଏବଂ ଯାହା କିଛି ବୈଦେଶିକ ରୀତିନୀତି ସେ ସମସ୍ତ ଉତ୍କୃଷ୍ଟ ବୋଲି ଆମମାନଙ୍କର ଦୃଢ଼ ଧାରଣା ଜାତ ହୋଇଛି ।

ଆମମାନଙ୍କର ପ୍ରାଚୀନ ଶାସ୍ତ୍ର-ପୁରାଣ, ଜ୍ୟୋତିଷ-ବିଜ୍ଞାନ, କାବ୍ୟ, ଦର୍ଶନ ପ୍ରଭୃତି ପାଠ କରିବାର ଅବସର ଛାତ୍ରମାନଙ୍କୁ ଦିଆଯାଉ ନାହିଁ । ପକ୍ଷାନ୍ତରେ ବାଲ୍ୟକାଳରୁ ବୈଦେଶିକ ଭାଷା ଶିକ୍ଷା କରିବା ସଙ୍ଗେସଙ୍ଗେ ବୈଦେଶିକ ଶାସ୍ତ୍ର, ବିଜ୍ଞାନ ବାଳକ-ବାଳିକାମାନଙ୍କୁ ଶିକ୍ଷା ଦିଆଯାଉଛି; ତାହା ପୁଣି ବିଦେଶୀ ଶିକ୍ଷକଙ୍କ ନିକଟରୁ । ତେଣୁ ସର୍ବତୋଭାବେ ବୈଦେଶିକ ଆଦର୍ଶ ମଧ୍ୟରେ ପ୍ରତିପାଳିତ ହୋଇ ସେମାନେ ତା'ର ପ୍ରଭାବରୁ ମୁକ୍ତି ପାଇବେ— ଏହା ଅସମ୍ଭବ । ପୁଣି ବାଲ୍ୟକାଳରୁ ଏହି ଭାବ ଅସ୍ଥିମଜ୍ଜାଗତ ହୋଇଯାଇଥିବାରୁ ସେମାନଙ୍କର ସ୍ୱଜାତୀୟ ଭାବ ଯେ ଲୋପ ପାଇବ, ଏହା ଅବଧାରିତ । ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଅଧିକାଂଶ ବ୍ୟକ୍ତିଙ୍କ ମଧ୍ୟରେ ଆମେମାନେ ଚାଲିଚଳନରେ, ଆହାର ବିହାରରେ ଷୋହଳଅଣା ବିଦେଶୀଭାବ ଦେଖିବାକୁ ପାଉଛୁଁ । ଏହିମାନେ ହିଁ ଆମମାନଙ୍କ ସମାଜର ଶ୍ରେଷ୍ଠ ଓ ଆଦର୍ଶସ୍ଥାନୀୟ; ସୁତରାଂ ଦେଶବାସୀ ଯେ ଏମାନଙ୍କୁ ଅନୁକରଣ କରି ବୈଦେଶିକ ଭାବାପନ୍ନ ହେବେ, ସେଥିରେ ବୈଚିତ୍ର୍ୟ କିଛି ନାହିଁ । ଏହି ବୈଦେଶିକ ଭାବାପନ୍ନ ଦେଶରେ ସ୍ୱରାଜ୍ୟଲାଭର ପ୍ରୟାସ ଉପହାସ୍ୟାସ୍ପଦ ନୁହେଁ କି ?

ବୈଦେଶିକ ଶିକ୍ଷା, ବୈଦେଶିକ ପାରିପାର୍ଶ୍ୱିକ ସ୍ଥିତି ଓ ବୈଦେଶିକ ଆଦର୍ଶ ଆମ ଦେଶରେ ଶିକ୍ଷିତମାନଙ୍କ ମଧ୍ୟରେ କିପରି କ୍ରିୟା କରୁଛି, ତାହା ସମସ୍ତଙ୍କର ପ୍ରତ୍ୟକ୍ଷ କରିବାର ବିଷୟ ।

ଆମ ଦେଶର ହାକିମ, ଓକିଲ, ବାରିଷ୍ଟର, ଡାକ୍ତର ଓ ପ୍ରଫେସର୍‌ମାନେ ଉଚ୍ଚ ଶିକ୍ଷିତ ବୋଲି ପରିଗଣିତ । ଏହିସବୁ ଶିକ୍ଷିତ ବ୍ୟକ୍ତିମାନଙ୍କ ମଧ୍ୟରେ ଅଧିକାଂଶ

କେତେ ପରିମାଣରେ ସ୍ୱଦେଶୀ ଭାବାପନ୍ନ, ତାହା ସେମାନଙ୍କର ପୋଷାକ-ପରିଚ୍ଛଦ, ପାନ-ଭୋଜନ ଦେଖିଲେ ସହଜରେ ବୁଝିହେବ । ତା'ପରେ ସ୍କୁଲ-କଲେଜରେ ଛାତ୍ରଛାତ୍ରୀମାନଙ୍କର ବେଶଭୂଷା, ଆଚାର-ବ୍ୟବହାର ଓ ଅସଂଯତ ଭାବ ଦେଖିଲେ ବୁଝାଯାଏ ଯେ, ଏମାନେ ବୈଦେଶିକ ଆଚାର-ବ୍ୟବହାରରେ କେତେଦୂର ତାଲିମ ପାଇଛନ୍ତି ।

ଶିକ୍ଷା-ଆଦର୍ଶରେ ବୈଦେଶିକ ପ୍ରଭାବ ପଡ଼ି ଆମ୍ଭମାନଙ୍କୁ କି ପରିମାଣରେ ସ୍ୱରାଜ୍ୟଠାରୁ ଦୂରକୁ ନେଇଯାଉଛି, ସେଆଡ଼କୁ ଆମ୍ଭମାନଙ୍କର ଲକ୍ଷ୍ୟ ନାହିଁ । ଆମେମାନେ ଦେଶର ଅନ୍ୟ ପ୍ରକାର ବ୍ୟାଧି କଳ୍ପନା କରି ତାହାର ପ୍ରତିକାରର ପ୍ରୟାସ କରୁଅଛୁଁ । ବୃକ୍ଷମୂଳରେ ଜଳ ସିଞ୍ଚନ ନ କରି ଶାଖା-ପ୍ରଶାଖାରେ ଜଳ ଢ଼ାଳିଲେ ଯେପରି ବୃକ୍ଷକୁ ରସଗ୍ରହଣରେ ସାହାଯ୍ୟ କରାଯାଏ ନାହିଁ, ସେହିପରି ଆମର ସର୍ବବିଧ ଚେଷ୍ଟା ହିଁ ଆମର ଅଜ୍ଞତା ହେତୁ ପଣ୍ଡ ହୋଇଯାଉଅଛି ।

ଭାରତୀୟ ଆଦର୍ଶ

ଆମ ଦେଶରେ ଲୋକେ ଏହି ଦୁଇଶହ ବର୍ଷ ଧରି ବୈଦେଶିକ ଶିକ୍ଷା ପାଇ ମଧ୍ୟ ଶତକଡ଼ା ନବେ ଜଣ ମୂର୍ଖ ହୋଇ ରହିଛନ୍ତି । ଦେଶର ମୂର୍ଖତ୍ୱ ଦୋଷ ଘୁଞ୍ଚାଇବା ନିମିତ୍ତ ଆଜି ଯଦି ଦେଶର ଲୋକେ ଲାଗିପଡ଼ନ୍ତେ, ତେବେ ବୁଝାଯାଆନ୍ତା ଯେ କେତେକ ପରିମାଣରେ ରୋଗ ନିର୍ଣ୍ଣୟ କରାଯାଇଛି । କିନ୍ତୁ କାହିଁ ? ଦେଶ ଯେ ଭିନ୍ନ ପଥରେ ଗତି କରୁଛି ! ଦେଶରେ ଯାହା କିଛି ଆନ୍ଦୋଳନ ହେଉଛି, ଆଲୋଚନା ଚାଲିଛି, ତାହାକେବଳ କେତେକ ପାଶ୍ଚାତ୍ୟ ଶିକ୍ଷିତ ମୁଷ୍ଟିମେୟ ଲୋକଙ୍କ ମଧ୍ୟରେ ସୀମାବଦ୍ଧ । ପୁଣି ତାହା କେବଳ ମୁହଁରେ, କାର୍ଯ୍ୟରେ ନୁହେଁ; କାରଣ ମନରେ, ପ୍ରାଣରେ ଦେଶପ୍ରତି ସେମାନଙ୍କର ଶ୍ରଦ୍ଧା ନାହିଁ । ସେମାନେ ଦେଶର ଋଷିନିର୍ଦ୍ଦିଷ୍ଟ କୌଣସି ପ୍ରକାର ଆଚାର-ଅନୁଷ୍ଠାନପ୍ରତି ଶ୍ରଦ୍ଧାସମ୍ପନ୍ନ ନୁହନ୍ତି । ପାଶ୍ଚାତ୍ୟ ଶିକ୍ଷିତ ଖୁବ୍ କମ୍ ଲୋକଙ୍କ ମଧ୍ୟରେ ଋଷିମାନଙ୍କ ପନ୍ଥା ଅନୁସରଣ କରିବା ଅଥବା ସେମାନଙ୍କ ପ୍ରଦର୍ଶିତ ସତ୍ୟର ଅନୁଶୀଳନ କରିବାର ଦେଖାଯାଏ । ତେଣୁ ବର୍ତ୍ତମାନ ଶିକ୍ଷାରେ ଶିକ୍ଷିତ ଲୋକଙ୍କଦ୍ୱାରା ଆମ ଦେଶରେ ପ୍ରକୃତ କାର୍ଯ୍ୟ ସାଧିତ ହେବ ନାହିଁ ।

ପ୍ରାଚୀନ ଆଦର୍ଶ ଅନୁଯାୟୀ ଜୀବନଯାପନକାରୀ ସାଧୁହୃଦୟ ବ୍ୟକ୍ତିମାନେ ହିଁ ଆମମାନଙ୍କର ପ୍ରକୃତ ଆଦର୍ଶ । ଶିକ୍ଷା-ପ୍ରତିଷ୍ଠାନଗୁଡ଼ିକର ଏହିମାନେ ହିଁ ଏକମାତ୍ର ଯୋଗ୍ୟ ଆଚାର୍ଯ୍ୟ ବା ଗୁରୁ । ଏହିମାନେ ଯେତେବେଳେ ଦେଶର ଶିକ୍ଷାଭାର ଗ୍ରହଣ

କରିବେ ଓ କଳୁଷିତ ସମାଜରୁ ବାଳକବାଳିକାମାନଙ୍କୁ ଉଦ୍ଧାର କରି ପ୍ରକୃତିର ଉନ୍ମୁକ୍ତ ଓ ନିଭୃତ ସୁନ୍ଦର କ୍ଷେତ୍ରରେ ଗୁରୁଗୃହରୂପ ଆଦର୍ଶ ଶିକ୍ଷାକେନ୍ଦ୍ର ବା ପ୍ରତିଷ୍ଠାନ ଖୋଲିବେ, ସେତେବେଳେ ଦେଶର ପ୍ରକୃତ କାର୍ଯ୍ୟ ଆରମ୍ଭ ହେବ । ଏହା ବ୍ୟତୀତ ଦେଶ ଉଦ୍ଧାରର ଅନ୍ୟ ପନ୍ଥା ନାହିଁ ।

ଏହି ଦେଶରେ ବ୍ୟାସ, ବଶିଷ୍ଠ, ବାଲ୍ମୀକିଙ୍କ ପରି ଆଦର୍ଶ ଋଷି, ଶଙ୍କର ବୁଦ୍ଧଙ୍କ ପରି ଆଦର୍ଶ ତ୍ୟାଗୀ, ଗୌରାଙ୍ଗଙ୍କ ପରି ଆଦର୍ଶ ପ୍ରେମିକ, ଯୁଧିଷ୍ଠିର, ରାମଚନ୍ଦ୍ରଙ୍କ ପରି ଆଦର୍ଶ ରାଜା, ଜନକଙ୍କ ପରି ଆଦର୍ଶ ଗୃହୀ, ସୀତା, ସାବିତ୍ରୀଙ୍କ ପରି ଆଦର୍ଶ ରମଣୀ, ଲକ୍ଷ୍ମଣଙ୍କ ପରି ଆଦର୍ଶ ଭ୍ରାତା କେତେ ଯେ ଜନ୍ମିଥିଲେ, ତାହାର ସଂଖ୍ୟା ନାହିଁ । ଏହି ଦେଶରଜଳବାୟୁ ଗୁଣରେ ବର୍ତ୍ତମାନ ମଧ୍ୟ ମହାପୁରୁଷ ଓ ଗୁଣୀ, ଜ୍ଞାନୀଙ୍କର ଅଭାବ ନାହିଁ । ଉଚ୍ଚ ଆଦର୍ଶ ଖୋଜିବା ନିମିତ୍ତ ଆମମାନଙ୍କୁ ଅନ୍ୟ ଦେଶର ଅନୁସରଣ କରିବାକୁ ପଡ଼ିବ ନାହିଁ । ବର୍ତ୍ତମାନ ମଧ୍ୟ ଏ ଦେଶରମାଟିରେ କେତେ ଉତ୍କୃଷ୍ଟ ଦ୍ରବ୍ୟର ବୀଜ ସୁପ୍ତ ଅଛି । ଅନୁକୂଳ ଜଳବାୟୁ ପାଇଲେ ସେଥିରେ ଅଙ୍କୁରୋଦ୍‌ଗମ ହେବ । ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରିବା ଆବଶ୍ୟକ । ଏକମାତ୍ର ଶିକ୍ଷାଗୁଣରେ ଏ ଦେଶ ଉନ୍ନତ ହୋଇଥିଲା । ପୁଣି ସେହି ଶିକ୍ଷାଦ୍ୱାରା ଦେଶକୁ ଉଦ୍ଧାର କରିବାକୁ ହେବ । ଦେଶରେ ଶିକ୍ଷାର ଏକାନ୍ତ ଅଭାବ ।

ଅମୁକ ନିଶ୍ଚେଷ୍ଟ ରହିଛନ୍ତି, ଅମୁକ ବିପଥଗାମୀ ହୋଇଛନ୍ତି, ଅମୁକଙ୍କର ଦୋଷରୁ ଦେଶରେ ଏହି ଅବସ୍ଥା ହେଲା— ଇତ୍ୟାଦି କଥା କେବଳ କହି ବୁଲିଲେ ଊର୍ଦ୍ଧ୍ୱକୁ ନିଷ୍ଠିବନ ନିକ୍ଷେପ କଲାପରି ହେବ । ତାହା ଆସି ନିଜ ଦେହରେ ପଡ଼ିବ ସିନା ! ସୁତରାଂ ଏପରି କଳହରେ କାଳକ୍ଷେପଣ ନ କରି ଆମେମାନେ ଏକ ସମ୍ମିଳିତ କର୍ମରେ ପ୍ରବୃତ୍ତ ହେବା ଦରକାର । ଦେଶରେ ଯେତେବେଳେ ଶିକ୍ଷାର ଅଭାବ ହିଁ ପ୍ରକୃତ ରୋଗ, ସେତେବେଳେ ଏହି ରୋଗ ନିରାକରଣ କରିବା ନିମିତ୍ତ ସମସ୍ତଙ୍କର ସମବେତଭାବରେ ଦୃଷ୍ଟିଦେବା ଆବଶ୍ୟକ । ଏହି ଶିକ୍ଷା ପାଶ୍ଚାତ୍ୟର ବାହ୍ୟାଡ଼ମ୍ବରବିଶିଷ୍ଟ ବିଳାସ-ବ୍ୟସନମୁଖୀ ନ ହୋଇ ଆମର ପ୍ରାଚୀନ ଆଦର୍ଶ, ସଂଯମ ଓ ତପସ୍ୟାରେ ବିକଶିତ ହେବା ଦରକାର । ଏପରି ହେଲେ ଯାଇ ଆମେମାନେ ପୁଣି ମନୁଷ୍ୟ ହୋଇଉଠିବା । ପୁନରାୟ ଦେବତାଙ୍କ ଦେଶରେ ଦେବଚରିତ୍ର ଫୁଟିଉଠିବ । ଏହି ଦେଶ ଜଗତ୍‌ର ଆଦର୍ଶ ଥିଲା । ପୁଣି ଏହାକୁ ଆଦର୍ଶ ହେବାକୁ ପଡ଼ିବ— ପାଶ୍ଚାତ୍ୟର ମିଥ୍ୟା ଭ୍ରାନ୍ତିର ଅନୁସରଣ କରି ନୁହେଁ, ସତ୍ୟ ଅନୁସରଣରେ ବୀର୍ଯ୍ୟ ଲାଭ କରି ।

ଶିକ୍ଷାର ମୂଳ ସଂଯମ

ବିଳାସ-ବ୍ୟସନପ୍ରଭାବରେ ବୀର୍ଯ୍ୟ ହାନି ହୁଏ ଏବଂ ସଂଯମ-ସାଧନାରେ ବୀର୍ଯ୍ୟ ଲାଭ ହୁଏ । ଏହି ପ୍ରତ୍ୟକ୍ଷ ସତ୍ୟ ପ୍ରାଚୀନ ଆର୍ଯ୍ୟଋଷିମାନେ ଅନୁଭବ କରିଥିଲେ । ସମାଜକୁ ସେମାନେ ଏହି ସତ୍ୟ ପ୍ରଦାନ କରିଥିଲେ । ଭାରତୀୟ ସାଧନ ମୂଳରେ ଏହି ତପସ୍ୟା ବିଦ୍ୟମାନ । ଏହି ତପସ୍ୟାଫଳରେ, ଏହି ସଂଯମପ୍ରଭାବରେ ସେ କାଳରେ ଆମ ଜାତିର ବୀର୍ଯ୍ୟ ଲାଭ ଅର୍ଥାତ୍ ଶକ୍ତି ଲାଭ ହେଉଥିଲା । ବର୍ତ୍ତମାନ ଆମେ ସଂଯମ ନାମରେ ଭୀତ ହୋଇପଡୁଛୁଁ । ଏହି ସଂଯମ ଅଭାବରୁ ଆମମାନଙ୍କର ବୀର୍ଯ୍ୟହାନି ଘଟୁଛି । ଆମେ ଶକ୍ତିହୀନ ହୋଇପଡୁଛୁଁ ବୋଲି ଆମ ଚିତ୍ତ ଓ ଦେହ ଉପରେ ବୈଦେଶିକ ପ୍ରଭାବ ବିସ୍ତାର ଲାଭ କରିଅଛି । ସେ ସମୟରେ ଛାତ୍ରମାନେ ଗୁରୁ-ଗୃହରେ ସଂଯମ ଓ ତପସ୍ୟାର ଅନୁକୂଳ ବ୍ରହ୍ମଚର୍ଯ୍ୟ-ବ୍ରତ ଅବଲମ୍ବନ କରୁଥିଲେ । ବର୍ତ୍ତମାନ ସେ ଗୁରୁ-ଗୃହ ନାହିଁ କିମ୍ବା ସେ ବ୍ରହ୍ମଚର୍ଯ୍ୟ ସାଧନା ମଧ୍ୟ ନାହିଁ । ସଂଯମ ଅଭାବରୁ ଛାତ୍ରମାନେ ହୀନବୀର୍ଯ୍ୟ ହୋଇଯିବାରୁ ପ୍ରକୃତ ଜ୍ଞାନଲାଭ କରିବାକୁ ସେମାନେ ସମର୍ଥ ହେଉ ନାହାନ୍ତି ଏବଂ ସଂସାରଧର୍ମ ଯଥାଯଥ ପାଳନ କରିବାକୁ ମଧ୍ୟ ସକ୍ଷମ ହୋଇପାରୁ ନାହାନ୍ତି । ଏହି ବୀର୍ଯ୍ୟହୀନ ପିତା-ମାତାଙ୍କ ସନ୍ତାନମାନେ ଅଳ୍ପାୟୁ, ଭଗ୍ନସ୍ୱାସ୍ଥ୍ୟ, ମୂର୍ଖ ଓ ଅଙ୍ଗହୀନ ହୋଇ ପଡୁଛନ୍ତି । ଏହିସବୁ ସନ୍ତାନ ପୁଣି କାଳକ୍ରମେ ସମାଜ ପରିଚାଳନା କରୁଛନ୍ତି । ଫଳରେ ଏତାଦୃଶ ସମାଜ ଏବଂ ଦେଶର ଅବସ୍ଥା କିପରି ହେବ, ତାହା ସହଜରେ ଅନୁମେୟ । ବର୍ତ୍ତମାନ ସମାଜର ଏହିଭଳି ଦୁର୍ଦ୍ଦଶା ।

ଦେଶର ବାଳକ-ବାଳିକାମାନଙ୍କର ଶିକ୍ଷାର ବ୍ୟବସ୍ଥା ଦେଖି ଭାବୀ ଫଳ କିପରି ଭୀଷଣ ହେବ,ତାହା ସ୍ମରଣ କଲେ ହୃତ୍‌କମ୍ପ ଜାତ ହେଉଛି । ହେ କୋମଳମତି ଛାତ୍ରବୃନ୍ଦ ! ତୁମେମାନେ ଆଜିଠାରୁ ସାବଧାନ ହୁଅ । ଅସଂଯମ-ସ୍ରୋତରେ ନିଜକୁ ଭସାଇଦିଅ ନାହିଁ । ଦେଶ ଯେ କିପରି ଉଚ୍ଛନ୍ନପଥରେ ଗତି କରୁଛି, ତାହା କହିହେଉ ନାହିଁ । ଶିକ୍ଷା-କଥା ତେଣିକି ଥାଉ । ଶିକ୍ଷାକ୍ଷେତ୍ରଗୁଡ଼ିକ ବର୍ତ୍ତମାନ ଏପରିଭାବରେ କଳୁଷିତ ହୋଇଉଠିଛି ଯେ, ଦଶ ଏଗାର ବର୍ଷ କିମ୍ବା ତନ୍ନିମ୍ନ ବୟସରୁ ବାଳକମାନେ ସଂସର୍ଗଦୋଷରେ ଅପ୍ରାକୃତ ଉପାୟରେ ଶୁକ୍ରକ୍ଷୟ କରୁଛନ୍ତି । ଏହି ବ୍ୟାଧି ଏପରି ସଂକ୍ରାମକ ହୋଇପଡ଼ିଛି ଯେ, ସ୍କୁଲ-କଲେଜରେ ଏହି ରୋଗ ଆକ୍ରମଣ କରି ନ ଥିବା ଛାତ୍ର ନାହାନ୍ତି କହିଲେ ଚଳେ । ଏହିସବୁ ବାଳକମାନେ ଏହାର ବିଷମୟ ଫଳ ନ ବୁଝି ଅପରିଣତ, ଅପରିପୁଷ୍ଟ ଶୁକ୍ର ଅନୈସର୍ଗିକ ଉପାୟରେ କ୍ଷୟ କରୁ କରୁ ଯେତେବେଳେ

ଏକାବେଳକେ ହତଶୁକ୍ର ଓ କ୍ଷୟରୋଗଗ୍ରସ୍ତ ହୋଇପଡ଼ୁଛନ୍ତି, ସେତେବେଳେ ଆଉ କିଛି ଉପାୟ ନ ଥାଏ । ଏପରି କେତେ ବାଳକ ଯେ ଅକାଳରେ କାଳ-କବଳରେ ପତିତ ହେଉଛନ୍ତି, ତାହାର ସଂଖ୍ୟା ନାହିଁ । ବାଳକମାନେ ଯେତେବେଳେ ଏହାର ପରିଣାମ ବୁଝିପାରୁଛନ୍ତି, ସେତେବେଳେ ଗୋପନରେ ଚିକିତ୍ସକମାନଙ୍କର ଶରଣାପନ୍ନ ହେଉଛନ୍ତି, କିନ୍ତୁ ଚିକିତ୍ସକଙ୍କର ଅର୍ଥ ଉପାର୍ଜ୍ଜନ ବ୍ୟତୀତ ରୋଗୀମାନଙ୍କ ରୋଗର ପ୍ରତିକାର ହେଉ ନାହିଁ । ସେତେବେଳେ ଏମାନେ ନାନାପ୍ରକାର କୃଚ୍ଛ୍ରବ୍ୟାଧିକବଳରେ ପଡ଼ି ଜୀବନର ଶେଷ ମୁହୂର୍ତ୍ତପର୍ଯ୍ୟନ୍ତ ନିରାଶଭାବରେ କଟାଇବାକୁ ବାଧ୍ୟ ହେଉଛନ୍ତି । ସେତେବେଳେ ସେମାନଙ୍କର ଜୀବନପ୍ରତି ଧିକ୍କାର ଜନ୍ମୁଛି । କିନ୍ତୁ ସେତେବେଳେ କାନ୍ଦିଲେ ଆଉ ବା କଅଣ ହେବ ? ଏହା ହିଁ ତ ବର୍ତ୍ତମାନ ଛାତ୍ରମାନଙ୍କର ଅବସ୍ଥା ! ବାଳକମାନଙ୍କର ଏ ଅବସ୍ଥା ପିତାମାତା ଯେ ଜାଣୁ ନାହାନ୍ତି, ତାହା ନୁହେଁ; କିନ୍ତୁ ଜାଣିଲେ ବା କରିବେ କଅଣ ? ଦେଶ ଯେତେବେଳେ ଏହି ପଥରେ ଦୌଡ଼ୁଛି, ତାହାର ଗତିରୋଧ କରିବ କିଏ ? ଏତିକିମାତ୍ର ବଳବୀର୍ଯ୍ୟ ଘେନି ଗୃହସ୍ଥମାନେ ଆଜି କାଲି ଗାର୍ହସ୍ଥ୍ୟଧର୍ମ ଉଦ୍‌ଯାପନ କରୁଛନ୍ତି । ସୁତରାଂ ଏହି ବୀର୍ଯ୍ୟହୀନ ସମାଜର ଦୁର୍ଦ୍ଦଶା ଯାହା ହେବାର କଥା, ତାହାହିଁ ହେଉଛି ।

ଭବିଷ୍ୟତ ଗଠନ

ହେ ବାଳକ-ବାଳିକାବୃନ୍ଦ ! ତୁମେମାନେ ହିଁ ଦେଶର ଏକମାତ୍ର ଆଶା-ଭରସାର ସ୍ଥଳ । ତୁମେମାନେ ଏହି ଅଜ୍ଞାନକୃତ ଦୋଷ ଦୂର କରିବାକୁ ଚେଷ୍ଟା କର । ଛାତ୍ର-ଜୀବନରେ ସଂଯମ ଓ ତପସ୍ୟାଦ୍ୱାରା ବୀର୍ଯ୍ୟ ଲାଭ କର । ଶକ୍ତିମାନ ହୁଅ । ତୁମେମାନେ ହିଁ ଦେଶକୁ ପରିଚାଳନା କରିବ, ତୁମମାନଙ୍କ ଉପରେ ଦେଶର ଆଶା ଭରସା ନିର୍ଭର କରୁଛି । କ୍ଷଣିକ ଉତ୍ତେଜନାବଶରେ ଅମୂଲ୍ୟ ଜୀବନ ବିଷମୟ କରିପକାଅ ନାହିଁ । ଦେଶର ଭାରସ୍ୱରୂପ ନ ହୋଇ ଭାର ଲାଘବ କରିବାପାଇଁ ଉପଯୁକ୍ତ ହୁଅ । ସମ୍ମୁଖରେ ପ୍ରଶସ୍ତ କର୍ମକ୍ଷେତ୍ର । ବାଳସୁଲ୍ଲଭ ଚପଳତା ଦୋଷରେ ତୁମର ଅମୂଲ୍ୟ ଭବିଷ୍ୟତ ନଷ୍ଟ କରିଦିଅ ନାହିଁ । ଯଦି ସମାଜ ତୁମମାନଙ୍କୁ ବର୍ତ୍ତମାନ ସାହାଯ୍ୟ ନ କରୁଛି, ତୁମେମାନେ ତୁମମାନଙ୍କର ନିଜ ଗୋଡ଼ରେ ଛିଡ଼ା ହେବାକୁ ଚେଷ୍ଟା କର । ସ୍ୱାବଲମ୍ବୀ ହୁଅ, ସଂଯତ ହୁଅ, ତପସ୍ୱୀ ହୁଅ, ବୀର୍ଯ୍ୟ ଲାଭ କର । ଦେଶ ପୁଣି ତୁମମାନଙ୍କୁ ପାଇ ଧନ୍ୟ ହେଉ । ଏହି ଋଷିଦେଶରେ ତୁମେମାନେ ପୁଣି ଋଷି ହୁଅ । ଗୁଣୀ, ଜ୍ଞାନୀ ହୋଇ ଏହି ଭାରତର ମୁଖ ଉଜ୍ଜ୍ୱଳ କର ।

ପରକୁ ଅନୁକରଣ କରିବା ପାପ । ପରମୁଖାପେକ୍ଷୀ ହେବା ପଶୁବୃତ୍ତି । ଏହି ପତିତ ଦେଶରେ, ଏହି ପରପଦ ଦଳିତ ଦେଶରେ ବିଳାସ-ବ୍ୟସନ, ବାହ୍ୟାଡ଼ମ୍ବରପ୍ରିୟତା ଶୋଭା ପାଉନାହିଁ । ଏହି ନିରନ୍ନ ଦେଶରେ କେତେ ଲୋକ ଅନାହାରରେ ପ୍ରାଣତ୍ୟାଗ କରୁଛନ୍ତି । ବସ୍ତ୍ରାଭାବରେ ଉଲଗ୍ନ ବା ଅର୍ଦ୍ଧଲଗ୍ନ ହୋଇ କେତେ ଲୋକ ରହିଛନ୍ତି । ଚିକିତ୍ସା ଅଭାବରୁ କେତେ ଲୋକ ଅକାଳରେ କାଳକବଳରେ ପତିତ ହେଉଛନ୍ତି । ଶିକ୍ଷା ଅଭାବରେ କେତେ ଲୋକ ମୂର୍ଖ ହୋଇ ରହିଛନ୍ତି । ଦେଶବାସୀ କୁଲି-ମଜୁରିଆଙ୍କପରି ଅନ୍ୟକର୍ତ୍ତୃକ ଲାଞ୍ଛିତ ଓ ଅପମାନିତ ହୋଇ ଜୀବନଯାପନ କରୁଛନ୍ତି । ଏତିକିବେଳେ ତୁମମାନଙ୍କର କଅଣ କରିବା ଉଚିତ ଜାଣ କି ? ଏତେ ବିଳାସବ୍ୟସନ, ଏତେ ଆମୋଦପ୍ରମୋଦ ! ହ୍ୟାଟ, କୋଟ, ଚଷମା, ଘଡ଼ି, ମଟର— ଏହିସବୁର ବ୍ୟବହାର କଅଣ ପରାଧୀନ ନିରନ୍ନ ଦେଶରେ ଶୋଭା ପାଉଛି ? ଏଥିରେ ନିଜର ଜାତିଭାଇଙ୍କୁ ଉପେକ୍ଷା ଓ ଉପହାସ କରାଯାଉଛି ସିନା ! ଏଥିରେ କିଛି ମାତ୍ର ବାହାଦୂରୀ ପ୍ରକାଶ ନ ପାଇ ନିଜ ହୀନତ୍ୱ ହିଁ ପ୍ରତିପନ୍ନ ହେଉଅଛି । ସୁତରାଂ ହେ ପ୍ରିୟ ଛାତ୍ରବୃନ୍ଦ ! ତୁମେମାନେ ଜାତୀୟ ଜୀବନରୁ ଏହି କଳଙ୍କ ଅପନୋଦନ କର । ଆଦର୍ଶ ଚରିତ୍ରବାନ୍ ହୋଇ ଦେଶର ଅଭାବ ଦୂର କର । ସତ୍ୟପିପାସୁ ହୁଅ । ସଂଯମ, ତପସ୍ୟା ଉପରେ ତୁମମାନଙ୍କ ଚରିତ୍ର ଓ ଜୀବନ ଗଠିତ ହେଉ । ତୁମମାନଙ୍କଠାରେ ତ୍ୟାଗ ବୈରାଗ୍ୟ ଫୁଟିଉଠୁ । ଏହା ହିଁ ଆମର ଜାତୀୟତା । ଏହାହିଁ ଆମ ଦେଶର ପ୍ରକୃତ ଶିକ୍ଷା— ଯେଉଁ ଶିକ୍ଷାନିମିତ୍ତ ଦିନେ ଭାରତବର୍ଷ ଜଗତ୍‌ବନ୍ଦ୍ୟ ହୋଇଥିଲା । ଏହି ଭାରତ ଚିରକାଳ ଜଗତ୍‌କୁ ଜ୍ଞାନ ଓ ଐଶ୍ୱର୍ଯ୍ୟ ଦାନ କରିଅଛି । ଭାରତ କୌଣସି ଦିନ କାହାଠାରୁ ଭିଖାରି ଭାବରେ କିଛି ପ୍ରତ୍ୟାଶା କରି ନାହିଁ; କିନ୍ତୁ ଆମେମାନେ ଯେଉଁଦିନଠାରୁ ଆମର ସେ ଗୌରବ ହରାଇ ବସିଛୁଁ, ସେହିଦିନଠାରୁ ଆମେ ନିଜକୁ ମଧ୍ୟ ହରାଇ ସାରିଛୁ ଓ ଆତ୍ମମାନଙ୍କର ବୈଶିଷ୍ଟ୍ୟ ରକ୍ଷା କରିପାରି ନାହୁଁ ।

ହେ ଦେଶର ଏକମାତ୍ର ଆଶା-ଭରସାର ସ୍ଥଳ ପବିତ୍ରହୃଦୟ ବାଳକ-ବାଳିକାବୃନ୍ଦ ! ବ୍ରହ୍ମଚର୍ଯ୍ୟ ପାଳନ କରି ବଳ, ବୀର୍ଯ୍ୟ, ମେଧା, ଆୟୁ ଓ ସ୍ୱାସ୍ଥ୍ୟ ଲାଭ କରି ନିଜର ତଥା ସମାଜର ମହତ୍ ଉପକାର ସାଧନ କର— ବ୍ରହ୍ମଚାରୀ ହୁଅ । ଶାସ୍ତ୍ରର ଆଦେଶ ପାଳନକରି ବ୍ରତ ରକ୍ଷାକର— ଦେଖିବ, ପୁଣି ସେହି ଆୟୁ, ସେହି ବଳ, ସେହି ସ୍ୱାସ୍ଥ୍ୟ, ସେହି ଆନନ୍ଦ, ସେହି ଜୀବନ ଲାଭ କରିବ । ପୁଣି ଘରେ ଘରେ ବ୍ୟାସ, ବଶିଷ୍ଠ, ବାଲ୍ମୀକି, ଜୈମିନୀ, ପାତଞ୍ଜଳି ଜନ୍ମଗ୍ରହଣ କରିବେ ।

ଗୋଟିଏ ମାନବଶିଶୁ ଭିତରେ ଯୁଗଯୁଗାନ୍ତରର ଅତିବୃଦ୍ଧ ତାହାର ଜନ୍ମାନ୍ତରର ସମସ୍ତ ଭାବ ଶାୟିତ ଥାଏ । ଅଙ୍ଗର ଅପୂର୍ଣ୍ଣତା ହେତୁ, ଜିହ୍ବାର ଜଡ଼ତା ହେତୁ ସେ ତାହାର ମନୋଭାବ ପ୍ରକାଶ କରିପାରେ ନାହିଁ ସତ୍ୟ; ମାତ୍ର ତା' ଭିତରେ ସମସ୍ତ ଭାବ ବିଦ୍ୟମାନ ଥାଏ । ହର୍ଷ, ବିଷାଦ, କ୍ରୋଧ ସମସ୍ତ ସେ ପ୍ରକାଶ କରେ; ମାତ୍ର ଭାଷାରେ ବ୍ୟକ୍ତ କରିପାରେ ନାହିଁ । ସେ ଇଚ୍ଛା କରେ ଯେ, ଜଗତ୍‌ର ସମସ୍ତେ ତାକୁ ସୁଖ ପାଆନ୍ତୁ, ସ୍ନେହ କରନ୍ତୁ । ସୁଖ ପାଇବା ଏପରି ବସ୍ତୁ ଯେ, ଇତର ଜୀବ ପର୍ଯ୍ୟନ୍ତ ଏହି ସୁଖ ପାଇବା ନିମିତ୍ତ ଲାଳାୟିତ । ମାନବଶିଶୁ ଭିତରେ ଜନ୍ମଗ୍ରହଣର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଦେବତ୍ୱ ବିଦ୍ୟମାନ ଥାଏ । ଘୁମନ୍ତ ଅବସ୍ଥାରେ ସେମାନେ ଯାହା ଦର୍ଶନ କରନ୍ତି, ତାହା ଏକାବେଳକେ ସତ୍ୟଦର୍ଶନ, ସମାଧି ପରି ଅବସ୍ଥା ।

ଯେଉଁସବୁ ଜାତି ଧ୍ୱଂସପଥରେ ଅତି ଦ୍ରୁତ ଅଗ୍ରସର ହେଉଛନ୍ତି, ସେମାନଙ୍କ ମଧ୍ୟରେ ଜନ୍ମନିରୋଧ କରିବାର ପ୍ରବୃତ୍ତି ଜାତ ହେଉଛି ଏବଂ ସେମାନେ ଜାତିର ଅସ୍ତିତ୍ୱ ଲୋପ କରିବା ନିମିତ୍ତ ଯତ୍ନ କରି କୃତ୍ରିମ ଜନ୍ମନିରୋଧର ଆଶ୍ରୟ ଗ୍ରହଣ କରୁଛନ୍ତି । ଏମାନେ କର୍ମଦେବତାଙ୍କ ଯନ୍ତ୍ର ଭଳି କାର୍ଯ୍ୟ କରୁଛନ୍ତି ।

ଆହୁରି ମଧ୍ୟ ସଚ୍ଚରିତ୍ରବାନ୍, ସଂଯମୀ ଓ ତ୍ୟାଗୀ ହେବା ଦରକାର । ସଂଯମୀ ନ ହେଲେ ସାଧନ ଭଜନ ସମସ୍ତ ବୃଥା ହୋଇଯିବ । ଇନ୍ଦ୍ରିୟ-ପରାୟଣ, ସ୍ୱାର୍ଥପର, ହିଂସୁକ ଓ କପଟାଚାରୀଙ୍କର କେବେହେଲେ ମଙ୍ଗଳ ହୁଏନାହିଁ । ସତ୍ୟପଥରେ ଚଳିବାକୁ ହେଲେ ଦୟା, କ୍ଷାନ୍ତି ଓ ସରଳତା ପ୍ରଭୃତି ସଦ୍‌ବୃତ୍ତିର ଅନୁଶୀଳନ ଏକାନ୍ତ ଆବଶ୍ୟକ । ଅନ୍ୟ ନିକଟରୁ ଯେଉଁ ବ୍ୟବହାର ପାଇଲେ ତୁମେ ଖୁସି ହୁଅ, ଲୋକମାନଙ୍କ ପ୍ରତି ସେହିଭଳି ବ୍ୟବହାର କରିବା ଦରକାର । ଏକମାତ୍ର ସତ୍ୟକୁ ଆଶ୍ରୟ କରି ଚଳିଲେ ସବୁ ସୁବିଧା ହୋଇଯିବ ।

—କଥାସଂଗ୍ରହ, ୨ୟ ଖଣ୍ଡ

ଯୁଗ ସମସ୍ୟାରେ

ବର୍ତ୍ତମାନ ମାନବସମାଜର ଶାନ୍ତି ଓ ଧର୍ମ ପୃଥିବୀବ୍ୟାପୀ ମହାସମର ପ୍ରାଙ୍ଗଣରେ କ୍ଷତବିକ୍ଷତ ଓ ମୁମୂର୍ଷୁ ହୋଇ ଧରାବଲୁଣ୍ଠିତ । ଘୋର ଅଶାନ୍ତି ଓ ଅଧର୍ମ ଜଗତରେ ଘୋଟି ଯାଇଛି । ମରଣାପନ୍ନ ଜୀବର ଭୀତିପୂର୍ଣ୍ଣ ମରଣୋଚ୍ଛ୍ୱାସ ଜଗତକୁ ଭୀଷଣ ଶ୍ମଶାନରେ ପରିଣତ କରିପକାଇଛି । ଏଠାରେ କେବଳ ଅଜ୍ଞାନ-ଅନ୍ଧକାର ପୁଞ୍ଜୀଭୂତ ହୋଇ ରହିଛି ଏବଂ ସ୍ୱାର୍ଥଶୃଗାଳ ବିକଟ ଚିତ୍କାର କରୁଅଛି । ଏ ସୁଯୋଗରେ ବାୟସମାନେ ରୁଧିରପାନୋନ୍ମତ୍ତ ଏବଂ କୃମିକୀଟଗୁଡ଼ିକ ନିଷ୍ପେଷିତ ହେଉଛନ୍ତି । ବିଷାଦରାକ୍ଷସୀ ଘୋର ଅଟ୍ଟହାସ କରୁଅଛି । ହାୟ, ଏ ଦୁର୍ଦ୍ଦିନରେ ଏପରି କେଉଁ ଋଷି, କେଉଁ ତପୋନିଷ୍ଠ ଶାନ୍ତି-ମାତାର ଏକାନ୍ତ ନିଭୃତ ସାଧକ ଅଛନ୍ତି ଯେ, ତାଙ୍କ ପୁଣ୍ୟ କମଣ୍ଡଳୁରୁ ମୁନ୍ଦିଏ ଶାନ୍ତିବାରି ସେଚନ କରି ଏହି ଶୁଷ୍କ ମରୁଭୂମିରେ ପୁଣି ପ୍ରାଣ ସଞ୍ଚାର କରିବାକୁ ପ୍ରସ୍ତୁତ ? ଏହି ଭୀଷଣ ରଣ-କୋଳାହଳ, ଏହି ଭୀଷଣ ନର-ଶୋଣିତ ପ୍ରବାହ ଆଉ ଦେଖିବାକୁ ବଳ ପାଉନାହିଁ । ଏ ଭୈରବ ତାଣ୍ଡବନୃତ୍ୟର କଅଣ ସମ୍ବରଣ କରି ହେବ ନାହିଁ ?

ଭାରତର ମନ୍ତ୍ର

ଭାରତ ! ଚିରଦିନ ତୁମେ ଜଗତକୁ ଶାନ୍ତିମନ୍ତ୍ର ବିତରଣ କରିଆସିଛ । ଆଜି ତୁମର ଏ କାର୍ପଣ୍ୟ କାହିଁକି ? ଆଜି ଏ ନୀରବତା, ନିସ୍ତବ୍ଧତା କାହିଁକି ? ଜଗତକୁ ଦେବାପାଇଁ ଏହା ହିଁ ତ ତୁମର ଅଛି ।ବର୍ତ୍ତମାନ ମୁଷ୍ଟିଭିକ୍ଷାପାଇଁ ହସ୍ତ ପ୍ରସାରଣ କରିବା କଅଣ ତୁମ ପକ୍ଷରେ ଶୋଭାପାଉଛି ? ତୁମର କାର୍ଯ୍ୟ ବର୍ତ୍ତମାନ ରାଜରାଜେଶ୍ୱରୀ ଅନ୍ନପୂର୍ଣ୍ଣା ରୂପରେ ଭିକ୍ଷାର୍ଥୀ ଜୀବକୁ କୃପାଭିକ୍ଷା ଦେବା । ଆଜିର ପୃଥିବୀବ୍ୟାପୀ ତାମସିକତା କଅଣ ତୁମକୁ ମଧ ଅଜ୍ଞାନ କରି ରଖିବ ? କଦାପି ନୁହେଁ । ଉଠ, ଜାଗ, ଭାରତ-ସନ୍ତାନଗଣ ! ତୁମେମାନେ ଜାଗିଲେ ଜନନୀ ଜାଗିବ । ତୁମମାନଙ୍କ ମୁଖାପେକ୍ଷୀ ହୋଇ ସେ ନିଶ୍ଚେଷ୍ଟ ଅଛନ୍ତି । ମାଆଙ୍କୁ ଜଗାଇବା ପାଇଁ ତୁମେମାନେ ଯେଉଁ ପୂଜାର ଆୟୋଜନ କରିଛ, ତାହା ଦୋଷଦୃଷ୍ଟ ହୋଇଯାଇଛି । ତାହା କୁକୁରର ଲୋଲୁପ ଜିହ୍ୱାସ୍ପୃଷ୍ଟ

ହୋଇଛି । ତାଙ୍କର ଜାଗରଣ ପାଇଁ କ୍ଷାତ୍ର ଭାବରେ ସ୍ୱ-ନୟନ ଉତ୍ପାଟନର ପ୍ରୟୋଜନ ନାହିଁ । ତାଙ୍କୁ ଜଗାଇବାକୁ ବ୍ରାହ୍ମଣ୍ୟ ଭାବର ହୃଦୟ ଆବଶ୍ୟକ ।

ତୁମେମାନେ ସ୍ୱାର୍ଥପରତା, ହିଂସା, ଦ୍ୱେଷ ଭୁଲି, ବାହ୍ୟ ଚାଞ୍ଚଲ୍ୟ ଦୂର କରି କର୍ତ୍ତବ୍ୟ ନିର୍ଦ୍ଧାରଣ ନିମିତ୍ତ ସମାଧିସ୍ଥ ହୁଅ; ସେତେବେଳେ ସିନା ସତ୍ୟ ଅବଧାରଣ କରିପାରିବ, ସେତେବେଳେ ସିନା ମାଆଙ୍କ ପ୍ରାଣତନ୍ତ୍ରୀରେ ହିଲ୍ଲୋଳ ଉତ୍‌ଥିତ ହେବ, ସେତେବେଳେ ସିନା ଦେଶମାତା ପ୍ରବୁଦ୍ଧା ହେବେ । ତୁମେମାନେ ବାୟସର ପଦାଙ୍କ ଅନୁସରଣ କରି ଶକୁନି, ଗୃଧ୍ରିଣୀ ବେଶ ଧାରଣ କର ନାହିଁ । ପ୍ରକୃତ ମନୁଷ୍ୟତାର ପରିଚୟ ଦିଅ । ଆଉ ଏହି ମନୁଷ୍ୟତ୍ୱ ଲାଭ କରିବାପାଇଁ ସାଧନନିରତ ହୁଅ । ତୁମମାନଙ୍କର ସ୍ୱଭାବ ଯାହା, ତାହା ବିକାଶ କର । ବହୁରୂପୀ ହୁଅ ନାହିଁ । ତଦ୍ଦ୍ୱାରା ଦେହରେ ଧୂଳି ଲାଗିବା ବ୍ୟତୀତ ଅନ୍ୟ କୌଣସି ଲାଭ ନାହିଁ । ମନୁଷ୍ୟତ୍ୱର ଦାବି କରିବା ପୂର୍ବରୁ ଖୋଜି ଦେଖ, ତୁମେମାନେ କେତେ ପରିମାଣରେ ମନୁଷ୍ୟ ହୋଇଛ । ସାଧନା ନ କରି ସିଦ୍ଧିଲାଭର ଚେଷ୍ଟା କରିବା ବିଡ଼ମ୍ବନା ମାତ୍ର । କାହାର କୃପାରେ କିଛି ଲାଭ କଲେ ତାହାର ବ୍ୟବହାର ସାଧାରଣ ମାନବ ପକ୍ଷରେ ସମ୍ଭବ ହୁଏ ନାହିଁ ।

ବ୍ରହ୍ମ ଧାରଣା

ତେଣୁ ହେ ଭାରତବାସି ! ନିଜ ପ୍ରାଣରେ ଶାନ୍ତି ଲାଭ କରି ଜଗତକୁ ଯଦି ତାର ଅଂଶଭାଗୀ କରିବାକୁ ଇଚ୍ଛା କର, ତେବେ ସାଧନ କର । ତୁମେମାନେ ହିଁ ଏ କାର୍ଯ୍ୟ କରିବାକୁ ସକ୍ଷମ; କାରଣ, ତୁମେମାନେ ହିଁ ଉପଯୁକ୍ତ ପାତ୍ର । ଭଗବାନ୍ ତୁମମାନଙ୍କ ଉପରେ ହିଁ ଏ ଭାର ନ୍ୟସ୍ତ କରିଛନ୍ତି । ଦୈନ୍ୟ ପରିହାର କର । ସୁଦୂର ଅତୀତର କଥା ସ୍ମରଣ କର । ଆର୍ଯ୍ୟଋଷିମାନଙ୍କ ଗୌରବରେ ଗୌରବାନ୍ୱିତ ହୁଅ; ଆଉ ସେମାନଙ୍କ ପବିତ୍ର ମନ୍ତ୍ର ଗ୍ରହଣ କରି ଉଦ୍‌ବୁଦ୍ଧ ହୁଅ ।

ତୁମେମାନେ ହିଁ ଅମୃତର ସନ୍ତାନ । ଜଗତକୁ ଅମୃତ ବିତରଣ କର । ଦୌର୍ବଲ୍ୟ ତୁମମାନଙ୍କ ପକ୍ଷରେ ଶୋଭା ପାଉ ନାହିଁ । ତୁମେମାନେ ହିଁ ଯଜ୍ଞରେ ପୂର୍ଣ୍ଣାହୂତି ଦେଇ ଶାନ୍ତିମନ୍ତ୍ର ପାଠ କରିବାକୁ ଦେବତାମାନଙ୍କ କର୍ତ୍ତୃକ ଋତ୍ୱିକ୍ ରୂପରେ ବରିତ ହୋଇଅଛ । ଦେଖ, ଶାନ୍ତିବାରି ସିଞ୍ଚନ କରିବାକୁ ଜଗଦ୍‌ଗୁରୁଙ୍କ ଆବିର୍ଭାବ ହୋଇଅଛି । ସେ ଉପଯୁକ୍ତ ସମୟର ଅପେକ୍ଷାରେ ଅବସ୍ଥାନ କରୁଛନ୍ତି । ତୁମମାନଙ୍କ ମଧ୍ୟରେ ହିଁ ଏହି ଗୁରୁଶକ୍ତିର ବିକାଶ ହେବ । ନିଜ ନିଜ ଆଧାର ପ୍ରସ୍ତୁତ କର । ତାଙ୍କ କର୍ମରେ

ସହଯୋଗୀ ହୁଅ । ତାଙ୍କର ଇଚ୍ଛା, ତାଙ୍କର କାର୍ଯ୍ୟ ତୁମମାନଙ୍କ ସାହାଯ୍ୟରେ ସମ୍ପାଦିତ ହେବ । ଯେ ଜାଗ୍ରତ, ସେ ଏହି ଲୀଳା ପ୍ରତ୍ୟକ୍ଷ କରିପାରିବେ । ତୁମେମାନେ ଶୁଦ୍ଧପୂତ, ଅକପଟ ଓ ନିର୍ମଳ ହୁଅ । ବ୍ରହ୍ମଚର୍ଯ୍ୟପରାୟଣ ହୁଅ, ସତ୍ୟାନ୍ୱେଷୀ ହୁଅ— ତାହା ହେଲେ ସିନା ତୁମମାନଙ୍କ ମଧ୍ୟରେ ପୂର୍ଣ୍ଣ ଶକ୍ତିର ଆବିର୍ଭାବ ହେବ ! ଅପବିତ୍ର ବସ୍ତୁ କଅଣ କେତେବେଳେ ଦେବଭୋଗପାଇଁ ଅର୍ପିତ ହୁଏ ?

ହେ ଭାରତର ସୁସନ୍ତାନଗଣ ! ତୁମମାନଙ୍କର ଲକ୍ଷ୍ୟ, ଯଶ ଓ ମାନ ନୁହେଁ । ତୁମମାନଙ୍କର ଲକ୍ଷ୍ୟ ବିଷୟସୁଖସମ୍ଭୋଗ ନୁହେଁ । ତୁମମାନଙ୍କର ଲକ୍ଷ୍ୟ କ୍ଷାତ୍ରଭାବର ଉଦ୍ଦୀପନା ନୁହେଁ । ତୁମମାନଙ୍କର ଲକ୍ଷ୍ୟ ବ୍ରାହ୍ମଣର ବ୍ରହ୍ମ ଧାରଣରେ । ତୁମେମାନେ ଶୁଦ୍ଧ, ସତ୍ତ୍ୱ, ନିର୍ମଳ ହୁଅ । ତୁମମାନଙ୍କଠାରୁ ପ୍ରେମକାରୁଣ୍ୟମନ୍ଦାକିନୀ ଶତଧାରାରେ ପ୍ରବାହିତ ହେବ, ଯାହାର ସୁଶୀତଳ ଧାରାରେ ଜଗତର ଜୀବମାତ୍ରେ ପରିତୃପ୍ତ ହେବେ । ତୁମମାନଙ୍କ ଜୀବନ 'ବହୁଜନ-ହିତାୟଚ ବହୁଜନ-ସୁଖାୟ ଚ' ହେଉ । ତୁମେମାନେ ଉପଯୁକ୍ତ କ୍ଷେତ୍ରରେ, ପୁଣ୍ୟଭୂମି ଭାରତବର୍ଷରେ ଉପଯୁକ୍ତ ପିତାଙ୍କ ବଂଶଧର ରୂପରେ ଆବିର୍ଭୂତ ହୋଇଅଛ । ତେବେ ତୁମେମାନେ ତାହାର ନିମ୍ନ ଭାବାପନ୍ନ ସାଧାରଣ ଜଗତ୍ ଜୀବଙ୍କର ପଦାଙ୍କ ଅନୁସରଣ କରିବ କାହିଁକି ? ସେହି ଗରୀୟାନ୍ ଆଦର୍ଶ ଭୁଲି ଯଦି ନିକୃଷ୍ଟ ଆଦର୍ଶ ଗ୍ରହଣ କର, ଆଉ ରାଜପୁତ୍ର ହୋଇ ଯଦି ଦୀନ ଦରିଦ୍ର ପରି ଅନ୍ୟର କୃପା ଭିକ୍ଷା କର, ତେବେ ସମସ୍ତେ ଉପହାସ କରିବେ ସିନା, କେହି ତୁମମାନଙ୍କୁ ସାହାଯ୍ୟ କରିବେ ନାହିଁ ।

ତୁମେମାନେ ସିଂହଶିଶୁ ହୋଇ ମେଷଶିଶୁଙ୍କପରି କାଳ ଯାପନ କରୁଅଛ । ଏଇ ଦେଖ, ତୁମମାନଙ୍କ ଚୈତନ୍ୟ ସମ୍ପାଦନା ପାଇଁ ଜଗଦ୍‌ଗୁରୁ ଆସିଛନ୍ତି । ଏ ସୁଯୋଗ ତ୍ୟାଗ କର ନାହିଁ । 'ଉତ୍ତିଷ୍ଠତ, ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ ।' ତୁମମାନଙ୍କର ଉଦ୍ଦୀପନା ବର୍ତ୍ତମାନ ତଦଭିମୁଖୀ ହେବା ଉଚିତ । ତାଙ୍କଠାରୁ ପ୍ରେରଣା ଆସିଛି, ତେଣୁ ଦେଶରେ ଏପରି ଆନ୍ଦୋଳନର ସୂତ୍ରପାତ ହୋଇଛି; କିନ୍ତୁ ଉପଯୁକ୍ତ ପରିଚାଳକ ନ ଥିବାରୁ ସେ ଶକ୍ତି ବିଭିନ୍ନମୁଖୀ ହୋଇ ଖର୍ବତା ପ୍ରାପ୍ତ ହେଉଅଛି । ବର୍ତ୍ତମାନ ଏପରି ଶକ୍ତିମତ୍ତାର ପ୍ରୟୋଜନ ଯେ ସେହି ବିଭିନ୍ନମୁଖୀ ଗତିଶକ୍ତିକୁ ଯେପରି ଏକ କେନ୍ଦ୍ରୀଭୂତ କରିହେବ । ସାଧାରଣ ଲୋକ ପକ୍ଷରେ ଏହା ସମ୍ଭବ ନୁହେଁ । ତୁମମାନଙ୍କ ପଛରେ ଅମିତବିକ୍ରମ ଦୈବୀଶକ୍ତିର ଆବିର୍ଭାବ ହେବ । ତାଙ୍କ ଆହ୍ୱାନ ଶୁଣିବାପାଇଁ ତୁମେମାନେ ଉତ୍କର୍ଣ୍ଣ ହୋଇ ରହ । ଯେ ଜାଗ୍ରତ ରହିବେ, ସେ ଶୁଣିପାରିବେ । ଯେ ଶୁଣିବା ପାଇଁ

ଚେଷ୍ଟା କରିବେ, ସେ ଶୁଣିବେ । ଚରିତ୍ର ବଳରେ ଯଦି ତାଙ୍କୁ ତୁମେମାନେ ଆକର୍ଷଣ କରିପାର, ସେ ତୁମମାନଙ୍କ ଭିତରେ ହିଁ ଆବିର୍ଭୂତ ହେବେ । ଅନ୍ୟଥା ଯେଉଁ ଦେଶ, ଯେଉଁ ଜାତି ଭିତରେ ଏପରି ପବିତ୍ରତା ଦେଖାଯିବ, ସେଠାରେ ହିଁ ତାଙ୍କର କର୍ମକ୍ଷେତ୍ର ପ୍ରତିଷ୍ଠିତ ହେବ । ସୁତରାଂ ତୁମ ଦେଶକୁ,ତୁମ ଜାତିକୁ ଧନ୍ୟ କରିବାର ଯଦି ତୁମର ଇଚ୍ଛା ହେଉଛି, ତେବେ ଉପଯୁକ୍ତ ହେବାକୁ ଚେଷ୍ଟା କର ଏବଂ ତୁମ ଭିତରେ ତାଙ୍କର ଆବିର୍ଭାବପାଇଁ ପ୍ରାର୍ଥନା କର— ସକଳ ମନୋରଥ ଅଚିରେ ପୂର୍ଣ୍ଣ ହେବ ।

ବର୍ତ୍ତମାନ ସମୟଟା ବିରୋଧର ଯୁଗ । ପରିବାରରେ, ସମାଜରେ, ଦେଶରେ, ରାଷ୍ଟ୍ରରେ, ସାହିତ୍ୟ କ୍ଷେତ୍ରରେ ସର୍ବତ୍ର ବିରୋଧ । ତୁମେମାନେ ଯେ ଯେଉଁ ସମାଜରେ ଅଛ, ସେଥିରେ ହିଁ ସ୍ଥିର ରହ; ପ୍ରଚଳିତ ସଂସ୍କାରରେ ନିଜକୁ ଭସାଇ ଦିଅ ନାହିଁ । ତୁମେମାନେ ପ୍ରାଚୀନପନ୍ଥୀ ହୋଇ ଚଳ ଅର୍ଥାତ୍ ସର୍ବଦା ନିରପେକ୍ଷ ରହ । କାହାରି ସଙ୍ଗରେ ବିରୋଧ କର ନାହିଁ । ଜଗତରେ ସତ୍ୟକୁ ଅବଲମ୍ବନ କରି ଅଳ୍ପ ବହୁତ କଷ୍ଟ ସମସ୍ତେ ସହ୍ୟ କରିଛନ୍ତି । ଧର୍ମର ଭିତ୍ତି ଠିକ୍ ରଖି ଅଧିକାଂଶଙ୍କ ପଥରେ ଚଳିବାକୁ ହେବ । ମୁଁ ଯେଉଁ ଭାବ ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଛି, ସମାଜ ତାହାର ବିରୋଧୀ । ଆଦର୍ଶ ଗୃହସ୍ଥଜୀବନ-ପ୍ରତିଷ୍ଠା ହିଁ ମୋର ମୁଖ୍ୟ ଉଦ୍ଦେଶ୍ୟ । ପିତାମାତାଙ୍କର ଇଚ୍ଛା ପୁତ୍ର ସଂଯମୀ ଓ ଚରିତ୍ରବାନ୍ ହେଉ; କିନ୍ତୁ ପୁତ୍ରକନ୍ୟାଙ୍କର ବୟୋବୃଦ୍ଧି ହେବା ମାତ୍ରେ ସେମାନେ ପ୍ରଚଳିତ ସମାଜସ୍ରୋତରେ ନିଜକୁ ଭସାଇ ଦେଉଛନ୍ତି; ପିତାମାତାଙ୍କ ଶାସନ ସହ୍ୟ କରିପାରୁ ନାହାନ୍ତି । ଅନ୍ୟଦିଗରେ ଅନ୍ଧସ୍ନେହହେତୁ ପିତାମାତାଙ୍କର ପରାଜୟ ଘଟୁଛି । ସେମାନଙ୍କର ଯଥେଷ୍ଟ ଦୁର୍ବଳତା ଅଛି । 'ଅବାଧ ବୋଲି, ଉଚ୍ଛୃଙ୍ଖଳ ବୋଲି ସନ୍ତାନକୁ ତ୍ୟାଗ କଲି'— ଏଭଳି ଆଦର୍ଶ କେତେ ଜଣ ପିତାମାତା ଦେଖାଉଛନ୍ତି ?

ପରିବାରର ଯେ କର୍ତ୍ତା ତାଙ୍କୁ ସର୍ବପ୍ରଥମେ ଆଦର୍ଶ ହେବାକୁ ପଡ଼ିବ; ପ୍ରଚଳିତ ସଂସ୍କାରରେ ଯୋଗ ଦେଲେ ଚଳିବ ନାହିଁ ।

ହେ ଭାରତବାସି ! ତୁମେମାନେ କଅଣ ଏ ସୁଯୋଗ ତ୍ୟାଗ କରିବ ? ତୁମମାନଙ୍କ ମଧ୍ୟରେ ତ ପତିତପାବନ ଗୌରାଙ୍ଗଦେବ ଜନ୍ମିଥିଲେ ! ତୁମମାନଙ୍କ ମଧ୍ୟରେ ତ ରାମକୃଷ୍ଣ, ବିଜୟକୃଷ୍ଣ ଜନ୍ମିଥିଲେ ! ତୁମମାନଙ୍କ ମଧ୍ୟରେ ତ ସେଦିନ ସେହି ପୁରୁଷସିଂହ ବିବେକାନନ୍ଦ ଜନ୍ମିଥିଲେ । ସୁତରାଂ ତୁମମାନଙ୍କ ମଧ୍ୟରେ ତାଙ୍କର

ଆବିର୍ଭାବର ସମ୍ଭାବନା ଅଧିକ । କିନ୍ତୁ ବର୍ତ୍ତମାନ ଯଦି ପ୍ରସ୍ତୁତ ନ ହୁଅ, ଏ ଗୌରବ, ଏ ସମ୍ମାନ ଲାଭ କରିବାକୁ କଅଣ ଆଉ ସକ୍ଷମ ହୋଇପାରିବ ?

ସଂଘଶକ୍ତି

ଏ ଯୁଗରେ କୌଣସି କାର୍ଯ୍ୟରେ କୃତକାର୍ଯ୍ୟତାଲାଭର ଏକମାତ୍ର ଉପାୟ ସଂଘଶକ୍ତି । ତୁମେମାନେ ମିଳିତ ହୋଇ ଜାତୀୟ ଜୀବନରେ ଶକ୍ତି ସଞ୍ଚାର କର । ବ୍ୟକ୍ତିଗତ ସ୍ୱାର୍ଥ ଓ ମାନ-ଅଭିମାନ ପରିହାର କରି ଦେଶମାତୃକାଙ୍କ ପବିତ୍ର ମନ୍ଦିରରେ ଆତ୍ମୋତ୍ସର୍ଗ କର । ନିଜର ପ୍ରାଣ ଦାନ କରି ମାଆଙ୍କର ପ୍ରାଣ ପ୍ରତିଷ୍ଠା କର । ତ୍ୟାଗ ତୁମମାନଙ୍କର ଅସ୍ଥିମଜ୍ଜାଗତ । ଏହି ତ୍ୟାଗବଳରେ ତୁମେମାନେ ଜଗତ୍‌ବରେଣ୍ୟ । ଯଦି ଏହି ଆତ୍ମଗୌରବ ସ୍ମରଣ ରଖିପାରିବ, ତେବେ ଶତବନ୍ଧନରେ ଥାଇ ମଧ୍ୟ ତୁମ୍ଭେମାନେ ମୁକ୍ତିର ଆସ୍ୱାଦ ପାଇପାରିବ । କିନ୍ତୁ ଆତ୍ମବିସ୍ମୃତ ହେଲେ ମୁକ୍ତିପଥ ବିଷମୟ ବୋଧ ହେବ । ଅଧୀର ହୁଅ ନାହିଁ, ଧୀରସ୍ଥିର ଭାବରେ ଜଗତର ଗତି ପର୍ଯ୍ୟବେକ୍ଷଣ କର । ପୁଣି ସୁସମୟ ଓ ସୁବାତାବରଣ ଅପେକ୍ଷାରେ ଅବସ୍ଥାନ କର । ପୁରୁଷକାରର ଯେଉଁଠାରେ ଅନ୍ତ, ଭଗବଦ୍ ଇଚ୍ଛାର ସେହିଠାରେ ଆରମ୍ଭ । ତାଙ୍କ ଇଚ୍ଛା ସହିତ ତୁମ ପୁରୁଷକାର ଯୁକ୍ତ କରିଦେଇ ନିଶ୍ଚିନ୍ତ ହୁଅ । ତୁମମାନଙ୍କର ଏତିକି କର୍ତ୍ତବ୍ୟ ରହିଛି । ତାପରେ ଯାହାଙ୍କର କାର୍ଯ୍ୟ, ସେ ସମ୍ପାଦନ କରିବେ ।

(ପୁରାତନ ଆର୍ଯ୍ୟଦର୍ପଣରୁ ସଂଗୃହୀତ)

ସନ୍ନ୍ୟାସୀ-ବ୍ରହ୍ମଚାରୀ-ସେବକମାନଙ୍କ ପ୍ରତି

ବ୍ରତରକ୍ଷା

ମୁଁ ପ୍ରତିବର୍ଷ ତୁମମାନଙ୍କୁ କେତେ ଉପଦେଶ ଦେଇଆସିଛି । ଏଥର ମଠ ପରିତ୍ୟାଗ ପୂର୍ବରୁ ତୁମମାନଙ୍କୁ ଆଉ କେତେଗୋଟି ଉପଦେଶ ଦେଇଯାଉଛି । ଉପଦେଶଗୁଡ଼ିକ ସର୍ବଦା ସ୍ମରଣ ରଖିଥିବ । ଯେଉଁମାନେ ମୋତେ ଲକ୍ଷ୍ୟ କରି ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବଙ୍କର ମାୟା ଛିନ୍ନ କରି ମୋ ଚରଣତଳରେ ଆଶ୍ରୟ ନେଇଛ, ସେମାନେ ପୁଣି ସଂସାରକୁ ଫେରିଯାଅ ନାହିଁ । ଏଠାରେ ତୁମମାନଙ୍କୁ ଯଦି ଭଲ ନ ଲାଗୁଛି, ଆହୁରି କେତେ ତୀର୍ଥ ସ୍ଥାନ, କେତେ ସାଧୁ ସନ୍ନ୍ୟାସୀଙ୍କ ଆଶ୍ରମ ରହିଛି; ସେ ସ୍ଥାନକୁ ଯାଇ ଜୀବନ କଟାଇପାର । ତଥାପି ବ୍ରତଭଙ୍ଗ କର ନାହିଁ । ମୁଁ ଯଦି ତୁମମାନଙ୍କୁ ଭଲ ନ ଲାଗୁଛି, ତେବେ ତୁମେମାନେ ଅନ୍ୟ ସାଧୁ ମହାପୁରୁଷଙ୍କର ଆଶ୍ରୟ ଗ୍ରହଣ କର; କିନ୍ତୁ ଥରେ ଯେଉଁ ଲକ୍ଷ୍ୟ ଧରି ସଂସାର ପରିତ୍ୟାଗ କରି ତ୍ୟାଗୀ ବେଶ ଗ୍ରହଣ କରିଛ, ସେହି ଗୁରୁପ୍ରଦତ୍ତ ମର୍ଯ୍ୟାଦାର ଅବମାନନା କର ନାହିଁ ।

ମୁଁ ଚିରକାଳ ସ୍ଥୂଳ ଦେହରେ ରହିବି ନାହିଁ । କୌଣସି ମହାପୁରୁଷ ମଧ୍ୟ ସ୍ଥୂଳ ଦେହରେ ଚିରକାଳ ରହି ନାହାନ୍ତି । ସେମାନଙ୍କର ଆଦେଶ ଉପଦେଶଗୁଡ଼ିକୁ ତାଙ୍କ ଶିଷ୍ୟ-ଭକ୍ତମାନଙ୍କର ଅନୁସରଣ କରି ଚଳିବା ଉଚିତ । ଦିନେ ଯେଉଁ ଜ୍ୱଳନ୍ତ ଉଦ୍ଦୀପନା ଧରି ତୁମେମାନେ ଏହି ନିର୍ଜନ ମଠରେ ଆଶ୍ରୟ ନେଇଥିଲ, ସେହି ଉଦ୍ଦୀପନା ଓ ସେହି ମନର ବଳ ଯେପରି କୌଣସି ଅବସ୍ଥାରେ ହେଲେ ହରାଇ ବସ ନାହିଁ । ତୁମମାନଙ୍କୁ ଆଉ କିଛି କରିବାକୁ ହେବ ନାହିଁ । ତୁମେମାନେ ଯଦି ଜୀବନର ଲକ୍ଷ୍ୟରୁ, ଜୀବନର ଆଦର୍ଶରୁ ବିଚ୍ୟୁତ ନ ହୁଅ, ତାହାହେଲେ ମୁଁ ତୁମମାନଙ୍କ ପ୍ରତି ସନ୍ତୁଷ୍ଟ ରହିବି ।

ମୋତେ ଯେଉଁମାନେ ପ୍ରକୃତରେ ବିଶ୍ୱାସ କରନ୍ତି, ମୋ ଅବର୍ତ୍ତମାନରେ କିମ୍ବା ମୋ ଅନ୍ତର୍ଦ୍ଧାନରେ ସେମାନେ କେବେହେଲେ କର୍ତ୍ତବ୍ୟ ବିମୂଢ଼ ହୋଇପାରିବେ ନାହିଁ । ଏହା ମୋର ନିଶ୍ଚିତ ବିଶ୍ୱାସ । ତୁମମାନଙ୍କ ମଧ୍ୟରୁ ମୁଁ ଯାହାଙ୍କଠାରେ ଯେଉଁ ଆଶା ପୋଷଣ କରିଛି, ତୁମେମାନେ ମୋର ସେହି ଆଶାକୁ ପୂରଣ କରିବା ନିମିତ୍ତ ଆପ୍ରାଣ

ଚେଷ୍ଟା କର । ମୁଁ ତୁମମାନଙ୍କ ମଧ୍ୟରୁ ଯାହାଙ୍କୁ ଯେପରି ମନେ କରେ, ତୁମେମାନେ ଯଦି ତାହାର ଅନ୍ୟଥା ଆଚରଣ କର, ତାହାହେଲେ ମୋ ପ୍ରାଣରେ ନିଦାରୁଣ କଷ୍ଟ ହେବ । ତୁମେମାନେ ମୋର ଅନ୍ତର୍ନିହିତ ଆଦର୍ଶକୁ ରୂପ ଦିଅ । ତାହା ନ କରି ଯଦି ତୁମେମାନେ ମୋ ଆଦର୍ଶକୁ କ୍ଷୁଣ୍ଣ କର, ତାହାହେଲେ ମୁଁ ଜଗତର ଯେ କୌଣସି ସ୍ଥାନରେ ଥିଲେ ମଧ୍ୟ ମୋ ଦୁଃଖର ଆଉ ସୀମା ରହିବ ନାହିଁ ।

ଗୁରୁଙ୍କର ମରଣ ନାହିଁ । ସେ ସାକ୍ଷୀଚେତା, କେବଳ ଏବଂ ନିର୍ଗୁଣ— 'ସାକ୍ଷୀଚେତା କେବଳ ନିର୍ଗୁଣଶ୍ଚ ।' ସୁତରାଂ ଗୁରୁଙ୍କ ଚକ୍ଷୁରେ କେବେହେଲେ କୌଣସି ସମୟରେ ତୁମେମାନେ ଧୂଳି ନିକ୍ଷେପ କରିପାରିବ ନାହିଁ । ଗୁରୁ ଶିଷ୍ୟଙ୍କ ପ୍ରତି ସର୍ବଦା ସଜାଗ ଦୃଷ୍ଟିରଖି ଚଳନ୍ତି । ଗୁରୁ ସ୍ଥୂଳଦେହଧାରୀ ହେଲେ ମଧ୍ୟ ଅନ୍ତର୍ଯ୍ୟାମୀ— ଏ କଥାଟି ତୁମେମାନେ କୌଣସି ସମୟରେ ଭୁଲିଯିବ ନାହିଁ । ମୋ ଆଦେଶ ଉପଦେଶକୁ ଅବମାନନା କଲେ ମୋତେ ଅବମାନନା କରିବା ଭଳି ହେବ । ଗୁରୁଙ୍କ ପ୍ରତି ଅବଜ୍ଞା କଲେ ପରମ ଦୟାଳୁ ଗୁରୁ ତୁମକୁ କ୍ଷମା ଦେଇପାରନ୍ତି; କିନ୍ତୁ ଜଗଦ୍‌ଗୁରୁଙ୍କ ହସ୍ତରୁ କାହାରି ପରିତ୍ରାଣ ନାହିଁ । ସେ ପଦମର୍ଯ୍ୟାଦା ରକ୍ଷାନିମିତ୍ତ ନିର୍ଦ୍ଦୟ ଭାବରେ ଶାସନ ଦଣ୍ଡ ପରିଚାଳନା କରନ୍ତି । ତୁମେମାନେ ମୋତେ ସ୍ଥୂଳ ଭାବରେ ଫାଙ୍କି ଦେଇପାର; କିନ୍ତୁ ମୋ ଭିତରେ ଫଳଦାତା ଅନ୍ତର୍ଯ୍ୟାମୀ ରୂପରେ ଯେ ଅଛନ୍ତି, ତାଙ୍କୁ ତୁମେମାନେ କୌଣସି ପ୍ରକାରରେ ଫାଙ୍କି ଦେଇପାରିବ ନାହିଁ । ମୁଁ ସ୍ଥୂଳ ଦେହ ତ୍ୟାଗ କଲେ ଯେ ଆଉ କିଛି ଦେଖିପାରିବି ନାହିଁ, ଏପରି ଧାରଣା ଯେଉଁମାନଙ୍କର ଅଛି, ସେମାନେ ଗୁରୁଙ୍କୁ ନିଜ ପରି ଅଜ୍ଞାନୀ ବୋଲି ମନେକରନ୍ତି । ଗୁରୁଙ୍କ ପ୍ରତି ଯଦି କାହାର ଏପରି ଧାରଣା ହୋଇଥାଏ, ତାହାହେଲେ ମୁଁ ପ୍ରତ୍ୟକ୍ଷ ଭାବରେ ଉପଦେଶ ଦେଉଛି ଯେ, ତୁମେମାନେ ସେହି ଭ୍ରାନ୍ତ ଧାରଣା ଅନ୍ତରରୁ ବିଦୂରିତ କର ।

ଗୁଣକ୍ଷୟ

ମୋ ଆଶ୍ରମରେ କାର୍ଯ୍ୟ କଲେ ତୁମମାନଙ୍କୁ ବନ୍ଧନଦଶାରେ ପଡ଼ିବାକୁ ହେବ ନାହିଁ । ମଠ ଆଶ୍ରମର କାର୍ଯ୍ୟ କରିବାଦ୍ୱାରା ତୁମମାନଙ୍କର ଗୁଣ କ୍ଷୟ ହେବ । ଗୁଣ କ୍ଷୟ ହେଲେ ଜ୍ଞାନର ବିକାଶ ଅବଶ୍ୟମ୍ଭାବୀ । ଯେଉଁଠାରେ ଥିଲେ ମଧ୍ୟ ଜୀବିକା ଅର୍ଜ୍ଜନ ନିମିତ୍ତ ତୁମମାନଙ୍କୁ କର୍ମ କରିବାକୁ ପଡ଼ିବ । ଗୁରୁଙ୍କ ଆଶ୍ରମରେ ରହି ତୁମେମାନେ ଯେଉଁ କର୍ମ କରୁଛ, ସେଥିରେ ତୁମମାନଙ୍କର ଜୀବନର ଉନ୍ନତିରେ କୌଣସି ବାଧା

ଜନ୍ମିବ ନାହିଁ । ଲକ୍ଷ୍ୟଭ୍ରଷ୍ଟ କର୍ମ ବହୁ ପ୍ରକାରେ କଲେ ମଧ୍ୟ ସେଥିରେ ମାନବଜୀବନର ଉନ୍ନତି ସାଧିତ ହୁଏ ନାହିଁ । ପୁଣି ଲକ୍ଷ୍ୟଯୁକ୍ତ କର୍ମରେ ଅତିଶୀଘ୍ର ଚିତ୍ତର ଉନ୍ନତି ହୁଏ ।

ତୁମେମାନେ ଯେଉଁ କର୍ମ କରୁଛ, ସେଥିରେ ତୁମମାନଙ୍କର ଗୁଣକ୍ଷୟ ହେଉଅଛି । ମୋ ନିମିତ୍ତ ତୁମେମାନେ କିଛି କରୁନାହଁ । ତୁମେମାନେ ଲକ୍ଷ୍ୟ ସ୍ଥିର କରି ଯେପରି ଗୁଣକ୍ଷୟ କରିପାରିବ, ସେଥିପାଇଁ ମଠ ଆଶ୍ରମର ପ୍ରତିଷ୍ଠା । ମୋ ନିଜ ପାଇଁ ମଠ ଆଶ୍ରମର କୌଣସି ପ୍ରୟୋଜନ ନ ଥିଲା । ଗୁଣକ୍ଷୟ ନିମିତ୍ତ ମୁଁ ତୁମମାନଙ୍କୁ ଗୋଟିଏ ସୁଯୋଗ ଦେଇଛି ମାତ୍ର । ଯେତେବେଳେ ମୋ ଉଦ୍ଦେଶ୍ୟର ତାତ୍ପର୍ଯ୍ୟ ନ ବୁଝି ତୁମେମାନେ ବୃଥା ସମାଲୋଚନା ଆରମ୍ଭ କରିଦିଅ, ସେତେବେଳେ ତୁମମାନଙ୍କର ଅଜ୍ଞତା ଦେଖି ମୋର କ୍ରୋଧ ନ ହୋଇ ବରଂ କରୁଣାର ସଞ୍ଚାର ହୁଏ । ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ସମ୍ବନ୍ଧରେ ଉଚ୍ଚ ଧାରଣା ଅଛି ବୋଲି ତୁମମାନଙ୍କ ଲକ୍ଷ୍ୟଚ୍ୟୁତିରେ ମୋ ପ୍ରାଣରେ ବିଷମ ଆଘାତ ଲାଗୁଅଛି ।

ମୋର ଆଉ କିଛି କହିବାର ନାହିଁ । ଯେଉଁମାନେ ମୋର ଆଶ୍ରିତ, ସେମାନଙ୍କ ପ୍ରତି ମୋର ଏହି ଶେଷ ଉପଦେଶ ଯେ ସେମାନେ ଯେପରି ଜୀବନର ଲକ୍ଷ୍ୟରୁ କେବେହେଲେ ବିଚ୍ୟୁତ ନ ହୁଅନ୍ତି । ଦୃଢ଼ନିଷ୍ଠା ସହକାରେ ଲକ୍ଷ୍ୟ ଧରି ପଡ଼ି ରହିଥିଲେ ମୁଁ ତୁମମାନଙ୍କୁ କିଛି ଦେଇ ନ ପାରିଲେ ମଧ୍ୟ ତୁମେମାନେ, ଏହି ବିଶ୍ୱାସ ରଖିବ ଏବଂ ଏହା ମୋର ଆଶୀର୍ବାଦ ଯେ, ଦିନେ ସଦ୍‌ଗୁରୁଙ୍କ କୃପାରୁ ତୁମମାନଙ୍କର ଅନ୍ତରର ସବୁ ଅଭାବ ବିଦୂରିତ ହୋଇଯିବ ଏବଂ ତୁମେମାନେ ନିର୍ମଳ ଶାନ୍ତିର ଅଧିକାରୀ ହେବ ।

ଦୁଇଟି ପଥ

ନିଜକୁ ବଡ଼ ମନେକରି ଗୃହସ୍ଥମାନଙ୍କ ପ୍ରତି ହେୟଭାବ ପୋଷଣ କରିବା ସାଧୁତ୍ୱର ଲକ୍ଷଣ ନୁହେଁ । ସେମାନେ ଯଦି କୌଣସି ପାପକାର୍ଯ୍ୟ କରିପକାନ୍ତି, ସେଥିପାଇଁ ସେମାନଙ୍କୁ ଘୃଣା କରିବା ଠିକ୍ ନୁହେଁ; କାରଣ ସମସ୍ତଙ୍କ ଭିତରେ ଭଗବାନ ଅଛନ୍ତି । ତୁମମାନଙ୍କୁ ଯେଉଁ ଭଗବାନ ଚଳାଉଛନ୍ତି, ସେମାନଙ୍କୁ ମଧ୍ୟ ସେହି ଭଗବାନ ଚଳାଉଛନ୍ତି । ପାପ କେହି କରିପାରନ୍ତି ନାହିଁ । ତାହା କେବଳ ଅଭିନୟ ମାତ୍ର । ମୁଁ ଗୁରୁ ସାଜିଛି, ତୁମେମାନେ ଶିଷ୍ୟ ସାଜିଛ— ଏହା ମଧ୍ୟ ଗୋଟିଏ ଅଭିନୟ । ଯାହାଙ୍କଦ୍ୱାରା ଯାହା କରାଇବାର କଥା, ଭଗବାନ୍ ତାହା କରାଉଛନ୍ତି । ସେଥିରେ କିଛି ପାପ ନାହିଁ ।

ମନରେ ଦୀନ ଭାବ ରଖିବ । ଭାବିବ, ତୁମେ ସବୁଠାରୁ ଛୋଟ, ସମସ୍ତେ ତୁମଠାରୁ ବଡ଼ । ଦୁଇଟି ପଥ ଅଛି । ଗୋଟିଏ ନିଜକୁ ବଡ଼ ବୋଲି ଭାବିବା ଅର୍ଥାତ୍ ନିଜକୁ ମହତ୍ ମହୀୟାନ୍ ରୂପରେ ଭାବିବା । ଆଉ ଗୋଟିଏ, ନିଜକୁ କ୍ଷୁଦ୍ରାଦପି କ୍ଷୁଦ୍ର ବୋଲି ଭାବିବା । ନିଜକୁ ବଡ଼ ବୋଲି ଭାବି ଭାବି ଶେଷକୁ ଦେଖିବ, ତୁମ ଅହଂତ୍ୱର ପ୍ରସାର ହୋଇଯାଇଛି । ସେତେବେଳେ ସଂପ୍ରସାରିତ ବିଶାଳ ଅହଂତ୍ୱ ଭିତରେ ନିଜ ଦେହ କ୍ଷୁଦ୍ର ବିନ୍ଦୁପରି ମନେ ହେବ । ମୁଁ ବେଦାନ୍ତ ମନନ ଉପରେ ଖୁବ୍ ଜୋର ଦେଇଛି ଅର୍ଥାତ୍ ଯାହା ଭାବିବ ତାହା ହୋଇଯିବ ।

ଅହଂତ୍ୱ ପ୍ରସାରର ଆଉ ଗୋଟିଏ ଧାରା ମଧ୍ୟ ଅଛି । ପ୍ରଥମରୁ ଚାରିପାଖର ଦୃଶ୍ୟକୁ ବଡ଼ ବୋଲି ମନେ କର । ତାପରେ ଟିକିଏ ଉପରକୁ ଉଠିଲେ ଜୋରହାଟ ସହରଟା ତୁମ ଆଖି ଆଗରେ ଦେଖାଯିବ । ଆହୁରି ଉପରକୁ ଉଠିଲେ ସମଗ୍ର ଆସାମ ପ୍ରଦେଶଟା ଚକ୍ଷୁ ଆଗରେ ଭାସିଉଠିବ । ଏହି ପ୍ରକାରେ ସାତ ଲୋକରେ ଗୋଟିଏ ବ୍ରହ୍ମାଣ୍ଡ । କୋଟି କୋଟି ବ୍ରହ୍ମାଣ୍ଡ ଯଦି ତୁମ ସମ୍ମୁଖରେ ଭାସି ଉଠେ, ଅଥଚ ତୁମର ସତ୍ତା ଅଛି, ତୁମେ ନିଜକୁ ଉପଲବ୍ଧି କରିପାରୁଛ, ଏ ଜ୍ଞାନ ରହେ, ତେବେ ତାହା ସବୁଠାରୁ ଶ୍ରେଷ୍ଠ ନୁହେଁ କି ? ମନନ ସଙ୍ଗେ ସଙ୍ଗେ ଯାହା ଭାବିବ, ତାହା ବାସ୍ତବ ଦୃଶ୍ୟ ରୂପରେ ଫୁଟିଉଠିବ । ପୂର୍ବରୁ କହିଛି, ପ୍ରଥମେ ଦୃଶ୍ୟଜଗତଟାକୁ ସମାନ ଭାବରେ ଦେଖ । ତାପରେ କ୍ରମଶଃ ଊର୍ଦ୍ଧ୍ୱକୁ ଉଠିଯାଅ, ଦେଖିବ ସେଥିରେ କେତେ ଆନନ୍ଦ । ନିଜର କଥା ସେତେବେଳେ ଆଦୌ ମନେପଡ଼ିବ ନାହିଁ; ଅଥଚ ଅହଂତ୍ୱର ଉପଲବ୍ଧି ହେଉଥିବ । ଏହାହିଁ ହେଲା ବେଦାନ୍ତର ସାଧନ ପଥ– ଅହଂତ୍ୱର ପ୍ରସାର । ପୁଣି ତୃଣାଦପି ସୁନୀଚେନ – ବୈଷ୍ଣବ ଭକ୍ତଙ୍କର ଭାବ । ଏ ପଥରେ ମଧ୍ୟ ଚରମ ଅବସ୍ଥା ଲାଭ ହୁଏ । ନିଜକୁ ତୃଣ ଠାରୁ ଛୋଟ ଭାବୁ ଭାବୁ ଚିନ୍ତାର ପରିଣତି ଫଳରେ ଏପରି ଗୋଟିଏ ଅବସ୍ଥା ଆସିବ ଯେ, ସେତେବେଳେ ଆଉ କ୍ଷୁଦ୍ର ବୋଲି କିଛି ରହିବ ନାହିଁ । ବିନ୍ଦୁ ସିନ୍ଧୁରେ ମିଶି ଏକାକାର ହୋଇଯିବ । ନିଜକୁ କ୍ଷୁଦ୍ର ବୋଲି ଚିନ୍ତା କରୁ କରୁ ଭକ୍ତ ଏପରି ଗୋଟିଏ ଭାବରେ ଉପନୀତ ହୁଅନ୍ତି ଯେ, ସେଠାରେ କ୍ଷୁଦ୍ର ବୃହତ୍ ସବୁ ଏକାକାର ହୋଇଯାଏ ।

ସୂର୍ଯ୍ୟଙ୍କ ନିକଟରେ ପୃଥିବୀ ଯେ କେତେ ଛୋଟ, ତାହା ତ ତୁମମାନଙ୍କୁ ଅବିଦିତ ନୁହେଁ । ସେହିପରି ତୁମେମାନେ ଯଦି ସୂର୍ଯ୍ୟମଣ୍ଡଳକୁ ଅର୍ଥାତ୍ ଉନ୍ନତିର ଚରମ ସୀମାକୁ ଉଠିଯିବ, ତାହାହେଲେ ଦେଖିବ, ଏ ଜଗତ୍ କେତେ ଛୋଟ ହୋଇଯାଇଛି ।

ଏହି ଅବସ୍ଥାକୁ ଲକ୍ଷ୍ୟ କରି ପାତଞ୍ଜଳି ମୁନି କହିଛନ୍ତି– ସେତେବେଳେ ଜ୍ଞାନ ହୋଇଯିବ ଅନନ୍ତ, ଅଥଚ ଜ୍ଞେୟ ସୀମିତ । ଏଗୁଡ଼ିକୁ କେବଳ କଳ୍ପନା କରିଦେଲେ ଚଳିବ ନାହିଁ । ଯାହା କଳ୍ପନା କରିବ, ତାହା ପ୍ରତ୍ୟକ୍ଷ ହେବା ଆବଶ୍ୟକ । କିନ୍ତୁ ସଙ୍ଗେ ସଙ୍ଗେ ଗୋଟିଏ ଗୋଟିଏ ଲୋକ ଭାସି ଉଠୁଥିବ; ଅଥଚ ଅହଂତ୍ୱର ଜ୍ଞାନ ଥିବ । ସେତେବେଳେ ଏତେ ଆନନ୍ଦ ଅନୁଭୂତ ହେବ ଯେ, ତାହା କଥାରେ ଆଉ କହିହେବ ନାହିଁ । ଯାହାଙ୍କର ଚିତ୍ତ ଯେତେ ଶୁଦ୍ଧ, କଳ୍ପନା ତାଙ୍କ ନିକଟରେ ସେତେ ବାସ୍ତବ ଆକାରରେ ଦେଖାଦେବ । ଅସ୍ଥିର ଚିତ୍ତ, ଅବିଶୁଦ୍ଧ ମନ ଏଣୁତେଣୁ ଗୁଡ଼ାଏ ଚିନ୍ତାକରେ । ସେଥିରେ କଅଣ ପ୍ରାଣରେ ଶାନ୍ତି ଆସିପାରେ ? ଶୁଦ୍ଧ ମନରେ ପ୍ରତ୍ୟକ୍ଷ ଦର୍ଶନ ହୁଏ । ପ୍ରତ୍ୟକ୍ଷ ଦର୍ଶନରେ ସମସ୍ତ ଅଶାନ୍ତି ଦୂରୀଭୂତ ହୋଇଯାଏ ।

ନିଜକୁ ଛୋଟ ବୋଲି ଭାବିବ । ସବୁ ପିଲା ମାଆଙ୍କର ଆଦର ପାଆନ୍ତି ସତ; କିନ୍ତୁ ମା ଛୋଟ ପିଲାକୁ ବେଶୀ ଆଦର ଓ ଯତ୍ନ କରିଥାନ୍ତି ଏବଂ ସେହି ଛୋଟ ପିଲାଟି ଉପରେ ବେଶୀ ଦୃଷ୍ଟି ରଖିଥାନ୍ତି । ଭଗବାନଙ୍କ ନିକଟରେ ମଧ୍ୟ ସେହିପରି । ତେଣୁ ସେ ଦୀନଶରଣ ।

ଗୃହୀ-ତ୍ୟାଗୀ-ସମ୍ମେଳନ

ଗୃହୀ ଓ ତ୍ୟାଗୀଙ୍କର ସମ୍ମେଳନ ସାଧନ ମୋର ଉଦ୍ଦେଶ୍ୟ । ମୁଁ ଅନେକ ଥର ତୁମମାନଙ୍କ ନିକଟରେ ଏ କଥା ପ୍ରକାଶ କରିଛି । ଆହୁରି ମଧ୍ୟ କହିଛି ଯେ, ଯଦି ଭାରତର କୌଣସି ଦିନ ଉନ୍ନତି ହୁଏ, ତେବେ ତାହା ଗୃହୀ ଓ ତ୍ୟାଗୀଙ୍କର ପରସ୍ପର ଶୁଭ ସମ୍ମେଳନରେ ହିଁ ସଂସାଧିତ ହେବ । ମଝିରେ ସେ ଭାବର ବ୍ୟତ୍ୟୟ ଘଟି ମୋ ପ୍ରତିଷ୍ଠାନର ବହୁତ କ୍ଷତି ଘଟାଇଛି । ଯାହାହେଉ, ମୁଁ ସେଥିପାଇଁ ଦୁଃଖିତ ନୁହେଁ । ମୋ ଭାବ ସୁଦୃଢ଼ ଭିତ୍ତ ଉପରେ ପ୍ରତିଷ୍ଠିତ ଥିବାର ଶୁଭ ଲକ୍ଷଣ ଦେଖିପାରୁଛି । କାରଣ ଯେଉଁମାନେ ଦିନେ ମୋତେ ଛାଡ଼ି ଚାଲିଯାଇଥିଲେ, ସେମାନେ ପୁଣି ଫେରି ଆସୁଛନ୍ତି ।

ଏ ସମ୍ପର୍କରେ ମୋର ବକ୍ତବ୍ୟ ହେଉଛି ଯେ, ମୋତେ ଛାଡ଼ିଯାଇ କେହି ଯଦି ସ୍ୱାଧୀନ ଚେଷ୍ଟାରେ ଜୀବନର ଉନ୍ନତି ଲାଭ କରିପାରନ୍ତି, ସେଥିରେ ମୁଁ ବିନ୍ଦୁମାତ୍ର କ୍ଷୁବ୍ଧ ହେବି ନାହିଁ । ବରଂ ମନେ ମନେ ମୁଁ ତାଙ୍କର ମଙ୍ଗଳ କାମନା କରିବି କିମ୍ବା ସେ ଯଦି ନିଜର ଭୁଲ୍ ବୁଝିପାରି ପୁଣି ମୋ ନିକଟକୁ ଫେରି ଆସନ୍ତି; ମୁଁ ତାଙ୍କୁ ହସ ହସ ବଦନରେ କ୍ଷମା କରିବି । କିନ୍ତୁ ଯଦି ଦେଖିବି, ଏ କୂଳ ସେ କୂଳ ଦୁଇ କୂଳ ହରାଇ

ସେ ତାଙ୍କର ଜୀବନଟାକୁ ପଣ୍ଡ କରିଦେଉଛନ୍ତି, ତେବେ ମୋର ଦୁଃଖର ଆଉ ସୀମା ରହିବ ନାହିଁ ।

ଯେଉଁଦିନ ପ୍ରକୃତରେ ତୁମେମାନେ ନିଜକୁ ଅନୁପଯୁକ୍ତ ବୋଲି ବୁଝିପାରିବ, ମୁଁ ସେହିଦିନ ହିଁ ତୁମମାନଙ୍କୁ ଉପଯୁକ୍ତ କରିନେବି । ନିଜର ଅନୁପଯୁକ୍ତତା ବୁଝିପାରିବା ବଡ଼ ସୌଭାଗ୍ୟର କଥା । କିନ୍ତୁ ବାବା, ତୁମମାନଙ୍କର ସେହି ଆର୍ତ୍ତିର ଅନ୍ତରାଳରେ ଅହଂକାର ଅଭିମାନର ପ୍ରଚଣ୍ଡ ଦୈତ୍ୟଟା ଯେ ଆତ୍ମଗୋପନ କରି ରହିଛି, ସେ ତ ନିର୍ଜ୍ଜିତ ହୋଇ ନାହିଁ ! ତା କବଳରୁ ବର୍ତ୍ତମାନ ସୁଦ୍ଧା ତ ତୁମେମାନେ ରକ୍ଷା ପାଇପାରି ନାହଁ । ତୁମେମାନେ ନିଜକୁ ଖୁବ୍ ଉପଯୁକ୍ତ ବୋଲି ମନେ କର । ମୁହଁରେ ତାର ଅନ୍ୟଥା ପ୍ରକାଶ କଲେ କଅଣ ହେବ ? ଯେଉଁଦିନ ତୁମମାନଙ୍କର ଅହଙ୍କାର ମୂଳପୋଛ ହୋଇଯିବ, ଯେଉଁଦିନ ତୁମେମାନେ କର୍ତ୍ତୃତ୍ୱାଭିମାନ ତ୍ୟାଗକରି ନିଜକୁ ପ୍ରକୃତ ଭାବରେ ସବୁ ପ୍ରକାରରେ କାଙ୍ଗାଳ ବୋଲି ଅନୁଭବ କରିପାରିବ, ଯେଉଁଦିନ ତୁମେମାନେ ରିକ୍ତ ହୋଇଯିବ, ସେହିଦିନ ହିଁ ମୁଁ ତୁମମାନଙ୍କୁ ଉପଯୁକ୍ତ କରିଦେବି; ତୁମମାନଙ୍କ ଶୂନ୍ୟ ହୃଦୟ ମୋର ମହାନ୍ ଦାନରେ ପୂର୍ଣ୍ଣ କରିଦେବି ।

ପ୍ରକୃତ ସାଧୁ ହୁଅ

ମୁଁ ବର୍ତ୍ତମାନ ତୁମମାନଙ୍କ କାର୍ଯ୍ୟ ଅନେକ କମାଇଦେଇ ଯାଉଛି । କର୍ମଚାପରେ ତୁମେମାନେ ସାଧୁତ୍ୱ ବଜାୟ ରଖିପାରୁ ନାହଁ ବୋଲି ମୋତେ ଅନୁଯୋଗ କରୁଥିଲ, ତେଣୁ ମୁଁ ତୁମମାନଙ୍କ ଉପରୁ କର୍ମର ବୋଝ କମାଇ ଦେଲି । ତୁମମାନଙ୍କୁ ବହୁ ପରିମାଣରେ ଅବସର ଦେଲି । ତୁମେମାନେ ପ୍ରକୃତ ସାଧୁ ହୁଅ, ଏହା ମୋର ଇଚ୍ଛା । ମୁଁ ତୁମମାନଙ୍କୁ ଭଗବାନଙ୍କଠାରୁ ମଧ୍ୟ ବଡ଼ ବୋଲି ମନେ କରେ । ମୋର ଭାବନାକୁ ତୁମେମାନେ ସଫଳ କର । ମୁଁ ମଠ ଚାହେ ନାହିଁ, ଆଶ୍ରମ ଚାହେଁ ନାହିଁ । ମୁଁ ଚାହେଁ କେବଳ ତୁମମାନଙ୍କୁ । ତୁମେମାନେ ଥିଲେ ମୋର ସବୁ ଅଛି ବୋଲି ଜାଣିବି । ତୁମେମାନେ ତୁମମାନଙ୍କର ଗୃହୀ ଗୁରୁଭାଇମାନଙ୍କ ସହିତ ମିଳିମିଶି ରହ । ସେମାନଙ୍କ ସହିତ କେବେହେଲେ ଯେପରି ମନୋମାଳିନ୍ୟ ସୃଷ୍ଟି ନ ହୁଏ ।

ତୁମମାନଙ୍କ ମଧ୍ୟରୁ ମୋତେ କେହି କେହି କହିବାର ଶୁଣିଛି ଯେ, ମୁଁ ତୁମମାନଙ୍କୁ ବିଶ୍ୱାସ କରେ ନାହିଁ । ତୁମମାନଙ୍କୁ ବିଶ୍ୱାସ କରିବି ନାହିଁ ତ ଆଉ କାହାକୁ ବିଶ୍ୱାସ କରିବି ? ଏପରି କି ତୁମେମାନେ ଯେଉଁ ହିସାବ ପତ୍ର ଲେଖି ରଖ, ସେ ଖାତା

ପର୍ଯ୍ୟନ୍ତ ମୁଁ ଦିନେ ହେଲେ ଦେଖିବାକୁ ଇଚ୍ଛା କରି ନାହିଁ । ତୁମମାନଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରିଥିବାରୁ ତ ମୋ ମଠ ଆଶ୍ରମର ସମ୍ପୂର୍ଣ୍ଣ ଭାର ତୁମମାନଙ୍କ ଉପରେ ମୁଁ ଛାଡ଼ିଦେଇଛି । କର୍ମର ଜଞ୍ଜାଳ ଆସି ତ ଆମମାନଙ୍କ ମଧ୍ୟରେ ଭାବର ବ୍ୟତିକ୍ରମ ଘଟାଉଥିଲା । ସେ ଜଞ୍ଜାଳ ମୁଁ ଆଜିଠାରୁ ଅପସାରିତ କରିଦେଲି । ମୁଁ ଯେ ତୁମର ଭୟର ଠାକୁର ନୁହେଁ, ସୁଖ ପାଇବାର ଠାକୁର, ଏ କଥାଟି ସର୍ବଦା ସ୍ମରଣ ରଖି ଚଳିବ । ତୁମମାନଙ୍କୁ ଯାହା କହିବାର ଥିଲା ମୋଟାମୋଟି ସବୁ ଶେଷ ହୋଇଗଲା । ଆଉ ବେଶୀ କଥା ତୁମମାନଙ୍କୁ କଅଣ ବା କହିବି ? ବୁଝିସୁଝି କାର୍ଯ୍ୟ କର ।

ପଞ୍ଚତପା ସାଧନ

ତୁମେମାନେ ମୋତେ କେହି ଚିହ୍ନିପାରୁ ନାହଁ, ମୋ ଉଦ୍ଦେଶ୍ୟ କେହି ବୁଝିପାରୁ ନାହଁ । ଆଶ୍ରମ ଗଠନ କରିବାର କି ପ୍ରୟୋଜନୀୟତା ଅଛି, ତା ମଧ୍ୟରେ କି ସତ୍ୟ ନିହିତ ଅଛି, ତାହା କେହି ବୁଝିପାରୁ ନାହଁ । ତୁମେମାନେ ଜାଣିରଖ, ବଡ଼ଲୋକଙ୍କ ଅର୍ଥଦ୍ୱାରା ଆଶ୍ରମ ମଠର ଉଦ୍ଦେଶ୍ୟ ସୁସିଦ୍ଧ ହୁଏ ନାହିଁ । ଆଶ୍ରମର ଉଦ୍ଦେଶ୍ୟ ଲୋକ ତିଆରି କରିବା । ଜଣେ ଧନୀ ଯଦି ଅର୍ଥ ବ୍ୟୟ କରି ଗୋଟିଏ ଆଶ୍ରମ ନିର୍ମାଣ କରିଦିଅନ୍ତି, ତାହାର ବ୍ୟୟନିର୍ବାହ ନିମିତ୍ତ ବିପୁଳ ଅର୍ଥ ଦାନ କରନ୍ତି, ସେଥିରେ ବିଶେଷ କିଛି ଉପକାର ହେବ ନାହିଁ । କାରଣ ତାଙ୍କର କୋଟିଏ ଟଙ୍କାର ସମ୍ପତ୍ତି ଅଛି । କୋଡ଼ିଏ ହଜାର ଟଙ୍କା ଖର୍ଚ୍ଚ କରି ଗୋଟିଏ ଆଶ୍ରମ ତିଆରି କରିଦେବା ତାଙ୍କ ପକ୍ଷରେ ସେପରି କିଛି ତ୍ୟାଗର କଥା ନୁହେଁ । ସେଥିରେ ଅନ୍ୟମାନଙ୍କର ମଧ୍ୟ କିଛି ଉନ୍ନତି ହେବ ନାହିଁ ।

ଖାଲି ହାତରେ ଦଶ ଜଣ ମିଳିତ ହୋଇ ଯଦି ଗୋଟିଏ ପ୍ରତିଷ୍ଠାନରେ ଯୋଗଦାନ କରି ଧୀରେ ଧୀରେ ତାକୁ ଗଠନ କରନ୍ତି, ସେହି ଦଶ ଜଣ ହୁଏତ ଦଶ ହଜାର ଲୋକଙ୍କ ନିକଟକୁ ଭିକ୍ଷା ପାଇଁ ଯିବେ । ସେହି ଦଶ ହଜାର ଲୋକଙ୍କୁ ଆଶ୍ରମର ଉଦ୍ଦେଶ୍ୟ ବୁଝାଇଦେବେ । ସେମାନେ ଉଦ୍ଦେଶ୍ୟ ବୁଝି ତ୍ୟାଗ ସ୍ୱୀକାର କରିବାକୁ ଶିକ୍ଷା କରିବେ । ତେବେ ଏହିପରି ଭାବରେ ଦଶ ହଜାର ଲୋକ ଉନ୍ନତ ହୋଇପାରିବେ । ତୁମେମାନେ ଆଶ୍ରମ ନିମିତ୍ତ ଭିକ୍ଷା କରିବାକୁ ଯାଅ । ଯଦି କେହି ପଚାରନ୍ତି, ଆଶ୍ରମ ନିମିତ୍ତ ଭିକ୍ଷା କରି ତୁମମାନଙ୍କର ଲାଭ ହେଉଛି ? ତୁମେମାନେ ଉତ୍ତର ଦେବ, ସେବା ସହାୟରେ ଚିତ୍ତଶୁଦ୍ଧି ଆମର ଉଦ୍ଦେଶ୍ୟ । ମଠର ସେବକମାନେ ଆସାମର ଦାରୁଣ ଶୀତରେ ନୌକା ଯୋଗେ ବ୍ରହ୍ମପୁତ୍ର ନଦୀତୀରକୁ କାଠ କାଟିବାକୁ ଯାଆନ୍ତି, ଶୀତ ବର୍ଷାରେ ଓ ଖରା କାକରରେ

ମଠ ଜମିରେ ହଳ ବୁଲାନ୍ତି । ଲୋକେ ହୁଏତ କହିବେ, ଏହା କରି ଲାଭ କଅଣ ? ଠାକୁରଙ୍କର କଅଣ ଉଦ୍ଦେଶ୍ୟ କିଏ ଜାଣେ ? ଏହା ପଞ୍ଚତପା ସାଧନର ଗୋଟିଏ ଅଙ୍ଗ । ଠାକୁର କାହାକୁ କି ଭାବରେ ଚାଳିତ କରୁଛନ୍ତି, ତାହା ବୁଝିବା କଷ୍ଟକର ।

ମୁଁ କାଲି ଯାଉଛି । ତା ପୂର୍ବରୁ ମୁ ତୁମମାନଙ୍କୁ ମୋ ପ୍ରାଣର କେତୋଟି କଥା କହିଯାଉଛି । ତୁମେମାନେ ଘର ଦ୍ୱାର, ବାପ ମା ସବୁ ଛାଡ଼ି ସାଧୁ ହେବା ନିମିତ୍ତ ଆସିଛ । ତୁମେମାନେ ସମସ୍ତେ ସାଧୁ ହୁଅ, ଭଗବାନ୍ ହୁଅ । ତେବେ ଭଗବାନ୍ ଭଗବାନ୍‌ଙ୍କ ମଧ୍ୟରେ ବିରୋଧ ହେବ ନାହିଁ । ସଇତାନ୍ ଓ ଭଗବାନଙ୍କ ମଧ୍ୟରେ ବିରୋଧ ଘଟିଥାଏ । ପୁଣି ବିରୋଧ ରହିଲେ ସାଂସାରିକତ୍ୱ ଆସିଯିବ । ପ୍ରେମ-ପ୍ରୀତି ବନ୍ଧନରେ ସମସ୍ତେ ଏକପ୍ରାଣ ହୋଇ ଠାକୁରଙ୍କ କର୍ମ କରିଯାଅ ।

ପ୍ରାଣ ଲାଭ କର

ତୁମମାନଙ୍କ ନିନ୍ଦା ଶୁଣିବାକୁ ମୋତେ ଭଲ ଲାଗେ ନାହିଁ । ମୁଁ ଅବଶ୍ୟ ତୁମମାନଙ୍କୁ କେବେ କେବେ କୌଣସି କଥା ପାଇଁ ମନ୍ଦ ବୋଲି କହିଥାଏ । କିନ୍ତୁ ଅପର ବ୍ୟକ୍ତି ତୁମମାନଙ୍କୁ ନିନ୍ଦା କରିବାର ଶୁଣିଲେ ମୋର ଦେହ ଜଳିଯାଏ । ତାହା ହୁଏତ ତୁମେମାନେ ଧାରଣା କରିପାରିବ ନାହିଁ । ତୁମମାନଙ୍କର ସମ୍ମାନ ହେଲେ ମୋର ସମ୍ମାନ । ତୁମମାନଙ୍କର ଭଲ ହେଲେ ମୋର ଆନନ୍ଦ । ତୁମେମାନେ ବଡ଼ ହେଲେ ମୋ ଛାତିଟା କେଡ଼େବଡ଼ ହୋଇଯାଏ । ତେଣୁ କହୁଛି, ତୁମେମାନେ ଆମୋଦପ୍ରମୋଦ କର, ସୁଖରେ ରହ । ଏହା ହିଁ ମୁଁ ଚାହେଁ । ଏହା ଦେଖିଲେ ମୁଁ ଆନନ୍ଦରେ ରହିପାରିବି । ସମସ୍ତଙ୍କ ଭିତରେ ପ୍ରେମ ପ୍ରୀତି ବିରାଜିତ ହେବ ଏବଂ ଜଣେ ଅନ୍ୟ ଜଣକ ପ୍ରତି ତାହା ଦେଖାଇବ, ତାହା ନ ହେଲେ ତୁମମାନଙ୍କର ସବୁ ଶିକ୍ଷା ତ ପୋଥିଗତ ବିଦ୍ୟାପରି ହୋଇଯିବ ! ତୁମେମାନେ ବଡ଼ ବଡ଼ ପୁସ୍ତକ ପାଠ କରୁଛ; କିନ୍ତୁ ମୋ ପୁସ୍ତକଗୁଡ଼ିକ ପାଠ କରୁନାହଁ । ମୁଁ ଯାହା କହୁଛି, ସବୁ କଥା ମୋ ପୁସ୍ତକଗୁଡ଼ିକରେ ଅଛି ।

କେବଳ ଉପଦେଶ ଶୁଣିଲେ କିଛି ହୁଏ ନାହିଁ । ଜୀବନରେ ଗୋଟିଏ ଉପଦେଶକୁ ଯଦି କାର୍ଯ୍ୟକାରୀ କରିପାର, ତେବେ ଜୀବନ ଧନ୍ୟ ହୋଇଯିବ୍ । ତୁମେମାନେ ମନୁଷ୍ୟ ହୁଅ, ଭଗବାନ ହୁଅ, ଏହା ହିଁ ମୋର ଇଚ୍ଛା । ଉଚ୍ଚ ସାଧକଙ୍କର ଯେଉଁ ଭାବ, ଯାହାକୁ କି ବିଶ୍ୱପ୍ରେମ କହନ୍ତି, ମୁଁ ତୁମମାନଙ୍କ ମଧ୍ୟରେ ସେହି ବିଶ୍ୱପ୍ରେମ ଭାବ ଦେଖିବାକୁ ଆଶାକରେ । ତୁମେମାନେ ଜଗତକୁ ସେହି ଭାବରେ ସୁଖ ପାଇବ ।

ମୋ ନିମିତ୍ତ ଗୋଟିଏ କିଛି ଭଲ କାମ କରିଦେଲେ ବା ମୋ ନିମିତ୍ତ ଟଙ୍କା ପଇସା ଆଣି ଦେଲେ ଯେ ମୁଁ ଆନନ୍ଦିତ ହେବି, ତାହା ନୁହେଁ । ମୁଁ ତୁମମାନଙ୍କ ଭିତରେ ପ୍ରାଣ ଦେଖିବାକୁ ଚାହେଁ, ମୁଁ ଦେଖିବାକୁ ଚାହେଁ ତୁମମାନଙ୍କର ସାଧୁତ୍ୱ । ତୁମେ ସମସ୍ତେ ପ୍ରେମପ୍ରୀତି ବନ୍ଧନରେ ରହିଛ, ସମସ୍ତେ ଆତ୍ମୋନ୍ନତି କରୁଛ, ଏହା ଦେଖିଲେ ମୋର ଯେତେ ଆନନ୍ଦ ହେବ, ଗୋଟାଏ ରାଜ୍ୟ ଆଣିଦେଲେ ମଧ୍ୟ ତାହା ହେବ ନାହିଁ ।

ପୁଣି ଦେଖ, ମୋ କାମ କରୁ କରୁ ତୁମମାନଙ୍କର ତପସ୍ୟା, ଚିତ୍ତସଂଯମ ପ୍ରଭୃତି ବଡ଼ ବଡ଼ ସାଧନାର ଫଳ ଆପଣା ମନକୁ ଆସିଯିବ । ତୁମମାନଙ୍କର ନୀଚତ୍ୱ ଦୂର ହୋଇଯିବ । ତୁମେମାନେ ଯେ ନୀଚ, ତାହା ମୁଁ କହୁ ନାହିଁ । ତୁମେମାନେ ମହତ୍ ଓ ମହୀୟାନ୍ ହୁଅ, ଏହା ହିଁ ମୁଁ ଚାହେଁ ।

ଶିବ ଜ୍ଞାନରେ ଜୀବସେବା

ତୁମେମାନେ ଦେଶର ନାନା ସ୍ଥାନରୁ ଆସି ଏକତ୍ର ହୋଇଅଛ । ଏଠାରେ ଜାତିହିସାବରେ ବା ସମାଜ ହିସାବରେ କୌଣସି ଉଚ୍ଚନୀଚ ଭେଦ ନାହିଁ । ତେବେ ଗୁଣର ଆଦର ଅଛି, ତୁମେମାନେ ପରସ୍ପର ଗୁରୁଭାଇ । ଏକ ପିତାଙ୍କ ସନ୍ତାନ, ସମସ୍ତେ ଏକ ଗୁରୁଙ୍କ ଶିଷ୍ୟ । ସମସ୍ତେ ଗୋଟିଏ ପଥର ଯାତ୍ରୀ । ପ୍ରତ୍ୟେକେ ଅନ୍ୟପ୍ରତି ସ୍ନେହ ପ୍ରୀତି ଦେଖାଇବ । ଜଣକର ଦେହ ଅସୁସ୍ଥ ହେଲେ ଆଉ ଜଣେ ତାର ସେବା କରିବ । ଯଦି ତୁମର ପରସ୍ପର ପ୍ରତି ସ୍ନେହପ୍ରୀତି ନ ରହେ, ତେବେ ତୁମେମାନେ ଜଗତକୁ ସୁଖ ପାଇବ କିପରି ? ଜଗତ ସମ୍ମୁଖରେ ତୁମେମାନେ କଅଣ ନେଇ କିପରି ଭାବରେ ଠିଆ ହେବ ? ଜୀବସେବା ଶିବଜ୍ଞାନରେ କରିବାକୁ ହୁଏ । ରାଜା ପ୍ରଜା, ଉଚ୍ଚ ନୀଚ ସମସ୍ତଙ୍କୁ ସେବା କରାଯାଇପାରେ ।

ଦେଖ, ତୁମେମାନେ ଅନ୍ୟର ଦୋଷ ଦେଖିବ ନାହିଁ । ଦେଖିବ, ଅନ୍ୟର କିଛି ଗୁଣ ଅଛି କି ନାହିଁ । ଜଣକର ଗୋଟିଏ ଦୋଷ ଦେଖିଲାକ୍ଷଣି ତା ପ୍ରତି ବିଦ୍ୱେଷଭାବ ପୋଷଣ କରିବ ନାହିଁ, ଏହା ହିଁ ସାଧୁତ୍ୱ । ଅପରର ଦୋଷ କୀର୍ତ୍ତନ କରିବା ଉଚିତ୍ ନୁହେଁ । ଆତ୍ମୋନ୍ନତି ଆଡ଼କୁ ଲକ୍ଷ୍ୟ ରଖିବା ହିଁ ତୁମମାନଙ୍କର ମୂଳ ଉଦ୍ଦେଶ୍ୟ । ନିଜର ଲକ୍ଷ୍ୟ ଆଡ଼କୁ ଦୃଷ୍ଟି ଦେଇ ଠାକୁରଙ୍କ କଥା ଗୁଡ଼ିକ ଭାବି ଭାବି କାର୍ଯ୍ୟ କରିଯାଅ ।

ଏହି ଯେଉଁ ସୁନାର ମଠ ଦେଖାଯାଉଛି, ଏହାକୁ ଯଦି ତୁମେମାନେ ଏହି ଭାବରେ ରଖିପାର, ତେବେ ଆଉ କିଛି କରିବାକୁ ହେବ ନାହିଁ । ଏହା ଯେପରି ବଣ ଜଙ୍ଗଲରେ ପରିଣତ ହୋଇ ଏଥିରେ ବାଘ ଭାଲୁ ନ ରହନ୍ତି, ସେ ଆଡ଼କୁ ଲକ୍ଷ୍ୟ ରଖିବ । ଏଠାର ଯେ କର୍ତ୍ତା ବା ପରିଚାଳକ ସେ ତୁମର ବଡ଼ ଭାଇ, ତେଣୁ ତୁମେମାନେ ତାଙ୍କୁ ସମ୍ମାନ ଦେଖାଇବ । ସମସ୍ତେ ମିଳିମିଶି ପ୍ରେମପ୍ରୀତି ଅବଲମ୍ବନ କରି ରହିବ ।

ମୁଁ ତୁମ ପ୍ରତ୍ୟେକଙ୍କ ଭିତରେ ଭଗବଦ୍ ଦର୍ଶନ କରିବାକୁ ଇଚ୍ଛା କରୁଛି । ତୁମମାନଙ୍କ ଦେହ ଭଗବାନଙ୍କ ମନ୍ଦିର । ଏ ମନ୍ଦିରକୁ ତୁମେମାନେ କଳୁଷିତ କର ନାହିଁ । ମୁଁ ମନେ କରୁଥିଲି, ଯେଉଁଦିନ ପୂର୍ଣ୍ଣ ସିଦ୍ଧି ଲାଭ କରିବି, ଭଗବାନ୍ ଆସି ମୋ ପାଦସେବା କରିବେ । ସେ ଇଚ୍ଛା ମୋର ପୂର୍ଣ୍ଣ ହୋଇଛି । ତୁମେମାନେ ହିଁ ମୋର ଭଗବାନ୍ ।

ସରଳବିଶ୍ୱାସୀଙ୍କ ପ୍ରତି

ବିଶ୍ୱାସ ଭକ୍ତିର ଆଧାର

ଦିନେ ଭକ୍ତି ବିଶ୍ୱାସ ଏ ଦେଶବାସୀ ଆବାଳବୃଦ୍ଧବନିତାଙ୍କର ଏକଚାଟିଆ ହୋଇଥିଲା; କିନ୍ତୁ ବର୍ତ୍ତମାନ ସେସବୁ ଆମମାନଙ୍କ ନିକଟରେ କବିକଳ୍ପନା ଓ କାବ୍ୟର ଅଳଙ୍କାର ପରି ଲାଗୁଛି । ବର୍ତ୍ତମାନ ଶିକ୍ଷା ବିଭ୍ରାଟ ସଙ୍ଗେ ସଙ୍ଗେ ଶିକ୍ଷିତ ସମାଜରୁ ଦିନକୁ ଦିନ ଭକ୍ତି ବିଶ୍ୱାସ କର୍ପୂର ପରି ଉଡ଼ିଯାଉଛି । ବିଶ୍ୱାସ ନ ଥିଲେ ମନୁଷ୍ୟ କାହିଁକି ବା ଧର୍ମାଚରଣ କରିବ ? ଭାରତୀୟ ଲଳନାମାନେ ବିଶ୍ୱାସବଳରେ ମୃତ ପତିଙ୍କ ସହିତ ଚିତାରେ ଦଗ୍ଧ ହୋଇ ସହମୃତା ହେଉଥିଲେ । ବିଶ୍ୱାସବଳରେ ଭାରତବାସୀ ନିଜର ଜଡ଼ ଦେହକୁ ବଳି ଦେଇ ମଧ ଶରଣାଗତର ରକ୍ଷଣରେ ତତ୍‌ପର ହେଉଥିଲେ । ଗୋଟିଏ ପ୍ରବଚନ ଅଛି ଯେ 'ବିଶ୍ୱାସେ ମିଳନ୍ତି କୃଷ୍ଣ ତର୍କେ ବହୁ ଦୂର ।' କାରଣ, ବିଶ୍ୱାସ ଯେଉଁଠାରେ, ଭକ୍ତି ମଧ ସେହିଠାରେ ଦେଖାଯାଏ, ଅଥବା ବିଶ୍ୱାସ ଓ ଭକ୍ତି ଗୋଟିଏ ଦେହରେ ଦୁଇଟି ପୃଥକ୍ ଅଭିଧେୟ ।

ଦୃଢ଼ ବିଶ୍ୱାସ ହିଁ ଭକ୍ତିର ଆଧାର । ଅଥବା ବିଶ୍ୱାସର ଘନୀଭୂତ ଭାବକୁ ଭକ୍ତି କହନ୍ତି । ଜ୍ଞାନ ହିଁ ସର୍ବନାଶର ମୂଳ । ଈଶ୍ୱରସତ୍ତାକୁ ବିଶ୍ୱାସ କରିବା ପାଇଁ ଅବଶ୍ୟ ଜ୍ଞାନ ଆବଶ୍ୟକ; କିନ୍ତୁ ଅମୁକ ଏହିପରି, ସମୁକ ସେହିପରି, ଏ ଜ୍ଞାନ ଭଲ ନୁହେଁ । ଏହାକୁ ପ୍ରକୃତ ଜ୍ଞାନ କୁହାଯାଏ ନାହିଁ, ଏହା ଅଜ୍ଞାନୀର ଭାବ । ଅନ୍ଧ ବିଶ୍ୱାସରେ ବା ଜ୍ଞାନହୀନ ବିଶ୍ୱାସବଳରେ ଯାହା ପ୍ରାର୍ଥନା କରାଯାଏ, ତାହା ମିଳିପାରେ; କିନ୍ତୁ ଈଶ୍ୱରତତ୍ତ୍ୱ ଲାଭ ହୋଇପାରେ ନାହିଁ । କାରଣ ତୁମେ ଭାବିଚ କଦଳୀ, ପଣସ ପାଇବ କିପରି ? ଯେ ଯେଉଁ ଭାବରେ ଡାକିବେ, ଯେଉଁ ଭାବରେ ପ୍ରାର୍ଥନା କରିବେ, ସେ ସେହି ଭାବରେ ପାଇବେ । ତେଣୁ ଭଗବାନ କହିଛନ୍ତି– ''ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହଂ ।'' — ଶ୍ରୀମଦ୍‌ଭଗବଦ୍‌ଗୀତା ୪ । ୧୧

କିନ୍ତୁ ଗୁରୁତର କାଳର ସଂଘର୍ଷରେ, ବିଜାତୀୟ ଶିକ୍ଷାର ପ୍ରଚଳନରେ ଆଜିକାଲି ଆମେମାନେ ସାମାନ୍ୟ କଥାରେ ମଧ ବିଶ୍ୱାସ କରିପାରୁ ନାହୁଁ । ସବୁ ବିଷୟରେ ଯୁକ୍ତିତର୍କ ଖୋଜି ବୁଲୁଛୁ । ଆମେମାନେ ଥରେ ହେଲେ ଭାବୁ ନାହୁଁ ଯେ,

ଜ୍ଞାନଗରିଷ୍ଠ ଋଷିଶ୍ରେଷ୍ଠ ବଶିଷ୍ଠାଦି ତ୍ରିକାଳଜ୍ଞ ତତ୍ତ୍ୱଦର୍ଶୀ ମୁନିମାନେ ଯାହା ବୁଝିପାରୁଥିଲେ, ଆଜିକାଲିକାର ଅକାଳ ପରିପକ୍ୱ ମସ୍ତିଷ୍କଶାଳୀ ଧାମେ ତାହା କେବେହେଲେ ବୁଝିବାକୁ କ୍ଷମ ହୋଇପାରିବା ନାହିଁ । କାରଣ ତାହା ବୁଝିବାକୁ ହେଲେ ଯୋଗଦୃଷ୍ଟିର ପ୍ରୟୋଜନ । ସେମାନଙ୍କ ଜ୍ଞାନ ସହିତ ସାଧନଭଜନହୀନ, କାମ କାମନାକଳୁଷିତ ଜୀବର ଜ୍ଞାନର ତୁଳନା କରାଯାଇ ନ ପାରେ । ତେଣୁ ହେ ଭାଇମାନେ, ଯୁକ୍ତିତର୍କ ପରିତ୍ୟାଗ କରି ସରଳ ଭକ୍ତି ବିଶ୍ୱାସରେ ହୃଦୟ ପୂର୍ଣ୍ଣ କରି ତତ୍ତ୍ୱଦର୍ଶୀ ଋଷିମାନଙ୍କ ପ୍ରଣୀତ ଶାସ୍ତ୍ରାନୁସାରେ କାର୍ଯ୍ୟ କରିଯାଅ । ବିଶ୍ୱାସହୀନ ବ୍ୟକ୍ତିର ଇହକାଳରେ ଓ ପରକାଳରେ କେଉଁଠାରେ ହେଲେ ଶାନ୍ତି ନାହିଁ । ସବୁ ବୃଥା, ସବୁ ଅସାର, ଏକମାତ୍ର ଭଗବାନ ହିଁ ସର୍ବସାର । ଆମେ ବଦ୍ଧ ଜୀବ, ସେ ମୁକ୍ତ ଈଶ୍ୱର; ଆମେ ସାନ୍ତ, ସେ ଅନନ୍ତ; ଆମେ ଧନୈଶ୍ୱର୍ଯ୍ୟବାନ୍, ସେ ଐଶ୍ୱର୍ଯ୍ୟର ଆଧାର; ସେ କେବଳ ଆମରି ଭଗବାନ୍; ସେ ଆମକୁ ଡାକିନେବେ । ତାଙ୍କ ବ୍ୟତୀତ ଉଦ୍ଧାରର ଆଉ ଉପାୟ ନାହିଁ– ଏହିପରି ଯେଉଁ ଦୃଢ଼ ବିଶ୍ୱାସ, ସେହି ବିଶ୍ୱାସର ପରିଣାମ ହିଁ ଦୃଢ଼ାଭକ୍ତି ।

ସବୁ ଯାଉ, ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଆନ୍ତୁ; ପୃଥିବୀ ପ୍ରଳୟ ହୋଇଯାଉ; ସଂସାର ଲୟପ୍ରାପ୍ତ ହେଉ; ପୁତ୍ର କଳତ୍ର, ଆତ୍ମୀୟସ୍ୱଜନ ବିଷୟ ବିଭବ ସବୁ ଚାଲିଯାଉ; ସେହି ଭଗବାନ, ଯେ ସମସ୍ତଙ୍କର ମୂଳାଧାର, ସେ ଥିଲେ ମୋର ସବୁ ବାସନା ପୂର୍ଣ୍ଣ ହେବ । ସେ କେବଳ ସମସ୍ତଙ୍କର ଆପଣାର । ସମସ୍ତେ ତାଙ୍କରି ଆପଣା ଲୋକ । ଏହିପରି ଦୃଢ଼ ବିଶ୍ୱାସ ହିଁ ଭକ୍ତିର ଆଧାର । ଗୋଟିଏ କଥାରେ– ବିଶ୍ୱାସର ଯାହା ପ୍ରାଣ ତାହା ହିଁ ଭକ୍ତି ।

ବିଶ୍ୱାସର ଶକ୍ତି

ଅନେକେ କହିବାର ଶୁଣାଯାଏ, ଅମୁକଙ୍କର ତତ୍ତ୍ୱଜ୍ଞାନ ହୋଇନାହିଁ; କିନ୍ତୁ ସେ ବିଶ୍ୱାସ ଓ ଭକ୍ତିରେ ଭଗବାନଙ୍କୁ ପାଇଛନ୍ତି । ଗୋପୀମାନେ କେବେହେଲେ ଦର୍ଶନ ବା ବିଜ୍ଞାନ ପାଠ କରି ନ ଥିଲେ କିମ୍ବା ସେମାନେ ଭଗବତ୍-ତତ୍ତ୍ୱର ଆଲୋଚନା କରି ନ ଥିଲେ । ସେମାନଙ୍କ ଭାଗ୍ୟରେ ଭଗବାନଙ୍କର ସାଯୁଜ୍ୟ, ସାରୂପ୍ୟ ପ୍ରଭୃତି ସାର୍ବଭୌମ ଐଶ୍ୱର୍ଯ୍ୟ ଲାଭ ହୋଇଥିଲା । ବୀର ପାଣ୍ଡବମାନଙ୍କର ଯଜ୍ଞାଶ୍ୱ ନୀଳଧ୍ୱଜରାଜା ହରଣ କଲାବେଳେ ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ସହାୟତାରେ ଯୁଦ୍ଧରେ ତାଙ୍କୁ ବିନାଶ କରି ଯେତେବେଳେ ନୀଳଧ୍ୱଜପୁରରେ ପ୍ରବେଶ କଲେ, ସେତେବେଳେ ଗୋଟିଏ ସରଳବିଶ୍ୱାସୀ ବ୍ରାହ୍ମଣ ଶ୍ରୀକୃଷ୍ଣ ଦର୍ଶନରେ ତଦ୍ଦଣ୍ଡରେ ମୁକ୍ତ ହୋଇଯିବ ବୋଲି

ଭାବି ବ୍ରାହ୍ମଣୀ ସହିତ ନଗରରୁ ପଳାୟନ କଲେ । ପଛରେ କାଳେ ବାଟରେ ଶ୍ରୀକୃଷ୍ଣଙ୍କର ସାକ୍ଷାତ୍ ହୋଇଯିବ, ଏହି ଆଶଙ୍କାରେ ନିଜ ଚକ୍ଷୁଦ୍ୱୟ ବସ୍ତ୍ରଦ୍ୱାରା ବନ୍ଧନ କରି ରଖିଥିଲେ । ଶ୍ରୀକୃଷ୍ଣଙ୍କ ଦର୍ଶନରେ ମୁକ୍ତି ହେବ, କି ସରଳବିଶ୍ୱାସ ! ଧନ୍ୟ ବ୍ରାହ୍ମଣ ! ତୁମରି ପରି ଲୋକଙ୍କର ଭଗବତ୍‌ପ୍ରାପ୍ତି ହୋଇଥାଏ । ପାଠକ, ନିମ୍ନରେ ଏହିପରି ଜଣେ ସରଳବିଶ୍ୱାସୀ ମହାତ୍ମାଙ୍କର କାହାଣୀ ଆପଣମାନଙ୍କୁ ଉପହାର ଦେଉଅଛି ।

ଦିନେ ନାରଦ ଭଗବାନଙ୍କୁ ଦର୍ଶନ କରିବା ନିମନ୍ତେ ବୈକୁଣ୍ଠପୁରକୁ ଗମନ କଲେ । ସେଠାକୁ ଯାଇ ବିଷ୍ଣୁରୂପ ଦର୍ଶନ କରି ଅତିଶୟ ଆନନ୍ଦିତ ହେଲେ । ତା'ପରେ ଏଣେତେଣେ ବୁଲୁ ବୁଲୁ ଦେଖିଲେ, ବିଷ୍ଣୁଙ୍କ ମନ୍ଦିର ନିକଟରେ ଗୋଟିଏ ସୁନ୍ଦର ମନ୍ଦିର ନିର୍ମାଣ କରାଯାଉଅଛି । ତତ୍‌ସନ୍ନିକଟସ୍ଥ ଅନ୍ୟାନ୍ୟ ମନ୍ଦିର ତୁଳନାରେ ସେହି ମନ୍ଦିରଟି ଶତ ଶୋଭାରେ ଶୋଭାନ୍ୱିତ । କେଉଁ ଭାଗ୍ୟଧର ଭକ୍ତଙ୍କ ନିମିତ୍ତ ଏ ମନ୍ଦିର ପ୍ରସ୍ତୁତ ହେଉଅଛି, ଏହା ଭାବୁ ଭାବୁ ନାରଦ ବିଷ୍ଣୁଙ୍କ ସମୀପରେ ଯାଇ ଉପସ୍ଥିତ ହେଲେ ଏବଂ ପଚାରିଲେ, ''ପ୍ରଭୋ ! ଏହି ଯେଉଁ ନୂତନ ମନ୍ଦିରଟି ନିର୍ମାଣ କରାଯାଉଅଛି, ଏହା କେଉଁ ଭାଗ୍ୟବାନଙ୍କର ଆବାସସ୍ଥଳ ହେବ ?''

ବିଷ୍ଣୁ ଶତଚନ୍ଦ୍ରକିରଣ ସଦୃଶ ମୃଦୁହାସ୍ୟ ବିକିରଣ କରି କହିଲେ, ''ମର୍ତ୍ତ୍ୟଧାମରୁ ମୋର ଜଣେ ପ୍ରଧାନ ଭକ୍ତ ଅତି ନିକଟରେ ଏଠାକୁ ଆସିବେ । ତାଙ୍କରି ନିମିତ୍ତ ଏ ମନ୍ଦିର ପ୍ରସ୍ତୁତ ହେଉଅଛି ।'' ନାରଦ ବିସ୍ମୟ ସହକାରେ କହିଲେ, ''ପ୍ରଭୋ ! ମୁଁ ଏପରି ଭକ୍ତିରସାଶ୍ରିତ ଭକ୍ତପ୍ରଧାନ ବର୍ତ୍ତମାନ ଯୁଗରେ ମର୍ତ୍ତ୍ୟପୁରରେ ତ କାହାକୁ ଦେଖିପାରୁ ନାହିଁ ?''

ବିଷ୍ଣୁ – ଅଛନ୍ତି, ତାଙ୍କର ନାମ ଚାନ୍ଦ ବିଶ୍ୱାସ ।

ନାରଦ– ହରି ହରି, ସାଗର ଗ୍ରାମର ଚାନ୍ଦ ବିଶ୍ୱାସ ? ସେ କି ଜାତିର ଲୋକ ପ୍ରଭୋ ? ନାରଦ ଅତି ବିସ୍ମିତ ଭାବରେ ଏକଥା ପଚାରିଲେ ।

ବିଷ୍ଣୁ– ସେ ଜାତିରେ ଗୋପାଳ । ବର୍ତ୍ତମାନ ସେ ମୋର ଶ୍ରେଷ୍ଠ ଭକ୍ତ । ଭକ୍ତିରେ ମୁଁ ତା'ରି ହୃଦୟରେ ଆବଦ୍ଧ ରହିଛି ।

ଏଥିରେ ନାରଦଙ୍କର କୌତୂହଳ ଜାତ ହେଲା । ସେହି ବିଷ୍ଣୁଭକ୍ତଙ୍କର ଆଚାର ବ୍ୟବହାର ଦେଖିଆସିବାକୁ ତାଙ୍କର ପ୍ରବଳ ଇଚ୍ଛା ହେଲା । ସେ ବିଷ୍ଣୁଙ୍କଠାରୁ ବିଦାୟ ନେଇ ଏକାବେଳକେ ଯାଇ ସାଗର ଗ୍ରାମରେ ଉପସ୍ଥିତ ହେଲେ ଏବଂ ଚାନ୍ଦ ବିଶ୍ୱାସଙ୍କ ଗୃହରେ ପ୍ରଚ୍ଛନ୍ନ ଭାବରେ ଅବସ୍ଥାନ କଲେ ।

ଚାନ୍ଦ ବିଶ୍ୱାସ ସେତେବେଳକୁ ବିଲକୁ କୃଷିକାର୍ଯ୍ୟ କରିବାକୁ ଯାଇଥିଲେ । ସନ୍ଧ୍ୟା ହେବାରୁ ବିଲରୁ ହଳ, ବଳଦ ଓ ବୋଝେ ଘାସ ଘେନି ଘରକୁ ଫେରିଆସିଲେ । ନାରଦ ବିଷ୍ଣୁଭକ୍ତଙ୍କର ଭକ୍ତି ଦେଖିବା ନିମିତ୍ତ ଉଦ୍‌ଗ୍ରୀବ ହୋଇ ରହିଥିଲେ ।

ଚାନ୍ଦ ବିଶ୍ୱାସ ଘରକୁ ଆସି ଘାସ ବୋଝ ଯଥାସ୍ଥାନରେ ଥୋଇଦେଇ ବଳଦ ହଳଙ୍କୁ ଗୁହାଳରେ ବାନ୍ଧିପକାଇ ହାତ ଗୋଡ଼ ଧୋଇ କଂସାଏ ପଖାଳଭାତ ପେଟ ପୂରାଇ ଖାଇଲେ । ପରେ ଶେଯରେ ଯାଇ ଶୋଇପଡ଼ିଲେ ଏବଂ ଯଥାସମୟରେ ନିଦ୍ରାକୋଳରେ ଢଳିପଡ଼ିଲେ ।

ନାରଦ ଚମତ୍କୃତ ହେଲେ । ଏ ପୁଣି କିପରି ଭକ୍ତ ? ସନ୍ଧ୍ୟାବେଳେ ଥରେ ହେଲେ ହରି ବୋଲି କହିଲା ନାହିଁ । ଯାହା ଖାଇଲା, ତାହା ଭଗବାନଙ୍କୁ ନିବେଦନ ସୁଦ୍ଧା କଲା ନାହିଁ । ଶୋଇଲାବେଳେ ମଧ୍ୟ ଥରେ ହେଲେ ନାମ ନେଲା ନାହିଁ । ତେବେ ଏ କି ପ୍ରକାର ଭକ୍ତ ! ଏହାର ଭକ୍ତି ବା ପୁଣି କିପରି ?

ଯାହା ହେଉ, ନାରଦ ଭାବିଲେ, ସାଧନାଙ୍ଗ ବହୁ ପ୍ରକାରର ଅଛି । ଦେଖାଯାଉ, ଏ ବ୍ୟକ୍ତି କିପରି ଅନୁରକ୍ତ !

ସ୍ୱଧର୍ମ ପାଳନ

ରଜନୀ ପ୍ରଭାତ ହେଲା । ଉଷାର ଅବଗୁଣ୍ଠନ ମଧ୍ୟଦେଇ ମାଧୁରୀ ବହିର୍ଗତ ହୋଇ ଦିଗ୍‌ଦିଗନ୍ତ ମଧୁମୟ କରିପକାଇଲା । କୁସୁମଚୁମ୍ବିତ ଧୀର ସମୀରଣ ପ୍ରବାହିତ ହେବାକୁ ଲାଗିଲା । ପକ୍ଷୀମାନେ ପ୍ରଭାତୀ ଗାନ କରି ପରମପିତାଙ୍କର ଜୟ ଘୋଷଣା କରିବାକୁ ଲାଗିଲେ । କୃଷକକୁଳ ରାତ୍ରି ଶେଷରେ ଜାଗିଉଠିଲେ । ଚାନ୍ଦ ବିଶ୍ୱାସ ମଧ୍ୟ ନିଦ୍ରାରୁ ଉଠି ମୁହଁ ହାତ ଧୋଇ ତାହାର ବଳଦଦୁଇଟିଙ୍କୁ ଖୁଆଇ ନିଜେ ପେଟେ ଭାତ ଖାଇ ଗୋଟିଏ ହୁକାରେ ତମାଖୁ ସଜାଡ଼ିଲା । ପରେ ଲଙ୍ଗଳ କାନ୍ଧରେ ପକାଇ ବଳଦ ହଳଙ୍କୁ ଆଗରେ ଚଲାଇ ବିଲକୁ ବାହାରିଲା ।

ନାରଦ ଦୀର୍ଘନିଃଶ୍ୱାସ ତ୍ୟାଗକରି ମନେ ମନେ କହିଲେ, ମୁଁ କଅଣ ଭୁଲିଯାଇଛି ? କେଉଁ ସାଗର ଗ୍ରାମର କେଉଁ ଚାନ୍ଦ ବିଶ୍ୱାସକୁ ଖୋଜିବାକୁ ଆସି କାହା ଘରେ ପ୍ରବେଶ କରିଛି ? ପୁଣି ଭାବିଲେ, ତାହା ତ ନୁହେଁ ! ଆଉ ତ କେଉଁ ଗ୍ରାମରେ ଚାନ୍ଦ ବିଶ୍ୱାସ ନାହାନ୍ତି । ତେବେ କଅଣ ହରି ମୋ ସହିତ ରହସ୍ୟ କଲେ ? ହୁଏତ ତାହାହିଁ ହୋଇଥିବ । ନ ହେଲେ ଏପରି ଭକ୍ତିପଥ ବିବର୍ଜିତ ସମ୍ପୂର୍ଣ୍ଣ ମୂଢ଼ଚେତା କଅଣ

ହରିଭକ୍ତ ହୋଇପାରେ ? ଏତେଦିନ ମଧ୍ୟରେ ଥରେ ହେଲେ ହରିଙ୍କ ନାମ ଧରେ ନାହିଁ । ସଂଯମସାଧନାର ସୀମା ମଧ୍ୟ ମାଡ଼େ ନାହିଁ । ଆପଣା ସଂସାରର କାର୍ଯ୍ୟ ଓ ଆହାରବିହାରରେ ମତ୍ତ । ନାରଦ ପୁଣି ଭାବିଲେ, ମୋତେ ମାୟାମୟ ଏପରି ମୁଗ୍ଧ କରିବାର କିଛି ପ୍ରୟୋଜନ ନ ଥିଲା । ଆଚ୍ଛା; ଆଉ ଦିନେ ଦୁଇ ଦିନ ରହି ଦେଖିବି, ଯଦି କିଛି ପାଏ !

ଦୁଇଦିନ କଟିଗଲା, ନାରଦ ଚାନ୍ଦ ବିଶ୍ୱାସର ଆଚାର ବ୍ୟବହାର ରୀତି ନୀତିରେ କିଛି ହେଲେ ବିଶେଷତ୍ୱ ଦେଖିପାରିଲେ ନାହିଁ । ସେହି ମୂଢ଼ଜନୋଚିତ କାର୍ଯ୍ୟ ଦେଖିବାକୁ ପାଇଲେ ।

ଦିନେ ସକାଳୁ ଚାନ୍ଦ ବିଶ୍ୱାସ ବିଲକୁ ଗଲାବେଳେ ନାରଦ ବ୍ରାହ୍ମଣ ବେଶରେ ତା ସମ୍ମୁଖରେ ଉପସ୍ଥିତ ହେଲେ । ଚାନ୍ଦ ବିଶ୍ୱାସ ବ୍ରାହ୍ମଣକୁ ଦେଖି ପ୍ରଣାମଟିଏ ମଧ୍ୟ କଲା ନାହିଁ । ନାରଦ ପଚାରିଲେ, ତୁମର ନାମ କଅଣ ବାବା ?

ଚାନ୍ଦ — ମୋ ନାମ ଚାନ୍ଦ ବିଶ୍ୱାସ । ଏକଥା କାହିଁକି ପଚାରିଲେ ଠାକୁର ?

ନାରଦ — ମୁଁ ବ୍ରାହ୍ମଣ, ତାହା ବୋଧହୁଏ ତୁମେ ଜାଣିପାରିଛ ?

ଚାନ୍ଦ — ତାହା ଜାଣି ପାରିଛି । ତେବେ ଆଉ କାହିଁକି ପଚାରୁଛନ୍ତି ?

ନାରଦ — ତୁମେ ତ ହିନ୍ଦୁ ?

ଚାନ୍ଦ — ହିନ୍ଦୁ ନୁହେଁ ତ ଆଉ କଅଣ ?

ନାରଦ — ହିନ୍ଦୁଶାସ୍ତ୍ରର ବିଧାନ ଯେ ବ୍ରାହ୍ମଣ ଦେଖିଲା ମାତ୍ରେ ପ୍ରଣାମ କରିବାକୁ ହେବ ! କାହିଁ, ତୁମେ ତ ମୋତେ ପ୍ରଣାମ କଲ ନାହିଁ ?

ଚାନ୍ଦ — ମୁଁ ଚଷା ଲୋକ, ଶାସ୍ତ୍ରର ମର୍ମ ବା କଅଣ ବୁଝିବି ? ଯା ହେଉ, ମୁଁ ଏସବୁ କରେ ନାହିଁ ।

ନାରଦ — କାହିଁକି ?

ଚାନ୍ଦ — ମନ ଖରାପ ହୁଏ ।

ନାରଦ — ଏ ପୁଣି କିପରି କଥା ? ବ୍ରାହ୍ମଣଙ୍କୁ ପ୍ରଣାମ କଲେ ତୁମ ମନ ଖରାପ ହୁଏ କାହିଁକି ?

ଚାନ୍ଦ — ବ୍ରାହ୍ମଣ ଜାତିଟା ବଡ଼ ଖରାପ । ସେମାନଙ୍କ ପାଖକୁ ଗଲେ ସେମାନେ କେତେ ପ୍ରକାର ମରିବା ବାଟ ବତାଇ ଦିଅନ୍ତି । କେତେ ସାଧନା କଥା

ଶୁଣାଇ ଦିଅନ୍ତି । ସେଥିପାଇଁ ମୁଁ ବ୍ରାହ୍ମଣ ଦେଖିଲେ ପ୍ରଣାମ କରେ ନାହିଁ । ଏଥିରେ ବ୍ରାହ୍ମଣମାନେ ରାଗିଯାଇ ମୋ ନିକଟକୁ ଆସନ୍ତି ନାହିଁ ।

ନାରଦ — ତୁମେ କଅଣ ମରିବାକୁ ଭୟ କରୁଛ ?

ଚାନ୍ଦ — ଦୂର ହୁଅ । ମୁଁ ମରଣ ନାମରେ ଶଙ୍କିତ କାହିଁକି ହେବି ? ମାତ୍ର ସଂସାରରେ ମୋର ଅନେକ କାର୍ଯ୍ୟ ଅଛି । ତେଣୁ ଏସବୁ କଥା ମୋତେ ଭଲ ଲାଗୁ ନାହିଁ ।

ନାରଦ — ଯେତେବେଳେ ନିଶ୍ଚୟ ମରିବାକୁ ହେବ, ମରଣ ଯେତେବେଳେ ନିଶ୍ଚିତ, ସେତେବେଳେ ପୂର୍ବରୁ ତାହାର ଉପାୟ କରିବା ତ କର୍ତ୍ତବ୍ୟ ? ଶାସ୍ତ୍ରରେ ଅଛି—

"ମୃତ୍ୟୁର୍ଜନ୍ମବତାଂ ବୀର ଦେହେନ ସହ ଜାୟତେ ।
ଅଦ୍ୟ ବାବ୍ଦସତାନ୍ତେ ବା ମୃତ୍ୟୁର୍ବୈ ପ୍ରାଣିନାଂ ଧ୍ରୁବଃ ।"

—ଶ୍ରୀମଦ୍‌ଭାଗବତ, ୧୦ । ୧ । ୨୬

ଦେହ ସଙ୍ଗରେ ମୃତ୍ୟୁ ଆସିଛି । ଆଜି ହେଉ ବା କାଲି ହେଉ ଅଥବା ଶହେ ବର୍ଷ ପରେ ହେଉ ନିଶ୍ଚୟ ପ୍ରାଣୀମାନଙ୍କୁ ମୃତ୍ୟୁକବଳରେ ପତିତ ହେବାକୁ ପଡ଼ିବ । ମୃତ୍ୟୁ ଯେତେବେଳେ ନିଶ୍ଚିତ, ସେତେବେଳେ ଧର୍ମକର୍ମ ଭୁଲି ରହିବା ତ କର୍ତ୍ତବ୍ୟ ନୁହେଁ ? ତୁମେ କଅଣ ଏକଥା ଜାଣି ନାହଁ ? କିଏ କାହାର ସ୍ତ୍ରୀ, କିଏ କାହାର ପୁତ୍ର, କିଏ ବା କାହାର ବନ୍ଧୁ ? ଅଥବା କାହାର ବିଷୟ ଆଶୟ ? ଏସବୁ ମିଥ୍ୟା ମାୟାର ଖେଳ । ଏସବୁକୁ ପଛକୁ ପକାଇ ଶେଷରେ ଦିନେ ଚାଲିଯିବାକୁ ହେବ । ସେତେବେଳେ ମହାପରୀକ୍ଷାରେ, ମହାସଙ୍କଟରେ ପଡ଼ିବାକୁ ହେବ । ସେ ସଂକଟରୁ ପରିତ୍ରାଣଲାଭର ଉପାୟ କରୁନାହଁ କାହିଁକି ?

ଚାନ୍ଦ — ତାର ଉପାୟ ନିର୍ଦ୍ଦିଷ୍ଟ ହୋଇ ରହିଛି ବାବା !

ନାରଦ — ସେ କଥା କଅଣ ଗୋସାଇଁ, ଶୁଣେ !

ଚାନ୍ଦ — ମୁଁ ତାହା ମୁହଁରେ ଧରିବି ନାହିଁ ।

ନାରଦ — ମୁଁ ତୁମ କଥା ତ କିଛି ବୁଝିପାରୁ ନାହିଁ ! କଥାଟା ମୁହଁରେ କହିଦେଲେ ବା ଦୋଷ କଅଣ ଅଛି ?

ଚାନ୍ଦ – ମୁଁ ତୁମରି ପରି ଜଣେ ବ୍ରାହ୍ମଣଙ୍କ ମୁଖରୁ ଯାହା ଶୁଣିଛି, ସେ କଥା ଥରେ ମୁହଁରେ ଧଇଲେ ମନୁଷ୍ୟ ମୁକ୍ତ ହୋଇଯିବ । ତେଣୁ ମୁଁ କେବେ ହେଲେ ତାହା କହେ ନାହିଁ ।

ନାମରେ ବିଶ୍ୱାସ

ନାରଦ – ମୁକ୍ତିନିମିତ୍ତ ଲୋକେ କେତେ କଠୋର ତପସ୍ୟା କରୁଛନ୍ତି, କେତେ ସହସ୍ର ସହସ୍ର ଯୁଗ, କେତେ କୋଟି କୋଟି ବର୍ଷ ଧରି ଭଗବାନଙ୍କ ସାଧନା କରୁଛନ୍ତି, ଅଥଚ ତୁମେ ପଦେ କଥା କହିଦେଲା ମାତ୍ରେ ମୁକ୍ତ ହୋଇଯିବ ? ତା ମଧ୍ୟ ମୁହଁରେ କହୁ ନାହଁ ? ତୁମେ କଅଣ ଜାଣି ନାହଁ ଯେ ମୁକ୍ତି ହିଁ ଜୀବର ଚରମ ଉଦ୍ଦେଶ୍ୟ ?

ଚାନ୍ଦ – ତାହା ଜାଣେ; କିନ୍ତୁ ମୁଁ ତ ଆଗରୁ କହିଛି, ସଂସାରରେ ମୋର ଅନେକ କାର୍ଯ୍ୟ ଅଛି । ତେଣୁ ଏସବୁ ଗୋଳମାଳ ଭିତରେ ପଶିବାକୁ ବର୍ତ୍ତମାନ ମୋର ମନ ହେଉ ନାହିଁ ।

ନାରଦ – ମୁଁ ପୂର୍ବରୁ କହିଛି, ଜଗତର ସବୁ କାର୍ଯ୍ୟ ମାୟା, ସବୁ ମୋହ, ସବୁ ମିଥ୍ୟା ।

ଚାନ୍ଦ – ତାହା ମଧ୍ୟ ମୁଁ ଜାଣେ ଗୋସାଇଁ । ତେବେ ଯାହା କରିବାର ଦାୟିତ୍ୱ ପାଇଛି, ତାହା ନ କରିବି ବା କାହିଁକି ? ବର୍ତ୍ତମାନ କାର୍ଯ୍ୟ କରୁଛି । ଯିବାର ଅବସର ପାଇଲାକ୍ଷଣି ସେହି କଥାଟି କହିବି । କହିଲାମାତ୍ରେ ମୁକ୍ତ ହୋଇ ଚାଲିଯିବି । ମୋର ସ୍ତ୍ରୀ, ପୁତ୍ର, କନ୍ୟା ପ୍ରଭୃତି ଅନେକ ପ୍ରାଣୀ ମୋ ରୋଜଗାର ଉପରେ ନିର୍ଭର କରୁଛନ୍ତି । ମୁଁ ମୁକ୍ତ ହୋଇଗଲେ ସେମାନେ କଅଣ କରିବେ ଠାକୁର ?

ନାରଦ – ଯେଉଁ କଥା ଥରେ କହିଲାମାତ୍ରେ ମୁକ୍ତ ହୋଇଯିବ, ସେ କଥାଟି କଅଣ କହିଲ ?

ଚାନ୍ଦ – ବାପ୍‌ରେ ବାପ୍, ତାହା କଅଣ ସମ୍ଭବ ? ମୁଁ ତାହା ତୁଣ୍ଡରେ ଧଇଲା ମାତ୍ରେ ଯେ ମୁକ୍ତ ହୋଇଯିବି ! ସେତେବେଳେ ମୋ ଘରର ଲୋକମାନେ ଖାଇବେ କଅଣ ?

ନାରଦ – ଘର ଲୋକେ କଅଣ ଖାଇବେ ବୋଲି ତୁମେ ମୁକ୍ତି-ଧନ ତୁଚ୍ଛ କରୁଛ ?

ଚାନ୍ଦ – ଆହେ ଠାକୁର ! କେତେ ଥର କହିବି ? ମୁକ୍ତି ଯେ ହାତମୁଠା ଭିତରର ଜିନିଷ । ସେ କଥାଟି ତୁଣ୍ଡରେ ଧଇଲାକ୍ଷଣି ମନୁଷ୍ୟ ମୁକ୍ତ ହୋଇଯିବ ।

ନାରଦ – ତେବେ ସେ କଥା ଥରେ କହୁନାହଁ କାହିଁକି ?

ଚାନ୍ଦ – ଯଦି ତୁମେ ମୋର ସ୍ତ୍ରୀ-ପୁତ୍ରଙ୍କର ପ୍ରତିପାଳନ ଭାର ନେଇପାରିବ, ତେବେ ମୁଁ ସେକଥା କହିବି ।

ନାରଦ – ଆଚ୍ଛା, ତୁମେ ଯଦି ଥରେ ସେକଥା କହିଦେଲେ ତୁମର ମୁକ୍ତି ହୋଇଯିବ, ତାହାହେଲେ ମୁଁ ତୁମ ନିକଟରେ ସତ୍ୟ କରି କହୁଛି ଯେ ମୁଁ ତୁମ ପରିବାରବର୍ଗଙ୍କର ପ୍ରତିପାଳନ ଭାର ବହନ କରିବି ।

ଚାନ୍ଦ – ତେବେ ଏହି ଲଙ୍ଗଳ, ଏହି ବଳଦ ତୁମକୁ ଲାଗିଲା । ଘରେ ମୋର ପୁତ୍ର, କନ୍ୟା ପ୍ରଭୃତି ତୁମକୁ ଲାଗିଲେ । ତୁମେ ତୁମର ପ୍ରତିଜ୍ଞା ପାଳନ କରିବ । ଠାକୁର ! ଏଥର ମୁଁ ସେ କଥା କହୁଛି ଶୁଣ ।

ଏହା କହି ଚାନ୍ଦ ବିଶ୍ୱାସ ବାଟପାଖରେ ଥିବା ଗୋଟିଏ ବଉଳଗଛ ମୂଳରେ ଯୋଗାସନରେ ଉପବେଶନ କଲା । ହସ୍ତ ଦ୍ୱୟ ହୃଦୟରେ ଧାରଣ କରି କହିଲା, ‘‘ହରି !’’

‘ହରି’ ଏହି କଥା ତୁଣ୍ଡରେ ଧରିବା ସଙ୍ଗେ ସଙ୍ଗେ ତାହାର ବ୍ରହ୍ମରନ୍ଧ୍ର ଦେଇ ଜ୍ୟୋତି ନିର୍ଗତ ହେଲା । ସେହି ଜ୍ୟୋତିପଥରେ ଚାନ୍ଦ ବିଶ୍ୱାସର ପୂତ ଆତ୍ମା ଉର୍ଦ୍ଧ୍ୱଗାମୀ ହୋଇଥିଲା । ଆକାଶପଥରେ ବିଷ୍ଣୁରଥ ଆସି ଉପସ୍ଥିତ ହେଲା । ସେହି ବିଷ୍ଣୁରଥରେ ବସି ଚାନ୍ଦ ବିଶ୍ୱାସ ବୈକୁଣ୍ଠକୁ ଗଲା ।

ଏତେବେଳେ ନାରଦ ବୁଝିଲେ, ଚାନ୍ଦର କେବଳ ବିଶ୍ୱାସଦ୍ୱାରା ଭକ୍ତିର ଏତେ ଦୃଢ଼ତା । ତେଣୁ ଭଗବାନ କହିଲେ, ତା ପରି ଭକ୍ତ ମୋର ଆଉ କେହି ନାହାନ୍ତି । ହେ ଭଗବାନ, ଚାନ୍ଦ ପରି ଭକ୍ତି ବିଶ୍ୱାସ ମୋତେ ଦିଅ । ଏତେ ଦୀର୍ଘ ଦିନ ଧରି ତୁମର ସାଧନ-ଭଜନ ଓ ସେବା କରି ମଧ୍ୟ ମୁଁ ଏପରି ଭକ୍ତି ବିଶ୍ୱାସ ଲାଭକରି ପାରିନାହିଁ ।

ତେଣୁ ସମସ୍ତଙ୍କର ମୂଳ ହେଉଛି ବିଶ୍ୱାସ । ବିଶ୍ୱାସ ନ ଥିଲେ କୌଣସି ପଥରେ ସୁଫଳ ମିଳେ ନାହିଁ । ବିଶ୍ୱାସହୀନର ଜୀବନଧାରଣ ବିଡ଼ମ୍ବନା ମାତ୍ର । ଯେ ଦୃଢ଼ କରି କହିପାରନ୍ତି, ମୁଁ କିଛି କରେ ବା ନ କରେ ନିଶ୍ଚୟ ପାଇବି, ସେ ଜଣେ କମ୍ ବୀର ନୁ ହନ୍ତି, କମ୍ ସାଧକ ନୁହନ୍ତି । ତାଙ୍କ ବିଶ୍ୱାସବଳରେ ଦିନେ ନା ଦିନେ ତାଙ୍କର ଅଭୀପ୍‌ସିତ ବସ୍ତୁ ଲାଭ ହେବ ।

ସଂଶୟହୀନ ବିଶ୍ୱାସ

ନାରଦ ଦିନେ ବୀଣା ବଜାଇ ବଜାଇ ବୈକୁଣ୍ଠପୁରକୁ ଯାଉଥିଲେ । ବାଟରେ ଜଣେ ପାଗଳ ସହିତ ଦେଖାହେଲା । ସେ ଭଗବାନଙ୍କୁ ଗୁଡ଼ାଏ ଗାଳିଦେଇ କହିଲା, "ଭଗବାନଙ୍କୁ ପଚାରିବ, କେବେ ମୋର ମୁକ୍ତି ଲାଭ ହେବ ?" ଆଗକୁ ଯାଉ ଯାଉ ନାରଦଙ୍କର ଆଉ ଜଣେ ସାଧୁଙ୍କ ସହିତ ସାକ୍ଷାତ ହେଲା । ସେ ମଧ୍ୟ ସେହି ଏକାକଥା ପଚାରି ପଠାଇଲେ । ନାରଦ ଯାଇ ଉଭୟଙ୍କ କଥା ଭଗବାନଙ୍କ ନିକଟରେ କହିଲେ । ପାଗଳକଥାର ଉତ୍ତର ଦେଇ ଭଗବାନ କହିଲେ, "ଆଉ ତିନିଜନ୍ମ ପରେ ତାର ମୁକ୍ତି ହେବ । ଦ୍ୱିତୀୟ ବ୍ୟକ୍ତି ସମ୍ବନ୍ଧରେ କିଛି କହିଲେ ନାହିଁ । ଖାଲି କହିଲେ, ତାକୁ କହିଦିଅ ପ୍ରଭୁ ଗୋଟିଏ ଛୁଞ୍ଚିଭିତରେ ହାତୀଟିଏ ଗଳାଇବାରେ ବ୍ୟସ୍ତ ଅଛନ୍ତି । ତେଣୁ ସେ ତୁମ କଥାର ଉତ୍ତର ଦେଇପାରିଲେ ନାହିଁ ।"

ନାରଦ ଫେରିଆସିବାବେଳେ ପ୍ରଥମେ ସାଧକ ପଚାରିଲେ, "କିହେ ଠାକୁର ! ମୋ ପ୍ରତି ପ୍ରଭୁଙ୍କର କି ଆଦେଶ ହେଲା ?" ନାରଦ କହିଲେ, "ପ୍ରଭୁ ଛୁଞ୍ଚିଭିତରେ ହାତୀଟାଏ ଗଳାଇବା କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତୁମ କଥାର ଉତ୍ତର ଦେଇପାରିଲେ ନାହିଁ ।" ଏହା ଶୁଣି ସାଧକ କହିଲେ, "ମୋର ଭାଗ୍ୟ ମନ୍ଦ । ତେଣୁ ପ୍ରଭୁ ଏପରି ଅସମ୍ଭବ କାର୍ଯ୍ୟରେ ବ୍ୟାପୃତ ଅଛନ୍ତି ।" ପାଗଳ ପାଖରେ ଏକଥା କହିବାରୁ ପାଗଳ ହସି ହସି ଅସ୍ଥିର ହୋଇ କହିଲା, "କି ଆଶ୍ଚର୍ଯ୍ୟ କଥା ! ଯାହା ଇଚ୍ଛାରେ ମୁହୂର୍ତ୍ତକ ମଧ୍ୟରେ କୋଟି କୋଟି ବ୍ରହ୍ମାଣ୍ଡର ସୃଷ୍ଟି-ସ୍ଥିତି-ପ୍ରଳୟ ହେଉଅଛି, ତା ପକ୍ଷରେ ଛୁଞ୍ଚି ଭିତରେ ହାତୀଟିଏ ପ୍ରବେଶ କରାଇବାଟା ଏପରି କି କଷ୍ଟକର କର୍ମ ହେଲା ଯେ ସେ ମୋ କଥାଟାର ଉତ୍ତର ପର୍ଯ୍ୟନ୍ତ ଦେଇପାରିଲେ ନାହିଁ ?" ଏହା କହି ଭଗବାନଙ୍କୁ ଆହୁରି ଅଧିକ ଗାଳି ଦେବାକୁ ଲାଗିଲା । ନାରଦ ବୁଝିଲେ, କାହିଁକି ଭଗବାନ ସାଧକ ପାଇଁ କିଛି କହିଲେ ନାହିଁ । ପୁଣି ଏହା ପାଇଁ ତିନିଜନ୍ମର କଥା ବା କାହିଁକି କହିଲେ ।

ଗୁରୁବୀଜ ଅପ୍ରତିହତ

ତୁମମାନଙ୍କ ନିକଟରେ ବର୍ତ୍ତମାନ ଆଉ ଗୋଟିଏ କଥା ନ କହି ରହି ପାରୁ ନାହିଁ । ଅନେକଙ୍କର ଧାରଣା, ଧର୍ମର ପଦାଶ୍ରୟ ଗ୍ରହଣ କଲେ ବେଶ୍ ସୁଖ-ସ୍ୱାଚ୍ଛନ୍ଦ୍ୟରେ

ହସି ଖେଳି ଜୀବନଟା କଟିଯାଇ ପାରିବ । ତୁମମାନଙ୍କ ମଧ୍ୟରୁ ଅନେକଙ୍କର ଧାରଣା ଥାଇପାରେ ଯେ, ତୁମେମାନେ ସଦ୍‌ଗୁରୁଙ୍କ ଆଶ୍ରୟ ନେଇଛ, ତେଣୁ ରୋଗ-ଶୋକ, ଦୁଃଖ-କଷ୍ଟ, ବିପଦ-ଆପଦ ତୁମ ନିକଟକୁ ଆସିପାରିବ ନାହିଁ । କିନ୍ତୁ ପୌରାଣିକ ଯୁଗର କଥା ଭାବି ଦେଖ । ଶ୍ରୀବସ୍ତ, ନଳ, ହରିଶ୍ଚନ୍ଦ୍ର ପ୍ରଭୃତି ପ୍ରାତଃସ୍ମରଣୀୟ ମହାପୁରୁଷମାନେ ଧର୍ମର ଶରଣାପନ୍ନ ହୋଇ କଅଣ କମ୍ ଲାଞ୍ଛନା ଭୋଗ କରିଛନ୍ତି ? ସ୍ୱୟଂ ଶ୍ରୀକୃଷ୍ଣ ଯେଉଁମାନଙ୍କର ସଖା, ସେହି ପଞ୍ଚପାଣ୍ଡବଙ୍କର ବ୍ୟବହାରିକ ଜୀବନ କଅଣ ଢେର୍ ଦୁଃଖ-କଷ୍ଟରେ କଟି ନାହିଁ ? ମୁଁ ଜାଣେ, ଧର୍ମର ପଦାଶ୍ରୟ ଗ୍ରହଣ କଲେ ବିପଦ-ଆପଦର ପ୍ରଭାବ ଆହୁରି ଅଧିକ ବଢ଼ିଯିବ, ଏଥିରେ ଚିତ୍ତ ବିମଳ ଏବଂ ସ୍ୱଚ୍ଛ ହେବ ।

ମୁଁ ତୁମମାନଙ୍କର ଗୁରୁ । ମୁଁ ନିଜେ ତୁମକୁ ମୁକ୍ତି ଦେବି ବୋଲି ତୁମମାନଙ୍କର ସବୁ କର୍ମର ବୋଝ ଗ୍ରହଣ କରିଛି । ମୁଁ ଅଗ୍ନି; ଦିନେ ତୁମମାନଙ୍କୁ ଅଗ୍ନିମୟ କରିଦେବି ବୋଲି ତୁମମାନଙ୍କ ଭିତରେ ସ୍ଫୁଲିଙ୍ଗସ୍ୱରୂପ ବୀଜ ଅର୍ପଣ କରିଛି । ଅଗ୍ନି-ସ୍ଫୁଲିଙ୍ଗ ଚିରନ୍ତନ, ସତ୍ୟ । ତାହାର ଦାହିକାଶକ୍ତି ମଧ୍ୟ ଅପ୍ରତିହତ । ଇନ୍ଧନ ଶୁଷ୍କ ହୋଇଥିଲେ ତାହା ଦପ୍‌କରି ଜଳିଉଠେ, ଓଦା ହୋଇଥିଲେ ଇନ୍ଧନରେ ଅଗ୍ନି ଲାଗିବାକୁ ଟିକିଏ ବିଳମ୍ବ ହୁଏ । ତୁମେ ଯେଉଁମାନେ ମୋ ପାଖକୁ ଆସିଛ, ସେମାନଙ୍କ ମଧ୍ୟରେ ଶୁଖିଲା କାଠ ତ କେହି ନାହାନ୍ତି, ସମସ୍ତେ ଓଦାକାଠ; ମୋ ପାଖକୁ ଭଲରେ ତ କେହି ଆସନ୍ତି ନାହିଁ, ଯେତେ ଅଧମ, ପତିତ—ସମସ୍ତେ ଆସନ୍ତି । ମୁଁ ତ କାହାକୁ ପ୍ରତ୍ୟାଖ୍ୟାନ କରିଦେଇପାରିବି ନାହିଁ; କାରଣ ମୁଁ ଯେ ଗୁରୁ ! ପ୍ରତୀକ୍ଷା କର; ନିଶ୍ଚିନ୍ତରେ, ନିର୍ଭୟରେ ବସିରହ । ତୁମେମାନେ ଯେତେ ହୀନ ହୁଅ, ଯେତେ ତୁଚ୍ଛ ହୁଅ, ସମସ୍ତେ ଦିନେ ଅଗ୍ନିମୟ ହୋଇଯିବ । ମୋ ଦୁଆରୁ ନିରାଶ ହୋଇ କାହାରିକୁ ଫେରିବାକୁ ପଡ଼ିବ ନାହିଁ । ତେବେ ଯେଉଁମାନେ କାଙ୍ଗାଳଙ୍କ ପରି ଭିକ୍ଷାପ୍ରାର୍ଥୀ, ମୋ ଦୁଆରକୁ ଆସି ମୋ ଅବସର ପ୍ରତୀକ୍ଷାରେ ବସିରହିବାର ବିଳମ୍ବ ଟିକକ ଯଦି ସେମାନେ ସହ୍ୟ କରିବେ ନାହିଁ, ମୁଁ ସେମାନଙ୍କୁ କହୁଛି, ସ୍ୱଚ୍ଛନ୍ଦରେ ଅନ୍ୟ ଦୁଆରେ ପ୍ରାର୍ଥୀ ହୋଇପାର । ଆଉ ଯେଉଁମାନେ ନିର୍ଭରଶୀଳ ହୋଇ ରହିବାକୁ ଚାହଁ, ସେମାନେ ମୋ ଦୁଆରେ ଲକ୍ଷେ ବର୍ଷ ପ୍ରତୀକ୍ଷା କରି ବସିରହ । ମୁଁ ମୋର ମହାନ୍ ଦାନରେ ସେମାନଙ୍କର ହୃଦୟ ପୂର୍ଣ୍ଣ କରିଦେବି । ଅନନ୍ତକାଳ ତୁଳନାରେ ଲକ୍ଷେ ବର୍ଷ ଯେ କିଛି ନୁହେଁ । ଶୁଣିଛି, ଗୌରାଙ୍ଗ ମହାପ୍ରଭୁ ଦିନେ ଭାବାବେଶରେ ବିଷ୍ଣୁଖଟାରେ ଉପବିଷ୍ଟ ହୋଇ ଭକ୍ତମାନଙ୍କୁ ଡାକି ଯାଚିକରି

ବର ଦେଉଥିବାବେଳେ ଭକ୍ତପ୍ରବର ମହାପ୍ରଭୁଙ୍କର ପ୍ରିୟତମ ଭକ୍ତ ମୁକୁନ୍ଦ ବାହାରେ ବସି ଅଶ୍ରୁ ବିସର୍ଜନ କରୁଥାନ୍ତି । ସମସ୍ତଙ୍କୁ ସବୁ ପ୍ରକାରର ବର ପ୍ରଦାନ କରୁଥିବାର ଦେଖି ସେ ମଧ୍ୟ ଜଣକ ହାତରେ କହି ପଠାଇଲେ— ପ୍ରଭୁଙ୍କୁ କହିବ; ମୁଁ କେବେ ପ୍ରଭୁଙ୍କର ଦର୍ଶନ ଲାଭ କରିବି ? ମହାପ୍ରଭୁ କହି ପଠାଇଲେ, ମୁକୁନ୍ଦକୁ କହିଦିଅ, କୋଟିଜନ୍ମପରେ ସେ ମୋର ଦର୍ଶନ ପାଇବ । ମୁକୁନ୍ଦ ଏକଥା ଶୁଣିଲାକ୍ଷଣି ଉଦ୍ଦଣ୍ଡନୃତ୍ୟ ଆରମ୍ଭ କରିଦେଲେ । ଆନନ୍ଦ ଉତ୍‌ଫୁଲ୍ଲ ଚିତ୍ତରେ ସେ କହିବାକୁ ଲାଗିଲେ, ତାହା ହେଲେ ମୁଁ ପାଇବି । କୋଟି ଜନ୍ମପରେ ହେଲେ ମଧ୍ୟ ମୁଁ ତାଙ୍କର ଦର୍ଶନ ତ ନିଶ୍ଚୟ ପାଇବି !

'ପାଇବ' ଏହି ଭରସାଟିକକ ପାଇବା କିଛି କମ୍ କଥା ନୁହେଁ । 'ହେବ' ଏହି ଆଶ୍ୱାସବାଣୀ ବା କେତେ ଜଣଙ୍କ ଭାଗ୍ୟରେ ମିଳେ ? ମୁଁ କହୁଛି, ତୁମେମାନେ ନିଶ୍ଚୟ ଦିନେ ସବୁ ସମ୍ପଦର ଅଧିକାରୀ ହେବ, ସବୁ ପାଇବ । ମୋ କଥାକୁ ବିଶ୍ୱାସ କରି ନିର୍ଭୟରେ, ନିଶ୍ଚିନ୍ତରେ ସେହି ଶୁଭ ଦିନର ପ୍ରତୀକ୍ଷାରେ ବସିରହ ।

ଆତ୍ମଜ୍ଞାନୀଙ୍କର ଶକ୍ତି

ତୁମେମାନେ କଅଣ ମନରେ ଭାବିଛ, ସାଧନ-ଭଜନ କରି ଆତ୍ମଜ୍ଞାନ ଲାଭ କରିବ ? ସାଧନ-ଭଜନ ଏତେ ସହଜ କଥା ନୁହେଁ । ସାଧନ-ଭଜନ କରି କରି କେତେ ମୁନି-ଋଷିଙ୍କ ଦେହରେ ଉଇହୁଙ୍କା ହୋଇଯାଇଛି । ଜଣେ ଆତ୍ମଜ୍ଞାନ ଲାଭ କରି ସେହି ଜ୍ଞାନକୁ ଅନ୍ୟମାନଙ୍କୁ ବିତରଣ କରିଦିଅନ୍ତି । ତୁମେମାନେ ଜାଣିରଖ, ଜଣେ ମହାପୁରୁଷଙ୍କର ଏପରି ଶକ୍ତି ଅଛି ଯେ, ସେ ଇଚ୍ଛା କଲାମାତ୍ରେ ମୁହୂର୍ତ୍ତକରେ ପାଞ୍ଚଶହ ଆତ୍ମାକୁ ମୁକ୍ତ କରିଦେଇ ପାରନ୍ତି । କେବଳ ଗୁରୁଙ୍କ ଉପରେ ନିର୍ଭରତା ଆବଶ୍ୟକ, ବିଶ୍ୱାସ ଆବଶ୍ୟକ । ତୁମ ଗୁରୁ ଯେଉଁ ଉଦ୍ଦେଶ୍ୟ ଘେନି ଆସିଛନ୍ତି, ସେହି ଉଦ୍ଦେଶ୍ୟ ସଫଳ କରିବାପାଇଁ ଚେଷ୍ଟା କର । ତାହା ହିଁ ତୁମମାନଙ୍କର ସାଧନ-ଭଜନ ।

ତୁମେମାନେ ସରଳ ବିଶ୍ୱାସ ଓ ସହଜ ଭାବ ତ୍ୟାଗ କରି କେହି ଯେପରି ଅକୂଳ ସମୁଦ୍ରରେ ବୁଡ଼ି ମର ନାହିଁ । ସରଳ ଭକ୍ତି ବିଶ୍ୱାସରେ ତାଙ୍କୁ ଆତ୍ମନିବେଦନ କରି ନିୟତ ପ୍ରେମକାରୁଣ୍ୟ କଣ୍ଠରେ 'ମା, ମା' ବୋଲି ଡାକ । ସେ ତତ୍‌କ୍ଷଣାତ୍ ମାତୃମୂର୍ତ୍ତିରେ ଆବିର୍ଭୂତା ହୋଇ ତୁମକୁ କୋଳକୁ ଟାଣିନେବେ । ତା ନହେଲେ ଯୁକ୍ତି-ତର୍କ କରି ଶତକଳ୍ପ ଗଲେ ମଧ୍ୟ ତାଙ୍କୁ ଆୟତ୍ତ କରିପାରିବ ନାହିଁ । ମୁଁ ମଧ୍ୟ ସାଧକ କବିଙ୍କ ସହିତ ସ୍ୱର ମିଳାଇ ଗାଇଆସୁଛି —

କହିବ କେ କାଳୀ ରୂପ କେସନ
ଯୋଗୀ ନ ପାଆନ୍ତି ଯା' ଦରଶନ ।
ଷଡ଼ଦରଶନ—ଜ୍ଞାନ ଝୁରି ଯାରେ ହାରେ
ମୂଳାଧାରେ, ସହସ୍ରାରେ ଯୋଗୀ ଜପ କରେ
ହଂସୀରୂପେ ହଂସାସନେ ବିହରେ ସେ ପଦ୍ମବନ । ୧ ।

କାଳୀ ସିନା ଆତ୍ମାରାମ, ଆତ୍ମାର ନିଗମ
ଜଗତର ଘଟେ ଘଟେ କରେ ସେ ଭ୍ରମଣ
ଇଚ୍ଛାମୟୀ ଇଚ୍ଛାରୂପୀ ଇଚ୍ଛା ତା' ପ୍ରମାଣ । ୨ ।

ସେ ଏକା ଜାଣେ ତା'ମନ ଆନ ନାହିଁ ଜାଣେ
ସିନ୍ଧୁ ଲଙ୍ଘେ ଜନ ଏକା ତା' ପଦ ଶରଣେ
ବୁଝେ ସବୁ ମନ ସିନା ନବୁଝେ ପରାଣ
ବାମନ ହୋଇ ଚନ୍ଦ୍ରମାଧରିବାରେ ମନ । ୩ ।

ଗୁଣର ପ୍ରଭାବ

ତିନୋଟି କ୍ରିୟା ସର୍ବଦା ଚାଲୁଅଛି— ସତ୍ତ୍ୱ, ରଜଃ ଓ ତମଃ । ତମୋଗୁଣୀ ଅବିଶ୍ୱାସୀ, ରଜୋଗୁଣୀ ସଂଶୟୀ ଓ ସତ୍ତ୍ୱଗୁଣୀ ବିଶ୍ୱାସୀ । ଆହାର ଓ ଚିନ୍ତା ସାତ୍ତ୍ୱିକ ହେଲେ ସତ୍ତ୍ୱଗୁଣର ଆଧିକ୍ୟ ହେବ, ଶେଷରେ ବିଶ୍ୱାସ ଆସିବ । ସତ୍ ସଙ୍ଗ, ସଦ୍‌ଗ୍ରନ୍ଥ ପାଠ, ଶ୍ରୀଗୁରୁଦେବଙ୍କର ଉପଦେଶ ଗ୍ରହଣ ଏବଂ ଶେଷରେ ଶ୍ରୀଗୁରୁଦେବଙ୍କ ଉପଦେଶ ପାଳନ; ଏହାସବୁ ଅନୁସରଣ କଲେ ଯାଇ ବିଶ୍ୱାସ ଆସିବ ।

ପ୍ରଥମରୁ ବିଶ୍ୱାସ କରି ନ ପାରିଲେ କେହି ଅଗ୍ରସର ହୋଇପାରିବେ ନାହିଁ । ମନେକର, ମୁଁ ଦିଲ୍ଲୀ କଥା ତୁମକୁ କହିଲି । ସେଠାରେ କି କି ଜିନିଷ ଅଛି, କେଉଁ କେଉଁ ରେଳପଥ ଦେଇ ସେଠାକୁ ଯିବାକୁ ହେବ, ସେସବୁ ମୁଁ ତୁମକୁ କହିଲି । ତୁମେ ମୋ କଥାରେ ବିଶ୍ୱାସ କରି ସେଠାକୁ ବାହାରିଲ । ତାପରେ ସେଠାରେ ପହଞ୍ଚିଲା ପରେ ଜାଣିବ ଯେ ମୋ କଥା ଠିକ୍ କି ନୁହେଁ । ସେତେବେଳେ ଦିଲ୍ଲୀ ସହର ସମ୍ବନ୍ଧରେ ତୁମର ଜ୍ଞାନ ଆସିବ । ଏହିପରି ଭାବରେ ଆଧାତ୍ମିକ ପଥର ପଥିକକୁ ପ୍ରଥମେ ଗୁରୁବାକ୍ୟରେ ବିଶ୍ୱାସ ସ୍ଥାପନ କରି ଚାଲିବାକୁ ପଡ଼େ । ତାପରେ ଜ୍ଞାନ ଆସିଯାଏ ।

ଯେଉଁଠାକୁ ଯାଅ ପଛକେ, ବିଶ୍ୱାସ ହରାଅ ନାହିଁ । ତାହାହେଲେ ହୃଦୟରେ ବଳ ପାଇବ ନାହିଁ । ସ୍ୱାଧୀନ ଭାବରେ କିଛି ଗୋଟାଏ ଗଢ଼ି ନେବାକୁ ହେଲେ ତାର ଉତ୍‌ଥାନ ପତନ ଓ ଲାଭ କ୍ଷତି ଦ୍ୱାରା ଚିତ୍ତକୁ ଆହୁରି ଅଧିକ ଆଘାତ କରାଯାଏ । ବିଶ୍ୱାସର ଅଗ୍ନିମୟ ବୀର୍ଯ୍ୟ ନଥିଲେ ଛାତିର ପଞ୍ଜରାହାଡ଼ ଭାଙ୍ଗି ଚୁର୍‌ମାର ହୋଇଯିବ । ତୁମମାନଙ୍କ ମଧ୍ୟରେ ଯେଉଁମାନେ ଟିକିଏ ସ୍ୱାଧୀନ ପ୍ରକୃତିର ଲୋକ, ସେମାନଙ୍କୁ ଦୁର୍ଲ୍ଲଭ ବିଶ୍ୱାସ ଅର୍ଜ୍ଜନ କରିବାକୁ ମୁଁ ବିଶେଷ ଭାବରେ କହୁଛି । ବିଶ୍ୱାସର ଆତ୍ମଦାନ ଉପରେ ହିଁ ବିଜୟପତାକାର ଭିତ୍ତି । ଜଗତରେ କିଛି ଗୋଟାଏ କରିବାକୁ ସଂକଳ୍ପ ଯେଉଁମାନଙ୍କ ଭିତରେ ଜାଗ୍ରତ ହୋଇଅଛି, ପ୍ରଥମରୁ ସେମାନେ ନିଜ ପ୍ରାଣରେ ବିଶ୍ୱାସର ଅଗ୍ନିମୟ ବୀର୍ଯ୍ୟ ସଞ୍ଚୟ କରନ୍ତୁ ।

ବିଶ୍ୱାସ ଦୈବୀ ଚକ୍ଷୁ

ତୁମମାନଙ୍କୁ ବାରମ୍ବାର କହୁଛି, କେବଳ ଗୁରୁଦେବଙ୍କ ଉପରେ ବିଶ୍ୱାସ ସ୍ଥାପନ କର । ଅଧିକ କିଛି ପ୍ରୟୋଜନ ନାହିଁ । ପାଞ୍ଚ ଜଣ ମାତ୍ର ଅଟଳ ଅଗ୍ନିବିଶ୍ୱାସୀ ଯୁବକଙ୍କୁ କର୍ମର ସହାୟକ ଭାବରେ ପାଇଲେ ମୁଁ ମୋର ସଙ୍କଳ୍ପସିଦ୍ଧି କରିପାରିବି କି ନା ଦେଖ । ପାଞ୍ଚ ଜଣ ଅଟଳବିଶ୍ୱାସୀ, ସତ୍ୟାନ୍ୱେଷୀ ଯୁବକଙ୍କୁ ଧରି ମୁଁ ସମଗ୍ର ଜଗତରେ ଏକ ନୂତନ ଆଧ୍ୟାତ୍ମିକ ପ୍ରବାହ ପ୍ରବାହିତ କରିଦେଇପାରିବି । ଲୋଡ଼ା କେବଳ ପ୍ରାଣ, ଲୋଡ଼ା ଅଚଳ ଅଟଳ ବିଶ୍ୱାସ ।

କର୍ମକ୍ଷେତ୍ରରେ ପ୍ରବେଶ କରିବା ପୂର୍ବରୁ ତୁମେମାନେ ବିଶ୍ୱାସହୀନ ହୋଇଯାଅ । ଅନେକ ସ୍ଥଳରେ ଦୁର୍ବଳ ହୋଇପଡ଼ । ବିଶ୍ୱାସରେ ମନୁଷ୍ୟର ଛାତି ପଥରପରି ଦୃଢ଼ ହୋଇଯାଏ । ସେହି ବିଶ୍ୱାସୀ ଛାତି ପତାଇ ଅଲଙ୍ଘ୍ୟ ବାଧା ବିଘ୍ନକୁ ଅତିକ୍ରମ କରି ଉତ୍ତୀର୍ଣ୍ଣ ହୋଇଯାଆନ୍ତି । ବିଶ୍ୱାସୀଙ୍କ ହୃଦୟର ଆଶା ସହଜରେ ଚୂର୍ଣ୍ଣ ହୁଏ ନାହିଁ ।

ମୁଁ ଏତିକି କହିପାରେ ଯେ, ଯେଉଁ ପଥ ଗ୍ରହଣ କର ପଛକେ ଶ୍ରଦ୍ଧା ଓ ବିଶ୍ୱାସ ଏହି ଦୁଇଟି ଦୈବୀ ସମ୍ପଦ ଥିବା ଆବଶ୍ୟକ । ନହେଲେ ହୃଦୟରେ ବଳପାଇବ କିପରି ? ବିଶ୍ୱାସରେ ଅନୁପ୍ରାଣିତ ହୋଇ ନ ପାରିଲେ ସବୁ ଅନ୍ଧକାର, ସବୁ ନୈରାଶ୍ୟମୟ ବୋଲି ବୋଧ ହେବ । ବିଶ୍ୱାସହିଁ ମନୁଷ୍ୟର ଉଜ୍ଜ୍ୱଳ ଦୈବୀ ଚକ୍ଷୁ । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ କରିଥିଲେ । ତାହାର ତାତ୍ପର୍ଯ୍ୟ ହେଲା, ହୃଦୟପୂର୍ଣ୍ଣ ବିଶ୍ୱାସରେ ଅର୍ଜ୍ଜୁନ ଶକ୍ତିମନ୍ତ ହୋଇ ଉଠିଥିଲେ । କେବଳ ବିଶ୍ୱାସବଳରେ

ଗୋଟିଏ ଜୀବନରେ ଅର୍ଜୁନ ଏତେ କାର୍ଯ୍ୟ ସମ୍ପନ୍ନ କରିପାରିଥିଲେ । ତାଙ୍କ ଭିତରେ ଯେତେ ବେଳେ ଅଟଳ ବିଶ୍ୱାସ ଆସିଲା, ସେତେବେଳେ ସେ ନିଜ ପଥ ବେଶ୍ ସ୍ପଷ୍ଟ ଭାବରେ ଦେଖିପାରିଲେ । ଅସଲ କଥା ହେଉଛି, ଜୀବନରେ ଅଚଳ ଅଟଳ ବିଶ୍ୱାସ ଅର୍ଜନ କରିବା ।

ଉପଲବ୍ଧିରେ ମୁଁ ଯାହା ପାଇଛି, ସେଥିରେ ମୋର ଦୃଢ଼ ବିଶ୍ୱାସ ହୋଇଛି ଯେ ଅତି ସହଜରେ, ଅତି ଛୋଟ ଛୋଟ କଥାରେ ମନୁଷ୍ୟକୁ ବେଶୀ ଆଗେଇ ନିଆଯାଇପାରେ । କେତୋଟି କଥାକୁ ମାତ୍ର ମୁଁ ଜୀବନର ଉନ୍ନତିର ବୀଜମନ୍ତ୍ର କରି ଧରିନେଇଛି । ତୁମେମାନେ ବିଶ୍ୱାସ କରି ଚଳ, ଦେଖିବ, ସେଥିରେ କିପରି ଆଶ୍ଚର୍ଯ୍ୟ ଫଳ ହେଉଛି ।

ଶ୍ରୀଗୁରୁଦେବଙ୍କ ଉପରେ ଯଥାର୍ଥ ଭାବରେ ନିର୍ଭର କରିପାରିଲେ ସର୍ବାର୍ଥ ସିଦ୍ଧି ହୋଇଥାଏ । ଏହା ଏକାବେଳକେ ଧ୍ରୁବ ସତ୍ୟ ବୋଲି ଜାଣିବ । ଯଦି ତୁମର କୌଣସି ସାଧନ-ଭଜନରେ କ୍ଷମତା ବା ପ୍ରବୃତ୍ତି ନ ଥାଏ, ତେବେ ସର୍ବାନ୍ତଃକରଣରେ ମୋ ଉପରେ ସବୁ ଭାର ଛାଡ଼ିଦିଅ, ସର୍ବତୋଭାବରେ ମୋର ଶରଣାପନ୍ନ ହୁଅ; ମୋତେ ଟିକିଏ ସୁଖ ପାଅ, ତାହାହେଲେ ସମସ୍ତ ଲାଭ କରିପାରିବ ।

"ମାମେକଂ ଶରଣଂ ବ୍ରଜ"

ତେଣୁ ବିଶ୍ୱାସ ହିଁ ସବୁର ମୂଳ । ବିଶ୍ୱାସ ନ ଥିଲେ କୌଣସି ପଥରେ ସୁଫଳ ମିଳେ ନାହିଁ । ବିଶ୍ୱାସହୀନର ଜୀବନଧାରଣ ବିଡ଼ମ୍ବନା ମାତ୍ର । ଯେ ସରଳ-ବିଶ୍ୱାସରେ ବୁଝିଛନ୍ତି ଯେ 'ମୁଁ କିଛି କରେ ବା ନ କରେ, ଦିନେ ନିଶ୍ଚୟ ସତ୍ୟ ଲାଭ କରିବି'; ସେ ହେଉଛନ୍ତି ବୀର ସାଧକ । ଏକମାତ୍ର ଦୃଢ଼ବିଶ୍ୱାସବଳରେ ହିଁ ତାଙ୍କର ସର୍ବାର୍ଥ ସିଦ୍ଧି ହେବ; ତେଣୁ ବିଶ୍ୱାସ ଓ ନିର୍ଭରତା ହିଁ ସାଧକଙ୍କର ପ୍ରଧାନ ଅବଲମ୍ବନ । ନିର୍ଭରତା ଥିଲେ ତୁମମାନଙ୍କୁ ଅନ୍ୟ କିଛି କରିବାକୁ ପଡ଼ିବ ନାହିଁ । ତୁମମାନଙ୍କର ଯଦି କିଛି ଉନ୍ନତି ହୋଇଥାଏ, ତେବେ ତାହା ସାଧନାଦ୍ୱାରା ହୋଇନାହିଁ, କେବଳ ମୋ ପ୍ରତି ନିର୍ଭରତା ଓ ଅକପଟ ସୁଖ ପାଇବା ଫଳରେ ଏହା ଲାଭ ହୋଇଛି ।

ସାଧକମାନଙ୍କ ପ୍ରତି

ଆଜିକାଲି ଦେଶର ଅବସ୍ଥା ଯେପରି ଦେଖାଯାଉଛି, ସେଥିରେ ଧର୍ମର ଅତି କ୍ଷୁଦ୍ର ଆଚରଣ ମଧ୍ୟ ଘରେ ଓ ବାହାରେ ଉପହାସର ବସ୍ତୁ ବୋଲି ପ୍ରତିପନ୍ନ ହେଉଅଛି । ଅଭିଭାବକମାନେ ବ୍ରହ୍ମଚର୍ଯ୍ୟ ନିୟମ ପାଳନ ପ୍ରଚେଷ୍ଟାକୁ ଭଣ୍ଡାମି ବୋଲି ଉଡ଼ାଇଦେଉଛନ୍ତି । ପୁଣି ଯେଉଁମାନେ ସହପାଠୀ ବନ୍ଧୁଶ୍ରେଣୀର, ସେମାନେ ବନ୍ଧୁଙ୍କୁ ପ୍ରଚଳିତ ପଥର ବ୍ୟତିକ୍ରମ କରିବାର ଦେଖି 'ମହାସାଧୁ' ନାମରେ ଅଭିହିତ କରି ଥଟ୍ଟା ବିଦ୍ରୂପ କରୁଛନ୍ତି । ଏ ଅବସ୍ଥାରେ ପଡ଼ି ଯେଉଁମାନଙ୍କର ସାଧନ-ଭଜନ ଆଡ଼କୁ ଟିକିଏ ମନ ଅଛି, ସେମାନେ ପଶ୍ଚାତ୍‌ପଦ ହୋଇଯାଉଛନ୍ତି ।

ଏପରି କ୍ଷେତ୍ରରେ ବର୍ତ୍ତମାନ ଉପାୟ କଅଣ ? ଉପାୟ ହେଉଛି, ଯେତେଦୂର ସମ୍ଭବ କାହା ସହିତ ବିରୋଧ ନ ଘଟାଇ ଭିତରେ ଭିତରେ ନିଜେ ପ୍ରସ୍ତୁତ ହେବା, ଆପଣାର ସାଧନ-ଭଜନରେ ଅନୁକୂଳ ଅବସ୍ଥା ଲାଭନିମିତ୍ତ ଭଗବାନଙ୍କ ନିକଟରେ ଆକୁଳ ଭାବରେ ପ୍ରାର୍ଥନା କରିବା । ଭଗବଦ୍ ଚରଣରେ ସରଳ ଭାବରେ ପ୍ରାର୍ଥନା କରିବା ସବୁପ୍ରକାର ସାଧକଙ୍କ ପକ୍ଷରେ ସମାନ ଉପଯୋଗୀ ।

ଦୈନନ୍ଦିନ ସାଧନା

ଖୁବ୍ ପ୍ରତ୍ୟୁଷରୁ ଭଗବାନଙ୍କ ନାମ ସ୍ମରଣ କରି ଶଯ୍ୟା ତ୍ୟାଗ କରିବ । ବିଛଣାରେ ଶୋଇ ଶୋଇ ପ୍ରାର୍ଥନା କରିବ, ''ହେ ଦେବତା ! ମୋ ସମ୍ମୁଖରେ କର୍ମମୟ ସଂସାର । କର୍ତ୍ତବ୍ୟର ଅଲଙ୍ଘନୀୟ ଆହ୍ୱାନରେ ବର୍ତ୍ତମାନ ମୋତେ କର୍ମସାଗରକୁ ଡେଇଁପଡ଼ିବାକୁ ହେବ । ପ୍ରଭୁ, ପ୍ରାଣରେ ବଳ ଦିଅ, ମନରେ ବଳ ଦିଅ, ଦେହରେ ବଳ ଦିଅ, ଯେପରି ନିଷ୍କଳୁଷ ଭାବରେ ମୁଁ କର୍ତ୍ତବ୍ୟ କର୍ମଗୁଡ଼ିକ ଯଥାଯଥ ଭାବରେ ସମ୍ପାଦନ କରିପାରେ । ମୁଁ କର୍ମର ଜଟିଳ ଆବର୍ତ୍ତରେ ପଡ଼ି ମଧ୍ୟ ଯେପରି ତୁମକୁ ଭୁଲି ନ ଯାଏ ।''

ପୂର୍ବକାଳରେ ପ୍ରତ୍ୟେକ ସନାତନଧର୍ମାବଲମ୍ବୀକୁ ପ୍ରାତଃକାଳରେ ଶଯ୍ୟା ତ୍ୟାଗ କରିବା ସମୟରେ ସଂସ୍କୃତ ଛନ୍ଦୋବଦ୍ଧ ଶ୍ଳୋକ ଉଚ୍ଚାରଣ କରି ଉଠିବାର ବ୍ୟବସ୍ଥା ଥିଲା; କିନ୍ତୁ କାଳର କୁଟିଳ ପ୍ରଭାବରେ ବର୍ତ୍ତମାନ ସେସବୁ ଲୋପ ପାଇଯାଇଛି । ଯାହା

ହେଉ, ତୁମେ ତୁମର ମନର ଭାବକୁ ପ୍ରାଣର ବ୍ୟାକୁଳତାରେ ମଣ୍ଡିତ କରି ତାଙ୍କ ପଦରେ ନିବେଦନ କର । ତାହା ହେଲେ କାର୍ଯ୍ୟ ସଫଳ ହେବ । ଯେଉଁ ଭାଷାରେ ତାଙ୍କ ଜୟଗାନ କଲେ ମଧ୍ୟ ତାର ଅନ୍ତର୍ନିହିତ ଭାବଟିକକ ତାଙ୍କ ନିକଟରେ ପହଞ୍ଚିବ; କାରଣ ସେ ଭାବଗ୍ରାହୀ । ତା'ପରେ ଦିନତମାମ ତୁମେ ତୁମର କର୍ତ୍ତବ୍ୟ କରିଯାଅ । କର୍ତ୍ତବ୍ୟରେ ଯେପରି ତ୍ରୁଟି ନ ହୁଏ, ସେଆଡ଼କୁ ଲକ୍ଷ ରଖ; କେହି ଯେପରି ତୁମ ଆଚରଣରେ, ତୁମ ବ୍ୟବହାରରେ ମର୍ମପୀଡ଼ା ନ ପାଆନ୍ତି । ପୁଣି ଅପରର କୁଟିଳ ବ୍ୟବହାର ଯେପରି କୌଣସି ପ୍ରକାରେ ତୁମ ଚିତ୍ତକୁ ଉଦ୍‌ବେଳିତ କରି ନ ଦିଏ, ତୁମେ କାହାର ଉଦ୍‌ବେଗର କାରଣ ହୁଅ ନାହିଁ କିମ୍ବା କେହି ତୁମ ପ୍ରତି ଅନ୍ୟାୟ ଅତ୍ୟାଚାର କଲେ ତାହା ସହ୍ୟ କର ନାହିଁ; ନ୍ୟାୟ-ପଥରେ ରହି ପ୍ରତିକାର କର । କର୍ତ୍ତବ୍ୟ ପାଳନ ନ କରିବା ଦୁର୍ବଳତା, ସୁତରାଂ ପାପ ।

ସତ୍ୟକୁ ଅଙ୍ଗର ଭୂଷଣ କର; ସଂଯମକୁ ପ୍ରାଣର ସହଚର କରିନିଅ । ସରଳତାକୁ ମନର ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାକୁ ଚେଷ୍ଟା କର । ଯଦି ବିଘ୍ନ ଆସେ, ବାଧା ଆସେ, ଆକୁଳ ପ୍ରାଣରେ 'ଜୟଗୁରୁ' ମହାନାମ ଉଚ୍ଚାରଣ କର । ପ୍ରାଣରେ ବଳ ପାଇବ, ହୃଦୟରେ ଶାନ୍ତିର ଆବିର୍ଭାବ ହେବ । ତତ୍‌ପରେ ସମଗ୍ର ଦିବସ ବ୍ୟାପୀ କର୍ତ୍ତବ୍ୟକର୍ମ ଅବସାନପରେ ଶଯ୍ୟାଗ୍ରହଣ ସମୟରେ ସମସ୍ତ ଦିନର କାର୍ଯ୍ୟାବଳୀ ମନେ ମନେ ପର୍ଯ୍ୟାଲୋଚନା କର । ଦେଖ, କେଉଁଠାରେ ତୁମର ତ୍ରୁଟି ହୋଇଯାଇଛି, କେଉଁଠାରେ ବିଚ୍ୟୁତି ଘଟିଛି । ତା'ପରେ ସମସ୍ତ ଆତ୍ମକୃତ ତ୍ରୁଟିନିମିତ୍ତ ତାଙ୍କ ଚରଣରେ କ୍ଷମା ପ୍ରାର୍ଥନା କରି କହ, ''ହେ ପ୍ରଭୁ ! ମୁଁ ଅତି ଚଞ୍ଚଳମତି । କର୍ମଭିତରେ ଚେଷ୍ଟା ସତ୍ତ୍ୱେ ଆଜି ଏତେଗୁଡ଼ିଏ ତ୍ରୁଟି ହୋଇଯାଇଛି । ହେ ପ୍ରଭୁ ! ଶକ୍ତି ଦିଅ, ଯେପରି ତୁମ ଶକ୍ତିରେ ଶକ୍ତିମାନ୍ ହୋଇ ମୁଁ ସମସ୍ତ ବାଧା ଅତିକ୍ରମ କରିବାକୁ ସକ୍ଷମ ହୁଏ । ଭବିଷ୍ୟତରେ ଯେପରି ପୁଣି ସେହିସବୁର ପୁନରାବର୍ତ୍ତନର ସୁଯୋଗ ନ ଘଟେ ।'' ତା'ପରେ ଯେତେବେଳଯାଏ ନିଦ୍ରା ନ ଆସିଛି, ସେତେବେଳପର୍ଯ୍ୟନ୍ତ ମନେ ମନେ ତାଙ୍କରି ମୂର୍ତ୍ତି ଚିନ୍ତା କରି ତାଙ୍କରି ନାମ ଜପ କରି ନିଦ୍ରା ଯାଅ । ଅନ୍ୟ କୌଣସି ଚିନ୍ତା ଯେପରି ତୁମ ଚିତ୍ତକୁ ଅଧିକାର କରି ନ ବସେ ।

ଇଷ୍ଟନିଷ୍ଠା

ଭଗବାନଙ୍କର ଅନନ୍ତ ନାମ, ଅନନ୍ତ ରୂପ । ଯେ ଯେଉଁ ରୂପରେ ତାଙ୍କ ଚିନ୍ତା କଲେ ମଧ୍ୟ, ଯେଉଁ ନାମରେ ତାଙ୍କୁ ଡାକିଲେ ମଧ୍ୟ ସବୁ ନାମ, ସବୁ ରୂପ ଗୋଟିଏ

ବସ୍ତୁକୁ ଲକ୍ଷ୍ୟ କରୁଛି ବୋଲି ଚରମରେ ସମସ୍ତଙ୍କର ଏକା ଗତି ହୁଏ । ପାର୍ଥକ୍ୟ କିଛି ନାହିଁ । ସବୁ ନାମ, ସବୁ ରୂପର ଅନ୍ତରାଳରେ ତାଙ୍କ ଶାଶ୍ୱତ ଅରୂପ ରୂପ ବିରାଜିତ । ତେଣୁ ଯେ କୌଣସି ନାମ, ଯେ କୌଣସି ରୂପ ଅବଲମ୍ବନ କଲା କ୍ଷଣି ତାଙ୍କୁ ଉପଲବ୍ଧି କରାଯାଇଥାଏ । ସେହି କାରଣରୁ ଯାହାଙ୍କର ଯେଉଁ ନାମରେ ରୁଚି ହୋଇଅଛି, ଯାହାଙ୍କୁ ଯେଉଁ ମୂର୍ତ୍ତି ଭଲ ଲାଗୁଛି, ସେ ସେହି ନାମର, ସେହି ରୂପର ଆଶ୍ରୟ ଗ୍ରହଣ କରନ୍ତୁ । ଏପରି କୌଣସି ଧରାବନ୍ଧା ନିୟମ ନାହିଁ ଯେ କେବଳ ଅମୁକ ନାମ ବା ଅମୁକ ମୂର୍ତ୍ତିକୁ ଅବଲମ୍ବନ କରିବାକୁ ହେବ । ତେବେ ଯେଉଁ ନାମ, ଯେଉଁ ରୂପ ଅବଲମ୍ବନ କରିବ, ସେଥିରେ ଯେପରି ଦୃଢ଼ ନିଷ୍ଠା ରହିଥିବ । ନିଷ୍ଠା ନ ଥିଲେ ଆଜି ଏ ନାମର ଆଶ୍ରୟ ନେଲେ, କାଲି ଅନ୍ୟ ନାମର ଆଶ୍ରୟ ନେଲେ କୌଣସି ଫଳ ହେବ ନାହିଁ । ଏଥିପାଇଁ ସନାତନ ଧର୍ମର ପ୍ରଥମ ଓ ପ୍ରଧାନ ଉପଦେଶ ଇଷ୍ଟନିଷ୍ଠା ।

ଭଗବାନଙ୍କର ମାନୁଷୀ ମୂର୍ତ୍ତିର ଚିନ୍ତା ସ୍ୱଚ୍ଛନ୍ଦରେ କରିପାର । ସେ ତ ମନୁଷ୍ୟ ହୋଇ ମନୁଷ୍ୟଙ୍କ ଭିତରେ ମନୁଷ୍ୟ ଲୀଳା କରିଯାଇଛନ୍ତି । ତେଣୁ ତାଙ୍କର ଦୈବୀ ମୂର୍ତ୍ତିର ଚିନ୍ତା ଓ ମାନୁଷୀ ମୂର୍ତ୍ତିର ଚିନ୍ତା ଉଭୟ ସମଫଳପ୍ରଦ । ପୁଣି ତୁମେ ଇଚ୍ଛା କଲେ କୌଣସି ମହାପୁରୁଷଙ୍କ ମୂର୍ତ୍ତିରେ ମଧ୍ୟ ତାଙ୍କୁ ଚିନ୍ତା କରିପାର; କାରଣ, ମହାପୁରୁଷମାନଙ୍କ ମଧ୍ୟରେ ତାଙ୍କ ପ୍ରକାଶ । ମହାପୁରୁଷମାନଙ୍କର ମହାପୁରୁଷତ୍ୱ ପୁରୁଷୋତ୍ତମଙ୍କର ସତ୍ତା ଭିନ୍ନ ଅନ୍ୟ କିଛି ନୁହେଁ; କିନ୍ତୁ ଗୋଟିଏ କଥା କହିରଖୁଛି, ତୁମେ ଯେ କୌଣସି ମହାପୁରୁଷଙ୍କର ଅନୁଧ୍ୟାନ କଲେ ମଧ୍ୟ ତାଙ୍କ ବାହାରର ଖୋଳପାଟାକୁ ଧରି ଯେପରି ପଡ଼ି ନରହ । ସେ ଯେଉଁ ସାର ସତ୍ୟ ଜଗତରେ ପ୍ରଚାର କରିଛନ୍ତି, ସେହି ପନ୍ଥାରେ ଚଳି ସେହି ସତ୍ୟ ଲାଭ କରିବାର ଚେଷ୍ଟା କରିବା ହିଁ ତାଙ୍କର ଯଥାର୍ଥ ସ୍ମୃତିତର୍ପଣ । ଅନ୍ୟଥା କେବଳ ବାହ୍ୟିକ ଭାବରେ ତାଙ୍କର ପ୍ରତିକୃତି ପୂଜା କରି ତିନି ସନ୍ଧ୍ୟାରେ ଧୂପ, ଆରତୀ ଓ ଚିନି, କଦଳୀ ଭୋଗ ଲଗାଇଲେ ମଧ୍ୟ କିଛି ଫଳ ହେବ ନାହିଁ; ଯେଉଁ ଅନ୍ଧକାରରେ ଥିଲ, ସେହି ଅନ୍ଧକାରରେ ପଡ଼ି ରହିଥିବ । ମୋଟ ଉପରେ ମୁଁ ବାହ୍ୟିକ ସାଧନାଠାରୁ ଅନ୍ତରର ସାଧନା ଉପରେ ଅଧିକ ଦୃଷ୍ଟି ଦେବାକୁ କହୁଛି; କାରଣ ସେଥିରେ ଆତ୍ମାର ମୁକ୍ତି ସାଧିତ ହୁଏ । ଦେଖ, ଆଜିକାଲି ଲୋକେ ଏପରି ଇହକାଳସର୍ବସ୍ୱ ହୋଇପଡ଼ିଛନ୍ତି ଯେ, ପରକାଳର ଚିନ୍ତାପର୍ଯ୍ୟନ୍ତ ସେମାନେ କରନ୍ତି ନାହିଁ । ପରକାଳ ଯେ ଅଛି, ଏ ବିଶ୍ୱାସଟିକକ ସୁଦ୍ଧା ସେମାନେ ହରାଇବସିଛନ୍ତି । ଜଣ ଜଣକର ଆୟୁ ପଚାଶ, ଷାଠିଏ ବର୍ଷ ମାତ୍ର, ଖୁବ୍ ଅଧିକ

ହେଲେ ଶହେ ବର୍ଷ । ତଥାପି ସେମାନେ ଏ ଜଗତକୁ ନିତ୍ୟବାସ କରିବାକୁ ଆସିଛନ୍ତି ବୋଲି ଭାବି ଐହିକ କର୍ମାଦିର ପ୍ରବର୍ତ୍ତନପୂର୍ବକ ଦୁର୍ବଳ ଉପରେ ଅତ୍ୟାଚାର କରି ଆପଣାର ପ୍ରଭୁତ୍ୱ ସ୍ଥାପନର ଚେଷ୍ଟା କରୁଛନ୍ତି ଓ ମିଥ୍ୟାର ଆଶ୍ରୟ ଗ୍ରହଣ କରି ବିଷୟ ସମ୍ପତ୍ତି ବୃଦ୍ଧି ଉଦ୍ୟମରେ ଲାଗିପଡ଼ିଛନ୍ତି; କିନ୍ତୁ ସେମାନେ ବୁଝୁନାହାନ୍ତି ଯେ, ଦିନେ ସମସ୍ତଙ୍କୁ ନିଃସମ୍ବଳ ହୋଇ ସବୁ ତ୍ୟାଗ କରି କୌଣସି ଗୋଟିଏ ଅଜଣା ଦେଶକୁ ଚାଲିଯିବାକୁ ହେବ । ଯାହାଙ୍କର ଅକ୍ଷୟ ଭଣ୍ଡାରର ଜିନିଷ ତାହା ତାଙ୍କରି ଭଣ୍ଡାରରେ ପଡ଼ି ରହିଥିବ । ମଝିରେ କେବଳ ଅହମିକା ଦାଉରେ ସବୁ ଆତ୍ମସାତ୍ କରିବାର ଚେଷ୍ଟା ମାତ୍ର ସାର ହେବ । ନିତ୍ୟ ଚକ୍ଷୁ ସମ୍ମୁଖରେ କେତେ ଲୋକଙ୍କୁ ମରିବାର ଦେଖି ସୁଦ୍ଧା ଲୋକେ ମନେ କରନ୍ତି ଯେ ସେମାନେ ନିଜେ ଏଠାରେ ସ୍ଥାୟୀ ଅଧିବାସୀ । କି ଆଶ୍ଚର୍ଯ୍ୟ ! ସାଧକଙ୍କ ଜୀବନରେ ମୃତ୍ୟୁ ଚିନ୍ତା ବଡ଼ ଉପକାରୀ ।

ସାଧନାର ମୂଳସୂତ୍ର

ଆମ ଦେଶ ପ୍ରେମର ଦେଶ । ପ୍ରେମ-ସାଧନାରେ ଆମ ଜାତି ଯେତେ ସହଜରେ ସିଦ୍ଧି ଲାଭ କରିପାରିବ, ଅନ୍ୟ ସାଧନାରେ ସେତେ ସହଜରେ ତାହା ପାରିବ ନାହିଁ । ଏ ଦେଶରେ ମନୁଷ୍ୟ ମାତ୍ରେ ପ୍ରେମର ଉପାଦାନରେ ଗଠିତ । ଏ ଦେଶର ମାଟିରେ ପ୍ରେମ, ଜଳରେ ପ୍ରେମ, ଆକାଶରେ, ବାୟୁରେ ସବୁଠାରେ ପ୍ରେମ ପୂରି ରହିଛି । ପ୍ରେମ ହିଁ ଏ ଦେଶର ସାଧନା; ପ୍ରେମ ହିଁ ସାଧ୍ୟ । ତେଣୁ ଭାରତର ଅପରାପର ସ୍ଥାନରେ ଜ୍ଞାନର ଅବତାର, କର୍ମର ଅବତାର ଆବିର୍ଭୂତ ହୋଇଥିଲେ ସତ; ମାତ୍ର ପ୍ରେମର ଠାକୁର ଶ୍ରୀଗୌରାଙ୍ଗଦେବ ଏହି ଦେଶରେ ଜନ୍ମିଥିଲେ । କର୍ମ ଜ୍ଞାନ ଭକ୍ତିର ସମନ୍ୱୟୀ ପନ୍ଥାରେ ଚାଲିଲେ ଏହି ପ୍ରେମ ଲାଭ ହୋଇଥାଏ । ମୋର ନିର୍ଦ୍ଦିଷ୍ଟ ପନ୍ଥା ମଧ୍ୟ ତାହା— ଏହି ତିନି ପନ୍ଥାର ସମାହାର । ଫଳାକାଂକ୍ଷାବିହୀନ ହୋଇ ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟରେ କର୍ମ କରିଯିବା ହେଉଛି ଏଠାର ସାଧନା ।

ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପସ୍ୟସି କୌନ୍ତେୟ ! ତତ୍ କୁରୁଷ୍ୱ ମଦର୍ପଣଂ ॥

ଶ୍ରୀମଦ୍‌ଭଗବଦ୍‌ଗୀତା, ୯ । ୨୭

ଏହା ହିଁ ମୋର ଉପଦେଶ । ଏହି ପନ୍ଥାରେ ଚାଲିଲେ ବୁଝିପାରିବ, ଏହି କର୍ମାର୍ପଣମଧ୍ୟରେ କିପରି ଜ୍ଞାନ ଓ ଭକ୍ତି ଅନୁସ୍ୟୁତ ହୋଇରହିଛି । ଏହି ଜ୍ଞାନଭକ୍ତିର

ପରିପକ୍ୱ ଅବସ୍ଥା ହିଁ ପ୍ରେମ । ଜୀବନର ଗତି ଦ୍ୱନ୍ଦ୍ୱମୟ; ସୁଖଦୁଃଖ ନିତ୍ୟ ସହଚର; କାମ, କ୍ରୋଧ ପ୍ରଭୃତି ଜୀବର ସ୍ୱାଭାବିକ ବୃତ୍ତି । ବୃତ୍ତିଗୁଡ଼ିକ ସ୍ୱବଶରେ ଆଣିବାକୁ ଯଥାସାଧ୍ୟ ଚେଷ୍ଟା କରିବାକୁ ହେବ । ସେମାନଙ୍କ ବିଭୀଷିକାକୁ ଭୟ କଲେ ଚଳିବ ନାହିଁ ।

କେବଳ ସତ୍ୟରେ ନିଷ୍ଠା ଥିଲେ ତୁମମାନଙ୍କର ଆଉ କିଛି ଆବଶ୍ୟକ ହେବ ନାହିଁ । ସତ୍ୟ ମନୁଷ୍ୟକୁ ସିଂହ କରିପକାଏ । ସତ୍ୟରେ ନିଷ୍ଠା ଥିଲେ ମନୁଷ୍ୟ ଦୁର୍ବଳ ହୋଇପଡ଼େ ନାହିଁ । ସୁତରାଂ ଯାହା ସତ୍ୟ ବୋଲି ବୁଝିବ ଅକପଟଭାବରେ ତାହା ପ୍ରକାଶ କରିଯିବ । ସତ୍ୟ କହିବାର ସ୍ୱାଧୀନତା ପ୍ରତ୍ୟେକଙ୍କର ଅଛି । ସତ୍ୟନିଷ୍ଠା ଥିଲେ ଦେଖିବ, ତୁମେମାନେ ଦିନେ ଚରମ ଲକ୍ଷ୍ୟସ୍ଥାନରେ ପହଞ୍ଚିଯାଇଛ ।

ସମସ୍ତେ ମନୁଷ୍ୟ— ଅବତାର ମଧ୍ୟ ମନୁଷ୍ୟ, ସଦ୍‌ଗୁରୁ ମଧ୍ୟ ମନୁଷ୍ୟ । ତୁମମାନଙ୍କର ଗୁରୁ ଅବତାର ନୁହନ୍ତି, ସଦ୍‌ଗୁରୁ ମାତ୍ର । ମୁଁ ତୁମରିମାନଙ୍କପରି ମନୁଷ୍ୟ । କେବଳ ସାଧନାଦ୍ୱାରା କ୍ରମୋନ୍ନତି ଲାଭ କରି ଆଜି ଏହି ଅବସ୍ଥା ପ୍ରାପ୍ତ ହୋଇଛି । ସତ୍ୟନିଷ୍ଠା ଫଳରେ କ୍ରମୋନ୍ନତିପଥରେ ଗତିକରି ତୁମେମାନେ ମଧ୍ୟ ଦିନେ ଏହି ଅବସ୍ଥା ଲାଭ କରିପାରିବ; କିନ୍ତୁ ଅସଲ ଜାଗାରେ ଫାଙ୍କିଦେଲେ ଚଳିବ ନାହିଁ । ପ୍ରାଣ ଯାଉ ପଛକେ, ସତ୍ୟନିଷ୍ଠାରେ ଅଚଳ ଅଟଳ ରହିବା ଆବଶ୍ୟକ । ସତ୍ୟନିମିତ୍ତ ମରି ନ ପାରିଲେ ସତ୍ୟ ମନୁଷ୍ୟକୁ ପଥ ଦେଖାଏ ନାହିଁ ।

ଲକ୍ଷ୍ୟ ସ୍ଥିର କର

ତୁମେମାନେ ଠିକ୍ ଠିକ୍ କଅଣ ଚାହଁ ଅର୍ଥାତ୍ ତୁମମାନଙ୍କର ଲକ୍ଷ୍ୟ କଅଣ, ତାହା ଯଦି ନିଜେ ନିଜେ ନିର୍ବାଚନ କରିବାକୁ ଇଚ୍ଛା କରୁଛ— ବେଶ୍, ତାହା କର । ଲକ୍ଷ୍ୟ ଠିକ୍ ହେଲାପରେ ମୋ ନିକଟକୁ ଆସ । ମୁଁ ତା'ପରେ ତୁମମାନଙ୍କୁ ସାଧନପ୍ରଣାଳୀ କଥା କହିଦେବି । ଆଉ ଯେଉଁମାନେ ନିଜେ ନିଜେ ବିଚାର କରିବାକୁ ଚାହଁ ନାହିଁ କିମ୍ବା ବିଚାର କରିବାକୁ ଯେଉଁମାନେ ଅକ୍ଷମ, ସେମାନଙ୍କୁ ମୁଁ ଯେଉଁ ଲକ୍ଷ୍ୟ କଥା କହିଦେବି, ବିନା ବିଚାରରେ ନିଷ୍ଠାର ସହିତ ତାହା ପ୍ରତିପାଳନ କରିବାକୁ ହେବ । ପ୍ରାଣରେ ଯଥାର୍ଥ ସତ୍ୟାନୁସନ୍ଧିତ୍ସାର ଭାବ ଜାଗ୍ରତ ଥିଲେ ସିଦ୍ଧିଲାଭର ଅପୂର୍ବ ସୁଯୋଗ ଉପସ୍ଥିତ୍ ହୁଏ ।

ବସ୍ ! ଲକ୍ଷ୍ୟ ତ ବାହାରେ ନାହିଁ । ଯେତେବେଳେ ଯେଉଁ ଅବସ୍ଥାରେ ରହିବ, ଅନ୍ତର୍ଲକ୍ଷ୍ୟ ଠିକ୍ ରଖି ନାମ ଧରି ପଡ଼ିଥାଅ । ବାହାର କଥାରେ ବ୍ୟାକୁଳ ହେଲେ ମନ ଅନ୍ତର୍ମୁଖୀ ହେବ ବା କିପରି ? ଭାବ ଧରି ଅନ୍ତରରେ ବୁଡ଼ିଯିବାକୁ ଅଭ୍ୟାସ କର;

ସେଠାରେ ଶାନ୍ତି ପାଇବ । ବତ୍ସ ! ଏକମାତ୍ର ଜପଦ୍ୱାରା ସର୍ବାର୍ଥ ସିଦ୍ଧ ହୋଇପାରେ । ତୁମେ ନିୟମିତ ଜପ ବ୍ୟତୀତ ଖାଇବାବେଳେ, ଶୋଇବାବେଳେ, ଚାଲିବାବେଳେ, ଶୁଚିରେ କିମ୍ବା ଅଶୁଚିରେ ସର୍ବାବସ୍ଥାରେ ନିଃଶ୍ୱାସର ତାଳେ ତାଳେ ମନ୍ତ୍ର ଜପ କର ।

ବତ୍ସ ! ଚିରଦିନ ହିଁ ତୁମର ବାହ୍ୟ ସାଧନ ପ୍ରତି ଆକର୍ଷଣ । ଏଥିରେ ତୁମର ଅଧିକ କ୍ଷତି ହେଉଅଛି । ମୋତେ ବିଶ୍ୱାସ କରିପାରୁ ନାହଁ । ସିଦ୍ଧିର ମୂଳ ସାଧନା ନୁହେଁ, ସିଦ୍ଧି ଗୁରୁକୃପା ସାପେକ୍ଷ । ସାଧନା ଉପଲକ୍ଷ୍ୟ ମାତ୍ର । କୃପା ବ୍ୟତୀତ ଗତି ନାହିଁ । ଚଞ୍ଚଳମନର ବଶବର୍ତ୍ତୀ ହୋଇ ନିତ୍ୟ-ନୂତନ ପଦ୍ଧତି କଳ୍ପନା କରିବା ନିତାନ୍ତ ଭ୍ରମାତ୍ମକ । ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନିତ୍ୟ ପରିବର୍ତ୍ତନ କଲେ କେହି କେବେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରନ୍ତି ନାହିଁ । ମନଭିତରେ ନାନାପ୍ରକାର ବିଚାର କରି ଧୈର୍ଯ୍ୟଚ୍ୟୁତ ହୁଅ ନାହିଁ । ପ୍ରାଣର ଆକାଙ୍‌କ୍ଷା ବୁଝି ପଥ ଧର । ବତ୍ସ ! ମନ ଯେପରି ତୁମକୁ ପ୍ରତାରିତ ନ କରେ ।

କୃପାର ମଧ୍ୟ ସମୟ ଅଛି । ଗୁଣ ଥାଉ ଥାଉ ଜ୍ଞାନ ଆତ୍ମପ୍ରକାଶ କରିପାରେ ନାହିଁ । ଯେଉଁ ଅବସ୍ଥାରେ ରହିଥାଅ ପଛକେ, ନାମ ନେବାକୁ ଅବହେଳା କର ନାହିଁ । ବାଧ୍ୟତା ଓ ନିର୍ଭରତା ଅଭ୍ୟାସ କର, ହତାଶ ହୁଅ ନାହିଁ । ଯେତେବେଳେ ନିଜେ ଆଉ ପାରିବ ନାହିଁ, ସେତେବେଳେ ସର୍ବତୋଭାବଵ୍ରେ ଶରଣାଗତି ଆସିଯିବ । ଅଭିମାନ ଗଲେ ଦୀନତା ଆସେ । ସେତେବେଳେ ଦୀନର ସଖା ନିଶ୍ଚୟ ଦେଖାଦେବେ । ସଦ୍‌ଗୁରୁଙ୍କ ସେବା କେବେ ବୃଥା ଯିବ ନାହିଁ ।

ଯନ୍ତ୍ର ହୁଅ

ମୁଁ ତୁମମାନଙ୍କର ଗୁରୁ । ତୁମେମାନେ ମୋତେ ଗୁରୁତ୍ୱରେ ବରଣ କରିଅଛ । ସୁତରାଂ ଆଧ୍ୟାତ୍ମିକ ଜଗତରେ ଉନ୍ନତି ଲାଭ କରିବା ନିମିତ୍ତ ତୁମମାନଙ୍କର ଯାହା ପ୍ରୟୋଜନ, ମୁଁ ତହିଁର ବ୍ୟବସ୍ଥା କରିବି । ସେ ଦାୟିତ୍ୱ ମୋର । ଲୋକଦେଖାଣିଆ ଭାବରେ କିଛି ଗୋଟାଏ କରିପକାଇବାକୁ ନାଚିଉଠିବା ବୁଦ୍ଧିମାନ୍‌ର କାର୍ଯ୍ୟ ନୁହେଁ । ମାଆଙ୍କର କୃପା ହିଁ ତାଙ୍କର ଚରଣପ୍ରାପ୍ତିର ମୂଳ । ଆନୁଷ୍ଠାନିକ କର୍ମାଦି ଉପଲକ୍ଷ୍ୟ ମାତ୍ର । ବତ୍ସ ! ମୂଳ ଛାଡ଼ି ସ୍ଥୂଳପ୍ରତି ଦୃଷ୍ଟି ଦିଅ ନାହିଁ ।

ଅନ୍ୟ ସାଧନା ଅପେକ୍ଷା ଅନବରତ ନାମ ନେବା ଅଭ୍ୟାସ କରିପାରିଲେ ମନରେ ଅବାନ୍ତର ଚିନ୍ତାର ଆଦୌ ଅବସର ରହେ ନାହିଁ ଅଥଚ ବିଶ୍ୱାସୀ ସାଧକ୍-ମାନଙ୍କର ଅଚିରେ ନାମବଳରେ ଚିତ୍ତଶୁଦ୍ଧି ହୁଏ ଏବଂ ମନର ଏକାଗ୍ରତା ସାଧିତ ହୁଏ ।

ଚିତ୍ତର ଗୋଟିଏ ପ୍ରକାର ଭାବ ରକ୍ଷା କରିବାକୁ ଦୃଢ଼ ହୁଅ । ସର୍ବାବସ୍ଥାରେ ଶରଣାଗତଭାବରେ ତାଙ୍କର ଜୟ ଉଚ୍ଚାରଣ କରିଯାଅ । କୌଣସି କାରଣରୁ ଗର୍ବିତ ହୁଅ ନାହିଁ । ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ଶକ୍ତି ସବୁ ଭଗବାନଙ୍କଠାରେ ଆଶ୍ରୟ ଲାଭ କରିଛି । ନିଜକୁ ତାଙ୍କର ବିକାଶର ଯନ୍ତ୍ରରୂପରେ ବ୍ୟବହାର କର । ସାଧକଙ୍କର କୌଣସି କାରଣରୁ ଅଭିମାନର ସଞ୍ଚାର ହେଲେ ବିଦ୍ୟା ମଧ୍ୟ ଅବିଦ୍ୟାରୂପରେ କ୍ରିୟା କରିଥାଏ ।

ଧାର୍ମିକ ଲୋକେ ଚିରକାଳ ସ୍ୱାର୍ଥପର ଲୋକଙ୍କକର୍ତ୍ତୃକ ଲାଞ୍ଛିତ ଓ ଉତ୍ପୀଡ଼ିତ ହୋଇଆସୁଛନ୍ତି; କିନ୍ତୁ ସେଥିପାଇଁ ତ କେହି କେବେ କର୍ତ୍ତବ୍ୟ ତ୍ୟାଗ କରି ନାହାନ୍ତି ! ପୁରାଣର ଯୁଧିଷ୍ଠିର ପ୍ରଭୃତି ତାହାର ପ୍ରମାଣ । ସତ୍ୟଚ୍ୟୁତ ନହେଲେ ସତ୍ୟସ୍ୱରୂପ ଭଗବାନ୍ ତାଙ୍କୁ ରକ୍ଷା କରନ୍ତି । ରକ୍ଷା କରିବାପୂର୍ବରୁ ସେ ପରୀକ୍ଷା କରିଥାନ୍ତି । ସେଥିରେ ଉତ୍ତୀର୍ଣ୍ଣ ହେବା ହିଁ ମନୁଷ୍ୟତ୍ୱ । ତାହା ନ ହେଲେ ମନୁଷ୍ୟ ମାତ୍ରକେ ଦ୍ୱିପଦ ପଶୁ । ବରଂ ବଣରେ ରହିବା ଭଲ, କିନ୍ତୁ ଏପରି ଦ୍ୱିପଦ ପଶୁଙ୍କର ସହବାସରେ ସାଧନ କରିବା ଉଚିତ ନୁହେଁ ।

ଯେ ତୁମକୁ ଯେତେ ପର ବୋଲି ମନେ କରନ୍ତୁ ପଛକେ, ତୁମେ କାହାକୁ ପର ବୋଲି ମନେ କର ନାହିଁ । ମନେ ମନେ ଜାଣିରଖ, ପ୍ରତ୍ୟେକ ଜୀବ ଭଗବାନଙ୍କର ସନ୍ତାନ । ସୁତରାଂ ପାପୀ, ପୁଣ୍ୟବାନ୍, ଧନୀ, ଦରିଦ୍ର ସମସ୍ତେ ତୁମର ଆପଣାର । ତେଣୁ 'ସମସ୍ତଙ୍କର ମଙ୍ଗଳ' ହେଉ, ଏହା ଭିନ୍ନ କାହାର ଅନିଷ୍ଟ ଚିନ୍ତା କର ନାହିଁ । ସମସ୍ତଙ୍କୁ ସୁଖ ପାଅ । ପ୍ରତ୍ୟେକଙ୍କୁ ଦେଖି ଆନନ୍ଦିତ ହୁଅ । ସାଧ୍ୟ ଓ ସୁବିଧା ଅନୁସାରେ ପ୍ରତ୍ୟେକଙ୍କର ଉପକାର କର । ପୀଡ଼ିତମାନଙ୍କର ଅଶ୍ରୁ ପୋଛିଦିଅ । ଅପକାରୀକୁ ଉପକାରଦ୍ୱାରା ଜୟ କର । ଶତ୍ରୁକୁ ପ୍ରେମରେ ବଶୀଭୂତ କର । ଦୁର୍ଜ୍ଜନକୁ କ୍ଷମାଦ୍ୱାରା ପରାସ୍ତ କର । କୌଣସି ଆଡ଼କୁ ନ ଚାହିଁ ସରଳବିଶ୍ୱାସରେ ଜୀବନପଥରେ ଅଗ୍ରସର ହୁଅ । ଆତ୍ମକର୍ତ୍ତୃତ୍ୱ ଭୁଲିଯାଇ ପଦେ ପଦେ ଭଗବତ୍‌ନିର୍ଭରତା ଅବଲମ୍ବନ କର । କାହାରି କାର୍ଯ୍ୟର ସମାଲୋଚନା କର ନାହିଁ । ସେପରି କଲେ ଭଗବାନଙ୍କ ଦୋଷ-ଗୁଣ ବିଚାର କରାଯାଇଥାଏ ।

କର୍ମରେ ସଂଯମ

ଏହି ସଂସାରରେ ସାଧୁ-ଅସାଧୁ, ଗୃହୀ-ସନ୍ନ୍ୟାସୀ, ଧନୀ-ଦରିଦ୍ର, ବ୍ରାହ୍ମଣ-ଚଣ୍ଡାଳ ସମସ୍ତେ ଗୋଟିଏ ପଥର ଯାତ୍ରୀ । ଦିନେ ସମସ୍ତେ ସେହି ମହାନ୍ ପ୍ରେମ ସମୁଦ୍ରରେ ପଡ଼ି ଏକ ହୋଇଯିବେ । ସୁତରାଂ ଭଲ-ମନ୍ଦ, ନିନ୍ଦା-ପ୍ରଶଂସାରେ କିଛି

ଲାଭ ନାହିଁ । ଆଜି ତୁମେ ଯାହାଙ୍କୁ କୁତ୍ସିତ ଆଧାର ବୋଲି ମନେକରୁଛ, କାଲି ହୁଏତ ତାଙ୍କ ଭିତରେ ଶଙ୍କର କିମ୍ବା ଗୌରାଙ୍ଗଙ୍କର ବିକାଶ ଦେଖି ତୁମକୁ ଶିର ଅବନତ କରିବାକୁ ହେବ । ସୁତରାଂ ଏ ଜଗତରେ ସମସ୍ତେ ସମାନ ହୋଇଥିବାରୁ ଋଷିମାନେ ସର୍ବତ୍ର ସମଦର୍ଶୀ ହେବାକୁ ଉପଦେଶ ଦେଇଯାଇଛନ୍ତି ।

ଦେହସଂଯମ, ବାକ୍‌ସଂଯମ ଏବଂ ଚିତ୍ତସଂଯମ ଏହି ତ୍ରିବିଧ ସଂଯମ ହି ହିନ୍ଦୁର ଧର୍ମ । କୌଣସି କାରଣରୁ ଚିତ୍ତର ଚାଞ୍ଚଲ୍ୟ ଜାତ କରାଇ ନ ଦେବା ହିଁ ପୁରୁଷାର୍ଥ । ସତ୍ୟ ଯାହାଙ୍କର ଜୀବନର ଲକ୍ଷ୍ୟ, ଭ୍ରମରେ ସୁଦ୍ଧା ତାଙ୍କୁ ଯେପରି ଅସତ୍ୟ ବ୍ୟବହାର କରିବାକୁ ନ ପଡ଼େ ।

ଭଗବାନଙ୍କ ଇଚ୍ଛା ବ୍ୟତୀତ ମାନବ କେବେହେଲେ ପାଦେ ମାତ୍ର ଅଗ୍ରସର ହୋଇପାରେ ନାହିଁ । ନିର୍ଦ୍ଦୋଷର ସହାୟ ଭଗବାନ୍ । ତାଙ୍କରି ପଦରେ ମନ ରଖି କର୍ତ୍ତବ୍ୟ ପ୍ରତିପାଳନ କରିଯାଅ; କେହି ତୁମର କିଛି ଅନିଷ୍ଟ କରିପାରିବେ ନାହିଁ । ତଥାପି ଯଦି ବିପଦ ଆସେ, ସେ ବିପଦ ତୁମର ସମ୍ପଦର କାରଣ ହେବ । ସେହି ବିପଦକୁ ପ୍ରଭୁଙ୍କର ଦାନ ବୋଲି ମଥାପାତି ବରଣ କରିନିଅ ।

କାମନା ହିଁ ବନ୍ଧନର କାରଣ । କାମନାରୁ ଦୁଃଖର ଉତ୍ପତ୍ତି । ଯେ ଯାହା ଚାହାନ୍ତି, ପ୍ରଥମରୁ ସେ ତାର ବିପରୀତ ଦ୍ରବ୍ୟ ପାଇଥାନ୍ତି । ସୁଖ ଚାହିଁଲେ ଦୁଃଖ ଆସେ । ଆରୋଗ୍ୟ ଚାହିଁଲେ ରୋଗ ଆସେ । ମାନ ଚାହିଁଲେ ଅପମାନ ଲାଭ ହୁଏ । ତେଣୁ ଋଷିମାନେ ସର୍ବକାମନା ବିସର୍ଜନ କରି ଏକମାତ୍ର ଆତ୍ମସ୍ୱରୂପ କାମନା କରନ୍ତି ।

କେହି ନିଃସ୍ୱାର୍ଥ ଭାବରେ, ଅକପଟ ହୃଦୟରେ କୌଣସି କାର୍ଯ୍ୟର ଅନୁଷ୍ଠାନ କଲେ ଭଗବାନ୍ ତାଙ୍କର ସହାୟ ହୁଅନ୍ତି; କିନ୍ତୁ ଅହଂକାରର ପ୍ରତିଷ୍ଠା ବା ଖ୍ୟାତି-ପ୍ରତିପତ୍ତିର ପ୍ରତ୍ୟାଶା କଲେ ସତ୍ ଓ ମହତ୍ ଉଭୟ କାର୍ଯ୍ୟ ପଣ୍ଡ ହୋଇଯାଏ । ସୁତରାଂ ଆମେମାନେ କର୍ମର ଅଧିକାରୀ ମାତ୍ର । ଫଳରେ ଆମର କଦାପି ଅଧିକାର ନାହିଁ । ଫଳାଫଳ ଭଗବାନଙ୍କଠାରେ ଅର୍ପଣ କରି ଯେ କୌଣସି କାର୍ଯ୍ୟ କଲେ ସେଥିରେ ଶାନ୍ତି ବ୍ୟତୀତ ମାନସିକ ସୁଖ-ଦୁଃଖ ଭୋଗର ପ୍ରଶ୍ନ ନାହିଁ ।

ଏହିଠାର କର୍ମର ବୋଝ ଏହିଠାରେ ଶେଷ କରି ନ ଗଲେ ପରଲୋକରେ ଶାନ୍ତି ମିଳିବ ନାହିଁ । ଏଠାକୁ ଆମେ ନିରବଚ୍ଛିନ୍ନ ସୁଖ ଭୋଗ କରିବାକୁ ଆସିନାହୁଁ । ସୁତରାଂ, ରୋଗ-ଶୋକ, ଦୁଃଖ-କଷ୍ଟ, ବିପଦ-ଆପଦ ଦେଖି ବିଚଳିତ ହେଲେ ବା ଭୟ ପାଇଲେ ଚଳିବ ନାହିଁ । ସବୁ ତାଙ୍କରି ମଙ୍ଗଳ ହସ୍ତର ଦାନ ବୋଲି ସାଧକଙ୍କୁ

ଗ୍ରହଣ କରିବାକୁ ପଡ଼ିବ । ସାଧକଙ୍କୁ ସାରା ଜୀବନ ଚିତ୍ତବୃତ୍ତି ସହିତ ସଂଗ୍ରାମ କରିଯିବାକୁ ହେବ । ପୁରୁଷାର୍ଥ-ଅଗ୍ନିରେ ଗୁଣକୁ ଦଗ୍ଧ କରିବାକୁ ପଡ଼ିବ । ହତାଶ ହେଲେ ଚଳିବ ନାହିଁ ।

ଅପୂର୍ଣ୍ଣତା ଅଭାବ

ସୃଷ୍ଟ ପଦାର୍ଥ ମାତ୍ରକେ ଅପୂର୍ଣ୍ଣ; କାରଣ ତାହା ପୂର୍ଣ୍ଣର ଅଂଶ । ସୁତରାଂ ଅପୂର୍ଣ୍ଣ ବସ୍ତୁ ଲାଭ କଲେ ଅଭାବ ଦୂର ହୁଏ ନାହିଁ । ବିଷ୍ଣୁତ୍ୱ, ଶିବତ୍ୱ ମଧ୍ୟ ସୃଷ୍ଟ । ତେଣୁ ତାହା ଲାଭ କଲେ ମଧ୍ୟ କେହି ପୂର୍ଣ୍ଣ ଶାନ୍ତିର ଅଧିକାରୀ ହୋଇପାରିବେ ନାହିଁ । ଆତ୍ମସ୍ୱରୂପ ଉପଲବ୍ଧି କରି ଯେତେବେଳେ ବୁଝିପାରିବ ଯେ ଦ୍ୱାଦଶ ସୂର୍ଯ୍ୟ ପୃଥିବୀ ଦଗ୍ଧ କରନ୍ତୁ; ଊନପଞ୍ଚାଶ ବାୟୁ ପ୍ରବାହିତ ହୁଅନ୍ତୁ, ସପ୍ତସମୁଦ୍ର ପୃଥିବୀକୁ ଗ୍ରାସ କରନ୍ତୁ; ସେଥିରେ ମୋର କିଛି କ୍ଷୟ-ବୃଦ୍ଧି ନାହିଁ— ସେତେବେଳେ ଯାଇ ତୁମେ ପୂର୍ଣ୍ଣ ଶାନ୍ତିର ଅଧିକାରୀ ହେବ । ସେତେବେଳେ ସାଧାରଣ ବିଷୟ-ସଂପତ୍ତି ତ ଦୂରର କଥା, ସସାଗରା ବସୁନ୍ଧରାର ଆଧିପତ୍ୟ ମଧ୍ୟ ତୁମକୁ ହେୟ ବୋଧ ହେବ ।

ଔଦ୍ଧତ୍ୟ, ଉତ୍ତେଜନା, ଆତ୍ମାଭିମାନ, ନିନ୍ଦା, କୁତ୍ସା ପ୍ରଭୃତି ଆସୁରିକ ସିଦ୍ଧି ଲାଭ କରିବା ଅପେକ୍ଷା ସାଧାରଣ ଲୋକ ହୋଇ ରହିବା ଯଥେଷ୍ଟ ଭଲ । ସାଧକଙ୍କର ଧୈର୍ଯ୍ୟ, ସ୍ଥୈର୍ଯ୍ୟ, ତିତିକ୍ଷା, ପରମତ-ସହିଷ୍ଣୁତା, ସମଦର୍ଶିତା ଅଙ୍ଗର ଭୂଷଣ ହେବା ଉଚିତ ।

ଜୀବଜଗତ୍ ବା ଆତ୍ମା-ପରମାତ୍ମାଙ୍କର ନାମ-ରୂପ ନାହିଁ । ନାମ-ରୂପ ମନୁଷ୍ୟପ୍ରଦତ୍ତ ବା ଯୋଗୀମାନଙ୍କର ଭାବମୟ ହୃଦୟର ସ୍ଫୁରଣ । ସୁତରାଂ, ନାମରେ ବା ମନ୍ତ୍ରରେ ଛୋଟ ବଡ଼ ନାହିଁ । ଜାଗରଣ କରିପାରିଲେ ସବୁ ମନ୍ତ୍ରରୁ ଏକା ଶକ୍ତିର ବିକାଶ ହୋଇଥାଏ ।

ନାମ ଦୁଇପ୍ରକାରରେ ନିଆଯାଇପାରେ । ସୂକ୍ଷ୍ମରେ ଅର୍ଥାତ୍ ମନେ ମନେ ନାମ ନେବାକୁ ହେଲେ ନିଜ ନିଜର ଇଷ୍ଟମନ୍ତ୍ର ଜପ କରିବାକୁ ହୁଏ । ସ୍ଥୂଳ ଭାବରେ ଅର୍ଥାତ୍ ଉଚ୍ଚସ୍ୱରରେ ନାମ ନେବାକୁ ହେଲେ 'ଜୟଗୁରୁ' ନାମ ନେବା କର୍ତ୍ତବ୍ୟ । ଦୁଇ ନାମ ମଧ୍ୟରୁ ସାଧକଙ୍କ ରୁଚି ଅନୁସାରେ ଯେ କୌଣସି ଗୋଟିଏ ନାମ ସାଧନ କରିବା ଉଚିତ ।

ସମ୍ପଦରେ ବିପଦରେ, ରୋଗରେ ଶୋକରେ, ସୁଖରେ ଦୁଃଖରେ, ସର୍ବାବସ୍ଥାରେ ସମଭାବରେ ରହି ଭଗବାନଙ୍କର ନାମ ସ୍ମରଣ କରି ଶରଣାଗତ ଭାବରେ ଭଗବାନଙ୍କଠାରେ ଆତ୍ମସମର୍ପଣ କରିବାକୁ ଅଭ୍ୟାସ କର । ସବୁ ସମୟରେ ତାଙ୍କର ଜୟଗାନ କର । ତାଙ୍କ ଅପେକ୍ଷା ଆପଣାର ହୋଇ କେହି ନାହାନ୍ତି । ତାଙ୍କପରି ସ୍ନେହ, ଦୟା କାହାରି ନାହିଁ । ତାଙ୍କପରି ତୁମକୁ କେହି ସୁଖ ପାଆନ୍ତି ନାହିଁ । ପିତାମାତାଙ୍କ ସ୍ନେହ, ସ୍ୱାମୀଙ୍କ ପ୍ରେମ ଏକମାତ୍ର ତାଙ୍କରି ପ୍ରେମର କଣା ଭିନ୍ନ ଆଉ କିଛି ନୁହେ । ସୁତରାଂ ତାଙ୍କୁ ଭୁଲି ପାର୍ଥିବ ଭାବରେ ମୁଗ୍ଧ ହୁଅ ନାହିଁ ।

ଜୀବନର ପ୍ରତ୍ୟେକ କାର୍ଯ୍ୟକୁ ଭଗବାନ୍‌ଙ୍କ କାର୍ଯ୍ୟ ବୋଲି ମନେ କର । ଶୋଇବାବେଳେ ମନେକର, ତାଙ୍କ ଚରଣରେ ପ୍ରଣତି କରୁଅଛ । ଭୋଜନକାଳରେ ମନେ କର ତାଙ୍କ ତୃପ୍ତିନିମିତ୍ତ ଭୋଜନ କରୁଅଛ । ଚାଲିବାବେଳେ ମନେକର, ତାଙ୍କୁ ପ୍ରଦକ୍ଷିଣ କରୁଅଛ । ଶ୍ୱାସପ୍ରଶ୍ୱାସ ନେବାବେଳେ ମନେକର ତାଙ୍କୁ ଡାକୁଅଛ । ଏହିଭାବରେ ଜୀବନର ପ୍ରତ୍ୟେକ କର୍ମ ତାଙ୍କରି ଉଦ୍ଦେଶ୍ୟରେ ସାଧିତ ହେଉଛି ବୋଲି ଭାବନା କର ।

ବିଚାରଶୀଳ ସାଧକମାନେ ଯଦି ବିଚାରରେ କୌଣସିଠାରେ ଭୁଲ କରିଥାନ୍ତି କିମ୍ବା ଭୁଲ ପଥରେ ଚାଳିତ ହେଉଥାନ୍ତି, ସେଥିରେ ମଧ କିଛି ଭୟର କାରଣ ନାହିଁ; କାରଣ ବିଚାର ହିଁ କ୍ରମଶଃ ଭୁଲ ସଂଶୋଧନ କରି ସେମାନଙ୍କୁ ଅସତ୍ୟ ପଥରୁ ସତ୍ୟ ପଥକୁ ଫେରାଇ ଆଣିବ । ସର୍ବଦା ସଜାଗ ଓ ବିଚାରଶୀଳଭାବରେ ଚଳିବାକୁ ହେବ ।

ଭାରତ ଧର୍ମର ଦେଶ; ଧର୍ମ ଭାରତର ପ୍ରାଣ । ଧର୍ମକୁ ବାଦ୍ ଦେଇ ଭାରତର ଅଭ୍ୟୁଦୟ ଅସମ୍ଭବ । ଭଗବତ୍‌ସାରୂପ୍ୟ ଲାଭ କରିବାକୁ ହେଲେ ଭଗବାନ୍‌ଙ୍କର ଜଗତ୍‌ସେବାର ଆଦର୍ଶ ସାଧକଙ୍କର ଲକ୍ଷ୍ୟ ହେବା ଆବଶ୍ୟକ । ଅନ୍ୟଥା ଆତ୍ମସ୍ୱାର୍ଥମୂଳକ ପୂଜା ନେଇ କେବଳ ଭଣ୍ଡାମି କରିବା ଉଦ୍ଦେଶ୍ୟ ଯେପରି ମୋ ଶିଷ୍ୟ-ଭକ୍ତମାନଙ୍କର ନ ହୁଏ । ସେମାନଙ୍କର ମୂଳ ଲକ୍ଷ୍ୟ ଅହଂତ୍ୱର ପ୍ରସାର । କୀଟରୁ ବ୍ରହ୍ମ ପର୍ଯ୍ୟନ୍ତ ଅହଂତ୍ୱର ପ୍ରସାର କରିବାକୁ ହେବ । ସାଧାରଣଙ୍କ ଅହଂତ୍ୱ ନିଜର ସ୍ତ୍ରୀ, ପୁତ୍ର, କନ୍ୟାଙ୍କ ମଧରେ ସୀମାବଦ୍ଧ, କିନ୍ତୁ ତୁମମାନଙ୍କର ଅହଂତ୍ୱରେ ବିଶ୍ୱବ୍ରହ୍ମାଣ୍ଡ ନିମଜ୍ଜିତ ହୋଇଯାଉ— ଏହାହିଁ ମୋର ଆଶା ଏବଂ ଆଶୀର୍ବାଦ ।

ବକ୍ତୃତା ଦେବା ଅପେକ୍ଷା କାର୍ଯ୍ୟଦ୍ୱାରା ଦେଖାଇପାରିଲେ ଫଳ ଚିରସ୍ଥାୟୀ ହୁଏ ଏବଂ ସେ ଆଦର୍ଶ ଅପର ଦଶ ଜଣଙ୍କ ମଧରେ ସଞ୍ଚାରିତ ନ ହୋଇ ରହିପାରେ

ନାହିଁ । ଗୋଟିଏ ଉପଦେଶର ମର୍ମ ଓ ଅନ୍ତର୍ନିହିତ ସତ୍ୟ ଯଦି ଜୀବନରେ ଫୁଟାଇପାର, ତାହାହେଲେ ତାହା ଶତ ଶତ ଉପଦେଶ ଶ୍ରବଣ ଅପେକ୍ଷା ଅଧିକତର କାର୍ଯ୍ୟକାରୀ ହେବ । ଉପଦେଶ ଅନୁସାରେ ଚଳି ତୁମେମାନେ ଯଦି ଶାନ୍ତି ଏବଂ ଆନନ୍ଦ ପାଅ, ତାହାହେଲେ ଦେଖିବ, ତୁମ ଦେଖାଦେଖି ଆହୁରି ଦଶଜଣ ତୁମମାନଙ୍କ ପଥ ଅନୁସରଣ କରିବେ । ସେମାନଙ୍କ ଦେଖାଦେଖି ଆଉ ପଚାଶଜଣ ସେମାନଙ୍କ ପଥ ଧରିବେ । ଏହିଭାବରେ ଦେଶ ଜାଗିଉଠିବ । କେବଳ ଫମ୍ପା କଥାରେ କିଛି ହେବନାହିଁ ।

କର୍ମଯୋଗ

କର୍ମ ପରିତ୍ୟାଗ ସହଜ ନୁହେଁ । କାୟକର୍ମ ପରିତ୍ୟାଗ କଲେ ମଧ୍ୟ ଯଥାର୍ଥ ଜ୍ଞାନ ଲାଭ ନ ହେଲେ ମନର କର୍ମନିବୃତ୍ତି ହୁଏ ନାହିଁ । କର୍ମଠାରୁ ଜ୍ଞାନ ଶ୍ରେଷ୍ଠ । କର୍ମ ହିଁ ବନ୍ଧନର କାରଣ ସତ, ମାତ୍ର କର୍ମ ପରିତ୍ୟାଗ କରିବି ବୋଲି ମୁହଁରେ କହିଦେଲେ କର୍ମ ପରିତ୍ୟାଗ କରାଯାଏ ନାହିଁ । ଆମେ କର୍ମ ତ୍ୟାଗ କଲେ ମଧ୍ୟ କର୍ମ ଆମକୁ ତ୍ୟାଗ କରେ ନାହିଁ ।

ଯେତେଦିନଯାଏ ଗୁଣ ଅଛି, ଆମର କର୍ମ ମଧ୍ୟ ସେତେଦିନପର୍ଯ୍ୟନ୍ତ ରହିଥିବ । ଗୁଣ ନ ଗଲେ କର୍ମ କ୍ଷୟ ହେବ ନାହିଁ । ସୁତରାଂ କର୍ମ କରି ଗୁଣ କ୍ଷୟ କରିବାକୁ ହେବ । ତାହାହେଲେ ଜ୍ଞାନ ପ୍ରକାଶ ପାଇବ; କିନ୍ତୁ କର୍ମ କରିବାକୁ ଗଲେ କର୍ମଫଳ ସଞ୍ଚୟ ସୁନିଶ୍ଚିତ । ସେହି ସଞ୍ଚିତ କର୍ମଫଳରେ ପୁଣି ଗୁଣଜାତ ହେବ । ଗୁଣ ହେଲେ ପୁଣି କର୍ମ କରିବାକୁ ହେବ । ଏହି ଗୁଣକର୍ମକୁ ଅବଲମ୍ବନ କରି ମନୁଷ୍ୟର ଜନ୍ମ-ଜନ୍ମାନ୍ତର ଯିବା-ଆସିବା ହୁଏ । ଅତଏବ ଯେତେବେଳେ କର୍ମ ନ କଲେ ଉପାୟ ନାହିଁ, ସେତେବେଳେ କର୍ମ କରିବାକୁ ହେବ; କିନ୍ତୁ ସମ୍ପୂର୍ଣ୍ଣ ଆସକ୍ତିଶୂନ୍ୟ ହୋଇ ସେହି କର୍ମ କରିଯିବାକୁ ହେବ । ସମସ୍ତ କର୍ମଫଳ ଈଶ୍ୱରଙ୍କୁ ସମର୍ପଣ କରି ଅନାସକ୍ତ ଚିତ୍ତରେ କର୍ମ କରିବାକୁ କର୍ମଯୋଗ କୁହାଯାଏ ।

ତୀର୍ଥ-ମହାତ୍ମ୍ୟ

ଈଶ୍ୱର ଅନାଦି ଓ ଅନନ୍ତ— ସେ ସର୍ବଭୂତରେ ଅଛନ୍ତି ସତ୍ୟ; କିନ୍ତୁ ତୀର୍ଥାଦି ସ୍ଥାନରେ ତାଙ୍କର ବିଶେଷ ପ୍ରକାଶ ଦେଖାଯାଇଥାଏ । ସେ କୌଣସି କୌଣସି ସ୍ଥାନରେ ସ୍ଥୂଳଭାବରେ ପ୍ରକାଶିତ ହୋଇ ଲୀଳାବିଳାସ କରିଥାନ୍ତି । ତାଙ୍କର ମହିମାମୟୀ ଶକ୍ତିପ୍ରଭାବରେ ସେହିସବୁ ଲୀଳାସ୍ଥାନ ପବିତ୍ର ଏବଂ ମହାଶକ୍ତିଶାଳୀ ହୋଇଅଛି ।

ତେଣୁ ଯେକୌଣସି ସାଧକ ବା ତତ୍ତ୍ୱଜ୍ଞାନୀଙ୍କ ପକ୍ଷରେ ଏହିସବୁ ତୀର୍ଥ ଅଶେଷ କଲ୍ୟାଣକର । ଏହି ପବିତ୍ର ସ୍ଥାନର ପ୍ରତ୍ୟେକ ଅଣୁ-ପରମାଣୁ ଭଗବତ୍ ଚରଣସ୍ପର୍ଶରେ ବିଶୁଦ୍ଧ ହୋଇ ତୀର୍ଥରେ ପରିଣତ ହୋଇଅଛି । ଏହିସବୁ ପୁଣ୍ୟମୟ ସ୍ଥାନ ଦର୍ଶନ ଓ ସ୍ପର୍ଶ କରି ମନୁଷ୍ୟ ପାପମୁକ୍ତ ହୁଏ । ଏହିସବୁ ସ୍ଥାନରେ ସାଧକଙ୍କର ଚିତ୍ତ ଶୁଦ୍ଧ ହୋଇ ତାଙ୍କୁ ଭଗବାନଙ୍କର ଅହେତୁକ କୃପାରେ ବିଶ୍ୱାସବନ୍ତ କରାଏ । ପୁଣି କୌଣସି କୌଣସି ବିଶିଷ୍ଟ ସ୍ଥାନରେ ସାଧକ ଦୀର୍ଘକାଳଧରି ତପସ୍ୟା କରିଥିଲେ, ସେମାନଙ୍କର ତପସ୍ୟାର ପ୍ରଭାବ ସେହିସବୁ ସ୍ଥାନରେ ଜୀବନ୍ତ ରହି ସ୍ଥାନର ମହିମା ବୃଦ୍ଧି କରୁଅଛି । ତେଣୁ ସେହିସବୁ ସ୍ଥାନ ମଧ୍ୟ ତୀର୍ଥରେ ପରିଣତ ହୋଇଅଛି । ସାଧୁମାନଙ୍କର ଆଗମନରେ ତୀର୍ଥ ମଧ୍ୟ ପବିତ୍ରୀକୃତ ହୋଇଥାଏ ।

ସାଧନ ପଥରେ ପ୍ରଥମ ଅବସ୍ଥାରେ ଅବସାଦାଦି ନିରୁତ୍ସାହ ଭାବର ଉଦୟ ହୋଇଥାଏ; କିନ୍ତୁ ଉତ୍ସାହ, ଧୈର୍ଯ୍ୟ, ନିଶ୍ଚିତ ବିଶ୍ୱାସ— ଏ ପଥର ଏକମାତ୍ର ଅବଲମ୍ବନ । ଶ୍ରୀଗୁରୁଦେବଙ୍କ ପ୍ରତି ବିନ୍ଦୁମାତ୍ର ବିଶ୍ୱାସ ଥିଲେ ଉତ୍ସାହଭଙ୍ଗର ଆଶଙ୍କା ରହେ ନାହିଁ । ନାମ ଓ ମନ୍ତ୍ରରେ ଛୋଟ-ବଡ଼ ଭେଦ ନାହିଁ । ଜାଗ୍ରତ କରିପାରିଲେ ସବୁ ମନ୍ତ୍ରରୁ ଏକା ଶକ୍ତିର ବିକାଶ ଘଟେ । ଆତ୍ମା-ପରମାତ୍ମାର ନାମ-ରୂପ ନାହିଁ, କେବଳ ଲକ୍ଷ୍ୟ ଠିକ୍ ଥିଲେ ସବୁ ହେଲା । ଆମେମାନେ ବ୍ରହ୍ମମୟୀଙ୍କ ସନ୍ତାନ । ଆନନ୍ଦ-ସ୍ୱରୂପତ୍ୱ ଆମର ସ୍ୱଭାବ । ଆମେମାନେ ପ୍ରତ୍ୟେକେ ଆନନ୍ଦର ଉତ୍ସ ଆନନ୍ଦମୟୀଙ୍କ ପ୍ରେମରେ ମଜ୍ଜିପାରିଲେ କାମନାର ନିବୃତ୍ତି ଘଟେ । ପ୍ରେମପଥରେ କାମନାହିଁ ମହାଶତ୍ରୁ । କାମ ପୂର୍ଣ୍ଣତାପ୍ରାପ୍ତ ହେଲେ ପ୍ରେମ ନାମରେ ଅଭିହିତ ହୁଏ ।

ପାପକୁ ଘୃଣା କର, କିନ୍ତୁ ପାପୀକୁ ଘୃଣା ନ କରି ତା'ପ୍ରତି ସହୃଦୟ ହୁଅ । ତାକୁ ଉନ୍ନତି ପଥରେ ଅଗ୍ରସର କରାଇ ନିଅ; କାରଣ, କେବଳ ମନୁଷ୍ୟର କର୍ମ ହିଁ ଅଶୁଚି ହୁଏ, ମନୁଷ୍ୟ ହୁଏ ନାହିଁ । ମନୁଷ୍ୟ ଭିତରେ ଯେଉଁ ପଶୁ ଅଛି, କେବଳ ତାହାରି ଅନ୍ୟାୟ ହୁଏ ।

ଆତ୍ମବୁଦ୍ଧି ତ୍ୟାଗ

ଭଗବାନ୍ ଅଛନ୍ତି; କିନ୍ତୁ ଯୁକ୍ତିତର୍କରେ ବା ବେଦପୁରାଣ, କୋରାନ୍, ବାଇବେଲରେ କେହି ତାଙ୍କୁ ଖୋଜି ପାଇବେ ନାହିଁ । ମନ-ବୁଦ୍ଧି ତାଙ୍କ ନିକଟରେ ପହଞ୍ଚିପାରେ ନାହିଁ; ବରଂ ମନ-ବୁଦ୍ଧିକୁ ନିରୋଧ କରିପାରିଲେ ତାଙ୍କର ସନ୍ଧାନ ମିଳେ ।

ଯେତେଦିନଯାଏ ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ ଜାତ ନ ହୋଇଛି, ସେତେଦିନପର୍ଯ୍ୟନ୍ତ ଜଗତ ମୂଳରେ ବା ଆପଣା ମୂଳରେ କଅଣ ଅଛି, ତାହାର ଅନୁସନ୍ଧାନ କର । ମହାପୁରୁଷଙ୍କ ନିକଟକୁ ଯାଇ ତତ୍ତ୍ୱ-କଥା ପଚାର । ବଚନ ରଚନରେ ଏସବୁର ମୀମାଂସା ହୁଏ ନାହିଁ ।

ମୋର ନିୟମ ହେଉଛି ଯେ, ଶିଷ୍ୟଭିତରେ ଆତ୍ମବୁଦ୍ଧି ଥିଲେ ମୁଁ ତାର ଶ୍ରେୟଃ ନିର୍ଦ୍ଦେଶ କରିଦିଏ ନାହିଁ । ଯେତେବେଳେ ଶିଷ୍ୟ ମୋ ଉପରେ ସମ୍ପୂର୍ଣ୍ଣଭାବରେ ନିର୍ଭର କରିବ, ସେତେବେଳେ ଯାଇ ମୁଁ ତାହାର ଲକ୍ଷ୍ୟ ନିର୍ବାଚନ କରିଦେବି । ତୁମେ ସବୁଛାଡ଼ି ଭକ୍ତିମାର୍ଗ ଅବଲମ୍ବନ କର । ତାଙ୍କର ଶରଣାଗତ ହୋଇ ତାଙ୍କୁ ସବୁ ସମର୍ପଣ କରିଦେଇ କେବଳ ନାମ ନେବାପାଇଁ ଅଭ୍ୟାସ କର । ଏକମାତ୍ର ଜପଦ୍ୱାରା ଯୋଗ, ଜ୍ଞାନ ଓ ଭକ୍ତିର ଫଳଲାଭ କରିପାରିବ । ମୋର କେତେ ଭକ୍ତ ଆମୋଦ-ଆହ୍ଲାଦ କରି ଯେଉଁ ଅନୁଭୂତି ପାଉଛନ୍ତି, ତାହା ଯୋଗରେ ଅଥବା ବେଦାନ୍ତ ଆଲୋଚନାରେ ପ୍ରାପ୍ତ ହେବା ଅସମ୍ଭବ । ତୁମେ ଏକମାତ୍ର ଜପ ଅବଲମ୍ବନ କର । ଜପରେ ମଧ୍ୟ ସମାଧି ଲାଭ ହୋଇଥାଏ । କେହି ଅକ୍ଷମ ହେଉ କିମ୍ବା ସାଧନ-ଭଜନରେ ତାଙ୍କର ପ୍ରବୃତ୍ତି ନ ଥାଉ; କିନ୍ତୁ ଆଧ୍ୟାତ୍ମିକ ଉନ୍ନତି ଲାଭ କରିବାପାଇଁ ଅନ୍ତତଃ ଇଚ୍ଛା ଥିଲେ ଗୁରୁକୃପା କାର୍ଯ୍ୟକାରୀ ହୁଏ । ଇଚ୍ଛା ବ୍ୟତୀତ ଶକ୍ତି ପରିଚାଳିତ ହେବ ବା କିପରି ?

ମୋ ନିକଟରେ କୃଷ୍ଣମନ୍ତ୍ରର ଉପାସକ ବୈଷ୍ଣବ କିମ୍ବା ଶକ୍ତିମନ୍ତ୍ରର ଉପାସକ ଶାକ୍ତଙ୍କ ଭିତରେ କୌଣସି ଭେଦ ନାହିଁ । ଚିତ୍ତଶୁଦ୍ଧିନିମିତ୍ତ ସମସ୍ତଙ୍କର ସାତ୍ତ୍ୱିକ ଆହାର କରିବା କର୍ତ୍ତବ୍ୟ । ତେଣୁ ତୁମେମାନେ ବିବେଚନା କରି ଚଳିବ । ମନ୍ତ୍ରର କୌଣସି ପ୍ରୟୋଜନ ନାହିଁ, ମନେ ମନେ ପ୍ରସାଦ ନିବେଦନ କରିବ । ଇଷ୍ଟ ଓ ଗୁରୁଙ୍କୁ ଅଭେଦ ମନେ କରି ଗୋଟିଏ ପାତ୍ରରେ ଭୋଗ ଦିଆଯାଇପାରେ ।

ଶ୍ରୀଗୁରୁଦେବଙ୍କ ନିର୍ଦ୍ଦେଶ

ଶ୍ରୀଗୁରୁ ପ୍ରଥମେ ଶିଷ୍ୟମାନଙ୍କର ଆତ୍ମଶକ୍ତି ଉଦ୍‌ବୋଧନରେ ସାହାଯ୍ୟ କରିବାପାଇଁ ସାଧନାଦିର ବିଧାନ କରିଥାନ୍ତି; କିନ୍ତୁ ଚେଷ୍ଟା କରି ମଧ୍ୟ ଶିଷ୍ୟ ଯଦି ଏଥିରେ ଅକ୍ଷମ ହୁଅନ୍ତି, ଏକନିଷ୍ଠ ଭକ୍ତଙ୍କ ପ୍ରତି ଗୁରୁଦେବ ଅବଶ୍ୟ କୃପା କରିଥାନ୍ତି ।

ବତ୍ସ ! ମହାପ୍ରଭୁ ଗୌରାଙ୍ଗଦେବଙ୍କୁ ଡାକିବାରେ ଦୋଷ ନାହିଁ; କିନ୍ତୁ କେତେଗୁଡ଼ିଏ ଭିନ୍ନ ଭିନ୍ନ ମୂର୍ତ୍ତି ଧାରଣାରେ ଏକାଗ୍ରତା ନଷ୍ଟ ହୁଏ । ଗୁରୁଦେବ ହିଁ ଗୌରାଙ୍ଗଙ୍କର ସ୍ୱରୂପ । ଶାସ୍ତ୍ରର ଆଦେଶ—

''ସ୍ୱ ଗୁରୋର୍ମତମାଶ୍ରୟେ ଚାନ୍ୟଥା ବିଫଳଂ ଭବେତ୍ ।।''

ଯେଉଁମାନେ ପରକଥା ଶୁଣି ନିଜ ଗୁରୁଙ୍କ ବିଧାନ ଅନୁସାରେ କାର୍ଯ୍ୟ କରନ୍ତି ନାହିଁ, ସେମାନଙ୍କର ଗୁରୁକରଣ କର୍ତ୍ତବ୍ୟ ନୁହେଁ । ଯାହାଙ୍କର ଗୁରୁ ଯେଉଁ ପଦ୍ଧତିରେ ଦୀକ୍ଷା ଦିଅନ୍ତି, ତାଙ୍କୁ ସେହି ପଦ୍ଧତିରେ ଚଳିବାକୁ ହେବ । ପରର ଦେଖାଦେଖି ବା ଥଟ୍ଟା-ବିଦ୍ରୂପ ଶୁଣି ଅନ୍ୟପଥରେ ଚଳିଲେ 'ଗୁରୁତ୍ୟାଗ' କରିବାଭଳି ହୁଏ । ଦୀକ୍ଷା ସମୟରେ ମୁଁ ଏଥିପାଇଁ ସମସ୍ତଙ୍କୁ ସାବଧାନ କରାଇଦିଏଁ ।

''ଆଗମୋକ୍ତ ବିଧାନେନ, କଲୌ ମନ୍ତ୍ର ଜପେତ୍ ସୁଧୀଃ ।''

ତେଣୁ ପ୍ରତ୍ୟେକ ମନ୍ତ୍ର ହିଁ ତାନ୍ତ୍ରିକ । ଅନ୍ୟଥା ତାନ୍ତ୍ରିକ ବିଧାନରେ ମୋର କୌଣସି ଶିଷ୍ୟକୁ ପରିଚାଳିତ କରେ ନାହିଁ ।

ବତ୍ସ ! ମୁଁ ଯେତେବେଳେ ତୁମକୁ ଶିଷ୍ୟରୂପରେ ଗ୍ରହଣ କରିଛି, ତୁମେ ଅନୁପଯୁକ୍ତ ହେଲେ ମଧ୍ୟ ମୋ କୃପାରୁ ବଞ୍ଚିତ ହେବ ନାହିଁ; କିନ୍ତୁ ତାହା ସମୟସାପେକ୍ଷ । ଯେଉଁ ନାମ ଆଶ୍ରୟ କରିଛ ଏବଂ ମୁଁ ଯେଉଁ ପ୍ରକାରରେ ତାହାର ସାଧନକ୍ରିୟା ତୁମକୁ କହିଦେଇଛି, ତାହାର ନିତ୍ୟ ନିୟମିତ ଅନୁଷ୍ଠାନ କଲେ ମୋ କୃପା ସତ୍ୱର ଉପଲବ୍ଧି କରିପାରିବ । ତା'ଫଳରେ ଶ୍ରୀଗୁରୁଦେବଙ୍କ ପ୍ରତି ତୁମର ଭକ୍ତି ବିଶ୍ୱାସ ଦୃଢ଼ ହେବ । ଗୁରୁଦେବଙ୍କର ଶକ୍ତି ସଂଗ୍ରହ ସେତେବେଳେ ସହଜସାଧ୍ୟ ହେବ ।

ଜପର କୌଶଳ

ସାଧାରଣ ଜପ ପିଲାପିଲିଙ୍କୁ କୋଳରେ ଧରି କରାଯାଇପାରେ, ମାତ୍ର ସଂଧ୍ୟା ଆହ୍ନିକ କରିବା ସମୟରେ ପିଲାପିଲି ନ ଥିଲେ ଭଲ । ଗୃହିଣୀମାନଙ୍କର ସ୍ୱାମୀସେବା ଓ ସନ୍ତାନପାଳନ ସ୍ୱଧର୍ମ । ସୁତରାଂ ତୁମର ସାଧନଭଜନର ସମୟ ଅଳ୍ପ । ତେଣୁ ସର୍ବଦା ଜପ କର । ସର୍ବାନ୍ତଃକରଣରେ ଭଗବାନଙ୍କ ଉପରେ ନିର୍ଭର କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ।

ପ୍ରବୃତ୍ତି ସହିତ ତୁମକୁ ଆଜୀବନ ସଂଗ୍ରାମ କରିବାକୁ ହେବ । ପ୍ରବୃତ୍ତିସ୍ରୋତରେ ନିଜକୁ ଭସାଇଦେଇ 'ରକ୍ଷା କର' ବୋଲି କହିଲେ କେହି ରକ୍ଷା କରିବେ ନାହିଁ । ତୁମର ଭଲ ହେବାର ଇଚ୍ଛା ଥିଲେ କେହି ତୁମକୁ ମନ୍ଦ କରିପାରିବେ ନାହିଁ । ତେବେ ତୁମ ଇଚ୍ଛାର ଦୃଢ଼ତାପାଇଁ ମଝିରେ ମଝିରେ ପରୀକ୍ଷା ଆସିବ । ଶ୍ରୀଗୁରୁଦେବଙ୍କ ବଳରେ

ବଳୀୟାନ୍ ବୀରଙ୍କପରି ସେଥିରୁ ଉତ୍ତୀର୍ଣ୍ଣ ହୋଇଯିବ । ତୁମର ବିବେକ ଯାହାକୁ ମନ୍ଦ ବୋଲି କହିବ, ପ୍ରାଣ ଗଲେ ମଧ୍ୟ ସେଥିରେ ଲିପ୍ତ ହେବ ନାହିଁ । ଅବିଦ୍ୟାବିମୁଗ୍ଧ ବ୍ୟକ୍ତି ନ ବୁଝି କୁକାର୍ଯ୍ୟ କରିଥାନ୍ତି ।

ତୁମ୍ଭର ମନ୍ତ୍ର ଅସାବଧାନତାବଶତଃ ଉଚ୍ଚାରିତ ହେଲେ ମଧ୍ୟ ଯେତେବେଳେ ଇଚ୍ଛାପୂର୍ବକ କରିନାହଁ, ସେଥିପାଇଁ କିଛି ଚିନ୍ତା କର ନାହିଁ । ପୂର୍ବରୁ ଯାହା କରିଛ, ସେଥିପାଇଁ କିଛି ନ ଭାବି ବର୍ତ୍ତମାନଠାରୁ ନିୟମିତ ଭାବରେ ନିର୍ଦ୍ଦିଷ୍ଟ ପରିମାଣ ଜପକର ବା ଅସୁବିଧା ଥିଲେ କିମ୍ବା ଶରୀର ଅସୁସ୍ଥ ଥିଲେ ସେଦିନ ଅନ୍ତତଃ ଦଶଥର ଜପ କରିବା ଆବଶ୍ୟକ । ହୃଦୟରେ ଇଷ୍ଟଦେବତାଙ୍କର ଚିନ୍ତା କରି ତାଙ୍କ ଚରଣ ଲକ୍ଷ୍ୟପୂର୍ବକ ଯଥାସାଧ୍ୟ ଜପ କରିବା କର୍ତ୍ତବ୍ୟ । ବତ୍ସ ! ଏକମାତ୍ର ମନ୍ତ୍ରଜପରେ ସର୍ବାର୍ଥ ସିଦ୍ଧ ହେବ ।

କର୍ମଜଗତରେ ରହି କର୍ତ୍ତବ୍ୟରେ ଅବହେଳା କରିବା ବିଷମ ଅପରାଧ । ସାମାନ୍ୟ କର୍ତ୍ତବ୍ୟରେ ଯାହାଙ୍କର ଅବହେଳା, ତାଙ୍କଦ୍ୱାରା ଜଗତରେ କୌଣସି କାର୍ଯ୍ୟ ସାଧିତ ହୋଇପାରେ ନାହିଁ । ତେଣୁ ପାଳିନୀଶକ୍ତିର ଦେବତାମାନେ ବିରୋଧୀ ହୁଅନ୍ତି । ଦେହୀ ଓ ଦେହ ଚିରକାଳ ଅଭିନ୍ନ । ଅତଏବ ନିଜକୁ ଦେହରୁ ପୃଥକ ଭାବରେ ଅନୁଭବ କରିବା ହିଁ ସାଧନା । ଯୋଗସାଧନାରେ ଏହି ଶକ୍ତି ପ୍ରଥମେ ଅର୍ଜ୍ଜିତ ହୁଏ ।

ମନକୁ ଏକମୁଖୀ କର

ବତ୍ସ ! ଭକ୍ତି, ବିଶ୍ୱାସ ଓ ନିର୍ଭରତା ଲାଭ କରିବାକୁ ଯଦି ତୁମର ଅକପଟ ବାସନା ଥାଏ, ତେବେ ଭଗବାନ୍ ତୁମର ସେ ଆଶା ଅବଶ୍ୟ ପୂର୍ଣ୍ଣ କରିବେ । କେବଳ ବିଶ୍ୱାସ ହରାଅ ନାହିଁ । ଯାହାଙ୍କର ଯାହା ଲକ୍ଷ୍ୟ, ତାହା ଭିନ୍ନ ସମସ୍ତ କାମନା-ବାସନାରେ ଜଳାଞ୍ଜଳି ଦେଇ ସଂକଳ୍ପ ପରିତ୍ୟାଗ କରି କର୍ତ୍ତବ୍ୟକାର୍ଯ୍ୟଗୁଡ଼ିକ ସମ୍ପାଦନ କରିଯାଅ; ଅଚିରେ ଅଭୀଷ୍ଟ ସିଦ୍ଧ ହେବ ।

ମନର ବିଭିନ୍ନମୁଖୀ ଗତି ରୁଦ୍ଧ କରି ଏକମୁଖୀ କରିପାରିଲେ ଅଭୀଷ୍ଟ ଫଳଲାଭରେ ବିଳମ୍ବ ହୁଏ ନାହିଁ । ଜପ, ଧ୍ୟାନ, ପ୍ରାର୍ଥନାଦ୍ୱାରା ତାହା ସମ୍ପନ୍ନ ହୋଇଥାଏ । ତେବେ ରୋଗରେ ଶୋକରେ, ସମ୍ପଦରେ ବିପଦରେ, ସୁଖରେ ଦୁଃଖରେ ମନ ଯେପରି ବିଚଳିତ ନ ହୋଇ ସାମ୍ୟାବସ୍ଥାରେ ଅବସ୍ଥାନ କରେ, ତାହା ପ୍ରାଣପଣେ ଚେଷ୍ଟା କରିବା ଦରକାର । ଇଚ୍ଛାମୟୀ ମା କାହାର ଇଚ୍ଛା ଅପୂର୍ଣ୍ଣ ରଖନ୍ତି ନାହିଁ । କେବଳ ଇଚ୍ଛାଟି ବିଶୁଦ୍ଧ ଓ ଏକମୁଖୀ ହେବା ଆବଶ୍ୟକ ।

ବତ୍ସ ! ମାନବଜୀବନକୁ କେହି ସମାନଭାବରେ ସବୁଦିନ ଚଳାଇପାରନ୍ତି ନାହିଁ । ଗୋଟିଏ ସ୍ତରର କ୍ରିୟାପରେ ଅନ୍ୟ ସ୍ତରର କ୍ରିୟା ଆରମ୍ଭ ହୁଏ । ଏପରି ଅବସ୍ଥାରେ ଲକ୍ଷ୍ୟ ଠିକ୍ ରଖି ଶାନ୍ତ ଭାବରେ ଅବସ୍ଥାନ କରିବା କର୍ତ୍ତବ୍ୟ । ତାଙ୍କଠାରେ ନିର୍ଭର କରି ତାଙ୍କ ନାମ ଧରି ବାକି କେତୋଟି ଦିନ କଟାଇଦିଅ । ସୁତରାଂ ଆନନ୍ଦ ବା ନିରାନନ୍ଦ, ଯାହା ଉପସ୍ଥିତ ହେଲେ ମଧ୍ୟ ସେଥିରେ ବିଚଳିତ ବା ଚଞ୍ଚଳ ନ ହୋଇ ପ୍ରତ୍ୟହ ଯଥାସାଧ୍ୟ ଜପ, ଧ୍ୟାନ ଓ ପ୍ରାର୍ଥନା କରିବା କର୍ତ୍ତବ୍ୟ । ଫଳାଫଳପ୍ରତି ଉଦାସୀନ ରହିବାକୁ ଚେଷ୍ଟା କର ।

ବତ୍ସ ! ଭଗବାନ୍ ସର୍ବତ୍ର ବିଦ୍ୟମାନ । ତାଙ୍କୁ ଡାକିପାରିଲେ ସବୁଠାରେ ତାଙ୍କର ପ୍ରକାଶ ହୋଇଥାଏ । ସେପରି ନ ହେଲେ ସାରା ଜଗତ୍ ଘୂରିବୁଲିଲେ ମଧ୍ୟ କୌଣସି ଫଳ ମିଳେ ନାହିଁ । ସଂସାରର କର୍ତ୍ତବ୍ୟ ଯଥାଯଥଭାବରେ କରିଯାଅ । ସତ୍ୟନିଷ୍ଠ ହୁଅ । ତାହା ହେଲେ ଘରେ ବସି ସବୁ ପାଇପାରିବ ।

ବତ୍ସ ! ମୁଁ ଯେ ତୁମମାନଙ୍କର ହାତ ଧରିଛି, ସୁତରାଂ ନିରାଶ ହେବାର ସମ୍ଭାବନା ନାହିଁ । ଜପ-ତପରେ ସ୍ପୃହା ନ ଥିଲେ ମଧ୍ୟ ମୋ ଆଦେଶ ମନେକରି ଅଭ୍ୟାସ ଠିକ୍ ରଖିବ । ତାହାହେଲେ ଶାନ୍ତି ଆପଣା ମନକୁ ଆସି ତୁମର ସେବା କରିବ । ସାଧନ-ଭଜନ ତୁମମାନଙ୍କୁ କରିବାକୁ ହେବ ନାହିଁ । ମୋର କେତେଗୋଟି ଆଦେଶ ମାତ୍ର ତୁମେମାନେ ପାଳନ କରିଯାଅ— ମୁଁ ତୁମମାନଙ୍କ ନିକଟରେ ଏତିକି ଭିକ୍ଷା ମାଗୁଛି ।

କର୍ମର ଉତ୍ସ

ଚିରକାଳ ଯାହା କହିଆସିଛି, ପୁଣି ମଧ୍ୟ ଆଜି କହୁଛି । ଯେଉଁମାନେ ମୋତେ 'ମୋର' ବୋଲି ଭାବି ମୋ ଠାରେ ଆତ୍ମସମର୍ପଣ କରି ମୋର ଶରଣ ନେଇଛନ୍ତି, ସେମାନଙ୍କର ମୁକ୍ତି ନ ହେବାପର୍ଯ୍ୟନ୍ତ ମୁଁ ମଧ୍ୟ ମୁକ୍ତ ହେବି ନାହିଁ । ଆଶୀର୍ବାଦ କରୁଛି, ତୁମମାନଙ୍କର ଚିତ୍ତ ଶୁଦ୍ଧ ଓ ଉଦ୍‌ବୁଦ୍ଧ ହେଉ । ଅଭିମାନ ଯେପରି ତୁମକୁ ଲକ୍ଷ୍ୟଚ୍ୟୁତ କରି ନ ପକାଏ ।

ସ୍ଥୂଳଦେହରେ ନ ଥିଲେ ମଧ୍ୟ, ସ୍ଥୂଳଦେହରେ ଥିବାବେଳେ ମୁଁ ତୁମମାନଙ୍କୁ ଯେପରି ଭାବରେ ପରିଚାଳିତ କରୁଛି, ବିଦେହୀ ହେଲେ ମଧ୍ୟ ସେହିଭାବରେ ପରିଚାଳନା କରିବି । ମୋର ଏ ସ୍ଥୂଳ ଦେହଟା ତୁମମାନଙ୍କର ଠାକୁର ନୁହେଁ । ଏହାରି ଭିତରେ ଯେ ଅଛନ୍ତି, ସେ ତୁମମାନଙ୍କର ଠାକୁର ।

ତୁମ୍ଭମାନଙ୍କ ପ୍ରାଣକୁ ଅନୁଭୂତିରେ ପରିପୂର୍ଣ୍ଣ କରିଦିଅ । ତୁମେମାନେ ଯେ ଜୀବନ୍ମୁକ୍ତ, ଏହି ଭାବ ସର୍ବଦା ଜାଗ୍ରତ ରଖିଥାଅ । ଅନ୍ୟର ଆଦେଶ ପାଳନ ନିମିତ୍ତ କର୍ମରେ ବ୍ରତୀ ହୁଅ ନାହିଁ । ତୁମମାନଙ୍କର କର୍ମର ଉତ୍ସ ଆନନ୍ଦ । ଆନନ୍ଦରେ ତୁମେମାନେ କର୍ମକୁ ବରଣ କରିନେଇଛ ।

ଶ୍ରୀଗୁରୁଦେବଙ୍କର ଆଦର୍ଶକୁ ରୂପ ଦେବାନିମିତ୍ତ ତୁମମାନଙ୍କର ଜୀବନ । ଏହି ଆଦର୍ଶ, ଏହି ଲକ୍ଷ୍ୟ ତୁମମାନଙ୍କ ମନରେ ଉଜ୍ଜ୍ୱଳ ଥିଲେ ତୁମେମାନେ ନିତ୍ୟ ନୂତନ କର୍ମରେ ଆତ୍ମନିୟୋଗ କରିପାରିବ ଏବଂ ସେହି କର୍ମର ମଧ୍ୟ ଦେଇ ଅମୃତ ଆହରଣ କରିପାରିବ । ତୁମେମାନେ ଶ୍ରୀଗୁରୁଦେବଙ୍କର ଉଦ୍ଦେଶ୍ୟ ସାଧନର ଗୋଟିଏ ଗୋଟିଏ ପ୍ରାଣବନ୍ତ ଯନ୍ତ୍ର । ଏହି କଥାଟି ମନରେ ଥିଲେ ଗୋଟିକ ପରେ ଗୋଟିଏ କର୍ମରେ ଆତ୍ମନିୟୋଗ କରି କ୍ରମେ ଅଗ୍ରଗତି ପଥରେ ଧାବିତ ହୋଇପାରିବ ।

ବତ୍ସ ! ଯେତେ ସାଧନା କର ପଛକେ, ଯେଉଁ କର୍ମଫଳ ଭୋଗ କରିବାକୁ ତୁମେମାନେ ଜଗତକୁ ଆସିଛ, ତାହା ନିଶ୍ଚୟ ଭୋଗ କରିବାକୁ ହେବ । ତଥାପି ସାଧକଙ୍କ ପକ୍ଷରେ ତାହାର ଭୋଗ ଭିନ୍ନ ପ୍ରକାରରେ ଓ ଭିନ୍ନ ମାତ୍ରାରେ ହୋଇଥାଏ । ଜନ୍ମଗତ ପୁଣ୍ୟବଳରୁ ସାଧନାରେ ସିଦ୍ଧିଲାଭ କଲେ ସଞ୍ଚିତ ଓ କ୍ରିୟମାଣ କର୍ମ ଧ୍ୱଂସ ହୋଇଯାଏ; କେବଳ ପ୍ରାରବ୍ଧ ଅବଶିଷ୍ଟ ରହେ । ଏହି ପ୍ରାରବ୍ଧ ଥିଲେ ମଧ୍ୟ ସୂର୍ଯ୍ୟଙ୍କ ନିକଟରେ ଚନ୍ଦ୍ରପରି ତାହା ନିଷ୍ପ୍ରଭ ହୋଇ ରହେ । ଯାହାଙ୍କ କଟାକ୍ଷମାତ୍ରେ ବିଶ୍ୱର ସୃଷ୍ଟି, ସ୍ଥିତି, ପ୍ରଳୟ ହୁଏ, ସେ ମଧ୍ୟ ପ୍ରାରବ୍ଧର କ୍ରୂର ନିର୍ଯ୍ୟାତନା ନୀରବରେ ଭୋଗ କରନ୍ତି ।

ଶିଷ୍ୟମାନଙ୍କ ପ୍ରତି

ପ୍ରାଣବନ୍ତ ସାଧନା

ବତ୍ସ ! ତୁମେମାନେ ମନୁଷ୍ୟ ହୁଅ; ଜଗତରେ ମନୁଷ୍ୟର ହିଁ ଅଭାବ । ମନୁଷ୍ୟ ହୋଇପାରିଲେ ଅର୍ଥ, ସାମର୍ଥ୍ୟ, ଶକ୍ତି ସବୁ ଆସି ପଛକୁ ପଛ ପହଞ୍ଚିଯିବ । ଆଧାର ବିଶୁଦ୍ଧ ହେଲେ ତୁମମାନଙ୍କର ସତ୍ୟ ସଂକଳ୍ପକୁ ସିଦ୍ଧ କରିବା ନିମିତ୍ତ ସ୍ୱୟଂ ଭଗବାନ ଅବତରଣ କରିବେ ।

ଅନ୍ୟ ଶିଷ୍ୟମାନଙ୍କର ମୋ ପ୍ରତି ଭକ୍ତି ଆଣିବାକୁ ଯେଉଁ ସାଧନାର ପ୍ରୟୋଜନ, ତୁମମାନଙ୍କର ସେ ଭକ୍ତି ସ୍ୱତଃସିଦ୍ଧଭାବରେ ଅଛି । ତେଣୁ ମୁଁ କୌଣସି ପ୍ରକାର ବିଚାର ନ କରି ତୁମମାନଙ୍କର ଗୁରୁପଦରେ ବରିତ ହୋଇଛି । ଆଶା ଅଛି, ତୁମମାନଙ୍କ ଦ୍ୱାରା ଗୁରୁଦେବଙ୍କର ମର୍ଯ୍ୟାଦା ରକ୍ଷା ହେବ । ଶିଷ୍ୟମାନଙ୍କଦ୍ୱାରା ଶ୍ରୀଗୁରୁଦେବଙ୍କର ଗୁରୁତ୍ୱ ପ୍ରତିଷ୍ଠିତ ହୁଏ । ତୁମେମାନେ ନିଜକୁ ଭୁଲିଯାଇ ପ୍ରେମଭକ୍ତିରେ ହୃଦୟ ପୂର୍ଣ୍ଣ କର । ଶ୍ରୀଗୁରୁଦେବଙ୍କର ଉପଦେଶ ଅନୁସାରେ ଚରିତ୍ର ଗଠନ କର, ସଂଯତ ହୁଅ । ପୃଥିବୀର ନରନାରୀଙ୍କୁ ଭାଇଭଉଣୀ ଜ୍ଞାନରେ ଆଲିଙ୍ଗନ କର ରୋଗୀର ଶୁଶ୍ରୂଷା କର, ଶୋକଗ୍ରସ୍ତକୁ ସାନ୍ତ୍ୱନା ଦିଅ, ଦୁଃଖୀର ଅଶ୍ରୁମୋଚନ କର, ତାପିତକୁ ହୃଦୟରେ ଆଲିଙ୍ଗନ କର, ପାପୀକୁ ଘୃଣା ନ କରି ପ୍ରେମଜଳଦ୍ୱାରା ତାହାର ପାପମଳ ଧୋଇଦିଅ, ସ୍ୱାର୍ଥପର ସଇତାନକୁ ହୃଦୟରୁ ବିତାଡ଼ିତ କରି ସେଠାରେ ପ୍ରେମମୟ ଭଗବାନଙ୍କ ଆସନ ପ୍ରତିଷ୍ଠା କର —ଏହା ହିଁ ଧର୍ମ । ନ ହେଲେ କେବଳ ଆଖି-କାନ ବୁଜି ଜପ-ତପ କଲେ ଭଗବାନଙ୍କର କୃପା ହୁଏ ନାହିଁ । ତାହା ଜଡ଼ର ସାଧନା ମାତ୍ର ।

ଯେ ଜୀବକୁ କୃପା କରି ଶିଖି ନାହିଁ, ସେ ଭଗବାନଙ୍କ କୃପା ପାଇବ ବା କିପରି ? ଯେ ଅନ୍ୟକୁ କ୍ଷମା କରିପାରେ ନାହିଁ, ସେ ଭଗବାନଙ୍କ ନିକଟରେ କ୍ଷମା ପାଇବାକୁ ଅଯୋଗ୍ୟ । ଯେ ଜଗତକୁ ସୁଖ ପାଇପାରେ ନାହିଁ, ସେ ଭଗବାନଙ୍କର ପ୍ରେମ ପାଇବାକୁ ଆଶା କରିବା ବୃଥା । ବତ୍ସ ! ଅହଂତ୍ୱ, ଆତ୍ମଶକ୍ତି ଓ ଗର୍ବ ପ୍ରଭୃତିର ମୂଳ ଉତ୍ପାଟନ କରି ଦୀନାତିଦୀନଭାବରେ ଭଗବାନଙ୍କଠାରେ ସର୍ବସ୍ୱ ଅର୍ପଣ କର ।

ସର୍ବତୋଭାବରେ ତାଙ୍କର ଶରଣାପନ୍ନ ହୁଅ । ତାଙ୍କଠାରେ ଆତ୍ମନିର୍ଭର କର । ତାଙ୍କର ମନୋମତ ହେବାନିମିତ୍ତ ତାଙ୍କରି ନିକଟରେ ପ୍ରାଣ ଖୋଲି ପ୍ରାର୍ଥନା କର । ତାଙ୍କ ଇଚ୍ଛା ଉପରେ ନିର୍ଭର କରି ଜୀବନର ସୁଖ ଦୁଃଖ, ଆଶା-ଆକାଙ୍କ୍ଷା ସବୁ ବିସର୍ଜନ କରିଦିଅ । ସର୍ବାବସ୍ଥାରେ ତାଙ୍କର ଗୁଣ ଗାନ କର । ସର୍ବଦା ତାଙ୍କର ଜୟଗାନ କରୁଥାଅ । ଏହିଥିରେ ହିଁ ସର୍ବାର୍ଥ ସିଦ୍ଧ ହେବ । ସେ ସ୍ନେହର ଶତବାହୁ ବେଷ୍ଟନ କରି ଏହି ପାପତାପମୟ ମଳିନ ସଂସାରରୁ ତୁମମାନଙ୍କୁ ନିଜ କୋଳକୁ ଟାଣିନେବେ । ନିତ୍ୟଜୀବନ ଲାଭକରି ନିତ୍ୟାନନ୍ଦ ଉପଭୋଗ କରିବ । କାୟମନୋବାକ୍ୟରେ ଆଶୀର୍ବାଦ କରୁଛି, ଭଗବାନ ଅଚିରେ ତୁମମାନଙ୍କୁ ସେ ଶକ୍ତି ପ୍ରଦାନ କରି ତାଙ୍କର ଶାନ୍ତିମୟ କୋଳକୁ ଟାଣିନିଅନ୍ତୁ ।

ଆଦର୍ଶ ମନୁଷ୍ୟ

ବତ୍ସ ! ଥରେ ଶିଷ୍ୟ ବୋଲି ଗ୍ରହଣ କଲେ କଅଣ ପୁଣି ଆଉ ତାକୁ ତ୍ୟାଗ କରାଯାଇପାରେ ? ତେବେ ସବୁ ଶିଷ୍ୟ ସମାନ ନୁହନ୍ତି । ତୁମେମାନେ ତ କେବଳ ମୋର ଏହି ଜନ୍ମର ଶିଷ୍ୟ ନୁହଁ । ଜନ୍ମଜନ୍ମାନ୍ତରରୁ ତୁମମାନଙ୍କ ସହିତ ମୋର ଏ ସମ୍ବନ୍ଧ ସ୍ଥାପିତ ହୋଇଆସୁଛି । ତୁମେମାନେ ମୁକ୍ତିକୁ ମଧ୍ୟ ତୁଚ୍ଛ କରି କେବଳ ମୋ ସେବା କରିବା ପାଇଁ ଓ ମୋ କାର୍ଯ୍ୟରେ ସହାୟ ହେବା ନିମିତ୍ତ ମୋ ସଙ୍ଗରେ ଜନ୍ମ ଜନ୍ମ ଧରି ଘୂରିବୁଲୁଛ । ସମୟ ହେଲେ ସବୁ ଜାଣିପାରିବ । ବତ୍ସ ! ମୁଁ ଯେତେବେଳେ ତୁମମାନଙ୍କର ଗୁରୁତ୍ୱ ବରଣ କରିନେଇଛି, ସେତେବେଳେ ଜଗତର ଯେଉଁଠାରେ ଥିଲେ ମଧ୍ୟ ମୁଁ ସର୍ବଦା ତୁମମାନଙ୍କର ମଙ୍ଗଳ ଚିନ୍ତା କରୁଥିବି । ତୁମେମାନେ କେବଳ ମୋର ଶିଷ୍ୟ ନୁହଁ; ମୁଁ ତୁମମାନଙ୍କୁ ପୁତ୍ର-କନ୍ୟାପରି ସୁଖ ପାଏ, ସ୍ନେହଚକ୍ଷୁରେ ଦେଖିଥାଏ । ମୁଁ ଆଶା କରେ ଯେ ତୁମମାନଙ୍କର ମଧ୍ୟ ମୋ ପ୍ରତି ସେହିପରି ସହୃଦୟ ଭାବ ଯଥା ସମୟରେ ପ୍ରତିଷ୍ଠିତ ହେବ ।

କେବଳ ମନ୍ତ୍ର ଗ୍ରହଣ କଲେ କେହି ଶିଷ୍ୟ ହୁଅନ୍ତି ନାହିଁ । ବିଶ୍ୱାସ କରି ମନପ୍ରାଣ ଢାଳିଦେଇ ନ ପାରିଲେ ଶିଷ୍ୟ ହେବା ବୃଥା । ତୁମେମାନେ ମୋତେ ଯେପରି ଭକ୍ତି-ବିଶ୍ୱାସ କର, ମୋର ଅଳ୍ପସଂଖ୍ୟକ ଶିଷ୍ୟ ସେପରି କରିପାରନ୍ତି କି ନାହିଁ, ସନ୍ଦେହ । ତେବେ ତୁମମାନଙ୍କର ଆଉ ଭାବନା କଅଣ ? ବର୍ତ୍ତମାନ ଆଉ ଏଣୁତେଣୁ ବାଜେ କାମନା-ବାସନା କର ନାହିଁ । ଯେଉଁ କେତେ ଦିନ ବଞ୍ଚିଛ, ଆନନ୍ଦରେ ନାମ ସ୍ମରଣ ଓ ମନନ କରୁଥାଅ ।

ବତ୍ସ ! ତୁମେମାନେ ହିଁ ମୋର ଆଶାଭରସାର ସ୍ଥଳ । ମୁଁ ସତୃଷ୍ଣ ନୟନରେ ତୁମମାନଙ୍କର ଭବିଷ୍ୟତ ଜୀବନପ୍ରତି ଚାହିଁବସିଛି । ଯେଉଁ ସମୟରେ ମନୁଷ୍ୟ ପଶୁତ୍ୱକୁ ଅବନତ ହୁଏ ଅଥବା ଦେବତ୍ୱକୁ ଉନ୍ନୀତ ହୋଇପାରେ, ସେହି ସର୍ବନାଶର ସନ୍ଧିକାଳ ଯୌବନ । ଏହିସମୟରେ ସାହସ ଓ ଦୃଢ଼ ଅଧ୍ୟବସାୟସହିତ ଆସକ୍ତି-କଣ୍ଟକପୂର୍ଣ୍ଣ ବାଧାବିଘ୍ନକୁ ବୀରପରି ପଦଦଳିତ କରି ଶ୍ରୀଗୁରୁଦେବଙ୍କ ଉପଦିଷ୍ଟ ପଥରେ ଅଗ୍ରସର ହୋଇ ନ ପାରିଲେ ସାରାଜୀବନ ବଜ୍ରାହତ ତରୁସଦୃଶ କାଳାତିପାତ କରିବାକୁ ହେବ । ମୁଁ ତୁମମାନଙ୍କ ଭିତରୁ ପ୍ରତ୍ୟେକକୁ ଆଦର୍ଶ ମନୁଷ୍ୟ ରୂପରେ ଦେଖିବାକୁ ଇଚ୍ଛା କରେ ।

ତୁମମାନଙ୍କ ଚରିତ୍ରର ବିମଳ ଜ୍ୟୋତିରେ ତୁମମାନଙ୍କ ଗୁରୁଦେବଙ୍କ ଜୀବନକୁ ଉଦ୍ଭାସିତ କରିବାକୁ ହେବ । ଆଶା କରୁଛି ଯେ ତୁମେମାନେ କେବେ ହେଲେଏକଥା ଭୁଲିଯିବ ନାହିଁ । ପୁଣି ମନୁଷ୍ୟତ୍ୱ ଲାଭ କରିବାପାଇଁ ଅକପଟ ଇଚ୍ଛା ଥିଲେ, ଭଗବାନ୍ ତୁମର ସହାୟ ହେବେ । ଏହା ଧ୍ରୁବ ସତ୍ୟ । ତାମସିକ ଓ ରାଜସିକ ବୃତ୍ତିଗୁଡ଼ିକୁ ପଦଦଳିତ କରି ସେହି ବୃତ୍ତିସମୂହକୁ ଦାସପରି ଆଜ୍ଞାବହ କରିରଖ । ଆମୋଦଚ୍ଛଳରେ ମଧ୍ୟ କାମ କ୍ରୋଧ ବା ମିଥ୍ୟାର ଆଶ୍ରୟ ନିଅ ନାହିଁ । ବିନୟ-ନମ୍ରତା ଗୁଣରେ ବିମଣ୍ଡିତ ହୋଇ ଜୀବନ୍ମୁକ୍ତଙ୍କପରି ସମାଜରେ କାଳ ଯାପନ କର । କୌଣସି କାର୍ଯ୍ୟରେ ତୁମମାନଙ୍କର ଔଦ୍ଧତ୍ୟ ବା ଅମନୁଷ୍ୟତା ପ୍ରକାଶ ପାଇଲେ ତୁମମାନଙ୍କ ଗୁରୁଙ୍କର କଳଙ୍କ ବିଘୋଷିତ ହେବ ସିନା ! କୌଣସି ଆଡ଼କୁ ଦୃଷ୍ଟିପାତ ନ କରି ସରଳ ବିଶ୍ୱାସରେ ଜୀବନପଥରେ ଅଗ୍ରସର ହୁଅ । ଆତ୍ମକର୍ତ୍ତୃତ୍ୱ ଭୁଲିଯାଇ ପଦେ ପଦେ ଭଗବତ୍ ନିର୍ଭରତା ଅବଲମ୍ବନ କର । ଗୁରୁ-ନାରାୟଣଜ୍ଞାନରେ ପ୍ରତ୍ୟେକ ଜୀବକୁ ଶ୍ରଦ୍ଧା କରିବାକୁ ଶିକ୍ଷା କର । କାହାରି କାର୍ଯ୍ୟର ସମାଲୋଚନା କରନାହିଁ— କଲେ ଭଗବାନ୍‌ଙ୍କର ଦୋଷଗୁଣର ବିଚାର କରାଯାଏ । କାୟମନପ୍ରାଣରେ ଆଶୀର୍ବାଦ କରୁଛି— ତୁମେମାନେ କେବେହେଲେ ଗୁରୁଙ୍କର ଆଶା ଫଳବତୀ କରିବାକୁ ବିମୁଖ ହେବ ନାହିଁ ।

ପ୍ରେମର ପ୍ରଭାବ

ବତ୍ସ ! ତୁମମାନଙ୍କ ଆଧ୍ୟାତ୍ମ୍ୟ ଜୀବନର ଭାର ମୁଁ ସ୍ୱେଚ୍ଛାରେ ଗ୍ରହଣ କରିଛି । ଯଦି ମୋ ପ୍ରତି ବିନ୍ଦୁମାତ୍ର ବିଶ୍ୱାସ ଥାଏ, ତେବେ ତୁମମାନଙ୍କର ଆଉ କୌଣସି ଚିନ୍ତା କରିବାର ନାହିଁ । ତୁମେମାନେ କୌଣସି ଆଧ୍ୟାତ୍ମିକ କ୍ରିୟାକର୍ମ ନ କରି ହସି ଖେଳି ବୁଲିଲେ ମଧ୍ୟ ମୁଁ ତୁମମାନଙ୍କର ମଙ୍ଗଳ କାମନା ନିୟତ କରୁଥିବି ଏବଂ ତୁମେମାନେ

ମୋ ସମାନ ଗତି ଲାଭ କରିବ । ବତ୍ସ ! ତୁମେ ଲାଞ୍ଛିତ, ପୀଡ଼ିତ ହୋଇ ମଧ୍ୟ ଯେପରି ଗୁରୁଭକ୍ତି, ଧୀରତା, ନମ୍ରତା ପ୍ରଭୃତି ଗୁଣର ପରିଚୟ ଦେଇଛ, ତାହା ଜଗତରେ ଅତୁଳନୀୟ । ବତ୍ସ ! ମୁଁ ଯେ ତୁମ ସଙ୍ଗରେ ନରକକୁ ଯିବାକୁ ମଧ୍ୟ କୃତସଂକଳ୍ପ । ସମୟରେ ସବୁ ପାଇବ ! ହସି ଖେଳି ତାଙ୍କର ଗୁଣ ଗାନ କରୁଥାଅ ।

ବତ୍ସ ! ମରୁଭୂମିସଦୃଶ ସନ୍ନ୍ୟାସୀର ହୃଦୟ ମଧ୍ୟ ତୁମମାନଙ୍କ ପ୍ରେମରେ ଆର୍ଦ୍ର ହୋଇଯାଉଛି । ମୁଁ ମାୟାତ୍ୟାଗୀ ସନ୍ନ୍ୟାସୀ ହୋଇ ମଧ୍ୟ ତୁମମାନଙ୍କର କୋମଳ କଠିନ ବନ୍ଧନରେ ଆବଦ୍ଧ ହୋଇଯାଉଛି । ଇଚ୍ଛା କରି ମଧ୍ୟ ସେ ବନ୍ଧନ କୋହଳ କରିପାରୁ ନାହିଁ । ସବୁ ଭୁଲିଯାଇ ମୁଁ କେବଳ ତୁମମାନଙ୍କ ଚିନ୍ତାରେ ମୁଗ୍ଧ ହୋଇ ରହିଛି । ଯେଉଁ ହୃଦୟରେ ଦିନେ ଭଗବାନ୍ ଏକାଧିପତ୍ୟ ବିସ୍ତାର କରୁଥିଲେ, ସେହିଠାରେ ତୁମେମାନେ ହିଁ କ୍ରମେ ଫୁଟିଉଠୁଛ । ମୁଁ କଅଣ ତୁମମାନଙ୍କୁ ଭୁଲିଯାଇପାରେ ? ତୁମେ-ମାନେ ପରା ମୋ ମାନସରାଜ୍ୟର ପୋଷାସାରୀ ଓ କ୍ରୀଡ଼ନକ ! ମୁଁ ସର୍ବଦା ତୁମମାନଙ୍କ ମଧୁର କାକଳିରେ ବିଭୋର ରହିଛି; ତୁମମାନଙ୍କ କଥା ସବୁବେଳେ ବସି ଭାବନା କରୁଛି । ତଥାପି ତୁମମାନଙ୍କ ମନରେ କୌଣସି ଚିନ୍ତା ଜାଗ୍ରତ ହେଲେ ମୋତେ ଜଣାଅ ।

ମୂଳ ଓ ସ୍ଥୂଳ

ଗୁରୁଶିଷ୍ୟଙ୍କ ମଧ୍ୟରେ ସମ୍ପର୍କ ଆଧ୍ୟାତ୍ମିକ । ବାହ୍ୟଭାବରେ ସମ୍ପର୍କ ରଖିବାକୁ ଗଲେ ଗୁରୁ ପାଞ୍ଚ ଜଣରୁ ଅଧିକ ଶିଷ୍ୟ କରିପାରିବେ ନାହିଁ । ପ୍ରାଣର କଥା ପ୍ରାଣେ ପ୍ରାଣେ କହିବାକୁ ଅଭ୍ୟାସ କର । ଧୈର୍ଯ୍ୟ ଓ ଗାମ୍ଭୀର୍ଯ୍ୟରେ ବିମଣ୍ଡିତ ହୁଅ । ଅନ୍ତରର ଭାବ ଅନ୍ତରରେ ଗୋପନ କରି ରଖ, ଦିନେ ମହାଭାବର ସାକ୍ଷାତ ପାଇବ । ଭଗବାନ୍ ସଂସାର ମଧ୍ୟ ଦେଇ ଆଧ୍ୟାତ୍ମିକ ରାଜ୍ୟ ପଥ ପ୍ରସ୍ତୁତ ରଖିଛନ୍ତି । ମୁଁ ଗୁରୁ, ମୋର ଆଦେଶ-ଉପଦେଶକୁ ବାରମ୍ବାର ଅବମାନନା କରି ନିଜ ପ୍ରବୃତ୍ତିବଶରେ ଚଳିଲେ ମୁଁ ତୁମକୁ ଶିଷ୍ୟ ବୋଲି ମନେ କରିବି କିପରି ? ମୋ ପ୍ରଦତ୍ତ ନାମ ନିୟମିତ ଭାବରେ ଜପ କର; ସାଧକ, ଗୃହୀ, ବ୍ରହ୍ମଚାରୀଙ୍କପରି ଚଳ । ମତ୍ପ୍ରଣୀତ 'ବ୍ରହ୍ମଚର୍ଯ୍ୟ ସାଧନ'ର ନିୟମ ଅନୁସାରେ ନିଜକୁ ଗଠନ କର । ମୋ ସହିତ ସାକ୍ଷାତ୍ ହେଲେ ସେ ସମ୍ବନ୍ଧରେ ଉପଦେଶ ଦେବି ।

ତୁମେ ଶିଷ୍ୟ ହୋଇ ମୋର ଗୁଣ ବ୍ୟାଖ୍ୟାନ କରି କାହାକୁ ମୋର ଶିଷ୍ୟ ହେବାକୁ ଉପଦେଶ ଦେଲେ ଲୋକେ ତୁମକୁ ଗୁରୁଙ୍କର ଦଲାଲ ମନେ କରିବେ । ସୁତରାଂ

ମୋ କଥା କାହାକୁ କହିବାକୁ ହେବ ନାହିଁ । ତୁମେ ସୁଖୀ ହେଲେ ଓ ତୁମେ ଶାନ୍ତି ପାଇଲେ ଦେଖିବ, ତୁମ ଆଦର୍ଶରେ ଅନୁପ୍ରାଣିତ ହୋଇ ଆପଣା ମନକୁ ଲୋକେ ମୋ ଆଡ଼କୁ ଆକୃଷ୍ଟ ହେବେ । ତେବେ ଭଗବାନ୍‌ଙ୍କ ମହିମା ପ୍ରଚାର କଲେ ସମସ୍ତଙ୍କର ଧର୍ମରେ ମତି ରହେ । ସେପରି ଚେଷ୍ଟାରେ ଦୋଷ ନାହିଁ ।

ବତ୍ସ ! ଗୁଣ ଓ ଶକ୍ତି ବ୍ୟତୀତ ଜୀବ ନିକଟରେ ଭଗବାନ୍ ଯେପରି ନିରର୍ଥକ, ସେହିପରି ଭକ୍ତଙ୍କ ବ୍ୟତୀତ ଗୁରୁଙ୍କର ଗୁରୁତ୍ୱ ବିଫଳ । ଶିଷ୍ୟପ୍ରାଣରେ ଶ୍ରୀଗୁରୁଦେବଙ୍କର ବିକାଶ ନ ହେଲେ ଶିଷ୍ୟତ୍ୱ ବୃଥା ।

ଧର୍ମ ଓ ସଂସାର

ସଦ୍‌ଗୁରୁଙ୍କ ଆଶ୍ରୟ ନେଲେ ସାଂସାରିକ ସୁଖ-ଶାନ୍ତି, ଖ୍ୟାତି-ପ୍ରତିପତ୍ତିରେ ଅବସ୍ଥାନ କରିପାରିବ— ଏ ଭ୍ରାନ୍ତଧାରଣା ତୁମମାନଙ୍କର ବା କିପରି ଜାତ ହେଲା ତାହା ତୁମେମାନେ ହିଁ ଜାଣ । କିନ୍ତୁ ବତ୍ସ ! ମୁଁ ଜ୍ଞାନ ଓ ଭକ୍ତିର ସାଧକ, ଗୁଣର ସଂସ୍ପର୍ଶରେ ମୋର ଗୁରୁତ୍ୱ ଅନ୍ତର୍ହିତ ହେବ । ଏହି କାରଣରୁ ମୁମୁକ୍ଷୁ ବ୍ୟତୀତ ସାଧାରଣ ସଂସାରୀଙ୍କର ସନ୍ନ୍ୟାସୀ ଗୁରୁ କରିବାରେ ନିଷେଧ ଅଛି । ବତ୍ସ ! ତୁମେ ତ ହିନ୍ଦୁ-ସନ୍ତାନ, ଧର୍ମର ପଦାଶ୍ରୟ ଗ୍ରହଣ କରି କିଏ କେବେ ସଂସାରରେ ସୁଖୀ ହୋଇଥିଲେ ଏକଥା ଶାସ୍ତ୍ର ଖୋଲି ଦେଖାଇପାରିବ କି ? ବରଂ ଧାର୍ମିକମାନେ ହିଁ ପଦେ ପଦେ ଦୁଃଖ-କଷ୍ଟରେ ପିଷ୍ଟ ହୋଇଛନ୍ତି । ସ୍ୱୟଂ ଶ୍ରୀକୃଷ୍ଣଙ୍କ ଆଶ୍ରୟରେ ରହି ପାଣ୍ଡବମାନେ ଓ ଦ୍ରୌପଦୀ କିପରି ବିଡ଼ମ୍ବନା ଭୋଗ କରିଥିଲେ, ତାହା ତ ଜାଣ ! ମୁଁ ତୁମମାନଙ୍କର ଜନ୍ମଜନ୍ମାନ୍ତରର ସଞ୍ଚିତ କର୍ମରାଶିମଧ୍ୟରୁ ତୁମମାନଙ୍କୁ କିପରି ତ୍ୟାଗର ପବିତ୍ର ପଥରେ ଉନ୍ନୀତ କରିବି, ଏକଥା ଭାବି ଆକୁଳ ହୋଇଯାଉଛି । ଯାହା ହେଉ, ତୁମେମାନେ ଯେଉଁ ପଥରେ ଚଳିଲେ ମଧ୍ୟ ମୁଁ ସର୍ବଦା ତୁମମାନଙ୍କର ମଙ୍ଗଳକାମନା ହିଁ କରୁଥିବି ଓ ଜଗନ୍ମାତାଙ୍କ ନିକଟରେ ତୁମମାନଙ୍କ ପାଇଁ କାନ୍ଦୁଥିବି ।

ଶିଷ୍ୟଭକ୍ତଙ୍କ ଅପେକ୍ଷା ମୋର ଆଉ ପ୍ରିୟ କେହି ନାହିଁ । ସେମାନଙ୍କର ସୁଖଶାନ୍ତି ବିଧାନ କରିବାରେ ମୋ ଜୀବନ ଉତ୍ସର୍ଗୀକୃତ । ଅନ୍ତରଙ୍ଗ ଭକ୍ତ ମାତ୍ରେ ହିଁ ମୋର ନିଜସ୍ୱ । ତେଣୁ ଜନସାଧାରଣଙ୍କ କାର୍ଯ୍ୟ କରିବାକୁ ଯିବାବେଳେ ଅନେକ ସମୟରେ ଏହି ଅନ୍ତରଙ୍ଗ ଭକ୍ତମାନଙ୍କୁ ମଧ୍ୟ ଅଗ୍ରାହ୍ୟ କରିବାକୁ ପଡ଼େ; କାରଣ, ଯେଉଁମାନଙ୍କ ସହିତ ଅନ୍ତରର ଯୋଗ ହୋଇଛି ସେମାନଙ୍କ ଅପେକ୍ଷା ବହିରଙ୍ଗ ଲୋକମାନଙ୍କ ସହିତ ବାହାର କାର୍ଯ୍ୟରେ ଅଧିକ ସହଯୋଗ କରିବାକୁ ପଡ଼େ । ଆଶା

କରୁଛି, ତୁମମାନଙ୍କ ହୃଦୟରେ ଏ ଆଦର୍ଶ ପ୍ରତିଫଳିତ ହେଉ । ତୁମେମାନେ ମଧ୍ୟ ନିଜ ଅପେକ୍ଷା ଅପର ପାଇଁ ଅଧିକ ବ୍ୟସ୍ତ ହେବାକୁ ଶିକ୍ଷା କର । ପରର କାର୍ଯ୍ୟ କରିସାରି ଶେଷରେ ନିଜର କାର୍ଯ୍ୟ କର । ମୋ ନିଜ ଲୋକଙ୍କ ବ୍ୟତୀତ ଆଉ କିଏ ବା ଆପଣା ସ୍ୱାର୍ଥ ନଷ୍ଟ କରି ମୋର ଏହି କାର୍ଯ୍ୟରେ ସହାୟକ ହେବ ?

ଗୁରୁ ଦକ୍ଷିଣା ବା ଉତ୍ସର୍ଗ ମନ୍ତ୍ର

'ଗୁରୁଦକ୍ଷିଣା' ଦେଇ ନାହଁ ବୋଲି ତୁମକୁ ଯେଉଁମାନେ ଅନ୍ୟାୟ କରିଛ ବୋଲି କହୁଛନ୍ତି, ସେମାନେ ସାଧାରଣ ସଂସ୍କାରର ବଶବର୍ତ୍ତୀ ହୋଇ ଏପରି କହୁଛନ୍ତି ସିନା ! ତା ନ ହେଲେ ଜଗତରେ ଏପରି କୌଣସି ବସ୍ତୁ ଅଛି ଯେ, ଯାହାଦ୍ୱାରା ଶ୍ରୀଗୁରୁଦେବଙ୍କୁ ଦକ୍ଷିଣା ଦିଆଯାଇପାରିବ ? ସାରା ପୃଥିବୀଟାକୁ ଦାନ କଲେ ମଧ୍ୟ ଗୁରୁଦେବଙ୍କର ଋଣ ଶୋଧ ହୋଇପାରେ ନାହିଁ । ତେବେ ଗୁରୁଦେବଙ୍କର ସେବାନିମିତ୍ତ ସମାଜରେ ଲୋକଙ୍କର ବାହ୍ୟଦକ୍ଷିଣା ଦେବାର ବିଧି ପ୍ରଚଳିତଅଛି । ଅନ୍ୟଥା ପ୍ରକୃତ ଦକ୍ଷିଣା ଶିଷ୍ୟର ନିଜ ଦେହ-ମନ-ପ୍ରାଣ । ଶ୍ରୀଗୁରୁଦେବଙ୍କ ଚରଣରେ ନିଜର ଦେହ-ମନ-ପ୍ରାଣ ଉତ୍ସର୍ଗ କରିପାରିଲେ ପ୍ରକୃତ ଦକ୍ଷିଣା ଦେବାର ହେଲା । ଗୁରୁଦେବ ମଧ୍ୟ ଶିଷ୍ୟର ମନପ୍ରାଣ ପ୍ରାର୍ଥନା କରିଥାନ୍ତି । ଅତଏବ ବତ୍ସ ! ଅକପଟ ସରଳଭାବରେ ଦେହ-ମନ-ପ୍ରାଣ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ସମର୍ପଣ କରିଦିଅ । ତା'ହେଲେ ହିଁ ପ୍ରକୃତ ଗୁରୁଦକ୍ଷିଣା ଦେବାର ହେଲା । ପ୍ରକୃତ ଦକ୍ଷିଣା ଦେଇପାରିଲେ ଅଚିରେ ତାହାର ଫଳ ମଧ୍ୟ ପ୍ରାପ୍ତ ହେବ । ନିର୍ଲିପ୍ତ ଭାବରେ ଶ୍ରୀଗୁରୁଦେବଙ୍କର ସେବକ ହୋଇ ତାଙ୍କରି ସଂସାରରେ କାର୍ଯ୍ୟ କରିଯାଅ । ତାହା ହେଲେ ସଂସାରର କର୍ମସମୂହର ଫଳାଫଳ ତୁମକୁ ସ୍ପର୍ଶ କରିପାରିବ ନାହିଁ ।

ଶକ୍ତିର ବିକାଶ

ବତ୍ସ ! ମୋ ସମ୍ମୁଖରେ ସ୍ନିଗ୍ଧ ଆଲୋକ ବିକଶିତ । ସେ ଆଲୋକରେ ସୁପ୍ରଶସ୍ତ ଅନେକ ପଥ ଦେଖାଯାଉଛି । ମୁଁ ପ୍ରାଣେ ପ୍ରାଣେ ବୁଝୁଛି ଯେ ମୋର ଯେଉଁମାନେ ଅଛନ୍ତି, ସେମାନଙ୍କ ସମ୍ମୁଖରେ କେତେ କାର୍ଯ୍ୟ । ପୃଥିବୀବ୍ୟାପୀ ରଜୋଗୁଣର ଧ୍ୱଂସପରେ ସତ୍ତ୍ୱ ଗୁଣର ଅଭ୍ୟୁଦୟ ଅବଶ୍ୟମ୍ଭାବୀ । ମହାଯୁଦ୍ଧପରେ ଧର୍ମରାଜ୍ୟ ସ୍ଥାପନ ପ୍ରକୃତିର ଅବଶ୍ୟମ୍ଭାବୀ ଫଳ । ସୁତରାଂ ହିନ୍ଦୁ ଗୁରୁଙ୍କର କାର୍ଯ୍ୟ ମଧ୍ୟ ପୃଥିବୀବ୍ୟାପୀ । ଆଜକୁ କେତେ ବର୍ଷ ହେବ ବହୁ ଶିଷ୍ୟଙ୍କଠାରେ ଗୁରୁଶକ୍ତି

ବିକାଶର ଆୟୋଜନ ଚାଲିଛି । ତେଣୁ ମୁଁ ବ୍ୟଷ୍ଟି ଶିଷ୍ୟଶକ୍ତିକୁ ଉପେକ୍ଷା କରି ସମଷ୍ଟି ଶିଷ୍ୟଶକ୍ତିର ବିକାଶରେ ଆତ୍ମନିୟୋଗ କରି କୃତକାର୍ଯ୍ୟ ହୋଇସାରିଛି । ବାହାରେ ବର୍ତ୍ତମାନ ସେ ଶକ୍ତିର ବିକାଶ ହୋଇ ନ ଥିଲେ ମଧ୍ୟ ମୁଁ ତାହା ପ୍ରାଣେ ପ୍ରାଣେ ଉପଲବ୍ଧି କରିଛି ।

ଭାରତର ବ୍ରାହ୍ମଣ ସନ୍ନ୍ୟାସୀଙ୍କ ବ୍ୟତୀତ ଅନ୍ୟ କିଏ ବା ଏହି ସାତ୍ତ୍ୱିକ ଗୁଣର ଆହାର ଯୋଗାଇ ସମାଜକୁ ପୁଷ୍ଟ କରିପାରିବ ? ଏହି ଉପସ୍ଥିତ ସାମ୍ୟ ଓ ଉଦାର ଯୁଗରେ ବେଦାନ୍ତ ଧର୍ମ ବ୍ୟତୀତ ଆଉ କେଉଁ ଧର୍ମ ବା ସମସ୍ତଙ୍କୁ ସମାନଭାବରେ ତୃପ୍ତି ଦେବ ? ସେଥିପାଇଁ ବଙ୍ଗଳାରୁ ଦୂରରେ ଏହି ମଠ ସ୍ଥାପିତ ହୋଇଅଛି । ଯେପରି ବେଦାନ୍ତବିତ୍ ଗୁରୁଙ୍କ ବିକାଶ ହୋଇପାରିବ, ସେଥିପାଇଁ ଆଶ୍ରମ ମଠର ପ୍ରତିଷ୍ଠା । ଜଗଦ୍‌ଗୁରୁ ତାହାର ପରିଚାଳକ ।

ଆସନ, ବସନ, ଭୂଷଣ

ବତ୍ସ ! ତୁମକୁ ମୁଁ ଯାହା ଦେଇଛି, ଧନରତ୍ନାଦି କୌଣସି ପାର୍ଥିବ ପଦାର୍ଥଦ୍ୱାରା କଅଣ ତାହାର ଦକ୍ଷିଣା ଦିଆଯାଇପାରେ ? ପୃଥିବୀରେ ଏପରି କୌଣସି ପଦାର୍ଥ ନାହିଁ, ଯାହାଦ୍ୱାରା କି ଗୁରୁଦେବଙ୍କର ଦକ୍ଷିଣା ଦିଆଯାଇପାରିବ । ଶାସ୍ତ୍ରରେ ଅଛି, ଗୁରୁଙ୍କୁ ଆସନ ଦେବ, ବସନ ଦେବ, ଭୂଷଣ ଦେବ ଓ ବାହନ ଦେବ । ଏ କଥାର ତାତ୍ପର୍ଯ୍ୟ କଅଣ ଜାଣ କି ? (୧) ଆସନ ଅର୍ଥରେ କଅଣ ଖଟ, ପଲଙ୍କ, ଚୌକି କିମ୍ବା ଗାଲିଚା ପ୍ରଭୃତି ବିଛଣାପତ୍ର ? ନା, ତା ନୁହେଁ । ଆସନ ଅର୍ଥ ହୃଦୟ-ଆସନ । ଦୀକ୍ଷାଗ୍ରହଣ ପରଠାରୁ ସତତ ହୃଦୟପଦ୍ମରେ ଶ୍ରୀଗୁରୁଦେବଙ୍କୁ ଚିନ୍ତା କରିବ । ଏ ହୃଦୟ ଯେପରି ଅନ୍ୟଦ୍ୱାରା ଅଧିକୃତ ନ ହୁଏ ? (୨) ବସନ ଅର୍ଥରେ କଅଣ ଲୁଗାପଟା, ଶାଲ, ବନାତ, ଜାମା ଇତ୍ୟାଦି ? ନା, ତା ନୁହେଁ । ବସନ ଅର୍ଥ ଆଚ୍ଛାଦନ । ଶ୍ରୀଗୁରୁଦେବ ଇଷ୍ଟମନ୍ତ୍ରରୂପ ଯେଉଁ ଅମୂଲ୍ୟ ପଦାର୍ଥ ଦେଇଛନ୍ତି, ତାକୁ ଅମୂଲ୍ୟ ଧନରତ୍ନଭଳି ଅତି ସାବଧାନରେ ଓ ଗୋପନରେ ରଖିବ । ଯେପରି ଲୋକେ ମୂଲ୍ୟବାନ୍ ଧନରତ୍ନାଦି ଲୁହାସିନ୍ଦୁକ ଭିତରେ କିମ୍ବା ବାକ୍ସରେ ଯତ୍ନସହକାରେ ରଖନ୍ତି ଏବଂ ଯେପରି ତାହା ଅନ୍ୟ କୌଣସି ଲୋକ ଦେଖି ନ ପାରିବେ ସେହି ବ୍ୟବସ୍ଥା କରନ୍ତି, ସେହିପରି ଇଷ୍ଟମନ୍ତ୍ର କେବେହେଲେ କାହା ନିକଟରେ ପ୍ରକାଶ କରିବ ନାହିଁ । (୩) ଭୂଷଣ ଅର୍ଥରେ ଗୁରୁଙ୍କୁ ଚେନ୍, ହାର ବା କୌଣସି ଅଳଙ୍କାରାଦି ଦେବା ବୁଝାଏ ନାହିଁ । ଭୂଷଣର

ତାତ୍ପର୍ଯ୍ୟ ହେଲା ଯେ ବହୁ ମୂଲ୍ୟ ବସ୍ତ୍ରାଭରଣାଦି ପିନ୍ଧି ମନୁଷ୍ୟ ଅନ୍ତରରେ ଯେପରି ଗର୍ବ ଅନୁଭବ କରେ, ଶ୍ରୀଗୁରୁଦେବଙ୍କ ପ୍ରଦତ୍ତ ଇଷ୍ଟମନ୍ତ୍ର ଲାଭ କରି ମନୁଷ୍ୟର ସେହିଭଳି ଗର୍ବ ଅନୁଭବ କରିବା କର୍ତ୍ତବ୍ୟ; କାରଣ, ଏହି ଇଷ୍ଟମନ୍ତ୍ର ସର୍ବସିଦ୍ଧିପ୍ରଦାୟକ । ଇଷ୍ଟମନ୍ତ୍ରପ୍ରଭାବରେ ଯାହା ଲାଭ ହୋଇଥାଏ, ପାର୍ଥିବ କୌଣସି ଧନରତ୍ନାଦି ଦ୍ୱାରା ତାହା କେବେହେଲେ ମିଳେ ନାହିଁ । ଏଥିପାଇଁ ଇଷ୍ଟମନ୍ତ୍ରକୁ ଅମୂଲ୍ୟ ରତ୍ନ କୁହାଯାଇ-ଥାଏ । ଇଷ୍ଟମନ୍ତ୍ରଦ୍ୱାରା ଧର୍ମ, ଅର୍ଥ, କାମ ଓ ମୋକ୍ଷ— ଏହି ଚତୁର୍ବର୍ଗ ଲାଭ ହୋଇଥାଏ; ସୁତରାଂ ଇଷ୍ଟମନ୍ତ୍ରପରି ଅମୂଲ୍ୟ ରତ୍ନ ଯେ ଲାଭ କରନ୍ତି, ତାଙ୍କପରି ଭାଗ୍ୟବାନ ଆଉ କେହି ନାହାନ୍ତି— ଏକଥାକୁ ସର୍ବଦା ମନେ ରଖିବା ହେଲା ଭୂଷଣଦାନର ତାତ୍ପର୍ଯ୍ୟ । (୪) ବାହନ— ବାହନ ଅର୍ଥ ହାତୀ, ଘୋଡ଼ା, ପାଲିଙ୍କି ପ୍ରଭୃତି ଯାନକୁ ବୁଝାଏ ନାହିଁ । ବାହନର ଯେପରି ନିଜ ଇଚ୍ଛାରେ କୌଣସି କାର୍ଯ୍ୟ କରିବାର କ୍ଷମତା ନ ଥାଏ, ପ୍ରଭୁଙ୍କର ବ୍ୟବହାରନିମିତ୍ତ ତାର ପ୍ରୟୋଜନ, ପ୍ରଭୁଙ୍କ ଇଚ୍ଛାନୁସାରେ ସେ ବ୍ୟବହୃତ ହୋଇଥାଏ, ଏ ବିଷୟରେ ତାର କୌଣସି ଓଜର-ଆପତ୍ତି ଚଳେ ନାହିଁ, ଶିଷ୍ୟମାନଙ୍କର ମଧ୍ୟ ସେହିପରି ପ୍ରସ୍ତୁତ ହୋଇରହିବା ଦରକାର । ଆଦେଶ ପାଇବାମାତ୍ରେ ବିନା ବିଚାରରେ ଶ୍ରୀଗୁରୁଦେବଙ୍କ ଆଜ୍ଞା ପାଳନ କରିବା ଶିଷ୍ୟମାନଙ୍କର କର୍ତ୍ତବ୍ୟ । କାର୍ଯ୍ୟର ଶୁଭାଶୁଭ, ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ କିଛି ବିଚାର କରିବା ଉଚିତ ନୁହେଁ । ଶାସ୍ତ୍ରରେ ଅଛି, "ନିର୍ବିଚାର୍ଯ୍ୟା ଗୁରୋରାଜ୍ଞା"— ଏହା ହିଁ ବାହନଦାନର ତାତ୍ପର୍ଯ୍ୟ ।

ଜୀବନ ଅନନ୍ତ

ବତ୍ସ ! ଭଗବାନ୍ ଅନନ୍ତ, ତୁମେ ମଧ୍ୟ ଅନାଦି ଅନନ୍ତ । ଅନନ୍ତକାଳରୁ ସୃଷ୍ଟି-ସ୍ଥିତି-ଲୟ ଚାଲିଆସୁଛି । ସେଥି ସଙ୍ଗେ ସଙ୍ଗେ ତୁମେ ଓ ମୁଁ ମଧ୍ୟ ଅନନ୍ତକାଳଯାବତ୍ ଆସୁଥାଇ ଯାଉଥାଇ । ପୁଣି ସୃଷ୍ଟି ସଙ୍ଗରେ କେତେ ଯିବାଆସିବା, ତାହାର ସୀମା ବା ଶେଷ ନାହିଁ । ଇଷ୍ଟମନ୍ତ୍ର ଯେତେ ଜପ କରିବ, ତେତେ ନୂତନ ନୂତନ ଭାବର ଉଦୟ ହେବ । ସେତେବେଳେ ଯାହା ଉପଲବ୍ଧି ବା ପ୍ରତ୍ୟକ୍ଷ କରିବ, ମନେ କର ନାହିଁ ଯେ ତାହା ହିଁ ଶେଷ । ମନେ କରିବ, ଆହୁରି କେତେ କଅଣ ଅଛି; କାରଣ, ସେ ଅନନ୍ତ । ମୁଁ ଯଦି କହିବି ଯେ ଏହି ମନ୍ତ୍ର ଜପ କଲେ ଏତିକି ହେବ, ତାହାହେଲେ ତୁମର ସେତିକି ମାତ୍ର ଉପଲବ୍ଧି ହେବ; କାରଣ, ମୁଁ ସେ ସମ୍ବନ୍ଧରେ ଗୋଟିଏ ସୀମାରେଖା ଟାଣିଦେଲି । ମନ୍ତ୍ରଜପ ଫଳରେ ଯାହା କିଛି ଦେଖିବ ବା ଶୁଣିବ ସେଥିପ୍ରତି ଭ୍ରୂକ୍ଷେପ କରିବ ନାହିଁ । ମନେ ରଖିବ, ତାହା ହିଁ ଶେଷ ନୁହେଁ । ଆଧ୍ୟାତ୍ମିକ ଉନ୍ନତି ଶ୍ରୀଭଗବାନ୍ ତଥା

ଶ୍ରୀଗୁରୁଦେବଙ୍କ କୃପାସାପେକ୍ଷ; ସାଧନ-ଭଜନ ଉପଲକ୍ଷ୍ୟ ମାତ୍ର । ନିଃସ୍ୱାର୍ଥଭାବରେ ଶ୍ରୀଗୁରୁଦେବଙ୍କୁ ସୁଖ ପାଇପାରିଲେ ଓ ନିଷ୍କାମଭାବରେ ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟରେ କର୍ମ କରିପାରିଲେ ଗୁରୁଶକ୍ତି ଆହରିତ ହୋଇଥାଏ ।

ମୁଁ ଚାହେଁ, ତୁମେମାନେ ସମସ୍ତେ ବାଘ ହୁଅ, ଅପ୍ରତିହତ ବୀର୍ଯ୍ୟଶାଳୀ ହୁଅ । ମୁଁ ଚାହେ, ତୁମେମାନେ ମୋଠାରୁ ମଧ୍ୟ ବଡ଼ ହୋଇଉଠ । ସବୁ ପିତା, ସବୁ ଗୁରୁ, ପୁତ୍ରଠାରୁ, ଶିଷ୍ୟଠାରୁ ପରାଜୟର ଆକାଙ୍‌କ୍ଷା କରିଥାନ୍ତି । ସେଥିରେ ପିତାଙ୍କର ଏବଂ ଗୁରୁଙ୍କର ଗୌରବ ବଢ଼ିଥାଏ ମାତ୍ର । ମୁଁ ମଧ୍ୟ ସେହି କଥା ଚାହେଁ । ବାଘର ସନ୍ତାନ ବାଘ ହୋଇଉଠ । ଜଣେ ନିଗମାନନ୍ଦ ସ୍ଥଳରେ ଶତ ଶତ ନିଗମାନନ୍ଦ ହୋଇଯାଅ ।

ମୁଁ ମୋର କୌଣସି ଶିଷ୍ୟକୁ କୌଣସି ସାଧୁ ମହାତ୍ମା ବା ମହାପୁରୁଷଙ୍କ ନିକଟକୁ ଯିବାକୁ ନିଷେଧ କରି ନାହିଁ । ତେବେ ବହୁ ମତ ଓ ବହୁ ପଥ । ସୁତରାଂ, ନିଜ ଗୁରୁଙ୍କର ମତ ବା ପଥ ପରିତ୍ୟାଗକରି ହଠାତ୍ ଅନ୍ୟର ମତ ବା ପଥ ଗ୍ରହଣ ମଙ୍ଗଳ-ଜନକ ନୁହେଁ । ଶାସ୍ତ୍ରରେ ମଧ୍ୟ ଏହିପରି ଆଦେଶ ଅଛି । କିନ୍ତୁ ମୋର କୌଣସି ଶିଷ୍ୟ ବା ଭକ୍ତ ଯଦି ଅନ୍ୟ କାହାକୁ ମୋ ଅପେକ୍ଷା ବଡ଼ ବା କ୍ଷମତାଶାଳୀ ମନେ କରି ନିଜର ମଙ୍ଗଳନିମିତ୍ତ ତାଙ୍କର ମତ ବା ପଥ ଗ୍ରହଣ କରେ, ସେଥିରେ ମୁଁ ବିନ୍ଦୁମାତ୍ର ଦୁଃଖିତ ହେବି ନାହିଁ । ମୋର ଯାହା ନାହିଁ କେହି ଯଦି ଅନ୍ୟଠାରୁ ତାହା ପାଇ ମୋତେ ପରିତ୍ୟାଗ କରେ, ତେବେ ମୋର କ୍ଷୁଣ୍ଣ ହେବାର କିଛି ମାତ୍ର କାରଣ ନାହିଁ । କିନ୍ତୁ ମୁଁ ଯେଉଁମାନଙ୍କୁ ସୁଖ ପାଏ, ସେମାନେ ଉନ୍ମାର୍ଗଗାମୀ ହୋଇ ସ୍ୱେଚ୍ଛାରେ ଅମଙ୍ଗଳ ଡାକିଆଣିଲେ ତାହା ଯେ ମୋର ଦୁଃଖର କାରଣ ହେବ, ଏଥିରେ ଟିକିଏ ହେଲେ ସନ୍ଦେହ ନାହିଁ ।

ଆମମାନଙ୍କର ପରସ୍ପର ଜୀବନ ସହିତ ପରସ୍ପର ଯୋଗାଯୋଗ ଅଛି । ତେଣୁ ଆତ୍ମମୁକ୍ତି ଲାଭ ହେଲେ ମଧ୍ୟ ସାଧନାର ଶେଷ ନାହିଁ । ଜ୍ଞାନଲାଭ ପରେ ମଧ୍ୟ ପ୍ରାରବ୍ଧ ଭୋଗ କରିବାକୁ ପଡ଼େ । ମୁକ୍ତପୁରୁଷମାନେ ନୀରବରେ ତାହା ସହ୍ୟ କରିଥାନ୍ତି । ତେଣୁ ମୋର କର୍ମ ଶେଷ ହେଲେ ମଧ୍ୟ ଅପରର କର୍ମ ସହିତ ମୋର ଯୋଗ ଅଛି, ଏଥିପାଇଁ ଅନ୍ୟମାନଙ୍କପାଇଁ ମୋତେ ପରିଶ୍ରମ କରିବାକୁ ପଡୁଛି ।

ମୁଁ ପ୍ରଥମେ କାହାକୁ ଦୀକ୍ଷା ଦାନ କରେ ନାହିଁ । ଦୀକ୍ଷା ଦେବା ହିଁ ଶ୍ରୀଗୁରୁଦେବଙ୍କର ସର୍ବଶ୍ରେଷ୍ଠ କାର୍ଯ୍ୟ । ଏହାପୂର୍ବରୁ ଆଧାର ବା କ୍ଷେତ୍ରପ୍ରସ୍ତୁତ ହେବା ଏକାନ୍ତ ଆବଶ୍ୟକ । ଉପଯୁକ୍ତ କ୍ଷେତ୍ରରେ ଦୀକ୍ଷାର ବୀଜ ପତିତହେଲେ ଅତି ଅଳ୍ପ ସମୟରେ ସୁଫଳ ଲାଭ ହୁଏ । ଅନୁପଯୁକ୍ତ କ୍ଷେତ୍ରରେ ବୀଜ ପତିତ ହେଲେ ସେଥିରୁ

ଅଙ୍କୁରୋଦ୍‌ଗମ ହେବାକୁ ବହୁ କାଳବିଳମ୍ବ ଘଟେ । ତେଣୁ ତୁମେମାନେ ବିଶ୍ୱାସ କରି ଧର୍ମପଥରେ ଅଗ୍ରସର ହୋଇ ବ୍ୟାବହାରିକ ବିଦ୍ୟାଭ୍ୟାସ କରିବା ସଙ୍ଗେ ସଙ୍ଗେ ଦେହ-ମନ-ଚିତ୍ତକୁ ବିଶୁଦ୍ଧ, ପବିତ୍ର, ବଳିଷ୍ଠ କରିବା ନିମିତ୍ତ ନୈତିକ ଉପଦେଶଗୁଡ଼ିକ ପ୍ରତିପାଳନ କର । ଛାତ୍ରଜୀବନରେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କର । ଏହା ହିଁ ଚରିତ୍ରଗଠନର ମୁଖ୍ୟ ସାଧନା । ମୁଁ ଅନେକଙ୍କୁ ଦୀକ୍ଷା ଦେଇ ଲକ୍ଷ୍ୟ କରିଛି, ସେଥିରେ କିଛି ସୁଫଳ ଲାଭ ହୋଇନାହିଁ । ଏହାର କାରଣ, ସେମାନଙ୍କର କ୍ଷେତ୍ର ପ୍ରସ୍ତୁତ ନଥିଲା । ତେଣୁ ମୁଁ ପ୍ରଥମେ ଦୀକ୍ଷା ଦେବାକୁ ଇଚ୍ଛୁକ ନୁହେଁ । ପ୍ରଥମେ ପ୍ରାଥମିକ ନୀତି-ନିୟମ ଓ ଆଚାରଗୁଡ଼ିକ ପ୍ରତିପାଳନ କରି କ୍ଷେତ୍ର ପ୍ରସ୍ତୁତ କର । ଚିତ୍ତ ସ୍ଥିର ହେଲା ମାତ୍ରେ ଉପଯୁକ୍ତ ସମୟରେ ମୋର ଯାହା ଦେବାର କଥା, ତାହା ମୁଁ ନିଶ୍ଚୟ ଦେବି । ମୋ କଥାରେ ବିଶ୍ୱାସ ଥିଲେ; ମୁଁ ଯାହା କହିଲି, ତଦନୁଯାୟୀ ଚଳ ।

ବ୍ୟଷ୍ଟି ଓ ସମଷ୍ଟି ଦୃଷ୍ଟି

ଗୁରୁ-ଶିଷ୍ୟସମ୍ବନ୍ଧ ନିକଟରୁ ନିକଟତମ ସମ୍ପର୍କ । ପ୍ରକୃତ ଗୁରୁ-ଶିଷ୍ୟ ଏକ ଆତ୍ମା, କାୟା ଭିନ୍ନ ମାତ୍ର । ପୁଣି ଉଚ୍ଚସ୍ତରକୁ ଉଠିଲେ ଗୁରୁ ହିଁ କାୟା, ଶିଷ୍ୟ ଛାୟା ମାତ୍ର । ଏହିପରିଭାବରେ ଦିନେ ଉଚ୍ଚତମ ସ୍ତରକୁ ଉଠିଲେ ଛାୟା କାୟାରେ ମିଳାଇ ଯିବ ।

ଦେଖ, ସଦ୍‌ଗୁରୁ ଶିଷ୍ୟଙ୍କୁ ଦୁଇ ଭାବରେ ଚିହ୍ନନ୍ତି, ଦୁଇ ଭାବରେ ଦେଖନ୍ତି । ପ୍ରଥମେ ବ୍ୟଷ୍ଟିଭାବରେ, ଦ୍ୱିତୀୟରେ ଗୁରୁଭାବରେ । ମୁଁ ନିଗମାନନ୍ଦ; ତୁମେ ମୋ ସମ୍ମୁଖରେ ବସିଛ, ମୁଁ ତୁମକୁ ଦେଖୁଛି, ଚିହ୍ନୁଛି— ଏହି ଭାବକୁ ବ୍ୟଷ୍ଟିଭାବ କୁହାଯାଏ । ଏହିଭାବରେ ମୁଁ ମୋର କୌଣସି ଶିଷ୍ୟର ଆକୃତି ଭୁଲିଯାଇପାରେ, କିନ୍ତୁ ଗୁରୁଭାବରେ ମୁଁ ମୋର ପ୍ରତ୍ୟେକ ଶିଷ୍ୟ-ଭକ୍ତଙ୍କୁ ଚିହ୍ନେ, ପ୍ରତ୍ୟେକଙ୍କୁ ଜାଣେ, ପ୍ରତ୍ୟେକଙ୍କ ସହିତ ମୋର ସଂଯୋଗ ଅଛି ।

ତୁମେମାନେ ମୋର ନିତ୍ୟ ସହଚର । ମୋ କର୍ମସାଧନ ନିମିତ୍ତ ତୁମମାନଙ୍କ ଜନ୍ମଗ୍ରହଣ ଓ ଜୀବନଧାରଣ । ଜନ୍ମ ଜନ୍ମ ଧରି ତୁମେମାନେ ମୋ ସାଙ୍ଗରେ ଏହି ଭାବରେ ଘୂରିବୁଲୁଛ । ମୋର ଏହି ମହାବାକ୍ୟକୁ ଭୁଲିଯାଅ ନାହିଁ । ସ୍ୱରୂପରେ ତୁମେମାନେ ଜୀବନ୍ମୁକ୍ତ । ମୋ ପ୍ରୟୋଜନରେ ତୁମମାନଙ୍କର ଜନ୍ମ ଗ୍ରହଣ— ଜୀବନଧାରଣ । ତୁମମାନଙ୍କର ଜୀବନର ଅନ୍ୟ କୌଣସି ଲକ୍ଷ୍ୟ ନାହିଁ, ଅନ୍ୟ କୌଣସି

କାମନା ନାହିଁ, ସ୍ୱତନ୍ତ୍ର ଇଚ୍ଛା ମଧ୍ୟ ନାହିଁ । ମୋତେ କେନ୍ଦ୍ର କରି ତୁମମାନଙ୍କର ଯାବତୀୟ ଭାବ ଏବଂ କର୍ମର ବିକାଶ । ମୋ ନିମିତ୍ତ ତୁମର ସବୁ— ମୁଁ ତୁମମାନଙ୍କର ସର୍ବସ୍ୱ ।

ସତ୍ୟଲାଭର ପଥ

ବତ୍ସ ! ଘୋର କଳିଯୁଗ ଶେଷ ହୋଇ ଆସୁଛି । କଳିର ନିର୍ମମ ତାଡ଼ନାରେ ସବୁ ଧ୍ୱଂସମୁଖୀ ଓ ନିମ୍ନଗାମୀ ହେବାକୁ ବସିଲାଣି । ପାପ-ପ୍ରବଣତା ସ୍ୱଭାବରେ ପରିଣତ ହେଲାଣି । ପ୍ରାଣ କଣ୍ଠାଗ୍ରତ, ଆୟୁ କ୍ଷଣକାଳର, ପାରିପାର୍ଶ୍ୱିକ ବାତାବରଣ କଳୁଷିତ । ଲୋକମାନଙ୍କର ମନ ଚଞ୍ଚଳ ଥିବାରୁ ସେମାନେ ଯମନିୟମାଦି ପାଳନରେ ଅକ୍ଷମ ହେଲେଣି । ଥରେ ଅତୀତ ଯୁଗଆଡ଼କୁ ଦୃଷ୍ଟି ପକାଅ; ଦେଖିବ, ମୁନି-ଋଷିମାନେ ଅନାହାର, ଅନିଦ୍ରାରେ ଶତଶତ ବର୍ଷବ୍ୟାପୀ ତପସ୍ୟା କରିବାବେଳେ ସେମାନଙ୍କ ଦେହରେ ଉଇହୁଙ୍କା ହୋଇଯାଉଥିଲା । ଆଧ୍ୟାତ୍ମ୍ୟ ବିଦ୍ୟାର ଉଚ୍ଚ ଶିଖରକୁ ଉଠିଥିଲେ ମଧ୍ୟ ସର୍ବଦା ଦୀନାତିଦିନ ଭାବରେ ସେମାନେ କାଳଯାପନ କରୁଥିଲେ । ସାଧୁ ଓ ଗୃହସ୍ଥମାନେ ହରିହରଙ୍କ ପରି ସମପ୍ରାଣ ଥିଲେ । ଋଷି-ଆଶ୍ରମ ଓ ଗୃହସ୍ଥ ଆଶ୍ରମଭିତରେ କିଛି ବ୍ୟବଧାନ ନ ଥିଲା । ଏହିପରି ସୁବର୍ଣ୍ଣଯୁଗରେ ସାଧନାର ଶେଷ ସୀମାକୁ ଯାଇ ମଧ୍ୟ କେହି ସତ୍ୟ ଲାଭ କଲେ, କେହି ବା ପାରିଲେ ନାହିଁ । ଏସବୁ ସ୍ମରଣ କଲେ ବର୍ତ୍ତମାନ ଯୁଗରେ କୌଣସି ମନ୍ତ୍ରଦ୍ରଷ୍ଟା ଋଷି କଳିକାଳରେ ତପସ୍ୟାକୁ ସତ୍ୟଲାଭର ଏକମାତ୍ର ପଥ ବୋଲି କହିପାରିବେ କି ?

ଶିଷ୍ୟମାନଙ୍କର କଲ୍ୟାଣ ମୋ ଜୀବନର ଏକମାତ୍ର ବ୍ରତ । ଯଦି ତପସ୍ୟା କରି ସେମାନେ ସତ୍ୟ ଲାଭ କରିବେ ବୋଲି ମୁଁ ବୁଝୁଥାନ୍ତି, ତେବେ ସେମାନେ ତପସ୍ୟା କରିବାପାଇଁ ଉପଦେଶ ଦେବାକୁ ମୁଁ ଟିକିଏ ହେଲେ ପଶ୍ଚାଦ୍‌ପଦ ହୁଅନ୍ତି ନାହିଁ ।

ବତ୍ସ ! ମୁଁ ତୁମମାନଙ୍କର ଜନ୍ମ, କର୍ମ, ଗୁଣ ପ୍ରତି ଦୃଷ୍ଟି ରଖି ଧ୍ୟାନନେତ୍ରରେ ଦିବ୍ୟଦୃଷ୍ଟିବଳରେ ଦେଖିଛି ଯେ ଯାଗଯୋଗାଦି କଠୋର ସାଧନା କଳିକାଳରେ ତୁମଦ୍ୱାରା ସମ୍ଭବ ହେବ ନାହିଁ । ଯେତେଦିନଯାଏ ଚିତ୍ତଶୁଦ୍ଧ ନ ହୋଇଛି, ସେତେଦିନପର୍ଯ୍ୟନ୍ତ ସହସ୍ର ଯତ୍ନ କଲେ ମଧ୍ୟ ସବୁ ପଣ୍ଡ ହୋଇଯିବ । ଅବଶ୍ୟ ନିୟମ ପାଳନରେ ଚିତ୍ତଶୁଦ୍ଧି ହୁଏ ସତ; ମାତ୍ର କଳି କାଳରେ ତାହା ଅସମ୍ଭବ । ତେଣୁ କହୁଛି, ବତ୍ସ ! ତୁମେମାନେ ଜ୍ଞାନଯୋଗ ସାଧନ କରିବାର ଇଚ୍ଛା ପରିତ୍ୟାଗ କର । ଯେଉଁଥିରେ ଚିତ୍ତ ନିର୍ମଳ ହେବ, ସେହି ସହଜ ସାଧନ ପନ୍ଥାରେ ଚାଲ । ଚିତ୍ତ ସ୍ଥିର ହେଲେ, ନିର୍ମଳ

ହେଲେ ପ୍ରଳୟପରେ ପ୍ରକୃତି ଶାନ୍ତ ହେଲା ପରି ଚିତ୍ତ ସ୍ତବ୍ଧ ହୋଇଯାଏ; ବିବେକ-ବୈରାଗ୍ୟ ଆପଣା ମନକୁ ଜାଗିଉଠେ । ଚକ୍ଷୁପଲକରେ ଯୁଗଯୁଗାନ୍ତରର ସାଧନାର ଫଳ ଲାଭ ହୁଏ । କେବଳ ଗୁରୁବାକ୍ୟପ୍ରତି ବିଶ୍ୱାସ ଥିଲେ ସେହି ସହଜ- ସରଳ ଉପଦେଶରେ ଚିତ୍ତଶୁଦ୍ଧି ସମ୍ପାଦିତ ହୁଏ ।

ସେବା ମହାଯଜ୍ଞ

ବତ୍ସ ! ମୁଁ ଆଜିପର୍ଯ୍ୟନ୍ତ ଯେଉଁ ରତ୍ନ ଲୁଚାଇରଖିଥିଲି, ଆଜି ତାହା ତୁମ ଆଗରେ ପ୍ରକାଶ କରୁଛି ଶୁଣ । ଜଗଦ୍‌ଗୁରୁଙ୍କର ମହାବାକ୍ୟ କର୍ଣ୍ଣରେ ଶୁଣିବାଦିନୁ ମୁଁ ଜଗତ୍‌ହିତକର ମହାଯଜ୍ଞର ବ୍ରତ ବରଣ କରିନେଇଛି । ମୁଁ ସମ୍ମୁଖରେ ସତ୍ୟଯୁଗର ଆଲୋକ ଦେଖିପାରୁଛି । ସେହି ଆଲୋକ ପ୍ରଭାବରେ ହିଂସା, ଦ୍ୱେଷ, ସ୍ଥୂଳ କ୍ଷୁଧା ସବୁ ଉଭେଇଯିବ ।

ଆର୍ତ୍ତ ନରନାରୀଗଣ ଆର୍ତ୍ତନାଦରେ 'ଶାନ୍ତି ଶାନ୍ତି' ବୋଲି ରଡ଼ି ଛାଡ଼ିବେ । ଛିନ୍ନକଣ୍ଠ କପୋତୀ ପରି ଲୋକମାନେ ଅଶାନ୍ତି-ଅନଳରେ ଜଳି ପୋଡ଼ି ଯିବେ । ସେମାନଙ୍କ କଣ୍ଠ ଶୁଷ୍କ ହୋଇଯିବ ଏବଂ ଟିକିଏ ଜଳ ଆଶାରେ ସେମାନେ ମରୀଚିକା ଆଡ଼କୁ ପ୍ରଧାବିତ ହେବେ । ବତ୍ସ ! ସେତେବେଳେ ସେମାନଙ୍କୁ କିଏ ମୁନ୍ଦିଏ ଜଳ ଦେବ ? କିଏ ସେମାନଙ୍କର ପ୍ରାଣ ବଞ୍ଚାଇବ ? ସେହି ଭବିଷ୍ୟତକୁ ସ୍ମରଣ କରି ମନେ ମନେ ପ୍ରତିଜ୍ଞା କରିଛି, ତୁମମାନଙ୍କପରି ଶିଷ୍ୟମାନଙ୍କୁ ସେହିଦିନପାଇଁ ଆଦର୍ଶ ସେବକଭାବରେ ପ୍ରସ୍ତୁତ କରିବି ।

ମୋର ସାରସ୍ୱତସଂଘର ସମସ୍ତ ସନ୍ତାନ ଆର୍ତ୍ତଜୀବଙ୍କୁ ବ୍ରାହ୍ମଣ୍ୟଭାବରେ ସେବା କରିବେ ବୋଲି ମୁଁ କଳ୍ପନା କରିଛି । ସେମାନେ ନିଃସ୍ୱାର୍ଥଭାବରେ ଅହଂକାରଶୂନ୍ୟ ହୋଇ ଜଗତର କଲ୍ୟାଣ ସାଧନ କରି ସେବା ଗୌରବରେ ଧନ୍ୟ ହେବେ । ସ୍ଥୂଳସେବା ପ୍ରୟୋଜନ ହେଲେ, ତାହା କରିବାକୁ ମୁଁ ନିଷେଧ କରୁ ନାହିଁ; କିନ୍ତୁ ମନେରଖ, ଶଙ୍କରପ୍ରତିଷ୍ଠିତ ଶୃଙ୍ଗେରୀ ମଠରୁ ଶିକ୍ଷା-ଦୀକ୍ଷା ଯେଉଁମାନେ ପାଇଛନ୍ତି, ସ୍ଥୂଳସେବା ସେମାନଙ୍କ ପକ୍ଷରେ ଅତି ଗୌଣକର୍ମ । ମୂଳ ଲକ୍ଷ୍ୟର ସହାୟ ସ୍ୱରୂପରେ ସ୍ଥୂଳସେବା କରାଯାଇପାରେ ମାତ୍ର ।

ଭାରତର ବହୁ ପ୍ରତିଷ୍ଠାନ ଅଗ୍ରଜଙ୍କପରି ଜୀବମାନଙ୍କର ସ୍ଥୂଳକ୍ଷୁଧା ନିବାରଣ କରିବାପାଇଁ ପ୍ରାଣପଣ ଲାଗିପଡ଼ିଛନ୍ତି; କିନ୍ତୁ ତୁମମାନଙ୍କର ଏ ପ୍ରତିଷ୍ଠାନ ଯେପରି

ସେମାନଙ୍କର ଆଉ ଗୋଟିଏ ସଂସ୍କରଣ ନ ହୁଏ । ସେବାର କ୍ଷେତ୍ର ଗୋଟିଏ । ସେମାନେ ସେହି କ୍ଷେତ୍ରକୁ କର୍ଷଣ କରିଯାଉଛନ୍ତି; କିନ୍ତୁ ଆମେମାନେ ସେହି କ୍ଷେତ୍ରକୁ ଉର୍ବର କରିବା । ସ୍ଥୂଳ ସେବା ଯଦି ଶାନ୍ତ ଚିତ୍ତରେ ନିଃସ୍ୱାର୍ଥଭାବରେ କରାଯାଏ, ତାହା ଜ୍ଞାନ ଦାନରେ, ଜ୍ଞାନ ଅର୍ଜ୍ଜନରେ ପ୍ରତିକୂଳ ନୁହେଁ, ବରଂ ସହାୟକ । କିନ୍ତୁ ସାବଧାନ, କେବେହେଲେ ଉପାୟକୁ ଲକ୍ଷ୍ୟ ବୋଲି ଭାବି ସାଧନ-ଜୀବନ ପଣ୍ଡ କରିପକାଇବ ନାହିଁ । ଏହି ଭାବରେ ଜୀବସେବା ବ୍ୟତୀତ ଚିତ୍ତଶୁଦ୍ଧି କରିବାର ଆଉ ଦ୍ୱିତୀୟ ପନ୍ଥା ନାହିଁ । ଚିତ୍ତଶୁଦ୍ଧି ନ ହେଲେ ଗୁଣକ୍ଷୟ ହେବ ନାହିଁ । ଗୁଣକ୍ଷୟ ନ ହେଲେ ସାଧନଭଜନ କବିକଳ୍ପନାପରି ବୃଥା ହେବ । ବସ୍ ! ଆଜିଠାରୁ ସେହି ଅପୂର୍ବ ପନ୍ଥାରେ ଯୋଗ୍ୟତା ଲାଭ କରିବା ପାଇଁ ଆୟୋଜନ କର ।

ଅପୂର୍ବ ପନ୍ଥା

ଆଶ୍ରମ-ନୀତି ଅନୁସାରେ ଆହାର, ବିହାରରେ ଶୁଦ୍ଧାଚାର ଅବଲମ୍ବନ କରି ସାଧ୍ୟାନୁସାରେ ବେଦ-ବେଦାନ୍ତାଦି ଶାସ୍ତ୍ର ଅଧ୍ୟୟନ ଓ ଅଧ୍ୟାପନା କର । ଅହଂକାର ଆଡ଼ମ୍ବର ପରିତ୍ୟାଗ କରି ପ୍ରତିଷ୍ଠାକୁ ଶୂକରୀବିଷ୍ଠାସଦୃଶ ଦୂରକୁ ଫିଙ୍ଗି ଦେଇ ଶ୍ରୀଗୁରୁଦେବଙ୍କ ସଂସାରରେ ଭୃତ୍ୟପରି ନିଷ୍କାମବୃତ୍ତି ଅବଲମ୍ବନ କରି କର୍ମ କରିଯାଅ । ଆକାଶ ପ୍ରକମ୍ପିତ କରି ମହାଶକ୍ତିଧର 'ଜୟଗୁରୁ' ମହାମନ୍ତ୍ର କୀର୍ତ୍ତନ କର । ଯଦି ଗୁରୁଦେବଙ୍କ ବାକ୍ୟରେ ତୁମର ବିଶ୍ୱାସ ଥାଏ, ତେବେ ଏତିକିରେ ହାତେ ହାତେ ଫଳ ପାଇଯିବ । ଗୁରୁକୃପାବଳରେ ପ୍ରସ୍ଫୁଟିତ ପଦ୍ମପରି ତୁମମାନଙ୍କର ଋତମ୍ଭରା ପ୍ରଜ୍ଞାକେନ୍ଦ୍ର ଫୁଟିଉଠିବ । ସେହି ପ୍ରଜ୍ଞା ଫୁଟିଲେ ଅତି ସହଜରେ ସତ୍ୟ ଦର୍ଶନ ହେବ । ଯେଉଁଦିନ ତୁମେମାନେ ପ୍ରତ୍ୟେକ ନିଗମାନନ୍ଦଙ୍କର ଜଣେ ଜଣେ ପ୍ରତିନିଧିଭାବରେ ଜଗତରେ ଅଧିଷ୍ଠିତ ହେବ, ସେହିଦିନ ମୋର ବ୍ରତ ଉଦ୍‌ଯାପିତ ହେବ । ସେତେବେଳେ ହରିହରଙ୍କର ଅପୂର୍ବ ମିଳନ ହେବ ।

ବସ୍ ! ମୁଁ ଏହି ସିଦ୍ଧ-ପରୀକ୍ଷିତ ପଥରେ ତୁମମାନଙ୍କୁ ନେଇ ଯିବାକୁ ଇଚ୍ଛା କରୁଅଛି । ମୁଁ ମଧ୍ୟ ଏହି ପଥରେ ସତ୍ୟ ଲାଭ କରିଛି । ମୁଁ ଗୁରୁକୃପାବଳରେ ଅତି ସହଜରେ କୋଟି ଜନ୍ମର ସାଧନାକୁ ଚକ୍ଷୁପଲକରେ ଲାଭ କରିଅଛି । ଅକପଟ ଗୁରୁସେବା ପ୍ରଭାବରେ ମୁଁ ଯାହା ଲାଭ କରିଛି, ସେହି ସାଧନ ବିନା କଳିକାଳର ଦୁର୍ବଳ ମାନବଙ୍କ ନିମିତ୍ତ ଅନ୍ୟ କୌଣସି ସାଧନକୌଶଳ ମୋର ଅଜ୍ଞାତ ।

ବତ୍ସ ! ଆହୁରି ଗୋଟିଏ ଉପଦେଶ ସ୍ମରଣ ରଖିବ । ମୋ ବାକ୍ୟରେ ତୁମମାନଙ୍କର ଯଦି କେବେ ବିଶ୍ୱାସ ନ ହେବ, ତେବେ ଜୀବନରେ କେବେ ହେଲେ ଆତ୍ମପ୍ରବଞ୍ଚନା କରିବ ନାହିଁ । ଉତ୍ସାହ ଓ ପ୍ରେମରେ ଲାଗିରହିବ । ଯଦି ଅସମ୍ଭବ ହୁଏ, ତେବେ ହସ ହସ ବଦନରେ ସରଳ ପ୍ରାଣରେ ମୋ ନିକଟରେ ତାହା ପ୍ରକାଶ କରିବ । ଯଦି ମୋର ଶକ୍ତି ଥାଏ, ତେବେ ତୁମମାନଙ୍କୁ ମୋ ନିକଟରେ ରଖିବି୍ ନଚେତ୍ ନିଜର ଅସାମର୍ଥ୍ୟ ଜଣାଇ ଆଶୀର୍ବାଦ କରି ତୁମ ବାଞ୍ଛିତ ପଥରେ ସହାୟକ ହେବି । ତେବେ ଏକଥା ମନେ ରଖ ଯେ ମୁଁ ଯାହାକୁ ଥରେ ଶିଷ୍ୟ ବୋଲି, ପୁତ୍ର ବୋଲି ସ୍ନେହରେ ବରଣ କରିଛି, ସେ ସୁପଥକୁ ଯାଉ କିମ୍ବା କୁପଥକୁ ଯାଉ, ସୁପଥରେ ସାହାଯ୍ୟ କରିବାକୁ ଏବଂ ତାକୁ କୁପଥରୁ ଫେରାଇ ଆଣିବାକୁ ମୁଁ ସର୍ବଦା ତା ପଛେ ପଛେ ରହିଥିବି ।

ତୁମେମାନେ ମୋ କଥା ନମାନି ଯାହା ଇଚ୍ଛା କରିବାକୁ ଗଲେ ମଧ୍ୟ ପରୀକ୍ଷା କରି ଦେଖିବ, ତୁମର ଗୁରୁଶକ୍ତି ତୁମକୁ ଫେରାଇଆଣୁଛି କି ନାହିଁ । ମୁଁ ଯଦି କହିବି ଡାହାଣକୁ ଯାଅ, ତୁମେ ଇଚ୍ଛା କରି ବାମଦିଗକୁ ଗଲେ ମଧ୍ୟ ଦେଖିବ, ତୁମର ଗୁରୁଶକ୍ତି ତୁମକୁ ସତ୍‌ପଥକୁ ଫେରାଇଆଣିବ । ସେତେବେଳେ ଜାଣିବ, ସଦ୍‌ଗୁରୁଙ୍କ ଶିଷ୍ୟମାନେ ଭଗବାନଙ୍କ ରାଜ୍ୟଭିତରର ନୁହନ୍ତି । ସେମାନଙ୍କ ଜନ୍ମ, ମୃତ୍ୟୁ ପ୍ରଭୃତି ସମସ୍ତ ଭାର ସଦ୍‌ଗୁରୁଙ୍କ ଉପରେ ନ୍ୟସ୍ତ । କ୍ରମୋନ୍ନତି ପଥରେ ମୁକ୍ତି ଲାଭ କରିବାକୁ ଯାହାଙ୍କର ହଜାରେ ବର୍ଷ ଲାଗନ୍ତା, ସଦ୍‌ଗୁରୁ କୃପାପରବଶ ହେଲେ ଗୋଟିଏ ମାତ୍ର ଜନ୍ମରେ ତାଙ୍କର ମୁକ୍ତିର ବ୍ୟବସ୍ଥା କରିଦେଇପାରନ୍ତି । ତୁମେମାନେ ମୋର ଶିଷ୍ୟ, ପୁଣି ତୁମମାନଙ୍କ ମଧ୍ୟରେ ଅନେକ ଶ୍ରେଷ୍ଠ ଭକ୍ତ ମଧ୍ୟ ରହିଛନ୍ତି । ତୁମସମସ୍ତଙ୍କର ସମ୍ପୂର୍ଣ୍ଣ ଭାର ମୋ ଉପରେ ନ୍ୟସ୍ତ । ଯେଉଁମାନେ ମୋ ଉପରେ ନିର୍ଭର କରିଛନ୍ତି, ସେମାନଙ୍କ ହାତଧରି ମୁଁ ମୁକ୍ତିଧାମକୁ ନେଇଯିବି । ସଦ୍‌ଗୁରୁଙ୍କ ଶ୍ରେଣୀରେ ଯେଉଁମାନେ ଭର୍ତ୍ତି ହୋଇଛନ୍ତି, ସେମାନେ ସମସ୍ତେ ଉତ୍ତୀର୍ଣ୍ଣ ହେବେ— ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ । କେବଳ ବିଶ୍ୱାସ ଓ ନିର୍ଭରତା ଆବଶ୍ୟକ । ଏହା ବ୍ୟତୀତ ତୁମେମାନେ ଆଉ କି ସାଧନା କରିବ ? ତୁମମାନଙ୍କ ପାଇଁ ମୁଁ ଯେ ସବୁ ସାଧନା କରିସାରିଛି ।

ଭକ୍ତମାନଙ୍କ ପ୍ରତି

ଅଧିକାରୀ

ମୋର ଶିଷ୍ୟଭକ୍ତମାନଙ୍କୁ ମୁଁ ତିନିଶ୍ରେଣୀରେ ବିଭକ୍ତ କରିଛି— ଉତ୍ତମ, ମଧ୍ୟମ ଓ ଅଧମ । ଯେଉଁମାନେ ଗୁରୁକରଣ ପ୍ରୟୋଜନ ମନେକରି ସାଧନଭଜନର ତୀବ୍ର ଆକାଂକ୍ଷା ଧରି ମୋ ନିକଟରୁ ମନ୍ତ୍ର ନେଇ, ସାଧନ-ଭଜନ-ଶିକ୍ଷା ନେଇ ଚାଲିଯାଇଛନ୍ତି, ସେହିମାନେ ହିଁ ଉତ୍ତମ ଅଧିକାରୀ; କିନ୍ତୁ ମୁଁ କେବେହେଲେ ସେମାନଙ୍କର ଦେଖା ପାଇନାହିଁ, କୌଣସି କାର୍ଯ୍ୟରେ ସେମାନଙ୍କର ସାହାଯ୍ୟ ମଧ୍ୟ ପାଇ ନାହିଁ । ହୁଏତ ସେମାନେ ଆପଣା ଆପଣା ଭାବରେ ବିଭୋର ହୋଇ ଆତ୍ମଶକ୍ତିରେ ସିଦ୍ଧିଲାଭନିମିତ୍ତ ଯତ୍ନ କରୁଛନ୍ତି । ଏମାନଙ୍କୁ ଉତ୍ତମ ଅଧିକାରୀ କାହିଁକି କହୁଛି, ଜାଣ ? ଏମାନେ ସାଧନପଥରେ ଚଳିଲାବେଳେ କାହାରି ଅପେକ୍ଷା ରଖନ୍ତି ନାହିଁ, କାହା କୃପା ଉପରେ ନିର୍ଭର କରନ୍ତି ନାହିଁ, କାହାର ସ୍ନେହଦୃଷ୍ଟିର ପ୍ରୟୋଜନୀୟତା ମଧ୍ୟ ସ୍ୱୀକାର କରନ୍ତି ନାହିଁ । ତେଣୁ ଏମାନେ ଉତ୍ତମ, ଏହି କାରଣରୁ ଏମାନେ ଶ୍ରେଷ୍ଠ ।

ଯେଉଁମାନେ ମୋର ଦୈହିକ ସେବାରେ ବ୍ୟସ୍ତ, ମୋ ଆନନ୍ଦରେ ଆନନ୍ଦିତ ହୋଇ ଜୀବନର ପାତ୍ର ପୂର୍ଣ୍ଣ କରିବାକୁ ତତ୍ପର, ସେମାନେ ଠାକୁରଙ୍କ କାର୍ଯ୍ୟ ବୁଝନ୍ତି ନାହିଁ— ଠାକୁରଙ୍କ ଉଦ୍ଦେଶ୍ୟର ସୀମା ମାଡ଼ନ୍ତି ନାହିଁ, କେବଳ ଜାଣନ୍ତି ଠାକୁରଙ୍କୁ । ଠାକୁରଙ୍କ ସେବା-ପୂଜା କରି ସେମାନେ ତୃପ୍ତ । ଏହିମାନେ ହିଁ ମଧ୍ୟମ ଶ୍ରେଣୀର ଭକ୍ତ ।

ଯେଉଁମାନେ ସାଧନ-ଭଜନର ଅପେକ୍ଷା ନ କରି ନିଜର ଅକ୍ଷମତା ସ୍ମରଣ କରି ଏକାନ୍ତଭାବରେ ମୋର ଶରଣ ନେଇଛନ୍ତି, ମୋ ବାକ୍ୟକୁ ବେଦବାକ୍ୟ ପରି ପାଳନ କରୁଛନ୍ତି, ମୋ ଉଦ୍ଦେଶ୍ୟକୁ ସଫଳ କରିବାନିମିତ୍ତ ପ୍ରାଣପାତ କରୁଛନ୍ତି, ସେହିମାନେ ହିଁ ଅଧମ ଶ୍ରେଣୀର ଭକ୍ତ । ଏହି ଅଧମ ଶ୍ରେଣୀର ଭକ୍ତମାନେ ନିଜପାଇଁ କିଛି ଚାହାନ୍ତି ନାହିଁ । ନିଜେ ମଧ୍ୟ କିଛି ପାଇବାର ଦାବି ରଖନ୍ତି ନାହିଁ । ଏମାନେ ଠାକୁର କଅଣ ଚାହାନ୍ତି, ତାହାକୁ ସାର୍ଥକ କରି ଧନ୍ୟ । ସେଥିରେ ଆତ୍ମାହୁତି ଦେଇ ଏମାନେ ଶୂନ୍ୟ ହୋଇ ମଧ୍ୟ ପୂର୍ଣ୍ଣ । ଏହିପରି ଭାବରେ ଯେ ଯେତେଦୂର ରିକ୍ତ ହୋଇପାରିଛନ୍ତି, ନିଜକୁ ଦାନ କରିପାରିଛନ୍ତି, ସେହି ଅଧମ ଶ୍ରେଣୀର ଭକ୍ତଙ୍କ ହୃଦୟରେ ମୁଁ ଦୃଢ଼ଭାବରେ

ଆସନ ରଚନା କରିଛି । ମୋ ଦାନରେ ସେମାନଙ୍କର ସବୁ ଶୂନ୍ୟ ପୂର୍ଣ୍ଣ କରିଦେଇଛି । ଏମାନେ ଅଧମ ଶ୍ରେଣୀଭୁକ୍ତ କାହିଁକି, ଜାଣ ? ଏମାନେ ନିଜେ ଅଧମ ବୋଲି, ଅକ୍ଷମ ବୋଲି, ଦୀନାତିଦୀନ ବୋଲି ମନେ କରି କୃପାପ୍ରାର୍ଥୀ ହୋଇ କେବଳ ମୋ ପ୍ରସନ୍ନମୁଖ ଆଡ଼କୁ ଚାହିଁରହିଛନ୍ତି । ଗୋଟିଏ ଭାବରେ ଏମାନେ ନିଜକୁ ଦୀନାତିଦୀନ ବୋଲି ମନେ କରୁଛନ୍ତି, ଅପର ଦିଗରେ ଏମାନେ ଠାକୁରଙ୍କୁ ଅତି ଆପଣାର ଲୋକପରି ପାଇଛନ୍ତି ବୋଲି, ତାଙ୍କ ସ୍ନେହକରୁଣାର ଅଧିକାରୀ ହୋଇପାରିଛନ୍ତି ବୋଲି ଗୌରବାନ୍ୱିତ ।

ଆଜି ଯେଉଁମାନେ ପ୍ରାଣର ଆକର୍ଷଣରେ ଏଠାରେ ସମ୍ମିଳିତ ହୋଇଅଛ, ସେମାନେ ସମସ୍ତେ ଅଧମ ଶ୍ରେଣୀର । ସେମାନଙ୍କ ମଧ୍ୟରେ କେହି ଉତ୍ତମ ବା ମଧ୍ୟମ ଶ୍ରେଣୀର ନାହାନ୍ତି । ବତ୍ସ ! ଗୁଣ ଓ ଶକ୍ତି ବ୍ୟତୀତ ଜୀବ ନିକଟରେ ଯେପରି ଭଗବାନ୍ ନିରର୍ଥକ, ସେହିପରି ଭକ୍ତବ୍ୟତୀତ ଗୁରୁଙ୍କ ଗୁରୁତ୍ୱ ବିଫଳ । ବତ୍ସ, ତୁମେମାନେହିଁ ମୋର ସବୁ । ତୁମମାନଙ୍କୁ ଛାଡ଼ିଦେଇ ନିଜ କଥା ବିଚାରିଲେ ମୁଁ ଜଣେ ଅପଦାର୍ଥ, କୌପୀନମାତ୍ରେକ ସମ୍ବଳ ସନ୍ନ୍ୟାସୀ ଭିନ୍ନ ଆଉ କିଛି ନୁହେଁ । ସେପରି ଲୋକଦ୍ୱାରା କୌଣସି କାର୍ଯ୍ୟ ହୋଇପାରେ ନାହିଁ । ତେଣୁ ତୁମମାନଙ୍କଭିତରେ ମୁଁ ଆତ୍ମସମ୍ମିଶ୍ରଣ କରିଦେଇଛି । ଯେଉଁମାନଙ୍କୁ ମୁଁ ସୁଖ ପାଏ, ସେ ସମସ୍ତଙ୍କୁ ମୁଁ ଏହି ବାଟକୁ ଟାଣିଆଣୁଛି; କାରଣ, ଭଗବତ୍‌ସାରୂପ୍ୟ ଲାଭ କରିବାକୁ ହେଲେ ଭଗବାନ୍‌ଙ୍କର ଜଗତ୍‌ସେବାର ଆଦର୍ଶ ସାଧକଙ୍କର ଲକ୍ଷ୍ୟ ହେବା ଉଚିତ ।

ଭାବମୟ ମୂର୍ତ୍ତି

ବତ୍ସ ! ବାହାରେ ମୋର ଦର୍ଶନ ନ ପାଇଲେ ମଧ୍ୟ ତୁମମାନଙ୍କର ବିଶେଷ କିଛି କ୍ଷତି ହେବ ନାହିଁ । ବାହ୍ୟିକ ବିଷୟମାତ୍ରକେ ମାୟିକ । ମୋତେ ଅନ୍ତରମଧ୍ୟରେ ଦେଖିବାକୁ ଅଭ୍ୟାସ କର । ମୋ ବିଷୟ ଶୁଣିଶୁଣି ତୁମମାନଙ୍କ ମନରେ ମୋ ସମ୍ବନ୍ଧରେ ଗୋଟିଏ କଳ୍ପନାମୟ ଭାବ ଜାତ ହୋଇଛି । ଏହା ସ୍ୱାଭାବିକ । ବର୍ତ୍ତମାନ ସେହି ଭାବ ଦେଇ ଗୋଟିଏ ମୂର୍ତ୍ତିଗଠନ କରିନିଅ ଏବଂ ତାହାକୁ ହୃଦୟ-ସିଂହାସନରେ ବସାଇ ଚିନ୍ତାଦ୍ୱାରା ସେହି ମୂର୍ତ୍ତିକୁ ପ୍ରତ୍ୟକ୍ଷ କରିବାକୁ ଚେଷ୍ଟା କର । ଏହାକୁ ଧ୍ୟାନରେ ପ୍ରତ୍ୟକ୍ଷ କରିପାରିଲେ ସର୍ବାର୍ଥ ସିଦ୍ଧ ହେବ, ସବୁ ଅଭାବ ମେଣ୍ଟିଯିବ । ଏହି ମୂର୍ତ୍ତିକୁ ମନଦ୍ୱାରା ଆବେଗସହକାରେ ପୂଜାର୍ଚ୍ଚନା, ସେବା-ଶୁଶ୍ରୂଷା କର । ଏହା କଲେ କ୍ରମେ ଏହିଭାବରେ ହୃଦୟ ପୂର୍ଣ୍ଣ ହୋଇଯିବ । ବାହାର ଦେହଦ୍ୱାରା ବାହ୍ୟକାର୍ଯ୍ୟ କର, ଅନ୍ତରରେ ତାଙ୍କୁ ଧରି ରଖ ।

ମନେ କରିବ, ମୁଁ ନିତ୍ୟ ଲୋକର ନିତ୍ୟ ପୁରୁଷ ଆଉ ତୁମେମାନେ ମୋର ନିତ୍ୟସଙ୍ଗୀ ବା ପାର୍ଶ୍ୱଦ । ଜଗତ୍‌ର କାର୍ଯ୍ୟବ୍ୟପଦେଶରେ, ଲୀଳା ଛଳରେ ତୁମମାନଙ୍କୁ ମୁଁ ସଙ୍ଗରେ ଧରି ଗୋଟିଏ ଗୋଟିଏ ଆବରଣ ପିନ୍ଧାଇ ଏ ଜଗତ୍‌କୁ ନେଇଆସିଛି । ତୁମେମାନେ ମଧ୍ୟ ମୋ ପ୍ରଦତ୍ତ ସେହି ଆବରଣକୁ ସ୍ୱ-ଇଚ୍ଛାରେ ବରଣ କରିନେଇଛ । ମରିବାବେଳେ ତୁମମାନଙ୍କର ସବୁ ଆବରଣ ଖସିଯିବ, ସ୍ୱରୂପ-ଜ୍ଞାନ ଫୁଟି ଉଠିବ । ମୁଁ ତୁମମାନଙ୍କୁ ନିତ୍ୟଧାମରୁ ଏ ସଂସାରକୁ ଟାଣିଆଣିଛି, ପୁଣି ନିତ୍ୟଧାମକୁ ନେଇଯିବି ।

ମୁଁ ଚିନ୍ମୟ ପୁରୁଷ । ତୁମେମାନେ ମୋତେ ସ୍ଥୂଳଦେହୀ ବୋଲି ନ ଭାବି ଚିନ୍ମୟପୁରୁଷ ସଚ୍ଚିଦାନନ୍ଦ ଘନ ବିଗ୍ରହରୂପରେ ଭାବିବ । ମୁଁ ନିତ୍ୟଲୋକରେ ନିତ୍ୟପୁରୁଷ ଆଉ ତୁମେମାନେ ମୋର ନିତ୍ୟସଙ୍ଗୀ ବା ପାର୍ଶ୍ୱଦ— ଏହିଭାବରେ ବିଭୋର ରହିବ । ସ୍ଥୂଳ ତ ଦୁଇ ଦିନର, ସ୍ଥୂଳ ଅନିତ୍ୟ । ସର୍ବଦା ତୁମର ଚିନ୍ମୟ ସ୍ୱରୂପତ୍ୱ ଚିନ୍ତା କର । ତୁମେମାନେ ଜଗତ୍‌କୁ ଅଭିନୟ କରିବାକୁ ଆସିଛ, ଅଭିନୟ ଶେଷ ହେଲାକ୍ଷଣି ସ୍ୱଧାମକୁ ଚାଲିଯିବ ।

ଭକ୍ତିରେ ସିଦ୍ଧି

ସାଧନ-ଭଜନରେ ଶକ୍ତି ବୃଦ୍ଧି ହୁଏ ସତ; କିନ୍ତୁ ମୁକ୍ତି ଲାଭ କରିବାକୁ ଭକ୍ତି ଭିନ୍ନ ଅନ୍ୟ ଉପାୟ ନାହିଁ । ମୁଁ ବର୍ତ୍ତମାନ ନିଜେ ଭକ୍ତି ଭିନ୍ନ ଅନ୍ୟ ସାଧନାର କଥା ଭାବୁ ନାହିଁ । ମୁଁ କହୁଛି, ଏକମାତ୍ର ଭକ୍ତିଦ୍ୱାରା ସର୍ବାର୍ଥ ସିଦ୍ଧ ହୋଇପାରିବ । ତେବେ ଭଗବାନ୍ ବିଶେଷଭାବରେ ପରୀକ୍ଷା ନ କରି କାହାକୁ ହେଲେ ପ୍ରେମ-ଜଗତରେ ସ୍ଥାନ ଦିଅନ୍ତି ନାହିଁ । ତେଣୁ ପ୍ରେମର ଏତେ ଲାଞ୍ଛନା ଓ ଏତେ ବିଡ଼ମ୍ବନା । ସେତକ ଜୟ କରିପାରିଲେ ସମସ୍ତଙ୍କଠାରୁ ଉଚ୍ଚରେ ତାର ସ୍ଥାନ ।

ଭକ୍ତ-ଶିଷ୍ୟଙ୍କଠାରୁ ମୋର ଆଉ କେହି ପ୍ରିୟ ନାହାନ୍ତି । ସେମାନଙ୍କ ସୁଖଶାନ୍ତି ବିଧାନ କରିବାରେ ମୋ ଜୀବନ ଉତ୍ସର୍ଗୀକୃତ ।

ବସ୍ ! ଭଗବାନଙ୍କୁ ପାଇବାର ଏକମାତ୍ର ଉପାୟ ବ୍ୟାକୁଳତା । ସେ ବ୍ୟାକୁଳତା କିପରି ଜାତ ହୁଏ, ସାଧକମାନେ ତାହା ଜାଣିପାରନ୍ତି ନାହିଁ । ଅନ୍ୟ ଲୋକେ ତାହା ଉପଲବ୍ଧି କରି ଆଶ୍ଚର୍ଯ୍ୟ ହୁଅନ୍ତି । ନିଜେ ବୁଝି ନ ପାରିବାଟା ଭଗବାନଙ୍କ କୃପା । ତା ନ ହେଲେ ଅହଂ-ଅଭିମାନ ଆସି ଉଚ୍ଚ ଉଚ୍ଚତର ଉନ୍ନତି ପଥ ରୁଦ୍ଧ କରିଦିଅନ୍ତା । ବସ୍ ! ଭଗବାନଙ୍କ ନିମିତ୍ତ ପାଗଳ ନ ହେଲେ କଅଣ କେହି ତାଙ୍କୁ

ପାଇପାରେ ? ବ୍ୟାକୁଳତା, ଆକୁଳତା ହିଁ ଯେ ତାଙ୍କୁ ପାଇବାର ଏକମାତ୍ର ପଥ । ଏହି ବିରହ-ଅଗ୍ନିରେ ମାନବତ୍ୱ ଯେତିକି ପରିମାଣରେ ଦଗ୍ଧ ହେବ, ଭାବମୟ ଦେହ ସେତିକି ପୁଷ୍ଟ ହେବ । ଭାବମୟ ଦେହ ପୁଷ୍ଟ ହେଲେ ଯାଇ ତାଙ୍କର ସଙ୍ଗସୁଖ ଲାଭ ହୁଏ ଏବଂ ଅନ୍ତିମରେ ପ୍ରେମସେବୋତ୍ତରା ଗତି ପ୍ରାପ୍ତ ହୁଏ ।

ଭଗବାନଙ୍କ ପରୀକ୍ଷା

ଶ୍ରୀଭଗବାନ୍ କାହାକୁ କିପରି ଭାବରେ କୃପା କରନ୍ତି, ତାହା ବୁଝିବା କଠିନ । ପୁରାକାଳରୁ ଦେଖାଯାଉଛି ଯେ ପ୍ରକୃତ ଭକ୍ତମାନଙ୍କୁ ସେ ନାନା ବିପଦରେ ପକାଇ କଠୋର ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ କରି ଦୃଢ଼ିଷ୍ଠ ଓ ବଳିଷ୍ଠ କରିନିଅନ୍ତି । ସାଧୁମାନଙ୍କର ବିପଦ ସମ୍ପଦର ନିଦାନ । ତେଣୁ ସମ୍ପଦରେ ବିପଦରେ, ସୁଖରେ ଦୁଃଖରେ, କୌଣସି ଅବସ୍ଥାରେ ହେଲେ ଲକ୍ଷ୍ୟଚ୍ୟୁତ ହୁଅ ନାହିଁ । ତାଙ୍କଠାରେ ନିର୍ଭର କରି ତାଙ୍କରି ଜୟଗାନ କରିବାକୁ ଅଭ୍ୟାସ କର । ଦିନେ ତାଙ୍କର ମହିମା ବୁଝି ଧନ୍ୟ ଓ କୃତାର୍ଥ ହେବ ।

ଭକ୍ତମାନଙ୍କ ମତରେ ଭଗବାନ୍‌ଙ୍କର ଗୋଟିଏ ସତ୍ତ୍ୱଶୁଦ୍ଧ ରୂପ ଅଛି । ଜୀବ ଏହାର ଅଂଶ, ସୁତରାଂ ନିତ୍ୟ । ଜୀବ ମଳିନ ଅବସ୍ଥାରେ ତାହା ଜାଣିପାରୁ ନାହିଁ । ତେଣୁ ଗୁଣର ଉତ୍କର୍ଷଦ୍ୱାରା ତମଃ, ରଜଃ ଅତିକ୍ରମ କଲେ ଭଗବାନଙ୍କଠାରେ ଦୃଢ଼ ଭକ୍ତି ଜାତ ହୁଏ । ସେତେବେଳେ କାହାସହିତ କାହାର ବିରୋଧ ରହେ ନାହିଁ । ନିଜ ନିଜ ବ୍ୟକ୍ତିତ୍ୱର ଭାବଅନୁସାରେ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ପ୍ରଭୃତି ଭାବରେ ସାଲୋକ୍ୟ, ସାରୂପ୍ୟ ମୁକ୍ତି ଲାଭ ହୋଇଥାଏ । ଚରମରେ ସାଯୁଜ୍ୟ ମୁକ୍ତି ମଧ୍ୟ ଲାଭ ହୋଇପାରେ; କିନ୍ତୁ ନିର୍ବାଣ ତ ଦୂରର କଥା, ଭକ୍ତମାନେ ସାଯୁଜ୍ୟ ମୁକ୍ତିରେ ମଧ୍ୟ ବିରୋଧୀ । ବତ୍ସ ! ମୁଁ ତୁମମାନଙ୍କର ଭକ୍ତିର ଦାନ କଅଣ ଉପେକ୍ଷା କରିପାରେ ? ଭକ୍ତମାନଙ୍କଲାଗି ମୁଁ ଭଗବାନଙ୍କୁ ମଧ୍ୟ ଭୁଲିଯାଇଛି । ଭକ୍ତମାନଙ୍କୁ ଘେନି ମୁଁ ଆଧ୍ୟାତ୍ମ୍ୟ ଜଗତ୍‌ରେ ସଂସାରୀ ।

ସହଜ ମନୁଷ୍ୟ

ଦେଖ, ତୁମେମାନେ ମୋତେ ଅବତାର, ମହାପୁରୁଷ ଭଗବାନ୍ ମନେ ନ କରି ସହଜ ମନୁଷ୍ୟଭାବରେ ଭାବନା କର । ମୁଁ ଚାହେଁ, ତୁମମାନଙ୍କ ସଙ୍ଗରେ ଗୋଟିଏ ସହଜ ସମ୍ବନ୍ଧ ସ୍ଥାପନକରିବାକୁ । ମୋତେ ତୁମମାନଙ୍କ ପରିବାରର ଜଣେ ବୋଲି ମନେ କର । ମୁଁ ବି ଜଣେ ମନୁଷ୍ୟ ! ତେବେ ମୁଁ ସାଧନାଦ୍ୱାରା ପ୍ରକୃତ ମନୁଷ୍ୟତ୍ୱ ଲାଭ କରିଛି । ତେଣୁ ମୁଁ ଆଜି ତୁମମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି ।

ତୁମେମାନେ ମୋତେ ସହଜ ମନୁଷ୍ୟଭାବରେ ଭାବିବାକୁ ଶିକ୍ଷା କର । ଏଥିରେ ତୁମମାନଙ୍କର ଉନ୍ନତି ହେବ, ଅନ୍ତରରେ ଆନନ୍ଦ ପାଇବ । ବ୍ରହ୍ମଜ୍ଞାନ ଲାଭ କରିବାକୁ ହେଲେ ମଧ ତୁମମାନଙ୍କୁ ଚିତ୍ତଶୁଦ୍ଧି-ପଥ ଅବଲମ୍ବନ କରିବାକୁ ପଡ଼ିବ । ଏହି ଚିତ୍ତଶୁଦ୍ଧି ପଥକୁ ମୁଁ ଭକ୍ତିପଥ ବୋଲି କହୁଛି ।

ବତ୍ସ ! ମୋତେ ଟିକିଏ ସୁଖ ପାଇ ମୋ ପ୍ରିୟକର୍ମ ଅନୁଷ୍ଠାନ କରି ତୁମେମାନେ ଯେଉଁ ସମ୍ପଦର ଅଧିକାରୀ ହେବ, ଶତ ସାଧନ-ଭଜନରେ ମଧ ତୁମେମାନେ ସେ ଅତୁଳନୀୟ ସମ୍ପଦର ଅଧିକାରୀ ହୋଇପାରିବ ନାହିଁ ।

ଭକ୍ତମାନେ ସୌଭାଗ୍ୟବଶରୁ ସିଦ୍ଧ ପ୍ରେମିକ ଗୁରୁଙ୍କ ଦର୍ଶନ ପାଇଲେ ସେତେବେଳେ ସବୁ ଧର୍ମ ବିସର୍ଜ୍ଜନପୂର୍ବକ ତାଙ୍କରି ଶ୍ରୀଚରଣ-କମଳରେ ଆତ୍ମନିବେଦନ କରିଥାନ୍ତି । ଶ୍ରୀଗୁରୁଦେବ ଭକ୍ତମାନଙ୍କର ଦୃଢ଼ ଭାବ ଓ ଐକାନ୍ତିକତା ଦର୍ଶନ କରି ସେମାନଙ୍କୁ ସାକ୍ଷାତ ଭଜନକ୍ରିୟା ପ୍ରଦାନ କରନ୍ତି । ସେତେବେଳେ ଭକ୍ତମାନେ ଶ୍ରୀଗୁରୁଦେବଙ୍କୁ ଭଗବାନ୍ ମନେ କରି ନିଜ ଭାବଅନୁସାରେ ତାଙ୍କୁ ଆଶ୍ରୟ କରନ୍ତି ଏବଂ ପ୍ରଭୁ, ପିତା, ମାତା, ଭାଇ, ବନ୍ଧୁ, ପୁତ୍ର ଅଥବା ସ୍ୱାମୀଜ୍ଞାନରେ ଶ୍ରୀଗୁରୁଦେବଙ୍କ ସେବାରେ ଏକାନ୍ତ ଅନୁଗତ ହୁଅନ୍ତି । ଶ୍ରୀଗୁରୁଦେବଙ୍କଠାରେ ଏପରି ଅନୁରାଗ ଭାବସାଧନାର ଗୋଟିଏ ପ୍ରଧାନ ଲକ୍ଷଣ ।

ବ୍ରଜବିହାରୀ ଶ୍ରୀକୃଷ୍ଣ ଯେପରି ପ୍ରକଟଲୀଳାରେ ବ୍ରଜବାସୀଙ୍କ ମନ-ପ୍ରାଣ ଅପହରଣ କରି ସେମାନଙ୍କୁ ନିଜଆଡ଼କୁ ଅନୁରକ୍ତ କରିଥିଲେ, ପ୍ରେମିକ-ଶିରୋମଣି ଗୁରୁଦେବ ମଧ୍ ଠିକ୍ ସେହିଭାବରେ ଭାବଲିପ୍ସୁ ଭକ୍ତଙ୍କର ଚିତ୍ତବୃତ୍ତି ଅଧିକାର କରିବସନ୍ତି । ଭାବାଶ୍ରିତ ଭକ୍ତମାନେ ଶ୍ରୀଗୁରୁଦେବଙ୍କୁ ଭଗବତ୍ ବୁଦ୍ଧିରେ ଚିନ୍ତା କରିଥାନ୍ତି । ଏହି ଗୁରୁଚିନ୍ତାଦ୍ୱାରା ଭକ୍ତଙ୍କର ମନୋମୟ ସିଦ୍ଧଦେହର କ୍ରମଶଃ ପରିପୁଷ୍ଟି ହୋଇଥାଏ । ଯେପରି ତୈଳପାୟୀ କୀଟ ଭ୍ରମରବିଶେଷର ନିରନ୍ତର ପରିଚିନ୍ତନଦ୍ୱାରା ନିଜ ପୂର୍ବରୂପ ପରିହାର କରି ତତ୍‌ସାରୂପ୍ୟ ପ୍ରାପ୍ତ ହୁଏ, ଠିକ୍ ସେହିପରି ଭାବାଶ୍ରିତ ଭକ୍ତ ମଧ ନିୟତ ଶ୍ରୀଗୁରୁଦେବଙ୍କର ସ୍ୱରୂପ୍ ଚିନ୍ତା କରି ପ୍ରେମସେବାପୋଯୋଗୀ ମନୋମୟ ଦେହ ଲାଭ କରନ୍ତି । ଭାବାଶ୍ରିତ ଭକ୍ତିରେ ପ୍ରାୟ ମହିମାଜ୍ଞାନ ନ ଥାଏ । ଯେପରି ବ୍ରଜବାସୀମାନେ ସଙ୍କୋଚଶୂନ୍ୟ ଭାବରେ ଶ୍ରୀକୃଷ୍ଣଙ୍କ ସେବା କରୁଥିଲେ, ସେହିପରି ଭାବାଶ୍ରିତ ଭକ୍ତମାନେ ମଧ ପ୍ରିୟବନ୍ଧୁଜ୍ଞାନରେ ଅକୁଣ୍ଠିତ ଚିତ୍ତରେ ଶ୍ରୀଗୁରୁଦେବଙ୍କ ସେବା ପରିଚର୍ଯ୍ୟାଦି କରିଥାନ୍ତି ।

ସାଧ୍ୟ ଓ ସାଧନା

ରସ ଓ ଆନନ୍ଦଘନବିଗ୍ରହ ଶ୍ରୀଗୁରୁ ଭଗବାନ୍ ହିଁ ସାଧ୍ୟ ଏବଂ ପ୍ରେମଭକ୍ତି ତାହାର ସାଧନା । ଜନ୍ମଜନ୍ମାନ୍ତରର ସୁକୃତିବଶରୁ ସଦ୍‌ଗୁରୁଙ୍କ କୃପାରୁ ଏହି ସାଧନତତ୍ତ୍ୱ ଅବଗତ ହୋଇ ପ୍ରେମଭକ୍ତିରେ ସାଧନା କଲେ ସାଧକ ଭାବମୟ ଦେହରେ ନିତ୍ୟ ଭାବମୟ ଲୋକରେ ପ୍ରେମସେବୋତ୍ତରା ଗତି ପ୍ରାପ୍ତ ହୋଇ ଅସମୋର୍ଦ୍ଧ୍ୱ ପ୍ରେମରସ-ମାଧୁର୍ଯ୍ୟ ଉପଭୋଗ କରିଥାନ୍ତି । ଦେହ ରୁଗ୍‌ଣ ହେଲେ ମଧ୍ୟ ପ୍ରେମଭକ୍ତିଲାଭରେ ବାଧା ଜାତ ହୁଏ ନାହିଁ । ଭାବର ସାଧନା ମନଦ୍ୱାରା କରିବାକୁ ହୁଏ । ମନ ଠିକ୍ ରହିଲେ ସବୁ ହେଲା ।

କୌଣସି କୌଣସି ଔଷଧ ସେବନ କଲେ ଯେ ରୋଗର ବୃଦ୍ଧି ହୁଏ, ତାହାର କାରଣ ଔଷଧସେବନରେ ଶରୀରସ୍ଥ ରୋଗ-ବୀଜାଣୁଗୁଡ଼ିକ ବାହାରି ଆସନ୍ତି; ଠିକ୍ ସେହିପରି ଭକ୍ତମାନଙ୍କର ମଧ୍ୟ ଭଗବାନ୍‌ଙ୍କ କୃପାରୁ ମନରେ ଯେଉଁ ସବୁ ଭୋଗସଂସ୍କାର ଥାଏ ଏବଂ ଯେଉଁ କର୍ମଫଳ ସଞ୍ଚିତ ଥାଏ, ସ୍ୱପ୍ନରେ ତାର କ୍ରିୟା ହୋଇଯାଏ । କର୍ମାନୁଯାୟୀ ସ୍ଥୂଳରେ ଯାହା ଭୋଗ କରିବାକୁ ହୁଅନ୍ତା, ସ୍ୱପ୍ନରେ ତାହା ଭୋଗ ହୋଇ କର୍ମ କ୍ଷୟିତ ହୋଇଯାଏ । ଏଥିରେ ଦୁଃଖିତ ନ ହୋଇ ଏସବୁ ଭଗବାନଙ୍କ କୃପା ବୋଲି ମନେ କରି ନିର୍ବିକାରଚିତ୍ତରେ ଅବସ୍ଥାନ କରିବା କର୍ତ୍ତବ୍ୟ ।

ବସ୍ ! ମୁଁ ଯେ ଭଗବାନ୍‌ଙ୍କୁ ଭୁଲି ତୁମମାନଙ୍କୁ ହିଁ ସାର କରିଛି । ସୁତରାଂ, ତୁମମାନଙ୍କୁ ଭୁଲିଯିବି କିପରି ? ତୁମମାନଙ୍କୁ ଭୁଲିଗଲେ ମୋର ଆଉ ରହିବ କଅଣ ? ତୁମେମାନେ ଯେ ମୋ ହୃଦୟନିକୁଞ୍ଜର ଶୁଆ-ସାରୀ । ସକାଳ-ସନ୍ଧ୍ୟାରେ ତୁମମାନଙ୍କ କାକଳି ମୋ ହୃଦୟତନ୍ତ୍ରୀରେ ନ ବାଜିଲେ ମୁଁ ଯେ ଅସ୍ଥିର ହୋଇପଡ଼େ । କେବଳ ଦେଖୁଛି, କାହା କୂଜନରେ ପ୍ରାଣରେ କି ତରଙ୍ଗ ଖେଳିଉଠୁଛି । ପ୍ରତିମୁହୂର୍ତ୍ତରେ ତ ତୁମମାନଙ୍କ ସ୍ମୃତି ଜାଗ୍ରତ ହୋଇ ମୋତେ ଭାବରାଜ୍ୟରେ ପ୍ରତିଷ୍ଠିତ କରିଦେଉଛି ।

ଆରେ, ମୋତେ ଭୁଲିଯାଅ ନାହିଁ । ମୁଁ ଭଗବାନଙ୍କୁ ଭୁଲିଯାଇ ତୁମମାନଙ୍କ ଚିନ୍ତାରେ ହୃଦୟ ପୂର୍ଣ୍ଣ କରି ରଖିଛି । ମୁହୂର୍ତ୍ତକ ପାଇଁ ମଧ୍ୟ ମୁଁ ତୁମମାନଙ୍କୁ ଭୁଲିପାରୁ ନାହିଁ । ତୁମେମାନେ ବାହାରର ସବୁ ଆଶା ଛାଡ଼ିଦିଅ । ଜୀବ ସର୍ବଦା ବାହ୍ୟବସ୍ତୁଦ୍ୱାରା ଭିତରର ପ୍ରକୃତ ଅଭାବକୁ ଘୋଡ଼ାଇ ରଖିଛି । ତୁମଭିତରର ପ୍ରବଳ ଆକାଙ୍‌କ୍ଷା ଯେପରି ବାହ୍ୟବସ୍ତୁଦ୍ୱାରା ପୂରଣ ନ ହୁଏ । ବାହାରର ଆଶା ଛାଡ଼ି, ଅନ୍ତରର ଅନ୍ତରତମ

ପ୍ରଦେଶରେ ବୁଡ଼ି ମୋତେ ଅନୁସନ୍ଧାନ କର; ଦେଖିବ, ମୁଁ ଜଗଜ୍ଜନନୀଙ୍କୁ କୋଳରେ ଧରି ତୁମମାନଙ୍କ ହୃଦୟ ଅଧିକାର କରିବସିଛି । ବତ୍ସ ! ତେବେ ଯାଇ ସିନା ତୁମମାନଙ୍କର ସବୁ ଅଭାବ ମେଣ୍ଟିଯିବ ! ମୁଁ ଚାହେଁ, ତୁମମାନଙ୍କ ଭିତରେ ଅଭାବବୋଧର ଅଗ୍ନି ଦାଉ ଦାଉ ହୋଇ ଜଳିଉଠୁ । ହୃଦୟର ସାମୟିକ ନୀରସ ବା ସରସଭାବରେ ଚଞ୍ଚଳ ହୋଇପଡ଼ ନାହିଁ ।

ମାନବଜୀବନଟା ସ୍ତରବିଶେଷ । ମାଟି ଭିତରେ ସ୍ତରଗୁଡ଼ିକ ଯେପରି ସଜ୍ଜିତ ଥାଏ, ଜୀବର ଜୀବନ ମଧ୍ୟ ତଦ୍ରୁପ; ସୁତରାଂ ଯେତେବେଳେ ଯେଉଁସ୍ତରର ବିକାଶ ହେବ, ତଦନୁଯାୟୀ କ୍ରିୟା ମଧ୍ୟ ନିଶ୍ଚୟ ହେବ । ତୁମେମାନେ ସେଥିରେ ଚଞ୍ଚଳ ହେବ ବା କାହିଁକି ? ଭଗବାନଙ୍କଠାରେ ସର୍ବାବସ୍ଥାରେ ସର୍ବସ୍ୱ ସମର୍ପଣ କରି କେବଳ ତାଙ୍କରି ନାମ ଉଚ୍ଚାରଣ କରିଯାଅ । ସର୍ବାବସ୍ଥାରେ ତାଙ୍କର ଜୟଗାନ କର । ମାୟିକ ସୁଖଦୁଃଖ ଉଭୟକୁ ଅଗ୍ରାହ୍ୟ କରି ନିତ୍ୟ ଆନନ୍ଦର ପ୍ରସ୍ରବଣ ଆଡ଼କୁ ପ୍ରଧାବିତ ହୁଅ ଏବଂ ଦୃଢ଼ ବିଶ୍ୱାସ ଓ ଭକ୍ତିନିମିତ୍ତ ପ୍ରାଣ ଖୋଲି ପ୍ରାର୍ଥନା କର ।

ପ୍ରକୃତ ପ୍ରାର୍ଥନା

ବତ୍ସ ! ଯାହାଙ୍କୁ ସୁଖ ପାଇବ, ତାଙ୍କଠାରୁ ପ୍ରତିଦାନ ଚାହିଁବ ନାହିଁ । ସୁଖ ପାଇବାକୁ ସ୍ୱଭାବରେ ପରିଣତ କର । ପାପୀ-ତାପୀ, ଦୁଃଖୀ-ଦରିଦ୍ରଙ୍କୁ ସୁଖ ପାଅ । ନିଜକୁ ଭୁଲି ଅପରର ସେବା କର । ତାହାହେଲେ ଭଗବାନ୍ ତୁମକୁ କୋଳକୁ ଟାଣିନେବେ; ମନ୍ତ୍ର-ଯନ୍ତ୍ର, ଯୋଗ- ଯାଗାଦିର ପ୍ରୟୋଜନ ହେବ ନାହିଁ ।

ବତ୍ସ ! ତୁମର ପ୍ରାର୍ଥନା, 'ପ୍ରାଣଭରା ଭକ୍ତି ଓ ଚକ୍ଷୁଭରା ଜଳ' ଶୁଣି ମୁଁ ବଡ଼ ଆନନ୍ଦିତ ହେଲି । ଏହା ଅପେକ୍ଷା ପ୍ରକୃତ ଭକ୍ତଙ୍କର ଅନ୍ୟକିଛି ପ୍ରାର୍ଥନା ହୋଇପାରେ ନାହିଁ । ତୁମର ପ୍ରାର୍ଥନା ଅବଶ୍ୟ ପୂର୍ଣ୍ଣ ହେବ । ବତ୍ସ ! ସବୁ କାମନା-ବାସନା ତ୍ୟାଗକରି ସର୍ବାନ୍ତଃକରଣରେ ଭକ୍ତିନିମିତ୍ତ ପ୍ରାର୍ଥନା କର; ତାହା ଯଥାସମୟରେ ପ୍ରାପ୍ତ ହୋଇ ଧନ୍ୟ ହେବ । ବତ୍ସ ! ନିରାଶ ନ ହୋଇ ମନରେ ବଳ ଆନୟନ କର । ନିଜକୁ ହୀନ ବା ଦୁର୍ବଳ ବୋଲି ମନେକର ନାହିଁ । ସର୍ବଦା ଭାବ, ତୁମେ ବ୍ରହ୍ମମୟୀଙ୍କ ସନ୍ତାନ; ତୁମେ ଅଧମ ନୁହଁ । ବିଶେଷତଃ ଶ୍ରୀଗୁରୁଦେବ ଯାହାଙ୍କୁ କୃପା କରିଛନ୍ତି, ତାଙ୍କର ଭୟ ବା ଚିନ୍ତା କିଛି ନାହିଁ । ନିଶ୍ଚୟ ମା ଆସି ତାଙ୍କୁ କୋଳକୁ ଟାଣିନେବେ । ବତ୍ସ ! ପତିଙ୍କର ପ୍ରିୟପୁତ୍ରକୁ ସତୀ କଅଣ କେବେ ଅନାଦର କରିପାରନ୍ତି ? ଏହିଭାବରେ ପ୍ରାଣ ପୂର୍ଣ୍ଣ

କରି ରଖ । ମନେ ମନେ ଓ ପ୍ରାଣେ ପ୍ରାଣେ ଜାଣିରଖ, ସେ ତୁମର ମା, ଆଉ ତୁମେ ତାଙ୍କର ପୁତ୍ର । ତାହାହେଲେ ଗୁରୁଭକ୍ତି ଲାଭ କରିବା ସଙ୍ଗେ ସଙ୍ଗେ ମାଆଙ୍କର କୃପା ଉପଲବ୍ଧି କରିପାରିବ ।

ପ୍ରେମଭକ୍ତିପଥରେ ଭଗବାନଙ୍କୁ ପାଇବାକୁ ହେଲେ ଦୁଃଖ, ଜ୍ୱାଳା, ଯନ୍ତ୍ରଣା ସହ୍ୟ କରିବାକୁ ହେବ । କ୍ରମେ ସଂସାର ବିଷପରି ବୋଧ ହେବ । ସବୁ ପ୍ରେମ ତାଙ୍କରି ଆଡ଼କୁ ଗତି କରିବ । ଫଳରେ ସଂସାରର କୌଣସି ବସ୍ତୁରେ ଆଉ ତୃପ୍ତି ମିଳିବ ନାହିଁ । ଚିତ୍ତ ଏକମୁଖୀ ହୋଇ କେବଳ ଜଣକ ଆଡ଼କୁ ପ୍ରଧାବିତ ହେବ ଏବଂ ତାଙ୍କ ନିମିତ୍ତ ପ୍ରାଣ ଛିନ୍ନକଣ୍ଠ କପୋତୀପରି ଛଟପଟ ହେବ । ତେବେ ଯାଇ ତାଙ୍କର ପ୍ରେମ ଲାଭହେବ । ଶ୍ରୀରାଧା ମଧ୍ୟ ଦାରୁଣ ଦୁଃସହ ବିରହବେଦନା ଶତ ବର୍ଷ ସହ୍ୟ କରିବା ପରେ ଚିରଦିନ ନିମିତ୍ତ ଶ୍ୟାମସୁନ୍ଦରଙ୍କୁ ପ୍ରାପ୍ତ ହୋଇଥିଲେ । ତାଙ୍କ ନିମିତ୍ତ ପାଗଳ ନ ହେଲେ କଅଣ କେହି ତାଙ୍କୁ ପାଇପାରେ ? ବ୍ୟାକୁଳତା-ଆକୁଳତା ହିଁ ଯେ ତାଙ୍କୁ ପାଇବାର ଏକମାତ୍ର ପଥ । ବିରହ-ଅଗ୍ନିରେ ଦଗ୍ଧ ହେଲେ ଯାଇ ଭାବମୟ ଦେହ ପୁଷ୍ଟ ହେବ । ତାପରେ କୃଷ୍ଣସଙ୍ଗସୁଖ ଲାଭ ହେବ ଏବଂ ଅନ୍ତିମରେ ପ୍ରେମସେବୋତ୍ତରା ଗତି ପ୍ରାପ୍ତ ହେବ ।

ଆତ୍ମେନ୍ଦ୍ରିୟ ପରିତୃପ୍ତି ନିମିତ୍ତ ଯାହା କରାଯାଏ, ତାହାର ନାମ କାମ ଓ ଭଗବାନଙ୍କ ପ୍ରୀତିନିମିତ୍ତ ଯାହା କରାଯାଏ, ତାହାର ନାମ ପ୍ରେମ । ସେ ସୁଖୀ ହେଲେ ମୁଁ ସୁଖୀ— ଏହା ହେଉଛି ଗୋପୀଭାବ । ମୁଁ ଭଲକାର୍ଯ୍ୟ କରୁଛି ବୋଲି ଖୁସି ହେଉ ନାହିଁ, ମୋ କାର୍ଯ୍ୟରେ ବିଶ୍ୱରୂପ ଭଗବାନଙ୍କର ସୁଖ ହେଉଛି ବୋଲି ମୁଁ ସୁଖୀ ! ଶାନ୍ତ, ଦାସ୍ୟ, ସଖ୍ୟ ପ୍ରଭୃତି ଭାବର ସାଧନାରେ ଭଗବାନ୍ ପ୍ରତିଦାନ କରି ତାହାର ପରିଶୋଧ କରିଦେଇପାରନ୍ତି; କିନ୍ତୁ ଗୋପୀଭାବ ସାଧନାର ପରିଶୋଧ କରିପାରନ୍ତି ନାହିଁ । କାରଣ ତୁମ ବ୍ୟତୀତ ମୋର ଆଉ କିଛି ନାହିଁ— ଏଥିରେ କଅଣ କୌଣସି ପ୍ରାର୍ଥନା ଅଛି ? ପ୍ରାର୍ଥନା ନ ଥିଲେ ପୂରଣ ବା କରିବେ କଅଣ ? ତେଣୁ ଭଗବାନ ଗୋପୀପ୍ରେମ ନିକଟରେ ଚିର ଋଣୀ ।

କିନ୍ତୁ ଭଗବାନଙ୍କ ସହିତ ପ୍ରେମ କରିବା ବଡ଼ କଠିନ । ସେଥିରେ ଏ ଜଗତ୍‌ର ସମସ୍ତ ତ୍ୟାଗ କରିବାକୁ ହେବ । ଧର୍ମାଧର୍ମ, ଭଲମନ୍ଦ, ଜାତିକୁଳ, ସୁଖଦୁଃଖ— ଏସବୁର ଜ୍ଞାନ ଥିଲେ ପ୍ରେମ ହୁଏ ନାହିଁ । ଭଗବାନ୍ ଯେଉଁଥିରେ ସୁଖୀ ହେବେ, ତାହା କରିବାକୁ ହେବ । ସବୁ ଭୁଲିଯାଇ ସେହି ବାଞ୍ଛିତ ଲକ୍ଷ୍ୟର ଅନୁସରଣ କରିବାକୁ ପଡ଼ିବ । ଏହା ହିଁ ଗୋପୀପ୍ରେମ । ଏଥିପାଇଁ ଗୋପୀଭାବ ଭଗବଦ୍ ଆରାଧନାର ଶ୍ରେଷ୍ଠ ପନ୍ଥା । ଶ୍ରୀମନ୍

ମହାପ୍ରଭୁ ଗୌରାଙ୍ଗଦେବଙ୍କ ଜୀବନ ଏହି ପଥର ପୂର୍ଣ୍ଣ ଆଦର୍ଶ । ବହୁ ଭାଗ୍ୟ ଏବଂ ବହୁ ସାଧନାଫଳରେ ମନୁଷ୍ୟ-ମନରେ ଏହି ଭାବର ଅଙ୍କୁର ଉତ୍ପନ୍ନ ହୁଏ ।

ବ୍ୟାଧି ଦୈହିକ ମାତ୍ର

ଯେଉଁ ଭକ୍ତମାନେ ଜୀବନକୁ ଭଗବାନଙ୍କ ଶ୍ରୀଚରଣରେ ତାଙ୍କ ସେବାନିମିତ୍ତ ଉତ୍ସର୍ଗ କରିପାରିଛନ୍ତି, ମଙ୍ଗଳାମଙ୍ଗଳ ନିମିତ୍ତ ସେମାନଙ୍କର ଆଉ ଚିନ୍ତା କଅଣ ? ଯାହାଙ୍କ ଉପରେ ଭାର ଅଛି, ସେ ଯେଉଁ ପଥରେ ଇଚ୍ଛା ସେ ପଥରେ ଚାଳିତ କରିବେ । ଭଗବାନ ଯେ ତାଙ୍କର ଏକାନ୍ତ ଅନୁଗତମାନଙ୍କୁ ରୋଗଶୋକ ଦିଅନ୍ତି, ତାର କାରଣ ସେ କାହାକୁ କୋଳକୁ ଟାଣିନେବାପୂର୍ବରୁ ତାର ସବୁ ମଇଳା ସଫା କରିଦିଅନ୍ତି । ତେଣୁ ସାଧୁ ଭକ୍ତମାନେ ରୋଗାଦି ଭୋଗ କରିଥାନ୍ତି । ତାପ ପାଇବାକ୍ଷଣି ପାପାଦି ମଇଳା ପୋଡ଼ିଯାଏ, ଜୀବ ନିର୍ମଳ ହୁଏ । ତାପରେ ଭଗବତ୍ ସାନ୍ନିଧ ଲାଭହୁଏ ।

ଏ ଶରୀର ବ୍ୟାଧିର ମନ୍ଦିର । କାହାର କେତେବେଳେ କି ରୋଗ ପ୍ରକାଶ ପାଇବ, ତାର ଠିକଣା ନାହିଁ । ଏଥିରେ ଲଜ୍ଜା ବା ଘୃଣା କରବାର କଥା କିଛି ନାହିଁ । ଭକ୍ତପ୍ରବର ସନାତନ ଗୋସ୍ୱାମୀ ଗୌରାଙ୍ଗଦେବଙ୍କ କୃପାପାଇ ମଧ୍ୟ କୁଷ୍ଠରୋଗଗ୍ରସ୍ତ ଥିଲେ । ବରଂ ଏହିସବୁ ଦୈହିକ ଦୁର୍ବଳତା ତ୍ୟାଗକରି ଆଉ ଯେପରି ଜନ୍ମ ନ ହୁଏ, ଆଉ ଯେପରି ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ କୌଣସି ରୋଗ ଆକ୍ରମଣ ନ କରେ, ସେହିପରି ଚିନ୍ତା କରିବା ଦରକାର ।

ରିପୁଜୟ

ରିପୁମାନଙ୍କ ମଧ୍ୟରେ କାମ ହିଁ ପ୍ରଧାନ ରିପୁ; ଅନ୍ୟାନ୍ୟ ରିପୁଗୁଡ଼ିକ ତଦନୁଷଙ୍ଗୀ ମାତ୍ର । କାମ ବାଧାପ୍ରାପ୍ତହେଲେ କ୍ରୋଧରୂପରେ ପ୍ରକାଶ ପାଏ; କିନ୍ତୁ କାମ ଅନ୍ତର୍ମୁଖୀ ହେଲେ ପ୍ରେମରେ ପରିଣତ ହୁଏ । କ୍ରୋଧ ବା ରାଗ ଅନୁରାଗରେ ପରିଣତ ହୁଏ, ଲୋଭ ଆତ୍ମସେବା ଛାଡ଼ି ଇଷ୍ଟ ସେବାରେ ନିୟୋଜିତ ହୁଏ । ଏପରି ହେଲେ ଜୀବ ଇଷ୍ଟଦେବତାଙ୍କ ନାମ ଓ ରୂପରେ ମୁଗ୍ଧ ହୋଇପଡ଼େ । ସେତେବେଳେ ସଂସାର ତାକୁ ଆଉ ମୋହ-ମୁଗ୍ଧ କରିପାରେ ନାହିଁ । ଆପଣାକୁ ଇଷ୍ଟଦେବଙ୍କର ନିଜ ଲୋକ ବୋଲି ମନେ କରିବା ମଦର କାର୍ଯ୍ୟ ହୁଏ । ପୁଣି ସେତେବେଳେ 'ଅହଂ' ଅଭିମାନ ଚୂର୍ଣ୍ଣ ହୋଇ ଇଷ୍ଟଦେବତାଙ୍କ ଦାସ୍ୟ, ସଖ୍ୟଭାବ ଇତ୍ୟାଦିରେ ମାତ୍ସର୍ଯ୍ୟ ସ୍ଥିତିଲାଭ କରେ । କାମାଦି ରିପୁମାନଙ୍କର କୌଣସି କାଳରେ ବିନାଶପ୍ରାପ୍ତ ହୁଏ ନାହିଁ ।

ଏହିପରିଭାବରେ ସେମାନେ ଅନ୍ତର୍ମୁଖୀ ହୋଇ ଶାନ୍ତ ହୋଇଯାନ୍ତି । ତେଣୁ ଭକ୍ତମାନେ କହନ୍ତି— କାମକୁ ବଳି ନ ଦେଇ ଭଗବାନଙ୍କୁ ନିବେଦନ କରିଦିଅ । ସୁତରାଂ ଭକ୍ତି, ଦୟା, ଦାନ ପ୍ରଭୃତି ଯେ ପରିମାଣରେ ଅନୁଶୀଳନ କରିବ, କାମାଦି ରିପୁଗଣ ସେତିକି ପରିମାଣରେ ନିବୃତ୍ତିପଥରେ ଭଗବତ୍‌ମୁଖୀ ହୋଇପଡ଼ିବେ ।

ବସ୍ ! ଏ ଜଗତରେ ସ୍ୱାର୍ଥପରତା ହିଁ ଭୀଷଣ ନରକ ସୃଷ୍ଟି କରିଅଛି । ସ୍ୱାର୍ଥରେ ଆଘାତ ଲାଗିଲେ କେହି ଆପଣାର ହୁଅନ୍ତି ନାହିଁ । ବସ୍ ! ଏକମାତ୍ର ଭଗବାନ୍ ନିରପେକ୍ଷ, ସେହି କେବଳ ତୁମ-ଆମ ସମସ୍ତଙ୍କ ପାଇଁ ବ୍ୟାକୁଳ; କିନ୍ତୁ ବିନିମୟରେ ସେ କିଛି ଆଶା କରନ୍ତି ନାହିଁ । ଜୀବ ତାଙ୍କୁ ଭୁଲିଯାଇ ସର୍ବଦା ସ୍ୱାର୍ଥରେ ମାତିରହିଛି । ଆଶା କରେ, ତୁମେମାନେ ତାଙ୍କୁ କୌଣସି ଅବସ୍ଥାରେ ଭୁଲିଯିବ ନାହିଁ ।

ଶିଷ୍ୟ ଓ ଭକ୍ତ

କେହି ମୋର ଶିଷ୍ୟ ହେଲାମାତ୍ରେ ଯେ ତାକୁ ଭକ୍ତ କୁହାଯିବ, ଏପରି ନୁହେଁ । ପୁଣି କେହି ମୋର ଶିଷ୍ୟ ନ ହୋଇ ମଧ୍ୟ ଭକ୍ତ ହୋଇପାରନ୍ତି । ଯେଉଁମାନେ ମୋ ନିକଟରୁ ଦୀକ୍ଷା ନେଇ ନାହାନ୍ତି ଅଥଚ ମୋ ଭାବ ବୁଝନ୍ତି, ମୋତେ ଚିହ୍ନନ୍ତି, ସେହିମାନେ ହିଁ ମୋର ଭକ୍ତ । ମୋ ପାଖରୁ ଦୀକ୍ଷା ନେଇ ମଧ୍ୟ ଯେତେବେଳଯାଏ କାହାର ସେ ଭାବ ନ ଫୁଟିଛି, ମୁଁ ତାକୁ ଭକ୍ତ ବୋଲି ମନେ କରେ ନାହିଁ । ମୋ ଶିଷ୍ୟଙ୍କ ମଧ୍ୟରେ ଏପରି ଜଣେ ଦୁଇଜଣ ଅଛନ୍ତି, ଯେଉଁମାନେ କି ଏତେଦିନ ହେଲା ସମ୍ମିଳନୀକୁ ଆସନ୍ତି ନାହିଁ । ସେମାନେ କହନ୍ତି, ଠାକୁର ଏହି 'ଭକ୍ତ ସମ୍ମିଳନୀ' ନାମଟା ବଦଳାଇଦେଇ 'ଶିଷ୍ୟ-ସମ୍ମିଳନୀ' ନାମ ଦେଲେ ଆମେ ଯିବୁ, ନ ହେଲେ ଯିବୁ ନାହିଁ; କାରଣ, ଆମେ କେବଳ ଠାକୁରଙ୍କର ଶିଷ୍ୟ ହୋଇପାରିଛୁ ସିନା, ଭକ୍ତ ହୋଇପାରି ନାହୁଁ ।

ଭକ୍ତମାନଙ୍କ ପାଇଁ ମୋ ପ୍ରାଣ ଯେ କିପରି ଉନ୍ମୁଖ ଥାଏ, ତାହା ତୁମେମାନେ କିପରି ବୁଝିବ ? ଦିନେ ଶ୍ରୀକୃଷ୍ଣ ବିଦୁରଙ୍କ ଘରକୁ ଯାଇଥିଲେ । ପହଞ୍ଚିବାମାତ୍ରେ ଭୋକ କରୁଛି କହି ଖାଇବାକୁ ମାଗିଲେ । ବିଦୁରଙ୍କ ପତ୍ନୀ ସେତେବେଳକୁ ଓଦାଲୁଗା ପାଲଟୁଥିଲେ । ଶ୍ରୀକୃଷ୍ଣଙ୍କ ଆସିବା କଥା ଶୁଣି ଲୁଗା ପାଲଟିବା କଥା ଭୁଲିଗଲେ ଓ ଉଲଗ୍ନ ଅବସ୍ଥାରେ ଘରକୁ ଯାଇ କିଛି ନ ପାଇ କେତୋଟି କଦଳି ଆଣି ଖାଇବାକୁ ଦେଲେ । ଭାବବିହ୍ୱଳ ଅବସ୍ଥାରେ ବାହ୍ୟ ଜ୍ଞାନଶୂନ୍ୟ ହୋଇ କଦଳୀ ଛଡ଼ାଇ ଚୋପାତକ ଖାଇବାକୁ ଦେଇ କଦଳୀକୁ ଚୋପା ବୋଲି ସେ ଫିଙ୍ଗିଦେଉଥାନ୍ତି । ଶ୍ରୀକୃଷ୍ଣ ମଧ୍ୟ ଚୋପାକୁ ଆନନ୍ଦରେ ଖାଉଥାନ୍ତି । ଏହିସମୟରେ ନାରଦ ଆସି ସେଠାରେ ଉପସ୍ଥିତ ହେଲେ ।

ସେ ଏହି ଦୃଶ୍ୟ ଦେଖି ଶ୍ରୀକୃଷ୍ଣଙ୍କୁ କହିଲେ– ‘‘ପ୍ରଭୁ, ଦେବାଲୋକ ଅବା ଭାବରେ ଅନ୍ଧ; କିନ୍ତୁ ଖାଇବା ଲୋକ ତ ଅନ୍ଧ ନୁହେଁ !’’

ଏହି କଥା ଶୁଣି ଭଗବାନ୍ କହିଲେ– ‘‘ହେ ନାରଦ ! ତୁମେ ଭକ୍ତ, ତେଣୁ ଭକ୍ତଙ୍କର ପ୍ରାଣ କିପରି ତାହା ବୁଝିପାର; ଭକ୍ତ ଭଗବାନଙ୍କୁ ପାଇଲେ କିପରି ଆତ୍ମହରା ହୋଇଯାଆନ୍ତି, ତାହା ତୁମେ ଜାଣ; କିନ୍ତୁ ଭଗବାନଙ୍କ ପ୍ରାଣ ଯେ ଭକ୍ତକୁ ଦେଖିଲେ କିପରି ହୁଏ, ତାହା ତୁମେ ଜାଣ ନାହିଁ । ଭକ୍ତକୁ ଦେଖିଲେ ମୁଁ ଯେ ଆତ୍ମହରା ହୋଇଯାଏ । ମୋର ମଧ୍ୟ ବାହ୍ୟଜ୍ଞାନ ଲୋପ ପାଇଯାଏ ।’’

ତୁମମାନଙ୍କପାଇଁ ମୋ ପ୍ରାଣ ଯେ କିପରି ଥାଏ, ତାହା ଶ୍ରୀକୃଷ୍ଣଙ୍କ ଏହି ଉକ୍ତିରୁ ବୁଝିପାରିବ । ମୁଁ ଯେଉଁଠାରେ ଥିଲେ ମଧ୍ୟ ଭକ୍ତମାନଙ୍କପାଇଁ ମୋ ପ୍ରାଣ ସତତ ଅସ୍ଥିର ଥାଏ । ତୁମମାନଙ୍କ ନିକଟରେ ଜଣେ ଭଲ, ଆଉ ଜଣେ ମନ୍ଦ; କିନ୍ତୁ ମୋ ନିକଟରେ ସବୁ ଭକ୍ତ ସମାନ । ବିଶେଷତଃ ଯେ ଯେତେ ମନ୍ଦ, ଯେ ଯେତେ ବୋକା, ସେ ମୋ ନିକଟରେ ସେତିକି ଦୟା ଓ ସ୍ନେହର ପାତ୍ର ।

ତୁମେମାନେ ସାଧନ-ଭଜନ କରି କିଛି ପାଇପାରିବ ନାହିଁ । ଷାଠିଏହଜାର ବର୍ଷ ତପସ୍ୟା କରି ମଧ୍ୟ ଯେଉଁମାନେ ସିଦ୍ଧିଲାଭ କରିପାରି ନାହାନ୍ତି, ଯେଉଁମାନଙ୍କ ଶରୀରରେ ଉଇହୁଙ୍କା ହୋଇଯାଇଛି, ତଥାପି ସେମାନେ ସତ୍ୟର ସନ୍ଧାନ ପାଇନାହାନ୍ତି, ସେମାନଙ୍କ ତୁଳନାରେ ତୁମମାନଙ୍କର ଶକ୍ତି କେତେ ? ଆୟୁ ବା କେତେ ? ତେଣୁ କହୁଛି, ତୁମେମାନେ ସବୁ ଛାଡ଼ି, ସବୁ ଆଶାରେ ଜଳାଞ୍ଜଳି ଦେଇ କେବଳମାତ୍ର ମୋର ଶରଣାପନ୍ନ ହୁଅ । ମୋ ଆଡ଼କୁ ତୁମମାନଙ୍କର ହୃଦୟ ଓ ମନ ଉନ୍ମୁଖ କରି ରଖ । ମୋତେ ଟିକିଏ ଭକ୍ତି କରିବାକୁ ଅଭ୍ୟାସ କର । ମୁଁ ତୁମମାନଙ୍କର ସବୁ ଅଭାବ ମେଣ୍ଟାଇଦେବି । ତୁମମାନଙ୍କର ସବୁ ହେବ, ତୁମେମାନେ ସବୁ ପାଇବ, ତୁମର କିଛି ଅଭାବ ରହିବ ନାହିଁ ।

ବ୍ୟକ୍ତିଗତଭାବରେ ତୁମମାନଙ୍କର ସାଧନାର ପ୍ରୟୋଜନ କାହିଁକି ନାହିଁ, ଜାଣ ? ତୁମେମାନେ ମୋ ନିକଟକୁ ଆସିବ ବୋଲି ତୁମମାନଙ୍କ ପାଇଁ ମୁଁ କଠୋର ତପସ୍ୟା କରିଛି । ତୁମମାନଙ୍କପାଇଁ ସାଧନ-ସମୁଦ୍ର ମନ୍ଥନ କରି ଅମୃତ ଭାଣ୍ଡ ନେଇଆସିଛି । ସେହି କୃଚ୍ଛ୍ର ସାଧନାଫଳରେ ମୋ ହୃଦୟରେ ସତ୍ୟର ଯେଉଁ ବିମଳ ଜ୍ୟୋତି ଫୁଟିଉଠିଛି, ତୁମମାନଙ୍କର ଘନ ଅନ୍ଧକାରମୟ ହୃଦୟ ମଧ୍ୟ ସେଥିରେ ଆଲୋକିତ ହୋଇଯିବ । ଅମୃତର ଅମିୟ ଆସ୍ୱାଦନରେ ତୁମେମାନେ ମଧ୍ୟ ଦିନେ

ଅମୃତମୟ ହୋଇଯିବ । ତୁମେମାନେ ଅମୃତସନ୍ତାନ । ଅମୃତତ୍ତ୍ୱରେ ତୁମମାନଙ୍କର ନତ୍ୟସିଦ୍ଧ ଅଧିକାର । ତୁମେମାନେ ଏତେ ଭାବୁଛ କାହିଁକି ? ଚିନ୍ତା କରୁଛ ବା କାହିଁକି ? ନିଜ ହୃଦୟର କରୁଣ ଅବସ୍ଥା ଉପଲବ୍ଧି କରି ହତାଶ ହୋଇପଡୁଛ କାହିଁକି ? ତୁମମାନଙ୍କର ସବୁ ଅଭାବ ମେଣ୍ଟାଇବାକୁ, ସକଳ ଶୂନ୍ୟ ପୂର୍ଣ୍ଣ କରିବାକୁ ମୁଁ ଯେ ତୁମମାନଙ୍କର ଅଛି ।

ନିର୍ଭରତା

ମୋ ଉପରେ ସବୁ ଭାର ଛାଡ଼ିଦିଅ । ଆଧ୍ୟାତ୍ମିକ ଉନ୍ନତିର ଭାର ମୋ ଉପରେ ଲଦିଦେଇ ନିଶ୍ଚିତ ହୋଇ ରହ । ମୁଁ ତୁମମାନଙ୍କର ସବୁ ଭାର ବହନ କରିବି । ଏହି ପାପ ପଙ୍କିଳ ଜଗତ୍‌ରୁ ମୁଁ ତୁମମାନଙ୍କୁ ନିତ୍ୟ ଜ୍ୟୋତିର୍ମୟ ଧାମକୁ ଟାଣିନେଇଯିବି ।

ଘନ ଅମାନିଶାର ଘୋର ଅନ୍ଧକାର ଶତ ଯଷ୍ଟି-ଆଘାତରେ ଦୂର ହୁଏ ନାହିଁ; କିନ୍ତୁ ଯେଉଁକ୍ଷଣି ପୂର୍ବଗଗନରେ ଅରୁଣରାଗ ଫୁଟିଉଠେ, ନବସୂର୍ଯ୍ୟର ଉଦୟାଭାସ ନବପ୍ରଭାତର ସୂଚନା କରେ, ସେହିକ୍ଷଣି ସବୁ ଆଲୋକିତ ହୋଇ ଯାଏ । ଅନ୍ଧକାର ପଳାୟନ କରେ । ତୁମେମାନେ ମଧ୍ୟ ସେହିପରି ଜ୍ଞାନ-ସୂର୍ଯ୍ୟୋଦୟର ଅପେକ୍ଷା କରି ନୀରବରେ, ଅନୁଦ୍‌ବେଳିତ ହୃଦୟରେ ପ୍ରତୀକ୍ଷା କରି, ମୋ ଉପରେ ନିର୍ଭର କରି ନିଶ୍ଚିନ୍ତରେ ବସିଥାଅ । ଯଥାସମୟରେ ଦିନେ ତୁମମାନଙ୍କ ହୃଦୟ ସତ୍ୟାଲୋକରେ ଆଲୋକିତ ହୋଇଉଠିବ ।

ତୁମମାନଙ୍କ ଜୀବନରେ ନବ ପ୍ରଭାତର ଉଦୟ ନିଶ୍ଚୟ ହେବ । ସେଥିପାଇଁ କିଛି କରିବାକୁ ପଡ଼ିବ ନାହିଁ । କେବଳ ମୁଁ ସେଇଥିପାଇଁ ଆସିଛି । ଜଗତ୍-ହିତକର ଯେଉଁ କାର୍ଯ୍ୟର ସୂଚନା ମୁଁ କରିଛି, ତୁମ୍ଭେମାନେ ସେଥିରେ ମୋର ସହାୟ ହୁଅ । ମୁଁ ପ୍ରତିଜ୍ଞା କରି କହୁଛି, ଏତିକି କରିପାରିଲେ ତୁମମାନଙ୍କର ସବୁ ହେବ, ତୁମେମାନେ ସବୁ ପାଇବ । ଅନ୍ୟ ସାଧନ-ଭଜନର କୌଣସି ପ୍ରୟୋଜନ ହେବ ନାହିଁ ! ପୁଣି କାହାଦ୍ୱାରା ଯେ ତୁମେ ସାଧନ-ଭଜନ କରିବ ? ତୁମମାନଙ୍କର ସେ ଦେହର ବଳ, ପ୍ରାଣର ବଳ, ମନର ବଳ ବା କାହିଁ ? ତୁମମାନଙ୍କର କିଛି ନାହିଁ ବୋଲି ମୁଁ ବାରମ୍ବାର କହୁଛି । ମୋ କୃପା ଉପରେ ନିର୍ଭର କରି ସେହି ଶୁଭଦିନର ପ୍ରତୀକ୍ଷାରେ ତୁମେମାନେ ବସିରହ । ଆପଣାମନକୁ ତୁମମାନଙ୍କ ବାହୁରେ ଶକ୍ତି, ହୃଦୟରେ ଭକ୍ତି, ପ୍ରାଣରେ ପ୍ରେମର ଉନ୍ମାଦନା ଜାଗିଉଠିବ । ଜୀବନ ଧନ୍ୟ ହେବ । ଧରଣୀ କୃତାର୍ଥ ହେବ ।

ସଂଘସେବୀଙ୍କ ପ୍ରତି

ସଂଘଶକ୍ତି

ତୁମେମାନେ ତ ଏଠାରେ ଅନେକ ଭକ୍ତ ହେଲଣି । ବର୍ତ୍ତମାନ ଗୋଟିଏ ସଂଘ ପ୍ରତିଷ୍ଠା କର । ମୋର ନିୟମ ହେଉଛି ଯେ, ଯେଉଁଠାରେ ଅନ୍ତତଃ ତିନି ଜଣ ଭକ୍ତ ଥିବେ, ସେଠାରେ ଗୋଟିଏ ଗୋଟିଏ ସଂଘ ପ୍ରତିଷ୍ଠା କରିବାକୁ ହେବ । ସବୁକ୍ଷେତ୍ରରେ ସଂଘବଦ୍ଧ ହୋଇ କାର୍ଯ୍ୟ କଲେ କାର୍ଯ୍ୟ ଯେତେ ସହଜରେ ସୁସିଦ୍ଧ ହୁଏ, ଏକା ଏକା କଲେ ତାହା ହେବା ସମ୍ଭବ ହୁଏ ନାହିଁ । କଳିଯୁଗରେ ସଂଘଶକ୍ତି ହିଁ ପ୍ରବଳ । ଗୋଟିଏ ଲକ୍ଷ୍ୟ ବା ଇଷ୍ଟସିଦ୍ଧି ନିମିତ୍ତ ସମସ୍ତଙ୍କ ପ୍ରାଣରେ ସମଭାବରେ ଆକୁଳତା ଜାଗିଲେ ସଂଘର ସୃଷ୍ଟି ହୁଏ ଏବଂ ତାହାର ଶକ୍ତି ଅମୋଘ ।

ମନେରଖ, ତୁମମାନଙ୍କ ଜୀବନର ଲକ୍ଷ୍ୟ ଏକ ଏବଂ ତୁମେମାନେ ଏକା ଗୁରୁଙ୍କ ଶିଷ୍ୟ । ତୁମମାନଙ୍କର ସାଧନା ଏକ । ତୁମେମାନେ ମନେକରିବ, ସମସ୍ତେ ଏକା ପରିବାରର ଭାଇଭଉଣୀ, ସମସ୍ତେ ଏକ ପିତାଙ୍କର ସନ୍ତାନ । ଏଥିରେ ତୁମର ଅନେକ, ମତଦ୍ୱୈଧ, କ୍ଷୁଦ୍ର ଅଶାନ୍ତି ସବୁ ଦୂର ହୋଇଯିବ । ପ୍ରାଣର ନିବିଡ଼ ଆକର୍ଷଣରେ ଏକତ୍ର ହୋଇପାରିଲେ ଅସାଧ ସାଧନ କରିପାରିବ । ତୁମେମାନେ ରବିବାର ସନ୍ଧ୍ୟାରେ ଏକତ୍ରିତ ହେବ । ପ୍ରତ୍ୟେକ ଅଧିବେଶନରେ ଠାକୁରଙ୍କ ଆସନ ସ୍ଥାପନ କରି ତାଙ୍କୁ ଗୁରୁଜ୍ଞାନରେ ପ୍ରଣାମ, ଆରତି ଓ ପୂଜାର୍ଚ୍ଚନା କରି ସ୍ତୋତ୍ରପାଠ, କୀର୍ତ୍ତନ, ବନ୍ଦନା ଏବଂ ଧର୍ମଗ୍ରନ୍ଥାଦି ପାଠ କରିବ । ଭଗବତ୍ ବିଷୟର ଆଲୋଚନା, ମଠ ଓ ଆଶ୍ରମ ସ୍ଥାପନର ଉଦ୍ଦେଶ୍ୟ ଓ ସେସବୁର ରକ୍ଷଣାବେକ୍ଷଣର ଉପାୟ ଚିନ୍ତନ, ଭାବବିନିମୟ ଏବଂ ଆଦର୍ଶ ଗୃହସ୍ଥ ଜୀବନ ସମ୍ପର୍କରେ ଆଲୋଚନା ଚର୍ଚ୍ଚା ସଂଘରେ ଅବଶ୍ୟ କର୍ତ୍ତବ୍ୟ । ଠାକୁର ସ୍ୱୟଂ ଉପସ୍ଥିତ ଥିଲେ ସଂଯମ, ଶ୍ରଦ୍ଧା ଓ ଭକ୍ତିସହିତ ସମସ୍ତେ ଯେପରି ଉପବେଶନ, କଥୋପକଥନ ଓ ବ୍ୟବହାର କର, ସଂଘରେ ସେହିପରି କରିବ । ମନେ କରିବ, ଠାକୁର ସେଠାରେ ପ୍ରତ୍ୟକ୍ଷ ବିଦ୍ୟମାନ ରହିଛନ୍ତି ଏବଂ ତୁମମାନଙ୍କ କାର୍ଯ୍ୟକଳାପ

ପ୍ରତ୍ୟକ୍ଷ କରୁଛନ୍ତି । ସଂଘରେ ଜଣେ ସଭାପତି ଓ ଜଣେ ସମ୍ପାଦକ ରହିବେ । ପ୍ରତି ବୈଠକରେ ପରବର୍ତ୍ତୀ ବୈଠକର ସ୍ଥାନ ଓ କାଳ ନିର୍ଦ୍ଧାରଣ କରିବ ।

ତୁମେମାନେ ଯଦି ଠିକ୍ ଠିକ୍ ସଂଘର ଅଧିବେଶନ କରିପାର, ତାହାହେଲେ ଅଚିରେ ତାହାର ଫଳ ଲାଭ କରିବ । ଠିକ୍ ଠିକ୍ ଭାବରେ ସଂଘାଧିବେଶନ କଲେ ଗୁରୁକୃପାର ପ୍ଲାବନ ନ ଆସି ରହିପାରିବ ନାହିଁ । ଆଶୀର୍ବାଦ କରୁଛି, ତୁମମାନଙ୍କ ସଂଘ ସାଫଲ୍ୟମଣ୍ଡିତ ହେଉ ।

ଭାବବିନିମୟ

ଯେତେବେଳେ ଗୁରୁଭାଇ-ଭଉଣୀ ଏକତ୍ର ହେବ, ପରସ୍ପରମଧ୍ୟରେ ଭାବ ବିନିମୟ କରିବ । ସାଧନପଥରେ କିଏ କେତେ ଦୂର ଅଗ୍ରସର ହେଉଛ, କିଏ କି ବାଧା, କି ଅନୁଭୂତି, କି ଆନନ୍ଦ ପାଉଛ, କି ପରିବର୍ତ୍ତନ ଲକ୍ଷ୍ୟ କରୁଛ, ଏସବୁ ବିଷୟରେ ଆଳାପ ଆଲୋଚନା କରିବ । ଏଥିରେ ଜଣେ ଅଲକ୍ଷିତଭାବରେ ଅନ୍ୟର ସାଧନପଥରେ ସହାୟକ ହେବ । ନିଜର ଭୁଲ୍ ଆଡ଼କୁ ଦୃଷ୍ଟି ପଡ଼ିବ । ପରସ୍ପର ସହାୟତାରେ ଅଧ୍ୟାତ୍ମ ରାଜ୍ୟର ବନ୍ଧୁର ସୋପାନଗୁଡ଼ିକ ପାରହୋଇଯିବ ।

ପାନ-ଭୋଜନ

ମାତା, ପିତା, ଗୁରୁ ଓ ସ୍ୱାମୀଙ୍କ ଭିନ୍ନ ଅନ୍ୟର ଉଚ୍ଛିଷ୍ଟ ଖାଇବ ନାହିଁ । ଅନ୍ୟୁନ ପାଞ୍ଚ ବରଷ ବୟସର ପିଲାପିଲିଙ୍କୁ ଏକସଙ୍ଗରେ ଖୁଆଇପାର, ତହିଁରୁ ବେଶୀ ବୟସର କେହି ତୁମେ ଖାଇବାବେଳେ ସ୍ପର୍ଶ କଲେ ଭୋଜନ ଯଜ୍ଞ ପଣ୍ଡ ହୋଇଯିବ ।

ସଂଘସେବୀମାନଙ୍କର ପାନାହାର ସାତ୍ତ୍ୱିକ ହେବା ଉତ୍ତମ । ବ୍ୟବହାର ଓ ଆଚରଣରେ ଶାସ୍ତ୍ରୀୟ ନିୟମ ମାନି ଚଳିବା କର୍ତ୍ତବ୍ୟ । ସାତ୍ତ୍ୱିକ ଆହାର, ସାତ୍ତ୍ୱିକ ଭାବ ଧରି ରହିବା ଉଚିତ । ନିରାମିଷ ଆହାର ସାଧନାର ବିଶେଷ ଉପଯୋଗୀ । ତାହା ହିଁ ତୁମମାନଙ୍କର ଲକ୍ଷ୍ୟ ହେବା ଦରକାର । ତେବେ ଯେଉଁମାନେ ସାରା ଜୀବନ ମାଛ ମାଂସ ଖାଇ ଆସୁଛ, ହଠାତ୍ ତାହା ତ୍ୟାଗ କରିବାକୁ କଷ୍ଟ ହୋଇପାରେ । ତେଣୁ କ୍ରମେ କ୍ରମେ ତାହା ଛାଡ଼ିବ । ଧର, ରବିବାର ଦିନ ନିରାମିଷ ଖାଇଲ । ଗୁରୁବାର ଦିନ ଗୁରୁଙ୍କର ଜନ୍ମଦିବସ ପାଳନ କଲ । ତା'ପରେ କ୍ରମେ ଏକାଦଶୀ, ପୂର୍ଣ୍ଣମା, ଅମାବାସ୍ୟା, ସଂକ୍ରାନ୍ତି ସବୁ ମିଶି ବାର-ତେର ଦିନ ନିରାମିଷ ଆହାର କରି ରହିବ ।

ଏହି ଭାବରେ ଚଳିବାକୁ ବିଶେଷ କଷ୍ଟ ହେବ ନାହିଁ । ଆଜି ଅମୁକ ତିଥି, କାଲି ଅମୁକ ପୁନିଅଁ-ପାର୍ବଣ, ଏହିଭାବରେ ପାଳନ କରିଗଲେ ସାତ୍ତ୍ୱିକ ଆହାର ଅଭ୍ୟାସ ହୋଇଯିବ ।

ଭିନ୍ନ ଜାତିର ରନ୍ଧା ଅନ୍ନ ଖାଇବା ଭଲ ନୁହେଁ । ଆହାର ଦ୍ୱାରା ହିଁ ଆମେମାନେ ଜୀବନ ଧାରଣ କରୁଁ । ଗୃହୀତ ଅନ୍ନାଦି ରସରକ୍ତାଦି ରୂପରେ ଶରୀରର ପୁଷ୍ଟିସାଧନ କରେ; ପରନ୍ତୁ ତାହା ମନରେ ରୂପାନ୍ତରିତ ହୋଇଥାଏ । ଭିନ୍ନ ଜାତି ଓ ଭିନ୍ନ ପ୍ରକୃତିର ଲୋକଙ୍କ ଶରୀରର ଜୀବାଣୁ ଆମ ଶରୀରରେ ପ୍ରବେଶ କଲେ ସେମାନଙ୍କ ଚରିତ୍ରର ପ୍ରଭାବ ମଧ୍ୟ ଆମ ଦେହରେ ସଞ୍ଚରିତ ହେବ । ତେଣୁ ଶାସ୍ତ୍ରକାରମାନେ ଭିନ୍ନ ଜାତିର ପାକ ଅନ୍ନ ଭକ୍ଷଣ କରିବାକୁ ନିଷେଧ କରିଯାଇଛନ୍ତି ।

ଜାତି ଓ ଧର୍ମପ୍ରତି ନିଷ୍ଠା ରଖି ଚଳିବା ଆବଶ୍ୟକ । କୌଣସି ଭିନ୍ନଧର୍ମାବଲମ୍ବୀ ମୁନିବ ଜୋର କରି ତୁମକୁ ଅଭକ୍ଷ-ଭକ୍ଷଣ କରାଇପାରିବେ ନାହିଁ । ତୁମେମାନେ ନିଜେ ବଡ଼ଲୋକଙ୍କ ମନତୁଷ୍ଟି ପାଇଁ ଏସବୁ କରିଥାଅ । ଏହା ତୁମମାନଙ୍କ ଚରିତ୍ରର ଦୁର୍ବଳତା ମାତ୍ର । ନିଜେ ଅନ୍ୟାୟ କରି ପରଉପରେ ଦୋଷ ଲଦିଦିଅ । ବରିଶାଲର ସବ୍‌ଜଜ୍ ଅଶ୍ୱିନୀବାବୁଙ୍କ ନାମ ଶୁଣିଥିବ । ଥରେ ଲାଟ୍‌ସାହେବଙ୍କ ଦରବାରକୁ ତାଙ୍କୁ ନିମନ୍ତ୍ରଣ କରାଗଲା । ନିମ୍ନସ୍ଥ କର୍ମଚାରୀମାନେ ହୁକୁମ ଜାରିକଲେ ଯେ, ସମସ୍ତଙ୍କୁ ସାହେବୀ ପୋଷାକରେ ଦରବାରକୁ ଯିବାକୁ ହେବ । ଅଶ୍ୱିନୀବାବୁ ସେ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରି କହିପଠାଇଲେ ଦେଶୀୟ ପୋଷାକରେ ଯିବାକୁ ହେଲେ ସେ ଯିବେ, ନଚେତ୍ ଯିବେ ନାହିଁ । ସେଥିପାଇଁ ଖୁବ୍ ଚହଳ ପଡ଼ିଗଲା; କିନ୍ତୁ ସେ ଅଟଳ । ଶେଷରେ ଲାଟ୍‌ସାହେବ ଅଶ୍ୱିନୀବାବୁଙ୍କ ସ୍ୱାଧୀନଭାବର ପରିଚୟ ପାଇଁ ଜାତୀୟ ପୋଷାକରେ ଯିବାକୁ ଅନୁମତି ଦେଲେ ଏବଂ କର୍ମଚାରୀମାନଙ୍କ ଆଦେଶ ପ୍ରତ୍ୟାହାର କରିନେଲେ ।

ଖାଇବା ସମ୍ବନ୍ଧରେ ମଧ୍ୟ ସେହି କଥା । ତୁମେ ଅଭକ୍ଷ ଭକ୍ଷଣ ନ କଲେ ଯଦି ତୁମ ବନ୍ଧୁ ରୁଷ୍ଟ ହେବେ, ହୁଅନ୍ତୁ । ତୁମେ ତ କିଛି ଅନ୍ୟାୟ କଲ ନାହିଁ ! ତୁମେ ତ କେବଳ ଶାସ୍ତ୍ରନିର୍ଦ୍ଦେଶ ପାଳନ କଲ । ଦୃଢ଼ଚିତ୍ତ ଓ ନିଷ୍ଠାବାନ୍ ହୁଅ; ଦେଖିବ, ଏସବୁ ଦୁର୍ବଳତା ଉଭେଇଯିବ ।

ସଂଘ-ସାଧନା

ସତ୍ୟ ଓ ସରଳତା ସର୍ବଥା ପାଳନ କରିବା ଦରକାର । ସତ୍ୟ କହିଲେ ଅନେକ ସମୟରେ ସଂସାରର କ୍ଷତି ହୁଏ ବା ହେବାର ସମ୍ଭାବନା ବୋଲି ଅନେକ

କହିଥାନ୍ତି । ଏହା ମଧ୍ୟ ତୁମମାନଙ୍କ ମନର ଦୃଢ଼ତା ଉପରେ ନିର୍ଭର କରୁଛି । ସତ୍ୟର ଜୟ ଚିରଦିନ । କୌଣସି ସ୍ଥାନରେ ଟିକିଏ ବ୍ୟତିକ୍ରମ ଦେଖିଲେ ମଧ୍ୟ କୌଣସି ପ୍ରକାରେ ସତ୍ୟର ଅପଲାପ କରିବା ଉଚିତ ନୁହେଁ । ସତ୍ୟ କହିଯାଅ, ସତ୍‌କାର୍ଯ୍ୟ କରିଯାଅ । ଫଳ ଯାହା ହେବାର ହୋଇଯାଉ, ସେଥିପ୍ରତି ଭ୍ରୂକ୍ଷେପ କର ନାହିଁ । ଅପାତତଃ କେଉଁଠି କ୍ଷତି ହେଲେ ମଧ୍ୟ ଦୃଢ଼ତା ସହିତ ସତ୍ୟର ସମ୍ମାନ ରକ୍ଷା କରିବାକୁ ବରାବର ଅଭ୍ୟାସ କର; ଦେଖିବ ହୃଦୟରେ ଅଫୁରନ୍ତ ଆନନ୍ଦ, ମନରେ ଅମିତ ବଳ ଲାଭ କରିବ । ଏହି ସ୍ୱାର୍ଥପର ଜଗତ୍‌ରେ ମଧ୍ୟ ଦେଖିବ, ସତ୍ୟପାଇଁ ତୁମର କେତେ ଆଦର, କେତେ ସମ୍ମାନ ହେବ । ସତ୍ୟ ହିଁ ତୁମମାନଙ୍କୁ ବିଜୟୀ କରିବ ।

ତୁମେମାନେ ସଂଘବଦ୍ଧ ହୁଅ । ବେଶି ନୁହେଁ, ପାଞ୍ଚ ଜଣ ଯଦି ଏକମନ, ଏକପ୍ରାଣ ହୋଇପାର, ତାହାହେଲେ ତୁମେମାନେ ଜଗତ୍ ଜୟ କରିପାରିବ । ମୋର ତିନି ଜଣ ଭକ୍ତ ଏକତ୍ର ହେଲାକ୍ଷଣି ଗୋଟିଏ ଭାବର ବିକାଶ ହେବ ଏବଂ ଗୁରୁଶକ୍ତିର କ୍ରିୟା ଉପଲବ୍ଧି କରିପାରିବ ।

ଦେଖ, ତୁମମାନଙ୍କ ମଧ୍ୟରୁ ଜଣକର ଆତ୍ମୋନ୍ନତି ଦେଖିଲେ ମୋର ସେତେ ଆନନ୍ଦ ହେବ ନାହିଁ; ତୁମ ସମସ୍ତଙ୍କ ଉନ୍ନତିରେ ହିଁ ମୋର ଯଥାର୍ଥ ଆନନ୍ଦ ହେବ । ମୁଁ ତୁମମାନଙ୍କୁ ସଂଘବଦ୍ଧ ହେବାକୁ କହୁଛି, ଏକା ସଙ୍ଗରେ ସମସ୍ତେ ଗଠିତ ହୋଇଉଠିବାକୁ ଉପଦେଶ ଦେଉଛି । ଜଣେ ଦୁଇ ଜଣ ହୁଏତ ମୋର ମନୋମତ ହୋଇ ଚଳୁଛ । ସଂଘଭିତରେ ମୋର ଆଉ ପାଞ୍ଚଟି ସନ୍ତାନ ଯଦି ଲକ୍ଷ୍ୟଭ୍ରଷ୍ଟ ହୋଇପଡ଼ନ୍ତି, ତାହାହେଲେ କ'ଣ ମୁଁ ତୁମ ଜଣେ ଦୁଇ ଜଣଙ୍କର ଆତ୍ମୋନ୍ନତି ଦେଖି ସନ୍ତୁଷ୍ଟ ହୋଇପାରିବି ? ତୁମମାନଙ୍କ ମଧ୍ୟରୁ ଜଣେ ମୋ ଆଦର୍ଶରେ ଗଠିତ ହେଲେ ତ ମୋ ଉଦ୍ଦେଶ୍ୟ ସିଦ୍ଧ ହେଲା ନାହିଁ ! ଦଶ ଜଣ ଠିକ୍ ଠିକ୍ ଭାବରେ ପରସ୍ପର ପରସ୍ପରକୁ ସାହାଯ୍ୟ କରି ଗଠିତ ହେବା ମୋର ଉଦ୍ଦେଶ୍ୟ । ଯେଉଁଦିନ ତୁମେମାନେ ସମସ୍ତେ ଏକଭାବରେ ଅନୁପ୍ରାଣିତ ହୋଇ ଗଠିତ ହେବ, ସେହିଦିନ ମୋର ସମ୍ୟକ୍ ଆନନ୍ଦ; ତା ନ ହେଲେ ଜଣକନିମିତ୍ତ ମଧ୍ୟ ତୁମେମାନେ ମୋତେ ବିଷର୍ଣ୍ଣ ଦେଖିବ । ତୁମେମାନେ ସଂଘବଦ୍ଧ ହୋଇଛ; ସୁତରାଂ ତୁମମାନଙ୍କୁ ସମସ୍ତଙ୍କ ପ୍ରତି ଦୃଷ୍ଟି ଦେଇ ଚଳିବାକୁ ହେବ । ଆତ୍ମୋନ୍ନତି ଆଡ଼କୁ ପ୍ରତ୍ୟେକଙ୍କର ଲକ୍ଷ୍ୟ ତ ନିଶ୍ଚୟ ରହିବ; କିନ୍ତୁ ପରସ୍ପରପ୍ରତି ସହାନୁଭୂତି ରହିବା ଆବଶ୍ୟକ । ତୁମମାନଙ୍କମଧ୍ୟରୁ ଦୁଇ ଚାରି ଜଣ ଭଲ ହେଲେ ମୋର ଅଶାନ୍ତି ଦୂର ହେବ ନାହିଁ । ତୁମେମାନେ ସମସ୍ତେ ଯେଉଁଦିନ ମନୁଷ୍ୟ ହେବ, ସେହିଦିନ ମୋର ଆନନ୍ଦ; ସେହିଦିନ ମୋର ଶାନ୍ତି ।

ମୋର ଇଚ୍ଛା, ଧର୍ମ ମଧ୍ୟଦେଇ ଏହି ଅଧଃପତିତ ଜାତିକୁ ଉନ୍ନତ କରିବାକୁ, ଏମାନଙ୍କ ମଧ୍ୟରେ ଋଷିଯୁଗର ମହାନ୍ ଆଦର୍ଶଗୁଡ଼ିକୁ ଫୁଟାଇବାକୁ । ସେଯୁଗର ଋଷିମାନଙ୍କପରି ମାନବର ଶ୍ରେଷ୍ଠ ଦାନ ଆତ୍ମଜ୍ଞାନ ଦାନ କରିବା ମୋର ଇଚ୍ଛା । ଏହା ନ ହେଲେ ଯେତେ ଅସହଯୋଗ, ସମାଜ ସଂସ୍କାର ପ୍ରଭୃତି ଆନ୍ଦୋଳନ ନେତାମାନେ କରୁଥିଲେ ମଧ୍ୟ ଜାତି ସେଥିରେ ଜାଗ୍ରତ ହୋଇପାରିବ ନାହିଁ ଏବଂ ସେଥିରେ ହିନ୍ଦୁଧର୍ମର କୌଣସି ପ୍ରକାର ଉନ୍ନତି ହେବ ନାହିଁ । ଏହିପରି ଶତ ଶତ ଆନ୍ଦୋଳନରେ ହିନ୍ଦୁଜାତିର ଉତ୍‌ଥାନ ଅସମ୍ଭବ ।

ନିଷ୍କାମ ସାଧନାର କ୍ଷେତ୍ର

ଯେଉଁଠାରେ ତିନି ଜଣ ସତୀର୍ଥ ଅଛ, ସେଠାରେ ସଂଘ ପ୍ରତିଷ୍ଠା କରିବ । ସେଠାରେ ସପ୍ତାହକରେ ଅନ୍ତତଃ ଥରେ ମିଳିତ ହେବ । ଆଧ୍ୟାତ୍ମିକ ବିଷୟରେ ଆଲୋଚନା ଚର୍ଚ୍ଚା କରିବ, ସ୍ତବସ୍ତୋତ୍ର ପାଠ କରିବ । ଭାବବିନିମୟ ସହାୟତାରେ ଆଦର୍ଶ ଜୀବନ ଗଠନ କରି ସଂଘଶକ୍ତିର ପ୍ରତିଷ୍ଠା କରିବ । ଏହିପରି ସାପ୍ତାହିକ, ମାସିକ ସଂଘାଧିବେଶନରେ ତଥା ଜିଲ୍ଲା ବିଭାଗୀୟ ଓ ସାର୍ବଭୌମ ସମ୍ମିଳନୀରେ ସମ୍ମିଳିତ ହୋଇ ତୁମେମାନେ ଜଗତ୍‌ରେ ଗୋଟିଏ ଅତି ଉଜ୍ଜ୍ୱଳ ଆଦର୍ଶ ସ୍ଥାପନ କରିବ । ସର୍ବଧର୍ମସମନ୍ୱୟ, ଅସାଂପ୍ରଦାୟିକଭାବରେ ଧର୍ମର ବିସ୍ତାର, ସମଗ୍ର ଜଗତରେ ଭ୍ରାତୃଭାବର ପ୍ରତିଷ୍ଠା ମୋର ଲକ୍ଷ୍ୟ । ତୁମେମାନେ ମୋ ଆଦର୍ଶକୁ ବାସ୍ତବ ଜଗତ୍‌ରେ ମୂର୍ତ୍ତ କରିଯାଅ । ସଂଘ ଓ ମୋ ଭିତରେ କୌଣସି ପ୍ରଭେଦ ନାହିଁ । ତୁମେମାନେ ତିନି ଜଣ ଏକତ୍ର ହେଲାକ୍ଷଣି ମୁଁ ସେଠାରେ ପ୍ରତ୍ୟକ୍ଷଭାବରେ ବିରାଜିତ ହେବି ।

ତୁମମାନଙ୍କର ନିଷ୍କାମ କର୍ମର ସୁବିଧାନିମିତ୍ତ ମୁଁ ମଠ, ଆଶ୍ରମ, ଗୁରୁଧାମ, ଶିକ୍ଷାୟତନ, ଚିକିତ୍ସାଳୟ ପ୍ରଭୃତି ସ୍ଥାପନ କରିଛି । ତୁମମାନଙ୍କର ସର୍ବବିଧ ଶକ୍ତି ସାମର୍ଥ୍ୟ ଦେଇ ଏଗୁଡ଼ିକ ଉଜ୍ଜୀବିତ ରଖ । ଏହାଦ୍ୱାରା ଜଗତ୍‌ର ମଙ୍ଗଳ ହେବ । ସେହିସବୁ ପ୍ରତିଷ୍ଠାନର ସଂରକ୍ଷଣନିମିତ୍ତ ତୁମେମାନେ ପ୍ରତ୍ୟେକ (୧) ମୁଷ୍ଟିଭିକ୍ଷା ରଖ, (୨) ପ୍ରତିମାସରେ ଯଥାସାଧ୍ୟ ଆର୍ଥିକ ସାହାଯ୍ୟ କର, (୩) ଅକ୍ଷୟ ତୃତୀୟାରେ ମଠକୁ ଓ ଜନ୍ମୋତ୍ସବରେ ଗୁରୁଧାମକୁ ପ୍ରଣାମି ପଠାଅ, (୪) ସାରସ୍ୱତ ଗ୍ରନ୍ଥାବଳୀ ପ୍ରଚାରରେ ସାହାଯ୍ୟ କର ଏବଂ (୫) 'ଆର୍ଯ୍ୟଦର୍ପଣ' ଗ୍ରହଣ କର ।

ମୋର ବ୍ୟାପକ ଇଚ୍ଛାକୁ ରୂପ ଦେବାକୁ ହେଲେ ଗୃହୀ ଓ ସନ୍ନ୍ୟାସୀ ସମସ୍ତଙ୍କୁ ସଂଘବଦ୍ଧ ହେବାକୁ ପଡ଼ିବ । ମୋତେ ଯେଉଁମାନେ ଆନ୍ତରିକ ସୁଖ ପାଅ, ମୋ

ତିରୋଧାନରେ ସେମାନଙ୍କ ଭିତରେ ସଂହତିର ଭାବ ଆହୁରି ବିଶେଷଭାବରେ ଫୁଟିଉଠିବ । ମୋ ଅବର୍ତ୍ତମାନରେ ଯଦି ତୁମେମାନେ ଛିନ୍ନଭିନ୍ନ ହୋଇଯାଅ, ତାହା ହେଲେ ବୁଝିବାକୁ ହେବ ଯେ, ତୁମେମାନେ ମୋତେ ଠିକ୍ ଠିକ୍ ଭାବରେ ସୁଖ ପାଉ ନ ଥିଲ । ମୋତେ ସୁଖ ପାଇବାର ଅର୍ଥ କଅଣ ? ଅର୍ଥ ହେଉଛି, ମୋର ବ୍ୟକ୍ତ ଓ ଅବ୍ୟକ୍ତ ଇଚ୍ଛାକୁ ରୂପ ଦେବାନିମିତ୍ତ ଆପ୍ରାଣ ଚେଷ୍ଟା କରିବା । ମୁଁ ବାରମ୍ବାର କହୁଛି, ମୋତେ ଯେଉଁମାନେ ସୁଖ ପାଅ, ମୋ ଇଚ୍ଛା ଶତଦଳରୂପରେ ସେମାନଙ୍କ ଅନ୍ତରରେ ଫୁଟିଉଠିବ । ମୁଁ ଯେତେଦିନଯାଏ ସ୍ଥୂଳଦେହରେ ରହିବି, ସେତେଦିନ ପର୍ଯ୍ୟନ୍ତ ମୋର ପ୍ରତ୍ୟକ୍ଷ ନିର୍ଦ୍ଦେଶପ୍ରତି ତୁମମାନଙ୍କର ଆକର୍ଷଣ ହେବ; କିନ୍ତୁ ମୋର ଅନ୍ତର୍ଦ୍ଧାନପରେ ତୁମେମାନେ ମୋ ହୃଦୟର ଭାଷା ମଧ୍ୟ ବୁଝିବାକୁ ସକ୍ଷମ ହେବ । ମୋର ଅନ୍ତର୍ନିହିତ ଇଚ୍ଛାକୁ ମୋ ଅନ୍ତର୍ଦ୍ଧାନପରେ ତୁମେମାନେ ଠିକ୍ ଠିକ୍ ଭାବରେ ବୁଝିପାରିବ ।

ଅନ୍ତରରେ ପ୍ରାପ୍ତି

ମୋ ଇଚ୍ଛାକୁ ଜୀବନରେ ରୂପଦେବା ଯେଉଁମାନଙ୍କର ଲକ୍ଷ୍ୟ, ସେମାନେ ସଂଘବଦ୍ଧ ହୋଇପାରିବେ ନାହିଁ ବା କାହିଁକି ? ତୁମେମାନେ ସଂଘବଦ୍ଧ ହୁଅ, ଏହା ମଧ୍ୟ ମୋର ଗୋଟିଏ ଇଚ୍ଛା । ସୁତରାଂ ଏହି ଇଚ୍ଛାକୁ ରୂପ ଦେବାକୁ ହେଲେ ତୁମମାନଙ୍କୁ ନିଶ୍ଚୟ ସଂଘବଦ୍ଧ ହେବାକୁ ପଡ଼ିବ । ସମର୍ପଣ ମନ୍ତ୍ରରେ ଦୀକ୍ଷିତ ଶିଷ୍ୟମାନଙ୍କର କର୍ତ୍ତବ୍ୟ ହେଉଛି ଯେ, ସେମାନେ ଗୁରୁଦେବଙ୍କ ଇଚ୍ଛାକୁ ଅବାଧରେ ନିଜ ଜୀବନରେ ଲୀଳାୟିତ ହେବାକୁ ଛାଡ଼ିଦେବେ । ନିଜର ବ୍ୟକ୍ତିଗତ ଇଚ୍ଛାକୁ ବଳିଦେବା ହିଁ ଶିଷ୍ୟ ହେବାର ତାତ୍ପର୍ଯ୍ୟ । ତୁମମାନଙ୍କ ଇଚ୍ଛାର ଲୟ ହେଲାକ୍ଷଣି ମୋ ଇଚ୍ଛା ଶତଦଳରୂପରେ ଫୁଟିଉଠିବ । ଗୋଟିକର ବିଲୟରେ ଅନ୍ୟଟିର ବିକାଶର ସମ୍ଭାବନା ନିହିତ ।

ମୋ ଇଚ୍ଛାକୁ ବାହାରେ ମୁଁ ଯେତେଦୂର ପ୍ରକାଶ କରିଛି, ମୋ ଅବର୍ତ୍ତମାନରେ ତାହା ହିଁ ହେବ ତୁମମାନଙ୍କର ଧ୍ୟାନର ଅବଲମ୍ବନ । ମୋର ସ୍ଥୂଳଦେହକୁ ଭୁଲିଗଲେ ମୋତେ ଭୁଲିବା ହେବ ନାହିଁ । ତୁମେମାନେ ଯେଉଁଦିନ ମୋ ଇଚ୍ଛାକୁ ଭୁଲିଯିବ, ସେହିଦିନ ବୁଝିବ, ମୋତେ ତୁମେମାନେ ପ୍ରକୃତରେ ଭୁଲିଯାଇଛ ।

ଧ୍ୟାନ

ଚିତ୍ତଶୁଦ୍ଧି ଅଭାବରେ ମୋର ସୁମହାନ୍ ଇଚ୍ଛା ମଧ୍ୟ ତୁମମାନଙ୍କ ନିକଟରେ ବିକୃତ ରୂପରେ ପ୍ରକାଶ ପାଇବ । ଏଥିପାଇଁ ମୋ ଅନ୍ତର୍ଦ୍ଧାନପରେ ଆହୁରି ଗଭୀର

ଭାବରେ ସମାହିତ ହେବାକୁ ପଡ଼ିବ । ଚିତ୍ତଶୁଦ୍ଧିନିମିତ୍ତ ଗୋଟିଏ ଦିଗରେ ଧ୍ୟାନ ଅବଲମ୍ବନ କରିବ, ଗୁଣକ୍ଷୟ କରିବାନିମିତ୍ତ ଅପର ଦିଗରେ ଗୁରୁନିର୍ଦ୍ଦିଷ୍ଟ ନିଷ୍କାମ କର୍ମ କରିଯିବ । ଏହି ଦ୍ୱିବିଧ ସାଧନା ସମଭାବରେ ଚାଲିବ । ତା ହେଲେ ଯାଇ ମୁଁ ତୁମମାନଙ୍କ ଭିତରେ ଇଚ୍ଛାରୂପରେ, ପ୍ରେରଣାରୂପରେ ଫୁଟିଉଠିବି । ମୋତେ ସେହି ସମୟରେ ତୁମେମାନେ ଯଥାର୍ଥରେ ଲାଭ କରିପାରିବ; କାରଣ ଅନ୍ତରରେ ପାଇବା ହେଲା ଅସଲ ପାଇବା । ମୋ ଅନ୍ତର୍ଦ୍ଧାନପରେ ଯେଉଁମାନେ ମୋ ପାଇଁ କାନ୍ଦିବେ, ସେମାନେ ମୋ ଅସ୍ତିତ୍ୱରେ ଅବିଶ୍ୱାସୀ । ମୁଁ ଚିରକାଳ ଅଛି ଓ ଚିରକାଳ ରହିଥିବି । ସ୍ଥୂଳଦେହରେ ମୁଁ ତୁମମାନଙ୍କ ବାହାରେ ଅଛି; କିନ୍ତୁ ଏହି ଦେହ ରକ୍ଷା କଲେ ତୁମ ସମସ୍ତଙ୍କ ଅନ୍ତରରେ ମୋର ଆସନ ମନ୍ଦିର ପ୍ରତିଷ୍ଠିତ ହେବ ।

ମୋ ଇଚ୍ଛା ତୁମମାନଙ୍କ ଅନ୍ତରରେ ଯେତେଦିନଯାଏ ଉଦ୍ଦୀପିତ ରହିଥିବ, ମୁଁ ମଧ୍ୟ ତୁମମାନଙ୍କ ଅନ୍ତରରେ ସେତେଦିନପର୍ଯ୍ୟନ୍ତ ପ୍ରତ୍ୟକ୍ଷ ରୂପରେ ଜାଗ୍ରତ ରହିଥିବି । ଚିତ୍ତ ବିଶୁଦ୍ଧ ହେଲେ ବୁଝିପାରିବ ଯେ, ମୁଁ ତୁମମାନଙ୍କ ଭିତରେ ଇଚ୍ଛାରୂପରେ ସତତ ବିଦ୍ୟମାନ ।

ମୋ ଅନ୍ତର୍ଦ୍ଧାନପରେ ତୁମମାନଙ୍କର ଅସଲ ପରୀକ୍ଷା ଆରମ୍ଭ ହେବ । କେଉଁଟି ନିଜ ମନର ପ୍ରରୋଚନା, ଆଉ କେଉଁଟି ଗୁରୁଦେବଙ୍କର ପ୍ରେରଣା, ତାହା ଚିତ୍ତଶୁଦ୍ଧି ନ ହେଲେ କୌଣସି ପ୍ରକାରେ ଧରିପାରିବ ନାହିଁ । ମୋ ଅନ୍ତର୍ଦ୍ଧାନପରେ ମୋ ଇଚ୍ଛାକୁ ହୃଦୟଙ୍ଗମ କରିବାକୁ ହେଲେ ତୁମମାନଙ୍କୁ ଅନ୍ତର୍ମୁଖୀ ହେବାକୁ ପଡ଼ିବ । ସେତେବେଳେ ତୁମମାନଙ୍କ ପ୍ରାଣରେ ଅଦମ୍ୟ ପ୍ରେରଣା ଜାଗିଉଠିବ; କିନ୍ତୁ ସେହି ପ୍ରେରଣାକୁ ଅନ୍ତର୍ମୁଖୀ ଭାବଦ୍ୱାରା ନିୟନ୍ତ୍ରିତ କରିବାକୁ ହେବ । କେବଳ ବାକ୍‌ବିତଣ୍ଡା କଲେ ମୋ ଇଚ୍ଛାର କଣାମାତ୍ର ତୁମେମାନେ ବୁଝିପାରିବ ନାହିଁ । ମୋର ସୁମହାନ୍ ଇଚ୍ଛାର କଣାମାତ୍ର ବ୍ୟକ୍ତ କରିଛି କି ନା ସନ୍ଦେହ । ମୋ ଇଚ୍ଛାର ତ୍ରିପାଦ ଅବ୍ୟକ୍ତ । ସେହି ଅବ୍ୟକ୍ତ ଅଂଶଟିକୁ ବୁଝିବାକୁ ହେଲେ ଚେତନାକୁ ଊର୍ଦ୍ଧ୍ୱମୁଖୀ କରିବାକୁ ପଡ଼ିବ । ନିମ୍ନାଭିମୁଖୀ ମନଦ୍ୱାରା ମୋର ଅବ୍ୟକ୍ତ ଇଚ୍ଛାକୁ କୌଣସି ପ୍ରକାରରେ ତୁମେମାନେ ଧରିପାରିବ ନାହିଁ ।

ଯାଅ, ତୁମେମାନେ ସଂଘ ଗଠନ କର, ତେବେ ଯାଇ ମୋତେ ପାଇବ । ମୁଁ ଅଯାଚିତଭାବରେ ତୁମମାନଙ୍କ ମଧ୍ୟରେ ଉପସ୍ଥିତ ହୋଇ ତୁମ ସମସ୍ତଙ୍କ ମନୋବାଞ୍ଛା ପୂର୍ଣ୍ଣ କରିବି ।

ପୂଜାରତି

ଆଜି ମୁଁ ତୁମମାନଙ୍କୁ ଦୁଇ ଚାରି କଥା କହୁଛି, ଶୁଣ । ମୁଁ ମଠ ଆଶ୍ରମ ତ୍ୟାଗ କରି ପୁରୀରେ ଦଶବର୍ଷକାଳ ଗୋପନରେ କଟାଇଲି । ଆଜିପର୍ଯ୍ୟନ୍ତ ମୁଁ ଏଠାରେ ଏକପ୍ରକାର ମୃତଭାବରେ ଥିଲି । ତୁମମାନଙ୍କୁ ଦେଖି ମୋ ପ୍ରାଣରେ ପ୍ରେରଣା ଜାତ ହୋଇଛି । ତୁମେମାନେ ଯଦି ମୋତେ ଧରିବାକୁ ଇଚ୍ଛା କଲଣି, ତେବେ ଭଲକରି ଧରିବାକୁ ଚେଷ୍ଟା କର । ମୁଁ ମନେ କରୁଛି, ତୁମେମାନେ ଆଉ ପିଲାଖେଳପରି ନ କରି ବିଧିବଦ୍ଧଭାବରେ କାର୍ଯ୍ୟ କର । ଏହି ଯେଉଁ ଆରତି, ଏହାର ଅଧିକାର ମୁଁ କେବଳ ଗୃହସ୍ଥ ଭକ୍ତମାନଙ୍କୁ ଦେଇଛି । ତୁମେମାନେ ମୋତେ ପୂଜା ବା ଆରତି କରିବା ପୂର୍ବରୁ କିପରି ବିଧାନରେ ସେସବୁ କରିବାକୁ ହୁଏ , ତାହା ପ୍ରଥମେ ଶିକ୍ଷା କର । ଯଦି କେହି ବାହାରେ ଅଭିନୟ ବା ବକ୍ତୃତା କରିବାକୁ ଇଚ୍ଛା କରନ୍ତି, ତେବେ ସେ ପୂର୍ବରୁ ସେଥିରେ ଅଭ୍ୟସ୍ତ ହୋଇ ପରେ ଅଭିନୟ ବା ବକ୍ତୃତା କରିଥାନ୍ତି । ଏହାକୁ ପୂର୍ବାନୁବୃତ୍ତି କୁହାଯାଏ । ଏହି ପୂର୍ବାନୁବୃତ୍ତିନିମିତ୍ତ ତୁମେ ଯେତେ ଭାଇ ଏଠାରେ ଅଛ, ପ୍ରତ୍ୟେକଙ୍କ ଘରେ ଶ୍ରୀଗୁରୁଦେବଙ୍କ ପ୍ରତିମୂର୍ତ୍ତି ରଖି ତୁମ ଦେଶର ରୀତି ଅନୁଯାୟୀ ପୂଜାର୍ଚ୍ଚନା କର, ସ୍ତୋତ୍ର-ବନ୍ଦନା ପାଠ କର ଏବଂ ସେଗୁଡ଼ିକର ଅର୍ଥ ବୁଝିବାକୁ ଚେଷ୍ଟା କର । ସପ୍ତାହରେ ଥରେ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ସମସ୍ତ ଗୁରୁଭାଇମାନେ ଏକତ୍ର ମିଳିତ ହୋଇ ଯଥାବିଧାନରେ ଆରତି, ସ୍ତୋତ୍ର-ବନ୍ଦନା କର ଓ 'ଆର୍ଯ୍ୟଦର୍ପଣ' ପାଠ କର ଏବଂ ସମସ୍ତେ ମିଶି ମୋ ଭାବଗୁଡ଼ିକ ଆଲୋଚନା କର । 'ଆର୍ଯ୍ୟଦର୍ପଣ'ରେ ମୋରି ଭାବର ପ୍ରବନ୍ଧ ପ୍ରକାଶିତ ହୋଇଥାଏ । ଶେଷରେ ପରବର୍ତ୍ତୀ ଅଧିବେଶନ ଯେଉଁ ଗୁରୁଭାଇଙ୍କ ଘରେ ହେବାର ସ୍ଥିର ହେବ, ସେ ଅନ୍ୟ ଭାଇମାନଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରିବେ । ଏହା ଛଡ଼ା ପ୍ରତ୍ୟେକ ଭାଇଙ୍କୁ କିଛି କିଛି ମାସିକ ଚାନ୍ଦା ମଧ୍ୟ ଦେବାକୁ ହେବ । ଏହି ଚାନ୍ଦାରେ ଗୋଟିଏ ପାଣ୍ଠି ଗଠନ କରି ଦରିଦ୍ରନାରାୟଣଙ୍କ ସେବା କରିପାରିବ । କେବଳ ଧ୍ୟାନରେ ଚିତ୍ତଶୁଦ୍ଧି ହୁଏ ନାହିଁ; ସେବାଦ୍ୱାରା ମଧ୍ୟ ଚିତ୍ତଶୁଦ୍ଧି ହୁଏ ।

ଗୃହସ୍ଥ ଜୀବନ

ସଂଘର ଅଧିବେଶନ ଦିନ କେବଳ ଧର୍ମାଲୋଚନା ହେବ । ପ୍ରତ୍ୟେକ କାର୍ଯ୍ୟପାଇଁ ଭିନ୍ନ ଭିନ୍ନ ସଂଘ ଅଛି । କାହାର ଉଦ୍ଦେଶ୍ୟ ରାଜନୀତି, କାହାର ଉଦ୍ଦେଶ୍ୟ

ସମାଜସଂସ୍କାର ଇତ୍ୟାଦି; କିନ୍ତୁ ତୁମ ଏହି ସଂଘର ଉଦ୍ଦେଶ୍ୟ ହେବ କେବଳ ଧର୍ମନୀତି । ତୁମେମାନେ ଏହିପରିଭାବରେ ସଂଘଶକ୍ତିର ପ୍ରତିଷ୍ଠା କରି ସଂଘବଦ୍ଧ ହୁଅ ।

ପ୍ରତ୍ୟେକ ଭାଇ ଆଦର୍ଶ ଗୃହସ୍ଥ ଜୀବନ ଯାପନ କର । ମୋ ଗୃହସ୍ଥ ଭକ୍ତମାନେ ତ ସମସ୍ତଙ୍କଠାରୁ ଅଧିକ ଉନ୍ନତ । ସେମାନଙ୍କର ଗୃହତ୍ୟାଗୀମାନଙ୍କ ଅପେକ୍ଷା ଧର୍ମପ୍ରତି ଅଧିକ ଭୟ ଥାଏ । ସନ୍ନ୍ୟାସୀମାନଙ୍କ ମଧ୍ୟରେ ଉଚ୍ଚସ୍ତରର ଅଛନ୍ତି ସତ; କିନ୍ତୁ ଅଧିକାଂଶ ତ ତ୍ୟାଗ ବୈରାଗ୍ୟ ଘେନି ସଂସାର ତ୍ୟାଗ କରି ନାହାନ୍ତି ? ତ୍ୟାଗୀ ବା କେତେ ଜଣ ? ଯାହାଙ୍କର କିଛି ନାହିଁ, ସେ ତ୍ୟାଗ କରିବେ ବା କଅଣ ? ତ୍ୟାଗୀ ବୁଦ୍ଧଦେବ, ତ୍ୟାଗୀ ଚୈତନ୍ୟଦେବ । ଯାହାଙ୍କର କିଛି ଅଛି, ସେ ସିନା ତାହା ତ୍ୟାଗ କରିପାରିବେ ? ଆମ ଦେଶରେ ଅଧିକାଂଶ ସନ୍ନ୍ୟାସୀ ସଂସାରଯାତ୍ରା ନିର୍ବାହ କରିବାକୁ ଅକ୍ଷମ ହୋଇ ସଂସାର ତ୍ୟାଗ କରି ଭିକ୍ଷା ଦ୍ୱାରା ଗୋଟିଏ ବେଳା ଉଦର ପୂରଣ କରି ଗଛ ମୂଳରେ ପଡ଼ିଥାଆନ୍ତି । ଆମ ଦେଶର ଗରିବମାନେ ମଧ୍ୟ ଏହିପରି ଚଳନ୍ତି । ତେବେ ଗରିବମାନଙ୍କଠାରୁ ଏମାନଙ୍କ ବିଶେଷତ୍ୱ ଏବଂ ପାର୍ଥକ୍ୟ କାହିଁରେ ? ତୁମେମାନେ ଗୃହସ୍ଥାଶ୍ରମରେ ରହି ପବିତ୍ର ଭାବରେ ଜୀବନ ଯାପନ କଲେ ତୁମ ସନ୍ତାନସନ୍ତତିମାନେ ଉନ୍ନତ ଚରିତ୍ରର ହେବେ । ପୁଣି ତୁମରି ଘରେ ବ୍ୟାସ, ବଶିଷ୍ଠ, ଜୈମିନୀ, ପାତଞ୍ଜଳି ଜନ୍ମ ଗ୍ରହଣ କରିବେ । ଋଷିମାନେ ତ ଗୃହସ୍ଥଙ୍କର ସନ୍ତାନ । ଅତଏବ ତୁମେମାନେ ଆଦର୍ଶ ଗୃହସ୍ଥ-ଜୀବନ ଯାପନ କର ।

ତୁମେମାନେ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କର । ପ୍ରତ୍ୟେକ ଭାଇ ଅନ୍ୟ ସତୀର୍ଥ ଭାଇଙ୍କ ନିକଟରେ କିଛି ଗୋପନ ରଖିବେ ନାହିଁ । ଭାବ ଗୋପନ କରିବା ଉଚିତ ନୁହେଁ । ମୋ ପାଖରେ ଯେଉଁମାନେ ଗୋପନରେ କିଛି କହିବେ ବୋଲି କହନ୍ତି, ମୁଁ ମନେକରେ ସେମାନଙ୍କର ସ୍ୱାର୍ଥସିଦ୍ଧିର ଆଶା ଅଛି । ତୁମମାନଙ୍କର ସମସ୍ତ କଥା ମୋ ପାଖରେ ଅକପଟ ଭାବରେ ଖୋଲି କହିବା ଦରକାର । ସରଳତା ଓ ସତ୍ୟ ସର୍ବଦା ପାଳନ କରିବା ଉଚିତ । ସରଳତା ଓ ସାଧୁ ବ୍ୟବହାର ଦ୍ୱାରା ଜଣେ ସାହେବ କିପରି ଜଣେ ଚୋରର ମନ ବଦଳାଇଦେଇ ପାରିଥିଲେ, ସେକଥା ବୋଧହୁଏ ଜାଣ । ଇଂରେଜ ଦେଶରେ ମଧ୍ୟ ସାଧୁ ଓ ସରଳ ଲୋକ ଅଛନ୍ତି । ସେମାନଙ୍କଠାରୁ ମଧ୍ୟ ଶିକ୍ଷା ମିଳିପାରେ । ସେମାନଙ୍କ ଭାଷା ଶିକ୍ଷା କରି ଆମର ଅପକାର ହୋଇନାହିଁ; କିନ୍ତୁ ସେମାନଙ୍କ ମନ୍ଦ ରୀତିଗୁଡ଼ିକୁ ଅନୁକରଣ କରିବାକୁ ଯାଇ ଆମର ଅପକାର ହୋଇଛି ।

ବ୍ୟକ୍ତ ଓ ଅବ୍ୟକ୍ତ ଇଚ୍ଛା

ଯାହା ହେଉ, ଆଜି ମୋର ଜନ୍ମଦିନ । ଆଜିର ଏହି ଜନ୍ମଦିନରେ ମୁଁ ଯେଉଁସବୁ କଥା ତୁମମାନଙ୍କୁ କହିଗଲି, ଆଶାକରେ ସେସବୁ କାର୍ଯ୍ୟରେ ପରିଣତ କରିବାକୁ ଭୁଲିଯିବ ନାହିଁ । ତୁମେମାନେ ଆତ୍ମସ୍ଥ ହୁଅ, ସମାହିତ ହୁଅ । ତାହାହେଲେ ମୁଁ ଯାହା ବ୍ୟକ୍ତ କରିଛି ଏବଂ ଯାହା ବ୍ୟକ୍ତ କରିନାହିଁ, ମୋର ସେହି ସମସ୍ତ ଇଚ୍ଛାକୁ ଉପଲବ୍ଧି କରିପାରିବ । ସ୍ଥୂଳଦେହ ଛାଡ଼ି ମୁଁ ମୋର ଇଚ୍ଛା ସହିତ ମିଶି ରହିବି । ମୋର ଇଚ୍ଛାକୁ ଯେଉଁମାନେ ରୂପ ଦେଇ ପାରିବେ, ସେହିମାନେ କେବଳ ମୋତେ ଯଥାର୍ଥଭାବରେ ଲାଭ କରିପାରିବେ ।

ମୋର ଅବ୍ୟକ୍ତ ଇଚ୍ଛା ସମ୍ୟକ୍ ଉପଲବ୍ଧି କରିବାକୁ ହେଲେ ଚିତ୍ତ ଲୟ କରିବାକୁ ପଡ଼ିବ । ଚିତ୍ତ ଲୟ ହେଲାକ୍ଷଣି ଶୁଦ୍ଧ ଆଧାରରେ ନିର୍ମଳ ବାସନାରୂପରେ ମୁଁ ଫୁଟିଉଠିବି । ମୋ ଇଚ୍ଛା ଯେଉଁଦିନ ସମ୍ପୂର୍ଣ୍ଣ ଭାବରେ ତୁମମାନଙ୍କ ଅନ୍ତରରେ ଫୁଟିଉଠିବ, ସେହିଦିନ ବୁଝିବ, ତୁମମାନଙ୍କର ନିର୍ବିକଳ୍ପ ସମାଧି ଲାଭ ହୋଇଯାଇଛି ।

ମୋ ଅବର୍ତ୍ତମାନରେ ମୋ ଆଦେଶ ଓ ଉପଦେଶଗୁଡ଼ିକୁ ଗୁରୁଙ୍କଭଳି ସମ୍ମାନ ପ୍ରଦର୍ଶନ କରିବ । ମୁଁ ସେତେବେଳେ ତୁମମାନଙ୍କ ଅନ୍ତରରେ ବାଣୀରୂପରେ, ପ୍ରେରଣାରୂପରେ ଫୁଟିଉଠିବି । କିନ୍ତୁ ସାବଧାନ, ନିଜର ବ୍ୟକ୍ତିଗତ ସ୍ୱାର୍ଥପର ଇଚ୍ଛାକୁ ଯେପରି ଗୁରୁଦେବଙ୍କର ପ୍ରେରଣା ବୋଲି ନ ବୁଝ !

ମୁଁ ଚାହେଁ, ତୁମମାନଙ୍କୁ ଧୀରେ ଧୀରେ ଉନ୍ନତିପଥରେ ନେଇଯିବାକୁ, ଛୋଟରୁ ବଡ଼ କରିବାକୁ । ଜଗତରେ ଯାହା କିଛି ବଡ଼ ଦେଖୁଛ, ସମସ୍ତେ ଛୋଟରୁ କ୍ରମେ ବଡ଼ ହୋଇଛନ୍ତି । ତୁମମାନଙ୍କର ପ୍ରଚାରର ଅଧିକ ପ୍ରୟୋଜନ ନାହିଁ । ତୁମେମାନେ ନିଜେ ନିଜେ ଶୁଦ୍ଧାତ୍ମା ହୁଅ । ଯେଉଁ ଗ୍ରାମରେ ତିନିଜଣ ଗୁରୁଭାଇ ଅଛ, ସେମାନଙ୍କ ଘରେ ମୁଷ୍ଟିଭିକ୍ଷା ରଖିବାର ବିଧି ପ୍ରଚଳନ କର । ଗୋଟିଏ ସ୍ଥାନରେ ନିର୍ଦ୍ଦିଷ୍ଟ ସମୟରେ ଏକତ୍ରିତ ହୁଅ । ଏଥିରେ କାର୍ଯ୍ୟ ସିଦ୍ଧ ହେବ । ଏପରି ଦିନ ଆସିବ, ଯେତେବେଳେ ବଡ଼ ବଡ଼ ଲୋକେ ତୁମମାନଙ୍କ ମଠ ଆଶ୍ରମ ଆଡ଼କୁ ଆକୃଷ୍ଟ ହେବେ । ସତ୍ୟର ଆଦର ଚିରଦିନ ସମାନ ।

ଆତ୍ମଶୁଦ୍ଧିରେ ଆତ୍ମୋନ୍ନତି

ତୁମମାନଙ୍କର ଅନ୍ତଃକର୍ମ ଅର୍ଥାତ୍ ଆତ୍ମୋନ୍ନତି ପ୍ରଥମ । ଭିତରେ ଭଲ ନ ହେଲେ, ନିଜେ ଦୃଢ଼ ନ ହେଲେ, ନିଜକୁ ଜାଣି ନ ପାରିଲେ, ଆତ୍ମଶୁଦ୍ଧିକରଣରୂପ ନିଜର ସେବା କରି ନ ପାରିଲେ ଅନ୍ୟର ସେବା ପାଇଁ କାହାର ଅଧିକାର ଜନ୍ମେ ନାହିଁ । କୌଣସି ଅବସ୍ଥାରେ ଅନ୍ତଃସାରଶୂନ୍ୟ ହୁଅ ନାହିଁ । ଯେଉଁ ଅନୁଷ୍ଠାନ କେବଳ ବହିଃକର୍ମ ନେଇ ବ୍ୟସ୍ତ ରହେ, ତାହା ଅନ୍ତଃସାରଶୂନ୍ୟ ହୋଇ କିଛି ଦିନପରେ ନଷ୍ଟ ହୋଇଯାଏ । ତୁମେମାନେ ସମସ୍ତେ ପରସ୍ପର ପ୍ରତି ପ୍ରେମ-ପ୍ରୀତି ରଖି କାର୍ଯ୍ୟ କର । ଜଣେ କାର୍ଯ୍ୟ କରୁନାହିଁ ବା କରିବାକୁ ବିଳମ୍ବ କରୁଛି ବୋଲି ତୁମେ ମଧ୍ୟ କାମ କରିବ ନାହିଁ, ଏପରି ଭାବ ଭଲ ନୁହେଁ । ତୁମେମାନେ ଦଶଜଣ କାମ କଲେ ସେ ଯଦି ନୀଚ ହୋଇ ନ ଥିବ, ତାର ଯଦି ପ୍ରକୃତ ମନୁଷ୍ୟତା ଥିବ, ତେବେ କୌଣସି ପ୍ରକାରେ ସେ ବସି ରହିପାରିବ ନାହିଁ । ଜଣକର ମନ୍ଦକଥା ଦେଖିଲେ ହଠାତ୍ ତାକୁ ଧରିବା ଠିକ୍ ନୁହେଁ । ଆତ୍ମୋନ୍ନତି ଆଡ଼କୁ ଲକ୍ଷ୍ୟ ରଖିବା ହିଁ ତୁମର ମୂଳ ଉଦ୍ଦେଶ୍ୟ । ଗତାନୁଗତିକ ଭାବରେ ଚଳ ନାହିଁ । ନିଜ ଲକ୍ଷ୍ୟପ୍ରତି ଦୃଷ୍ଟି ଦେଇ ଠାକୁରଙ୍କ କଥା ଭାବି ଭାବି କାର୍ଯ୍ୟ କରିଯାଅ ।

କାର୍ଯ୍ୟକ୍ଷେତ୍ରରେ ଦେଖିବ, ତୁମେ ଯେଉଁ କାର୍ଯ୍ୟ କରୁଛ ସେଥିରେ ନିଜେ ସନ୍ତୁଷ୍ଟ ହେଉଛ କି ନାହିଁ; ତୁମ ପ୍ରାଣ ତୃପ୍ତ ହେଉଛି କି ନାହିଁ । ବାହାରେ କାହାକୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ତୁମକୁ କାର୍ଯ୍ୟ କରିବାକୁ ହେବ ନାହିଁ । ଦେଖିବ, ସେ କାର୍ଯ୍ୟଦ୍ୱାରା ତୁମ ଅନ୍ତର ଦେବତା ସନ୍ତୁଷ୍ଟ ହେଉଛନ୍ତି କି ନାହିଁ । ସେ ସନ୍ତୁଷ୍ଟ ହେଲେ ସମସ୍ତେ ସନ୍ତୁଷ୍ଟ ହେବେ । ତୁମେମାନେ ପ୍ରେମପ୍ରୀତି ରଖି କାର୍ଯ୍ୟ କରିଯାଅ । ଖାଅ, ପିଅ, ଆନନ୍ଦ-ଆହ୍ଲାଦ କର, ଠାକୁରଙ୍କ କାର୍ଯ୍ୟ କରି ଚିତ୍ତଶୁଦ୍ଧି ଲାଭ କର— ଏହା ଦେଖିଲେ ହିଁ ମୋର ଆନନ୍ଦ ।

ମନୁଷ୍ୟ ଦୁର୍ଲଭ

ତୁମ ସମସ୍ତଙ୍କର ଯେପର୍ଯ୍ୟନ୍ତ ମୁକ୍ତି ନ ହୋଇଛି, ସେ ପର୍ଯ୍ୟନ୍ତ ମୋର ନିସ୍ତାର ନାହିଁ । ମୋତେ କୌଣସି ଋଷି ଦେହକୁ ଆଶ୍ରୟ କରି ରହିବାକୁ ହେବ । ସମସ୍ତେ ମୁକ୍ତ ହେଲେ ଯାଇ ମୋର ନିର୍ବାଣମୁକ୍ତି ହେବ ।

ନୂତନ ଉଦ୍ୟମରେ, ନୂତନ ଉତ୍ସାହରେ ନବବର୍ଷର କର୍ମ କରିବାନିମିତ୍ତ ପ୍ରସ୍ତୁତ ହୋଇପଡ଼ । ତୁମମାନଙ୍କ ବାହୁରେ ଶକ୍ତି ଓ ହୃଦୟରେ ଭକ୍ତିର ବିକାଶ ହେଉ । ଶତ

ବାଧାବିଘ୍ନ ଅତିକ୍ରମ କରି ଠାକୁରଙ୍କ ନିର୍ଦ୍ଦେଶିତ ପଥରେ ଚାଲିବାର ଶକ୍ତି ଲାଭକର । ଜାଣିରଖ, ଟଙ୍କା-ପଇସା ବଡ଼ ନୁହେଁ; ବଡ଼ ହେଉଛି ମନୁଷ୍ୟତା । ମୁଁ ତୁମମାନଙ୍କଠାରୁ ଟଙ୍କା-ପଇସା ଚାହୁଁ ନାହିଁ; ମୁଁ ଚାହୁଁଛି, ତୁମେମାନେ ମନୁଷ୍ୟ ହୋଇଉଠ । ଟଙ୍କା ପଇସା ତ ଖୋଜିଲାମାତ୍ରେ ମିଳିଯିବ । ଜଗତସାରା ଟଙ୍କା-ପଇସା ବିଛାଇହୋଇ ପଡ଼ିରହିଛି; କିନ୍ତୁ ମନୁଷ୍ୟ ପାଇବା ଦୁର୍ଲଭ । ମନୁଷ୍ୟତ୍ୱ ଅର୍ଜ୍ଜନ କରିବା ବଡ଼ କଠିନ । ମୁଁ ଚାହୁଁଛି– ତୁମେମାନେ ମନୁଷ୍ୟ ହୋଇଉଠ । ତୁମମାନଙ୍କ ଭିତରେ ମୁକ୍ତପୁରୁଷ ସିଂହବିକ୍ରମରେ ଜାଗିଉଠନ୍ତୁ । ତୁମମାନଙ୍କଠାରୁ ମୁଁ ଅନ୍ୟ କିଛି ଚାହୁଁ ନାହିଁ । ମୁଁ ମଠ ଆଶ୍ରମ ଚାହୁଁ ନାହିଁ । ତୁମମାନଙ୍କଠାରୁ କୌଣସି କାର୍ଯ୍ୟ ହାସଲ କରିବାର ଦାବି ମଧ୍ୟ ମୁଁ ରଖୁ ନାହିଁ । ମୁଁ କେବଳ ଏହି ଭିକ୍ଷା କରୁଛି, ତୁମେମାନେ ମନୁଷ୍ୟ ହୁଅ । ମୁଁ ତୁମମାନଙ୍କ ନିକଟରେ ମନୁଷ୍ୟତ୍ୱ, ଦେବତ୍ୱ, ଈଶ୍ୱରତ୍ୱ ଓ ବ୍ରହ୍ମତ୍ୱର ଭିଖାରି । ତୁମେମାନେ ମନୁଷ୍ୟ ହୁଅ, ଦେବତା ହୁଅ, ଈଶ୍ୱର ହୁଅ, ବ୍ରହ୍ମ ହୁଅ– ଏହା ହିଁ ମୋର ଆଶା ଏବଂ ଆଶୀର୍ବାଦ ।

ମୁଁ ଆଶୀର୍ବାଦ କରୁଛି, ତୁମମାନଙ୍କ ଚିତ୍ତ ନିର୍ମଳ ହେଉ; ତୁମମାନଙ୍କ ନିର୍ମଳ ଚିତ୍ତରୂପ ବିଶୁଦ୍ଧ ଦର୍ପଣରେ ମୋର ଶୁଭ ଇଚ୍ଛା ନିର୍ବାଧଭାବରେ ପ୍ରତିଫଳିତ ହେଉ । ଚିତ୍ତ ଯେଉଁ ଭୂମିରେ ଅଧିରୋହଣ କଲେ ସଦ୍‌ଗୁରୁଙ୍କ ଇଚ୍ଛାକୁ ପ୍ରତ୍ୟକ୍ଷ କରିବାର ସୌଭାଗ୍ୟ ଘଟେ, ତୁମମାନଙ୍କ ଚିତ୍ତ କେବଳ ମୋ ଆଶୀର୍ବାଦବଳରେ ସେହି ଭୂମିରେ ଅଧିରୋହଣ କରୁ । ତୁମେମାନେ ମୋର ବିରାଟ ଇଚ୍ଛାର ଗୋଟିଏ ଗୋଟିଏ ମୂର୍ତ୍ତ ପ୍ରତୀକ ହୁଅ– ଏହା ହିଁ ମୋର ଶେଷ ଆଶୀର୍ବାଦ ।

ଦିନ ଶେଷରେ ଭାବନା

ଦିନଶେଷରେ ଭାବି ଦେଖିବ, ଠାକୁରଙ୍କ ଉଦ୍ଦେଶ୍ୟସାଧନ ପଥରେ କିଏ କେତେଦୂର ଅଗ୍ରସର ହୋଇପାରିଛ । ଠାକୁରଙ୍କ କର୍ମ କରି ଯାହାଙ୍କର ଚିତ୍ତ ଯେତେପରିମାଣରେ ବିଶୁଦ୍ଧ ହୋଇଛି, ସେ ଅନ୍ତରରେ ସେହି ପରିମାଣରେ ଉପଲବ୍ଧି କରିପାରିବେ । ତୁମେମାନେ କେବଳ ବସିରହିଲେ ଚଳିବ ନାହିଁ । ପରର ଅନିଷ୍ଟ ଚିନ୍ତାରେ, ପରର ଅନିଷ୍ଟକର କର୍ମରେ ଦିନ ଅତିବାହିତ କଲେ ଚଳିବ ନାହିଁ । ତୁମେମାନେ କଅଣ ଅସଲ ଉଦ୍ଦେଶ୍ୟ, ଅସଲ ଲକ୍ଷ୍ୟ ଭୁଲିଯାଇ ଅବାନ୍ତର ବିଷୟ ନେଇ ନାମ-ଯଶଃ-ପ୍ରତିପତ୍ତିର ଅତଳପଙ୍କରେ ବୁଡ଼ି ମରିବ ? ମୋ ସମ୍ଭାଷଣର ମର୍ଯ୍ୟାଦା ଅକ୍ଷୁଣ୍ଣ

ରକ୍ଷିବାକୁ ବର୍ତ୍ତମାନ କଅଣ ତୁମେମାନେ ଯତ୍ନବାନ୍ ହେବ ନାହିଁ ? ତୁମେମାନେ ଯେ ମୋର ପାର୍ଷଦ, ଲୀଳାସହଚର— ଏକଥା ଭୁଲିଯାଅ ନାହିଁ ।

ତୁମେମାନେ ସ୍ୱରୂପଜ୍ଞାନରେ ପ୍ରତିଷ୍ଠିତ ହୁଅ । ମୋରି କର୍ମ ହିଁ ତୁମମାନଙ୍କର ଧ୍ୟାନର ବସ୍ତୁ ହେଉ । ତୁମ ସମସ୍ତଙ୍କର ଶକ୍ତି ମୋ ଇଚ୍ଛାକୁ ରୂପ ଦେବାକୁ ସଂହତ ହେଉ । ଜଗତ୍‌ହିତକର କର୍ମ ସମ୍ପାଦନ ହିଁ ତୁମମାନଙ୍କର ଜୀବନର ଏକମାତ୍ର ବ୍ରତ । ତୁମମାନଙ୍କ ଶକ୍ତିକୁ ହିଂସା, ନିନ୍ଦାପଥରେ ଅପଚୟ କର ନାହିଁ । ତୁମେମାନେ ସମସ୍ତେ ଯେ ମୋର ସେବକ, ଏକଥା ସର୍ବଦା ମନେରଖ । ମୋର କର୍ମ ପ୍ରତ୍ୟେକଙ୍କର ପ୍ରାଣର ଆକାଂକ୍ଷା ହେଉ । ସମସ୍ତେ ମୋ କର୍ମରେ ଆତ୍ମନିୟୋଗ କର । ଯେଉଁ କାର୍ଯ୍ୟଦ୍ୱାରା, ଯେଉଁ ଆଚରଣଦ୍ୱାରା ମୋ ପ୍ରାଣରେ ବ୍ୟଥା ଜନ୍ମେ, ସେହି କର୍ମରୁ ତୁମେମାନେ ସମ୍ପୂର୍ଣ୍ଣ ବିରତ ହୁଅ । ମୋତେ ସନ୍ତୁଷ୍ଟ କର, ପ୍ରାଣରେ ଶାନ୍ତି ଅନୁଭବ କର— ଏହାହିଁ ମୋର ଏକମାତ୍ର କାମନା ।

ଗତାନୁଗତିକ ପନ୍ଥା ଛାଡ଼

ତୁମେମାନେ ଅନେକ ସମୟରେ ଠାକୁରଙ୍କ ପ୍ରାଣ ଆଡ଼କୁ ଦୃଷ୍ଟିପକାଅ ନାହିଁ । ତୁମେ ଯଦି ପ୍ରକୃତରେ ଠାକୁରଙ୍କୁ ସୁଖ ପାଅ, ଯେଉଁ ଆଚରଣରେ, ଯେଉଁ କର୍ମରେ ଠାକୁରଙ୍କ ପ୍ରାଣରେ ଆଘାତ ଜନ୍ମେ, ତାହା କଅଣ ତୁମ ପ୍ରାଣରେ ଆଘାତ ଦେବ ନାହିଁ ? କାହିଁ, ତୁମମାନଙ୍କ ପ୍ରାଣରେ ସେ ସ୍ପନ୍ଦନ ତ ଦେଖାଯାଉ ନାହିଁ ! ତୁମେମାନେ ପ୍ରାଣହୀନ ଭାବରେ ଗତାନୁଗତିକ ପନ୍ଥାରେ ଚାଲିଛ । ଏଥିପାଇଁ କହୁଛି, ସର୍ବଦା ପ୍ରାଣକୁ ସତେଜ, ବଳିଷ୍ଠ, ଅନୁଭୂତିସମ୍ପନ୍ନ କରି ତୁମମାନଙ୍କୁ ଚଳିବାକୁ ହେବ । ତୁମେମାନେ କି ଉଦ୍ଦେଶ୍ୟରେ କାହାର କର୍ମ କରିବାପାଇଁ ଜନ୍ମ ଗ୍ରହଣ କରିଛ, ସେକଥାଟି ଭୁଲିଗଲେ ଚଳିବ ନାହିଁ ।

ତୁମେମାନେ ଠାକୁରଙ୍କ କର୍ମର ସହାୟକ । ଉଦ୍ଦେଶ୍ୟ-ସିଦ୍ଧିପଥରେ ବିଘ୍ନ ଉତ୍ପାଦନ କରିବା ତ ତୁମମାନଙ୍କର କାର୍ଯ୍ୟ ନୁହେଁ ! ତୁମମାନଙ୍କ ସମ୍ମୁଖରେ ଅସଂଖ୍ୟ କାର୍ଯ୍ୟ । କାର୍ଯ୍ୟରେ ମାତିଗଲେ ତୁମମାନଙ୍କଦ୍ୱାରା କୌଣସି ଅନ୍ୟାୟ କାର୍ଯ୍ୟ ସାଧିତ ହୋଇପାରିବ ନାହିଁ । କାର୍ଯ୍ୟ କରିଯାଅ— ଅକାର୍ଯ୍ୟ କର ନାହିଁ । ନିତ୍ୟ ନୂତନ ପ୍ରାଣରେ, ନବ ପ୍ରଭାତରେ, ନବ କାର୍ଯ୍ୟର ସୂଚନା କର । ବିବାଦ କରିବା, କଳହ କରିବା,

ପାର୍ଷଦଙ୍କର କାର୍ଯ୍ୟ ନୁହେଁ । ପାର୍ଷଦଙ୍କର ଜୀବନ ଅଭିବ୍ୟକ୍ତିର ଜୀବନ । ଠାକୁରଙ୍କ କର୍ମ ବିନା ବାଧାରେ ତୁମମାନଙ୍କଦ୍ୱାରା ସିଦ୍ଧ ହେବ ।

ତୁମ ସମସ୍ତଙ୍କ ଜୀବନରେ ଏକମାତ୍ର ଲକ୍ଷ୍ୟ ଠାକୁରଙ୍କ କର୍ମସାଧନ । ତେଣୁ ତୁମମାନଙ୍କ ଭିତରେ ବିରୋଧ ମନୋବୃତ୍ତି ରହି ନ ପାରେ । ତୁମେମାନେ କାହିଁକି କର୍ମ କରିବ ? ଠାକୁରଙ୍କ ପ୍ରୀତିନିମିତ୍ତ ତ ଏହା ହିଁ ତୁମମାନଙ୍କର ଲକ୍ଷ୍ୟ, ଏହା ହିଁ ତୁମମାନଙ୍କର ସାଧନା ।

ତୁମେମାନେ କ'ଣ ପ୍ରକୃତରେ ମୋତେ ସୁଖ ପାଅ ? ମୋତେ ସୁଖପାଇବାର ଲକ୍ଷଣ ବା ପ୍ରମାଣ କାହିଁ ? ବର୍ତ୍ତମାନ ମଧ୍ୟ ତୁମେମାନେ ନିଶ୍ଚିନ୍ତରେ ନିଦ୍ରା ଯାଉଛ, ଆଳସ୍ୟ-ଜଡ଼ତାରେ ସମୟ ନଷ୍ଟ କରୁଛ, ମୋତେ ଭୁଲିଯାଇ ମଧ୍ୟ ଆନନ୍ଦରେ ରହିପାରୁଛ— ଏହା କଅଣ ମୋତେ ସୁଖପାଇବାର ଲକ୍ଷଣ ? ତୁମମାନଙ୍କ ଭିତରେ ସେ ଉନ୍ମାଦନା କାହିଁ ? ଆଳାପରେ, ପ୍ରଳାପରେ, ଜାଗ୍ରତରେ, ସ୍ୱପ୍ନରେ ମୋ ଚିନ୍ତାରେ ତୁମମାନଙ୍କୁ ବିଭୋର ଥିବାର ତ ଦେଖିପାରୁ ନାହିଁ ! ଏଥିପାଇଁ କହୁଛି, ତୁମେମାନେ ମୋର ମହାବାକ୍ୟକୁ ସର୍ବଦା ସ୍ମରଣ କରି ଚଳ । ପ୍ରାଣକୁ ସର୍ବଦା ଅନୁଭୂତିରେ ପୂର୍ଣ୍ଣ କରି ରଖ । ଅନୁଭୂତି ହିଁ ପ୍ରାଣ । ପ୍ରାଣର ଜାଗରଣରେ ହିଁ ଉଦ୍ଦେଶ୍ୟ ସିଦ୍ଧ ହୁଏ ।

ଲୀଳା ସହଚର

ସାଧକ ଜୀବନରେ ଦ୍ୱନ୍ଦ୍ୱ ଥାଏ; କିନ୍ତୁ ତୁମେମାନେ ଯେ ମୋର ନିତ୍ୟ ପାର୍ଷଦ । ପାର୍ଷଦ ବା ଲୀଳାସହଚରଙ୍କ ଜୀବନ ଅନାୟାସ ଓ ସରଳ । ଗୋଟିଏ ପ୍ରବଳ ଦୈବୀ ଇଚ୍ଛା ଏବଂ ଏକମାତ୍ର ସ୍ମରଣୀୟ ଆଦର୍ଶ ହିଁ ଜୀବନର କର୍ମଧାରାକୁ ନିୟନ୍ତ୍ରଣ କରେ । ପାର୍ଷଦମାନଙ୍କର ପ୍ରତି କର୍ମରେ ମୋ ଭାବ, ମୋ ଆଦର୍ଶ ନବ ନବ ରୂପରେ ଆବର୍ତ୍ତିତ ହେଉଥାଏ । ମୋ ଇଚ୍ଛାକୁ ରୂପ ଦେବା ବ୍ୟତୀତ ତୁମମାନଙ୍କର ଅନ୍ୟ କୌଣସି ଧ୍ୟାନ-ଧାରଣାର ପ୍ରୟୋଜନ ନାହିଁ । ମୋ ଇଚ୍ଛାକୁ ରୂପ ଦେବାକୁ ଯିବାମାତ୍ରେ ପ୍ରକୃତରେ ମୋ ଧ୍ୟାନରେ ତୁମେମାନେ ତନ୍ମୟ ହୋଇଯିବ । କର୍ମସାହାଯ୍ୟରେ ମୋ ଧ୍ୟାନରେ ତୁମେମାନେ ତନ୍ମୟ ହୁଅ ।

ତୁମମାନଙ୍କର କୌଣସି ଚିନ୍ତା ନାହିଁ, ପରପାରର ଭାବନା ମଧ୍ୟ ନାହିଁ । ତୁମେମାନେ ତ କର୍ମ କରିବ ନାହିଁ ଆଉ କେଉଁମାନେ କରିବେ ? ତୁମେମାନେ ମୋ ନିତ୍ୟ ଲୀଳାର ସହଚର, ଏ କଥାଟି ସର୍ବଦା ସ୍ମରଣ ରଖିଥିବ । ପ୍ରାଣର ଜ୍ୱଳନ୍ତ ଅନୁଭୂତି

ତୁମମାନଙ୍କ ଭିତରେ ତ୍ୟାଗ, ବୈରାଗ୍ୟ, କଷ୍ଟ ସହିଷ୍ଣୁତା ଗୋଟିକପରେ ଗୋଟିଏ ଦୈବୀ ଗୁଣଗୁଡ଼ିକୁ ସମ୍ପଦସ୍ୱରୂପ ସଂଗ୍ରହ କରିବ । ପ୍ରାଣକୁ ଅନୁଭୂତିରେ ପୂର୍ଣ୍ଣକରି ରଖିବା ତୁମମାନଙ୍କର ପ୍ରଥମ କାର୍ଯ୍ୟ ।

ତୁମେମାନେ ସମସ୍ତେ ପ୍ରସ୍ତୁତ ହୋଇ ରହ । ଭଗବାନ୍ ନିକଟରେ ଆସିବେ । ଯେଉଁ କ୍ଷେତ୍ରରେ ସେ ପବିତ୍ରତା, ଧର୍ମପ୍ରାଣତା ଦେଖିବେ, ସେହିଠାରେ ତାଙ୍କର ଅଭୟ ହସ୍ତ ପ୍ରସାରିତ ହେବ । ମୋର ମଠ ଓ ଆଶ୍ରମଗୁଡ଼ିକ ତାଙ୍କରି କାର୍ଯ୍ୟରେ ଲାଗିବ । ଏଗୁଡ଼ିକୁ ତୁମେମାନେ କୌଣସି ପ୍ରକାର ବଞ୍ଚାଇ ରଖ । ସେ ଯେତେବେଳେ ଆସିବେ, ସେ ସମସ୍ତ ଭାର ନିଜ ହସ୍ତରେ ବହନ କରିବେ । ତାଙ୍କରି କାର୍ଯ୍ୟରେ ଲାଗିବ ବୋଲି ମୁଁ ମଠ ଆଶ୍ରମ ପାଇଁ ଏତେ ଚିନ୍ତା କରୁଛି । ତୁମେମାନେ ସମସ୍ତେ ନିଶ୍ଚିନ୍ତଭାବରେ ଗୁରୁଦେବଙ୍କ ଉପରେ ନିର୍ଭର କରି ଗୁରୁଦେବଙ୍କ କାର୍ଯ୍ୟ କରିଯାଅ । ସେ ଯେତେବେଳେ ଆସିବେ ତୁମମାନଙ୍କୁ ସେ ଆପଣାର କରିନେବେ ।

ଯେଉଁ ତ୍ୟାଗ ବୈରାଗ୍ୟ ନେଇ ସ୍ୱରୂପାନନ୍ଦ ପ୍ରଭୃତି ମୋର ଅନ୍ତରଙ୍ଗ ଭକ୍ତମାନେ ସାରସ୍ୱତ ମଠ ଗଠନ କରିଯାଇଛନ୍ତି, ସେମାନଙ୍କ ସମବେତ ଶକ୍ତି ସହିତ ମୋ ନିଜର ଶକ୍ତି ସେଠାରେ ପୁଞ୍ଜୀଭୂତ ହୋଇ ମଠ ଏପରି ଗୋଟିଏ ଶକ୍ତିଶାଳୀ ଯନ୍ତ୍ରସ୍ୱରୂପ ହୋଇଯାଇଛି ଯେ, ବାଜେ କାର୍ଯ୍ୟ ଓ ବାଜେ ଚିନ୍ତା ଛାଡ଼ିଦେଇ କେହି ଯଦି ସେଠାରେ ଜୀବନଯାତ୍ରା ନିର୍ବାହ କରନ୍ତି, ମାତ୍ର ଗୋଟିଏ ବର୍ଷରେ ସେ ସିଦ୍ଧି ଲାଭ କରିବେ ।

ଏସବୁ କଥା ବିଜ୍ଞାପନ ଦେଇ ପ୍ରଚାର କରିବା ଉଚିତ ନୁହେଁ । ଏଥିରେ ଚାରିଆଡ଼ୁ ବିଦ୍ରୂପ ପ୍ରଚାର ହେବ । ଯେଉଁମାନେ ମହାପୁରୁଷ, ସେମାନଙ୍କର ବାହ୍ୟିକ ବିଜ୍ଞାପନର ପ୍ରୟୋଜନ ହୁଏ ନାହିଁ । ଜଗତର ଅନ୍ତରାଳରେ ଥାଇ ସେମାନେ ଅନ୍ତଃଚକ୍ଷୁସାହାଯ୍ୟରେ ସବୁ ପ୍ରତ୍ୟକ୍ଷ କରି ଅଧିକାରୀମାନଙ୍କୁ ଖୋଜି ଖୋଜି ଆକର୍ଷଣ କରନ୍ତି ।

କର୍ମୀମାନଙ୍କ ପ୍ରତି

କର୍ମ ରହସ୍ୟ

ଯୋଗର ସଙ୍କେତ ଯେଉଁମାନେ ଜାଣିପାରିଛନ୍ତି, ସେମାନଙ୍କର କର୍ମତ୍ୟାଗ ଆବଶ୍ୟକ ନାହିଁ । ତୁମେମାନେ ଯଦି କର୍ମ ପରିତ୍ୟାଗ କରିବ, ତେବେ ତୁମମାନଙ୍କର ମନ ତାମସିକ ଭାବରେ ପୂର୍ଣ୍ଣ ହୋଇଯିବ । ତେଣୁ ଫଳାକାଂକ୍ଷା ସମର୍ପଣ ପୂର୍ବକ ନିଷ୍ଠାର ସହିତ କର୍ମ ସମ୍ପାଦନ କରିଯାଅ ।

ଅଜ୍ଞାନସମ୍ଭୂତ ସଂଶୟକୁ ଜ୍ଞାନଖଡ୍‌ଗଦ୍ୱାରା ବିନାଶ କର । ତାହାହେଲେ ଦିବ୍ୟଜୀବନର, ଦିବ୍ୟକର୍ମର ସନ୍ଧାନ ପାଇବ । କର୍ମର କୌଶଳ ନ ଜାଣି କର୍ମ କରୁଥିବାରୁ ସହଜରେ ତୁମମାନଙ୍କର ଏତେ କ୍ଳାନ୍ତି ଓ ଅବସାଦ ଆସେ । କର୍ମ-ରହସ୍ୟ ଜାଣି କର୍ମ କଲେ ଅକ୍ଳାନ୍ତଭାବରେ ତୁମେମାନେ କର୍ମ କରିଯାଇପାରିବ । କର୍ମ ତ୍ୟାଗ କଲେ ମୁକ୍ତି ଆସିବ ନାହିଁ । ନୈଷ୍କର୍ମ୍ୟର ପ୍ରଲୋଭନ ସବୁଠାରୁ ବଡ଼ ପ୍ରଲୋଭନ । ଏଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ କର୍ମତ୍ୟାଗକୁ କାପୁରୁଷର ଲକ୍ଷଣ ବୋଲି କହିଛନ୍ତି ।

ଅଭିମାନ ବିସର୍ଜନ ଦେଇ ନିଜକୁ ଯନ୍ତ୍ର କରିପକାଅ, ଯେପରି ଭଗବାନଙ୍କ ଶୁଭ ଇଚ୍ଛା ତୁମଭିତରେ ଲୀଳାୟିତ ହୋଇଉଠିବ । ଜୀବନକୁ ବିଶୁଦ୍ଧ, ସ୍ୱଚ୍ଛ ଦର୍ପଣ-ସ୍ୱରୂପ କରିପକାଅ । ତାହା ହେଲେ ଦେଖିବ, ଏହି ପାର୍ଥିବ ଜୀବନରେ ଦୈବୀ ଜୀବନର ଅଫୁରନ୍ତ ପ୍ଲାବନ ଆସି କ୍ଷୁଦ୍ର ଅଭିମାନକୁ ଭସାଇ ନେଇଯିବ । ଅହଂକୁ ବିସର୍ଜ୍ଜନ କଲେ ଯାଇ ତୁମମାନଙ୍କ ହୃଦୟରେ ତାଙ୍କର ଆସନ ଚିରପ୍ରତିଷ୍ଠିତ ହେବ ।

ଜୀବନର ଶେଷମୁହୂର୍ତ୍ତପର୍ଯ୍ୟନ୍ତ ଅନାସକ୍ତଭାବରେ କର୍ମ କରିଯାଅ । କେତେ ଜଣ ବା କର୍ମ କରିବାର ସୌଭାଗ୍ୟ ଲାଭ କରିଥାନ୍ତି ? ଅଧିକନ୍ତୁ ତୁମେମାନେ ଫଳାକାଂକ୍ଷାଶୂନ୍ୟ ହୋଇ କର୍ମର ଅନୁଷ୍ଠାନ କରିବାକୁ ଶିକ୍ଷା କରିଛ । କର୍ମ କେଉଁଦିନ ମନୁଷ୍ୟକୁ ବନ୍ଧନଦଶାରେ ପକାଇବାକୁ ଚାହେଁ ନାହିଁ; ମନୁଷ୍ୟ ନିଜେ ଗଢ଼ିଥିବା ଶୃଙ୍ଖଳରେ ନିଜେ ଆବଦ୍ଧ ହୋଇପଡ଼େ ।

କର୍ମପ୍ରେରଣା

ଆତ୍ମନିଷ୍ଠ ଭଗବନ୍ନିଷ୍ଠଙ୍କୁ କେଉଁଦିନ କୌଣସି କର୍ମରେ ଜଡ଼ିତ ହେବାକୁ ପଡ଼େ ନାହିଁ । କର୍ମକୁ ପରିତ୍ୟାଗ କରି ଯେଉଁମାନେ ଜ୍ଞାନାର୍ଜ୍ଜନ କରିବାକୁ ଇଚ୍ଛା କରୁଛନ୍ତି, ସେମାନେ ଅବଶେଷରେ ପ୍ରବଞ୍ଚନାରେ ପ୍ରତାରିତ ହେବେ । ଯଥାର୍ଥ ଜ୍ଞାନର ସନ୍ଧାନ ସେମାନେ କେବେହେଲେ ଲାଭ କରିପାରିବେ ନାହିଁ ।

ତୁମମାନଙ୍କ ଜୀବନ ଭଗବତ୍ ପ୍ରେରଣାଦ୍ୱାରା ଅନୁପ୍ରାଣିତ । ତେଣୁ ତୁମ ପ୍ରାଣରେ ତ ଅସଂଖ୍ୟ କର୍ମପ୍ରେରଣା ଆସିବ ହିଁ ଆସିବ । ଯେଉଁମାନେ ତାମସିକ ଭାବାପନ୍ନ, ସେହିମାନେ ହିଁ ଜଡ଼ପରି ବସିରହନ୍ତି; କିନ୍ତୁ ସମର୍ପିତ ଜୀବନରେ ତାମସିକତାର ଭାବ ଆଦୌ ଆସିପାରେ ନାହିଁ । କର୍ମବିମୁଖ ହେବାରୁ ତୁମମାନଙ୍କର ଏ ଦୁର୍ଦ୍ଦଶା । କର୍ମ କରି ଚିତ୍ତଶୁଦ୍ଧି ସମ୍ପାଦନ କର । ଶୁଦ୍ଧଚିତ୍ତରେ ସେତେବେଳେ ଭଗବାନଙ୍କ ମହିମା ଯଥାର୍ଥଭାବରେ ଉପଲବ୍ଧି କରିପାରିବ ।

ତୁମେମାନେ ଜଗତରେ ଆଦର୍ଶ ହେବ । ଜଗତକୁ ଆଳସ୍ୟ, ଜଡ଼ତା ଶିକ୍ଷା ଦେବାନିମିତ୍ତ ତୁମମାନଙ୍କର ଜନ୍ମ ନୁହେଁ । କର୍ମଭିତରେ ମଧ୍ୟ କିପରି ଅବିକ୍ଷୁବ୍ଧ, ଅବିଚଳିତ, ଶାନ୍ତ ସମାହିତ ହୋଇ ରହି ହୁଏ, ଏହି ନିର୍ମମ ସତ୍ୟ ଆବିଷ୍କାର୍ ନିମିତ୍ତ ତୁମମାନଙ୍କର ଜନ୍ମ । ଏହି ପରିପ୍ରେକ୍ଷୀରେ ଉତ୍ତୀର୍ଣ୍ଣ ହୋଇପାରିଲେ ତୁମମାନଙ୍କର ଦିବ୍ୟଜୀବନ ଲାଭ ହେବ ।

ହେଳାରେ ଖେଳାରେ ଲୋକେ ସମସ୍ତ ଦିନ ଅତିବାହିତ କରୁଛନ୍ତି । ତୁମେମାନେ ସେମାନଙ୍କ ଚକ୍ଷୁ ଉନ୍ମୀଳନ କରିଦେବ । ତୁମେମାନେ ହିଁ ଜୀବନର ଆଦର୍ଶକୁ ମୂର୍ତ୍ତ କରିବ । କର୍ମଜଗତ୍‌ରୁ ତୁମେମାନେ ଅବସର ନେଲେ ସେହି ଆଦର୍ଶ କେବେ ହେଲେ ପ୍ରତିଷ୍ଠା କରିପାରିବ ନାହିଁ— ଏକଥାଟି ସର୍ବଦା ସ୍ମରଣ ରଖିବ ।

ଜୀବନର ରୂପାନ୍ତର

ଅଭିମାନ ପରିତ୍ୟାଗ କଲାକ୍ଷଣି ଜୀବନରେ ଗୋଟିଏ ଆଶ୍ଚର୍ଯ୍ୟକର ରୂପାନ୍ତର ଆସେ । ଯେଉଁଦିନ ଯଥାର୍ଥଭାବରେ ସମର୍ପଣ ହେବ, ସେହିଦିନ ଉପଲବ୍ଧି କରିପାରିବ ଯେ, ସମର୍ପିତ ଜୀବନର କି ସୌଭାଗ୍ୟ । ଗୋଟିଏ ମହତ୍ ଚିତ୍ତର ଅନୁଧ୍ୟାନ କଲେ, ତାହା ଅପର ଜୀବନରେ କିପରି ମୂର୍ତ୍ତ ହୋଇ ଫୁଟିଉଠେ, ଆତ୍ମସମର୍ପଣ-ମନ୍ତ୍ରରେ ଦୀକ୍ଷିତ ବ୍ୟକ୍ତିମାନେ ହିଁ ଦିନେ ଏ କଥାର ମର୍ମ ଉପଲବ୍ଧି କରିପାରିବେ ।

ସତ୍ୟର ଆସନ ପ୍ରତିଷ୍ଠା ସହଜ କଥା ନୁହେଁ । ସତ୍ୟ ଅତି ସହଜ; କିନ୍ତୁ ସତ୍ୟକୁ ହୃଦୟରେ ସ୍ଥାନ ଦେବାର ଯୋଗ୍ୟତା ଅର୍ଜନ କରିବା ବଡ଼ କଠୋର ସାଧନା । ଅପବିତ୍ର ହୃଦୟ ଘେନି ଭଗବାନ୍‌ଙ୍କର ଆରତି ହୁଏ ନାହିଁ । ସଂଯମଦ୍ୱାରା ବୀର୍ଯ୍ୟ ସଞ୍ଚୟ କର । ସଞ୍ଚିତ ବୀର୍ଯ୍ୟର ଅମୋଘ ଶକ୍ତିରେ ଅକ୍ଲାନ୍ତ ଭାବରେ ପ୍ରଫୁଲ୍ଲ ଅନ୍ତଃକରଣରେ କାର୍ଯ୍ୟ କରିପାରିବ । ଶୋକରେ, ଦୁଃଖରେ, ଅବିଶ୍ୱାସରେ, ମାରାତ୍ମକ ସନ୍ଦେହରେ ମନୁଷ୍ୟର ଦେହ, ମନ, ପ୍ରାଣ ଦୁର୍ବଳ ହୋଇପଡ଼ିଛି । ସେମାନଙ୍କ ମୁହଁରେ ହସ ନାହିଁ । ଏହିମାନଙ୍କ ଭିତରେ ତୁମମାନଙ୍କର ଅଜସ୍ର କାର୍ଯ୍ୟ ପଡ଼ିରହିଛି । ତେଣୁ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ଅକ୍ଷତ ବୀର୍ଯ୍ୟଶାଳୀ ହୋଇ କର୍ମଫଳ ପରିତ୍ୟାଗପୂର୍ବକ ଜଗତର ହିତନିମିତ୍ତ ତୁମମାନଙ୍କର ଜୀବନ ଉତ୍ସର୍ଗ କରିଦିଅ । କର୍ମ ହିଁ ତୁମମାନଙ୍କ ଜୀବନର ବ୍ରତ । ସେହି ବ୍ରତରେ ଅଭିମାନର ବଡ଼ିମା ଯେପରି ନ ରହେ ।

ସମର୍ପଣକାରୀଙ୍କ ପ୍ରତି

ସଂକଳ୍ପ

ତୁମେମାନେ ମନୁଷ୍ୟ ହୁଅ, ଆତ୍ମବଳରେ ବଳୀୟାନ୍ ହୁଅ— ଏହା ହିଁ ମୋର ଆଶୀର୍ବାଦ । କିନ୍ତୁ ମନୁଷ୍ୟ ହେବା ଓ ଆତ୍ମବଳ ଲାଭ କରିବା ଦିନକର କାର୍ଯ୍ୟ ନୁହେଁ । ସେଥିପାଇଁ ଜୀବନ ପୂର୍ଣ୍ଣ କରି ନିଷ୍ଠା ଓ ଶ୍ରଦ୍ଧାସହକାରେ ସମସ୍ତ ମନ-ପ୍ରାଣ ଢାଳିଦେବାକୁ ହେବ । ତାପରେ ମନୁଷ୍ୟ ନିଜକୁ ମନୁଷ୍ୟ ବୋଲି ଗର୍ବ କରିବାର ଅଧିକାର ଲାଭ କରେ । ବିଶେଷତଃ ଯେଉଁମାନେ ଆତ୍ମସମର୍ପଣ କରନ୍ତି, ଆତ୍ମମୁକ୍ତିର ସନ୍ଧାନ ପାଇବାକୁ ଇଚ୍ଛା କରନ୍ତି, ସିଦ୍ଧିଲାଭର ଶେଷପର୍ଯ୍ୟନ୍ତ ସେମାନେ ଶ୍ରଦ୍ଧା ଓ ବିଶ୍ୱାସ ଏହି ଦୁଇଟି ଅମୂଲ୍ୟ ସମ୍ପଦ ଜୀବନରେ ଅକ୍ଷୁଣ୍ଣ ରଖିବା ଆବଶ୍ୟକ । ଜୀବନ୍ମୃତ ହୋଇ ଅପରର ଶୁଭ ଇଚ୍ଛାର ନିର୍ଦ୍ଦେଶମାନି ଚଳିବାର ସାଧନା କେବଳ ଜୀବନ୍ତ ମନୁଷ୍ୟ ହିଁ କରିପାରନ୍ତି । ପୁଣି ମନୁଷ୍ୟ ଚେତନ ହୋଇଥିବାରୁ ଏହି ପଥରେ ତା ସମ୍ମୁଖରେ ନାନା ବାଧାବିଘ୍ନ ଆସି ପହଞ୍ଚିଯାଏ । ଆତ୍ମବିଶ୍ୱାସଦ୍ୱାରା ସବୁ ବାଧାବିଘ୍ନ ଅତିକ୍ରମ କରିପାରିଲେ ସେହି ସିଦ୍ଧିର ଐଶ୍ୱର୍ଯ୍ୟ ଜୀବନରେ ପ୍ରତିଫଳିତ ହେବ । ତେଣୁ ମୁଁ ତୁମମାନଙ୍କୁ କହୁଛି— ଆତ୍ମସମର୍ପଣ-ମନ୍ତ୍ରରେ ଯେଉଁମାନେ ଦୀକ୍ଷା ନେବାକୁ ଇଚ୍ଛା କର, ସେମାନଙ୍କ କଲିଜା ଖୁବ୍ ଟାଣ ହେବା ଦରକାର । ସାମାନ୍ୟ କଥା ନେଇ ସ୍ଖଳିତ ହେଲେ ଜୀବନ ବ୍ୟର୍ଥ ହୋଇଯିବ ।

ଯେଉଁମାନେ ଆଜନ୍ମ ସିଦ୍ଧ, ମୁଁ ସେମାନଙ୍କ କଥା କହୁ ନାହିଁ; କିନ୍ତୁ ତୁମେ ଯେଉଁମାନେ ମହାପୁରୁଷଙ୍କ ଆଶ୍ରୟ ଲାଭ କରି ଜୀବନକୁ ଉନ୍ନତ କରିବାକୁ ଯାଉଛ, ଜାଣିରଖ, ସେମାନେ ନିଶ୍ଚୟ ଶୁଦ୍ଧ ନୁହଁ, ଅର୍ଥାତ୍ ତୁମେମାନେ ସାଧୁ ହେବା ଇଚ୍ଛାରେ ଯାହାଙ୍କୁ ସାଧୁ ଏବଂ ମହତ୍ ବୋଲି ବିଶ୍ୱାସ କରିଛ, ତାଙ୍କରି ଶରଣାପନ୍ନ ହୋଇଛ । ଫଳରେ ସାଧୁତ୍ୱ ଅର୍ଜନ କରିବାପାଇଁ ମଧ୍ୟ ତୁମମାନଙ୍କୁ ସାଧନ କରିବାକୁ ହେବ । ତୁମମାନଙ୍କର ଶୁଭ ଇଚ୍ଛା, ମହତ୍ ସଂକଳ୍ପ ଜୀବନରେ ସିଦ୍ଧିପ୍ରାପ୍ତି ପାଇଁ । ଆପ୍ରାଣ ଚେଷ୍ଟା କରି ସାଧନ କରିଯାଅ । ସେହି ସାଧନାରେ ବିଶ୍ୱାସ ଓ ଶ୍ରଦ୍ଧା ତୁମ ଅଭୀଷ୍ଟସିଦ୍ଧିପଥରେ ଆଲୋକ ଦେବ । ତୁମେମାନେ କ୍ରମେ ଅନ୍ଧକାରରୁ ଜ୍ୟୋତିଃରାଜ୍ୟରେ ପ୍ରବେଶ କରିବ ।

ତେଣୁ ପ୍ରଥମରୁ କହି ରଖୁଛି, ଯେଉଁମାନଙ୍କ ମନରେ ଅଧବାଟରେ ସନ୍ଦେହ ଓ ସଂଶୟ ଜାତ ହେଉଛି, ସେମାନେ ଏକାବେଳକେ ସଂଶୟ ନିରସନ କରି, ଦ୍ୱିଗୁଣ ବଳ ସଞ୍ଚୟ କରି ପୁଣି ଉଲ୍ଲାସରେ, ଉତ୍ସାହରେ ଆଗଭର ହୋଇ ଚାଲ । ତାହା ନ କଲେ ଏହି ପଥ ଛାଡ଼ିଦେଇ ଯହିଁରେ ଜୀବନର ଉନ୍ନତି ହେବ, ତାହା ଅବଲମ୍ବନ କର ।

ମୁଁ କାହାର ସ୍ୱାଧୀନତାରେ ହସ୍ତକ୍ଷେପ କରିବାର ପକ୍ଷପାତୀ ନୁହେଁ । ମୁଁ ବୈଚିତ୍ର୍ୟକୁ ସ୍ୱୀକାର କରେ । ପୁଣି ବୈଚିତ୍ର୍ୟ ସବୁଠାରେ ଅଛି । ସୁତରାଂ ସାଧନ-ଜଗତରେ ବୈଚିତ୍ର୍ୟ ଦେଖାଗଲେ ତହିଁରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ? କର୍ମଜଗତ୍ ହେଉ କିମ୍ବା ଆଧ୍ୟାତ୍ମିକ ଜଗତ ହେଉ, ସମସ୍ତେ ଏକ ପଥରେ ଗତି କଲେ ସୁନ୍ଦର ହୁଏ ନାହିଁ । ସିଦ୍ଧିଲାଭର ଅଜସ୍ର ପଥ ଅଛି । ଗୀତାରେ ମଧ୍ୟ ଦେଖିଛ, ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ସାଂଖ୍ୟ, ଯୋଗ, ଭକ୍ତି— କେତେ ପଥର ଉପଦେଶ ଦେଇଛନ୍ତି । ଉପଦେଶ ପାଇବା ପରେ ନିଜ ସଂସ୍କାର ଅନୁଯାୟୀ ପଥ ଶେଷରେ ଅର୍ଜ୍ଜୁନ ବାଛି ନେଲେ । ସୁତରାଂ ମୋ ଉପଦେଶ ସହିତ ଯାହାଙ୍କର ଆନ୍ତରିକ ଇଚ୍ଛାର ସମନ୍ୱୟ ହେଉନାହିଁ, ସେମାନେ ବୃଥାଟାରେ ହୃଦୟ ଦୌର୍ବଲ୍ୟ ଧରି କଅଣ ହେଉଛି ଦେଖିବା ଭାବି ପଡ଼ିରହିଲେ ଲାଭ କଅଣ ହେବ ? ମୁଁ ବ୍ୟାମିଶ୍ର ବାକ୍ୟଦ୍ୱାରା ଗୋଳମାଳିଆ କଥା କହି କାହାର ସ୍ୱାଧୀନ ଇଚ୍ଛାକୁ ଆଚ୍ଛନ୍ନ କରିବାକୁ ସୁଖ ପାଏ ନାହିଁ । ମୋ ଆଦର୍ଶ ସହିତ, ମୋ ଇଚ୍ଛାସହିତ କାହାରି ଯଦି ଆନ୍ତରିକ ମେଳ ଘଟୁଛି, ସେମାନେ ମୋର କାର୍ଯ୍ୟ ଧରି ପଡ଼ିରହନ୍ତୁ । ତାହା ନ ହେଲେ ଭଣ୍ଡାମି କରି, ପାପ ସଞ୍ଚୟ କରି ଜୀବନକୁ ଭାରାକ୍ରାନ୍ତ କରିବାରେ କିଛି ଲାଭ ନାହିଁ ।

କର୍ମଦ୍ୱାରା ସଂସ୍କାର କ୍ଷୟ

ଏପର୍ଯ୍ୟନ୍ତ ତୁମମାନଙ୍କ ଜଡ଼ତ୍ୱ ଏବଂ ଚିତ୍ତର ମାଳିନ୍ୟ ଅପସାରିତ ହୋଇନାହିଁ । ସେଥିପାଇଁ ତୁମମାନଙ୍କୁ କର୍ମ କରିବା କଥା କହୁଛି । କର୍ମ କଲେ ଧୀରେ ଧୀରେ ତୁମେମାନେ ଶୁଦ୍ଧଚିତ୍ତ ହୋଇ ଅନାବିଳ ଆନନ୍ଦର ଅଧିକାରୀ ହେବ— ଏହା ମୋର ଅଭିଳାଷ; କିନ୍ତୁ ମନେରଖ, ଅନେକ ସୁପ୍ତ କାମନା-ବାସନା ମନୁଷ୍ୟ ଭିତରେ ଅଛି । ଆଜି ଟିକିଏ ସାତ୍ତ୍ୱିକଭାବ ଦେଖାଦେଲା; କିନ୍ତୁ କାଲି ଦେଖିବ, ତୁମଭିତରେ ଦୁରନ୍ତ କାମନାର ଅଗ୍ନି କେଉଁଠାରୁ ଆସି ଦାଉ ଦାଉ ହୋଇ ଜଳୁଛି । ସୁତରାଂ ଖୁବ୍ ସାବଧାନ ହୋଇ ନିଜକୁ, ନିଜର ଅବ୍ୟକ୍ତ ସଂସ୍କାରକୁ ତିଳ ତିଳ କରି ଅର୍ପଣ କରିବାକୁ ହେବ ।

ଆବର୍ଜନା ଦିନକ ଭିତରେ ପୋଡ଼ି ଭସ୍ମ ହେବାର ନୁହେଁ । ପ୍ରତିଦିନ ସେଥିରେ ଅଗ୍ନି ସଂଯୋଗ କରିବାକୁ ହେବ । ତାହା ହେଲେ ଚିତ୍ତ ବି-ରଜ ହେବ । ଶୁଦ୍ଧଚିତ୍ତ ହେଲାକ୍ଷଣି ଦେଖିବ, ଭଗବାନଙ୍କ କୃପା ତୁମମାନଙ୍କ ଉପରେ ଆପେ ଆପେ ବର୍ଷିତ ହେଉଛି ।

କର୍ମ ତ୍ୟାଗ କରି ଏଣୁ ତେଣୁ ନ ଭାବି ଯଦି ଆତ୍ମସମାହିତ ହୋଇ ରହିପାର, ଉତ୍ତମ କଥା; କିନ୍ତୁ ଯେଉଁମାନେ କାର୍ଯ୍ୟ କରୁଛ, ମୋର କାର୍ଯ୍ୟ କରୁଛ, ମୋ ନିକଟରେ ତୁମର ଦାବି ଅଛି ବୋଲି ମନେ କର ନାହିଁ । କାର୍ଯ୍ୟ କରୁ କରୁ ମନର ମଇଳା ନିଃଶେଷ ହେଉଛି; ଅର୍ଥାତ୍ ପୁଞ୍ଜିକୃତ ସଂସ୍କାର କ୍ଷୟପ୍ରାପ୍ତ ହେଉଛି । ସେଥିରେ ତୁମର ହିତ ସାଧିତ ହେଉଛି ।

ମୋଠାରେ ଯେଉଁମାନଙ୍କର ବିଶ୍ୱାସ ନାହିଁ, ମୋ କାମ କରି ସେମାନେ ଆନନ୍ଦ ପାଇବେ ବା କିପରି ? ସୁତରାଂ, ଏଠାରେ ଆନନ୍ଦ ପାଉ ନାହଁ ବୋଲି ଯେଉଁମାନେ ଅଭିଯୋଗ କରୁଛ, ସେମାନେ ନିଜ ଭିତର ଭଲରୂପେ ପରୀକ୍ଷା କରି ଦେଖ— ମୋ ଉପରେ ତୁମମାନଙ୍କର ବିଶ୍ୱାସ ଅଚଳ, ଅଟଳ ଅଛି କି ନାହିଁ । ମନୁଷ୍ୟର ମନ ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିପାରେ ନାହିଁ । ସୁତରାଂ ସାମୟିକ ବିରୁଦ୍ଧଭାବ ଆସିବା ଅସ୍ୱାଭାବିକ ନୁହେ । କିନ୍ତୁ ଯେଉଁ ଲକ୍ଷ୍ୟ ଧରି ଚାଲୁଛ, ମନର ଗତି ଯଦି ତାର ବିପରୀତ ଦିଗରେ ଅବିରାମ ପ୍ରବାହିତ ହୁଏ, ତାହାହେଲେ ଜୀବନର ଲକ୍ଷ୍ୟ ପରିବର୍ତ୍ତନ କରିବା ଉଚିତ । ବୋଧହୁଏ ନ ବୁଝି ନ କରି ଏହି ବାଟ ବରଣ କରିଥିଲ ।

କର୍ମ ନିର୍ଦ୍ଦେଶ

ସ୍ୱାଧୀନ ଇଚ୍ଛାକୁ ଦଳିଦେଇ ଯିବାପାଇଁ ମୁଁ କାହାକୁ କହୁନାହିଁ । କାହାରି ବ୍ୟକ୍ତିଗତ ସାଧନା ଉପରେ ହସ୍ତକ୍ଷେପ କରିବା ଉଚିତ ନୁହେଁ; କିନ୍ତୁ ଯେଉଁମାନଙ୍କର ମନ-ବୁଦ୍ଧି ଏପର୍ଯ୍ୟନ୍ତ ମଳିନ ହୋଇ ରହିଛି, ଯେଉଁମାନଙ୍କର ଚିତ୍ତଶୁଦ୍ଧି ହୋଇନାହିଁ, ସେମାନେ ବୃଥା ଆସ୍ଫାଳନ ନ କରି ନିର୍ଦ୍ଦେଶ ଅନୁସାରେ ଚଳି ଶକ୍ତି ଲାଭ କରନ୍ତୁ । ଶକ୍ତିଲାଭ ପରେ ଶକ୍ତିକୁ ଜୀର୍ଣ୍ଣ କରିବା ଦରକାର । ମନୁଷ୍ୟ ଶକ୍ତି ଲାଭ କରି ବିନମ୍ର ହୁଏ । ସୁତରାଂ, ଶକ୍ତିର ବିକାଶକୁ ସଂଯତଭାବରେ ବରଣ କରିନେବାକୁ ହେବ । ତୁମେମାନେ ମନୁଷ୍ୟ ହୁଅ; ତାହାହେଲେ ମୋର ସକଳ ଆଶା ପୂର୍ଣ୍ଣ ହେବ ।

କର୍ମକୁ ଫାଙ୍କିଦେବାକୁ ଯାଇ ତୁମମାନଙ୍କ ମଧ୍ୟରେ ଅସମୟରେ ସାମୟିକ ଧର୍ମଭାବ ଜାଗ୍ରତ ହୋଇଥାଏ । ଚିତ୍ତର ମାଳିନ୍ୟ ଯୋଗୁଁ ସେହି ଅବସାଦଜନକ ଅବସ୍ଥାକୁ

ତୁମେମାନେ ଆଧ୍ୟାତ୍ମିକ ଅନୁଭୂତି ବୋଲି ସ୍ଥିର କର । ଏହି କର୍ମକ୍ଷେତ୍ର ଭିତରେ ହିଁ ମନୁଷ୍ୟର ପରୀକ୍ଷା ହୁଏ । ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁସବୁ ଉପଦେଶ ଦେଇଛନ୍ତି, କର୍ମକ୍ଷେତ୍ରରେ ନ ପଡ଼ିଲେ ସେସବୁର ପରୀକ୍ଷା କୌଣସିମତେ ହୋଇପାରିବ ନାହିଁ । ପୁଣି ପାରିପାର୍ଶ୍ୱିକ ପରିସ୍ଥିତିଭିତରେ ରହି ଯେଉଁମାନେ ନିଜକୁ ଗଠନ କରିପାରନ୍ତି ନାହିଁ, ଏକୁଟିଆ ରହି ସେମାନେ କଅଣ ତାହା କରିପାରିବେ ? ଦଶ ଜଣଙ୍କ ଭିତରେ ଥିଲେ ଦୋଷ ଦୁର୍ବଳତା ସବୁ ଧରାପଡ଼ିଯାଏ । ସେଥିରେ ସ୍ୱାଭାବିକଭାବରେ ସଂଶୋଧନପାଇଁ ଚେଷ୍ଟା ହୁଏ । ତୁମ ସମସ୍ତଙ୍କ କର୍ମ ମୁଁ ନିର୍ଦ୍ଦେଶ କରିଦେଇଛି । ଏହି ଉଦ୍ଦେଶ୍ୟରେ ଦଶଜଣଙ୍କୁ ଏକତ୍ର କରିଛି । ପରସ୍ପର ସାହାଯ୍ୟରେ ତୁମେମାନେ ଉନ୍ନତ ହୁଅ; ଚିତ୍ତକୁ ଉଦାର କର ।

କର୍ତ୍ତବ୍ୟରେ ଆନନ୍ଦ

ଉଦାସୀନ ହୋଇ ଜୀବନ ଯାପନ କରିବାକୁ ଅନେକ ବୋଧହୁଏ ସୁଖ ବୋଲି ମଣନ୍ତି; କିନ୍ତୁ ଯେଉଁମାନେ ମନୁଷ୍ୟ, ସେମାନେ ସୁଖ ଅନ୍ୱେଷଣ ଅପେକ୍ଷା କଠୋର କର୍ତ୍ତବ୍ୟ ସମ୍ପାଦନଜନିତ ଆନନ୍ଦକୁ ଅଧିକ ବରଣୀୟ ମନେ କରନ୍ତି । ଆତ୍ମବିଶ୍ୱାସରେ ଯେଉଁମାନେ ବଳୀୟାନ୍, ଆଦର୍ଶରକ୍ଷାନିମିତ୍ତ ଯେଉଁମାନେ ଜୀବନକୁ ଅକାତରଭାବରେ ବିସର୍ଜନ କରିପାରନ୍ତି, ସେହିମାନେ ହିଁ ଦାୟିତ୍ୱ ଗ୍ରହଣ କରିବାର ଏକମାତ୍ର ଅଧିକାରୀ ବୋଲି ମୁଁ ମନେକରେ । ଯେଉଁମାନେ ବିଶ୍ୱାସହୀନ, ଶ୍ରଦ୍ଧାହୀନ, କୌଣସି ଦିନ ସେମାନେ ଆଦର୍ଶସ୍ଥାନୀୟ ହୋଇପାରିବେ ନାହିଁ ।

ବିଶ୍ୱାସରେ ଯଦି ତୁମେମାନେ ଦୃଢ଼ ହୁଅ, ତୁମମାନଙ୍କଦ୍ୱାରା ମହାନ କାର୍ଯ୍ୟ ସମ୍ପାଦିତ ହେବ । ମୁଁ ତୁମମାନଙ୍କ ଜୀବନର ମୂ" ଅଧିକ ମଣେ; କାରଣ, ଗୋଟିଏ ମହାନ୍ ସଂକଳ୍ପସିଦ୍ଧିନିମିତ୍ତ ସ୍ୱେଚ୍ଛାରେ ତୁମେମାନେ ଆତ୍ମବିସର୍ଜନ କରିଛ । ସମସ୍ତେ ନ ପାରନ୍ତୁ ପଛକେ, ତୁମମାନଙ୍କ ମଧ୍ୟରୁ ଅନ୍ତତଃ ପାଞ୍ଚଜଣ ଯଦି ଆଦର୍ଶର ଉଜ୍ଜ୍ୱଳ ଅନୁଭୂତିର ଦୀପ୍ତି ଆଜୀବନ ବିସ୍ମୃତ ନ ହୁଅ, ତାହାହେଲେ ଦେଖିବ, ଜଗତ୍‌ରେ କିପରି ମହାନ୍ କାର୍ଯ୍ୟ ସମ୍ପନ୍ନ ହୁଏ । ଯେଉଁମାନେ ମହତ୍ ସଂକଳ୍ପସିଦ୍ଧିନିମିତ୍ତ ଆତ୍ମତ୍ୟାଗ କରିବାର ସୌଭାଗ୍ୟ ଲାଭ କରନ୍ତି, ସେମାନେ ଧନ୍ୟ ।

ବିଶ୍ୱାସ ହିଁ ଗଠନର ଉପାଦାନ; ସୁତରାଂ, ବିଶ୍ୱାସହୀନଙ୍କୁ ଧରି ଗଠନ କାର୍ଯ୍ୟ ଆଶା କରିବା ବୃଥା । ଆତ୍ମପ୍ରବଞ୍ଚନା ସଙ୍ଗେ ସଙ୍ଗେ ତୁମେମାନେ ମୋତେ ଯେପରି

ପ୍ରତାରିତ ନ କର । ବିଶ୍ୱାସୀଙ୍କର ଅଭାବ ନାହିଁ । ଅବିଶ୍ୱାସୀ ହୋଇ କେବଳ ସ୍ଥାନ ଅଧିକାର କରିବସିବା ଅପେକ୍ଷା ନିଜ ଜୀବନର ଉନ୍ନତି ଯହିଁରେ ହେବ, ସେହି ପଥ ଅନ୍ୱେଷଣ କରିବା ଭଲ । ସେଥିପାଇଁ କେହି ଏଠାକୁ ଆସିଲେ ମୁଁ ପ୍ରଥମେ କହେ, ‘‘ଆସିଛ, ଭଲ କରିଛ । ରହ, ଭଲଭାବରେ ଚିନ୍ତା କରି ଦେଖ– ଏଠାର ଭାବ, ଏଠାର ଆଦର୍ଶ ସଙ୍ଗେ ତୁମର କେଉଁଠାରେ କିଛି ଅସାମଞ୍ଜସ୍ୟ କିମ୍ବା ଅମେଳ ହେଉଛି କି ନାହିଁ ।’’ ଭାବି ଦେଖିବାର ସ୍ୱାଧୀନତା ମୁଁ ପ୍ରତ୍ୟେକଙ୍କୁ ଦେଇଛି ।

ସତ୍ୟଲାଭ

ମୋ ନିଜର ସ୍ୱାର୍ଥସିଦ୍ଧିପାଇଁ ତୁମମାନଙ୍କୁ ମୁଁ କର୍ମରେ ନିୟୋଜିତ କରି ନାହିଁ । ସେଥିରେ ତୁମମାନଙ୍କର ଚିତ୍ତ କ୍ରମେ ଶୁଦ୍ଧ ହେବ ବୋଲି ତୁମମାନଙ୍କୁ କର୍ମପଥ ଦେଖାଇଦେଇଛି । କର୍ମପଥରେ ବିଚିତ୍ର ଅଭିଜ୍ଞତା ସଞ୍ଚୟ କରି ତୁମେମାନେ ଉନ୍ନତ ହେବ, ଦୃଢ଼ଚିତ୍ତ ହେବ । ଆହୁରି ଗୋଟିଏ କଥା– ଏ ସ୍ଥାନର କର୍ମ କାହାକୁ ଆବଦ୍ଧ କରି ରଖିବ ନାହିଁ; କାରଣ, ଏଠାରେ କର୍ମ ଭିତରେ ଫଳାକାଂକ୍ଷା ନାହିଁ । ତୁମେମାନେ ଗୁରୁଦେବଙ୍କ ନାମରେ ସବୁ ସମର୍ପଣ କରି ଦେଇଛ । ପ୍ରତି ଶ୍ୱାସ-ପ୍ରଶ୍ୱାସରେ ତୁମେମାନେ ନିଷ୍କାମ କର୍ମ କରୁଛ । ଏଥିରେ ଯଦି ଜୀବନର ଉନ୍ନତି ହେବ ନାହିଁ ତେବେ ଆଉ କେଉଁଥିରେ ହେବ ? ଏହାଠାରୁ ଆଉ କି ସହଜ ପନ୍ଥା ଅଛି ? ଅବିଚାରରେ ମୋ କଥା ପାଳନ କରିବାକୁ ମୁଁ କାହାକୁ କହୁନାହିଁ । ତୁମେମାନେ ମନରେ, ପ୍ରାଣରେ ସବୁ ବୁଝି ବିଚାରି ସ୍ଥିର କର । ମୋ ଆଦର୍ଶରେ ଯଦି କୌଣସି ଭ୍ରମ ଥାଏ, ତାହା ଦେଖାଇଦିଅ । ତାହା ସତ୍ୟ ବୋଲି ବୁଝିଲେ ମୁଁ ସ୍ୱୀକାର କରିବି । ତୁମମାନଙ୍କଠାରୁ ମୋର କ’ଣ କିଛି ପାଇବାର ନାହିଁ ?

ଯେଉଁମାନଙ୍କ ଭିତରେ ସତ୍ୟଲାଭର ପିପାସା ଜାତ ହୋଇଛି, ସେମାନେ ଯେ କୌଣସି ପ୍ରକାରେ ସତ୍ୟ-ପିପାସା ମେଣ୍ଟାଇନେବେ; କିନ୍ତୁ ସତ୍ୟଲାଭ ପାଇଁ ମଧ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ପଥ ଧରି, ସାଧନା ଧରି ଚାଲିବାକୁ ହୁଏ । ସତ୍ୟ ଲାଭ କରିବାକୁ ହେଲେ କେଉଁଠାରେ ପ୍ରବଞ୍ଚନା ରହିବ ନାହିଁ । ତୁମମାନଙ୍କ ଭିତରେ ସତ୍ୟର ପିପାସା ତୀବ୍ରଭାବରେ ଜାଗ୍ରତ ହେଉ, ଏହା ମୋର ଐକାନ୍ତିକ ଇଚ୍ଛା; କିନ୍ତୁ ସତ୍ୟର ତୀବ୍ର ଆବେଗରେ ଏବଂ ଅନୁଭୂତିରେ ତୁମେମାନେ ଅନ୍ଧ ହୋଇଯାଅ ନାହିଁ । ସିଦ୍ଧିଲାଭର ମଧ୍ୟ ଗୋଟିଏ ପଥ ଅଛି । ସ୍ୱେଚ୍ଛାଚାରୀ ହେଲେ କୌଣସି ଦିନ ସିଦ୍ଧି ଲାଭ ହେବ ନାହିଁ । କେବଳ ମୋ କଥାରେ ବିଶ୍ୱାସ ନ କରି ତୁମେମାନେ ଭାବି ଚିନ୍ତି ଦେଖ ।

ଉତ୍ତେଜନା କ୍ଷତିକାରକ

ବ୍ୟକ୍ତିଗତ ସ୍ୱାଧୀନତାକୁ ଲୋପ କରିବାର ଅଧିକାର କାହାରି ନାହିଁ । ସୁତରାଂ ଅପରକୁ ଦୋଷୀ ସାବ୍ୟସ୍ତ କରି ନିଜ ଉପରୁ ଦୋଷ ଝାଡ଼ିଝୁଡ଼ି ଦେଲେ ଲାଭ କଅଣ ? ତୁମେମାନେ ସ୍ୱେଚ୍ଛାରେ ଏଠାକୁ ଆସିଛ ଏବଂ ସ୍ୱେଚ୍ଛାରେ ଚାଲିଯାଇପାର; କିନ୍ତୁ କେବଳ ଉତ୍ତେଜନାଟିଏ ନେଇ ଯେତେବେଳେ ଯାହା ସୁଖକର, ତାହା କରିବସିଲେ ଜୀବନରେ କେବେ ହେଲେ ଉନ୍ନତିର ଆଶା କରିପାରିବ ନାହିଁ । ମୁଁ ମଧ୍ୟ ତୁମର ହିଂତାକାଂକ୍ଷୀ ଭାବରେ କହୁଛି, ସତ୍ୟପଥରେ ଉତ୍ତେଜନା କିମ୍ବା ଅଭିମାନ ବଡ଼ କ୍ଷତିକାରକ ।

ଦ୍ୱନ୍ଦ୍ୱ କୋଳାହଳ କରି ସମୟ ନଷ୍ଟ କର ନାହିଁ । ତା ଅପେକ୍ଷା ନିଜ ନିଜର ଅନୁକୂଳ କ୍ଷେତ୍ର ନିର୍ବାଚନ କରିନେବା ଭଲ । ଯେଉଁମାନେ ମନରେ, ପ୍ରାଣରେ କୌଣସି ପ୍ରକାର ବଳ ଲାଭ କରନ୍ତି ନାହିଁ, ସେମାନେ ସଂଶୟଅଗ୍ନିରେ ଅବିରାମ ଜଳିପୋଡ଼ି ମରନ୍ତି । ଅସମୟରେ ସେମାନେ ଜାଣିଶୁଣି ଆତ୍ମହତ୍ୟା କରିବାର କୌଣସି ତାତ୍ପର୍ଯ୍ୟ ନାହିଁ । ଖୋଜିବସିଲେ କଅଣ ଜଗତ୍‌ରେ କୌଣସି ସ୍ଥାନରେ ତୁମର ଅନୁକୂଳ କ୍ଷେତ୍ର ପାଇବ ନାହିଁ ? ମୁଁ ନିଜେ ତୁମମାନଙ୍କୁ ଆଶ୍ୱାସ ଦେଉଛି, ବଳ ଦେଉଛି, ଭରସା ଦେଉଛି— ବଜ୍ରଦୃଢ଼ ସଂକଳ୍ପ ଧରି ବାହାରିପଡ଼ିଲେ ଦେଖିବ, ତୁମମାନଙ୍କୁ ସାହାଯ୍ୟ କରିବାନିମିତ୍ତ ଭଗବାନ୍ ବ୍ୟାକୁଳ ହୋଇ ଦଉଡ଼ି ଆସିବେ । କିନ୍ତୁ ଗୋଟିଏ କଥା ମନେ ରଖିବାକୁ ହେବ ଯେ, ତୁମମାନଙ୍କ ମଧ୍ୟରେ କୌଣସି ପ୍ରବଞ୍ଚନା ଯେପରି ନ ରହେ । ପ୍ରକୃତରେ ମିଥ୍ୟା ପ୍ରବଞ୍ଚନାର ଆଶ୍ରୟ ନେଲେ କେବେହେଲେ କୌଣସି ଲାଭ ହୁଏ ନାହିଁ ।

ପ୍ରତିଥର ତୁମମାନଙ୍କୁ ଗୋଟିଏ କଥା କହିଥାଏ; କିନ୍ତୁ ମୋ ପାଖରେ ତୁମେମାନେ ଆତ୍ମଗୋପନ କର । ତେଣୁ ଅବଶେଷରେ ମନକୁ କୌଣସିମତେ ସମ୍ଭାଳି ନ ପାରି ମୋ ପାଖରେ ବିଶ୍ୱାସଘାତକତାର ପରିଚୟ ଦିଅ । ଲଜ୍ଜିତ ହୋଇ ତୁମମାନଙ୍କୁ ଚାଲିଯିବାକୁ ହୁଏ । ତୁମେମାନେ ଏ ବିଷୟ ଭାବି କୁହ ଦେଖି, ମୋ ପ୍ରାଣରେ ଏଥିରେ ଆଘାତ ଲାଗିବ କି ନାହିଁ ? ତୁମମାନଙ୍କୁ ସ୍ନେହ କରିଛି— ଏହା ମୋର ମାୟା ନୁହେଁ । ଏ ସ୍ନେହଦ୍ୱାରା ତୁମମାନଙ୍କର ଆତ୍ମଜାଗରଣ ହେବ । ତୁମମଧ୍ୟରେ କେହି କେହି ଅଛନ୍ତି, ଯେଉଁମାନେ କେବଳ ମାତ୍ର ମୋତେ ସୁଖ ପାଇ, ମୋତେ ପ୍ରେମ କରି ଦିନକୁ ଦିନ ଆଧ୍ୟାତ୍ମିକ ପଥରେ ଉତ୍ତରୋତ୍ତର ଉନ୍ନତି କରି ଚାଲିଛନ୍ତି । ଏକଥା ମୋତେ ସେମାନେ କହିଛନ୍ତି ।

ସତ୍ୟଲାଭ-ପିପାସାରେ ଅନିବାର୍ଯ୍ୟ ବ୍ୟାକୁଳତା ଧରି ଯେ ଯେଉଁ ବାଟରେ ଯାଆନ୍ତୁ ପଛକେ, ତାଙ୍କପ୍ରତି ମୋର ଅଗାଧ ପ୍ରେମ ଓ ଦୃଷ୍ଟି ରହିଥିବ; କାରଣ ତୁମେମାନେ ସତ୍ୟ ଲାଭ କରିପାରିଲେ ଆହୁରି ଭଲଭାବରେ ମୋ କଥାର ତାତ୍ପର୍ଯ୍ୟ ବୁଝିପାରିବ । ଆଉ ଏହା ନିଶ୍ଚିତ କଥା ଯେ ବୁଦ୍ଧିଦ୍ୱାରା ଆମେମାନେ ଯାହା ବୁଝିଥାଉ, ସେଥିରେ ଆମ ମନର ସନ୍ଦେହ ପୂର୍ଣ୍ଣଭାବରେ ଦୂର ହୁଏ ନାହିଁ; କିନ୍ତୁ ନିଜ ଅନୁଭୂତିସାହାଯ୍ୟରେ ସତ୍ୟ ଲାଭ କଲେ ସେତେବେଳେ ସବୁ ସଂଶୟ ଛିନ୍ନ ହୋଇଥାଏ । ମୋ ପାଖରେ ରହି ତୁମମାନଙ୍କ ପ୍ରାଣ ଯଦି ସତ୍ୟ ପାଇଁ ବ୍ୟାକୁଳ ହୁଏ, ତାହା ହେଲେ ଆଶ୍ରିତ ହୋଇରହିବାର ଠିକ୍ ସାର୍ଥକତା ହେଲା ବୋଲି ଜାଣିବ । ତୁମମାନଙ୍କଠାରେ ମୁଁ ଏହି ଆଶା ପୋଷଣ କରେ; ସୁତରାଂ, ତୁମେମାନେ ସତ୍ୟଲାଭ ପଥରେ ଉନ୍ନତ ହେଲେ ଯାଇ ତାହା ମୋର ଆନନ୍ଦର ବିଷୟ ହେବ ।

ସମ୍ମୁଖ ସଂଗ୍ରାମ

ଏ ପଥରେ କିନ୍ତୁ ଚଳିବାକୁ ହେଲେ ଆଦୌ ଭଣ୍ଡାମି ନ ରଖି ଅତି ସାବଧାନ ହେବାକୁ ପଡ଼ିବ । ଅନେକ ସମୟରେ ସମ୍ମୁଖ ସଂଗ୍ରାମ ଦେଖିଲେ ଅର୍ଜ୍ଜୁନଙ୍କପରି ଆମମାନଙ୍କ ପ୍ରାଣ ସଂତ୍ରସ୍ତ ହୋଇଯାଏ । ସେତେବେଳେ ଧର୍ମକୁ ଉପଲକ୍ଷ୍ୟ କରି ନିଜ ଦୁର୍ବଳତାକୁ ଘୋଡ଼ାଇରଖିବା ପ୍ରବୃତ୍ତି ଜାଗରିତ ହୁଏ; କିନ୍ତୁ ଏହା ତ ଠିକ୍ ହେଲା ନାହିଁ । ସାମୟିକ ଧର୍ମମୋହଦ୍ୱାରା ମନୁଷ୍ୟର ଚରିତ୍ର ଗଠିତ ହୁଏ ନାହିଁ । ତୁମମାନଙ୍କ ମଧ୍ୟରୁ ଅନେକେ ବହୁବାର ବ୍ୟାକୁଳ ହୋଇଉଠିଛ; କିନ୍ତୁ ଶେଷରେ ମୋ ଉପଦେଶରେ ଶାନ୍ତ ହୋଇଛ । ତୁମେମାନେ ହିଁ ପୁଣି ଦିନେ ଦୁଇ ଦିନ ପରେ ଆସି କହିଛ, ''ପ୍ରକୃତରେ ସେଇଟା ଗୋଟାଏ ସାମୟିକ ଭାବ ଆସିଥିଲା ।'' ସୁତରାଂ, ଯାହା କରିବ, ଟିକିଏ ଭାବିଚିନ୍ତି କରିବା ଉଚିତ ।

ଜୀବନଟା ସାରା ତୁମେମାନେ କେବଳ ଖଟି ଖଟି ମରିବ— ଏ ଇଚ୍ଛା ମୋର ନାହିଁ । କର୍ମ ହେଉଛି ଚିତ୍ତଶୁଦ୍ଧିର ଉପାୟ । କର୍ମ ନ କଲେ ଉପାର୍ଜିତ କର୍ମସଂସ୍କାରରାଶି ଅନ୍ୟ କୌଣସି ସୂତ୍ରରେ କ୍ଷୟ ହେବ ନାହିଁ । ଭାବ ଅପେକ୍ଷା ଭାବୁକତା ଆମର ଅଧିକ । ଏଥିପାଇଁ ଭାବସହିତ ଦେହ, ମନ, ପ୍ରାଣକୁ ଭାବର ଉପଯୋଗୀ କରିବାପାଇଁ ସୁଦୃଢ଼, ବଳିଷ୍ଠ କରି ଗଢ଼ିବାକୁ ମୁଁ ତୁମମାନଙ୍କୁ କହୁଛି । କେବଳ ଭାବଦ୍ୱାରା ମନୁଷ୍ୟ ମନୁଷ୍ୟତ୍ୱ ଦିଗରେ ଉନ୍ନୀତ ହୁଏ; ମାତ୍ର ଭାବୁକତା ତାକୁ ଲକ୍ଷ୍ୟଭ୍ରଷ୍ଟ ବା ପଥଭ୍ରଷ୍ଟ କରିପକାଏ ।

ବୈଦିକ ଯୁଗରେ ଏତେ କଠୋର ନିୟମ-ସଂଯମର ବ୍ୟବସ୍ଥା କାହିଁକି ଥିଲା ଜାଣ ? ବ୍ରହ୍ମଙ୍କୁ, ବିରାଟଙ୍କୁ, ଭୂମାଙ୍କୁ ଉପଲବ୍ଧି କରିବାକୁ ହେଲେ ସଂକୀର୍ଣ୍ଣ ମନ, ପ୍ରାଣ, ବୁଦ୍ଧିକୁ ଉଦାର କରିବାକୁ ହୁଏ ବୋଲି ସେସବୁ ଆବଶ୍ୟକ ହେଉଥିଲା । ପୁଣି ବ୍ରହ୍ମ ଉପଲବ୍ଧିପାଇଁ ଦେହ, ମନ, ପ୍ରାଣ ଅଳ୍ପ ଅଳ୍ପ କରି ଉପଯୋଗୀ ହୋଇଉଠେ । ଏତେ ବଡ଼ ବିରାଟ ଭାବ ଧାରଣ କରିବାକୁ ହେଲେ ଦେହ, ମନ, ପ୍ରାଣ ବଜ୍ରଦୃଢ଼ ଏବଂ ହୃଦୟ ସୁକୋମଳ ହେବା ଆବଶ୍ୟକ । ଏ ଦୁଇ ଭାବକୁ ଏକାସଙ୍ଗେ ଆୟତ୍ତ କରିବା କଷ୍ଟକର ।

ଅନେକେ ସେମାନଙ୍କ ଅନୁଭୂତି କଥା ମୋ ଆଗରେ କହନ୍ତି, ଆନନ୍ଦରେ ଏକାବେଳକେ ଆତ୍ମହରା ହୋଇଯାଆନ୍ତି । ଶୁଣିଲେ ମୁଁ ମଧ୍ୟ ଆନନ୍ଦ ପାଏ; କିନ୍ତୁ ଏମାନେ ଏତିକି ଟିକିଏ ଲାଭ କରି ଏତେ ଉଲ୍ଲସିତ ହୋଇଯାନ୍ତି, ଏକଥା ଭାବିଲେ ଦୁଃଖ ମଧ୍ୟ ହୁଏ । ଏତେ ଅଳ୍ପରେ ଏମାନଙ୍କ ଆଧାର ପରିପୂର୍ଣ୍ଣ ହୋଇଉଠେ ! ଦେହ ଓ ମନକୁ ସାଧନାଦ୍ୱାରା ବଳିଷ୍ଠ କରିପାରିଲେ ବଡ଼ ବଡ଼ ଭାବକୁ ପରିପକ୍ୱ କରାଯାଇପାରେ । ତାହା ନ ହେଲେ ଭାବକୁ ଧାରଣ କରିନପାରି ଅନେକେ ଦିଗ୍‌ଭ୍ରାନ୍ତ ହୋଇଯାଆନ୍ତି । ଏପରି ଅନେକ ଲୋକଙ୍କୁ ମୁଁ ଜାଣେ, ଯେଉଁମାନେ କୃପା ପାଇ ମଧ୍ୟ ନିଜ ନିଜ ଅପରିଶୁଦ୍ଧ ଆଧାରନିମିତ୍ତ ତାହା ହଜମ କରିପାରନ୍ତି ନାହିଁ । ଶେଷରେ ଲକ୍ଷ୍ୟଭ୍ରଷ୍ଟ ହୋଇପଡ଼ନ୍ତି । ସୁତରାଂ, ତୁମମାନଙ୍କୁ କର୍ମପ୍ରତି ଏତେ ମନଯୋଗ ଦେବାକୁ ମୁଁ କହୁଛି । ଅବଶ୍ୟ ଭାବଉପରେ ସବୁ ନିର୍ଭର କରେ । କର୍ମକୁ ସାଧନାଭାବରେ ଗ୍ରହଣ କରି ନ ପାରିଲେ, ତଦ୍ୱାରା ଜୀବନରେ ଉନ୍ନତିର ଆଶା ବିଡ଼ମ୍ବନା ।

ଭାବପ୍ରବଣତା ମାରାତ୍ମକ

ତୁମେମାନେ ଭାବପ୍ରବଣ । ତେଣୁ କର୍ମଦ୍ୱାରା ସ୍ନାୟୁଗୁଡ଼ିକୁ ଟିକିଏ ଶକ୍ତ କରିବାକୁ, ଦୃଢ଼ କରିବାକୁ ମୁଁ କହୁଛି । ଭାବକୁ ଆତ୍ମଗତ କରି ଧରିପାରିଲେ ତାହା ସୁନିୟନ୍ତ୍ରିତ ଶକ୍ତିରେ ରୂପାନ୍ତିତ ହୋଇଥାଏ; କିନ୍ତୁ ଭାବକୁ ଆତ୍ମଗତ କରି ନ ପାରିଲେ ତାହା ନିରୋଳା ଭାବୁକତା ରୂପେ ମନୁଷ୍ୟକୁ ଆହୁରି ଅଧିକ ଉଚ୍ଛୃଙ୍ଖଳ କରିଦିଏ । ଭାବ ପାଇଲେ ମନୁଷ୍ୟ ଆତ୍ମସ୍ଥ ହୁଏ; କିନ୍ତୁ ଭାବୁକତାରେ ସେ ଆତ୍ମକେନ୍ଦ୍ରରୁ ବିଚ୍ୟୁତ ହୋଇପଡ଼େ ।

କେବଳ ଉପଦେଶରୂପେ ଏସବୁ କଥା ମୁଁ ତୁମମାନଙ୍କୁ କହୁ ନାହିଁ । ଏହା ମୋର ଉପଲବ୍ଧିର କଥା, ଅଭିଜ୍ଞତାର କଥା । ସୁତରାଂ ମୋର ଦୃଢ଼ବିଶ୍ୱାସ ଯେ, ଏସବୁ କଥା ସମସ୍ତଙ୍କ ପ୍ରାଣକୁ ସ୍ପର୍ଶ କରିବ ।

କର୍ମ ନ କରି, ସାଧନା ନ କରି ଯେ ଯେତେ ଭାବ ଲାଭ କରି ଯେତେ ଆନନ୍ଦ କୋଳାହଳ କରନ୍ତୁ, ଯେତେ ନାଚକୁଦ କରନ୍ତୁ ପଛକେ ସେ ଭାବର କିଛି ସ୍ଥାୟିତ୍ୱ ନାହିଁ । ତୁମ ଜୀବନର କେତେ ଅଂଶ ଅବା ତୁମେ ଜାଣିଛ ? କେବଳ ବର୍ତ୍ତମାନର ସମ୍ବଳ ନେଇ ତୁମେମାନେ ଗର୍ବ କରୁଛ; କିନ୍ତୁ ତୁମଭିତରେ ଅବ୍ୟକ୍ତ ହୋଇ ଯେଉଁ କର୍ମ ବୀଜ ରହିଯାଇଛି ତାର କ୍ରିୟା ଆରମ୍ଭ ହେବା ମାତ୍ରେ ତୁମ କର୍ମଗୌରବର ଏ ଅହଂକାର କୁଆଡ଼େ ପଳାଇଯିବ, ଏକଥା କେବେ ଚିନ୍ତା କରି ଦେଖିଛ କି ? ତନ୍ନ ତନ୍ନ ବିଶ୍ଳେଷଣ କରି ଦେଖିଲେ ସବୁ ଭାବୁକତା ଉଡ଼ିଯିବ । ଭାବୁକତା ନିଶା ମାତ୍ର । ଏହି ନିଶାରେ ମନୁଷ୍ୟ ଆତ୍ମବିସ୍ମୃତ ହୋଇ ଅଜ୍ଞାନପଥରେ ଧାବିତ ହୁଏ । ଭାବ କିନ୍ତୁ ନିଶା ନୁହେଁ; ତାହା ଜ୍ଞାନରେ ସମୁଜ୍ଜ୍ୱଳ, ଚେତନାରେ ଦୀପ୍ତ । ସେଥିରେ ଆଚ୍ଛନ୍ନତା ନାହିଁ; ମୋହ ନାହିଁ । ଭାବ ପାଇଲେ ମନୁଷ୍ୟ 'ବୃକ୍ଷ ଇବ ସ୍ତବ୍ଧ' ସମାହିତ ହୋଇଯାଏ; କିନ୍ତୁ ତୁମମାନଙ୍କ ଭିତରେ କେତେଜଣଙ୍କର ଅବା ସେ ପ୍ରଶାନ୍ତିର ଭାବ ଜାତ ହୋଇଛି ? କେତେ ଜଣ ବା ବିକ୍ଷୋଭଶୂନ୍ୟ ହୋଇ ସତ୍ୟପଥରେ ଚାଲିପାରୁଛ ।

ମନୁଷ୍ୟ ଭିତରେ ସ୍ୱରାଟ୍ ଆତ୍ମା ଅଛି । ସୁତରାଂ, ସେ ଚିରକାଳ ଦାସ ହୋଇ ରହିବ— ଏକଥା କୌଣସିମତେ ସମ୍ଭବପର ନୁହେଁ; କିନ୍ତୁ ସତ୍ୟ ଅନୁଭୂତି ଲାଭ ହେବା ପୂର୍ବରୁ ମନୁଷ୍ୟ ସ୍ୱାଧୀନତାର ବ୍ୟର୍ଥ ଅଭିନୟ କରେ । ସେତେବେଳେ ମରଣ ଛଡ଼ା ତାହା ଆଉ କଅଣ ହୋଇପାରେ । ଅହଂକାରୀ, ବିମୂଢ଼ାତ୍ମା ନିଜକୁ କର୍ତ୍ତା ମନେ କରିବା ହିଁ ପତନର କାରଣ । ଅହଂ ବ୍ରହ୍ମାସ୍ମି — ଏ ଅନୁଭୂତି ଏତେ ସହଜରେ ହୁଏ ନାହିଁ । ଏହି କାରଣରୁ ସନ୍ନ୍ୟାସ ସାଧନା ପାଇବା ମାତ୍ରେ କେହି ସନ୍ନ୍ୟାସୀ ହୋଇଯାଆନ୍ତି ନାହିଁ ।

କର୍ମପ୍ରେରଣା

ଜୀବନ ସୁସ୍ଥ, ସବଳ, ବଳିଷ୍ଠ ହେଉ; ନିର୍ଭୀକ ପ୍ରେରଣାରେ ତୁମେମାନେ ସତ୍ୟପଥରେ ଦୃଢ଼ଭାବରେ ଅଗ୍ରସର ହୁଅ— ମୋର ମଧ୍ୟ ଏହି ଆକାଂକ୍ଷା । କିନ୍ତୁ ଏହି ଆକାଂକ୍ଷାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ନିମିତ୍ତ କ'ଣ ତୁମ ଭିତରେ ଏକାନ୍ତ ପ୍ରୟାସ ଜାଗ୍ରତ ହୋଇଛି ? ତୁମେମାନେ ସ୍ୱାଧୀନ ହୋଇପାରିଲେ ସିନା ମୋର ସନ୍ନ୍ୟାସ

ଦେବାର ସାର୍ଥକତା ? ମୋର ଉପଲବ୍‌ଧି ତୁମ ଭିତରେ ସଞ୍ଚାରିତ ହୋଇ ପରିପୂର୍ଣ୍ଣ ଭାବରେ ନ ଫୁଟିଲେ ମୋର ଅତି ଦୁଃଖ ହେବ । ଅତି ଜ୍ୱାଳା ହେବ । କୌଣସି ଦିଗରୁ କାହାରି ଜୀବନକୁ ସଂକୁଚିତ କରିପକାଇବା ଭଳି ପାପ ଆଉ ଦୁନିଆଁରେ ନାହିଁ, କିନ୍ତୁ ଜୀବନ ବିକାଶର ମଧ୍ୟ ଗୋଟିଏ ଛନ୍ଦ ଅଛି, ଗୋଟିଏ ସ୍ୱର ଅଛି । ସୁତରାଂ, ଜୀବନର ଉନ୍ନତିର ଗୋଟିଏ ସୁନିର୍ଦ୍ଦିଷ୍ଟ ପଥ ମଧ୍ୟ ଅଛି । ତୁମେମାନେ ସେହି ପଥ ଅବଲମ୍ବନ କରି ଉତ୍ତୀର୍ଣ୍ଣ ହୁଅ– ଏହା ମୋର ଇଚ୍ଛା ।

'ମୁଁ ଜୀବନ୍ମୁକ୍ତ' ବୋଲି ଯଦି ଦୃଢ଼ଭାବରେ ବିଶ୍ୱାସ କର, ତାହାହେଲେ କର୍ମ ପ୍ରଲୋଭନ ଦେଖାଇ ମୁଁ ତୁମମାନଙ୍କୁ ବନ୍ଧନରେ ପକାଇବି ବୋଲି ଅଳୀକ କଳ୍ପନା ଆଦୌ କରିବା ଉଚିତ ନୁହେଁ । ତୁମେମାନେ ମଧ୍ୟ ଜୀବନ୍ମୁକ୍ତ ଭାବ ଅନୁଭବ କର– ଏହା ମୋର ଇଚ୍ଛା । ତୁମମାନଙ୍କ ଶୁଦ୍ଧଦେହକୁ ଆଶ୍ରୟ କରି ମୋର ଶୁଦ୍ଧବାସନା ବିକାଶପ୍ରାପ୍ତ ହେଉ । ତୁମମାନଙ୍କମଧ୍ୟରେ ମୋର ସଚେତନ ଇଚ୍ଛା, ବିଭିନ୍ନଆଧ୍ୟାତ୍ମିକ ଗୁଣ, ଶକ୍ତିରୂପରେ ବିକଶିତ ହେଉ । ଦିବ୍ୟଭାବରେ କର୍ମ କରିବାପାଇଁ ଆଧ୍ୟାତ୍ମିକ ସ୍ୱରୂପକୁ ଫେରିବାକୁ ହୁଏ । ମୁଁ ଏକଥା ଜାଣେ ଯେ ସେଠାରେ ମାନ, ଅଭିମାନ, ଉଗ୍ର ହୋଇ ଦେଖାଦିଏ ନାହିଁ । ସେହି ପରାପ୍ରକୃତିଠାରୁ ସକଳ କର୍ମପ୍ରେରଣା ଉନ୍ମୁକ୍ତ ହେବାକୁ ଛାଡ଼ିଦିଅ । କର୍ମର ସାଧନା ଅଛି; ଅହଂ ବିସର୍ଜନ କରି ପରାପ୍ରକୃତିର ଆଶ୍ରୟ ନେଇ ନ ପାରିଲେ କୌଣସି କର୍ମ ପ୍ରକୃଷ୍ଟରୂପେ ସାଧିତ ହୁଏ ନାହିଁ ।

ସମର୍ପଣ ସାଧନା

ଏହି କାରଣରୁ ମୁଁ ତୁମମାନଙ୍କୁ ଆତ୍ମସମର୍ପଣ ପ୍ରତି ଜୋର୍ ଦେବାକୁ କହୁଛି । ଜୀବନର ରୂପାନ୍ତର ହୁଏ ସମର୍ପଣ ଭିତରେ । ସମର୍ପିତ ଆଧାର ଶୁଦ୍ଧ ହେଲେ ସେଥିରେ ଶକ୍ତିର ବିକାଶ ହୁଏ । ସମର୍ପଣ ସାଧନାରେ ଜୀବନ ସିଦ୍ଧ ହେବାକ୍ଷଣି ଭଗବତ୍ ଇଚ୍ଛାରେ ତାହା ଯନ୍ତ୍ରସ୍ୱରୂପ ହୋଇଯାଏ । ତାହାଦ୍ୱାରା ନିଜର ଓ ଜଗତ୍‌ର ଅଶେଷ କଲ୍ୟାଣ ସାଧିତ ହୁଏ । ଅହଂ ବିସର୍ଜନ କରି ନ ପାରିଲେ ଭଗବତ୍ ଇଚ୍ଛାର ବିଶୁଦ୍ଧ ପ୍ରବାହ ଅନ୍ତରରେ ବହମାନ ହୋଇପାରେ ନାହିଁ । ଏହି ସିଦ୍ଧ ଅନୁଭୂତି ଲାଭ ନ କଲେ ଜୀବନର ଗତି କୌଣସି ପ୍ରକାରେ ପରିବର୍ତ୍ତିତ ହୁଏ ନାହିଁ । ଦିବ୍ୟଜୀବନଲାଭ ପାଇଁ ସମର୍ପଣ ହେଉଛି ଏକମାତ୍ର ପଥ । 'ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ ।'

ନିଷ୍କ୍ରିୟ ଜୀବନ ଯାହା, ବ୍ୟର୍ଥ ଜୀବନ ତାହା । ମୋର ଇଚ୍ଛା, ତୁମେମାନେ କର୍ମ କରି ସୁଦ୍ଧା ନିର୍ଲିପ୍ତ ରହ, ନିରଭିମାନ ହୁଅ । ସମର୍ପଣ ସାଧନା ହିଁ ଏହାର ଏକମାତ୍ର ଉପାୟ । ନିଜପାଇଁ ତୁମେମାନେ କିଛି କରୁ ନାହଁ— ଶ୍ରୀଗୁରୁଦେବଙ୍କ ପ୍ରୀତିକାମନାରେ ତୁମେମାନେ ସବୁ କରୁଛ । ଫଳରେ ତୁମେମାନେ କର୍ମଦ୍ୱାରା ଯେଉଁ ଆନନ୍ଦ ଲାଭ କରୁଛ, ତାହା ହିଁ ଇଷ୍ଟଦେବଙ୍କର ଆତ୍ମିକ ତୃପ୍ତିର ବିଶୁଦ୍ଧ ଅନୁଭବ । ସୁତରାଂ, ସେଥିରେ ତୁମେମାନେ ନିର୍ଲିପ୍ତ ହୋଇ ଆଧ୍ୟାତ୍ମିକ ପଥରେ କେବଳ ଅଗ୍ରସର ହୋଇଅଛ । ସମର୍ପଣପଥରେ ଯେଉଁମାନେ ମନପ୍ରାଣ ଢାଳିଦେଇ ଚାଲିଛନ୍ତି, ସେମାନେ ଚାଲିବାଭିତରେ ହିଁ ସେହି ଦିବ୍ୟ ଅନୁଭୂତିର ଆଭାସ ପାଇବେ । ତୁମେମାନେ ଏହି ଆନନ୍ଦରେ ଆହୁରି ବିଶ୍ୱସ୍ତ ହେବ, ସମର୍ପଣ ମହିମାରେ ଚିର ପ୍ରବୁଦ୍ଧ ହେବ ।

ତୁମେମାନେ ଅବୁଝା ନୁହଁ । ସତ୍ୟଲାଭପର୍ଯ୍ୟନ୍ତ ପ୍ରାଣ ଦେବାପାଇଁ ସମସ୍ତେ ପ୍ରସ୍ତୁତ ଅଛ । ମୋର ଏ କଥାଭିତରେ ସତ୍ୟ ଅଛି କି ନାହିଁ, ତାହା ପରୀକ୍ଷା କରି ଦେଖ । ସମସ୍ତେ ନ ପାରିଲେ ସମର୍ପଣ-ସାଧନାରେ ଅନ୍ତତଃ ପାଞ୍ଚ ଜଣ ଜୀବନ ଉତ୍ସର୍ଗ କର । ମନପ୍ରାଣ ଢାଳିଦେଇ ଏହି ସାଧନାରେ ଜୀବନ ବିନିଯୋଗ କର । ତୁମ ଜୀବନ ଭିତରେ କୌଣସି ମହତ୍ ଉଦ୍ଦେଶ୍ୟ ସାଧିତ ହୋଇଛି କି ନାହିଁ, ଦେଖ । ସାଧନାର ବିଚିତ୍ର ପଥ ଅଛି । ସମସ୍ତେ ଗୋଟିଏ ପଥର ଯୋଗ୍ୟ ନୁହଁ । ଫଳରେ ତୁମ ସମସ୍ତଙ୍କୁ ଏକ ପଥରେ ସିଦ୍ଧି ଲାଭ କରାଇବା ମୋର ଇଚ୍ଛା ନୁହେଁ । ସେଥିପାଇଁ ଏଠାକୁ ଯେ କେହି ଆସନ୍ତୁ, ମୁଁ ସମସ୍ତଙ୍କ ମନ ବୁଝିଲାପରେ ସାଧନପ୍ରଣାଳୀ ଠିକ୍ କରି ଦେଇଥାଏ ।

ସମସ୍ତଙ୍କୁ ଏଠାରେ ରହିବାପାଇଁ ମୁଁ କହୁ ନାହିଁ । କେହି କେହି ମୋଠାରୁ ଉପଦେଶ ନେଇ ଅନ୍ୟତ୍ର ଚାଲିଯାଇ ସୁଫଳ ଲାଭ କରିଛନ୍ତି; କିନ୍ତୁ ଯେଉଁମାନେ ଏଠାରେ ରହିବାକୁ ଇଚ୍ଛୁକ, ସେମାନଙ୍କୁ ପ୍ରଥମରୁ କହି ରଖୁଛି, ବିଶ୍ୱାସ ଏବଂ ଏକାନ୍ତ ସମର୍ପଣ ସାଧନା ଅବଲମ୍ବନ କରି ଏଠାରେ ପଡ଼ିରହିବାକୁ ହେବ । ଯେଉଁମାନେ ଅଛନ୍ତି, ସେମାନେ ଏହି ବିଶ୍ୱାସ ଧରି ରହିଛନ୍ତି । ମୋତେ କେହି ଦୋଷ ଦେଇପାରିବେ ନାହିଁ । କାହାକୁ ବଳପୂର୍ବକ ଏ ପଥରେ ମୁଁ ପ୍ରବୃତ୍ତ କରାଏ ନାହିଁ— ଏହା ମୋର ସମ୍ପୂର୍ଣ୍ଣ ମତବିରୁଦ୍ଧ । ଏଠାରେ ଯେଉଁମାନେ ସ୍ୱେଚ୍ଛାରେ ଅଛନ୍ତି, ସେମାନେ ସମର୍ପଣପଥରେ ଜୀବନ ଉତ୍ସର୍ଗ କରିବେ ବୋଲି ଅଛନ୍ତି । ସୁତରାଂ ଟିକିଏ ହେଲେ ଆକାଂକ୍ଷା ନ ରଖି ନୀରବରେ ଆତ୍ମତୃପ୍ତି ଧରି ଏଠାରେ ପଡ଼ିରହିବାକୁ ହେବ ।

ତୁମମାନଙ୍କୁ ନିର୍ମମ ହେବାକୁ ପଡ଼ିବ । ଏହି ଜୀବନକାଳ ଭିତରେ ସିଦ୍ଧିଲାଭ ମଧ୍ୟ ହୋଇନପାରେ । ତାହା ନ ହେଲେ ମଧ୍ୟ, ଗୋଟିଏ ଜୀବନ ମହତ୍ ଉଦ୍ଦେଶ୍ୟସିଦ୍ଧି ନିମିତ୍ତ ହୁଏତ ତୁମେ ବିସର୍ଜନ କଲ । ଯେଉଁମାନେ ସମର୍ପଣ-ସାଧନାରେ ସିଦ୍ଧ ହେବାକୁ ଇଚ୍ଛା କରନ୍ତି, ସର୍ବପ୍ରଥମରୁ ସେମାନଙ୍କୁ ନିର୍ଭୀକ ହେବାକୁ ପଡ଼ିବ । ଆଦର୍ଶକୁ ଆଜୀବନ ଅକ୍ଷୁଣ୍ଣ ରଖିବାଲାଗି ବଜ୍ରଦୃଢ଼ ସଂକଳ୍ପ ଧରି ସାଧନାରେ ତନ୍ମୟ ହୋଇଯିବାକୁ ହେବ ।

ସମଷ୍ଟି ଇଚ୍ଛାର ବିକାଶ

ବ୍ୟଷ୍ଟି ଇଚ୍ଛା ବିଲୟପ୍ରାପ୍ତ ନ ହେଲେ ସମଷ୍ଟି ଭଗବତ୍ ଇଚ୍ଛାର ବିକାଶ ହୋଇପାରେ ନାହିଁ । ଏଥିପାଇଁ ତୁମମାନଙ୍କୁ ଦେହ-ମନ-ପ୍ରାଣରେ ନିରହଂକାର ହେବାକୁ ମୁଁ କହୁଛି । ବିନ୍ଦୁଏ ମାତ୍ର ଅହଂଗନ୍ଧ ରଖ ନାହିଁ । ଏକମାତ୍ର ନିଷ୍କାମ କର୍ମସାଧନ ହିଁ ଏ ସାଧନାରେ ସିଦ୍ଧିଲାଭର ପଥ । ଯେଉଁମାନେ ଏଠାରେ କର୍ମ କରୁଛନ୍ତି, ସେମାନେ କହନ୍ତୁ ଦେଖି, କର୍ମର କୌଣସି ଆସକ୍ତି ବୀଜସ୍ୱରୂପ ସେମାନଙ୍କ ମନରେ ରହିଯାଇଛି କି ନାହିଁ । ଆସକ୍ତି-ବୀଜ ରହିଥିଲେ ବୁଝିବ, ତୁମମାନଙ୍କ କର୍ମଭିତରେ କୌଣସି ସ୍ଥାନରେ ହୁଏତ 'ଅହଂ'ର ଅଭିମାନ ନିଶ୍ଚୟ ଅଙ୍କିତ ହୋଇ ରହିଛି ।

ସାହସ ନ ବାନ୍ଧିଲେ ସମର୍ପଣ ହୋଇପାରେ ନାହିଁ । ସମସ୍ତେ ସାହସ କରି ଜୀବନକୁ ରୂପାନ୍ତରିତ ହେବାକୁ ସ୍ୱେଚ୍ଛାରେ ଛାଡ଼ିଦେଇପାରନ୍ତି ନାହିଁ । ଏଥିରେ ଆତ୍ମବିଲୋପ ଘଟିପାରେ ବୋଲି କେହି କେହି ଭୟ କରନ୍ତି; କିନ୍ତୁ ମୁକ୍ତାତ୍ମାର ଆଶ୍ରୟ ପାଇଲେ ବଦ୍ଧାତ୍ମା ମଧ୍ୟ ଶୀଘ୍ର ମୁକ୍ତିପଥ ଖୋଜି ବାହାର କରିପାରେ — କେହି ଏ କଥା ଭାବନ୍ତି ନାହିଁ । ଆତ୍ମାର ଦୈବୀପ୍ରକାଶ-ମାର୍ଗକୁ ନିର୍ବିଘ୍ନ ଓ ସୁପ୍ରଶସ୍ତ କରିଦେବା ହେଉଛି ସମର୍ପଣର ଲକ୍ଷ୍ୟ । ଅହଂକାର, ଅଭିମାନ ଅର୍ଥାତ୍ ତାମସ ପ୍ରକୃତିରୁ ଯାହା ସମ୍ଭୂତ, ସେସବୁର ବିନାଶ କରିବା ହେଉଛି ସମର୍ପଣର କାର୍ଯ୍ୟ । ଯେଉଁମାନଙ୍କର ମାଳିନ୍ୟ ଅଧିକ, ସେମାନଙ୍କୁ ଯୋଗ୍ୟ ହେବାପାଇଁ ମଧ୍ୟ ଅଧିକ ସମୟ ଲାଗେ ।

ଆତ୍ମାନୁଭବ ଓ ଆତ୍ମାଭିମାନ ଏକା କଥା ନୁହେଁ । ଗୋଟିଏ ପ୍ରଶାନ୍ତିର ପଥ-ଯୋଗପଥ, ଅପରଟି ଉଗ୍ର ସ୍ୱେଚ୍ଛାଚାରିତାର ପଥ । ଯାହାଙ୍କ ଭିତରେ ଯଥାର୍ଥଭାବରେ ସତ୍ୟଲାଭର ପିପାସା ଜାଗ୍ରତ ହୋଇଛି, ତାଙ୍କର ପ୍ରଧାନ ଲକ୍ଷଣ, ସେ ବିନୀତ ହେବେ ଓ ତାଙ୍କ ଭିତରେ ଅନିବାର୍ଯ୍ୟ ଆକୁଳତା ରହିବ ।

ସତ୍ୟ ଲାଭ କରିବାନିମିତ୍ତ ତୁମେମାନେ ଏଠାରେ ରହିଛ । ଯେଉଁମାନଙ୍କ ଭିତରେ ସତ୍ୟଲାଭର ପିପାସା ଜାଗ୍ରତ ହେବ, ସେମାନେ କଅଣ ମୋ ପ୍ରତି ବିରୂପ ହୋଇପାରିବେ ? ମୁଁ କ'ଣ କାହାର ଯଥାର୍ଥ ଆକୁଳତା ବୁଝିପାରୁ ନାହିଁ ? ମୁକ୍ତିର ପିପାସା ଜାଗିଲେ ମଧ୍ୟ ମୁଁ କ'ଣ ତୁମମାନଙ୍କୁ କଥାଛଳରେ ଭୁଲାଇରଖିବାକୁ ଚେଷ୍ଟା କରିବି ? ବରଂ ତୁମମାନଙ୍କୁ ସେହି ସୁଯୋଗ ଦେବାନିମିତ୍ତ ମୁଁ ଅପେକ୍ଷା କରି ରହିଛି । ଚିତ୍ତକୁ ବିଶୁଦ୍ଧ କର । ସତ୍ୟର ଦୀପ୍ତିରେ ତୁମମାନଙ୍କ ଅନ୍ତର ପୁଲକିତ ଓ ଉଦ୍‌ଭାସିତ ହୋଇଉଠୁ ।

ତ୍ୟାଗର ମହିମା

ଶକ୍ତିର କ୍ରିୟା ଅବିରାମ ଗତିରେ ଓ ଅବ୍ୟକ୍ତ ଭାବରେ ଚାଲିଛି; କିନ୍ତୁ ଯେଉଁମାନେ ଶୁଦ୍ଧ ଦେହ-ମନ-ପ୍ରାଣ ଦେଇ ସେହି ଶକ୍ତିର ଦିବ୍ୟ ବିକାଶ ଘଟାଇ-ପାରୁଛନ୍ତି, ସେମାନଙ୍କପରି ଭାଗ୍ୟବାନ୍ କେତେ ଜଣ-ବା ଅଛନ୍ତି ? ସମର୍ପିତ ଜୀବନର ଗୌରବ ସଙ୍ଗେ ଆଉ କୌଣସି ଗୌରବର ତୁଳନା ହୋଇ ନ ପାରେ । ସମସ୍ତଙ୍କ ଅପେକ୍ଷା ତୁମେମାନେ ଶ୍ରେଷ୍ଠ ଅଧିକାରୀ ବୋଲି ମୁଁ ମନେ କରେ । ତୁମେମାନେ ସାହସୀ— ନିର୍ଭୀକ । ଗୋଟିଏ ମହତ୍ ଇଚ୍ଛାକୁ ମୂର୍ତ୍ତ କରି ଗଢ଼ିବାକୁ ତୁମେମାନେ ଜୀବନ ଉତ୍ସର୍ଗ କରିଅଛ । ଚେତନ ହୋଇ ମଧ୍ୟ ତୁମେମାନେ ନିଜର ସଂକୀର୍ଣ୍ଣ ଇଚ୍ଛାକୁ ବଳିଦେଇ-ସାରିଛ । ଗୋଟିଏ ମହାନ୍ ଉଦ୍ଦେଶ୍ୟସିଦ୍ଧି ନିମିତ୍ତ ତୁମମାନଙ୍କ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପ କରିସାରିଛ । ଏଥିରେ କେବଳ ତୁମର ସତ୍ୟନିଷ୍ଠା ବିଘୋଷିତ ହେଉ ନାହିଁ, ତୁମମାନଙ୍କର ଏହି ଆତ୍ମତ୍ୟାଗର ମହିମାରେ ମୁଁ ମଧ୍ୟ ସମୟ-ସମୟରେ ଅଭିଭୂତ ଓ ମୁଗ୍ଧ ହୋଇଯାଉଛି ।

ବିଶ୍ୱାସ ସହଜରେ ଜାତ ହୁଏ ନାହିଁ । ଯେଉଁମାନେ ଏପର୍ଯ୍ୟନ୍ତ ଆତ୍ମ-ସମର୍ପଣ-ସାଧନାରେ ବିଶ୍ୱାସ ସ୍ଥାପନ କରିପାରି ନାହଁ, ସେମାନଙ୍କୁ ମୁଁ ଥରକୁ ଥର ସାବଧାନ କରିଦେଉଛି । ଏଠାରେ ରହିଲେ ସେମାନଙ୍କର କୌଣସି ମଙ୍ଗଳ ହେବ ନାହିଁ । ଶକ୍ତିବିକାଶର ଏବଂ ଶୁଭଇଚ୍ଛା ସ୍ଫୁରଣର ସୁଯୋଗ ସମସ୍ତଙ୍କୁ ଦେବାକୁ ହେବ । ତୁମମାନଙ୍କର ଐକାନ୍ତିକ ଇଚ୍ଛା ଏବଂ ଶ୍ରଦ୍ଧା ଉପରେ ହିଁ ସେହି ସୁଯୋଗ ନିର୍ଭର କରୁଛି । ସମର୍ପଣ-ସାଧନାରେ ବିଶ୍ୱାସହୀନଙ୍କର କୌଣସି ଦିନ ସିଦ୍ଧିଲାଭ ଘଟିପାରେ ନାହିଁ ।

କେବଳ ମୁହଁର କଥାରେ କହିଦେଲେ ସମର୍ପଣ ହୋଇଯାଏ ନାହିଁ । ଜୀବନମଧ୍ୟରେ ସମର୍ପଣର ପରୀକ୍ଷା ହୁଏ । ସଙ୍କଳ୍ପକୁ ଶେଷପର୍ଯ୍ୟନ୍ତ ଅକ୍ଷୁଣ୍ଣରଖି

ପାରିବା ବୀର୍ଯ୍ୟଶାଳୀ ସାଧକଙ୍କପକ୍ଷରେ ଆବଶ୍ୟକ । ଅନେକେ ଏଠାକୁ ଆସନ୍ତି; କେହି କେହି ଦୁଇ ଚାରି ବର୍ଷ ବା ରହନ୍ତି; ଗଲାବେଳେ ଚିତ୍ତର ଦୈନ୍ୟ ପ୍ରକାଶ କରିଯାଆନ୍ତି । ସେଥିରୁ ଜଣାପଡ଼େ, ସେମାନେ ସମର୍ପଣପଥ ଠିକ୍ ଠିକ୍ ଭାବରେ ଗ୍ରହଣ କରିପାରି ନାହାନ୍ତି । ସମର୍ପଣ-ପଥଟି ଅପ୍ରମାଦର ପଥ । ଏ ପଥରେ ପଥିକ ହେଲେ କେହି କେବେ ହେଲେ ଦୁଃଖ ଅଥବା ଜ୍ୱାଳା ପାଇବେ ନାହିଁ । ମହତ୍ ଉଦ୍ଦେଶ୍ୟ ସିଦ୍ଧି ନିମିତ୍ତ ଜୀବନ ଦାନ କଲେ କେବେ କ'ଣ ପ୍ରାଣରେ ଜ୍ୱାଳା ଆସିପାରେ ?

ମୁଁ ଆଶା କରିଥିଲି, ବର୍ତ୍ତମାନ ମଧ୍ୟ ନିରାଶ ହୋଇ ନାହିଁ । ତୁମମାନଙ୍କ ଭିତରୁ ନୂତନ ଶକ୍ତିଶାଳୀ ଆଧ୍ୟାତ୍ମିକତାର ଗୋଟିଏ ବିଦ୍ୟୁତ୍ ପ୍ରବାହ ବହମାନ ହେବ; କାରଣ ତୁମେମାନେ ନିଜ-ନିଜର ସବୁ ଭଲ-ମନ୍ଦ, ସୁଖ-ଦୁଃଖ ଗୁରୁଦେବଙ୍କ ଶ୍ରୀଚରଣରେ ସମର୍ପଣ କରିଦେଇଛ । ଏଥର ତୁମମାନଙ୍କ ଶୁଦ୍ଧ ଆଧାରକୁ ଅବଲମ୍ବନ କରି ମୋର ଶୁଭଇଚ୍ଛା ମୂର୍ତ୍ତ ହୋଇ ଫୁଟିଉଠିବ । ଏକମାତ୍ର ସମର୍ପିତ ଦେହ-ମନ-ବୁଦ୍ଧି ହିଁ 'ଭଗବତ୍ ଚେତନା'ର ବିକାଶକ୍ଷେତ୍ର । ସହଜରେ ସେହି 'ଅହଂ' କବଳରୁ ଉଦ୍ଧାର ନ ହେବାର ବାଟ ତୁମେମାନେ ଧରିଛ । ଅହଂକୁ ଯେତେ ସହଜରେ ସମର୍ପଣ ପଥରେ ବିସର୍ଜନ କରାଯାଇପାରେ, ଅନ୍ୟ କୌଣସି ପଥରେ ସେତେ ସହଜରେ ବିସର୍ଜନ କରାଯାଇପାରେ ନାହିଁ ।

ବ୍ୟକ୍ତିତ୍ୱର ସ୍ଫୁରଣ

ମୁଁ ଜାଣେ, ମନୁଷ୍ୟ ବଡ଼ ଅଭିମାନୀ । ନିଜକୁ ବିତରଣ କରିଦେବା ସମସ୍ତଙ୍କ ପକ୍ଷରେ ସହଜସାଧ୍ୟ ନୁହେଁ । ଏକଥା କିନ୍ତୁ ସତ୍ୟ ଯେ ଭକ୍ତମାନେ ଯେତେ ଦିନଯାଏ ନିଜର ସର୍ବସ୍ୱ ସମର୍ପଣ କରିପାରନ୍ତି ନାହିଁ, ସେତେଦିନ ପର୍ଯ୍ୟନ୍ତ ଭଗବାନ୍ ଭକ୍ତବାଞ୍ଛା ପୂରଣ କରନ୍ତି ନାହିଁ । ସମର୍ପଣ-ସାଧନାରେ ଅନେକେ ଭୟ ପାଇଥାଆନ୍ତି । ସେମାନେ ମନେ କରନ୍ତି ଯେ, ସମର୍ପଣ ସାଧନାଦ୍ୱାରା ଅସଲ ଜିନିଷଟି ଅର୍ଥାତ୍ ନିଜର ବ୍ୟକ୍ତିତ୍ୱଟି ଲୋପ ପାଇଯାଏ; କିନ୍ତୁ ଆବହମାନ କାଳରୁ ଆମମାନଙ୍କର ଏହି ଗୁରୁଶିଷ୍ୟ ସାଧନାର ସମ୍ବନ୍ଧ ଚଳିଆସୁଛି । ଗୁରୁ ଉପଯୁକ୍ତ ହେଲେ, ତାଙ୍କ ଆଧ୍ୟାତ୍ମିକ ପ୍ରଭାବଦ୍ୱାରା ଉପଯୁକ୍ତ ଶିଷ୍ୟର ଅସଲ ବ୍ୟକ୍ତିତ୍ୱର ହିଁ ସ୍ଫୁରଣ ହୁଏ । ସେହି ବ୍ୟକ୍ତିତ୍ୱ ହେଉଛି ଗୁରୁତ୍ୱ । ଉପଯୁକ୍ତ ହୋଇପାରିଲେ ଶିଷ୍ୟମାନେ ଗୁରୁଦେବଙ୍କ ନିକଟରୁ ଗୁରୁତ୍ୱ ହିଁ ଲାଭ କରିଥାନ୍ତି । ଶିଷ୍ୟମାନଙ୍କର ବ୍ୟକ୍ତିତ୍ୱକୁ ଗୁରୁଦେବ କୌଣସି ଦିନ ସଙ୍କୁଚିତ କରିଦିଅନ୍ତି ନାହିଁ ।

ସମର୍ପଣ-ପଥ ବ୍ୟତୀତ ଅନ୍ୟ କୌଣସି ପଥ ନାହିଁ ବୋଲି ମୁଁ କହୁ ନାହିଁ; କିନ୍ତୁ ସାଧନାର ବୈଚିତ୍ର୍ୟ ଥିଲେ ମଧ୍ୟ ଜଣେ ଜଣେ ଗୋଟିଏ ଗୋଟିଏ ସାଧନାର ମର୍ମ ଉଦ୍‌ଘାଟନରେ ବ୍ୟାପୃତ ହୁଅନ୍ତି । ତୁମମାନଙ୍କ ମଧ୍ୟରୁ ସମସ୍ତଙ୍କର ସମର୍ପଣ-ସାଧନା ହେବ ବୋଲି ମୁଁ ଆଶା କରୁ ନାହିଁ; କିନ୍ତୁ ଯେଉଁମାନେ ଆଶ୍ରିତ ଏବଂ ଯେଉଁମାନେ ସ୍ୱେଚ୍ଛାରେ ଏ ପଥ ଗ୍ରହଣ କରିଛ, ସେମାନଙ୍କଠାରେ ମୋର ଅଧିକ ଆଶା ଅଛି । ଆଚ୍ଛା, ସମର୍ପଣ-ସାଧନାରେ କୌଣସି ସତ୍ୟ ନିହିତ ଅଛି କି ନାହିଁ, ଶୁଦ୍ଧ ପ୍ରେମରେ, ଶୁଦ୍ଧ ସମର୍ପଣ ଭିତରେ ମନୁଷ୍ୟର ମନୁଷ୍ୟତ୍ୱ ବିକାଶ ହୁଏ କି ନାହିଁ, ଏ ଜୀବନଟା ଭିତରେ ତୁମେମାନେ ତାହା ପରୀକ୍ଷା କରି ଚାଲ ।

ତୁମେମାନେ ଯୁବକ । ଇଚ୍ଛା କଲେ ଯହିଁରେ ହାତ ଦେବ, ତହିଁରେ ସିଦ୍ଧ ହୋଇପାରିବ । ସମସ୍ତେ ନ ହୋଇପାର, ଅନ୍ତତଃ ପାଞ୍ଚ ଜଣ ନିର୍ଭୀକ ସାହସୀ ଯୁବକ ସତ୍ୟ ଉଦ୍‌ଘାଟନ କରିବାପାଇଁ ସମର୍ପଣ-ପଥରେ ଦେହ-ମନ-ପ୍ରାଣ ବିସର୍ଜନ କରିଦିଅ । କେତେ କ୍ଷେତ୍ରରେ ତୁମମାନଙ୍କର ଗବେଷଣା (experiment) ଚାଲିଛି, ସତ୍ୟ ଉଦ୍‌ଘାଟନ ନିମିତ୍ତ ତଥ୍ୟ ନିରୂପଣ ଚାଲିଛି । ଆଚ୍ଛା, ଅଟଳ ବିଶ୍ୱାସ ଧରି ଏହି ସମର୍ପଣ-ସାଧନାରେ କି ଫଳ ଫଳିବ, ଥରେ ଶେଷପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଦେଖ ।

ଆତ୍ମବଳି

ଗୁରୁ ଗୋବିନ୍ଦସିଂହଙ୍କ 'ବହଲ ବା ଶିଖ ସଂସ୍କାର' କାହାଣୀ ବୋଧହୁଏ ଜାଣ । ସ୍ୱୟଂ ଗୁରୁ ଗୋବିନ୍ଦସିଂହ ଏହି ସଂସ୍କାରର ନେତା ଥିଲେ । ସଂକ୍ଷେପରେ ଏ ସମ୍ବନ୍ଧରେ କିଛି କହୁଛି, ଶୁଣ । ଆନନ୍ଦପୁରଠାରେ ଗୁରୁଗୋବିନ୍ଦ ସିଂହ ବୈଶାଖୀ ମେଳା ଜମାଇ ବସିଥାନ୍ତି । ଏହି ମେଳାରେ ଶିଖସଂସ୍କାର ହେବ ବୋଲି ସେ ସମସ୍ତଙ୍କୁ ଆହ୍ୱାନ କରିଥାନ୍ତି । ମେଳାର ମଧ୍ୟସ୍ଥଳରେ ଗୋଟିଏ ପ୍ରକାର ମଣ୍ଡପ । ମଣ୍ଡପର ମଧ୍ୟସ୍ଥଳରେ ଗୁରୁଦେବଙ୍କ ସିଂହାସନ । ଯଥାସମୟରେ ଗୁରୁ ଗୋବିନ୍ଦସିଂହ ଆସି ସିଂହାସନରେ ଉପବେଶନ କଲେ । ଦୁଇ ଚାରି ପଦ କଥା ପରେ ଗୁରୁଗୋବିନ୍ଦସିଂହ କହିଲେ, ''କେତେ ଜଣ ବିଶେଷ ଭକ୍ତ ଶିଖଙ୍କ ମସ୍ତକ ମୋର ଆବଶ୍ୟକ । ଯେଉଁମାନେ ସ୍ୱେଚ୍ଛାପ୍ରଣୋଦିତ ହୋଇ ଗୁରୁକାର୍ଯ୍ୟ ସିଦ୍ଧ କରିବା ନିମିତ୍ତ ଆତ୍ମବଳି ଦେବାକୁ ପ୍ରସ୍ତୁତ, ସେମାନେ ଆସନ୍ତୁ ।'' ଏ କଥା ଶୁଣି ସମସ୍ତେ ହତବୁଦ୍ଧି ହୋଇ ରହିଲେ । ଏହିଭାବରେ ଗୁରୁ ଗୋବିନ୍ଦ ସିଂହ ସମସ୍ତଙ୍କୁ ଥରେ, ଦୁଇଥର, ତିନି ଥର ଏହି ଯଜ୍ଞରେ ଆତ୍ମାହୁତି

ଦେବାପାଇଁ ଆହ୍ୱାନ ଦେଲେ । ତୃତୀୟ ଥର ଆହ୍ୱାନରେ ଦୟା ସିଂହ ନାମକ ଜଣେ କ୍ଷତ୍ରିୟ ଶିଖ୍ ଗୁରୁକାର୍ଯ୍ୟରେ ମସ୍ତକ ଦେବାକୁ ପ୍ରସ୍ତୁତ ହୋଇ ଅଗ୍ରସର ହେଲେ । ସେତେବେଳେ ଗୁରୁ ଗୋବିନ୍ଦ ନିଷ୍କୋସିତ ଅସିହସ୍ତରେ ତାଙ୍କୁ ପ୍ରଶଂସା କରୁକରୁ ଗୋଟିଏ ନିର୍ଜନ ତମ୍ବୁଭିତରକୁ ନେଇଗଲେ । ତାକୁ ସ୍ଥିରଭାବରେ ସେଠାରେ ବସିରହିବାକୁ ନିର୍ଦ୍ଦେଶ ଦେଇ ଗୋଟିଏ ଛାଗ ବଳିଦାନ କରି ରକ୍ତସିକ୍ତ ତରବାରି ହସ୍ତରେ ପ୍ରତ୍ୟାବର୍ତ୍ତନ କରି ପୁନରାୟ ସିଂହାସନରେ ଆସି ଉପବେଶନ କଲେ ।

ଦ୍ୱିତୀୟଥର ସେ ଆଉ ଜଣକୁ ଆତ୍ମାହୁତି ଦେବାପାଇଁ ଆହ୍ୱାନ କଲେ । ସେତେବେଳେ ଧର୍ମସିଂହ ନାମକ ଜଣେ ଜାଠ ଶିଖ ଗୁରୁକାର୍ଯ୍ୟପାଇଁ ମସ୍ତକ ଦେବାକୁ ପ୍ରସ୍ତୁତ ହୋଇ ଆସିଲେ । ତାଙ୍କୁ ଧରି ନେଇ ଗୁରୁଗୋବିନ୍ଦ ପୂର୍ବପରି କାର୍ଯ୍ୟ କରି ଫେରିଆସିଲେ । ଏହିପରି ତୃତୀୟ ଥର ମହକମ ସିଂହ, ଚତୁର୍ଥ ଥର ସାବେହ ସିଂହ (ନାପିତ), ପଞ୍ଚମ ଥର ହିମ୍ମତ୍ ସିଂହ ଗୁରୁକାର୍ଯ୍ୟରେ ପ୍ରାଣ ଦେବାକୁ ପ୍ରସ୍ତୁତ ହୋଇ ବାହାରିଲେ । ଗୁରୁଙ୍କ ପରୀକ୍ଷା ଶେଷ ହେବାପରେ ଏହି ପାଞ୍ଚଜଣଙ୍କୁ ଧରି ଗୁରୁ ଗୋବିନ୍ଦ ସିଂହ ପୁଣି ସଭାସ୍ଥଳକୁ ଫେରିଆସିଲେ । ସେହି ପାଞ୍ଚ ଜଣଙ୍କର ନିର୍ଭୀକତାର ପ୍ରଶଂସା କରି ସେହିମାନେ ହିଁ ପ୍ରକୃତ ଶିଖ ନାମର ଯୋଗ୍ୟ ବୋଲି ସେ କହିଲେ । ''ଶ୍ରୀଗୁରୁଙ୍କ ପ୍ରତି ପ୍ରଗାଢ଼ ଭକ୍ତି, ଗୁରୁବାକ୍ୟରେ କୌଣସି ପ୍ରକାର ସଂଶୟ ନ କରି, ବଞ୍ଚିବା-ମରିବା କଥାକୁ ଭ୍ରୂକ୍ଷେପ ନ କରି ଯେଉଁମାନେ ଚଳିପାରନ୍ତି ସେହିମାନେ ହିଁ ଶିଖ । ଆଜି ଏହି ପାଞ୍ଚଜଣଙ୍କୁ ଦୃଢ଼ବିଶ୍ୱାସୀ ଶିଷ୍ୟରୂପେ ପାଇ ମୋର ବିଶ୍ୱାସ ହେଉଛି ଯେ, ଏହି ଶିଖ-ସମ୍ପ୍ରଦାୟ 'ଖାଲ୍‌ସା' ନାମରେ ଅଭିହିତ ହେବାକୁ ଯୋଗ୍ୟ । ବର୍ତ୍ତମାନ ଏହି ପାଞ୍ଚ ଜଣଙ୍କୁ ମୁଁ ମନ୍ତ୍ରପୂତ କରିଦେଉଛି ।'' ଏହା କହି ଗୁରୁ ଗୋବିନ୍ଦ ଗୋଟିଏ ଲୌହପାତ୍ରରେ ଜଳ ଆଣି ସେଥିରେ ଭଗବତୀଦତ୍ତ କାୟା (ତରବାରି) ବୁଡ଼ାଇ 'ଜପଜୀ' ପ୍ରଭୃତି ଗ୍ରନ୍ଥ ପାଠ କରି, ଜଳକୁ ପୂତ ଓ ଅମୃତମୟ କରିଦେଲେ । ସେହି ଅମୃତ ଜଳରୁ ପାଞ୍ଚ ଜଣଙ୍କୁ ପ୍ରଥମେ ପାଞ୍ଚ ଗଣ୍ଡୂଷ ପାନ କରିବାକୁ ଦେଲେ । ପରେ ସେମାନଙ୍କର ବକ୍ଷ ଓ ମସ୍ତକରେ ତାହା ସିଞ୍ଚନ କଲେ । ସେମାନଙ୍କୁ ଆହ୍ୱାନ କରି ଗୁରୁ ଗୋବିନ୍ଦ କହିଲେ, ''ଆଜିଠାରୁ ତୁମେମାନେ ଖାଲସା ହେଲ । ଏଣିକି ତୁମମାନଙ୍କ ସହିତ ଶ୍ରୀଗୁରୁଙ୍କର ବିଭିନ୍ନତ୍ୱ ରହିବ ନାହିଁ । ତୁମମାନଙ୍କର ପୂର୍ବ ନାମ ଓ ବାସସ୍ଥାନ ବିସ୍ମୃତ ହୋଇଯାଅ । ଏହି ସଂସ୍କାରଦ୍ୱାରା ତୁମମାନଙ୍କର ନବଜନ୍ମ ଲାଭ ହେଲା । ଏଥର କେହି ତୁମର ଜନ୍ମସ୍ଥାନ ଜିଜ୍ଞାସା କଲେ କହିବ, ଆମ ବାସସ୍ଥାନ ଆନନ୍ଦପୁର, ଆମେ ଜାତିରେ କ୍ଷତ୍ରିୟ ।''

ଶିଖ-ସଂସ୍କାରର ଏହା ସଂକ୍ଷିପ୍ତ ଇତିହାସ । ଏହି ପାଞ୍ଚ ଜଣଙ୍କର ଶିଷ୍ୟମାନେ 'ଖାଲ୍‌ସା' ନାମରେ ଅଭିହିତ ହୋଇଆସୁଛନ୍ତି । ପ୍ରଥମେ ପାଞ୍ଚଜଣ ମାତ୍ର ନିର୍ଭୀକ ବୀର ଶିଖ ଯୁବକ ପ୍ରାଣଦାନ କରିବାକୁ ପ୍ରସ୍ତୁତ ହୋଇଥିଲେ । ବିନା ବିଚାରରେ ଏହି ପାଞ୍ଚଜଣ ମାତ୍ର ଗୁରୁଦେବଙ୍କ ଆହ୍ୱାନ ଶୁଣି ପ୍ରାଣବଳି ଦେବାକୁ ପ୍ରସ୍ତୁତ ହେଲେ । କହିବାକୁ ଗଲେ, ଉକ୍ତ ପାଞ୍ଚଜଣ ହେଉଛନ୍ତି ଶିଖ ସମ୍ପ୍ରଦାୟର ଆଦି ବୀଜସ୍ୱରୂପ । ଏପରି ତ୍ୟାଗୀ, ନିର୍ଭୀକ ଶିଷ୍ୟ ପାଇ ନ ଥିଲେ ଗୁରୁ ଗୋବିନ୍ଦ ସିଂହ କୌଣସି ପ୍ରକାରେ ତାଙ୍କ ମନୋଭିଳାଷ ପୂର୍ଣ୍ଣ କରିଯାଇ ପାରିନଥାନ୍ତେ ।

ନିର୍ବିଚାର ଆତ୍ମତ୍ୟାଗ

କେହି କେହି ବିନା ବିଚାରରେ ଆଦେଶ ପାଳନକୁ ଦୁର୍ବଳତା ଏବଂ ନିର୍ବୋଧତା ବୋଲି ଅବଜ୍ଞା କରନ୍ତି; କିନ୍ତୁ ଦେଖିବ, ଜଗତ୍‌ରେ ସବୁ ମହାନ୍ କାର୍ଯ୍ୟମୂଳରେ ଏହିପରି ନିର୍ବିଚାର ଆତ୍ମତ୍ୟାଗର ହିଁ ମୂଲ୍ୟ ଅଧିକ । ପ୍ରଥମେ ନିର୍ବିଚାର ହୋଇ ଏପରି ଆତ୍ମତ୍ୟାଗ କରି ନ ପାରିଲେ କୌଣସି ମହାନ୍ କାର୍ଯ୍ୟ ସୁସମ୍ପନ୍ନ ହୋଇପାରେ ନାହିଁ ।

ବିଚାରଶକ୍ତି ସର୍ବତ୍ର ପ୍ରୟୋଜନ; କିନ୍ତୁ ବିଚାର ଯେଉଁଠାରେ ସତ୍ୟକୁ ଆଚ୍ଛନ୍ନ କରି ରଖେ, ସେଠାରେ ତାର କୌଣସି ମୂଲ୍ୟ ନାହିଁ । ସେ ବିଚାର ମନୁଷ୍ୟକୁ ଦୁର୍ବଳ କରିପକାଏ, ମନୁଷ୍ୟତ୍ୱ ପଥରୁ ବିଚ୍ୟୁତ କରିଦିଏ ।

ଗୁରୁ ଗୋବିନ୍ଦଙ୍କ ଆହ୍ୱାନରେ ପାଞ୍ଚ ଜଣ ଅଗ୍ନିମୟ ବିଶ୍ୱାସରେ ଉଦ୍ଦୀପ୍ତ ହେଲେ । ଏମାନେ ମରଣ ପଥରେ ନିର୍ଭୀକ ଭାବରେ ଆଗଭର ହୋଇ ଆସିଲେ । ଏହିମାନେ ହିଁ ଉପଯୁକ୍ତ ଶିଷ୍ୟ । ବିଶ୍ୱାସରେ ମନୁଷ୍ୟ ଅନ୍ଧ ହୁଏ ନାହିଁ । ବିଶ୍ୱାସଦ୍ୱାରା ସିଦ୍ଧିଲାଭର ସଙ୍କେତ ଆହୁରି ଅଧିକ ସୁସ୍ପଷ୍ଟ ହୁଏ ।

କେବଳ ବୁଦ୍ଧିର ଉତ୍କର୍ଷ ସାଧନ କରିପାରିଲେ ଜୀବନ ଉନ୍ନତ ହୁଏ ନାହିଁ । ଶାସ୍ତ୍ରରେ ବହୁ ଉପଦେଶ, ବହୁ ତତ୍ତ୍ୱ କଥା ପଡ଼ି ରହିଛି । ମୁଁ କିନ୍ତୁ ଭଲରୂପେ ଦେଖିଛି, ଶାସ୍ତ୍ରରୁ ଶୁଣିବା କଥାରେ କୌଣସି ଫଳ ଲାଭ ହୁଏ ନାହିଁ । ଏଥିପାଇଁ ତୁମେମାନେ ପଣ୍ଡିତ ନ ହୋଇ ଯେପରି ମନୁଷ୍ୟ ହେବ, ସେଥିପ୍ରତି ମୋର ଏତେ ଦୃଷ୍ଟି । ମନୁଷ୍ୟ ହେବାକୁ ହେଲେ ବିଶ୍ୱାସ, ଶ୍ରଦ୍ଧା, ଭକ୍ତି— ଏହି ତିନିଗୋଟି ଦୈବୀଗୁଣ ଅତି ଆବଶ୍ୟକ ।

ଯେଉଁମାନେ ଯଜ୍ଞରେ ଆତ୍ମାହୁତି ଦିଅନ୍ତି, ସମସ୍ତଙ୍କ ଅପେକ୍ଷା ସେମାନଙ୍କୁ ମୁଁ ଉଚ୍ଚ ଦୃଷ୍ଟିରେ ରଖିଥାଏଁ । ଅକାତରଭାବରେ, ଅକୁଣ୍ଠିତ ଚିତ୍ତରେ ଯେଉଁମାନେ ଗୋଟିଏ ମହାନ୍ ଉଦ୍ଦେଶ୍ୟ ସିଦ୍ଧିନିମିତ୍ତ ଜୀବନକୁ ବିସର୍ଜନ କରିପାରନ୍ତି, ସେହିମାନେ

ମୃତ୍ୟୁଞ୍ଜୟୀ, ସେହିମାନେ ପ୍ରାଣାୟାମ-ସାଧନାରେ ସିଦ୍ଧ । ସେହିମାନେ ହିଁ ଠିକ୍ ଠିକ୍ ଭାବରେ ମହାପ୍ରାଣରେ ଯୁକ୍ତ ହୋଇପାରିଛନ୍ତି ।

ଗୁରୁ ଆଉ ଶିଷ୍ୟ— ଉଭୟଙ୍କ ମଧ୍ୟରେ ସମାନଭାବରେ ବିଶ୍ୱାସ ଥିବା ଆବଶ୍ୟକ । ତାହା ହେଲେ ସେଠାରେ ଏକ ଆଶ୍ଚର୍ଯ୍ୟ ଶକ୍ତିର ଉନ୍ମେଷ ହୁଏ । ମୋର ଏପରି ଜଣେ ଦୁଇ ଜଣ ଶିଷ୍ୟଙ୍କ କଥା ବୋଧହୁଏ ତୁମେମାନେ ଜାଣ । ଆଉ ପ୍ରକୃତରେ ଆଜି ଗର୍ବର ସହିତ ମୁଁ କହୁଛି, ବିଶ୍ୱାସୀ, ଶ୍ରଦ୍ଧାପରାୟଣ କେତେ ଜଣ ସେବକ ଯଦି ମୁଁ ପାଇ ନ ଥାନ୍ତି, ତାହାହେଲେ ଆଜି ଏତେ ଦୂର ଅଗ୍ରସର ହୋଇପାରିଥାନ୍ତି କି ନାହିଁ, ସନ୍ଦେହ ।

ସହଜ ସରଳ ସାଧନା

ଏହିମାନେ ହିଁ ଠିକ୍‌ଭାବରେ ଆତ୍ମସମର୍ପଣ କରିପାରିଛନ୍ତି । ମୋତେ ମଧ୍ୟ ଏମାନେ ସମୟ-ସମୟରେ ସ୍ତମ୍ଭୀଭୂତ କରିଦେଇଛନ୍ତି । ସେମାନଙ୍କର ବିଦ୍ୟା-ବୁଦ୍ଧି ଥିଲା ସତ; କିନ୍ତୁ ସେଥିପାଇଁ ସେମାନେ ବଡ଼ ହୋଇ ନାହାନ୍ତି । ମନୁଷ୍ୟର ମନୁଷ୍ୟତ୍ୱ-ଧର୍ମର ଉତ୍କର୍ଷ ସାଧନ କରି ସେମାନେ ବଡ଼ ହୋଇପାରିଥିଲେ । ସବୁ ଛାଡ଼ିଦେଇ ଆସି ଦିନେ ସେମାନେ ମୋ ପାଖରେ ରିକ୍ତ ହୋଇ ଦଣ୍ଡାୟମାନ ହୋଇଥିଲେ; କିନ୍ତୁ ଯିବାବେଳେ ଆତ୍ମାର ଆନନ୍ଦ ହୃଦୟରେ ଧରି ସେମାନେ ଯାଉଛନ୍ତି ବୋଲି ମୋଠାରେ କୃତଜ୍ଞତା ଜ୍ଞାପନ କରିଗଲେ । ଆଜି ସେମାନେ ଇହଜଗତରେ ନାହାନ୍ତି; କିନ୍ତୁ ସେମାନଙ୍କ ନିକଟରେ ମୁଁ ଋଣୀ— ଏ କଥା କହିବାକୁ ମୋର ଟିକିଏ ହେଲେ କୁଣ୍ଠା ହେଉ ନାହିଁ ଅଥବା ଏଥିରେ ମୋର ଗୁରୁତ୍ୱ ଲଘୁ ହେଉ ନାହିଁ । ଶାସ୍ତ୍ର-ପୁରାଣରେ ମୁକ୍ତିର ଯେଉଁସବୁ ପଥ ପ୍ରଦର୍ଶିତ ହୋଇଛି, ସେସବୁ ଅସତ୍ୟ ବୋଲି ମୁଁ କହୁନାହିଁ; କିନ୍ତୁ ଏହା ଅପେକ୍ଷା ମନୁଷ୍ୟ ଅତି ସହଜରେ ମନୁଷ୍ୟତ୍ୱ ଲାଭ କରିପାରେ । ମୁଁ ନିଜେ ମଧ୍ୟ ସାଧନ-ଭଜନ କରି ଅଭିଜ୍ଞତା ଲାଭ କରିଛି । ମୁଁ ଦେଖିଛି, ତା ଅପେକ୍ଷା ଅନେକ ଛୋଟ ଛୋଟ କଥାରେ ସହଜ ସରଳ ପଥରେ ମନୁଷ୍ୟ ଉନ୍ନତ ହୋଇପାରେ, ଆଉ ସେଥିରେ କାର୍ଯ୍ୟ ମଧ୍ୟ ଠିକ୍ ହୁଏ । ଏଥିପାଇଁ ସହଜ ସରଳ ଭାବରେ ସାଧୁତ୍ୱ ଅକ୍ଷୁଣ୍ଣ ରଖି ଦୈନନ୍ଦିନ କର୍ମ କରିଯିବା ବ୍ୟତୀତ ଅନ୍ୟ କୌଣସି କଠୋର କୃଚ୍ଛ୍ରତପସ୍ୟା ବିଷୟରେ ମୁଁ ଜୋର୍ ଦେଉନାହିଁ । ଆମେମାନେ ବୁଝି ନ ପାରି ଶାରୀରିକ ଓ ମାନସିକ ଶକ୍ତିର ଅପବ୍ୟୟ କରୁଥାଉଁ ।

ଯେଉଁମାନେ ବିଶ୍ୱାସ କରି ତିଳେ ତିଳେ ବିଶ୍ୱାସଘାତକତା କରୁଛନ୍ତି, ସେମାନେ-ମୋର ତ କ୍ଷତି କରୁଛନ୍ତି; ପରନ୍ତୁ ତା ସଙ୍ଗେ ସଙ୍ଗେ ନିଜ ଜୀବନକୁ ମଧ୍ୟ ଭବିଷ୍ୟତପାଇଁ ବିପନ୍ନ କରି ରଖୁଛନ୍ତି । ପ୍ରଥମ କଥା ହେଉଛି, ଗୋଟିଏ ବିରୁଦ୍ଧ ମନୋଭାବ ଧରି ଆଶ୍ରିତ ହୋଇ ରହିବାର କୌଣସି ସାର୍ଥକତା ନାହିଁ । ସେମାନେ ଅନାୟାସରେ ନିଜ-ନିଜର ସଂକଳ୍ପ-ସିଦ୍ଧିପଥ ଦେଖିଲେ କଲ୍ୟାଣ ହେବ । ମୁଁ କାହାକୁ ମାୟାମନ୍ତ୍ରରେ ମୁଗ୍ଧ କରି ରଖୁ ନାହିଁ । ଧର୍ମ ଯାଦୁମନ୍ତ୍ର ନୁହେ । ଧର୍ମ ଐନ୍ଦ୍ରଜାଲିକ ବିଷୟ ମଧ୍ୟ ନୁହେଁ । ତୁମମାନଙ୍କ ମଧ୍ୟରେ ଏପରି ଅନେକେ ଅଛନ୍ତି ବା ଦିନେ ଥିଲେ, ଯେଉଁମାନେ ମୁଁ କିଛି ଅଲୌକିକ ବିଭୂତି ଦେଖାଇଲି ନାହିଁ ବୋଲି ରାଗ କରି ଅନ୍ୟତ୍ର ଚାଲିଗଲେ ଅଥବା ଯାଇ ପୁଣି ଫେରିଆସିଲେ । ଏଥିପାଇଁ ମୁଁ ତୁମମାନଙ୍କୁ ଦୋଷ ଦେଉନାହିଁ– ଦୋଷ ଧର୍ମବ୍ୟାଖ୍ୟାକାରୀଙ୍କର ।

ବ୍ୟକ୍ତିତ୍ୱର ସମ୍ମାନ

ଯେ ଯୋଗ୍ୟତା ଅର୍ଜ୍ଜନ କରନ୍ତି, ତାଙ୍କୁ କେହି ବନ୍ଧନଦଶାରେ ପକାଇ ରଖି ନ ପାରେ । ଆମ ଦେଶରେ ସନ୍ନ୍ୟାସଭିତରେ ବ୍ୟକ୍ତିତ୍ୱକୁ କେବଳ ଉଚ୍ଚ ସ୍ଥାନ ଦିଆଯାଇଛି । ନିଜକୁ ଜାଣିପାରିଲେ ଆଉ କୌଣସି ବିଧି ନିଷେଧ ନ ଥାଏ କିମ୍ୱା କୌଣସି ନିୟମ ପାଳନର ଆବଶ୍ୟକ ହୁଏ ନାହିଁ । ସେତେବେଳେ ତୁମେ ପିଞ୍ଜରାମୁକ୍ତ କେଶରୀ; କିନ୍ତୁ ଆପଣାକୁ ଜାଣିବା, ସତ୍ୟଭାବରେ ଆପଣାକୁ ଲାଭ କରିବା ବଡ଼ କଠିନ ବ୍ୟାପାର । ବହୁ ଦୁଃଖ-ନିର୍ଯ୍ୟାତନା ଭିତରେ ଗତି କରି ଆମେ ଆମର ଅସଲ ସ୍ୱରୂପର ଦେଖାପାଉ; ବହୁ କୃଚ୍ଛ୍ର ସାଧନାଭିତରେ ଯାଇ ଆତ୍ମସ୍ୱରୂପର ସନ୍ଧାନ ଲାଭକରୁ । ନିଜ ଭିତରର ମଇଳା ନିଃଶେଷଭାବରେ ଧୂଆ-ପୋଛା ହୋଇ ଦୂର ନ ହେଲେ ସ୍ୱରୂପର ସନ୍ଧାନ ମିଳିବ ନାହିଁ ।

ନିଜ ଅନ୍ତରର କାଳିମା ଦୂର କରିବା ହେଉଛି ବର୍ତ୍ତମାନ ଅସଲ କଥା । ପ୍ରାଣ ବଞ୍ଚାଇ ଚଳିଲେ କେବେହେଲେ ନିଜର ଉନ୍ନତି ହୁଏ ନାହିଁ । ଅଧିକାଂଶ ସ୍ଥଳରେ ଦେଖାଯାଏ ଯେ, ଆଳସ୍ୟ ଓ ଜଡ଼ତାକୁ ପ୍ରଶ୍ରୟ ଦେଇ ଧର୍ମାନୁଭୂତି ପାଇବାକୁ ତୁମେମାନେ ବ୍ୟାକୁଳ ହୁଅ । ଏ ବ୍ୟାକୁଳତାରେ କିନ୍ତୁ କୌଣସି ଲାଭ ନାହିଁ । କୃପା ଲାଭ କରି କେତେଜଣ ତାର ମର୍ଯ୍ୟାଦା, ତାହାର ତାତ୍ପର୍ଯ୍ୟ ଅନୁଭବ କରିପାରିଛ ? ଅନେକଥର ଦେଖାଯାଇଛି ଯେ, ଯାହାଙ୍କୁ ଭଲ ବୋଲି ମୁଁ ପ୍ରଶଂସା କରିଛି, ଭଲ

ବୋଲି କହିବାର ମର୍ଯ୍ୟାଦା ମୂଳସହିତ କଳନ୍ତର ସେ ଆଦାୟ ଦେଇସାରି ଶେଷ କରିଦେଇଛନ୍ତି । ଏହାର କାରଣ କଅଣ ? ଏ ଦୋଷ କଅଣ ମୋର ? ନିବିଷ୍ଟଚିତ୍ତରେ ଟିକିଏ ଚିନ୍ତା କଲେ ବୁଝିପାରିବ; ତୁମର କେତେ ଅଭିମାନ, କେତେ ପୁଞ୍ଜୀଭୂତ କୁସଂସ୍କାର ବୁଜୁଲା ବନ୍ଧାହୋଇ ରହିଛି । ମୁଁ ଭଲ ବୋଲି କହିଦେଲାକ୍ଷଣି ତୁମମାନଙ୍କର ପୂର୍ବପରି ଭଲ ହେବାର ଚେଷ୍ଟା ଆଉ ରହେ ନାହିଁ । ସେତେବେଳେ ମୋର ପ୍ରଶଂସାପତ୍ର ନେଇ ତୁମେମାନେ ଗର୍ବ କରି ଚଳ । ମୁଁ ଭଲ ବୋଲି କହିଲେ ତୁମେ ଅଧିକ ଭଲ ଓ ଉନ୍ନତ ହେବାର କଥା; କିନ୍ତୁ ଅଧିକାଂଶ ସ୍ଥଳରେ ଭଲ ବୋଲି କହିଦେଲେ ବିପରୀତ ଫଳ ହୁଏ ।

ଶ୍ରମର ଗୌରବ

ଚିରକାଳ ମୁଁ ସ୍ୱାଧୀନତାର ସମର୍ଥକ । ଭିକ୍ଷା କଲାବେଳେ ମୁଁ କେତେ ଦ୍ୱାରରେ ଯେ ଅପମାନିତ ହୋଇଛି, ସେସବୁ ତୁମକୁ ଆଉ କଅଣ କହିବି ? ମୁଁ ନିଜେ ଏଥିରେ ଭୁକ୍ତଭୋଗୀ ହୋଇଥିବାରୁ ତୁମେମାନେ ଯେପରି ସେ ପଥରେ ନ ଯିବ, ସେଥିପାଇଁ ମୋର ପ୍ରାଣପଣ ଚେଷ୍ଟା ରହିଛି । ତୁମେମାନେ ସବୁ କ୍ଷେତ୍ରରେ ସ୍ୱାଧୀନ ହେବ, ଧର୍ମ ପଥରେ ଉନ୍ନତି କରିବ– ଏହା ମୋର ଇଚ୍ଛା । ଯାହା ପ୍ରୟୋଜନ ହେଉଛି, ନିଜେ ନିଜେ କରିଯାଅ; କାହା ପାଖରେ ହାତ ପତାଇବା ଦରକାର ନାହିଁ । ଏଥିପାଇଁ ମୁଁ ତୁମମାନଙ୍କ ଦ୍ୱାରା କର୍ମ କରାଉଛି । ମୋ ଠାରେ ସବୁ ସମର୍ପଣ କରିଦେଇ ନ ଥିଲେ ଏହି କର୍ମଭିତରେ ତୁମର ଅଭିମାନ ଜାଗିଉଠନ୍ତା ।

ଥରେ ଚିନ୍ତା କରି ଦେଖ, ଏ କର୍ମ କରାଇବା ମୋର କୌଣସି ଉଦ୍ଦେଶ୍ୟ ବା ସ୍ୱାର୍ଥସିଦ୍ଧି ପାଇଁ ନା ତୁମମାନଙ୍କର ସୁବିଧା ଓ ଉନ୍ନତି ପାଇଁ ?

ସ୍ୱାବଲମ୍ବନ

କୌଣସି ଦିଗରେ ତୁମମାନଙ୍କର ଦୁର୍ବଳତା ଦେଖିଲେ ତାହା ମୋର ସୁଖକର ହୁଏ ନାହିଁ । ସମସ୍ତେ ଭିକ୍ଷାକୁ ନୀଚ ଦୃଷ୍ଟିରେ ଦେଖିଥାନ୍ତି । ତୁମେମାନେ ଯୁବକ; ସମସ୍ତଙ୍କର ଶକ୍ତି-ସାମର୍ଥ୍ୟ ଅଛି; ପରଦ୍ୱାରକୁ ଭିକ୍ଷା କରିଯିବ କାହିଁକି ? ପରର ସାହାଯ୍ୟ ଗ୍ରହଣ କଲେ ଆଧ୍ୟାତ୍ମିକ ପଥରେ ସ୍ୱାଧୀନଭାବରେ ଗତି କରିପାରିବ ନାହିଁ । ଏହା ଅପେକ୍ଷା ନିଜ ଶ୍ରମଲବ୍ଧ ଯାହା, ତାହା ନେଇ ଗୌରବର ସହିତ ସାଧନପଥରେ

ଉନ୍ନତ ହୋଇପାରିବ । ତୁମେମାନେ ସବୁ ପ୍ରକାରରେ ସ୍ୱାଧୀନ ହୋଇ ଚଳିବ— ମୁଁ ଏହା ଦେଖିବାକୁ ଇଚ୍ଛାକରେ । ତୁମେମାନେ ଯେଉଁସବୁ କାର୍ଯ୍ୟ କରୁଛ, ମୁଁ ଟଙ୍କା-ପଇସା ସାହାଯ୍ୟ ଦେଇ ସେସବୁ କାର୍ଯ୍ୟ କରାଇଦେଇପାରେ, ଖାଇବା-ପିନ୍ଧିବା ପାଇଁ ସୁବିଧା କରିଦେଇପାରେ; କିନ୍ତୁ ଏଥିରେ ଫଳ କଅଣ ହେବ ? ଏହା ପରିବର୍ତ୍ତେ ଧୀରେ ଧୀରେ ନିଜ ଉଦ୍ୟମରେ ତୁମେମାନେ କାର୍ଯ୍ୟ ସଫଳ କର ! ନିଜେ କୃଷି କର ! ବଗିଚାରେ ବଡ଼ ବଡ଼ ବାଇଗଣ, କଖାରୁ, ଲାଉ ଇତ୍ୟାଦି ପନିପରିବା ଦେଖିଲେ ମୋର ଯେ କେତେ ଆନନ୍ଦ ହୁଏ, ତାହା କହିପାରୁନାହିଁ । ଅଥଚ ଏସବୁ ଜିନିଷ ତୁମେମାନେ ପଇସା ଦେଇ ଯେପରି କିଣିଆଣିପାରିବ, ଇଚ୍ଛା କଲେ ତାର ବ୍ୟବସ୍ଥା ମୁଁ କରିଦେଇପାରେ; କିନ୍ତୁ ଏ ସବୁର ପ୍ରଶ୍ରୟ ଦେଲେ ତ ତୁମେମାନେ ନିଜେ ଆଉ କିଛି କରନ୍ତ ନାହିଁ ! ପ୍ରତି କାର୍ଯ୍ୟରେ ତୁମମାନଙ୍କୁ ପରମୁଖାପେକ୍ଷୀ ହୋଇ ରହିବାକୁ ପଡ଼ନ୍ତା ! ପରଦ୍ୱାରରେ ଏପରି ହାତ ପତାଇବା ନିଦାରୁଣ ଅଭିଶାପ ବୋଲି ମୋର ଧାରଣା ।

ଆମେମାନେ ସ୍ୱାଧୀନଭାବରେ କର୍ମ କରିଯାଉ । ଭାବି ଦେଖିଲେ ଏହା ଭିତରେ ଆନନ୍ଦର ଉପକରଣ କେତେ ପାଇବ ! ତୁମମାନଙ୍କର ଏହି ପରିଶ୍ରମରେ ତିଳେ ହେଲେ ସ୍ୱାର୍ଥର ସମ୍ପର୍କ ନାହିଁ । ଏହାଫଳରେ ତୁମେମାନେ ଯେତେ ଶୀଘ୍ର ସ୍ୱାଧୀନଭାବରେ ଆଧ୍ୟାତ୍ମିକ ଉନ୍ନତି ଲାଭ କରିବ, ଅନ୍ୟ କେହି ସେପରି କରିପାରିବେ ନାହିଁ ।

ବିଶୁଦ୍ଧ ପ୍ରେମର ସାଧ

ନିର୍ଲିପ୍ତଭାବରେ କିପରି ଅଜସ୍ର କର୍ମ କରାଯାଇପାରେ, ତୁମମାନଙ୍କ ସମର୍ପିତ ଜୀବନମଧ୍ୟରେ ତାର ଆଦର୍ଶ ମୂର୍ତ୍ତ ହୋଇ ଫୁଟିଉଠିବ । କର୍ମଜଗତକୁ ତୁମେମାନେ ହିଁ ଶିକ୍ଷା ଦେବ । ଏହାର ନାମ ହେଉଛି ଯୋଗ । ଫଳରେ ଆତ୍ମସମର୍ପଣ-ପଥରେ ଯୋଗ ସ୍ୱତଃ ଫୁଟିଉଠେ । ଅନାସକ୍ତ, ନିର୍ଲିପ୍ତ, ନିର୍ମମ ହୋଇ ନ ପାରିଲେ ଉପଯୁକ୍ତ ଭାବରେ କାର୍ଯ୍ୟ ହୋଇପାରେ ନାହିଁ ।

ମନୁଷ୍ୟ ଶ୍ରମ କରି ମରୁଛି; କିନ୍ତୁ ନାନା ଦିଗରୁ ଆବର୍ଜ୍ଜନା ସଞ୍ଚୟର ମାର୍ଗ ସେହି ଶ୍ରମମଧ୍ୟରେ ରହିଯାଉଛି । ଏକମାତ୍ର ସମର୍ପଣପଥରେ ହିଁ କର୍ମ କରି ମଧ୍ୟ ମନୁଷ୍ୟ ନିଷ୍କାମ ରହିପାରେ । ଆଉ ଗୋଟିଏ ବିଶେଷ କଥା କହୁଛି, ଶୁଣ— ମୋତେ ଯେଉଁମାନେ ସୁଖ ପାଆନ୍ତି, ସେମାନଙ୍କ ଚିତ୍ତର ଉନ୍ନତି ସହଜରେ ହୋଇଯାଏ । ଯେଉଁମାନେ କେବଳ

ନିୟମ-ନିଷ୍ଠା ଧରି ଚଳନ୍ତି, ସେମାନଙ୍କର ସହଜରେ ସେତେ ଉନ୍ନତି ଦେଖାଯାଏ ନାହିଁ । ଏହାର କାରଣ କ'ଣ ଜାଣ ? ମନୁଷ୍ୟ ଯେତେବେଳେ ନିୟମ-ନିଷ୍ଠାକୁ ଜାବୋଡ଼ିଧରି ବସେ, ନିୟମ-ନିଷ୍ଠାର ମୂଳ ବିଷୟରୁ ସେ ପୃଥକ୍ ହୋଇଯାଏ । ତେଣୁ, ନିୟମ-ନିଷ୍ଠାଭିତରେ ଆତ୍ମଜାଗରଣର କୌଣସି ଉପାୟ ରହେ ନାହିଁ ।

ମୋର ବହୁ ଶିଷ୍ୟଭକ୍ତ କେବଳ ବିଶୁଦ୍ଧ ପ୍ରେମଦ୍ୱାରା ମୋ ନିକଟରୁ ଅନେକ ଦୁର୍ଲଭ ବସ୍ତୁ ଲାଭ କରିଛନ୍ତି । ସେମାନେ ଶାସ୍ତ୍ର ଛୁଇଁ ନାହାନ୍ତି ଅଥଚ ସେମାନଙ୍କ ଭିତରେ ବହୁ ଆଶ୍ଚର୍ଯ୍ୟ ତତ୍ତ୍ୱର ସ୍ଫୁରଣ ହୋଇଛି । ଏହା ବୋଲି ମୁଁ କହୁ ନାହିଁ ଯେ ପାଣ୍ଡିତ୍ୟର କୌଣସି ମୂଲ୍ୟ ନାହିଁ, ବରଂ ଅନୁଭୂତି ଓ ପାଣ୍ଡିତ୍ୟର ଯୋଗ ମଣିକାଞ୍ଚନ ଯୋଗପରି ସରସ ହୋଇଥାଏ; କିନ୍ତୁ ସେପରି ଅଧିକାରୀ ବା କେତେଜଣ ଅଛନ୍ତି ?

କେବଳ ପ୍ରେମ ଓ ଶ୍ରଦ୍ଧାରେ ଗୁରୁତ୍ୱ ଜିନିଷଟି ଫୁଟିଉଠେ । ଏହି କାରଣରୁ ଅନେକ ପଣ୍ଡିତ-ଶିଷ୍ୟଙ୍କୁ ବାଦ୍ ଦେଇ ଶ୍ରୀଗୁରୁ ନିତାନ୍ତ ସରଳ, ସାଧୁ ଶିଷ୍ୟଙ୍କ ଉପରେ 'ଗୁରୁଭାର' ଅର୍ପଣ କରିଯାଆନ୍ତି । ଅକପଟ ବିଶ୍ୱାସ ଜାତ ନ ହେଲେ ଗୁରୁଙ୍କଠାରୁ ଅସଲ ପ୍ରାପ୍ୟ ଜିନିଷଟି ମିଳେ ନାହିଁ ।

ପ୍ରେମବଳ

ବିଶ୍ୱାସର କ୍ଷମତା ଅଦ୍ଭୁତ । ଖାଣ୍ଟି ବିଶ୍ୱାସ ସଙ୍ଗେ ସଙ୍ଗେ ହୃଦୟରେ ଅଫୁରନ୍ତ ଶକ୍ତିର ସଞ୍ଚୟ ହୁଏ । ଯେତେବେଳେ ତୁମର କର୍ମପାଇଁ ଉଦ୍ୟମ ନ ଥାଏ, ମନ ଅବସନ୍ନ ହୋଇପଡ଼େ, ସେତେବେଳେ ଭିତରେ ଅନୁସନ୍ଧାନ କରି ଦେଖିଲେ ବୁଝିପାରିବ, ମୋତେ ତୁମେମାନେ ବିସ୍ମୃତ ହେବାକୁ ଆରମ୍ଭ କରିଥିଲ । ମୋତେ ଯେଉଁମାନେ ପ୍ରେମ କରନ୍ତି, ମୋର ଆଦେଶ ସେମାନେ ଅବଶ୍ୟ ଶିରୋଧାର୍ଯ୍ୟ କରିବେ । ବିବେକାନନ୍ଦଙ୍କ କଥା ତୁମେମାନେ ଏତେ ଥର କହ । ରାମକୃଷ୍ଣଦେବଙ୍କୁ ପ୍ରେମଦ୍ୱାରା ହିଁ ସେ ମୁଗ୍ଧ କରିଥିଲେ । ଏ ସ୍ଥାନରେ ବିବେକାନନ୍ଦଙ୍କର ଗୋଟିଏ କଥା ଉଦ୍ଧାର ନ କରି ରହିପାରୁ ନାହିଁ । କି ସୁନ୍ଦର କଥା ! ଗୋଟିଏ ସ୍ଥାନରେ ରାମକୃଷ୍ଣଦେବଙ୍କୁ ବିବେକାନନ୍ଦ କହିଛନ୍ତି, "It is not just your words that attract me. I love you and need to see you" ''ତୁମ କଥା ଶୁଣି ମୁଁ ଆକୃଷ୍ଟ ହୋଇ ଆସିନାହିଁ । ତୁମକୁ ପ୍ରେମ କରେ; ତେଣୁ ନ ଦେଖିଲେ ରହିପାରେ ନାହିଁ ।''

ଏହି ପ୍ରେମ ଲାଭ କରିବାରୁ ବିବେକାନନ୍ଦଙ୍କ ଭିତରେ ଯୋଗ, ଜ୍ଞାନ ଓ ଭକ୍ତି ପ୍ରସ୍ଫୁଟିତ ହୋଇଥିଲା । ସୁତରାଂ ସମସ୍ତର ମୂଳ ହେଉଛି ପ୍ରେମ । ରାମକୃଷ୍ଣଦେବ

ବିବେକାନନ୍ଦଙ୍କୁ କୌଣସି (ଦର୍ଶନଶାସ୍ତ୍ର) (Philosophy) ପଢ଼ାଇ ନାହାନ୍ତି ବା ରାମକୃଷ୍ଣଦେବଙ୍କଠାରେ ସେପରି କିଛି ପାଣ୍ଡିତ୍ୟ ନ ଥିଲା; କିନ୍ତୁ ବିବେକାନନ୍ଦଙ୍କୁ ରାମକୃଷ୍ଣଦେବ ଯାହା ଦେଇଥିଲେ, ତାହା ସାହାଯ୍ୟରେ ବିବେକାନନ୍ଦଙ୍କ ଭିତରେ ଏତେ ପାଣ୍ଡିତ୍ୟ, ଏତେ ଅଦ୍ଭୁତ ଶକ୍ତିର ସ୍ଫୁରଣ ହେଲା । କାହା ଉପରେ ମୁଁ ଜୋର୍-ଜବରଦସ୍ତି କରେ ନାହିଁ । ତୁମ ସମସ୍ତଙ୍କୁ ସ୍ୱାଧୀନଭାବରେ ଚଳିବାର ସୁଯୋଗ ଓ ଅବକାଶ ମୁଁ ଦେଇଛି, ଏପରି କି ସାଧନ-ଭଜନ ସମ୍ବନ୍ଧରେ ମଧ୍ୟ ମୋର କୌଣସି ଧରାବନ୍ଧା ନିୟମ ନାହିଁ । ତୁମମାନଙ୍କ ଭିତରେ ଆଧ୍ୟାତ୍ମିକଭାବ ସ୍ୱତଃ ଫୁଟିଉଠୁ— ଏହାହିଁ ମୋର ଅଭିଳାଷ ।

ତୁମମାନଙ୍କଠାରେ ଅଭିମାନ ଜାତ ନ ହେଉ । ତୁମମାନଙ୍କର ଏକମାତ୍ର ଶତ୍ରୁ ହେଉଛି ଅଭିମାନ । କୃପା ଲାଭ କରିବା ସହଜ; କିନ୍ତୁ ତାହା ଜୀର୍ଣ୍ଣ କରିବା ବଡ଼ କଷ୍ଟକର । ଏଥିପାଇଁ କହୁଛି, ତୁମେମାନେ ଦେହରେ, ମନରେ ଓ ପ୍ରାଣରେ ବୀର୍ଯ୍ୟବନ୍ତ ହୁଅ, ଯେପରି କୌଣସି ଦିଗରେ ଟିକିଏ ହେଲେ ତ୍ରୁଟି ବା ଖୁଣ ତୁମମାନଙ୍କର ନ ରହେ ।

ଜ୍ଞାନ-ଭକ୍ତି

ଅନେକ ଥର ତୁମମାନଙ୍କୁ ଗୋଟିଏ କଥା କହିଛି; ବୋଧହୁଏ ତୁମେମାନେ ତାର ଗୁରୁତ୍ୱ ଠିକ୍ ଉପଲବ୍ଧି କରିପାରି ନାହଁ । ଆଜି ତୁମମାନଙ୍କର ଆଚରଣରେ, ବ୍ୟବହାରରେ ଅସାମଞ୍ଜସ୍ୟ ଦେଖି ପୁଣି ସେହି କଥାଟି ସ୍ମରଣ କରାଇଦେଉଛି । ଏଠାରେ ଯେଉଁମାନେ ଅଛନ୍ତି, ସେମାନେ ଅଧିକ ଜ୍ଞାନୀ ହେଲେ ଚଳିବ ନାହିଁ କିମ୍ବା ଅତିମାତ୍ରାରେ ଭକ୍ତ ହେଲେ ମଧ୍ୟ ଚଳିବ ନାହିଁ । କେବଳ ଜ୍ଞାନ ଆଲୋଚନାଦ୍ୱାରା ହୃଦୟ ଶୁଷ୍କ ହୋଇଯାଏ । ଅଭିମାନରେ ତୁମେମାନେ ଉଦ୍ଧତ ହୋଇପଡ଼ । କେତେଥର ଏହାର ପ୍ରମାଣ ମଧ୍ୟ ମୁଁ ପାଇଛି । ପ୍ରକୃତ ଜ୍ଞାନୀ ହେଉଛନ୍ତି ପ୍ରକୃତ ଭକ୍ତ । ଜଗତର ଯେ ସୃଷ୍ଟିକର୍ତ୍ତା, ସେ ପରମ ଜ୍ଞାନୀ । ତେଣୁ ଆନନ୍ଦ ମନରେ ସେ ଜଗତର ସେବାରେ ଲାଗି ରହିଛନ୍ତି । ତୁମେମାନେ କିନ୍ତୁ ଜ୍ଞାନୀ ହୋଇ ସେବାକୁ, ଭକ୍ତିକୁ ଅବଜ୍ଞା କରି ଚଳ । ଫଳରେ ଏପରି ଜ୍ଞାନରେ ହିତ ନ ହୋଇ ଅଧିକ ଅହିତ ହିଁ ହୋଇଥାଏ ।

ଏ ଗଲା ଅଧିକ ଜ୍ଞାନର କଥା । ଅଧିକ ଭକ୍ତ ହେଲେ ତୁମେମାନେ ହୁଅ ସ୍ୱାର୍ଥପର । ସେବାର ସୁଯୋଗ ଗ୍ରହଣ କରି ନିଜର ସ୍ୱାର୍ଥସିଦ୍ଧିର ପଥ ବହୁ ପରିମାଣରେ ଆବିଷ୍କାର କରିବାକୁ ପ୍ରୟତ୍ନ କର । ସେପରି ଭକ୍ତିର କୌଣସି ମୂଲ୍ୟ ନାହିଁ । ସହଜ

କଥାରେ କହିବାକୁ ଗଲେ ଜ୍ଞାନ ଓ ଭକ୍ତି ମଧ୍ୟରୁ କୌଣସି ଗୋଟିଏ ବିଷୟ ଅତି ମାତ୍ରାରେ ହେବା ଭଲ ନୁହେଁ । ମଧ୍ୟପନ୍ଥା ଧରି ଗତି କଲେ ଦେଖିବ ପତନର କୌଣସି ଆଶଙ୍କା ନାହିଁ ।

ବେଳେବେଳେ ତୁମମାନଙ୍କୁ ଗୋଟାଏ ଗୋଟାଏ ନିଶା ଧରେ । ଯେତେବେଳେ ତୁମେମାନେ ଜ୍ଞାନୀ ହୋଇଉଠ, ଭକ୍ତି ସେତେବେଳେ ତୁମମାନଙ୍କ ନିକଟରେ ଅବଜ୍ଞାର ବସ୍ତୁ ହୋଇପଡ଼େ, ଆଉ ଯେତେବେଳେ ଭକ୍ତ ହୁଅ, ସେତେବେଳେ ଅବଜ୍ଞାର ବିଷୟ ହୁଏ ଜ୍ଞାନ । ଏଥିରୁ ଏତିକି ପ୍ରତିପନ୍ନ ହେଉଛି ଯେ ତୁମମାନଙ୍କର ଦୃଷ୍ଟି ସବୁ ଦିଗରେ ସମାନ ଭାବରେ ବିସ୍ତୃତ ନୁହେଁ । 'ଶଙ୍କରଙ୍କ ମତ, ଗୌରାଙ୍ଗଙ୍କ ପଥ' ହେଲା ମୋର ଆଦର୍ଶ । ତୁମେମାନେ ଏହି କଥାଟି ପ୍ରାୟ ଭୁଲିଯାଅ । ମୁଁ କେତେଥର ଏହି କଥାଟି କହିଛି ।

ସେବାର ଅଧିକାରୀ

ଅଜ୍ଞାନୀମାନଙ୍କ ଦ୍ୱାରା ସେବା ହୁଏ ନାହିଁ । ଫଳରେ ସେବକମାନେ ଜ୍ଞାନୀ ନ ହେଲେ ତାଙ୍କଦ୍ୱାରା ପ୍ରକୃତ ସେବାକାର୍ଯ୍ୟ ହୋଇପାରିବ ନାହିଁ । ସେବା କରିବା ସଙ୍ଗେ ସଙ୍ଗେ ଅପରର ମନ ମଧ୍ୟ ଜାଣିବାକୁ ହେବ; ତାହାହେଲେ ଯାଇ ଅପରର ମନୋମତ କର୍ମ କରିପାରିବ । ଭଗବାନ ପ୍ରତ୍ୟେକଙ୍କ ମନକଥା ଜାଣନ୍ତି । ତେଣୁ ପ୍ରତ୍ୟେକଙ୍କ ମନୋମତ ହେବା ତାଙ୍କ ପକ୍ଷରେ ସମ୍ଭବପର । ଗୁରୁ-ଶିଷ୍ୟଙ୍କ ହୃଦୟର ଯୋଗସୂତ୍ର ଏହିପରି । ଏହା ସବୁଠାରୁ ବଡ଼ କଥା । ଜୀବନ୍ତ ମନୁଷ୍ୟର ପରଶ ନ ପାଇଲେ ହୃଦୟର ଏହି ମାହାତ୍ମ୍ୟ ଉପଲବ୍ଧି କେହି କରିପାରିବେ ନାହିଁ ।

ବିବେକାନନ୍ଦଙ୍କ ନିକଟରେ ରାମକୃଷ୍ଣଦେବଙ୍କ ହୃଦୟର ପରିଚୟ ଥିଲା ଉତ୍ତମ ପରିଚୟ । ପରମହଂସଦେବ ବେଦ-ବେଦାନ୍ତ ଜାଣନ୍ତି କି ନାହିଁ, ଏକଥା ବିବେକାନନ୍ଦଙ୍କ ମନରେ ଜାଗି ନ ଥିଲା; କାରଣ, ସବୁଠାରୁ ବଡ଼ ଜିନିଷ ଯେଉଁ ହୃଦୟ, ସେହି ହୃଦୟର ପରିଚୟ ପାଇ ରାମକୃଷ୍ଣଦେବଙ୍କ ସାହାଯ୍ୟରେ ବିବେକାନନ୍ଦ ଉଦ୍ଦୀପିତ ହୋଇଉଠିଥିଲେ । ତୁମେମାନେ ଅସଲ ଜିନିଷର ସନ୍ଧାନ ପାଇ ନାହଁ ବା ପାଇବାକୁ ଚେଷ୍ଟା କରି ନାହଁ । ଏଥିପାଇଁ ତୁମମାନଙ୍କର ନକଲ ଜିନିଷପ୍ରତି ଏତେ ଲୋଭ ଜାତ ହେଉଅଛି ।

ଶାସ୍ତ୍ରଜ୍ଞାନ ଓ ଆତ୍ମଜ୍ଞାନ

ଛାନ୍ଦୋଗ୍ୟ ଉପନିଷଦର 'ନାରଦ-ସନତ୍‌କୁମାର-ସଂବାଦ' ଉପାଖ୍ୟାନ ବୋଧହୁଏ ତୁମେମାନେ ଜାଣ । ନାରଦ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ, ଚତୁର୍ଥସ୍ଥାନୀୟ ଅଥର୍ବବେଦ, ଇତିହାସ-ପୁରାଣ ନାମକ ପଞ୍ଚମ ବେଦ, ବ୍ୟାକରଣ, ଶ୍ରାଦ୍ଧତତ୍ତ୍ୱ, ଗଣିତ-ଶାସ୍ତ୍ର, ଦୈବଉତ୍‌ପାତ ସଂକ୍ରାନ୍ତ ବିଦ୍ୟା, କାଳତତ୍ତ୍ୱ, ତର୍କଶାସ୍ତ୍ର, ନୀତିଶାସ୍ତ୍ର, ବେଦବିଦ୍ୟା, ବ୍ରହ୍ମବିଦ୍ୟା, ଭୂତବିଦ୍ୟା, ଧନୁର୍ବିଦ୍ୟା, ନକ୍ଷତ୍ରବିଦ୍ୟା, ସର୍ପ ଓ ଦେବଜନବିଦ୍ୟା — ଏସବୁ ଜାଣି ମଧ୍ୟ ସନତ୍‌କୁମାରଙ୍କୁ କହିଥିଲେ, ''ଭଗବୋ ମନ୍ତ୍ର ବିଦେବାସ୍ମି ନାତ୍ମବିତ୍ ।'' ଏହି କାରଣରୁ ନାରଦ ଶୋକମଗ୍ନ ହୋଇ ସନତ୍‌କୁମାରଙ୍କୁ ଆତ୍ମତତ୍ତ୍ୱ ଜିଜ୍ଞାସା କରିଥିଲେ । ତୁମେମାନେ ଭାବ ଯେ ଶାସ୍ତ୍ରବିତ୍ ହେଲାମାତ୍ରେ ଲୋକେ ଆତ୍ମବିତ୍ ହୋଇଯାନ୍ତି । ଏତେ ଶାସ୍ତ୍ରରେ ପାରଦର୍ଶୀ ହୋଇ ନାରଦ ଦୁଃଖ-ଶୋକରେ ମୁହ୍ୟମାନ । ମୋଟ କଥା ହେଲା, କେତେଗୁଡ଼ିଏ ଶାସ୍ତ୍ର ଜାଣିଗଲେ ହେଲା ନାହିଁ । ସମସ୍ତ ଶାସ୍ତ୍ର ଅପେକ୍ଷା ଗୋଟିଏ ଯଥାର୍ଥ ଅନୁଭୂତିର ମୂଲ୍ୟ ଅଧିକ ବୋଲି ମୁଁ ମନେ କରେ । ଶାସ୍ତ୍ରବିତ୍ ଲୋକଙ୍କର ଅଭାବ ନାହିଁ । ତୁମେମାନେ ଆତ୍ମବିତ୍ ହୁଅ, ସାଧୁ ହୁଅ ।

କୌଣସି ଲୋକର ସ୍ୱାଧୀନତାରେ ହସ୍ତକ୍ଷେପ କରିବା ମୋର ଇଚ୍ଛା ନୁହେଁ । ମୋ ସାଙ୍ଗରେ ଯେଉଁମାନଙ୍କର ମତ ମିଳିବ ନାହିଁ, ମୋ ପ୍ରତିଷ୍ଠିତ ମଠ ଆଶ୍ରମରେ ରହି ମୋ ଭାବକୁ, ମୋ ଆଦର୍ଶକୁ କଳୁଷିତ କରିବା ସେମାନଙ୍କର ଆଦୌ ଉଚିତ ନୁହେଁ । ତାହା କଲେ ମୁଁ ବୁଝିବି ଯେ ସେମାନେ ପ୍ରକୃତ ସ୍ୱାଧୀନ ନୁହନ୍ତି, ସ୍ୱେଚ୍ଛାଚାରୀ ମାତ୍ର । ତୁମେମାନେ ସ୍ୱାଧୀନ ହୁଅ; କିନ୍ତୁ ସ୍ୱେଚ୍ଛାଚାରୀ ହୋଇ ଲକ୍ଷ୍ୟଭ୍ରଷ୍ଟ ହୋଇଯିବାର ଦେଖିଲେ ତୁମମାନଙ୍କ ପାଇଁ ମୋର ଦୁଃଖ ହେବ । ସତ୍ୟ ଲାଭ କରିବାକୁ ଇଚ୍ଛା କଲାମାତ୍ରେ ସମସ୍ତଙ୍କ ଭାଗ୍ୟରେ ସତ୍ୟ ଲାଭ ହୁଏ ନାହିଁ । ଏଥିରେ ହଜାରେ ଲୋକଙ୍କ ମଧ୍ୟରେ ଜଣେ ହୁଏତ ସିଦ୍ଧି ଲାଭ କରନ୍ତି, ଅନ୍ୟ ସମସ୍ତେ ତାଙ୍କ ପ୍ରବର୍ତ୍ତିତ ନିୟମ-ବିଧାନ ମାନି ଆତ୍ମଗଠନ କରି ଉନ୍ନତ ହୁଅନ୍ତି ।

ତୁମେମାନେ ସତ୍ୟରେ ପ୍ରତିଷ୍ଠିତ ହୁଅ, ସତ୍ୟଲାଭ କର — ଏଥିରେ କ'ଣ ମୋର କୌଣସି ବାଧା ରହିପାରେ ? ମୁଁ କେତେବେଳେ ବାଧା ଦିଏ ଜାଣ, ଯେତେବେଳେ ଦେଖେ ଯେ ସତ୍ୟପଥରେ ଅସତ୍ୟର ମାୟାରେ ପ୍ରବଞ୍ଚିତ ହୋଇ

ତୁମେମାନେ ପଥଭ୍ରଷ୍ଟ ହୋଇଯାଇଛ, ମୁଁ ସେତିକିବେଳେ ବାଧାଦିଏଁ ବୋଲି ତୁମେମାନେ ମୋ ଉପରେ ବିରକ୍ତ ହୁଅ । ସମସ୍ତଙ୍କ ବ୍ୟକ୍ତିତ୍ୱକୁ ମୁଁ ସଙ୍କୁଚିତ କରିଦିଏ ବୋଲି ମନେ ମନେ ଭାବ; କିନ୍ତୁ ଭଗବାନ୍‌ଙ୍କ କୃପାରେ ଯେତେବେଳେ ତୁମମାନଙ୍କର ସତ୍ୟଦୃଷ୍ଟି ଫିଟିଯାଏ, ସେତେବେଳେ ଦେଖ, ତୁମମାନଙ୍କୁ ବାଧା ଦେଇ ଯେଉଁ ପଥକୁ ମୁଁ ଫେରାଇଆଣିଛି, ତାହା ହିଁ ଯଥାର୍ଥ ସତ୍ୟର ପଥ । ଯେଉଁ ପଥରେ ଯାଉଥିଲ ସେହି ପଥ ତୁମମାନଙ୍କୁ ଅସତ୍ୟ ଆଡ଼କୁ ଟାଣିନେଇ ଯାଉଥିଲା ।

ପାଞ୍ଚ ଜଣ ମିଶି ସଂଘବଦ୍ଧ ହେବ, ଉନ୍ନତ ହେବ ବୋଲି ପାଞ୍ଚ ଜଣଙ୍କୁ ମୁଁ ଏକତ୍ର କରିଛି । ଏଥିରେ ମୋର କୌଣସି ସ୍ୱାର୍ଥ ନାହିଁ । ''ତୁମେମାନେ ଉନ୍ନତ ହୁଅ, ସାଧୁ ହୁଅ'' ମୋର ଏହି ଇଚ୍ଛାକୁ ଯଦି ସ୍ୱାର୍ଥପରତା କହିବ, ତାହାହେଲେ ପ୍ରକୃତରେ ମୁଁ ସ୍ୱାର୍ଥପର । ପୁଣି ଏହି ସ୍ୱାର୍ଥପରତା ମୋର ଗୌରବର ବିଷୟ; କାରଣ ମୋ ସ୍ୱାର୍ଥପରତାଦ୍ୱାରା ତୁମମାନଙ୍କର ମନୁଷ୍ୟତ୍ୱ ବିକଶିତ ହେବ ।

କର୍ମରେ ଚିତ୍ତଶୁଦ୍ଧି

ଶ୍ରବଣ, ମନନ, ନିଦିଧ୍ୟାସନ ପ୍ରଭୃତିର ପ୍ରକୃତ ଅଧିକାରୀ କେତେଜଣ ବା ଦେଖାଯାନ୍ତି ? ଅଥଚ ତୁମମାନଙ୍କ ମଧ୍ୟରୁ ଅନେକେ କର୍ମକୁ ବାଦ୍ ଦେଇ ଧ୍ୟାନ-ଧାରଣାରେ ସମୟ ଅତିବାହିତ କରିବାକୁ ଇଚ୍ଛା କର । ପ୍ରକୃତ ଧ୍ୟାନପରାୟଣ ହୋଇପାରିଲେ ତ କଥା ନ ଥିଲା; କିନ୍ତୁ ପୁଞ୍ଜିଭୂତ କର୍ମ-ସଂସ୍କାରରେ ଯେଉଁମାନଙ୍କର ଚିତ୍ତର ମାଳିନ୍ୟ ଦୂର ହୋଇ ନାହିଁ, ସେମାନେ ଧ୍ୟାନ-ଧାରଣା କରିବସିଲେ ଚିତ୍ତରେ ଏଣୁତେଣୁ ଅବାନ୍ତର ଚିନ୍ତା ଛଡ଼ା ଆଉ କିଛି ଆସେ ନାହିଁ । ଏଣୁ କହୁଛି, ତୁମେମାନେ କର୍ମସାହାଯ୍ୟରେ ଚିତ୍ତଶୁଦ୍ଧି କର । ଚିତ୍ତଶୁଦ୍ଧି ହେଲେ ସତ୍ୟପଥର ନିର୍ଦ୍ଦେଶ ଆପେ ଆପେ ପାଇଯିବ । କର୍ମ କରିବାକୁ ନିର୍ଦ୍ଦେଶ ଦେବାମାତ୍ରେ ତୁମେମାନେ ମନେକର କେବଳ ଯେପରି ମୁଁ ତୁମମାନଙ୍କୁ କର୍ମ ମଧ୍ୟରେ ଆବଦ୍ଧ କରି ରଖୁଛି । ଏହା କିନ୍ତୁ ତୁମର ଭ୍ରାନ୍ତ ଧାରଣା । ମଠ-ଆଶ୍ରମ ନ କଲେ ମଧ୍ୟ ମୋର କୌଣସି କ୍ଷତି ବା ଲାଭ ହୁଅନ୍ତା ନାହିଁ । ତୁମ ପାଞ୍ଚ ଜଣଙ୍କ ମଙ୍ଗଳପାଇଁ ଏବଂ ଉଦ୍ଦେଶ୍ୟସିଦ୍ଧିର ଅନୁକୂଳ କ୍ଷେତ୍ର ସ୍ଥାପନ ପାଇଁ ଏ ମଠ ଆଶ୍ରମର ପ୍ରତିଷ୍ଠା । ମୋର ତ ଅନେକ ଶିଷ୍ୟ ଭକ୍ତ ଅଛନ୍ତି । ପ୍ରତ୍ୟେକଙ୍କୁ ବିଭିନ୍ନ ସାଧନପଦ୍ଧତି ଦିଆଯାଇଛି; କିନ୍ତୁ ସଂଘବଦ୍ଧ ହୋଇ ଏକ ଭାବ, ଏକ ଲକ୍ଷ୍ୟ ଧରି ଜୀବନ ଗଠନ କରିବାପାଇଁ ଏହି ମଠାଶ୍ରମ ପ୍ରତିଷ୍ଠିତ ହୋଇଛି । ଏଠାରେ

ବ୍ୟକ୍ତିଗତ ସାଧନା ଅପେକ୍ଷା ସଂଘବଦ୍ଧ ସାଧନାର ଅଧିକ ପ୍ରୟୋଜନ । ଫଳରେ ଏଠାରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ଆତ୍ମପ୍ରତିଷ୍ଠାପ୍ରତି ଲକ୍ଷ୍ୟ ନ ରଖି ଆତ୍ମସମର୍ପଣ ପଥ ଧରି ଚଳିବାକୁ ହେବ ।

ମୋଠାରେ ଯାହାଙ୍କର ଅଟଳ ବିଶ୍ୱାସ ନାହିଁ, ଏଠାରେ ରହି ତାଙ୍କର କୌଣସି କଲ୍ୟାଣ ହେବ ନାହିଁ; କାରଣ, ଏଠାରେ ସାଧନା କହିଲେ ଏକମାତ୍ର ସମର୍ପଣର ସାଧନା ଅର୍ଥାତ୍ ତିଳ ତିଳ କରି ନିଜର ଅହଂକୁ ବିସର୍ଜନ ଦେଇ କିପରି ଗୋଟିଏ ସୁମହାନ୍ ଇଚ୍ଛାର ଆଧାର ରୂପରେ ନିଜକୁ ପରିଣତ କରାଯାଏ, ତାହା ଏ ସ୍ଥାନର ପ୍ରଧାନ କଥା । ସମର୍ପଣ ମନ୍ତ୍ରରେ ଯେଉଁମାନେ ଦୀକ୍ଷିତ, ସେମାନଙ୍କୁ ଜୀବନ୍ମୃତ ହେବାକୁ ପଡ଼ିବ । ଫଳରେ ଏଠାରେ ଆତ୍ମପ୍ରତିଷ୍ଠା ଦିଗରେ ଲକ୍ଷ୍ୟ ନ ରଖି ଆତ୍ମବଳିଦାନ ଦିଗରେ ଲକ୍ଷ୍ୟ ରଖିବାକୁ ହେବ ।

ଅନେକଙ୍କ ମୁହଁରୁ ମୁଁ ବେଦ-ବେଦାନ୍ତର ଆବୃତ୍ତି ଶୁଣେ । ଚିତ୍ତଶୁଦ୍ଧି ଅଭାବରେ ଋଷିମାନଙ୍କ ସେହି ଅମୃତମୟ ବାଣୀର ବିକୃତ ଅର୍ଥ ମଧ୍ୟ ତୁମେମାନେ କରିଥାଅ । ତୁମମାନଙ୍କର କାହାରି ହେଲେ କୌଣସି ସ୍ପଷ୍ଟ ଧାରଣା ନାହିଁ ଅଥଚ ତୁମେମାନେ ବହୁତ ଜାଣ, ବହୁତ ବୁଝ ବୋଲି ପ୍ରକାଶ କର । ତୁମମାନଙ୍କର ଏହି ବିଭ୍ରାନ୍ତ ଅବସ୍ଥା ଦେଖିଲେ ମୁଁ ମନେକରେ, ପୁଣି ଥରେ ମୂଳରୁ ତୁମମାନଙ୍କୁ ସଂଶୋଧନ କରିନେବାକୁ ହେବ । ଅଧିକାରୀ ବିଚାର ସର୍ବତ୍ର ଅଛି । ସମସ୍ତଙ୍କୁ ଶ୍ରବଣ-ମନନ ସାଧନା ଦେଲେ ସେଥିରେ ହିତ ଅପେକ୍ଷା ଅହିତ ଅଧିକ ହୁଏ । ଆମ ଏଠାରେ ଅତି ଛୋଟ ଛୋଟ ପିଲାଙ୍କ ମୁହଁରେ ବେଦ-ବେଦାନ୍ତର କଥା ଶୁଣି ଅନେକ ଆଗନ୍ତୁକ ମୁଗ୍ଧ ଓ ବିସ୍ମିତ ହୋଇଯାନ୍ତି; କିନ୍ତୁ ଅପରିଣତ ବୟସରେ, ଅପରିଣତ ମସ୍ତିଷ୍କରେ ଏସବୁ ଉଚ୍ଚ ଭାବ, ଉଚ୍ଚ ଆଦର୍ଶର କଥା କୌଣସି ସୁଫଳ ପ୍ରସବ କରେ ନାହିଁ; ବରଂ ଭାବ, ଭକ୍ତି ଓ ଶ୍ରଦ୍ଧା ଛଳରେ ଛୋଟ ଛୋଟ ପିଲାଙ୍କ ଭିତରେ ମଧ୍ୟ ଅନାଚାର, ବ୍ୟଭିଚାର ଦେଖାଯାଏ ।

ଉପଲବ୍ଧିର ବସ୍ତୁ

ଧର୍ମ ଉପଲବ୍ଧି କରିବାର ବସ୍ତୁ । ପୁଣି ଏହି ଦେହ, ମନ ଓ ବୁଦ୍ଧିଦ୍ୱାରା ହିଁ ସେହି ଧର୍ମକୁ ଉପଲବ୍ଧି କରାଯାଏ । ଦେହ, ମନ, ବୁଦ୍ଧିର ମାଳିନ୍ୟ ଦୂର ନ ହେଲେ ଧର୍ମ ମଧ୍ୟ ବିକୃତରୂପରେ ଦେଖାଦିଏ । ଋଷିମାନେ ଆଧାରଶୁଦ୍ଧି ଉପରେ ଅଧିକ ଜୋର୍

ଦେବାର ଏହା ହିଁ ଉଦ୍ଦେଶ୍ୟ । ତୁମମାନଙ୍କ ମଧ୍ୟରେ ଯେଉଁମାନେ ଯୁବକ, ସେମାନେ ତ ଉପନିଷଦାଦି ପଢୁଛନ୍ତି । ସେହି ଉପନିଷଦ ଭିତରେ ଦେଖ, ଜଣେ ଜଣେ ଶିଷ୍ୟଙ୍କପ୍ରତି ଆଚାର୍ଯ୍ୟଙ୍କର କିପରି କଠୋର ନିର୍ଦ୍ଦେଶ । ଏହି ନିର୍ଦ୍ଦେଶ ଭିତରେ ଗତି କରି ସେମାନେ ପ୍ରକୃତ ମନୁଷ୍ୟ ହୋଇଛନ୍ତି । ସତ୍ୟକାମ ଗୋଚାରଣ କରି ବ୍ରହ୍ମଜ୍ଞାନ ଲାଭ କରିଥିଲେ । ଗୋଚାରଣ ଗୋଟିଏ ତୁଚ୍ଛ କାର୍ଯ୍ୟ; କିନ୍ତୁ ନିଷ୍ଠା ଓ ଶ୍ରଦ୍ଧା ସହକାରେ ଗୁରୁବାକ୍ୟ ପ୍ରତିପାଳନ କରିଥିଲେ ବୋଲି ସତ୍ୟକାମ ବ୍ରହ୍ମଜ୍ଞାନୀ ହୋଇପାରିଲେ । ତୁମେମାନେ ତ କହ ଯେ ମନୁଷ୍ୟତ୍ୱ ଅର୍ଜନ କରିବା ଶିକ୍ଷାର ମୂଳ ଲକ୍ଷ୍ୟ । ମୋର ଏଠାରେ ଯେଉଁ ସବୁ କର୍ମ, ଯେଉଁ ସବୁ ବିଧି-ନିୟମ ମୁଁ ପ୍ରବର୍ତ୍ତନ କରିଛି, ତାହା ପାଳନ କଲେ କଅଣ ତୁମମାନଙ୍କର ଯଥାର୍ଥ ମନୁଷ୍ୟତ୍ୱ ଅର୍ଜନ ହେବ ନାହିଁ ?

ସଂଶୟ ପ୍ରକୃତ ଅନ୍ତରାୟ

ଜଗତ୍‌ରେ ସଂଶୟବାଦୀ ଦାର୍ଶନିକଙ୍କ ସଂଖ୍ୟା ଊଣା ନୁହେଁ; କିନ୍ତୁ ସେମାନେ ମଧ୍ୟ ଦିନେ ତୁମମାନଙ୍କର ଅଟଳ ବିଶ୍ୱାସ ଦେଖି ମୁଗ୍ଧ, ବିସ୍ମିତ ନ ହୋଇ ରହିପାରିବେ ନାହିଁ । ପାଣ୍ଡିତ୍ୟ ଅର୍ଜନ ଓ ମନୁଷ୍ୟତ୍ୱ ଅର୍ଜନ ଏକା କଥା ନୁହେଁ । ସମସ୍ତେ ରାମତୀର୍ଥଙ୍କ କଥା ଜାଣ । ସେ ମଧ୍ୟ ଗୋଟିଏ ସ୍ଥାନରେ କହିଛନ୍ତି—

"The reading of books and learning all knowledge is one thing, and to acquire the truth is another. You may read all the sacred sciptures and yet not know the truth."

ପୋଥିଗତ ବିଦ୍ୟା ଓ ସତ୍ୟଲାଭ ଏକାକଥା ନୁହେଁ । ବ୍ରହ୍ମବିଦ୍ୟା ଅର୍ଜନ କରିବାକୁ ହେଲେ ବ୍ରହ୍ମବିଦ୍ ଗୁରୁଙ୍କର ଶରଣାପନ୍ନ ହେବା ବ୍ୟତୀତ ଦ୍ୱିତୀୟ ପନ୍ଥା ଆଉ ନାହିଁ । ବିବେକାନନ୍ଦ କହିଛନ୍ତି— ଆମମାନଙ୍କର ଏହି ସ୍ୱାର୍ଥପର ଅହଂଟିକୁ (Calculating ego) ମାରିପକାଇବାକୁ ହେବ । ତାହାହେଲେ ଯାଇ ଆମେ ଯଥାର୍ଥ ସତ୍ୟର ସମ୍ମୁଖୀନ ହୋଇପାରିବା । ବ୍ୟକ୍ତିତ୍ୱ ଉପରେ ତୁମେମାନେ ଖୁବ୍ ଜୋର୍ ଦିଅ; କିନ୍ତୁ ବ୍ୟକ୍ତିତ୍ୱ କାହାକୁ କହନ୍ତି ଜାଣ ? ଆମମାନଙ୍କ ବ୍ୟକ୍ତିତ୍ୱ ସତ୍ୟ କି ମିଥ୍ୟା, ଏହାର ରହସ୍ୟ କେତେଜଣ ବା ଅବଗତ ଅଛ ?

ବଡ଼ ବଡ଼ କଥାସବୁ ଛାଡ଼ି ଦେଇ ଜୀବନର ଛୋଟ ଛୋଟ କଥାଗୁଡ଼ିକୁ ଆକାର ଦିଅ । ଶ୍ରଦ୍ଧା, ଭକ୍ତି, ବିଶ୍ୱାସ— ଏହି ଦୁର୍ଲଭ ସମ୍ପଦଗୁଡ଼ିକୁ ଲାଭ କରିବାକୁ

ଚେଷ୍ଟା କର । ଏହି ଦୁର୍ଲଭ ସମ୍ପଦ ଲାଭ କରିପାରିଲେ ଦାର୍ଶନିକ ନ ହେଲେ ମଧ୍ୟ, ପଣ୍ଡିତ ନ ହେଲେ ମଧ୍ୟ କିଛି ଯାଏ ଆସେ ନାହିଁ । ସେତେବେଳେ ଗୋଟିଏ ଦୁଇଟି ଉପଦେଶ ଶୁଣି ପ୍ରାଣ ସରସ କରିବାକୁ ତୁମ ପାଖକୁ କେତେ ପଣ୍ଡିତ ଓ କେତେ ଦାର୍ଶନିକ ଧାଇଁବେ । ଶ୍ରଦ୍ଧାପରାୟଣ ବିଶ୍ୱାସୀ ବ୍ୟକ୍ତି ଯେତେ ବଡ଼ ବଡ଼ କାର୍ଯ୍ୟ ଜଗତ୍‌ରେ ସମ୍ପନ୍ନ କରିଛନ୍ତି, ଅନ୍ୟ କେହି ସେପରି କରିପାରି ନାହାନ୍ତି । ଅତୀତର ବିଫଳତା ବିସ୍ମୃତ ହୋଇ ପୁଣି ତୁମେମାନେ ମନୁଷ୍ୟତ୍ୱ ଅର୍ଜନ ପ୍ରତି ଜୋର୍ ଦିଅ । ତୁମେମାନେ ପ୍ରକୃତ ମନୁଷ୍ୟ ହୁଅ, ସାଧୁ ହୁଅ— ଏହା ମୋର ଆଶା ଏବଂ ଆଶୀର୍ବାଦ ।

ଲକ୍ଷ୍ୟ ଓ ସତ୍ୟପିପାସା

ଲକ୍ଷ୍ୟ ଠିକ୍ ରଖି ତୁମେମାନେ ଯେଉଁଠାରେ ରହ ପଛକେ, ସେଥିରେ ଟିକିଏ ହେଲେ ଦୁଃଖ ନାହିଁ; କିନ୍ତୁ ମୋ ନିକଟରୁ ଚାଲିଯାଇ ଅନେକେ ଲକ୍ଷ୍ୟଭ୍ରଷ୍ଟ ହୋଇପଡ଼ୁଛନ୍ତି । ତୁମମାନଙ୍କ ନିକଟରେ ମୁଁ କିଛି ଗୋପନ କରି ରଖେ ନାହିଁ । ମୁଁ ସ୍ପଷ୍ଟଭାବରେ କହିଛି, ବର୍ତ୍ତମାନ ମଧ୍ୟ କହି ରଖୁଛି, ତୁମେମାନେ ମୋତେ ଛାଡ଼ି ଯିବ ତ ଭଲ କଥା; ସେଥିରେ ମୋର ଟିକିଏ ହେଲେ ଦୁଃଖ ନାହିଁ । ମୋର ଯଦି କୌଣସି ସ୍ଥାନରେ ଭୁଲ୍ ହୋଇଥାଏ, ତାହା ଦେଖାଇଦିଅ । ସତ୍ୟ ବୋଲି ବୋଧ କଲେ ତୁମମାନଙ୍କ ମତ ବିନା ଆପତ୍ତିରେ ମୁଁ ଗ୍ରହଣ କରିବି । ଆଉ ନିଜ ଭୁଲ ବୁଝିପାରିଲେ ମୋ ନିକଟକୁ ପୁଣି ଫେରିଆସ । କିନ୍ତୁ କାହିଁ ? କେହି ତ ହେଲେ ନିଜ ଭ୍ରମ ବୁଝି ମଧ୍ୟ ମୋ ନିକଟକୁ ଫେରିଆସିଲେ ନାହିଁ । ଏଥିରୁ ହିଁ ଯଥାର୍ଥ ସତ୍ୟପିପାସୁ କେତେ ଜଣ ଅଛନ୍ତି, ତାହା ବୁଝାଯାଏ ।

ଦୁନିଆଁରେ ମୋ ବ୍ୟତୀତ ଅନ୍ୟ ସାଧୁ କ'ଣ ନାହାନ୍ତି ? ଆଚ୍ଛା, ମୋଠାରୁ କିଛି ନ ପାଇଲେ ଅନ୍ୟ ସାଧୁଙ୍କର ଆଶ୍ରୟ ଗ୍ରହଣ କର । ଦିନେ ଯାହାପାଇଁ ଘରଦ୍ୱାର ଛାଡ଼ି ଆସିଥିଲ, ତାର ଅନୁସନ୍ଧାନ କରିନିଅ । କେତେ ସାଧୁ ମହାତ୍ମା ଅଛନ୍ତି । ଖୋଜିଲେ ସେମାନଙ୍କର ଦେଖାପାଇବ । ଅନେକଙ୍କ ପ୍ରାଣରେ କିନ୍ତୁ ଯଥାର୍ଥ ସତ୍ୟପିପାସା ଜାଗ୍ରତ ହୋଇନାହିଁ । ଏଥିପାଇଁ ତୁମ ଭିତରେ ଅନେକେ ମୋତେ ଛାଡ଼ି ଏଠାରୁ ଯାଇ ଆନନ୍ଦରେ ଘରସଂସାର ଭିତରେ ପ୍ରବେଶ କରିବାର ଦେଖିବାକୁ ପାଉଛି । ଏହା କ'ଣ ସତ୍ୟପିପାସୁର ଲକ୍ଷଣ ? ମୋତେ ଛାଡ଼ିଯାଇ କେହି ଯଦି ଉନ୍ନତ ହେବାକୁ ବିଚାରୁଥାଅ, ମୁଁ ତାଙ୍କୁ ଆନନ୍ଦ ମନରେ ବିଦାୟ ଦେଉଛି । ମଠ ଆଶ୍ରମ ମୋ ଜୀବନର ଲକ୍ଷ୍ୟ

ନୁହେଁ । ତୁମେମାନେ ପ୍ରକୃତ ମନୁଷ୍ୟ ହୁଅ— ଏହାହିଁ ମୋର ଇଚ୍ଛା । ସୁତରାଂ, ମଠ ଆଶ୍ରମ ଛାଡ଼ି ସ୍ୱାଧୀନଭାବରେ ସାଧନ-ଭଜନ କରି ଯଦି ବିଶେଷ ଉନ୍ନତ ହେବାର ଆଶା ତୁମେମାନେ କରୁଥାଅ, ତେବେ ମୁଁ ଅବାଧରେ ବିଦାୟ ଦେଉଛି, ଯାଇପାର । ଏଥିରେ ମୁଁ ବାଧା ଦେବି ବା କାହିଁକି ? ତୁମେମାନେ ଏଠାରେ କେବଳ ଖାଇବାକୁ, ଶୋଇବାକୁ କ'ଣ ଆସିଛ ? କିନ୍ତୁ ଦେଖୁଛି, ମୋତେ ଛାଡ଼ିଦେଇଗଲେ ତ ତୁମମାନଙ୍କର ଲକ୍ଷ୍ୟ ସ୍ଥିର ରହୁ ନାହିଁ ! ଧୀରେ ଧୀରେ ଜୀବନର ଲକ୍ଷ୍ୟ ଭୁଲିଯାଉଛ; ଜଣେ ଜଣେ ଗୋଟିଏ ଗୋଟିଏ ପଥ ଅବଲମ୍ବନ କରୁଛ । ଗୁରୁ ଶିଷ୍ୟର ମଙ୍ଗଳ ଲୋଡ଼ନ୍ତି । ପାଖରେ ରହିଲେ ଯଦି ଶିଷ୍ୟର ଅବନତି ହୁଏ, ଗୁରୁ ତାଙ୍କୁ ପାଖରେ ରଖିବେ ବା କାହିଁକି ? କିନ୍ତୁ ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି, ତୁମମାନଙ୍କ ଜୀବନର ଲକ୍ଷ୍ୟ ଠିକ୍ ନାହିଁ । ଏହି ମଠ ଆଶ୍ରମକୁ ଆସିଲାବେଳେ ତୁମମାନଙ୍କର କି ତୀବ୍ର ବୈରାଗ୍ୟ ଥିଲା ! ସେତେବେଳେ ଜୀବନର ଲକ୍ଷ୍ୟ କଅଣ ଥିଲା ? ପୁଣି ଯେଉଁମାନେ ଆଜି ମୋତେ ଛାଡ଼ି ଆତ୍ମୋନ୍ନତିପାଇଁ ଚାଲିଯାଇଛନ୍ତି, ସେମାନଙ୍କ ପରିଣାମ କଅଣ ହୋଇଛି ? ଏସବୁ ଦେଖିଲେ, ଶୁଣିଲେ ତୁମେମାନେ ପ୍ରାଣରେ ଆଘାତ ପାଅ କି ନାହିଁ ?

ଅହଂର ରୂପାନ୍ତର

ତୁମଭିତରେ ଥରେ 'ବ୍ୟକ୍ତିତ୍ୱ ବ୍ୟକ୍ତିତ୍ୱ' ବୋଲି ରବ ଉଠିଥିଲା । ତୁମେମାନେ ବୋଧହୁଏ ଭାବିଛ ଯେ ମୁଁ ତୁମ ସମସ୍ତଙ୍କ ବ୍ୟକ୍ତିତ୍ୱକୁ ଚାପିଦେଉଛି । କେହି ତ କିନ୍ତୁ ଏ ସମ୍ବନ୍ଧରେ ମୋ ସହିତ ଆଲୋଚନା କରିନାହଁ । ତେଣୁ ମୋ ମନ-କଥା ନ ଜାଣି ମୋ ଉପରେ ଗୋଟାଏ ଅଯଥା ଦୋଷ ଲଦି ଦେଉଛ । ମୁଁ ବ୍ୟକ୍ତିତ୍ୱ ସ୍ୱୀକାର କରେ; କିନ୍ତୁ କେବଳ ବ୍ୟକ୍ତିତ୍ୱ ସ୍ଫୁରଣ ପାଇଁ ସାଧନା କଲେ ବ୍ୟକ୍ତିତ୍ୱ ଲାଭ ହୁଏ ନାହିଁ । ବ୍ୟକ୍ତିତ୍ୱକୁ ବିସର୍ଜନ କରିବା ମୋର ଆଦର୍ଶ । ପ୍ରଥମରୁ ଭାସ୍କରାନନ୍ଦ ହେବେ ବୋଲି ସଂକଳ୍ପ କରି ଭାସ୍କରାନନ୍ଦ କଅଣ ଘରୁ ବାହାରି ଆସିଥିଲେ ! ତାହା ହୋଇଥିଲେ ସେ ଭାସ୍କରାନନ୍ଦ ହୋଇପାରି ନ ଥାଆନ୍ତେ । ସେ ଯେତେବେଳେ ଘର ଛାଡ଼ି ବାହାରିଥିଲେ, ସେତେବେଳେ 'ଅହଂ'କୁ ଚୂର୍ଣ୍ଣ-ବିଚୂର୍ଣ୍ଣ କରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା; ଗୁରୁ ହେବା ବା ଜଗତ୍‌ର ହିତ କରିବାର ସଂକଳ୍ପ ସେତେବେଳେ ତାଙ୍କର ନ ଥିଲା ।

ଜଗତ୍‌ର ଉପକାର କରିବେ ବୋଲି ଯେଉଁମାନେ ବାସନା ରଖନ୍ତି, ସେମାନେ କେବେହେଲେ ଜଗତ୍‌ର ଉପକାର କରିପାରନ୍ତି ନାହିଁ । ଏସବୁ କାର୍ଯ୍ୟ ଭଗବାନଙ୍କର ।

ସେ ଯାହାଦ୍ୱାରା ଯାହା କରାଇବାର, ତା କରାଇବେ । ତାପରେ ଦେଖ, ବ୍ୟକ୍ତିତ୍ୱର ତ ଲୋପ ନାହିଁ; କାରଣ, ବ୍ୟକ୍ତିତ୍ୱ ପ୍ରାରବ୍ଧ ଭିନ୍ନ ଆଉ କିଛି ନୁହେଁ । ଗୁରୁ ନିରପେକ୍ଷ । ରାମକୃଷ୍ଣଦେବ ତାଙ୍କର ସମସ୍ତ ଶିଷ୍ୟଙ୍କୁ ସମାନ କୃପା କରିଥିଲେ; କିନ୍ତୁ ବିବେକାନନ୍ଦଙ୍କପରି ଆଉ କେହି ଜଣେ ହୋଇ ନ ପାରିଲେ କାହିଁକି ? କାରଣ, ବିବେକାନନ୍ଦ ଜଣେ ହେବାର କଥା । ପ୍ରତ୍ୟେକଙ୍କର ବ୍ୟକ୍ତିତ୍ୱ ବା ବୈଶିଷ୍ଟ୍ୟ ଅଛି । ତାହାର ବିନାଶ ନାହିଁ । ସୁତରାଂ, ଏ ଆଡ଼େ ଦୃଷ୍ଟି ଦେବାର କୌଣସି ପ୍ରୟୋଜନ ନାହିଁ । ବ୍ୟକ୍ତିତ୍ୱ ଆପେ ଫୁଟିଉଠିବ । ବ୍ୟକ୍ତିତ୍ୱ ସ୍ଫୁରଣପାଇଁ କୌଣସି ସ୍ୱତନ୍ତ୍ର ସାଧନାର ଆବଶ୍ୟକ ନାହିଁ । ଯେଉଁମାନେ ମୋ ପାଖରେ ଅଛନ୍ତି; ଆତ୍ମସମର୍ପଣଦ୍ୱାରା ସେମାନଙ୍କ ବୈଶିଷ୍ଟ୍ୟର ଲୋପ ହେବ ନାହିଁ । କେବଳ ନିଜର ମାନ, ଅଭିମାନ, ଅହଂକାର ଏହି ବିଘ୍ନସବୁ ଦୂର ହେବ । ଆଉ ମାନ, ଅଭିମାନ ଥିଲା ପର୍ଯ୍ୟନ୍ତ ପ୍ରକୃତ ଭଗବଦ୍‌କୃପା ଲାଭ ହୁଏ ନାହିଁ ।

ପରସ୍ପର ସହାୟତାରେ ଉନ୍ନତ ହେବ ବୋଲି ତୁମେମାନେ ଦଶଜଣ ଏକତ୍ରିତ ହୋଇଛ । ଏଥିରେ ମୋର କୌଣସି ସ୍ୱାର୍ଥ ନାହିଁ । ତୁମେମାନେ ସ୍ୱାବଲମ୍ବୀ ହୋଇ ଆଧ୍ୟାତ୍ମିକ ଜୀବନରେ ଉନ୍ନତି କର– ଏହା ମୋର ଅଭିଳାଷ । ମଠ ଆଶ୍ରମ ଛାଡ଼ି ଚାଲିଯିବାଦ୍ୱାରା ମୋତେ ଛାଡ଼ିଯିବା ହୁଏ ନାହିଁ; କିନ୍ତୁ ଯେତେବେଳେ ଲକ୍ଷ୍ୟ ଭ୍ରଷ୍ଟହୋଇ ତୁମେମାନେ ବିପଥରେ ଚାଲ, ସେତେବେଳେ ମୋତେ ଯଥାର୍ଥଭାବରେ ଛାଡ଼ିଯାଅ । ସେଥିରେ ମୋର ବହୁତ ଦୁଃଖ ହୁଏ । ଲକ୍ଷ୍ୟ ଠିକ୍ ଥିଲେ ମୋର ଏଠା ମଠ ଆଶ୍ରମ ଛାଡ଼ିଗଲେ ମଧ୍ୟ ସତ୍ୟଲାଭରେ କୌଣସି ବିଘ୍ନ ଉପସ୍ଥିତ ହେବ ନାହିଁ; କିନ୍ତୁ ଜୀବନର ପ୍ରତିଜ୍ଞାକୁ ତୁମେମାନେ ଅକ୍ଷୁଣ୍ଣ ରଖିପାର ନାହିଁ । ଆତ୍ମସୁଖପରାୟଣ ହୋଇ ଅନେକେ ଜୀବନର ଚରମ ଲକ୍ଷ୍ୟ ବିସ୍ମୃତ ହୋଇଯାଅ ।

ଆତ୍ମଜାଗରଣ

ଗୁରୁ ଶିଷ୍ୟସମ୍ବନ୍ଧ କୌଣସି ପ୍ରକାରେ ସ୍ୱାର୍ଥର ସମ୍ବନ୍ଧ ନୁହେଁ । ସୁତରାଂ, ଶିଷ୍ୟଙ୍କ ଭିତରେ କିପରି ଆତ୍ମଜାଗରଣ ହେବ, ଗୁରୁ ନିଃସ୍ୱାର୍ଥପରଭାବରେ ସେଥିପାଇଁ ଯାହା କିଛି ସାହାଯ୍ୟ କରନ୍ତି । କିନ୍ତୁ ସତ୍ୟପଥ ବଡ଼ ଦୁର୍ଗମ । ସୁଯୋଗ ସୁବିଧା ଅକ୍ଷୁଣ୍ଣ ରଖି ସତ୍ୟ ଲାଭ କରିବା ଅଧିକାଂଶଙ୍କର ଇଚ୍ଛା । ଏମାନଙ୍କ ପଥରେ ବହୁ ବିଘ୍ନ ଉପସ୍ଥିତ ହୁଏ । ଏହିମାନେ ହିଁ ଅନ୍ୟମାନଙ୍କୁ ନିଜ ଅପେକ୍ଷା ବଡ଼ ବୋଲି ଭାବନ୍ତି । ନିଜର ଇଚ୍ଛା

ଯଦି ବଳବତ୍ତର ରହେ, ଭଗବାନଙ୍କ ଇଚ୍ଛା ତାଙ୍କଠାରେ କିପରି ବା ଲୀଳାୟିତ ଓ ମୂର୍ତ୍ତ ହେବ ?

କ୍ଷୁଦ୍ର ଶକ୍ତି ଧରି ମନୁଷ୍ୟ ଗର୍ବ କରି ମରେ । ବ୍ୟକ୍ତିତ୍ୱଦ୍ୱାରା ବା କଅଣ ଲାଭ ହେବ ? ନିଜ-ନିଜ ଅହଂବୋଧ ହିଁ ଭଗବତ୍‌କୃପାଲାଭର ବଡ଼ ବିଘ୍ନ— ଏକଥା ତୁମେ କେହି ହେଲେ ବୁଝ ନାହିଁ । ଅଭିମାନଶୂନ୍ୟ ହୋଇ ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗଦେବ ଭକ୍ତରୂପରେ ଦେଖାଦେଇଥିଲେ । ତଦ୍ଦ୍ୱାରା ତାଙ୍କର ବ୍ୟକ୍ତିତ୍ୱ କଅଣ ଲୋପ ହୋଇଯାଇଥିଲା ?

ମୋ ଆଶ୍ରୟରେ ଯେଉଁମାନେ ଅଛନ୍ତି, ମୁଁ ଜାଣେ, ସେମାନେ ସାଧନ-ଭଜନ୍ କିଛି କରନ୍ତି ନାହିଁ । କେବଳ ମୋ ଉପରେ ନିର୍ଭର କରି ତୁମେମାନେ ଚଳୁଛ । ସୁତରାଂ, ଏ ଅବସ୍ଥାରେ ମଧ୍ୟ ମୋ ସହିତ ତୁମେମାନେ ମିଥ୍ୟା ପ୍ରବଞ୍ଚନା କର, ତୁମମାନଙ୍କ ଜୀବନରେ କୌଣସି ଉନ୍ନତି ହୋଇପାରିବ ନାହିଁ । ବିଶ୍ୱାସର କେତେ ଶକ୍ତି, ତୁମେମାନେ ତାହା ବୁଝିବ ନାହିଁ; କାରଣ ତୁମମାନଙ୍କ ମଧ୍ୟରେ କେତେ ଜଣ ବା ସରଳ ପ୍ରାଣରେ ମୋତେ ବିଶ୍ୱାସ କର ?

ତୁମେମାନେ ଏଠାକୁ କାହିଁକି ଆସିଥିଲ ? ଦୁଇବେଳା ଦୁଇ ବଖତ ଖାଇବାପାଇଁ ନା ଜୀବନର ଉନ୍ନତି କରିବାପାଇଁ ? କାହା ମନରେ କଷ୍ଟ ଦେବା ମୋର ଉଦ୍ଦେଶ୍ୟ ନୁହେଁ; କିନ୍ତୁ କେହି ଯଦି ଲକ୍ଷ୍ୟ ହରାଇ ଜୀବନ ଯାପନ କରନ୍ତି ତାକୁ ଧକ୍କା ଦେଇ ନିଶ୍ଚୟ ଚେତାଇଦେବାକୁ ହେବ । ମୁଁ ମଠ ଆଶ୍ରମ ଲୋଡ଼େ ନାହିଁ— ଲୋଡ଼େ ତୁମମାନଙ୍କୁ । ତୁମ ଭିତରୁ ଜଣେ ମଧ୍ୟ ଯଥାର୍ଥ ମନୁଷ୍ୟ ହୋଇପାରିଲେ ବୁଝିବି ଯେ, ମୋର ସବୁ ଆଶା, ସବୁ ଅଭିଳାଷ ପୂର୍ଣ୍ଣ ହେଲା ।

ଦେଖ, ସ୍ଥୂଳବସ୍ତୁ ଯେପରି ହାତକୁ ହାତ ଦେଇହୁଏ, ମନୁଷ୍ୟର ଚରମ ପ୍ରାପ୍ୟ ଜଣେ ଜଣକୁ ସେହିପରି ଜୋର୍ କରି ଦେଇପାରନ୍ତି । ସେଥିରେ ଦେଶର ଓ ଜନସାଧାରଣଙ୍କର ଉପକାର ହୁଏ; କିନ୍ତୁ ସ୍ୱାଭିମାନ ଭୁଲି କେହି ଆତ୍ମସମର୍ପଣ କରିବାକୁ ଇଚ୍ଛୁକ ନୁହନ୍ତି । ସମସ୍ତଙ୍କର ଗୋଟିଏ ଆଶ୍ଚର୍ଯ୍ୟ ସଂସ୍କାର ଯେ ଆତ୍ମସମର୍ପଣ ନାମ ଶୁଣିଲେ ସେମାନେ ଭୟ କରନ୍ତି; ଭାବନ୍ତି, ଆମର ସର୍ବନାଶ ହୋଇଗଲା । 'ସର୍ବନାଶ' ନ ହେଲେ ଯେ କିଛି ମିଳେନାହିଁ—ଏକଥା ସେମାନେ କେହି ତ ବୁଝନ୍ତି ନାହିଁ ।

ନିର୍ଭରକାରୀଙ୍କ ପ୍ରତି

ନିର୍ଭରତା ଶିକ୍ଷା

ବତ୍ସ ! ମୁଁ ତୁମକୁ ଯେତେବେଳେ ଶିଷ୍ୟରୂପରେ ଗ୍ରହଣ କରିଛି, ସେତେବେଳେ ଯେଉଁଠାରେ ରହିଥିଲେ ମଧ୍ୟ ମୁଁ ସର୍ବଦା ତୁମର ମଙ୍ଗଳ କାମନା କରୁଥିବି । କୌଣସି ଅବସ୍ଥାରେ ବିଶ୍ୱାସ ହରାଅ ନାହିଁ । ଯେତେବେଳେ ଯେଉଁ ଅବସ୍ଥାରେ ରହ ପଛକେ, ସେତେବେଳେ ସୁଖଦୁଃଖରେ, ବିପଦ-ଆପଦରେ ଭଗବାନଙ୍କ ନାମ ଭୁଲିଯାଅ ନାହିଁ । ନାନାପ୍ରକାର ଅବସ୍ଥା ଭିତର ଦେଇ ସେ ଜୀବକୁ ମଙ୍ଗଳପଥରେ ନେଇଯାଆନ୍ତି । ସୁତରାଂ, ସାଂସାରିକ ଦୁଃଖ-କଷ୍ଟରେ ଚଞ୍ଚଳ ହୁଅ ନାହିଁ । ତାଙ୍କଠାରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କର । ମନେରଖ, ତୁମ ଭାର ଭଗବାନ୍ ନେଇଛନ୍ତି; ସୁତରାଂ, ତୁମର ଚିନ୍ତା କରିବାର କିଛି ନାହିଁ । କେବଳ କର୍ତ୍ତବ୍ୟ ସମ୍ପାଦନ କରିଯାଅ ଏବଂ ସର୍ବାବସ୍ଥାରେ ତାଙ୍କର ନାମ ଗାନ କର । ସୁଖଦୁଃଖରେ ସର୍ବଦା ତାଙ୍କର ଜୟ ଉଚ୍ଚାରଣ କର । ଜୀବର ଏହା ଅପେକ୍ଷା ପୁରୁଷାର୍ଥ ଆଉ କିଛି ନାହିଁ । ଯେତେବେଳେ ଯେଉଁ ଅଭାବ ବା ଅସୁବିଧା ଅନୁଭବ କରିବ, କାୟମନୋପ୍ରାଣରେ ତାଙ୍କ ଚରଣରେ ପ୍ରାର୍ଥନା କର, ତାହା ହେଲେ ସଙ୍ଗେ ସଙ୍ଗେ ଫଳ ଲାଭ କରିପାରିବ ଏବଂ ସର୍ବଦା ଆନନ୍ଦରେ ରହିପାରିବ ।

ନିର୍ଭରତା ଅର୍ଥ କଅଣ, ଜାଣ ? ଜଣକ ଉପରେ ସବୁ ଭାର ଦେଇ ନିଶ୍ଚିନ୍ତରେ ବସିରହିବା । ମୁଁ କିନ୍ତୁ ଭଗବାନ୍‌ଙ୍କ ବ୍ୟତୀତ ସାମାନ୍ୟ ମନୁଷ୍ୟ ଉପରେ ନିର୍ଭର କରିବାକୁ କାହାକୁ କହୁ ନାହିଁ । ଶ୍ରୀଗୁରୁଦେବ ମୋତେ ବିଶ୍ୱାସ ନିର୍ଭରତା ବ୍ୟତୀତ ଅନ୍ୟ କିଛି ଶିକ୍ଷା ଦେଇ ନାହାନ୍ତି । ଅସଲ କଥା ହେଉଛି 'ନିର୍ଭରତା' । ନିର୍ଭର କରିପାରିଲେ ଆଉ କିଛି କରିବାକୁ ପଡ଼େ ନାହିଁ । ତୁମମାନଙ୍କ ମଧ୍ୟରେ ଯଦି କାହାର କିଛି ଅନୁଭୂତି ହୋଇଥାଏ, ତାହା ସାଧନାରେ ଲାଭ କରି ନାହଁ । ମୋ ଉପରେ ନିର୍ଭର କରି ମୋତେ ସୁଖ ପାଇ ତୁମେମାନେ ତାହା ଲାଭ କରିଛ ।

ନିର୍ଭରତା ଓ ସୁଖ ପାଇବାର ମଧ୍ୟ ଭାବ ଘେନି ତାରତମ୍ୟ ଅଛି । ଜଣେ ସାଧୁ ପିଲାଦିନରୁ ଗୁରୁଙ୍କ ଆଶ୍ରମରେ ଲାଳିତପାଳିତ ହୋଇଥିଲେ । ସ୍ତ୍ରୀଦର୍ଶନ ତାଙ୍କ

ଭାଗ୍ୟରେ କେବେ ଘଟି ନ ଥିଲା । ଦିନେ ଗୁରୁଦେବଙ୍କ ଆଦେଶରେ ସେ ନଗରକୁ ଯାଇ ଜଣେ ଗୃହସ୍ଥଙ୍କ ଘରେ ଭିକ୍ଷା ମାଗିଲେ । ଗୃହସ୍ଥଙ୍କ କନ୍ୟା ତାଙ୍କୁ ଭିକ୍ଷା ଦେବାକୁ ଆସିଲା । ଯୁବତୀର ବକ୍ଷରେ ସ୍ତନଭାର ଦେଖି ସାଧୁ ଅବାକ୍ ହୋଇ ସରଳ ଓ ସ୍ୱଷ୍ଟଭାବରେ ପଚାରିଲେ, ''ମା, ତୁମ ବକ୍ଷରେ ଏସବୁ ଉଚ୍ଚ ଉଚ୍ଚ କଅଣ ଦେଖାଯାଉଛି ?'' ଯୁବତୀ ଲଜ୍ଜିତା ହୋଇ କ୍ଷୋଭ ଓ ଅପମାନରେ ଏକାବେଳକେ ମୁହ୍ୟମାନ ହୋଇ ମାଆଙ୍କୁ ଯାଇ ଏ କଥା କହିଲା । ମା ଆସି ଦେଖିଲେ, ଜଣେ ସୌମ୍ୟ ମୂର୍ତ୍ତି କିଶୋର ସନ୍ନ୍ୟାସୀ । ସୁତରାଂ, ତାଙ୍କ ଅନ୍ତରରେ ଅସଦ୍ ଅଭିପ୍ରାୟର କଳ୍ପନା ଅସମ୍ଭବ । ମା ପଚାରିଲେ, ''ବାବା, ତୁମେ ମୋ କନ୍ୟାକୁ କଅଣ ପଚାରିଲ ?''

ସାଧୁ କହିଲେ, ''ମୁଁ ତାଙ୍କ ବକ୍ଷରେ ଉଚ୍ଚ ଉଚ୍ଚ ପଦାର୍ଥ ଦେଖି ସେଗୁଡ଼ିକ କଅଣ ବୋଲି ପଚାରିଥିଲି । ବର୍ତ୍ତମାନ ଦେଖୁଛି, ତୁମ ବକ୍ଷ ଦେଶରେ ମଧ୍ୟ ସେହିଭଳି ପଦାର୍ଥ । ମୁଁ ତ ଏହାର ଅର୍ଥ କିଛି ବୁଝିପାରୁ ନାହିଁ ? ଏହା ପୂର୍ବରୁ ମୁଁ କାହା ବକ୍ଷରେ ତ ଏପରି ଉଚ୍ଚ ପଦାର୍ଥ ଦେଖି ନାହିଁ ?''

ଗୃହିଣୀ ବୁଝିଲେ ଯେ, ତାଙ୍କ ଦୁଆରେ ଆଜି ଯେ ଉପସ୍ଥିତ ହୋଇଛନ୍ତି, ସେ କୌଣସି ଦିନ ନାରୀଦର୍ଶନ କରି ନାହାନ୍ତି । ଆହୁରି ସ୍ୱଷ୍ଟଭାବରେ ବୁଝିବାପାଇଁ ସେ ପଚାରିଲେ, ''ଆଚ୍ଛା ବାବା ! ତୁମର ମାଆଙ୍କ କଥା ମନେ ପଡୁଛି କି ? ତୁମେ କଅଣ କେଉଁଦିନ ତୁମ ମାଆର ଆଦର-ଯତ୍ନ ପାଇ ନାହଁ ?''

ସାଧୁ ଉତ୍ତର ଦେଲେ, ''ନା ମା ! ମୁଁ ବରାବର ଗୁରୁଦେବଙ୍କ ଆଶ୍ରମରେ ପ୍ରତିପାଳିତ । ମା ବୋଲି ମୋର କେହି ଥିଲା କି ନ ଥିଲା ଏ କଥା ତ ମୋର ସ୍ମରଣ ନାହିଁ !''

ଗୃହକର୍ତ୍ତ୍ରୀ କହିଲେ, ''ତୁମେ ଯେ ବାବା ଏଡ଼େ ବଡ଼ଟିଏ ହୋଇଛ, ତାହା ଦିନକରେ ହୋଇ ନାହିଁ । ଛୋଟରୁ କ୍ରମେ ବଡ଼ ହୋଇଛ । ଛୋଟିଆଟିଏ ହୋଇ ପ୍ରଥମେ ମା' କୋଳରେ ତୁମକୁ ଜନ୍ମ ନେବାକୁ ହୋଇଥିଲା; ଏହିପରି ପ୍ରତ୍ୟେକଙ୍କୁ ମଧ୍ୟ ମା' କୋଳରେ ଜାତ ହେବାକୁ ପଡ଼େ । ଶିଶୁ ଅସହାୟ ଥିଲାବେଳେ ନିଜର ଆହାର-ସଂଗ୍ରହର କ୍ଷମତା ତାହାର ନ ଥାଏ । ସେତେବେଳେ ସେ ମାତୃସ୍ତନ୍ୟ ପାନ କରି ବଞ୍ଚେ । ଆମ ବକ୍ଷରେ ଯେଉଁ ଉଚ୍ଚ ଉଚ୍ଚ ପଦାର୍ଥ ଦେଖିପାରୁଛ, ତାହା ହେଉଛି ଏହି ମାତୃସ୍ତନ୍ୟ । ଅସହାୟ ଶିଶୁନିମିତ୍ତ ଏଥିରେ ଅମୃତ ସଞ୍ଚିତ ଥାଏ ।''

ସାଧୁ ପ୍ରଶ୍ନ କଲେ, ''ଆଚ୍ଛା ମା, ତୁମ କନ୍ୟାର ବକ୍ଷଦେଶ ଅଧିକ ଉଚ୍ଚ ଦେଖିଥିଲି; ତୁମର ତ ସେପରି ଉଚ୍ଚ ଦେଖୁ ନାହିଁ ?''

ବର୍ଷୀୟସୀ ରମଣୀ ସବୁ ବିଷୟରେ ଅଭିଜ୍ଞା ଥିଲେ । ସେ ଉତ୍ତରରେ କହିଲେ, ''ବାବା, ମୋ କନ୍ୟାର ସ୍ତନ ଯେ ଅଧିକ ଉଚ୍ଚ ଦେଖିଲ, ତାହାର କାରଣ ହେଉଛି, ସେ ବର୍ତ୍ତମାନ ସୁଦ୍ଧା ମା'ହୋଇ ନାହିଁ । ତା କୋଳକୁ ଏପର୍ଯ୍ୟନ୍ତ କୌଣସି ଅସହାୟ ଶିଶୁ ଆସି ନାହିଁ; ତେଣୁ ଭଗବାନ୍ ସେଥିରେ କେବଳ ଅମୃତ ସଞ୍ଚୟ କରିଯାଉଛନ୍ତି । ପୁଣି ସେ ଯେତେବେଳେ ମାଆ ହେବ, ସେତେବେଳେ ତାର ସ୍ତନ ଢଳିପଡ଼ିବ; ମୋରିପରି ହୋଇଯିବ; କାରଣ,ଅଧିକ ଶକ୍ତ ହେଲେ ସନ୍ତାନର ସ୍ତନ୍ୟପାନରେ କଷ୍ଟ ହୁଏ ବାବା !''

ଗୃହକର୍ତ୍ତ୍ରୀଙ୍କର ଏ କଥା ଶୁଣି ସାଧୁଙ୍କର ଚକ୍ଷୁ ଖୋଲିଗଲା । ସେ ଭିକ୍ଷାପାତ୍ର ଫିଙ୍ଗିଦେଇ କହିଉଠିଲେ, ''ତେବେ କାହିଁକି ଏ ବୃଥା ଅଭିନୟ ! ଜନ୍ମିବାପୂର୍ବରୁ ଯେ ଆମର ଆହାର୍ଯ୍ୟ ସଞ୍ଚୟ କରିରଖନ୍ତି, ଆଜି ମଧ୍ୟ ସେ ତାହାର ବ୍ୟବସ୍ଥା କରିବେ । ତାଙ୍କ ବ୍ୟବସ୍ଥା ଉପରେ ନିର୍ଭର ନ କରି ସମୟର ଏପରି ଅପବ୍ୟବହାର କାହିଁକି ଆମେ କରୁଛୁଁ ?'' ... .ଏହା କହି କହି ସେ ସେଠାରୁ ଦୌଡ଼ି ପଳାଇଗଲେ ।

ସେ ମହାପୁରୁଷ ଆଜି ଆଉ ନାହାନ୍ତି, କିନ୍ତୁ ଆଜି ମଧ୍ୟ ତାଙ୍କର ସ୍ମୃତି ରହିଛି । ମୁଁ ନିଜେ ତାଙ୍କର ଆଶ୍ରମ ଦେଖିଆସିଛି । ବର୍ତ୍ତମାନ ତାଙ୍କର ଶିଷ୍ୟ-ଉପଶିଷ୍ୟମାନେ ସେ ଆଶ୍ରମ ପରିଚାଳନା କରୁଛନ୍ତି, କିନ୍ତୁ ପୂର୍ବର ସେ ଗୌରବ ଆଜି ଆଉ ନାହିଁ ।

ଭଗବାନ୍‌ଙ୍କ ବ୍ୟଥା

ଯାହାହେଉ, ଏ ଗଲା ନିର୍ଭରତାର ଗୋଟିଏ ଦିଗ । ନିର୍ଭରତାର ଆଉ ଗୋଟିଏ ଦିଗ ମଧ୍ୟ ଅଛି । ତୁମେମାନେ ବୋଧହୁଏ ଭକ୍ତପ୍ରବର ରୂପ ସନାତନଙ୍କ କଥା ଜାଣିଥିବ । ଦିନେ ରୂପ ଗୋସ୍ୱାମୀ ବ୍ରହ୍ମପୁତ୍ର ତୀରରେ ବସି ଶ୍ରୀକୃଷ୍ଣଙ୍କ ଧ୍ୟାନରେ ମଗ୍ନ ଅଛନ୍ତି– କ୍ଷୁଧାତୃଷା କଥା ତାଙ୍କର ସ୍ମରଣ ନାହିଁ । ଭକ୍ତଙ୍କର ଅନଶନରେ ଭଗବାନ୍‌ଙ୍କ ପ୍ରାଣରେ ବ୍ୟଥା ଲାଗିଲା । ସେ ଗୋପବାଳକ ବେଶରେ ତାଙ୍କର ଆହାର ଯୋଗାଇ ଦେଇଗଲେ । ବଡ଼ ଭାଇ ସନାତନ ଗୋସ୍ୱାମୀ ଏସବୁ ବ୍ୟାପାର ଶୁଣି ତତ୍‌କ୍ଷଣାତ୍ ସେଠାକୁ ଆସି ରୂପଙ୍କୁ ଖୁବ୍ ଅନୁଯୋଗ କରିବାକୁ ଲାଗିଲେ ଓ କହିଲେ, ''ହେ ରୂପ ! ତୁମେ ଭଗବାନଙ୍କୁ ଏତେ କଷ୍ଟ ଦେଉଛ କାହିଁକି ? ସେ ତ ତୁମକୁ

ଆହାର୍ଯ୍ୟ-ସଂଗ୍ରହର ଉପଯୋଗୀ ସାମର୍ଥ୍ୟ, ତଦୁପଯୋଗୀ ଇନ୍ଦ୍ରିୟବର୍ଗ ଦେଇଛନ୍ତି । ସେଗୁଡ଼ିକୁ ବିନିଯୋଗ ନ କରି ସାମାନ୍ୟ ଆହାର ନିମିତ୍ତ ଭଗବାନଙ୍କୁ କଷ୍ଟ ଦେବା ଭକ୍ତପକ୍ଷରେ ଆଦୌ ସମୀଚୀନ ନୁହେଁ ।''

ଯେଉଁ ପ୍ରକାରେ ହେଉ ଗୋଟିଏ ଭାବ ଅବଲମ୍ବନ କରି ଚାଲିବାକୁ ହେବ । ଭାବର ଆଶ୍ରୟ ନେଲେ ଆଉ ଅଭାବର ଯନ୍ତ୍ରଣା ଭୋଗ କରିବାକୁ ପଡ଼ିବ ନାହିଁ । ନିର୍ଭର କର, ନିର୍ଭୟ ହୁଅ ।

ଭଗବାନ ଯେ ତାଙ୍କର ନିତାନ୍ତ ଅଧୀନଙ୍କୁ ରୋଗଶୋକ ଦିଅନ୍ତି, ତାହାର କାରଣ ହେଉଛି ଯେ ସେ ଯାହାକୁ କୋଳକୁ ଟାଣିନେବେ, ପୂର୍ବରୁ ତାର ମଇଳା ସଫା କରି କୋଳକୁ ନିଅନ୍ତି । ତେଣୁ ସାଧୁ ଭକ୍ତମାନେ ରୋଗ ଭୋଗ କରିଥାଆନ୍ତି । ତାପ ପାଇଲାକ୍ଷଣି ପାପାଦି ଆବର୍ଜନା ପୋଡ଼ି ଭସ୍ମ ହୋଇଯାଏ । ସେଥିରେ ଚିତ୍ତ ଶୁଦ୍ଧ ହୁଏ । ଯାହା ହେଉଛି, ସବୁ ଭଗବାନଙ୍କ ଇଚ୍ଛାରେ ହେଉଛି । ସାଧୁଙ୍କ ଇଚ୍ଛା ମଧ୍ୟ ଭଗବାନଙ୍କ ଇଚ୍ଛା ସହିତ ସଂଯୁକ୍ତ । ସ୍ୱତନ୍ତ୍ର ଇଚ୍ଛା ଯାହାଙ୍କର, ସେ ବର୍ତ୍ତମାନ ସୁଦ୍ଧା ସାଧାରଣ ଶ୍ରେଣୀର; ସୁତରାଂ ଭଗବାନଙ୍କ ଇଚ୍ଛାରେ ଯାହା ହେଉଛି, ସେଥିରେ ବ୍ୟସ୍ତ ହେଲେ ଚଳିବ ନାହିଁ । ତାଙ୍କ ଉପରେ ନିର୍ଭର କରି ବସିଥାଅ । ସମସ୍ତ ବ୍ରହ୍ମାଣ୍ଡର ଲୋକେ ଡାକ ଛାଡ଼ିଲେ ମଧ୍ୟ ତାଙ୍କ ମଙ୍ଗଳମୟ ଇଚ୍ଛାର ବ୍ୟତିକ୍ରମ ହୁଏ ନାହିଁ ।

ଜୀବନର ପୂର୍ଣ୍ଣତା

କେବଳ କେତେଗୁଡ଼ିଏ କର୍ମାନୁଷ୍ଠାନ କଲେ ଜୀବନର ପୂର୍ଣ୍ଣତ୍ୱ ଲାଭ ହୁଏ ନାହିଁ । ଭଗବାନଙ୍କଠାରେ ଆତ୍ମନିର୍ଭରତା ଅଭ୍ୟାସ କର, ସର୍ବସ୍ୱ ତାଙ୍କ ଠାରେ ସମର୍ପଣ କରି ତାଙ୍କର ଶରଣାଗତ ହୋଇ ସୁଖରେ ଦୁଃଖରେ, ରୋଗରେ ଶୋକରେ, ସମ୍ପଦରେ ବିପଦରେ ତାଙ୍କର ଜୟଗାନ କର । ଆକୀଟବ୍ରହ୍ମପର୍ଯ୍ୟନ୍ତ ଭଗବାନଙ୍କର ବିକାଶ— ଏହି ଜ୍ଞାନରେ ସର୍ବଭୂତର ହିତସାଧନରେ ଜୀବନ ଉତ୍ସର୍ଗ କରିଦିଅ । ମାନବ-ଜୀବନ ଧନ୍ୟ ହେବ; ତୁମେ ପବିତ୍ର ଆନନ୍ଦର ଅଧିକାରୀ ହେବ । ଆପଦ-ବିପଦରେ, ଅଶାନ୍ତି-ଉଦ୍‌ବେଗରେ କିମ୍ବା ଶୋକ-ଦୁଃଖରେ ତାଙ୍କର ଦୟାମୟ ନାମରେ ଯେପରି ସନ୍ଦେହ ନ ଆସେ । ଦୃଢ଼ତା ଓ ଧୈର୍ଯ୍ୟ ସହିତ ତାଙ୍କଠାରେ ନିର୍ଭର କଲେ ଦିନେ ଅବଶ୍ୟ ସବୁ ଭାର ସେ ନେବେ, ସବୁ ଅଭାବ ଦୂର କରିଦେବେ । ମଙ୍ଗଳମୟଙ୍କ ଉପରେ ଭାରଦେଲେ ସେ ଅବଶ୍ୟ ନିଶ୍ଚୟ ବ୍ୟବସ୍ଥା କରିବେ । ଚିକିତ୍ସକଙ୍କ ଅସ୍ତ୍ରଚିକିତ୍ସାରେ ବାଧା ଦେଲେ

କ୍ଷତ କିପରି ବା ଆରୋଗ୍ୟ ହେବ ? ଆଧ୍ୟାତ୍ମିକ ମଙ୍ଗଳନିମିତ୍ତ ସେ ତାଙ୍କ ଭକ୍ତମାନଙ୍କୁ ସାଂସାରିକ କଷ୍ଟ ଦେଇଥାଆନ୍ତି, ରୋଗ ବୁଝି ବ୍ୟବସ୍ଥା କରିଥାନ୍ତି । କିନ୍ତୁ ସେ ମଙ୍ଗଳମୟ— ଏ କଥା କଦାପି ଭୁଲିଯିବ ନାହିଁ ।

ବତ୍ସ ! ନିଶ୍ଚିନ୍ତରେ, ନିରୁଦ୍‌ବେଗରେ ପୂର୍ବପରି ନିର୍ଭର କରି ଆନନ୍ଦସାଗରରେ ଭାସୁଥାଅ । ମଝିରେ ମଝିରେ ଆବର୍ତ୍ତରେ ପଡ଼ିଲେ ମଧ୍ୟ ନିଶ୍ଚୟ ଜାଣିବ, ଏହା କେବେ ସ୍ଥାୟୀ ହେବ ନାହିଁ । ଦିନେ ମୁଁ ତୁମମାନଙ୍କୁ ନେଇ ଆନନ୍ଦ ଧାମରେ ଉପନୀତ ହୋଇ ନୀରବଚ୍ଛିନ୍ନ ପ୍ରେମରସ-ମାଧୁର୍ଯ୍ୟ ସମ୍ଭୋଗରେ ଆନନ୍ଦମୟ ହୋଇଯିବି ।

ପୁରୁଷକାରର ସୀମା

ଭଗବତ୍ ନିର୍ଭରତା ତୁମମାନଙ୍କର ସାଧନା ଏବଂ ନାମ ତୁମମାନଙ୍କର ଅବଲମ୍ବନ; ତେବେ ଏଥିରେ ମଧ୍ୟ ତାଙ୍କର କରୁଣା ଉପଲବ୍‌ଧି କରିବା ଦରକାର । ମୋର ନିୟମ, ଶିଷ୍ୟମାନଙ୍କ ଭିତରେ ଆତ୍ମବୁଦ୍ଧି ଥିବାପର୍ଯ୍ୟନ୍ତ ମୁଁ ତାଙ୍କର ଶ୍ରେୟ ନିର୍ଦ୍ଦେଶ କରିଦିଏ ନାହିଁ । ଯେତେବେଳେ ସେ ସମ୍ପୂର୍ଣ୍ଣଭାବରେ ନିର୍ଭର କରନ୍ତି, ସେତିକିବେଳେ ମୁଁ ତାଙ୍କର ଲକ୍ଷ୍ୟ ନିର୍ବାଚନ କରିଦେଇଥାଏ ।

ସାଧନ ଭଜନ କରି, ନାନା ସ୍ଥାନ ବୁଲି, ପୁରୁଷକାରର ଚୂଡ଼ାନ୍ତରେ ଯେତେବେଳେ ହତାଶ ହୋଇପଡ଼ିବ, ସେତେବେଳର ନିର୍ଭରତା ହିଁ ପ୍ରକୃତ ନିର୍ଭରତା । ସେତିକିବେଳେ ଗୁରୁକୃପାନିମିତ୍ତ ଆକୁଳତା ଜାତ ହୁଏ । ଅନେକ ଲୋକ ସାଧନାବସ୍ଥାରେ ଏପରି ଗୋଟାଏ ସ୍ଥାନରେ ଅଟକିଯାଆନ୍ତି, ଯେଉଁଠାରେ ବହୁ ଚେଷ୍ଟା କରି ସୁଦ୍ଧା ଆଉ ଉଠିପାରନ୍ତି ନାହିଁ; ଧକ୍‌କା ଦେଇ ସେହି ସ୍ଥାନରୁ ଶ୍ରୀଗୁରୁଦେବ ଉଠାଇ ଦିଅନ୍ତି ।

ନିର୍ଭର କରିବ ବୋଲି କହିଦେଲାକ୍ଷଣି ନିର୍ଭରତା ଆସେ ନାହିଁ । ନିଶ୍ଚୟାତ୍ମିକା ବୁଦ୍ଧି ନେଇ ନିର୍ଭର କରିବାକୁ ହୁଏ । ଚାରିଆଡ଼େ ଧାଁଦୌଡ଼ କଲେ ଶାନ୍ତି ମିଳେ ନାହିଁ । ଭଗବାନଙ୍କର ଇଚ୍ଛା ହେଲେ ଅଶାନ୍ତିମଧ୍ୟରେ ସୁଦ୍ଧା ଶାନ୍ତି ମିଳେ— ଏ ବିଶ୍ୱାସ ହରାଅ ନାହିଁ । ତାଙ୍କରି ଚରଣରେ ସବୁ ସମର୍ପଣ କରି, ତାଙ୍କରି ଇଚ୍ଛା ଉପରେ ସମ୍ପୂର୍ଣ୍ଣ ନିର୍ଭର କରି, ଯେପରି ଅଛ, ସେହିପରି ଭାବରେ କର୍ତ୍ତବ୍ୟ ପାଳନ କରିଯାଅ । ଏପରି କଲେ ତୁମ ସୁଖଶାନ୍ତି ନିମିତ୍ତ ଭଗବାନ୍ ନିଜେ ବ୍ୟସ୍ତ ହୋଇପଡ଼ିବେ; ଅନ୍ୟଥା ଆତ୍ମବୁଦ୍ଧିଦ୍ୱାରା ପରିଚାଳିତ ହେଲେ ପଦେ ପଦେ ବିଡ଼ମ୍ବିତ ହେବ ।

ଏକମାତ୍ର ନିର୍ଭରତା ଏବଂ ତାଙ୍କର ନାମ ହିଁ ଜୀବର ପ୍ରକୃଷ୍ଟ ସାଧନା । ସାଧନ-ଭଜନ ବା ଆତ୍ମଶକ୍ତି ଅନୁପାନ ମାତ୍ର । ସେଥିରେ କେବଳ ଅହଂକାର ସୃଷ୍ଟି ହୁଏ; କିନ୍ତୁ ନିଜକୁ ତୃଣଠାରୁ ନୀଚ ମନେ କରି ପ୍ରାଣଭରି ତାଙ୍କୁ ଡାକ— ଜୀବନ ମଧୁମୟ ହୋଇଯିବ ।

ଏ ଜଗତକୁ ଏକା ଆସିଛ, ଏକା ଚାଲିଯିବ । ଏଠାରୁ କିଛି ସଙ୍ଗରେ ନେଇଯିବ ନାହିଁ । ସର୍ବାନ୍ତଃକରଣରେ ଭଗବାନ୍‌ଙ୍କଠାରେ ଆତ୍ମନିର୍ଭର କରି ନାମଜପ କରି କରି ବାକି କେତେଗୋଟି ଦିନ କଟାଇ ଦିଅ ।

ଭଗବତ୍ ନିର୍ଭରତା ବ୍ୟତୀତ ଜୀବର ଉପାୟାନ୍ତର କିଛି ନାହିଁ । ରୋଗ, ଶୋକ, ମୃତ୍ୟୁ ଜଗତ୍‌ର ନିତ୍ୟ ଘଟଣା । ସଂସାରର ଏକମାତ୍ର ନିତ୍ୟ ସତ୍ୟ ଶ୍ରୀଭଗବାନଙ୍କୁ ଆଶ୍ରୟ ନ କଲେ ମୁହୂର୍ତ୍ତେ ହେଲେ ନିରୁଦ୍‌ବିଗ୍ନ ହେବାର ଉପାୟ ନାହିଁ । ସୁତରାଂ, ସରଳଭାବରେ ଭଗବାନ୍‌ଙ୍କଠାରେ ଆତ୍ମସମର୍ପଣ କରି ତାଙ୍କ କୃପାଉପରେ ନିର୍ଭର କରିବାକୁ ଅଭ୍ୟାସ କର— ଅଚିରେ ଜୀବନ ମଧୁମୟ ହୋଇଯିବ ।

ପରମପଦରେ ସମର୍ପଣ

ବସ୍ତ ! ଗୁରୁବାକ୍ୟରେ ବିଶ୍ୱାସ କରି ତାଙ୍କ ଉପରେ ସବୁ ଭାର ଛାଡ଼ି ଦେଇ ନିଶ୍ଚିନ୍ତରେ ସଂସାରରେ ଦିନ କଟାଇଦିଅ । ଶୋକ-ଦୁଃଖ, ଲାଭାଲାଭ ସବୁ ଭଗବାନ୍‌ଙ୍କଠାରେ ସମର୍ପଣ କରିଦେଇ ଆତ୍ମକର୍ତ୍ତୃତ୍ୱ ତ୍ୟାଗପୂର୍ବକ ଧୈର୍ଯ୍ୟଧରି ଜୀବନଯାପନ କର । ବିପଦରେ ବା ସମ୍ପଦରେ ସମଭାବରେ ତାଙ୍କର ଚରଣ ଭରସା କରି ପଡ଼ିରହ । ବାସନାକାମନାର ଦାସ ହୋଇ ତୁମର ପ୍ରଧାନ ଦାବି ନଷ୍ଟ କରିଦିଅ ନାହିଁ । କେତେ ଦିନର ବା ସଂସାର ? କିଏ ପୁଣି କାହାର ? ଏ କଥା କେବେହେଲେ ଭୁଲିଯାଅ ନାହିଁ । ଶୋକମୋହରେ ଅଭିଭୂତ ହୋଇ ପରମପଦରୁ ଭ୍ରଷ୍ଟ ହୁଅ ନାହିଁ ।

ନିଜର ଦୁର୍ବଳତାନିମିତ୍ତ ସରଳଭାବରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କର । ତାଙ୍କ କୃପାରେ ସଂସାରର ମୋହ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବ; ଜ୍ଞାନର ଦିବ୍ୟାଲୋକରେ ପ୍ରାଣ ଉଜ୍ଜ୍ୱଳ ଓ ସୁଶୀତଳ ହେବ ।

ଚଞ୍ଚଳ ମନର ବଶବର୍ତ୍ତୀ ହୋଇ ନିତ୍ୟ ନୂତନ ପଦ୍ଧତି କଳ୍ପନା କରିବା ନିତାନ୍ତ ଭ୍ରମାତ୍ମକ । ମାନବ ଯେପରି ଅବସ୍ଥାରେ ଥିଲେ ମଧ୍ୟ ଜୀବନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଠିକ୍ ରଖିବାକୁ ହେବ ଏବଂ ତଦନୁଯାୟୀ ଜୀବନ ଯାପନ କରିବାକୁ ଅଭ୍ୟସ୍ତ ହେବାକୁ

ପଡ଼ିବ । ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିତ୍ୟ ପରିବର୍ତ୍ତନ କଲେ କୌଣସି ଦିନ କେହି ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବେ ନାହିଁ । ତେଣୁ କହୁଛି, ମନକୁ ଶାନ୍ତ କରି ଯେପରିଭାବରେ ଜୀବନ ଯାପନ କରିବାକୁ ଇଚ୍ଛା କର, ତାହା ଠିକ୍ କରି ଦୃଢ଼ଭାବରେ ଚଳିବାକୁ ଅଭ୍ୟାସ କର । ମନର ନାନାରୂପ ପରାମର୍ଶରେ ଧୈର୍ଯ୍ୟଚ୍ୟୁତ ହୁଅ ନାହିଁ । ପ୍ରାଣ ବୁଝି ପଥ ଧର ! ବସ୍ ! ମନ ଯେପରି ତୁମକୁ ପ୍ରତାରିତ ନ କରେ ।

ଯେଉଁମାନେ ମୋ ଉପରେ ନିର୍ଭର କରି ବସିଛନ୍ତି, ସେମାନଙ୍କ ମୁକ୍ତି ନ ହେବାପର୍ଯ୍ୟନ୍ତ ମୋର ମଧ୍ୟ ମୁକ୍ତି ନାହିଁ । ମୁଁ ସେମାନଙ୍କୁ ହାତ ଧରି ମୁକ୍ତିଧାମକୁ ନେଇଯିବି । ସେମାନଙ୍କ ମୁକ୍ତି ସୁନିଶ୍ଚିତ ।

ରିକ୍ତତାରେ ମୁକ୍ତି

ମୋଠାରେ ନିର୍ଭର କର, ସବୁ ଭାର ମୋ ଉପରେ ଛାଡ଼ିଦିଅ । ମୁଁ ଯାହା ଭଲ ବୋଲି ବୁଝିବି, ତାହା କରିବି । ମୋ ଚରଣରେ ପାପ-ପୁଣ୍ୟ, ହିତାହିତ, ଭଲମନ୍ଦ ସବୁ ଢାଳିଦିଅ । ମୋତେ ସବୁ ସମର୍ପଣ କରିଦିଅ । ଦେଖ, ମୁଁ ତୁମପାଇଁ କଅଣ କରିପାରୁଛି । ତୁମେ ତୁମ ହୃଦାଧାର ଶୂନ୍ୟ କରି ରଖ, ମୁଁ ତାହା ପୂର୍ଣ୍ଣ କରିଦେବି । ରିକ୍ତ ହୁଅ, ମୁକ୍ତି ନିଅ । ସମ୍ପଦ-ବିପଦ, ସୁଖ-ଦୁଃଖ ସବୁ ତାଙ୍କରି ଦାନ ବୋଲି ଭାବି ମଥାପାତି ସେସବୁକୁ ସହିଯିବାକୁ ହେବ । ତାଙ୍କଠାରେ ନିର୍ଭର କରି ନିର୍ଭୟ ଓ ନିଶ୍ଚିନ୍ତ ହୁଅ । ଯେ ପରୀକ୍ଷାରେ ପକାଇଛନ୍ତି, ସେ ହାତ ଧରି ଉତ୍ତୀର୍ଣ୍ଣ କରାଇନେବେ । ତାଙ୍କର ମଙ୍ଗଳବିଧାନରେ ସନ୍ଦେହ କର ନାହିଁ; ତାଙ୍କର ନାମ ଭୁଲିଯାଅ ନାହିଁ; ସର୍ବଦା ତାଙ୍କର ଜୟ ଉଚ୍ଚାରଣ କର ।

ଜୀବନର ଗତି ଦ୍ୱନ୍ଦ୍ୱମୟ । ସୁଖ-ଦୁଃଖ ଜୀବନର ନିତ୍ୟ ସହଚର । କାମକ୍ରୋଧାଦି ଜୀବନର ସ୍ୱାଭାବିକ ବୃତ୍ତିଗୁଡ଼ିକୁ ସ୍ୱବଶକୁ ଆଣିବାକୁ ଚେଷ୍ଟା କରିବାକୁ ହେବ । ସେମାନଙ୍କ ବିଭୀଷିକାକୁ ଭୟ କଲେ ଚଳିବ ନାହିଁ । ଜୀବନର ଲକ୍ଷ୍ୟ ସତ୍ୟଲାଭ । ସେହି ସତ୍ୟଲାଭର ଦୁଇଟି ମାତ୍ର ଚିରନ୍ତନ ପଥ । ଗୋଟିଏ କଠୋର ସନ୍ନ୍ୟାସ-ଯୋଗ, ଅପରଟି ବ୍ରହ୍ମବିଦ୍‌ଗୁରୁଙ୍କ ସେବା । ସନ୍ନ୍ୟାସ-ଯୋଗ ଅବଲମ୍ବନରେ ସତ୍ୟଲାଭ ଆଶା ସୁଦୂରପରାହତ । ସାଧାରଣଙ୍କ ପକ୍ଷରେ ଏହା ଏକାବେଳେ ଅସମ୍ଭବ । ସେବାପଥ ସହଜ ଓ ସରଳ । ଶ୍ରୀଗୁରୁଦେବ ବହୁ ସାଧନ-ଭଜନ କରି ଯେଉଁ ଆଧ୍ୟାତ୍ମିକ ଶକ୍ତି ଲାଭ କରନ୍ତି, ଶିଷ୍ୟମାନେ କେବଳ ମାତ୍ର ତାଙ୍କରି ସେବାଦ୍ୱାରା

ହିଁ ସେ ସମସ୍ତ ଆୟତ୍ତ କରିପାରନ୍ତି । ପୁଣି ଚରମରେ ଶ୍ରୀଗୁରୁଦେବଙ୍କ ସହିତ ପରମଗତି ଲାଭରେ ସକ୍ଷମ ହୁଅନ୍ତି ।

ଗୁରୁ ଓ ଭଗବାନ୍

ଜୀବନର ଚରମ ଏବଂ ପରମ ଲକ୍ଷ୍ୟ ଯେଉଁ ସତ୍ୟ ବସ୍ତୁ, ତାହା ସର୍ବବିଧଭାବରେ ଲାଭ କରିବାକୁ, ଉପଲବ୍ଧି କରିବାକୁ, ଆସ୍ୱାଦନ କରିବାକୁ ପ୍ରବଳ ପିପାସା ଯଦି କାହା ପ୍ରାଣରେ ଜାଗ୍ରତ ହୁଏ, ଅଥଚ ତାର ଉପାୟସ୍ୱରୂପ କୌଣସି ସାଧନ-ଭଜନର ଅନୁଷ୍ଠାନ କରିବାକୁ ସେ ଅକ୍ଷମ ହୁଅନ୍ତି, ତେବେ ତାହାର ଉପାୟ ଏକମାତ୍ର ନିର୍ଭରତା ।

ମୁଁ ଯେତେବେଳେ ସଦ୍‌ଗୁରୁ ଲାଭ କରି ତାଙ୍କ ଉପରେ ନିର୍ଭର କଲି, ସେତେବେଳେ ମୁଁ ଜାଣିଲି ଯେ, ଭଗବାନଙ୍କୁ ଲାଭ କରିବାକୁ ଏହାଠାରୁ ବଳି ଆଉ କିଛି ସହଜ ଉପାୟ ନାହିଁ । ଯେତେବେଳେ ମୋର ପତନର ସମ୍ଭାବନା ହୋଇଛି, ସେତେବେଳେ ସେ ନାନା ଉପାୟରେ ରଖୁଆଳ ଗାଈ ପଛରେ ଧାଇଁଲାପରି ମୋ ପଛେ ପଛେ ରହି ମୋତେ ସତ୍‌ପଥକୁ ଆଣିଛନ୍ତି । ସେହି ହେତୁରୁ ମୁଁ ଜାଣିଛି, ଗୁରୁଦେବଙ୍କ ଉପରେ ନିର୍ଭର କରିପାରିଲେ ଭଗବାନଙ୍କୁ ଲାଭ କରିବା ଖୁବ୍ ସହଜ । ଦେଖ, ବିଦ୍ୟାର୍ଜ୍ଜନ କରି ଧନ ଉପାର୍ଜ୍ଜନ କରିବାକୁ ହେଲେ ବୁଦ୍ଧି, ପ୍ରତିଭା ଥିବା ଆବଶ୍ୟକ । ବ୍ୟବସାୟ ନିମିତ୍ତ ମୂଳଧନ ଆବଶ୍ୟକ କିନ୍ତୁ ଗୁରୁନିର୍ଭରଶୀଳ ବ୍ୟକ୍ତିଙ୍କର ବିଦ୍ୟା, ବୁଦ୍ଧି, ପ୍ରତିଭା, ମୂଳଧନ, ଦେହର ଶକ୍ତି ଏସବୁ କିଛି ନ ଥିଲେ ସୁଦ୍ଧା ସେ ଭଗବାନ୍‌ଙ୍କୁ ଲାଭ କରିପାରିବେ । ଭଗବାନ୍‌ଙ୍କୁ ପାଇବାପାଇଁ ଗୁରୁନିର୍ଭରତାପରି ସରଳ ପଥ ଆଉ ନାହିଁ ।

ପୁଣି ଦେଖ, ଭଗବାନ୍ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୁରୁ ଓ ଭଗବାନ୍‌ଙ୍କ ମଧ୍ୟରେ ସମ୍ବନ୍ଧ କିପରି ସୁନ୍ଦରଭାବରେ ବୁଝାଇଛନ୍ତି । ନିର୍ଭରତା ବୁଝାଇବାକୁ ଯାଇ ସେ ଯେଉଁଠାରେ ଗୁରୁଙ୍କୁ ଲକ୍ଷ୍ୟ କରିଛନ୍ତି, ସେଠାରେ 'ଅହଂ' ଏବଂ ଯେଉଁଠାରେ ଭଗବାନ୍‌ଙ୍କୁ ଲକ୍ଷ୍ୟ କରିଛନ୍ତି ସେଠାରେ 'ତତ୍' ଶବ୍ଦ ବ୍ୟବହାର କରିଛନ୍ତି । ଭଗବାନ୍‌ଙ୍କୁ ଲକ୍ଷ୍ୟ କରି କହିଛନ୍ତି, 'ତତ୍‌ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍‌ସ୍ୟସି ଶାଶ୍ୱତଂ' (ଗୀତା ୧୮ । ୬୨), କିନ୍ତୁ ଯଦି ତାଙ୍କ ଉପରେ ନିର୍ଭର କରି ନ ପାରୁଛ, ତେବେ ସବୁ ଛାଡ଼ି ତାଙ୍କର ଶରଣାପନ୍ନ ହୁଅ ବୋଲି ସେ କହିଛନ୍ତି ।

ଚରମ ସତ୍ୟ

ଶ୍ରୀଗୁରୁଦେବଙ୍କ ଉପରେ ଯଥାର୍ଥଭାବରେ ନିର୍ଭର କରିପାରିଲେ ସର୍ବାର୍ଥ ସିଦ୍ଧ ହୋଇଥାଏ— ଏହା ଏକାବେଳକେ ଧ୍ରୁବ ସତ୍ୟ । ଯଦି ତୁମର କୌଣସି ସାଧନାରେ ପ୍ରବୃତ୍ତି ନ ଥାଏ, ତେବେ ସର୍ବାନ୍ତଃକରଣରେ ମୋ ଉପରେ ନିର୍ଭର କର, ମୋ ଉପରେ ସବୁ ଭାର ଛାଡ଼ିଦିଅ, ସର୍ବାବସ୍ଥାରେ ମୋର ଶରଣାପନ୍ନ ହୁଅ । ମୋତେ ଟିକିଏ ସୁଖ ପାଇବାକୁ ଅଭ୍ୟାସ କର, ତାହାହେଲେ ସବୁ ହେବ, ସବୁ ପାଇବ ।

''ସର୍ବଧର୍ମ୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।''

—(ଗୀତା୧୮।୬୬)

ପ୍ରାର୍ଥନାକାରୀଙ୍କ ପ୍ରତି

ବତ୍ସ ! ସିଦ୍ଧ ଅବସ୍ଥା ଲାଭ କରିବାପାଇଁ ସାଧନା ଆବଶ୍ୟକ । ଯଦି ସେହି ସାଧନା କରିବାକୁ କେହି ଅକ୍ଷମ ହୁଅନ୍ତି, ତେବେ ସବୁପ୍ରକାର କାମନା ପରିତ୍ୟାଗ କରି ଏକମାତ୍ର ଅଭୀଷ୍ଟଲାଭ ନିମିତ୍ତ ପୂର୍ଣ୍ଣମନପ୍ରାଣରେ ପ୍ରାର୍ଥନା କରିବା ଦରକାର । ସାଧନା କରିବାକୁ ହେଲେ ମୋର ସାହାଯ୍ୟ ପ୍ରୟୋଜନ ହେବ; କିନ୍ତୁ ପ୍ରାର୍ଥନା ନିଜେ ନିଜେ କରିପାର । ପ୍ରାର୍ଥନା ସମୟରେ ମନ ଓ ମୁଖ ଏକ ହେବା ଆବଶ୍ୟକ । ପ୍ରାଣରେ ଇଚ୍ଛା ଜାଗୁଛି ଗୋଟିଏ ପ୍ରକାରର, ତୁମେ ମାଗୁଛ ଅନ୍ୟ ପ୍ରକାରର; ଏପରି ହେଲେ ଚଳିବ ନାହିଁ । ପ୍ରାଣ ବୁଝି ପ୍ରାର୍ଥନା କରିବା ଦରକାର । କେବଳ ମାଗିବା ଜିନିଷ ଗୋଟିଏ ହେବା ଦରକାର; ତା ନ ହେଲେ ପାଞ୍ଚରକମ ପ୍ରାର୍ଥନା କଲେ କେଉଁ ଗୋଟିକରେ ହେଲେ ଅଧିକ ଜୋର୍ ହୁଏ ନାହିଁ । ବାହ୍ୟବସ୍ତୁପ୍ରତି ଚିତ୍ତର ଆକର୍ଷଣ ପରି ଜୀବର ଆଉ ଅଧିକ ଶୋଚନୀୟ ଅବସ୍ଥା କିଛି ନାହିଁ । ଯେତେବେଳେ ଯେଉଁ ଦୁର୍ବଳତା ବୁଝିପାରିବ, ତତ୍କ୍ଷଣାତ୍ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା କରିବ । ପ୍ରାର୍ଥନା କଲାମାତ୍ରେ ହାତେ ହାତେ ଫଳ ଲାଭ କରିପାରିବ । ପ୍ରାର୍ଥନାବେଳେ କାନ୍ଦି ଭସାଇଦେବ । ନିଜର ଶୋଚନୀୟ ଅବସ୍ଥା ବୁଝି ମଧ୍ୟ ଯଦି କ୍ରନ୍ଦନ ନ ଆସେ, ତେବେ ବେତଦ୍ୱାରା ଆପଣା ଦେହକୁ ପ୍ରହାର କର ।

ପ୍ରାର୍ଥନାର ଅବଲମ୍ବନ

ଏଣୁତେଣୁ ପ୍ରାର୍ଥନା ନ କରି ଗୋଟିଏ ଦାବିକୁ ଅବଲମ୍ବନ କରି ତାଙ୍କ ପଦରେ ପ୍ରାର୍ଥନା କର । ଏକମାତ୍ର ଜ୍ଞାନ କିମ୍ବା ପ୍ରେମର ପ୍ରାର୍ଥୀ ହୋଇ ତାଙ୍କ ନାମ ଧରି ପଡ଼ିରହ । ତାଙ୍କରି ଇଚ୍ଛା ଉପରେ ନିର୍ଭର କଲେ ସେ ତୁମର କିଛି ଅଭାବ ରଖିବେ ନାହିଁ । ନିଜର ଯାହା କିଛି ଅଭାବ-ଅଭିଯୋଗ, ତାହା କେବଳ ଗୁରୁଦେବଙ୍କ ନିକଟରେ ଜଣାଇଦେବ । ଶ୍ରୀଗୁରୁଦେବ ନିଜ ଇଚ୍ଛାନୁସାରେ ତାହାର ପ୍ରତିବିଧାନ କରିବେ । ତାଙ୍କ ଅଧିକାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ବ୍ରହ୍ମ ନିର୍ଗୁଣ । ସୁତରାଂ, ତାଙ୍କ ନିକଟରେ କୌଣସି ପ୍ରକାର ପ୍ରାର୍ଥନା ଚଳେ ନାହିଁ, କିନ୍ତୁ ମନୁଷ୍ୟଗୁରୁ ବା ସଦ୍‌ଗୁରୁଙ୍କ ନିକଟରେ ସବୁ ପ୍ରାର୍ଥନା

ଚଳିପାରେ । ମନୁଷ୍ୟ ଗୁରୁଙ୍କ ନିକଟରେ ପ୍ରାର୍ଥନା କଲେ, ବ୍ରହ୍ମ, ଆତ୍ମା, ଭଗବାନ୍ ସବୁ ମିଳିପାରନ୍ତି ।

ସବୁ ଦେବାର କ୍ଷମତା ସଦ୍‌ଗୁରୁଙ୍କର ଅଛି । କର୍ମସୂତ୍ର ନ କଟିଲେ ଆଧ୍ୟାତ୍ମ୍ୟ ପଥରେ ଅଗ୍ରସର ହୋଇପାରିବ ନାହିଁ । ଗୁଣସଙ୍ଗବଶରୁ ମନ ଅନ୍ତର୍ମୁଖୀ ହୋଇପାରୁ ନାହିଁ ଏବଂ ତୁମେ ସାଧନା କରିପାରୁ ନାହଁ । ଏପରି ଅବସ୍ଥାରେ ତାଙ୍କର କୃପା ଭିକ୍ଷା କରିବା କର୍ତ୍ତବ୍ୟ । କୃପାର ମଧ୍ୟ ସମୟ ଅଛି । ଗୁଣ ଥିବାଯାଏ ଜ୍ଞାନ ଆତ୍ମପ୍ରକାଶ କରିପାରେ ନାହିଁ । ଯେଉଁ ଅବସ୍ଥାରେ ଥାଅ ପଛକେ ନାମ ଜପିବାକୁ ଅବହେଳା କର ନାହିଁ । ବାଧ୍ୟତା ଓ ନିର୍ଭରତା ଅଭ୍ୟାସ କର; ହତାଶ ହୁଅ ନାହିଁ । ନିଜେ ଯେତେବେଳେ ପାରିବ ନାହିଁ, ସେତେବେଳେ ଶରଣାଗତିଭାବ ଆପଣା ମନକୁ ଆସିଯିବ । ଅଭିମାନ ଚୂର୍ଣ୍ଣ ହେଲେ ଦୀନତା ଆସେ । ସେତେବେଳେ ଦୀନସଖା ଅବଶ୍ୟ ଦେଖାଦିଅନ୍ତି ।

ତୁମେମାନେ ଭଗବାନଙ୍କ ନାମ ଜପକରି ଆନନ୍ଦରେ ସଂସାର କରିଯାଅ । ଭଲ-ମନ୍ଦ, ସୁଖ-ଦୁଃଖ ସବୁ ତାଙ୍କରି ଦାନ ବୋଲି ମନେକରି ତାଙ୍କର ଜୟ ଉଚ୍ଚାରଣ କର । ଯଦି ବୁଝ, ଭକ୍ତି ହିଁ ଜୀବନର ଏକମାତ୍ର ପ୍ରାର୍ଥନୀୟ ବସ୍ତୁ, ତେବେ ସବୁ କାମନା-ବାସନାକୁ ଏକମୁଖୀ କରି 'ଭକ୍ତି ଦିଅ' 'ଭକ୍ତି ଦିଅ' ବୋଲି ପ୍ରାର୍ଥନା କର । ନିଶ୍ଚୟ ତାହା ପାଇବ । ଭଗବାନ୍ ଅହେତୁକ ପ୍ରେମମୟ । ଯାଚିକରି ସେ ପ୍ରେମ ଦିଅନ୍ତି । ଏହା ଜଣାଇବାକୁ ତ ଶ୍ରୀ ଗୌରାଙ୍ଗ ଅବତାର !

ଯାହା ଲକ୍ଷ୍ୟ, ଏକମାତ୍ର ତାହାକୁ ହୃଦୟରେ ପ୍ରତିଷ୍ଠା କରି ତାଙ୍କରି ନାମ ଧରି ବସିଥାଅ । ତାଙ୍କୁ ମାଗିବାକୁ ପଡ଼ିବ ନାହିଁ । ଆପଣା ମନକୁ ତାହା ପ୍ରାଣରେ ଫୁଟି ଉଠିବ । କେବଳ ମୁହଁରେ ତାଙ୍କୁ 'ଦିଅ' 'ଦିଅ' ବୋଲି କହି ବିରକ୍ତ କର ନାହିଁ । ସେ ଦେବାକୁ ହାତ ଟେକି ବସିଥିଲେ ସୁଦ୍ଧା ଜୀବ ତାଙ୍କର ସେହି ଦାନ ଗ୍ରହଣ କରୁ ନାହିଁ । ମୁଁ ଏଥିପାଇଁ କହୁଛି; ତାଙ୍କ ପାଖରେ ମାଗିବାକୁ ପଡ଼ିବ ନାହିଁ । କେବଳ ଭଗବାନଙ୍କୁ ଜଣାଇ ବୁଝାଇଦିଅ ଯେ, ତୁମେ ଏହି ଦ୍ରବ୍ୟ ବ୍ୟତୀତ ଅନନ୍ତ ବ୍ରହ୍ମାଣ୍ଡର ଅନ୍ୟ କିଛି ଚାହଁ ନାହିଁ ।

ମୋଠାରୁ ସତ୍ୟ ସମ୍ବାଦ ଶୁଣିଛ । ସତ୍ୟକୁ ଆଶ୍ରୟ କର, ସତ୍ୟ ଲାଭ କରି କୃତାର୍ଥ ହେବ । ତାଙ୍କ ଆଦେଶ ପାଳନ କରିଯାଅ, ଦିନେ ଅବଶ୍ୟ କାମନା ପୂର୍ଣ୍ଣ ହେବ । ପ୍ରୟୋଜନ ହେଲେ ଯୁଗଯୁଗାନ୍ତର ଧରି ଅପେକ୍ଷା କରିବାକୁ ପଡ଼ିବ; କିନ୍ତୁ ଏକଥା ଜାଣିରଖ ଯେ, ନିଶ୍ଚୟ ପାଇବ । ତୁମେମାନେ ବିଶ୍ୱାସ କରି ମୋ ଉପରେ ସବୁ ଭାର

ଛାଡ଼ିଦିଅ । ତୁମମାନଙ୍କୁ କିଛି ମାଗିବାକୁ ପଡ଼ିବ ନାହିଁ । ତୁମମାନଙ୍କର ଯହିଁରେ ହିତ ହେବ, ମୁଁ ତାର ବ୍ୟବସ୍ଥା କରିବି । ଯଦି ମୋ କଥାରେ ବିଶ୍ୱାସ କର, ତେବେ ଅଧିକ କୌଣସି ସାଧନ ଭଜନ ନ କରି ମଧ୍ୟ ତୁମର ସବୁ ହେବ, ତୁମେ ସବୁ ପାଇବ ।

ପ୍ରାଣର ଆକାଂକ୍ଷା କଅଣ ?

ମୋ ନିକଟରେ ଯଦି କେହି କୌଣସି ପ୍ରାର୍ଥନା କରନ୍ତି, ମୁଁ ତାଙ୍କୁ ସେ ବସ୍ତୁ ଦେଇପାରେ, କିନ୍ତୁ ଠିକ୍ ଠିକ୍ ପ୍ରାଣର ଆକାଂକ୍ଷା ତ କେହି ମୋତେ ଜଣାନ୍ତି ନାହିଁ । କାହା ମନଭିତରେ ଧନ, ମାନ, ଯଶ ପ୍ରଭୃତିର କାମନା ଅଛି; ଅଥଚ ସେ ମୋ ନିକଟକୁ ଆସି ଜ୍ଞାନ, ଭକ୍ତି ପ୍ରାର୍ଥନା କରୁଛନ୍ତି । ସେମାନଙ୍କୁ ମୁଁ କିଛି ଦେଇପାରେ ନାହିଁ । ଯେ ପ୍ରକୃତରେ ଅନ୍ତରମଧ୍ୟରେ ଜ୍ଞାନ, ପ୍ରେମ, ଭକ୍ତି ପ୍ରାର୍ଥନା କରନ୍ତି, ସେ ମୁହଁରେ କିଛି ନ କହିଲେ ମଧ୍ୟ ତାଙ୍କର ଆଶା ନିଶ୍ଚୟ ପୂର୍ଣ୍ଣ ହେବ । ସାଧନାଦ୍ୱାରା ଜ୍ଞାନଭକ୍ତି ଅଧିଗତ ହେବା ଦୁଃସାଧ୍ୟ । ଶ୍ରୀଗୁରୁଦେବଙ୍କ କୃପା ବ୍ୟତୀତ ଏ ଦୁର୍ଲ୍ଲଭ ବସ୍ତୁ କେହି କେବେ ପାଇପାରି ନାହାନ୍ତି, ପାଇବା ମଧ୍ୟ ଅସମ୍ଭବ ।

ଜ୍ଞାନଭକ୍ତି ଯେପରି କି ସଂକ୍ରାମକ ବ୍ୟାଧି । ତାହା ଜଣକଠାରୁ ଅନ୍ୟ ଜଣକ ଦେହକୁ ସଂକ୍ରମିତ ହୁଏ । ସଂକ୍ରାମକ ବ୍ୟାଧି ଯେପରି ଅନ୍ୟଠାକୁ ସଂକ୍ରମିତ ହେଲେ ସୁଦ୍ଧା ପ୍ରଥମ ବ୍ୟକ୍ତିର ବ୍ୟାଧି କିଛି କମିଯାଏ ନାହିଁ, ଭକ୍ତି କିମ୍ବା ଜ୍ଞାନ ଜଗଦ୍‌ଗୁରୁଙ୍କ କୃପାରୁ ମୋଠାରୁ ତୁମ ଆଡ଼କୁ ସଂକ୍ରମିତ ହେବ; କିନ୍ତୁ ସେଥିରେ ମୋ ଜ୍ଞାନ ବା ଭକ୍ତିର କିଛି ହ୍ରାସ ହେବ ନାହିଁ । ଜ୍ଞାନ ଲାଭ ହେଲାମାତ୍ରେ ପ୍ରେମଭକ୍ତି ଆସିଯାଏ । ସେତେବେଳେ ଜ୍ଞାନର ସ୍ୱାତନ୍ତ୍ର୍ୟ କିଛି ରହେ ନାହିଁ । ଏହି ଅବସ୍ଥାକୁ ଜ୍ଞାନଶୂନ୍ୟା ଭକ୍ତି କୁହାଯାଏ । ଅନ୍ୟଥା ଜ୍ଞାନ ନ ହେଲେ ଭକ୍ତି ସ୍ଥାୟୀ ହୋଇପାରେ ନାହିଁ । ଯଦି କାହାର ପ୍ରାଣର ଯଥାର୍ଥ ପ୍ରାର୍ଥନା ଜ୍ଞାନ, ଭକ୍ତି ହୁଏ, ତେବେ ମୁହଁରେ ତାହା ପ୍ରକାଶ କରିବାର କିମ୍ବା ଲେଖି ଜଣାଇବାର ଆବଶ୍ୟକ ହୁଏ ନାହିଁ । କେଉଁଠାରେ କିଏ ତାଙ୍କୁ ଡାକୁଛି, ସେ ଜାଣିପାରି ଅଭୀଷ୍ଟ ପୂରଣ କରିଦିଅନ୍ତି ।

ବସ ! ଭଗବାନ୍‌ଙ୍କ ଧ୍ୟାନ-ଧାରଣାରେ ତନ୍ମୟ ହୋଇ ଚିତ୍ତକୁ ପବିତ୍ର କର; କିନ୍ତୁ ଶୁକ୍ରରକ୍ଷାନିମିତ୍ତ ପ୍ରାର୍ଥନା କର ନାହିଁ । ବ୍ରହ୍ମଚର୍ଯ୍ୟ ବ୍ୟତୀତ ପୁରୁଷକାର ସାଧନାରେ ଶକ୍ତି ଜନ୍ମେ ନାହିଁ ସତ; କିନ୍ତୁ ଭଗବାନ୍‌ଙ୍କ କୃପା ହେଲେ କିଛି ଅସମ୍ଭବ ହୁଏ ନାହିଁ । କେତେ ହଠଯୋଗୀ ବିନ୍ଦୁରକ୍ଷା କରିଛନ୍ତି; କିନ୍ତୁ ସେମାନେ କେହି ତ ଭଗବାନ୍‌ଙ୍କ କୃପା

ଲାଭ କରିପାରି ନାହାନ୍ତି । ଯଦି ତାଙ୍କ ନିକଟରେ କିଛି ପ୍ରାର୍ଥନା ଜଣାଇବାକୁ ହୁଏ, ତେବେ ଜ୍ଞାନ କିମ୍ବା ପ୍ରେମଭକ୍ତି ପ୍ରାର୍ଥନା କର; ଅନ୍ଧକାର ନାଶନିମିତ୍ତ ପ୍ରାର୍ଥନା ନ କରି ସୂର୍ଯ୍ୟଙ୍କ ପ୍ରକାଶନିମିତ୍ତ ପ୍ରାର୍ଥନା କର । ସୂର୍ଯ୍ୟ ଉଦୟହେଲା ମାତ୍ରେ ଅନ୍ଧକାର ଆପଣା ମନକୁ ପଳାୟନ କରିବ । ତେଣୁ ମୋର ଇଚ୍ଛା, ତୁମମାନଙ୍କ ପ୍ରାର୍ଥନା ଏକମୁଖୀ ହେଉ । ଗୋଟିଏ ଦାବିକୁ ଅବଲମ୍ବନ କରି ତାଙ୍କରି ନାମ ଧରି ବସିରହ । ତାଙ୍କୁ ସର୍ବସ୍ୱ ସମର୍ପଣ କଲେ ସେ ତୁମର କିଛି ଅଭାବ ରଖିବେ ନାହିଁ ।

ବସ ! ଭଗବାନ୍ ବାଞ୍ଛାକଳ୍ପତରୁ । ଜୀବ ତାଙ୍କ ନିକଟରେ ଯାହା ପ୍ରାର୍ଥନା କରେ, ତାହା ପାଏ; କିନ୍ତୁ ପ୍ରାର୍ଥନାଟି ଠିକ୍ ଠିକ୍ ହେବା ଦରକାର । ତୁମର ପ୍ରାଣ କଅଣ ଚାହୁଁଛି, ତାହା ଉତ୍ତମରୂପେ ହୃଦୟଙ୍ଗମ କରି ପ୍ରାର୍ଥନା କର । ବର୍ତ୍ତମାନ ଗୋଟିଏ ବିଷୟ ପାଇଁ ପ୍ରାର୍ଥନା କରୁଛ । ତାହା ପାଇଗଲାକ୍ଷଣି ଆଉ ଗୋଟିଏ ବିଷୟପ୍ରତି ଆକାଂକ୍ଷା ଜାଗ୍ରତ ହେବ । ଏପରି କି ଗୋଟିଏ ବିଷୟ ପ୍ରାର୍ଥନା କଲାବେଳେ ମଧ୍ୟ ତୁମମାନଙ୍କର ବିରୁଦ୍ଧ ପ୍ରାର୍ଥନା ଚାଲିଥାଏ । ସେଥିପାଇଁ ପ୍ରାର୍ଥନାର ପରିବର୍ତ୍ତନ ମଧ୍ୟ ଘଟୁଥାଏ । ତୁମର ମାଗିବା ଠିକ୍ ହେଲେ ତ ସେ ତାହା ଦେବେ । ସେ ଦେଖନ୍ତି ଯେ ତୁମର ପ୍ରାର୍ଥନା ଠିକ୍ ହେଉ ନାହିଁ । ତେଣୁ ସେ ତୁମ ପ୍ରାଣର ପ୍ରକୃତ ପ୍ରାର୍ଥନା ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ବସନ୍ତି । ମାଗିବା ଠିକ୍ ହେଲେ, ପାଇବା ଆଉ ବିଳମ୍ବ ହୁଏ ନାହିଁ । ଭଲ କରି ବୁଝ, ତୁମ ପ୍ରାଣ କଅଣ ଚାହୁଁଛି । ଯଦି ଠିକ୍ ଠିକ୍ ତାହା ଧରିପାର, ତାହାହେଲେ ପ୍ରାର୍ଥନା ମାତ୍ରେ ସବୁ ପୂର୍ଣ୍ଣ ହୋଇଯିବ । ସଂପୂର୍ଣ୍ଣଭାବରେ ଚିତ୍ତଶୁଦ୍ଧି ନ ହେଲେ ପ୍ରାଣର ଯଥାର୍ଥ ଆକାଂକ୍ଷିତ ବସ୍ତୁ ଫୁଟିପାରେ ନାହିଁ । ଚଞ୍ଚଳ ନ ହୋଇ ଚିତ୍ତଶୁଦ୍ଧିର ଉପାୟ ଅବଲମ୍ବନ କର । ଚିତ୍ତଶୁଦ୍ଧି ହେଲେ ବୁଝିପାରିବ, ତୁମ ପ୍ରାଣ କଅଣ ଚାହୁଁଛି । ବସ ! ଚିତ୍ତଶୁଦ୍ଧି ହେଉଛି ଅସଲ କଥା ।

ଗୁରୁ ବ୍ରହ୍ମ, ନିର୍ଗୁଣ । ସୁତରାଂ, ତାଙ୍କ ନିକଟରେ କୌଣସି ପ୍ରାର୍ଥନା କରାଯାଇପାରେ ନାହିଁ । କିନ୍ତୁ ମନୁଷ୍ୟ-ଗୁରୁଙ୍କ ନିକଟରେ ସବୁ ପ୍ରାର୍ଥନା କରାଯାଇପାରେ । ମନୁଷ୍ୟ-ଗୁରୁଙ୍କ ନିକଟରେ ପ୍ରାର୍ଥନା କଲେ ବ୍ରହ୍ମ, ଆତ୍ମା ଓ ଭଗବାନ୍ ସବୁ ମିଳିପାରନ୍ତି । ସଦ୍‌ଗୁରୁଙ୍କର ସବୁ ଦେବାର କ୍ଷମତା ଅଛି ।

ଯେ ସାଧନା କରିବାକୁ ଅକ୍ଷମ, ତାଙ୍କର ଅଭୀଷ୍ଟଲାଭର ଉପାୟ ହେଉଛି ପ୍ରାର୍ଥନା । ପ୍ରାର୍ଥନା ସମୟରେ ମନ ଓ ମୁଖ ଏକ ହେବା ଆବଶ୍ୟକ । ତୁମ ପ୍ରାଣର ଇଚ୍ଛା ଗୋଟିଏ ଆଉ ତୁମେ ଚାହୁଁଛ ଆଉ ଗୋଟିଏ— ଏହା ଯେପରି ନ ହୁଏ । ପ୍ରାଣର

ଖାଣ୍ଟି ଇଚ୍ଛା ଯାହା, ତାହା ପ୍ରାର୍ଥନା କରିବାକୁ ହେବ । ଯଥାର୍ଥ ବ୍ୟାକୁଳତାସହ ପ୍ରାର୍ଥନା କରିପାରିଲେ ଯେତେ କଠିନ ହେଉ ପଛକେ ଦାତା ତାହା କୌଣସି ପ୍ରକାରରେ ଅଗ୍ରାହ୍ୟ କରିପାରନ୍ତି ନାହିଁ ।

ସୁଖ-ଦୁଃଖ ପ୍ରାର୍ଥନାର ଫଳ

ତୁମେମାନେ ପ୍ରାର୍ଥନା କରି ଜାଣ ନାହିଁ । ପ୍ରାର୍ଥନା ତୁମମାନଙ୍କର ଠିକ୍ ଠିକ୍ ହେଉ ନାହିଁ । ଠିକ୍ ପ୍ରାଣ କଅଣ ଚାହୁଁଛି, କାହାପାଇଁ ବ୍ୟାକୁଳ ହେଉଛି, ତାହା ନ ବୁଝି ଏଣୁତେଣୁ ଗୁଡ଼ାଏ ମାଗିପକାଉଛ । କଅଣ ପାଇଲେ ତୁମର ମଙ୍ଗଳ ହେବ, ତାର ଧାରଣା କରିପାରୁ ନାହଁ । ତୁମମାନଙ୍କ ପ୍ରାର୍ଥନାରେ ଭଗବାନ୍ ଅସ୍ଥିର ହୋଇପଡୁଛନ୍ତି । ବର୍ତ୍ତମାନ ଗୋଟିଏ ଜିନିଷ ମାଗୁଛ, ପରକ୍ଷଣରେ ପୁଣି ଆଉ ଗୋଟିଏ ଜିନିଷ ଚାହୁଁଛ । ଏହିପରି ଭଗବାନ୍‌ଙ୍କ ଦରବାରରେ ତୁମର ଅନେକଗୁଡ଼ିଏ ଦରଖାସ୍ତ କ୍ରମାନ୍ୱୟରେ ଜମା ହୋଇ ରହିଛି । ସେଗୁଡ଼ିକ ତ ମଞ୍ଜୁର ହେବ; ଆଜି ଯାହା ପ୍ରାର୍ଥନା କରୁଛ, ଆଜି ତ ତାହା ପାଇବ ନାହିଁ ! ତାହା ପୂର୍ବରୁ ତୁମେ ଯେଉଁସବୁ ପ୍ରାର୍ଥନା କରିରଖିଛ, ତାହା ପୂରଣ ହେଲାପରେ ଯାଇ ଆଜିର ପ୍ରାର୍ଥନା ପୂରଣ ହେବ ।

ବର୍ତ୍ତମାନ ଯେଉଁ ସୁଖ-ଦୁଃଖ ଭୋଗ କରୁଛ, ତାହା ମଧ୍ୟ ତୁମ ପ୍ରାର୍ଥନାର ଫଳ । ଦିନେ ତୁମେ ସୁଖନିମିତ୍ତ ଏସବୁ ଚାହିଁଥିଲ । ଆଜି ଅବସ୍ଥା ବିପର୍ଯ୍ୟୟରେ ତାହା ଦୁଃଖଦାୟକ ହୋଇ ଠିଆହୋଇଛି । କମ୍ବଳ ମାଗିବା କଥା ତ ସମସ୍ତେ ଜାଣ । ବୁଝିସୁଝି ପ୍ରାର୍ଥନା କରିବ । ତୁମର ପ୍ରାର୍ଥନା ହେବ– ''ହେ ଠାକୁର ! ବିଶ୍ୱାସ ଦିଅ ।'' ବିଶ୍ୱାସ ଆସିଲେ ନିର୍ଭରତା ଆସିବ । ନିର୍ଭରତା ଆସିଗଲେ ଆଉ କିଛି ପାଇବାର ବାକି ରହିବ ନାହିଁ । ତେଣୁ ମୋର ଶେଷ ବକ୍ତବ୍ୟ, ତୁମେମାନେ ବିଶ୍ୱାସର ଅଚଳ ଭିତ୍ତିରେ ଚିତ୍ତକୁ ସଂସ୍ଥାପିତ କରି ମୋ ଉପରେ ନିର୍ଭର କର । ମୋ ଉପରେ ସବୁ ଭାର ଦେଇଦିଅ । ତୁମମାନଙ୍କୁ କିଛି ମାଗିବାକୁ ହେବ ନାହିଁ, ପ୍ରାର୍ଥନା ଜଣାଇବାକୁ ପଡ଼ିବ ନାହିଁ । ତୁମମାନଙ୍କର ଯହିଁରେ ମଙ୍ଗଳ ହେବ, ମୁଁ ତାହା କରିବି ।

ଦୁଃଖୀମାନଙ୍କ ପ୍ରତି

ବତ୍ସ ! ତୁମେ ବ୍ରହ୍ମମୟୀଙ୍କର ସନ୍ତାନ; ବ୍ରହ୍ମର ଅଂଶ । ତୁମ ପାଖକୁ ଆପଦ-ବିପଦ ଆସିପାରିବ ନାହିଁ । ରକ୍ତ ମାଂସ ସମ୍ପର୍କ ନେଇ ନିଜକୁ ସୁଖୀ ଅବା ଦୁଃଖୀ ବୋଲି ମନେକର ନାହିଁ । ସେହି ମଙ୍ଗଳମୟୀ ମାଆଙ୍କର ଇଚ୍ଛା ବ୍ୟତୀତ ଏ ଜଗତରେ ଗୋଟିଏ ତୃଣ ମଧ୍ୟ ହଲଚଲ ହୁଏ ନାହିଁ । ତାଙ୍କ ଇଚ୍ଛାରେ ଯାହା ସମ୍ପାଦିତ ହୁଏ, ତାହା ବିପଦ ନୁହେଁ– ସମ୍ପଦର ନିଦାନ । ତାହା ନିଷ୍ଠୁରତା ନୁହେଁ, ଦୟାର ଅମୃତଧାରା । ଆମେମାନେ ମୋହାନ୍ଧ ଜୀବ, ତାଙ୍କର ମଙ୍ଗଳଦୃଷ୍ଟି ଦେଖିପାରୁ ନାହୁଁ । ତେଣୁ ତାଙ୍କର କାର୍ଯ୍ୟକୁ ବା ନିଜର ଅଦୃଷ୍ଟକୁ ମନ୍ଦ ମନେ କରି କଷ୍ଟ ଭୋଗ କରୁଛୁଁ ଓ ଆନନ୍ଦମୟ ଆତ୍ମାକୁ ମଳିନ କରିପକାଉଛୁଁ ।

ଜୀବନର ପରିଣତି ଦୁଃଖ

ଆମେ ଏବଂ ଆମମାନଙ୍କ ପ୍ରତିପାଳକ ପିତାମାତା ମଧ୍ୟ ଜାଣନ୍ତି ନାହିଁ ଯେ, ପ୍ରକୃତ ମଙ୍ଗଳ କାହିଁରେ ହୁଏ । ସେମାନେ ଯାହାକୁ ମଙ୍ଗଳ ବୋଲି ମନେ କରନ୍ତି, ବିଧିର ବିଧାନ ଏପରି ଯେ, ସେଥିରେ ତାହା ଅଶୁଭ ଫଳ ପ୍ରସବ କରେ; କାରଣ, ପିତାମାତାଙ୍କ ଚକ୍ଷୁ ମାୟା-ଆବରିତ । ସୁତରାଂ, ଏକମାତ୍ର ଜଗଜ୍ଜନନୀଙ୍କ ଭିନ୍ନ ଆଉ କେହି ଆମର ମଙ୍ଗଳ ବୁଝନ୍ତି ନାହିଁ । ତେଣୁ ଜ୍ଞାନୀ ଭକ୍ତ ମାଆଙ୍କ ଚରଣରେ ସର୍ବସ୍ୱ ଅର୍ପଣ କରି ତାଙ୍କରି ଉପରେ ଭଲ-ମନ୍ଦ, ସୁଖ-ଦୁଃଖ ନିର୍ଭର କରି ନିଶ୍ଚିନ୍ତ ମନରେ ତାଙ୍କରି ଜୟ ଗାନ କରିଥାନ୍ତି । ପାପୀ-ପୁଣ୍ୟବାନ୍, ସାଧୁ-ଅସାଧୁ କେହି ହେଲେ କାଳର କରାଳ ଦଂଷ୍ଟ୍ରାଘାତରୁ ନିଜକୁ ରକ୍ଷା କରିପାରନ୍ତି ନାହିଁ । ହରିଶ୍ଚନ୍ଦ୍ର, ନଳ, ଶ୍ରୀବତ୍ସ, ଯୁଧିଷ୍ଠିର ପ୍ରଭୃତି ଭାରତର ପ୍ରାତଃସ୍ମରଣୀୟ ବ୍ୟକ୍ତିମାନେ ଯେଉଁସବୁ ଆପଦବିପଦ ସହିତ ଆଜୀବନ ସଂଗ୍ରାମ କରିଯାଇଛନ୍ତି, ଆମେ ତାହା ଧାରଣା କରିପାରିବା ନାହିଁ ।

କ୍ଷୁଦ୍ରଜୀବ ସାମାନ୍ୟ ଦୁଃଖରେ ଅଧୀର ହୋଇପଡ଼େ । ସେ ବୁଝେ ନାହିଁ ଯେ ଦୁଃଖ ହିଁ ଏ ଜୀବନର ପରିଣତି । ଅସ୍ଥାୟୀ ଧନ-ପରିଜନରେ କେବେ କେହି ସୁଖ-ଶାନ୍ତି ପାଇପାରନ୍ତି ନାହିଁ । ବ୍ରହ୍ମ-ଅଂଶସମ୍ଭୂତ ଜୀବ ନିଜକୁ ଭୁଲି ଧନ-ଦୌଲତ,

ଖ୍ୟାତି-ପ୍ରତିପତ୍ତି ପ୍ରଭୃତି ଧୂଳିଖେଳରେ ମାତି ରହେ । କାଳଚକ୍ରତଳେ ପଡ଼ି କେବେ ହସି, କେବେ କାନ୍ଦି ନିଜର ସଦାନନ୍ଦ ସ୍ୱରୂପତ୍ୱ ଭୁଲିଯାଏ; ଜନ୍ମ ଜନ୍ମ ଧରି ଏହି ଦେହ କାରାଗାରରେ ବଦ୍ଧହେବାକୁ ଇଚ୍ଛା କରେ । ମା ସନ୍ତାନର ଦୁର୍ଦ୍ଦଶା ଦେଖି ସମୟ ସମୟରେ ତାକୁ ଚେତାଇ ଦିଅନ୍ତି । ଅଜ୍ଞାନୀ ଜୀବ ମନେ କରେ, ସମ୍ଭବତଃ ତାର ବିପଦ ଉପସ୍ଥିତ ହେଲା । ସେ ବୁଝେ ନାହିଁ ଯେ, ଦୟାମୟୀ ମା' ତାର ବନ୍ଧନ ମୋଚନ କରିଦେଉଛନ୍ତି । ଜାଣିଲେ ବୁଝିଲେ କେହି ଜ୍ଞାନୀ ହୋଇଯାଆନ୍ତି ନାହିଁ । ପ୍ରକୃତ କାର୍ଯ୍ୟରେ ଜ୍ଞାନର ପରିଚୟ ଦେବାକୁ ହେବ । ଶୋକ-ତାପରେ ମନୁଷ୍ୟର ଚୈତନ୍ୟ ଉଦୟ ହୁଏ, ହୃଦୟ ପବିତ୍ର ଓ ନିର୍ମଳ ହୁଏ ।

ଭଗବାନ ହିଁ ସୁଖ

ବତ୍ସ ! ଏ ସଂସାରଟା ଅଭାବ-ଅଶାନ୍ତିରେ ଗଢ଼ା । ଏଠାରେ ସୁଖ-ଶାନ୍ତିର ଆଶା ବିଡ଼ମ୍ବନାମାତ୍ର । ସୁଖ ବା ଆନନ୍ଦ, ଆନନ୍ଦସ୍ୱରୂପ ଭଗବାନଙ୍କ ବ୍ୟତୀତ ଅନ୍ୟତ୍ର ନାହିଁ । ସେ ଯେତେବେଳେ ଯେଉଁ ଅବସ୍ଥାରେ ରଖିବେ, ତାଙ୍କୁ ମଙ୍ଗଳର କାରଣ ବୋଲି ଭାବି ତାଙ୍କର ଜୟଗାନ କର । ତାଙ୍କ ଇଚ୍ଛା ସହିତ ତୁମର କ୍ଷୁଦ୍ର, ସଂକୀର୍ଣ୍ଣ ଇଚ୍ଛାକୁ ମିଶାଇଦିଅ । ଭଗବାନ୍‌ଙ୍କ ପ୍ରଦତ୍ତ ଦାନ ଗ୍ରହଣକରି ଅଥବା ପ୍ରାପ୍ତଦାନରୁ ବଞ୍ଚିତ ହୋଇ ଦୁଃଖିତ ବା ଆନନ୍ଦିତ ହୁଅ ନାହିଁ । ଏ ସଂସାରରେ ସୁଖ ଓ ଦୁଃଖ ଉଭୟର ମୂଲ୍ୟ ସମାନ । ଯେତେବେଳେ ଯେଉଁ ଅବସ୍ଥାରେ ରହପଛକେ ସ୍ମରଣ-ମନନ ଭୁଲିଯାଅ ନାହିଁ । ସେ କେବଳ ସୁଖ ସ୍ୱରୂପ ଓ ଶାନ୍ତିମୟ; ତାଙ୍କରି ନାମରେ ନିଶ୍ଚୟ ଶାନ୍ତି ପାଇବ ।

ବତ୍ସ ! ଜୀବନ-ନାଟକର ପଟ୍ଟପରିବର୍ତ୍ତନ ଫଳରେ ସୁଖ-ସୂର୍ଯ୍ୟଙ୍କର ଉଦୟାସ୍ତ ଘଟିଥାଏ । ଜୀବ କର୍ମସୂତ୍ରରେ ବନ୍ଧା । ଶୁଭାଶୁଭ କର୍ମଜନିତ ପାପପୁଣ୍ୟର ଫଳସ୍ୱରୂପ ସୁଖ-ଦୁଃଖ, ପ୍ରିୟା-ପ୍ରିୟର ସଂଯୋଗ ଘଟେ । ଜୀବ ଦୈବାଧୀନ ଏବଂ ଦୈବ ଅନତିକ୍ରମଣୀୟ ଜାଣି ବୁଦ୍ଧିମାନ୍ ଲୋକେ ଦୁଃଖସମୟରେ ମଧ୍ୟ ଉଦ୍‌ବିଗ୍ନ, ବିଷର୍ଣ୍ଣ ବା ମୁହ୍ୟମାନ ହୁଅନ୍ତି ନାହିଁ । ଦୈବର ଅମୋଘ ବିଧାନ ନତଶିରରେ ମାନିନେଇ ସେମାନେ ଧୀର ସ୍ଥିର ବୁଦ୍ଧିରେ ଶ୍ରେୟଲାଭ ପାଇଁ ଇଷ୍ଟସାଧନରେ ଯତ୍ନବାନ ହୁଅନ୍ତି । ଦୁଃଖପ୍ରତି ସ୍ୱାଭାବିକ ବିଦ୍ୱେଷହେତୁ ଲୋକମାନେ ଅନ୍ତରାଳରେ ସେହି ମଙ୍ଗଳମୟଙ୍କର ମଙ୍ଗଳହସ୍ତ ଦେଖିପାରନ୍ତି ନାହିଁ । ଭୋଗରେ ହିଁ କର୍ମଫଳ ଶେଷ ହୁଏ ଏବଂ ଦେହ, ମନ, ବୁଦ୍ଧି ମାର୍ଜ୍ଜିତ ଓ ପରିଶୁଦ୍ଧହୁଏ । ଚିତ୍ତଶୁଦ୍ଧିଲାଭ ଫଳରେ ମଙ୍ଗଳମୟଙ୍କ ମଙ୍ଗଳ ଇଚ୍ଛା ବୁଝିବାର ଓ ଧାରଣା କରିବାର ଶକ୍ତି ଲାଭ କରି ସେ ନିଜକୁ ଧନ୍ୟ ଓ କୃତାର୍ଥ

ମନେକରେ । ଦୁଃଖ ମାନବର ସହନ ଶକ୍ତି ବଢ଼ାଇ ଦେଇଥାଏ । ଦୁଃଖ ସହ୍ୟ କରିପାରିଲେ ହିଁ ଦୁଃଖକୁ ଜୟ କରିହୁଏ । ଭୟ କର ନାହିଁ, ବିମୂଢ଼ ହୁଅ ନାହିଁ । କରୁଣ ନୟନରେ ତାଙ୍କ ଦୟା ଓ କରୁଣା କଣିକାର ଭିଖାରି ହୋଇ ବୁଦ୍ଧିପୂର୍ବକ ବର୍ତ୍ତମାନ କର୍ତ୍ତବ୍ୟ କରିଯାଅ ।

ବତ୍ସ ! ଦୁଃଖକଷ୍ଟରେ ଧୈର୍ଯ୍ୟ ହରାଅ ନାହିଁ । ଶ୍ରୀଗୁରୁ ଭଗବାନ୍‌ଙ୍କ ଉପରେ ନିର୍ଭର କରି କର୍ମଫଳଭୋଗ ସହ୍ୟ କରିବାକୁ ଅଭ୍ୟାସ କର । ସୁଖ ଅପେକ୍ଷା ଦୁଃଖରେ ଜୀବର ମଙ୍ଗଳ ଅଧିକ ହୁଏ । ଦୁଃଖସମୟରେ ଦୈହିକ ବଳବୀର୍ଯ୍ୟ ବା ବିଦ୍ୟାବୁଦ୍ଧିର ଅଭିମାନ ନଷ୍ଟ ହୋଇ ନିର୍ଭରଭାବ ଦୃଢ଼ ହୁଏ । ସବୁ ଅବସ୍ଥାରେ ଆନନ୍ଦରେ ରହିବାକୁ ଚେଷ୍ଟା କର ।

କର୍ମସୂତ୍ରର ସଂଯୋଗ

ମନୁଷ୍ୟ ଇଚ୍ଛାପୂର୍ବକ ସୁଖ କଳ୍ପନା କରି ଦୁଃଖ ଭୋଗ କରୁଛି, କେହି କାହାର ସୁଖ-ଦୁଃଖର କାରଣ ନୁହନ୍ତି । ସ୍ଥାନ, କାଳ, ପାତ୍ର ନିମିତ୍ତ ମାତ୍ର । କର୍ମସୂତ୍ର ସଙ୍ଗରେ ସଂଯୋଗ ନ ଥିଲେ ବାଘ, ସାପ ମଧ୍ୟ କିଛି କରିପାରନ୍ତି ନାହିଁ । ଯେତେବେଳେ କର୍ମଫଳ ଅଶାନ୍ତିଦାୟକ, ଜୀବ ଯେଉଁଠାକୁ ଗଲେ ମଧ୍ୟ ଅଶାନ୍ତି ତା ସଙ୍ଗେ ସଙ୍ଗେ ସେହିଠାକୁ ଯିବ । ଶାନ୍ତି ବା ସୁଖ ଜଗତ୍‌ର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଜମା ହୋଇ ନାହିଁ; କିନ୍ତୁ ଯାହାଙ୍କର ଅଛି, ଜଗତ୍‌ରେ ସବୁ ସ୍ଥାନରେ ତାଙ୍କର ଶାନ୍ତି ଅବ୍ୟାହତ ।

ସୁଖ ବାହାରେ ନାହିଁ, ସୁଖ ଅନ୍ତରରେ । ସୁଖ ଭୋଗରେ ନାହିଁ, ସୁଖ ତ୍ୟାଗରେ ବା ଯୋଗରେ । ବାହ୍ୟ ବିଷୟସଂଯୋଗରେ ଯେଉଁ ସୁଖ ହୁଏ, ତାହା ଅନିତ୍ୟ ଓ ଆସକ୍ତି ପରିପୂର୍ଣ୍ଣ ପାପରେ କଳୁଷିତ । ମନନଦ୍ୱାରା ଭଗବାନ୍‌ଙ୍କର ସ୍ୱରୂପ ଉପଲବ୍‌ଧି ହିଁ ପ୍ରକୃତ ନିର୍ମଳ ସୁଖ ।

ସୁଖ ଓ ଦୁଃଖରେ ମାନବ-ଜୀବନ ଆବୃତ । ତେଣୁ ପ୍ରକୃତ ଜୀବନ ପରିବର୍ତ୍ତରେ ଜୀବ ସୁଖ ବା ଦୁଃଖର ଭୋଗାବସ୍ଥାକୁ ଜୀବନ ନାମରେ ଅଭିହିତ କରେ । ଜୀବନ କିନ୍ତୁ ତଦତିରିକ୍ତ ଚୈତନ୍ୟସ୍ୱରୂପ ।

ଭଗବାନ୍‌ଙ୍କ ଇଚ୍ଛା ବ୍ୟତୀତ ପତ୍ରଟିଏ ମଧ୍ୟ ହଲେ ନାହିଁ, ଆଖିର ପଲକଟିଏ ମଧ୍ୟ ପଡ଼େ ନାହିଁ । ସୁତରାଂ, ତାଙ୍କର ମଙ୍ଗଳବିଧାନରେ ଯାହା ସଂସାଧିତ ହେଉଅଛି, ସେଥିପାଇଁ ଅନୁଶୋଚନା କରିବା ମୂଢ଼ର କାର୍ଯ୍ୟ । ତାଙ୍କ ଇଚ୍ଛାରେ ଯାହା ସମ୍ପାଦିତ

ହେଉଛି, ତାହା ବିପଦ ନୁହେଁ— ସମ୍ପଦର ନିଦାନ । ତାହା ନିଷ୍ଠୁରତା ନୁହେଁ— ଦୟାର ଅମୃତଧାରା । ମୋହାନ୍ଧ ଜୀବ ତାଙ୍କର ମଙ୍ଗଳଦୃଷ୍ଟି ଦେଖିପାରେ ନାହିଁ ବୋଲି ତାଙ୍କ କାର୍ଯ୍ୟକୁ ବା ନିଜର ଅଦୃଷ୍ଟକୁ ମନ୍ଦ ମନେ କରି ଅଯଥା କଷ୍ଟ ଭୋଗ କରେ ଏବଂ ଆନନ୍ଦମୟ ଆତ୍ମାକୁ ମଳିନ କରିପକାଏ ।

ଅଜ୍ଞାନ ହିଁ ଅଭାବ

ଅଭାବ ହିଁ ଜୀବର ଏକମାତ୍ର ଅଶାନ୍ତି ଓ ନିରାନନ୍ଦର କାରଣ, ଅଥଚ ଜୀବର କୌଣସି ଅଭାବ ନାହିଁ । ଅଜ୍ଞାନ ହିଁ ଅନନ୍ତ ପ୍ରକାର ଅଭାବ ସୃଷ୍ଟି କରିଅଛି । ଜ୍ଞାନହେଲେ ଜୀବର କଳ୍ପିତ ଅଭାବସମୂହ ଦୂରୀଭୂତ ହୋଇଯାଏ । ସେତେବେଳେ ସେ ସ୍ୱ-ସ୍ୱଭାବ ଲାଭ କରି ଶାନ୍ତି ଓ ଆନନ୍ଦର ଅଧିକାରୀ ହୁଏ ।

ବତ୍ସ ! ଦୁଃଖୀ ହେବା ବଡ଼ ଭାଗ୍ୟର କଥା । ଅହଂ-ଅଭିମାନୀ ଜୀବ କଅଣ ଦୁଃଖର ଗର୍ବ କରିପାରେ ? ସମସ୍ତେ ନିଜକୁ ବଡ଼ ବୋଲି ମନେ କରନ୍ତି । ଯେ ନିଜକୁ ସର୍ବତୋଭାବରେ ଦୁଃଖୀ ବୋଲି ଜାଣିଛନ୍ତି, ତାଙ୍କର ସ୍ଥାନ ନିଶ୍ଚୟ ଭଗବାନ୍‌ଙ୍କ କୋଳରେ । ବତ୍ସ ! ଅର୍ଥାଭାବନିମିତ୍ତ ଦୁଃଖ ପ୍ରକାଶ କରୁଛ; କିନ୍ତୁ କେତେ ଲୋକଙ୍କର ତ ଅର୍ଥ ଅଛି, କାହିଁ କେହି ତ ତା'ର ସଦ୍‌ବ୍ୟବହାର କରୁନାହାନ୍ତି ! ତୁମର ମଧ୍ୟ ଅର୍ଥ ଥିଲେ ମନୋବୃତ୍ତି ଏପରି ହୋଇ ନ ଥାନ୍ତା, ସଂସାରମୋହରେ ବୁଡ଼ିଯାଇଥାଆନ୍ତ । ଧନ ଥିଲେ ମନ ହୁଏ ନାହିଁ । କେତେ ଦିନର ସଂସାର ! କେତେ ଦିନର ବା ଅସୁବିଧା ! ସୁତରାଂ, ବୃଥା ଅଶାନ୍ତି ଭୋଗ କର ନାହିଁ ।

ଏଠାରେ ସମସ୍ତ ପ୍ରକାର ଦୁଃଖ ଦିନେ ଶେଷ ହୋଇଯିବ । ସୁତରାଂ କୌଣସି ପ୍ରକାରେ ଅଧୀର ହୁଅ ନାହିଁ । ସୁଖରେ ଦୁଃଖରେ, ବିପଦରେ ଆପଦରେ, ରୋଗ-ଶୋକ ପ୍ରଭୃତି ସର୍ବାବସ୍ଥାରେ ଜୀବନର ଲକ୍ଷ୍ୟ ଠିକ୍ ରଖି ଅଗ୍ରସର ହୁଅ । ମଙ୍ଗଳମୟଙ୍କ ଦାନରେ ବିଶ୍ୱାସ ହରାଅ ନାହିଁ, ତାଙ୍କର ଜୟଗାନ କରିବାକୁ ଭୁଲିଯାଅ ନାହିଁ ।

କ୍ଷୁଦ୍ରତ୍ୱ ଓ ବୃହତ୍ୱ

ବତ୍ସ ! ନିଜେ ଦୁର୍ବଳ ହେଲେ ମଧ୍ୟ ଏକଥା ମନେ ରଖ ଯେ, ତାଙ୍କ ଇଚ୍ଛାରେ ମୂକ ବାଚାଳ ହୁଏ, ପଙ୍ଗୁ ପର୍ବତ ଲଙ୍ଘନ କରିପାରେ ।

ହୃଦୟସ୍ଥ ଭଗବାନ୍‌ଙ୍କୁ ସାକ୍ଷୀ ରଖି କର୍ତ୍ତବ୍ୟ ପ୍ରତିପାଳନ କରିଯାଅ । ତଥାପି ଯଦି ନିର୍ଯ୍ୟାତନା ସହ୍ୟ କରିବାକୁ ହୁଏ, କର୍ମଫଳ ବୋଲି ମନେ କରି ହସ ହସ

ବଦନରେ ତାହା ସହ୍ୟ କରିବାକୁ ଅଭ୍ୟାସ କର । ମନୁଷ୍ୟ ନିଜେ ହିଁ ନିଜର ଶତ୍ରୁ, ସୁତରାଂ, କାହାକୁ ଶତ୍ରୁ ମନେ କରି ତା'ପ୍ରତି ବିଦ୍ୱେଷଭାବ ପୋଷଣ କର ନାହିଁ । ସମସ୍ତଙ୍କୁ ବନ୍ଧୁ ବୋଲି ମନେ କର ଏବଂ ସମସ୍ତଙ୍କ ପ୍ରତି ସଦ୍‌ବ୍ୟବହାର କର । ଭଗବାନ୍‌ଙ୍କଠାରେ ନିର୍ଭର କରିବାକୁ ଶିକ୍ଷା କର । ମନୁଷ୍ୟ ଚେଷ୍ଟା କରି ବା ଚିନ୍ତା ଓ ଭାବନା କରି କିଛି କରିପାରେ ନାହିଁ । ସୁତରାଂ, ବୃଥା ଚିନ୍ତା ନ କରି ସୁଖରେ ଦୁଃଖରେ ତାଙ୍କରି ଚରଣ ଚିନ୍ତା ଓ ତାଙ୍କ ନାମର ଜୟ ଉଚ୍ଚାରଣ କରିଯାଅ । ମଙ୍ଗଳମୟଙ୍କ ଉପରେ ସବୁ ଭାର ଦେଲେ ସେ ମଙ୍ଗଳ ବ୍ୟବସ୍ଥା କରିବେ । ଚିକିତ୍ସକଙ୍କ ଅସ୍ତ୍ରଚିକିତ୍ସାରେ ବାଧା ଦେଲେ କ୍ଷତ ଆରୋଗ୍ୟ ହେବ ବା କିପରି ? ସେ ଆଧ୍ୟାତ୍ମିକ ଉନ୍ନତିନିମିତ୍ତ ତାଙ୍କର ଭକ୍ତକୁ ସାଂସାରିକ ଦୁଃଖ-କଷ୍ଟ ଦେଇଥାନ୍ତି, ରୋଗ ବୁଝି ବ୍ୟବସ୍ଥା କରିଥାଆନ୍ତି । ସେ ଯେ ମଙ୍ଗଳମୟ, ଏକଥା ଭୁଲିଯାଅ ନାହିଁ ।

ପ୍ରତ୍ୟେକ ବିଷୟରେ ନିଜର କ୍ଷୁଦ୍ରତ୍ୱ ଅନୁଭବ କର । ତାହାହେଲେ ବୃହତ୍ତ୍ୱର ଉପଲବ୍‌ଧି ହେବ । ଉଚ୍ଚ ଭାବ ଆସିଲେ ସଚ୍ଚିଦାନନ୍ଦ-ପ୍ରେମ-ସାଗରରେ ଦ୍ୱୀପରୂପରେ ଭାସିଉଠିବ ଓ ସେଥିରେ ତତ୍‌କ୍ଷଣାତ୍ ଶତ ଶତ ବୃକ୍ଷଲତା ଜାତ ହୋଇଯିବ । ସେଥିରେ ବ୍ୟାଘ୍ର, ଭଲ୍ଲୁକ ପ୍ରଭୃତି ବାସ କରିବେ । ବସ୍ ! ସାବଧାନ ! ବଡ଼ ହେବାର ଇଚ୍ଛା ତୁମର କେବେ ଯେପରି ନ ଜାଗେ । ସବୁବେଳେ ଦୀନ ହୁଅ । ତାହାହେଲେ ତୁମମାନଙ୍କର ଦୀନର ଠାକୁର ତୁମମାନଙ୍କୁ ହୃଦୟରେ ଧରି ଦିନ କଟାଇଦେବେ ।

ଇନ୍ଦ୍ରିୟସୁଖ କ୍ଷଣସ୍ଥାୟୀ

ଆମେ ସମସ୍ତେ ସୁଖର କାଙ୍ଗାଳ । ଏ ପୃଥିବୀରେ ସମସ୍ତେ ସୁଖପାଇଁ ଲାଳାୟିତ । ରାଜା-ପ୍ରଜା, ଦୀନ-ଦୁଃଖୀ, ବୃଦ୍ଧ-ବାଳକ ସମସ୍ତେ ସୁଖ ଆଶାରେ ଧାଇଁଛନ୍ତି; କିନ୍ତୁ ଏମାନେ ସୁଖ ପାଉଛନ୍ତି କି ? କେହି ହେଲେ ସୁଖ ପାଉ ନାହାନ୍ତି । ତାର କାରଣ, ଆମ ମନ ଯେଉଁ ଯେଉଁ ବିଷୟରୁ ସୁଖ ପାଇବ ବୋଲି ଆଶା କରି ଧାଉଁଛି, ସେ ସବୁଥିରେ ପୂର୍ଣ୍ଣ ସୁଖ ନାହିଁ; ସୁଖର କଣାମାତ୍ର ଅଛି । କେବଳ ଭଗବାନ୍ ପୂର୍ଣ୍ଣସୁଖସ୍ୱରୂପ । ରୂପ, ରସ, ଗନ୍ଧ, ଶବ୍ଦ, ସ୍ପର୍ଶ ପ୍ରଭୃତି ଇନ୍ଦ୍ରିୟଗ୍ରାହ୍ୟ ବିଷୟରେ ଯେଉଁ ସୁଖର ଆଭାସ ତୁମେ ପାଅ, ତାହା ମଧ୍ୟ ସେହି ଭଗବାନ୍‌ଙ୍କର । ସୁଖ ଏବଂ ସୁଖର ଆଧାର କେବଳ ସେହି ଭଗବାନ୍ । ଇନ୍ଦ୍ରିୟଗ୍ରାହ୍ୟ ବିଷୟରେ ଯେଉଁଠାରେ ସୁଖର ଆଭାସ ମିଳୁଛି, ତାହା ଅନିତ୍ୟ ଏବଂ କ୍ଷଣସ୍ଥାୟୀ । ସେହି କ୍ଷଣସ୍ଥାୟୀ ଇନ୍ଦ୍ରିୟପ୍ରୀତିକର ଦ୍ରବ୍ୟରେ ଅଧିକ ସମୟ ସୁଖ ମିଳିପାରିବ ନାହିଁ ।

ମନେକର, ଗୋଟାଏ ଗୋଲାପ ଫୁଲ । ଗୋଲାପ ଫୁଲ ତୁମ ମନ ଆକର୍ଷଣ କଲା । କିନ୍ତୁ ତାହା କେତେ ସମୟପାଇଁ ? ଅଧିକ ହେଲେ ଘଣ୍ଟାକପାଇଁ । ଏହାପରେ ଆକର୍ଷଣ କମିଯିବ । ଫୁଲରେ ଯେତିକି ସମୟ ସୌନ୍ଦର୍ଯ୍ୟ ବିଦ୍ୟମାନ ଥିଲା, ତୁମ ମନ ଫୁଲପ୍ରତି ସେତିକି ସମୟ ପାଇଁ ଆକୃଷ୍ଟ ଥିଲା । ଘଣ୍ଟାକପରେ ପାଖୁଡ଼ାଗୁଡ଼ିକ ଝାଉଁଳିଯିବାରୁ ଫୁଲ ସୌନ୍ଦର୍ଯ୍ୟହୀନ ହୋଇଗଲା । ସେତେବେଳେ ତୁମ ମନ ଗୋଲାପରେ ଆଉ ଆକୃଷ୍ଟ ହୋଇ ରହିବ ନାହିଁ । ଜଗତର ପ୍ରତ୍ୟେକ ଇନ୍ଦ୍ରିୟଗ୍ରାହ୍ୟ ବିଷୟ ଏହିପରି କ୍ଷଣଭଙ୍ଗୁର । ଏକମାତ୍ର ଭଗବାନ୍ ପୂର୍ଣ୍ଣ ଏବଂ ପୂର୍ଣ୍ଣ ଆନନ୍ଦର ଆଧାର ହେଉଛନ୍ତି ସେହି ଭଗବାନ୍ । ଭଗବାନ୍‌ଙ୍କୁ ପାଇଲେ ନିରବଚ୍ଛିନ୍ନ ପୂର୍ଣ୍ଣ ସୁଖ ମିଳିପାରିବ ।

ସୁଖ ଦୁଃଖ ମନର ଅବସ୍ଥା ମାତ୍ର । ବସ୍ତୁବିଶେଷ ଉପରେ ସୁଖ-ଦୁଃଖର ଜ୍ଞାନ ନିର୍ଭର କରେ । କୁକୁର କୁକୁରୀକୁ ଦେଖି ଯେଉଁ ସୁଖ ପାଉଛି, ଇନ୍ଦ୍ର ଇନ୍ଦ୍ରାଣୀଙ୍କୁ ଦେଖି ମଧ୍ୟ ସେହି ସୁଖ ପାଉଛନ୍ତି । କେହି ତ୍ରିତଳ ପ୍ରାସାଦ ଉପରେ ଦୁଗ୍ଧଫେନନିଭ ଶଯ୍ୟାରେ ଶୟନ କରି ଯେଉଁ ସୁଖ ପାଉଛି, ଅନ୍ୟ କେହି ବୃକ୍ଷମୂଳରେ ତୃଣ-ଶଯ୍ୟାରେ ଶୟନ କରି ମଧ୍ୟ ସେହି ସୁଖ ଅନୁଭବ କରୁଛି । ଜଣେ ନବନୀତ ଭକ୍ଷଣ କରି ଯେଉଁ ସୁଖ ଅନୁଭବ କରୁଛି, କୁକୁର ବିଷ୍ଠା ଖାଇ ମଧ୍ୟ ସେହି ସୁଖ ଅନୁଭବ କରୁଛି । କୁକୁର ନିକଟରେ ବିଷ୍ଠା ଓ ନବନୀତ ରଖିଲେ ସେ ନବନୀତ ପରିତ୍ୟାଗ କରି ବିଷ୍ଠା ଭକ୍ଷଣ କରିବ । ଜଣେ ମଖମଲମଣ୍ଡିତ ଶଯ୍ୟାରେ ଶୟନ କରି ନିଦ୍ରା ନ ହେବାରୁ ଛଟପଟ ହେଉଛି; ଆଉ ଜଣେ କେବଳ ମୃତ୍ତିକାଉପରେ ଶୋଇ ମଧ୍ୟ ଗାଢ଼ ନିଦ୍ରାରେ ଅଭିଭୂତ ହେଉଛି ।

ଆମର କେତେଗୁଡ଼ିଏ ସଂସ୍କାର ବଡ଼ ଖରାପ ହୋଇଯାଇଛି । ସଂସ୍କାର ଅନୁଯାୟୀ କେତେକ ନିର୍ଦ୍ଦିଷ୍ଟ ବିଷୟରୁ ସୁଖ ପାଇବୁ ବୋଲି ଆମେ ମନେ କରିଥାଉ; କିନ୍ତୁ ପ୍ରକୃତରେ ସେ ବିଷୟରୁ ସୁଖ ମିଳେ ନାହିଁ । ଦିଲ୍ଲୀର ବାଦ୍‌ଶାହମାନେ ବିଷୟରେ ଚରମ ଭୋଗ କରିଯାଇଛନ୍ତି; ଯେତେ ଦୂର ବିଳାସିତା କରାଯାଇପାରେ, ତାହା ମଧ୍ୟ କରିଛନ୍ତି; ଯେତେ ସୁନ୍ଦରୀ ରମଣୀ ଦେଖିଛନ୍ତି, ସେମାନଙ୍କୁ ଅନ୍ତଃପୁରକୁ ଆଣି ସମ୍ଭୋଗ କରିଛନ୍ତି; କିନ୍ତୁ ତଥାପି ସେମାନେ ସୁଖୀ ହୋଇପାରି ନାହାନ୍ତି । ବରଂ ସେମାନଙ୍କର ଅତୃପ୍ତିଜନିତ ହୃଦୟର ଜ୍ୱାଳା ଆହୁରି ବୃଦ୍ଧି ପାଇଛି । ବିଷୟରୁ ସୁଖ ମିଳେ ନାହିଁ, ମନ ବିଷୟାକାରାକାରିତ ହୋଇ ସୁଖ ଦୁଃଖ ଉପସ୍ଥିତ କରାଏ । ଅତଏବ ସେହି ସୁଖସ୍ୱରୂପ ଭଗବାନ୍‌ଙ୍କଠାରେ ସୁଖର ସନ୍ଧାନ କର ।

ସତର୍କ ଉପଦେଶ

ମୁଁ କିଛି କହେ ନାହିଁ ବୋଲି ତୁମେମାନେ ମନେ କର ନାହିଁ ଯେ ତୁମମାନଙ୍କ ଆଚାର-ବ୍ୟବହାର ମୋ ନିକଟରେ ଅଜ୍ଞାତ । ହୁଏତ ଜଣେ ପ୍ରବୃତ୍ତିସ୍ରୋତରେ ନିଜକୁ ଭସାଇ ଦେଉଛି, ଆଭାସ-ଇଙ୍ଗିତରେ ମୁଁ ତାକୁ ସତର୍କ କରିଦିଏ । କିନ୍ତୁ ଯେତେବେଳେ ମୋ ସତର୍କବାଣୀକୁ ତୁମେମାନେ କର୍ଣ୍ଣପାତ ନ କରି ସ୍ୱାଧୀନ ଭାବରେ ଚାଲ, ସେତେବେଳେ ପ୍ରକୃତିଆଡୁ ନିଦାରୁଣ ଆଘାତ ଆସେ । ସେ ଆଘାତରେ ତୁମମାନଙ୍କର ବିଶେଷଭାବରେ ଶିକ୍ଷା ହୁଏ । ସଦ୍‌ଗୁରୁଙ୍କ ଆଭାସ -ଇଙ୍ଗିତରେ ଯେଉଁମାନେ ସାବଧାନ ହୋଇ ଚଳନ୍ତି, ସେମାନଙ୍କ ଉପରେ ପ୍ରକୃତିର ସେପରି ରୋଷ ପଡ଼େ ନାହିଁ ।

ସାଧନନିଷ୍ଠାର ଫଳ

ତୁମେମାନେ ମନୁଷ୍ୟତ୍ୱ ଅର୍ଜ୍ଜନ କରିବାପାଇଁ ମୋ ନିକଟକୁ ଆସିଛ । ସିଦ୍ଧ ହୋଇ କେହି ଏଠାକୁ ଆସି ନାହିଁ । ସୁତରାଂ, ଦୋଷ ତ୍ରୁଟି ନିଶ୍ଚୟ ଦେଖାଦେବ । ଜଣେ ଅନ୍ୟ ଜଣକର ଦୋଷ ଦେଖି ରାଗିଯାଅ ନାହିଁ । ସମସ୍ତଙ୍କର ସଂସ୍କାର ସମାନ ନୁହେଁ । ପରସ୍ପର ପରସ୍ପରକୁ ଆପଣା ଆପଣା ଅଭିଜ୍ଞତାଦ୍ୱାରା ସାହାଯ୍ୟ କର । ନିଜର ଦୋଷଗୁଡ଼ିକ ନିଜ ଭିତରେ ଗୋପନ କରି ରଖିବା ସାଧୁତ୍ୱ ନୁହେଁ; ପରସ୍ପର ଭିତରେ ଆଲୋଚନା ଚର୍ଚ୍ଚା କର, ଏଥିରେ ଚରିତ୍ର ସଂଶୋଧିତ ହେବ । ଭଲ ହେବାର ତୀବ୍ର ଇଚ୍ଛା ଥିଲେ ମନୁଷ୍ୟ ବହୁ ନୀଚରୁ ମଧ୍ୟ ଉଚ୍ଚକୁ ଉଠିପାରେ । ସାଧକମାନଙ୍କର ଜୀବନର ପରସ୍ପରର ଅଭିଜ୍ଞତା ପରସ୍ପରକୁ ଖୁବ୍ ସାହାଯ୍ୟ କରେ ।

ସାଧନ-ଭଜନରେ କାହାର କେତେ ଦୂର ଅଧିକାର, ତାହା ମୋତେ ଅଜଣା ନାହିଁ । ମୁଁ ଯେଉଁ ସାମାନ୍ୟ ଜପ ଧ୍ୟାନଟିକକ ତୁମମାନଙ୍କୁ ଦେଇଛି, ତୁମମାନଙ୍କ ଭିତରୁ ଅନେକେ ତାହା କରନ୍ତି ନାହିଁ; ଅଥଚ ମୁହଁରେ ସାଧନ-ଭଜନର ବଡ଼ ବଡ଼ କଥା କହନ୍ତି । ଧର, ମୁଁ ନିୟମ କରିଦେଇଛି ଯେ, ମଠ ଆଶ୍ରମରେ ପ୍ରତ୍ୟେକଙ୍କୁ ସକାଳ-ସନ୍ଧ୍ୟାରେ ସ୍ତୋତ୍ର-କୀର୍ତ୍ତନରେ ଯୋଗଦାନ କରିବାକୁ ହେବ । ଅନେକେ ତାହା କରନ୍ତି ନାହିଁ । ଏତକ ନ କଲେ ଶକ୍ତିର ସ୍ଫୁରଣ ହେବ ବା କିପରି ? ଗୁରୁନିର୍ଦ୍ଦିଷ୍ଟ ପନ୍ଥାରେ ନଚଳି ସ୍ୱେଚ୍ଛାଚାରିତା କରି କେହି କୌଣସି ଦିନ ସତ୍ୟ ଲାଭ କରିଛନ୍ତି କି ? ସହଜ ସରଳ ଅନାଡ଼ମ୍ବର ସାଧନାରେ ଯେଉଁମାନଙ୍କର ନିଷ୍ଠା ନାହିଁ, ସେମାନେ ବଡ଼ ବଡ଼ ସାଧନ

କରିବାକୁ କେଉଁ ସାହସରେ ବାହାରନ୍ତି ! ବହୁତ ପୁସ୍ତକ ପାଠକରି କେତେଗୁଡ଼ିଏ ଆଧ୍ୟାତ୍ମିକ ପରିଭାଷାର ଜ୍ଞାନହେଲେ ହେଲାନାହିଁ । ସେଗୁଡ଼ିକ ନିଜ ଜୀବନରେ ଫୁଟାଇବାକୁ ହେବ । ନିଜେ ଯଦି ନିଜର ଚିକିତ୍ସା କର, ତେବେ ଆଉ ପୃଥକ୍ ଗୁରୁଙ୍କର ପ୍ରୟୋଜନ କେଉଁଠାରେ ? ନିଜର ଅଭାବ କଅଣ, ଦୈନ୍ୟ କଅଣ, ସେସବୁ ଶ୍ରୀଗୁରୁଦେବଙ୍କ ନିକଟରେ ଜଣାଇଦେବାକୁ ହେବ । ଶ୍ରୀଗୁରୁଦେବ ଅବସ୍ଥା ବୁଝି ତହିଁର ବ୍ୟବସ୍ଥା କରିବେ । ତା ନହେଲେ ନିଜର ବ୍ୟବସ୍ଥା ନିଜେ କରିବାକୁ ଗଲେ ପଦେ ପଦେ ପ୍ରତାରିତ ଓ ବିଡ଼ମ୍ବିତ ହେବ । ତୁମମାନଙ୍କୁ ମୁଁ ସବୁବେଳେ କହୁଛି, ସତ୍ୟଲାଭର ଦୁଇଟି ଚିରନ୍ତନ ପନ୍ଥା— ଗୋଟିଏ କଠୋର ସନ୍ନ୍ୟାସ ଯୋଗ, ଅପରଟି ବ୍ରହ୍ମବିଦ୍ ଗୁରୁଙ୍କର ସେବା । କଠୋର ସନ୍ନ୍ୟାସ ଯୋଗର ସାଧନା ବର୍ତ୍ତମାନ ଯୁଗର ମନୁଷ୍ୟଙ୍କ ପକ୍ଷରେ କଠିନ ବୋଲି ମୁଁ ତୁମମାନଙ୍କୁ ସେବାପଥ ଦେଖାଇଦେଇଛି । ସନ୍ନ୍ୟାସର ଲକ୍ଷ୍ୟ ଯେଉଁ ବ୍ରହ୍ମଜ୍ଞାନ, କେବଳ ଗୁରୁସେବାଦ୍ୱାରା ତୁମ୍ଭମାନଙ୍କର ତାହା ଲାଭ ହେବ ।

ପ୍ରେମର ଜୟ

ଏଥିପାଇଁ କଠିନ ସାଧନ-ଭଜନର ଆଉ ପ୍ରୟୋଜନ ନାହିଁ । ତେବେ ଯଦି କହ— 'ଠାକୁର, ଆପଣ ଏତେ କୃଚ୍ଛ୍ର ସାଧନ-ଭଜନ କଲେ କାହିଁକି ?' ତା ଉତ୍ତରରେ ମୁଁ କହୁଛି, ଠାକୁର ଏତେ ସାଧନ-ଭଜନ କରିଛନ୍ତି ବୋଲି ତ ତୁମମାନଙ୍କୁ ଆଉ ପୃଥକ୍‌ଭାବରେ ସାଧନ-ଭଜନ କରିବାକୁ ହେବ ନାହିଁ । ଠାକୁରଙ୍କ ସାଧନ ଭଜନଦ୍ୱାରା ତୁମମାନଙ୍କର ସାଧନ-ଭଜନ ହୋଇଯିବ ।

ଯେ ଯାହାକୁ ସୁଖ ପାଆନ୍ତି, ଭଜନ କରନ୍ତି, ତାଙ୍କଠାରେ ତାଙ୍କର ଗୁଣରାଜି ଅଲକ୍ଷ୍ୟରେ ସଂକ୍ରମିତ ହୋଇଯାଏ । ସେହି ହିସାବରେ ତୁମେମାନେ ଯଦି ମୋତେ ସୁଖ ପାଅ, ଭଜନ କର, ତେବେ ମୋ ପ୍ରୀତିନିମିତ୍ତ କର୍ମ କରିଯାଅ । ତାହାହେଲେ ମୋର ସମସ୍ତ ଗୁଣରାଜି, ସମସ୍ତ ସାଧନ-ଭଜନର ଫଳ ତୁମମାନଙ୍କ ଭିତରେ ସଂକ୍ରମିତ ହେବ । ଏଥିପାଇଁ ମୁଁ ପୂର୍ବରୁ ତୁମମାନଙ୍କୁ କହିଆସୁଛି ଯେ, ତୁମେମାନେ ମୋର ଏପାରର କର୍ମଭାର ନିଅ, ମୁଁ ତୁମମାନଙ୍କର ପରପାରର ଭାର ନେଲି । ଏତେ ସାଧନ-ଭଜନ କରି ତୁମ ଠାକୁରଙ୍କର ଯେଉଁ ଗତି ହେବ, ବିନା ସାଧନ-ଭଜନରେ କେବଳ ତାଙ୍କ ପଦାଙ୍କ ଅନୁସରଣ କରି, କେବଳ ତାଙ୍କ ଆଦେଶ ପ୍ରତିପାଳନ କରି ତୁମମାନଙ୍କର ମଧ୍ୟ ସେହି ଗତି ହେବ । ମୋର ଏହି ଆଶ୍ୱାସବାଣୀ ଶୁଣି ମଧ୍ୟ ଯେଉଁମାନଙ୍କ ପ୍ରାଣରେ ସ୍ୱତନ୍ତ୍ର ସାଧନ ଭଜନର ପ୍ରବଳ ପିପାସା ଜାଗିଉଠିବ,

ସେମାନେ ଦୃଢ଼ ନିଷ୍ଠାସହକାରେ ସାଧନ ଭଜନରେ ଲାଗିପଡ଼ନ୍ତୁ । କିନ୍ତୁ ମୁଁ ଜାଣେ, ଅଭିମାନବଶରେ କିମ୍ବା ଉତ୍ତେଜନାର ଆବେଗରେ ସାଧନ ଭଜନରେ ପ୍ରବୃତ୍ତ ହେଲେ ଆଦୌ ଫଳ ହୁଏ ନାହିଁ । ଗୁରୁନିର୍ଦ୍ଦିଷ୍ଟ ପନ୍ଥା ଛାଡ଼ିଦେଇ, ଦମ୍ଭ-ଅହଂକାରପୂର୍ଣ୍ଣ ଚିତ୍ତରେ ସାଧନ ଭଜନ କଲେ କେହି କୌଣସି ଦିନ ସୁଫଳ ଲାଭ କରିପାରନ୍ତି ନାହିଁ । ଗୁରୁଦେବଙ୍କର ବିରୁଦ୍ଧାଚରଣ କଲେ ସମଗ୍ର ପ୍ରକୃତି ତାଙ୍କୁ ଏପରି ଭାବରେ ବାଧାଦେବ ଯେ, ତାଙ୍କ ଅଗ୍ରଗତି ଚିରକାଳପାଇଁ ରୁଦ୍ଧ ହୋଇଯିବ । ପୁଣି ଦୁର୍ଦ୍ଦମନୀୟ ପ୍ରାରବ୍ଧ କାହାକୁ କେଉଁ ଆଡ଼କୁ ଟାଣିନେବ, ତାହାର ଠିକଣା ନାହିଁ । ଆଜି ହୁଏତ ଉତ୍ତେଜନା ବା ଅଭିମାନବଶରେ ସାଧନ-ଭଜନ କରି କିଛି ଦୂର ଉଠିଗଲ; କିନ୍ତୁ ପରମୁହୂର୍ତ୍ତରେ ଏପରି ବାଧା ଓ ଏପରି ଅନ୍ତରାୟ ଆସି ଉପସ୍ଥିତ ହେବ ଯେ, ମୁହୂର୍ତ୍ତକମଧ୍ୟରେ ତୁମେ କେଉଁ ରସାତଳକୁ ଚାଲିଯିବ; ତାର ଠିକଣା ରହିବ ନାହିଁ । ଏଥିପାଇଁ ସାଧନପଥରେ ଆତ୍ମାଭିମାନ ଓ ଅହଂକାର ସାଧକଙ୍କର ପ୍ରବଳ ପରିପନ୍ଥୀ । କେବଳ ଆଧ୍ୟାତ୍ମ୍ୟଜଗତ ବୋଲି କହୁ ନାହିଁ; ବୈଷୟିକ ଜଗତ୍‌ର ମଧ୍ୟ ଆତ୍ମାଭିମାନ ପ୍ରସୂତ କାର୍ଯ୍ୟରେ ଫଳ ଅଧିକ ଦିନ ସ୍ଥାୟୀ ହୁଏ ନାହିଁ । ଟାଇଟାନିକ୍ ଜାହାଜ ନିର୍ମାଣ କରି ଇଂରେଜ ଜାତି ମନେକଲେ, ଏପରି ଜାହାଜ ଆଉ କେହି ନିର୍ମାଣ କରିପାରିବେ ନାହିଁ । ସେମାନେ ସ୍ପଷ୍ଟଭାବରେ ଘୋଷଣା କଲେ ଯେ, ଖଣ୍ଡେ ସୋଲ ବରଂ ପାଣିରେ ବୁଡ଼ିଯାଇପାରେ; କିନ୍ତୁ ଏ ଟାଇଟାନିକ୍ ଜାହାଜର ନିମଜ୍ଜନ ଅସମ୍ଭବ । ଭଗବାନ୍ ସେମାନଙ୍କର ଏ ଅହଂକାର ରଖିଲେ ନାହିଁ । ପ୍ରଥମ ଯାତ୍ରାରେ ହିଁ ସେମାନଙ୍କର ସବୁ ଅଭିମାନ ଚୂର୍ଣ୍ଣୀଭୂତ ହୋଇ ସେ ଜାହାଜଟି ଜଳମଗ୍ନ ହୋଇଗଲା । ଅଭିମାନବଶରେ ସାଧନ ଭଜନର ଦଶା ମଧ୍ୟ ଠିକ୍ ଏହିପରି ହୁଏ ।

ନିଷ୍ଠା ଓ ସହିଷ୍ଣୁତା

ଭଗାବନ କାହାଭିତରେ ରହି କି ଭାବରେ କାର୍ଯ୍ୟ କରୁଛନ୍ତି, ତାହା ବୁଝି ନ ପାରିବା ପର୍ଯ୍ୟନ୍ତ କାହା ଦୋଷର ସମାଲୋଚନା କର ନାହିଁ । ତୁମେ ସର୍ବଗୁଣରେ ଗୁଣାନ୍ୱିତ, ଆଉ ସମସ୍ତେ ଦୋଷର ଆକର— ଭ୍ରମରେ ମଧ୍ୟ ଏପରି ଅଭିମାନ ପୋଷଣ କର ନାହିଁ । କାହାପ୍ରତି ଇତର ଭାଷା ମଧ୍ୟ ପ୍ରୟୋଗ କର ନାହିଁ ।

ଆଚାର୍ଯ୍ୟ, ଶିକ୍ଷକ, ପିତା, ମାତା ପ୍ରଭୃତି ଗୁରୁଜନ ତ ଦୂରର କଥା, ସାଧାରଣଙ୍କ ନିକଟରେ ମଧ୍ୟ କେବେହେଲେ ଆପଣା ମହତ୍ତ୍ୱ ପ୍ରକାଶ କର ନାହିଁ । ନିଜ ମୁଖରେ ଆତ୍ମପ୍ରଶଂସା ଆତ୍ମହତ୍ୟାର ନାମାନ୍ତର ମାତ୍ର ।

କେତେବେଳେ କୌଣସି ବିଷୟରେ ଆତ୍ମବଡ଼ିମା ପ୍ରକାଶ କର ନାହିଁ । ସିଝାଆଳୁପରି ନରମ ହୋଇଯିବାଟା ସିଦ୍ଧପୁରୁଷଙ୍କର ଲକ୍ଷଣ । ମହତ୍ ନ ହେଲେ କେହି ନତ ହୋଇପାରନ୍ତି ନାହିଁ, ବଡ଼ ନ ହେଲେ କେହି ସ୍ୱେଚ୍ଛାରେ ଛୋଟ କାମ କରିପାରନ୍ତି ନାହିଁ । ଯେ ଯେତେ ଅଜ୍ଞାନୀ, ଅଭିମାନ ତାଙ୍କର ସେତିକି ଅଧିକ— ଏକଥା ଭୁଲିଯାଅ ନାହିଁ । ମନୁଷ୍ୟର ଯେତେପ୍ରକାର ପତନ ହୋଇପାରେ, ତା ଭିତରେ ଆପଣାକୁ ବଡ଼ ମନେ କରିବା ସର୍ବାପେକ୍ଷା ପ୍ରଧାନ; କାରଣ, ଯେ ଅବିଦ୍ୟାଗ୍ରସ୍ତ, ସେ ବୁଝିପାରନ୍ତି ନାହିଁ ଯେ ତାଙ୍କ ବାକ୍ୟ ଓ କାର୍ଯ୍ୟ ତାଙ୍କୁ କେଉଁଠାରେ ନେଇ ପହଞ୍ଚାଇ ଦେଉଛି ।

ସାଧକଙ୍କର ଅଭିମାନ ହିଁ ସର୍ବାପେକ୍ଷା ଭୟପ୍ରଦ । ଅଭିମାନକୁ ସୁରାପାନ, ପ୍ରତିଷ୍ଠାକୁ ଶୂକରୀ ବିଷ୍ଠାତୁଲ୍ୟ ମନେ କରି ବୃକ୍ଷପରି ସହିଷ୍ଣୁ ହୋଇ ସାଧନ କରିବାକୁ ହୁଏ । ମାୟା କାହାକୁ କେଉଁ ଭାବରେ ପତନ ଆଡ଼କୁ ଟାଣିନିଏ ତାହାର ରହସ୍ୟ ବୁଝିବା କଠିନ । ଭୂତ ଲାଗିଥିଲେ ମଧ୍ୟ ଭୂତଗ୍ରସ୍ତ ବ୍ୟକ୍ତି ତାହା କୌଣସି ପ୍ରକାରେ ବୁଝିପାରେ ନାହିଁ । ସୁତରାଂ ସାବଧାନରେ ଚଳ ।

ଗୁରୁନିଷ୍ଠା ଥିଲେ ଗୁରୁଦେବଙ୍କର ଶକ୍ତି ସାଧକଙ୍କୁ ସବୁପ୍ରକାର ବିପଦରୁ ରକ୍ଷା କରିବ; କିନ୍ତୁ ଶ୍ରୀଗୁରୁଦେବଙ୍କ ଉପରେ ଗୁରୁତ୍ୱ ଜନ୍ମିଲେ ଆଉ ରକ୍ଷା ନାହିଁ । ମୁଁ ଗୁରୁ ହୋଇ ବହୁ ଲୋକଙ୍କ ସମ୍ବନ୍ଧରେ ଏହାର ପ୍ରମାଣ ପାଇଛି ।

ତୁମେମାନେ ମନରେ, ପ୍ରାଣରେ କାହାକୁ ସଦ୍‌ଗୁରୁ ବୋଲି ବୁଝିପାରିଲେ, ତାଙ୍କଠାରେ ଶରଣ ନିଅ, ତାଙ୍କଠାରୁ ସାଧନ-ଭଜନ ଶିକ୍ଷା କର; କିନ୍ତୁ ସାବଧାନ ସ୍ତ୍ରୀ-ଗୁରୁଙ୍କଠାରୁ ଦୂରରେ ରହିବ । ଶାସ୍ତ୍ର, ପୁରାଣ, ଦେଶ, ବିଦେଶର ଇତିହାସରେ କେତେ ଅବତାର ମହାପୁରୁଷଙ୍କର କଥା ଅଛି; କିନ୍ତୁ ସ୍ତ୍ରୀ-ଗୁରୁଙ୍କ ସଂବାଦ କେହି ଜାଣନ୍ତି ନାହିଁ । ନିର୍ବିକଳ୍ପ ସମାଧିରୁ ବ୍ୟୁତ୍‌ଥାନ ନ ହେଲେ କେହି ସଦ୍‌ଗୁରୁ ହୋଇପାରିବେ ନାହିଁ । ମା'ମାନେ ସେବିକା ଓ ପ୍ରେମିକା ରୂପରେ ପୂଜନୀୟା । ନିର୍ବିକଳ୍ପରେ ସେମାନଙ୍କର ଅଧିକାର ନାହିଁ । ତେଣୁ ସ୍ୱୟଂ ଜଗଜ୍ଜନନୀ ନିଜେ ଗୁରୁ ନ ହୋଇ ଜଗଦ୍‌ଗୁରୁଙ୍କର ଦାସତ୍ୱ ସ୍ୱୀକାର କରି ପୂଜନୀୟା ଓ ମହନୀୟା ହୋଇଛନ୍ତି ।

ସତ୍ୟପଥରେ ଚଳ

ମୋତେ ଭାରତର ସଦ୍‌ଗୁରୁ ମାତ୍ରକେ ନିଶ୍ଚୟ ଚିହ୍ନିବେ । ତେଣୁ ମୋତେ ଛାଡ଼ି ଅନ୍ୟ ସଦ୍‌ଗୁରୁଙ୍କର ଆଶ୍ରୟ ନେଲେ ତୁମର ସାଧନର ଅହଂକାର ଚୂର୍ଣ୍ଣ-ବିଚୂର୍ଣ୍ଣ

ହୋଇଯିବ, ନିଜର ଭ୍ରମ ବୁଝିପାରିବ । ମୁଁ ଆଜି ଦମ୍ଭ କରି କହୁଛି— ଏ ଜନ୍ମରେ ମୋ କୃପା ଭିନ୍ନ ତୁମମାନଙ୍କର ଅନ୍ୟ ଗତି ନାହିଁ । କୃପା କରିବାନିମିତ୍ତ ଭଗବାନ ତୁମମାନଙ୍କର ଭାର ମୋ ଅନ୍ତରରେ ନିହିତ କରିଛନ୍ତି । ଏକଥା ଯଦି ମିଥ୍ୟା ହୁଏ, ତୁମେମାନେ ଯଦି ଅନ୍ୟର କୃପାରେ ସିଦ୍ଧିଲାଭ କରି ଫେରିଆସ, ମୁଁ ତୁମମାନଙ୍କୁ କୋଳ କରି ନାଚିବି । ଅନ୍ୟଥା ଯଦି ନିଜର ଭ୍ରମ ବୁଝିପାରି ଫେରିଆସି ମୋର ଶରଣ ନିଅ, ତାହା ହେଲେ ପୂର୍ବପରି ଆଦର ଓ ଯତ୍ନରେ ଆଶ୍ରୟ ଦେବି । ସତ୍ୟପଥରେ ଥିଲେ ମୁଁ ନିଶ୍ଚୟ ତୁମମାନଙ୍କୁ ରକ୍ଷା କରିବି ।

ତୁମେମାନେ ମୋର ସନ୍ତାନ । ପୁତ୍ର ଯଦି ହଠାତ୍ କୌଣସି ଅନ୍ୟାୟ କରିବସେ, ତେବେ ପିତା କଅଣ ତା' ପ୍ରତି ଚିରକାଳ ବିମୁଖହୋଇ ରହନ୍ତି ? ତୁମେମାନେ ଯଦି କେଉଁଦିନ କୌଣସି ଅନ୍ୟାୟ କରି ଆସି ମୋ ପାଖରେ କ୍ଷମା ଚାହଁ, ମୁଁ କଅଣ ତୁମମାନଙ୍କୁ କ୍ଷମା କରିବି ନାହିଁ ? ତୁମେମାନେ ଦୋଷ ତ ନିଶ୍ଚୟ କରିବ ! ଦୋଷ କରିବାଟା କିଛି ଦୋଷର ନୁହେଁ; ତାହା ଯେ ଜୀବର ସ୍ୱଭାବ । ପୁଣି ମୁଁ ଗୁରୁ । କ୍ଷମା କରିବା ହେଉଛି ମୋର ସ୍ୱଭାବ । ତୁମେମାନେ ଶତ ଅପରାଧରେ ଅପରାଧୀ ହେଲେ ମଧ୍ୟ ମୁଁ କେବଳ କ୍ଷମା କରୁଥିବି ।

ବର୍ତ୍ତମାନ ଦେଶର ଅବସ୍ଥା ସବୁ ପ୍ରକାରେ ଶୋଚନୀୟ । ଏ ଦୁଃସମୟରେ ସଂପୂର୍ଣ୍ଣଭାବରେ ଶ୍ରୀଭଗବାନଙ୍କଠାରେ ଆତ୍ମସମର୍ପଣ କରି ତାଙ୍କରି ନାମ ଧରି ସମୟ ଅତିବାହିତ କରିବା କର୍ତ୍ତବ୍ୟ । ସବୁପ୍ରକାର ବିପଦନିମିତ୍ତ ପ୍ରସ୍ତୁତ ରହିବା ହିଁ ବୁଦ୍ଧିମାନର କାର୍ଯ୍ୟ । ବିପଦରେ, ସମ୍ପଦରେ ଯେପରି ଲକ୍ଷ୍ୟଚ୍ୟୁତ ହୋଇ ନ ପଡ଼, ସେ ବିଷୟରେ ସତର୍କ ରହିବାକୁ ହେବ ।

ବସ୍ ! ବ୍ୟଥା ନ ହେଲେ କ୍ଷମତା ବଢ଼େ ନାହିଁ । ବିଶେଷତଃ ମୁଁ ତୁମମାନଙ୍କର ଶତ ଶତ ଗୁଣ ଦେଖିଲେ ମଧ୍ୟ କିଛି କହିବି ନାହିଁ ; କିନ୍ତୁ ସାମାନ୍ୟ ଗୋଟିଏ ଦୋଷ ଦେଖିଲେ ତାହା ଦୃଢ଼ କରି ଧରି ବସିବି । ମୋ ସ୍ନେହରେ ତୁମମାନଙ୍କର ହୃଦୟ ଜଳିପୋଡ଼ି ନ ଗଲେ ପବିତ୍ର ପ୍ରେମର ସ୍ୱରୂପ ବୁଝିପାରିବ କିପରି ? ଭଗବାନ୍ ନ୍ୟାୟବାନ ନ ହୋଇ କେବଳ ଦୟାବାନ୍ ହୋଇଥିଲେ ଜୀବର ସ୍ୱେଚ୍ଛାଚାରିତ ହେତୁ ଅଧଃପତନ ହୁଅନ୍ତା ।

ବର୍ଷଶେଷରେ ଆଶୀର୍ବାଦ

ତୁମମାନଙ୍କୁ ଆଜି ପ୍ରକୃତ ଧାର୍ମିକ ହେବାକୁ ପଡ଼ିବ– କେବଳ ବାକ୍ୟାଡ଼ମ୍ବରଦ୍ୱାରା ପ୍ରଚାର କରି ନୁହେଁ କିମ୍ବା ଧର୍ମ ଧର୍ମ ବୋଲି ଚିତ୍କାର କରି ନୁହେଁ । ଧର୍ମକୁ ଦେହ ଦେଇ, ମନ ଦେଇ, ପ୍ରାଣ ଦେଇ ପ୍ରତ୍ୟକ୍ଷ କରିବାକୁ ହେବ; ତାହା ହେଲେ ଯାଇ ପ୍ରକୃତ ଧର୍ମଧର ହୋଇପାରିବ । ଦେଶରେ ଆଜି ଏହି ପ୍ରକାରର ଦଳେ ଧର୍ମବିଶ୍ୱାସୀ ଧର୍ମଧରଙ୍କର ପ୍ରୟୋଜନ ହୋଇପଡ଼ିଛି । ବର୍ତ୍ତମାନ ଧର୍ମ କେବଳ ବାଚନିକ ପରିଭାଷାରେ ରୂପାନ୍ତରିତ ହୋଇଯାଇଛି ।

ତୁମମାନଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିବେ, ସେମାନଙ୍କୁ ମଧ୍ୟ ବିନା ବାକ୍ୟବ୍ୟୟରେ ଧର୍ମଭାବରେ ଅନୁପ୍ରାଣିତ କରିପକାଇବାକୁ ହେବ । କେବଳ ଧର୍ମଧର ପୁରୁଷଙ୍କର ଅଭାବ; ନଚେତ୍ ଭାରତର ଆକାଶରେ, ବାୟୁରେ, ସ୍ଥୂଳରେ, ସୂକ୍ଷ୍ମରେ ସବୁଆଡ଼େ ଧର୍ମର ସଜୀବ ପ୍ରେରଣା ବିଦ୍ୟମାନ ଅଛି–

ଭାଗବତସତ୍ତା ଲାଭ

କଥା ଛାଡ଼ିଦେଇ, ଉତ୍ତେଜନା ପରିହାର କରି ତୁମମାନଙ୍କୁ ଆଜି ତପନିରତ ହେବାକୁ ପଡ଼ିବ । ଧର୍ମକୁ ପ୍ରତ୍ୟକ୍ଷ ଉପଲବ୍ଧି କରିବା ପଥରେ ଦେହର, ମନର ଯେଉଁସବୁ ଜଞ୍ଜାଳ ରହିଛି, ତପସ୍ୟା-ଅଗ୍ନିରେ ସେହି ଜଞ୍ଜାଳଗୁଡ଼ିକୁ ଭସ୍ମୀଭୂତ କରିବାକୁ ହେବ । ଏଥିପାଇଁ ଅନିର୍ବାଣ ତପସ୍ୟାର ଅଗ୍ନି ଆବଶ୍ୟକ । ସେଥିରେ ମନ ବୁଦ୍ଧି ପୋଡ଼ି ଜଳି ଭସ୍ମ ହୋଇ ପୁଣି ନୂତନ ରୂପ ଧାରଣ କରିବ । କେବଳ ମନଦ୍ୱାରା ନୁହେଁ, ବୁଦ୍ଧିଦ୍ୱାରା ନୁହେଁ, ଦେହଦ୍ୱାରା ହିଁ ଧର୍ମକୁ ପ୍ରତ୍ୟକ୍ଷ କରିବାକୁ ହେବ । ସେହି ଦେହ ସ୍ଥୂଳଦେହ ନୁହେଁ, ତପସ୍ୟା-ତାପରେ ଯେଉଁ ଭଗବତ ଦେହ ମିଳେ, ସେହି ଦିବ୍ୟ ଦେହଦ୍ୱାରା ଧର୍ମକୁ ପ୍ରତ୍ୟକ୍ଷ କରିବାକୁ ପଡ଼ିବ ।

ଦେଶରେ ଆଜି ଏ ଦୁର୍ଗତି କାହିଁକି ? ଧର୍ମବିଶ୍ୱାସର ମୂଳ ଶିଥିଳ ହୋଇଯାଇଛି ବୋଲି ସମାଜରେ, ଦେଶରେ ଆଜି ଆଉ ପୂର୍ବପରି ଧର୍ମଧର ପୁରୁଷ ନାହାନ୍ତି; ବର୍ତ୍ତମାନ ଧର୍ମକୁ ଜୀବନ ଦେଇ ପ୍ରତ୍ୟକ୍ଷ କରିଥିବା ମାନବର ଏକାନ୍ତ ଅଭାବ ।

ଅଧିକ ଭାବ, ଅଧିକ ଆଲୋଚନାର ମଧ୍ୟ ପ୍ରୟୋଜନ ନାହିଁ । ଗୋଟିଏ ଦୁଇଟି ଭାବକୁ ଅବଲମ୍ବନ କରି ସେହିଭାବରେ ଜୀବନ ଗଠନ କରିଯାଅ । ମୁଁ ଅନେକଙ୍କୁ ଅନେକ ଉପଦେଶ ଦେଇଛି; କିନ୍ତୁ ସେହି ଉପଦେଶ ପ୍ରତିପାଳନର ବଜ୍ରଦୃଢ଼ ଇଚ୍ଛା ଏବଂ ବିଶ୍ୱାସ କାହାରି ଭିତରେ ଜାଗ୍ରତ ହୋଇନାହିଁ । ଏଥିପାଇଁ ଆଜି ତୁମମାନଙ୍କ ଜୀବନରେ ବ୍ୟର୍ଥତାର ହାହାକାର ଧ୍ୱନି ଉଠୁଛି । ମୁଁ ମୂଳରୁ କହିଆସୁଛି, ଜୀବନଗଠନ ପକ୍ଷରେ ବିଶ୍ୱାସ ହିଁ ଏକମାତ୍ର ଅବ୍ୟର୍ଥ ଉପାଦାନ । ଗୁରୁ କର୍ଣ୍ଣରେ ମହାବାକ୍ୟ ଶୁଣାଇଦେଲେ; କିନ୍ତୁ ସେହି ମହାବାକ୍ୟ ଯଦି ଜୀବନରେ ପ୍ରତ୍ୟକ୍ଷ ହୋଇ ନ ଉଠିଲା, ତେବେ କ'ଣ ସେହି ମହାବାକ୍ୟର ମର୍ମ ତୁମେମାନେ ଅବଗତ ହୋଇପାରିବ ?

ବିନା ବିଚାରରେ, ବିନା ଯୁକ୍ତିରେ ଡେଇଁପଡ଼ିବାକୁ ହେବ; ସମଗ୍ର ମନପ୍ରାଣ ଢାଳିଦେବାକୁ ପଡ଼ିବ । ଯାହାକୁ ଧରିବ, ଦୃଢ଼ ପରାକ୍ରମ ସହକାରେ ତାହାର ସମାଧାନ କରିବ । ଶିଥିଳ ବା ଅଳସଭାବରେ ସଂପାଦିତ ଶ୍ରାମଣ୍ୟ ଧର୍ମ କେବଳ ଅନିଷ୍ଟକୁ ଆକର୍ଷଣ କରିଥାଏ । ତୁମାନଙ୍କ ମଧ୍ୟରେ ଯେପରି ଶୈଥିଲ୍ୟର ଭାବ ପ୍ରଶୟ ନ ପାଏ ।

ପ୍ରତ୍ୟକ୍ଷ ଉପଲବ୍ଧି

ଧର୍ମ କେବଳ ମୁହଁର କଥା ନୁହେଁ, ତାହା ଅନୁଭୂତିର ବିଷୟ । ଏଥିପାଇଁ 'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।' ଭାରତରେ ଏହି ଧର୍ମାନୁଭୂତିର ହିଁ ଅଭାବ ହୋଇପଡ଼ିଛି । ଯେଉଁମାନେ ଧାର୍ମିକ ବୋଲି, ପଣ୍ଡିତ ବୋଲି, ଧର୍ମଧର ବୋଲି ନିଜକୁ ପରିଚୟ ଦିଅନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହିଁ ଧର୍ମକୁ ଜୀବନ୍ତବିଗ୍ରହ ରୂପରେ ନିଜ ଅନ୍ତରର ଅନ୍ତରତମ ପ୍ରଦେଶରେ ଉପଲବ୍ଧି କରିପାରନ୍ତି ନାହିଁ । ଉପଲବ୍ଧି ବିନା ପ୍ରାଣରେ ବଳ ଆସେ ନାହିଁ । ଯେଉଁମାନେ ମୁହଁରେ ଧାର୍ମିକ, ସେମାନଙ୍କର କ'ଣ ସେହି ପ୍ରାଣର ବଳ, ସେହି ବଜ୍ରଦୃଢ଼ ବିଶ୍ୱାସ ଅଛି ?

ଧର୍ମ ତୁମମାନଙ୍କର ପ୍ରତ୍ୟକ୍ଷ ଉପଲବ୍ଧିରେ ବିଦ୍ୟମାନ । ଉପଲବ୍ଧି ନ ପାଇବାପର୍ଯ୍ୟନ୍ତ ସବୁଆଡ଼େ ସବୁ ଉଦ୍ୟମକୁ, ସବୁ ଚେଷ୍ଟାକୁ ନିୟୋଜିତ କର । ଆଧାର ଶୁଦ୍ଧ ହେଲେ ଦେହଦ୍ୱାରା ମଧ୍ୟ ଧର୍ମର ସାକ୍ଷାତ୍କାର ଲାଭ ହୁଏ । ଦେହ ସେତେବେଳେ ଆଉ ଜଡ଼ଦେହ ହୋଇ ନ ଥାଏ, ତାହାର ପ୍ରତି ଅଣୁ-ପରମାଣୁ ସାତ୍ତ୍ୱିକ ଭାବରେ ରୂପାନ୍ତରିତ ହୋଇଯାଏ ।

ଅନେକ ତପସ୍ୟା ପରେ ଉପଲବ୍ଧି ଆସେ । ଦେହର ଓ ମନର ବିନ୍ଦୁ ମାତ୍ର ମାଳିନ୍ୟ ବିଦ୍ୟମାନ ଥିବାପର୍ଯ୍ୟନ୍ତ ସେହି ଜୀବନ୍ତ ଅନୁଭୂତିର ପରଶ ପାଇବା

ଅସମ୍ଭବ । ମୁଁ ଚାହେଁ, ଦେହଦ୍ୱାରା, ମନଦ୍ୱାରା, ପ୍ରାଣଦ୍ୱାରା ତୁମେମାନେ ଯେ ପ୍ରକୃତ ଧର୍ମଧର, ତାହାର ପରିଚୟ ଦିଅ । କିଏ ଅଧିକ ଶାସ୍ତ୍ରତତ୍ତ୍ୱ ଅଧିଗତ କରିଛି, ସେ ଆଡ଼କୁ ମୋର ଲକ୍ଷ୍ୟ ନାହିଁ । ଯେଉଁମାନେ ଶାସ୍ତ୍ରତତ୍ତ୍ୱକୁ ଜୀବନରେ ପ୍ରତିଫଳିତ କରିପାରିଛନ୍ତି, ସେହିମାନେ ମୋର ପରମ ପ୍ରିୟ । ଏଥିପାଇଁ ଯେ ଲେଖାପଢ଼ା ଜାଣନ୍ତି ନାହିଁ, ଅଥଚ ମୋର ଗୋଟିଏ ବାକ୍ୟକୁ ବେଦବାକ୍ୟ ବୋଲି ଶ୍ରଦ୍ଧା କରି ଜୀବନରେ ସେହି ବାକ୍ୟକୁ ସଫଳ କରିବାପାଇଁ ଚେଷ୍ଟା କରୁଛନ୍ତି, ତାଙ୍କୁ ମୁଁ ମୋର ଅନ୍ତରଙ୍ଗ ଲୋକ ବୋଲି ଜାଣେ ।

ବିପଦରେ ସମ୍ପଦରେ ଭଗବାନଙ୍କର ମଙ୍ଗଳ ଇଚ୍ଛା ବୁଝି ଯେପ୍ରି ଅବନତ ମସ୍ତକରେ ତାଙ୍କର ଦାନ ଗ୍ରହଣ କରିପାର ଏବଂ ଧୈର୍ଯ୍ୟ ଓ ସହିଷ୍ଣୁତା ସହକାରେ ଜୀବନର ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାର, ସେହିପରି ଭାବରେ ଜୀବନ ଗଠନ କରିବାକୁ ଚେଷ୍ଟା କର । ଆଶୀର୍ବାଦ କରୁଛି ଶୁଭବୁଦ୍ଧିର ଉଦୟ ହୋଇ ତୁମର ନିଷ୍ଠା ଦୃଢ଼ ହେଉ । ତୁମେ ସମ୍ପଦରେ, ବିପଦରେ ଶାନ୍ତି ଓ ସାନ୍ତ୍ୱନା ଲାଭ କର । ବିଶ୍ୱାସ ଥିଲେ ମନେମନେ ପ୍ରାର୍ଥନା କଲେ ଅତି ସହଜରେ ତାହା ସଫଳ ହେବ ।

ଗୋଟିଏ ମାତ୍ର ଭାବ ଅବଲମ୍ବନ କର

ଫାଙ୍କିଦେଇ ଆଉ ସବୁ ଚଳିଯାଇପାରେ; କିନ୍ତୁ ଧର୍ମଲାଭ ସାଧନାରେ ଟିକିଏ ହେଲେ ଫାଙ୍କି ଦେଲେ ଚଳିବ ନାହିଁ । ଆଜିକାଲି ସମସ୍ତେ ଚାହାନ୍ତି, ଅଳ୍ପ ଆୟାସରେ ନିଗୂଢ଼ ଧର୍ମତତ୍ତ୍ୱମାନ ଅଧିଗତ କରିବାକୁ । ଏହା କଅଣ କେବେ ସମ୍ଭବପର ? ଦୀର୍ଘ ସାଧନା ପ୍ରତି ସ୍ୱାଭାବିକଭାବରେ ଗୋଟିଏ ଅଧୈର୍ଯ୍ୟ ଅସହିଷ୍ଣୁତାର ଭାବ ବର୍ତ୍ତମାନ ଆସିଯାଉଛି । ମୋ ଆଦେଶବାଣୀକୁ ମଧ୍ୟ ବିନା ବିଚାରରେ, ଶ୍ରଦ୍ଧାସହକାରେ ମାନି ଚଳିବାର ଧୈର୍ଯ୍ୟ କାହାର ଦେଖାଯାଉ ନାହିଁ । କେବଳ କଥାରେ କଅଣ ଧର୍ମ ଲାଭ ହୋଇପାରିବ ?

ଉପଦେଶ ଦେଇ ଦେଇ ମୁଁ ବିବ୍ରତ ହୋଇଗଲିଣି । ଆଉ ଉପଦେଶ ଦେବାକୁ ସୁଖ ଲାଗୁ ନାହିଁ । ବର୍ତ୍ତମାନ ମୁଁ ଚାହୁଁଛି, ତୁମ ଭିତରୁ ଜଣେ ଦୁଇଜଣ ମୋ ବାକ୍ୟକୁ ମହାବାକ୍ୟପରି ଶ୍ରଦ୍ଧାକରି ପ୍ରକୃତ ଧର୍ମଧରର ପରିଚୟ ଦିଅ । ବେଶୀ ନୁହେଁ, ଗୋଟିଏ ଦୁଇଟି ଭାବକୁ ଅବଲମ୍ବନ କରି ସମଗ୍ର ଦେହ-ମନ-ପ୍ରାଣ ଲଗାଇ ତାକୁ ହୃଦୟରେ ଧରି ରଖ । ଦେଖିବ, ଧର୍ମ ସେତେବେଳେ ତୁମ ଭିତରେ କେତେ ବଡ଼ ବିଦ୍ୟୁତ୍ ତରଙ୍ଗର ସୃଷ୍ଟି କରିବ । ତୁମେମାନେ ଧର୍ମଧର ହୁଅ, ଅପ୍ରମାଦୀ ହୁଅ— ବର୍ଷଶେଷରେ ଏହା ହିଁ ମୋର ଆଶୀର୍ବାଦ ।

ଅନ୍ତିମ ଉପଦେଶ

ମୋର ପ୍ରାଣପ୍ରିୟ ସନ୍ତାନଗଣ ! ଏ କେତେ ଦିନ ତୁମମାନଙ୍କ ସହିତ ଆନନ୍ଦରେ କଟାଇ ପୁଣି ତୁମମାନଙ୍କୁ ଛାଡ଼ିଯାଉଛି । ମୁଁ ଦୂରକୁ ଗଲେ ସ୍ଥୂଳଭାବରେ ଅବଶ୍ୟ ତୁମେମାନେ ମୋତେ ଦେଖିପାରିବ ନାହିଁ; କିନ୍ତୁ ତୁମମାନଙ୍କ ସ୍ମୃତିରେ ମୁଁ ସର୍ବଦା ଉଜ୍ଜ୍ୱଳ ହୋଇ ରହିଥିବି । ସ୍ମୃତି ସାହାଯ୍ୟରେ ମୋର ଚିନ୍ତା କର— ଦେଖିବ, ପ୍ରାଣରେ ଅସୀମ ଆନନ୍ଦ ଲାଭ କରିବ; ଠାକୁରଙ୍କ ଭାବରେ ହୃଦୟ ପୂର୍ଣ୍ଣ ହୋଇଯିବ । ଗୃହୀ, ସନ୍ନ୍ୟାସୀ ସମସ୍ତେ ଏଠାରେ ଏକତ୍ରିତ ହୋଇଛ । ସମସ୍ତଙ୍କୁ ଲକ୍ଷ୍ୟ କରି ଆଜି ପ୍ରାଣର କେତେଗୋଟି କଥା ମୁଁ କହିଯାଉଛି । କେବେ ଯଦି କୌଣସି ଦୁଃସମୟ ଉପସ୍ଥିତ ହୁଏ, ମୋ କଥାଗୁଡ଼ିକ ଟିକିଏ ଚିନ୍ତା କରି ଦେଖିବ ।

ଶାନ୍ତି ଓ ଆନନ୍ଦ ମୂଳ କାମନା

ନିର୍ବିକଳ୍ପ ସମାଧି ଲାଭ କଲାପରେ ମୋ ଭିତରେ ଏପରି ଗୋଟିଏ ପ୍ରଶାନ୍ତିଭାବ ଜାଗିଲା ଯେ ସେତେବେଳେ ଜଗତ୍‌ର କୋଳାହଳ ଭିତରକୁ ଆସିବାକୁ ଆଦୌ ଇଚ୍ଛା ହେଉ ନ ଥାଏ । ବଣ-ଜଙ୍ଗଲରେ, ଜନ-ମାନବ-ସମ୍ପର୍କଶୂନ୍ୟ ସ୍ଥାନରେ ଜୀବନର ଅବଶିଷ୍ଟ ଦିନ କେତୋଟି କଟାଇଦେବାକୁ ମନରେ ପ୍ରବଳ ଭାବନା ଖେଳୁଥାଏ; କିନ୍ତୁ ଜଗଦ୍‌ଗୁରୁଙ୍କ ଅଭିପ୍ରାୟ ଅନ୍ୟ ପ୍ରକାର । ତେଣୁ ଲୋକହିତନିମିତ୍ତ ସେ ମୋତେ ଜନସମାଜକୁ ପଠାଇଦେଲେ । ଏହି କାରଣରୁ ହିଁ ତୁମମାନଙ୍କୁ ଧରି ମୁଁ ଜଡ଼ିତ ହୋଇରହିଛି ।

ତୁମେମାନେ କେହିହେଲେ କାମନାଶୂନ୍ୟ ହୋଇ ଠାକୁରଙ୍କ ନିକଟକୁ ଆସିନାହଁ । ପ୍ରତ୍ୟେକଙ୍କ ଅନ୍ତରରେ କୌଣସି ନା କୌଣସି କାମନା ନିଶ୍ଚୟ ଅଛି । ଠାକୁରଙ୍କ ଆଶ୍ରୟ ନେଲେ, ସେ କାମନା ସିଦ୍ଧ ହେବ ବୋଲି ତୁମେମାନେ ମୋର ଆଶ୍ରୟ ନେଇଛ । କାମନା ଅନେକ ପ୍ରକାରର ଅଛି, ଆଉ ସେ ବିଷୟରେ ଆଲୋଚନାର କୌଣସି ପ୍ରୟୋଜନ ନାହିଁ । ସାର୍ବଭୌମଭାବରେ ସମସ୍ତଙ୍କର ମୂଳ କାମନା ହେଉଛି ଶାନ୍ତି ଓ ଆନନ୍ଦ ଲାଭ । ଶାନ୍ତି ଓ ଆନନ୍ଦ ପାଇବାପାଇଁ ତୁମେ ପ୍ରତ୍ୟେକେ ଇଚ୍ଛା କରୁଛ । ଏହି ଦୁଇଟି ବସ୍ତୁ ପାଇବାପାଇଁ ତୁମେମାନେ ସଦ୍‌ଗୁରୁଙ୍କର ଆଶ୍ରୟ ନେଇଛ ।

ତୁମେମାନେ ଶାନ୍ତି ଓ ଆନନ୍ଦଲାଭର ପଥ ଜାଣିନାହଁ ବୋଲି ତ ମୋର ଆଶ୍ରୟ ନେଇଛ । ମୁଁ ପଥର ସନ୍ଧାନ ଜାଣେ ବୋଲି ତ ତୁମେମାନେ ମୋର ଶରଣାଗତ । ସତ୍ୟପଥର ସନ୍ଧାନ ମୁଁ ଜାଣେ ବୋଲି ବିଶ୍ୱାସ ନ ଥିଲେ ତୁମେ କେହିହେଲେ ମୋ ନିକଟକୁ ଆସି ନଥାନ୍ତ । ମୁଁ ଯେଉଁ ପଥରେ ସନାତନ ସତ୍ୟ ଉପଲବ୍ଧି କରିଛି, ସେ ପଥ ଅତି କଠିନ ଏବଂ ଦୁରୂହ । ଏହି କାରଣରୁ ତୁମମାନଙ୍କୁ ଗୋଟିଏ ନୂତନ ପଥ ବତାଇଦେଇଛି । ତୁମମାନଙ୍କ ଚିତ୍ତ ଏକାଗ୍ର କିମ୍ବା ନିରୁଦ୍ଧ ଅବସ୍ଥା ଲାଭ କରିନାହିଁ । ସୁତରାଂ ମୋ ନିର୍ଦ୍ଦିଷ୍ଟ ପଥରେ ହିଁ ନିର୍ବିଚାରରେ ଚାଲିବା ଉଚିତ । ଦେଖିବ, ସେଥିରେ ହିଁ ତୁମମାନଙ୍କ ଜୀବନର ଅଭୀଷ୍ଟ ସିଦ୍ଧ ହେବ ।

କର୍ମପଥ

କିଏ କେତେଦୂର ଧ୍ୟାନ-ଧାରଣାର ଅଧିକାରୀ, ଏକଥା ମୋତେ ଅଜଣା ନୁହେଁ । ତୁମେମାନେ ଦୁର୍ବଳ, ତୁମମାନଙ୍କ ଶକ୍ତି ମଧ୍ୟ ଖୁବ୍ ଊଣା । ସେଥିପାଇଁ ମୁଁ ତୁମମାନଙ୍କୁ ଧ୍ୟାନ-ଧାରଣା ସାହାଯ୍ୟରେ ଇଷ୍ଟ, ଗୁରୁ ବା ଭଗବାନଙ୍କ ସଂଗେ ଯୋଗସୂତ୍ର ଅକ୍ଷୁଣ୍ଣ ରଖିବାର ପଥ ଅନ୍ୟପ୍ରକାରରେ ବତାଇଦେଇଛି । ଠାକୁରଙ୍କ କର୍ମରେ ମଧ୍ୟ ଠାକୁରଙ୍କ ସ୍ମୃତି ଉଦ୍‌ବୁଦ୍ଧ ହୁଏ । ଗୀତାରେ ଅଛି, ''ମତ୍‌କର୍ମ ପରମୋଭବ ।'' ମୁଁ ତୁମମାନଙ୍କୁ ଏକାନ୍ତ ଧ୍ୟାନପଥ ନ ଦେଖାଇ ମୋର ଅଭିଲକ୍ଷିତ କର୍ମପଥ ହିଁ ଦେଖାଇଦେଇଛି । ଠାକୁରଙ୍କ ଆଦେଶପାଳନ କରିବାକୁ ଗଲେ ଠାକୁରଙ୍କ କଥା ହିଁ ମନେପଡ଼ିବ । ଏହା ମଧ୍ୟ ଏକପ୍ରକାର ଧ୍ୟାନ । ମୋର ଆଦିଷ୍ଟ କର୍ମପଥରେ ଚଳିଲେ ତୁମମାନଙ୍କର ଧ୍ୟାନ ଆପେ ଆପେ ହୋଇଯିବ । ମୁଁ ତୁମମାନଙ୍କୁ ଯେତେ ଯେତେ ଆଦେଶ ଦେଇଛି, ତାହା କେବଳ ଠାକୁରଙ୍କୁ ସ୍ମରଣ-ମନନ କରିବାନିମିତ୍ତ ।

ତୁମେମାନେ ଯଦି ପ୍ରକୃତରେ ମୋତେ ସୁଖ ପାଅ, ତାହାହେଲେ ମୋର ସ୍ମୃତି ଅକ୍ଷୁଣ୍ଣ ରଖିବାକୁ ନିଶ୍ଚୟ ତୁମମାନଙ୍କର ଆପ୍ରାଣ ଚେଷ୍ଟା ହେବ । ମୋର ଆଦେଶ-ଉପଦେଶଗୁଡ଼ିକୁ ବୋଝ ମନେ ନ କରି ସେଗୁଡ଼ିକ ତୁମମାନଙ୍କର ଆତ୍ମକଲ୍ୟାଣର ସହାୟକ ବୋଲି ଭାବିବ । ଏହି ଧାରଣା ପୋଷଣ କରି ଚଳି ନ ପାରିଲେ କୌଣସି ହିତ ହେବ ନାହିଁ ।

ଅନେକ ସମୟରେ ମୋର ସୁମହାନ୍ ଇଚ୍ଛାର ତାତ୍ପର୍ଯ୍ୟ ବୁଝି ନ ପାରି ତୁମେମାନେ ସମାଲୋଚନାରେ ପ୍ରବୃତ୍ତ ହୁଅ । ମୁଁ ତୁମମାନଙ୍କର ପିତା; ତୁମେମାନେ

ମୋର ସନ୍ତାନ । ସନ୍ତାନ ଉପରେ ପିତାଙ୍କର ରାଗ ବା ଅଭିମାନ ହୁଏ ନାହିଁ । ସୁତରାଂ, ତୁମମାନଙ୍କର କଟୁ ସମାଲୋଚନା ଶୁଣି ମଧ୍ୟ ମୋର ଅନ୍ତର ବିକ୍ଷୁବ୍ଧ ହୁଏ ନାହିଁ । ମୁଁ ଅନେକ ଭାବିଚିନ୍ତି ତୁମମାନଙ୍କର ହିତ ବା ମଙ୍ଗଳର ସୂତ୍ରଗୁଡ଼ିକ ନିର୍ବାଚନ କରିଛି । ପରିଣାମରେ ଏହାର ଉପାଦେୟତା ନିଶ୍ଚୟ ବୁଝିପାରିବ । ମନଗଢ଼ା ନୂତନ ଆଦର୍ଶରେ ନ ଚଳି ମୋ ଆଦେଶ ଅନୁସାରେ ଚଳ । ତାହା ହେଲେ ତୁମମାନଙ୍କର ଯଥେଷ୍ଟ ହିତ ବା କଲ୍ୟାଣ ସାଧିତ ହେବ ।

ମୋର ଇଚ୍ଛା କଅଣ, ମୁଁ କଅଣ ଚାହେଁ, ତାହା ଚିଠିପତ୍ରଦ୍ୱାରା, ପୁସ୍ତକରେ, ବ୍ୟକ୍ତିଗତ ଉପଦେଶରେ, ସାର୍ବଭୌମ ସମ୍ମିଳନୀରେ ସବୁଠାରେ ମୁଁ ପ୍ରକାଶ କରିଛି । ଟିକିଏ ନିବିଷ୍ଟଚିତ୍ତ ହେଲାମାତ୍ରେ ତୁମେମାନେ ମୋର ମୂଳ ଇଚ୍ଛାର ସୁସ୍ପଷ୍ଟ ଇଙ୍ଗିତ ବୁଝିପାରିବ । ସନାତନଧର୍ମ ଅନୁସାରେ ଜୀବନ ଗଠନ କରିବା ଏବଂ ସନାତନ ଧର୍ମର ପ୍ରଚାର କରିବା ହିଁ ମୋର ମୂଳ ଲକ୍ଷ୍ୟ ।

ତୁମର ଲକ୍ଷ୍ୟ

ତୁମେମାନେ ମୋର ଆଶ୍ରିତ ସନ୍ତାନ; ତୁମର ମୂଳ ଲକ୍ଷ୍ୟ ମଧ୍ୟ ତାହା । ମୁଁ ଯାହା ଚାହେଁ, ତାହାକୁ ରୂପ ଦେବା ହିଁ ତୁମମାନଙ୍କ ଜୀବନର ବ୍ରତ । ମୋର ଇଚ୍ଛା ନେଇ ଦ୍ୱନ୍ଦ୍ୱର କୌଣସି କାରଣ ନାହିଁ । ତୁମମାନଙ୍କର ମଳିନ ଚିତ୍ତକୁ ନେଇ କଅଣ କରିବା ମୋର ଇଚ୍ଛା, ତୁମେମାନେ ତାହା ଆବିଷ୍କାର କରିବାକୁ ଗଲେ ହିତରେ ବିପରୀତ ହେବ । ତେଣୁ ମୁଁ ମୋ ଇଚ୍ଛାକୁ ସୁସ୍ପଷ୍ଟଭାବରେ ବ୍ୟକ୍ତ କରିଯାଉଛି ।

ଠାକୁରଙ୍କ ଆଦର୍ଶ, ଠାକୁରଙ୍କ ଭାବ ଜଗତ୍‌ରେ ପ୍ରଚାର କରିବା ତୁମମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ । ସ୍ୱୀୟ ଆଚାରପ୍ରଭାବରେ ମଧ୍ୟ ଆଦର୍ଶ ବିସ୍ତାର ଲାଭ କରେ; ପୁଣି ପ୍ରଚାର ସାହାଯ୍ୟରେ ମଧ୍ୟ ତାହା ପ୍ରସାରିତ ହୁଏ । ସୁତରାଂ, ଉଭୟ ଦିଗପ୍ରତି ଦୃଷ୍ଟି ରଖି ତୁମମାନଙ୍କୁ ଚଳିବାକୁ ହେବ । ମଠ ଆଶ୍ରମ ବିଷୟରେ କଳହ, ବିଷୟ-ସମ୍ପତ୍ତି ସମ୍ବନ୍ଧରେ ବିବାଦ କରିବାପାଇଁ ମୁଁ ତୁମମାନଙ୍କୁ କେବେହେଲେ କହୁ ନାହିଁ । ତୁମେମାନେ ଠାକୁରଙ୍କ ଭାବରେ ଅନୁପ୍ରାଣିତ ହୁଅ । ଠାକୁରଙ୍କ ଆଦର୍ଶ ପ୍ରଚାରନିମିତ୍ତ ଦୃଢ଼ଭାବରେ ପ୍ରଯତ୍ନଶୀଳ ହୁଅ । ତାହାହେଲେ ଜୀବନରେ ଶାନ୍ତି ପାଇବ ଓ ଜଗତ୍‌ରେ ମଧ୍ୟ ଶାନ୍ତି ବିତରଣ କରିପାରିବ ।

ଏତିକି ମନେ ରଖିଥିବ, ମୋ ଦୃଷ୍ଟି ନିକଟରେ ତୁମମାନଙ୍କର ଭାବନା, ଚିନ୍ତା କିଛି ନୁହେଁ । ଯେ ଯେଉଁ କାର୍ଯ୍ୟନିମିତ୍ତ ଉପଯୁକ୍ତ, ମୁଁ ତାକୁ ସେହିପରି କାର୍ଯ୍ୟ ଦେଇଛି ।

ତୁମମାନଙ୍କ ନିର୍ବାଚନରେ ଭ୍ରାନ୍ତି ଅଛି, ମୋ ନିର୍ବାଚନରେ ତାହା ନାହିଁ । ଫଳରେ **ମୋ ବ୍ୟବସ୍ଥାରେ ହସ୍ତକ୍ଷେପ କରିବାକୁ ଗଲେ ପରିଣାମରେ ତୁମକୁ ଦାରୁଣ ଅନୁଶୋଚନା କରିବାକୁ ହେବ ।** ତୁମମାନଙ୍କ ମଧ୍ୟରୁ କାହାକୁ ମୁଁ ଟ୍ରଷ୍ଟି କରିଛି, କାହାକୁ ଅଧ୍ୟକ୍ଷ କରିଛି, କାହାକୁ ପତ୍ରିକାର ସମ୍ପାଦକ କରିଛି– ମୁଁ ଯୋଗ୍ୟତା ବିଚାର କରି ଏସବୁ ବ୍ୟବସ୍ଥା କରିଛି । ଏ ବ୍ୟବସ୍ଥାରେ ହସ୍ତକ୍ଷେପ କରିବାର କୌଣସି ପ୍ରୟୋଜନ ନାହିଁ । ତୁମମାନଙ୍କର ଉପାଧି ମୁଁ ଦେଇଛି, ତୁମେ ସମସ୍ତେ ମୋର ସେବକ । ମୋର ଭାବ ପ୍ରଚାର କରିବା ତୁମମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ।

ମଠ ଆଶ୍ରମ ତିଷ୍ଠି ରହିବାକୁ ହେଲେ ଅର୍ଥର ପ୍ରୟୋଜନ ମଧ୍ୟ ଅଛି । ଯେଉଁମାନେ ଗୃହୀ, ସେମାନଙ୍କର ଆର୍ଥିକ ସାହାଯ୍ୟ ନ ପାଇଲେ ମଠଆଶ୍ରମ କିପରି ବା ତିଷ୍ଠି ରହିବ ? ସଂସାରରେ କେତେ ପ୍ରକାରରେ ତୁମେମାନେ କେତେ ଅର୍ଥ ନଷ୍ଟ କରୁଛ । ଠାକୁରଙ୍କପାଇଁ କଅଣ ସାମାନ୍ୟ କିଛି ବ୍ୟୟ କରିପାରିବ ନାହିଁ ? ମୁଁ ମୋ ପାଇଁ ତୁମଠାରୁ କିଛି ଚାହୁଁନାହିଁ । ତୁମମାନଙ୍କ କଲ୍ୟାଣ ହିଁ ମୋ ଜୀବନର ବ୍ରତ । ମୁଁ ଉପଲକ୍ଷ୍ୟ ମାତ୍ର । ସାର୍ଥକ ବ୍ୟୟ ମଧ୍ୟ ଜୀବନରେ କରିବା ଉଚିତ । ମୁଁ ବିଦ୍ୟାୟତନ ପ୍ରତିଷ୍ଠା କରିଛି; ଚିକିତ୍ସାଳୟ ସ୍ଥାପନ କରିଛି; ସବୁ କେବଳ ତୁମରି ଅର୍ଥସାହାଯ୍ୟରେ । ଥରେ ଚିନ୍ତା କରି ଦେଖ, ଏଥିରେ କାହାର କଲ୍ୟାଣ ସାଧିତ ହେଉଛି ? ତୁମମାନଙ୍କ ନିକଟରୁ ଅର୍ଥ ସଂଗ୍ରହ କରି ତୁମମାନଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ମୁଁ ତାହା ବ୍ୟୟ କରୁଛି । ଏଥିରେ ମୋର ସ୍ୱାର୍ଥ କିଛି ନାହିଁ ।

ଜୀବନରେ ମୂଳଲକ୍ଷ୍ୟ ଭୁଲିଯାଅ ନାହିଁ । ଠାକୁରଙ୍କ ଭାବରେ ଅନୁପ୍ରାଣିତ ହୋଇ ଠାକୁରଙ୍କ ଆଦର୍ଶ, ଠାକୁରଙ୍କ ଉଦ୍ଦେଶ୍ୟ ପ୍ରଚାର ହିଁ ତୁମମାନଙ୍କ ଜୀବନର ବ୍ରତ ଓ ସାଧନା । ସଦ୍‌ଗୁରୁଙ୍କର ସନ୍ତାନ ବୋଲି ପରିଚୟ ଦେବାପାଇଁ ଯେଉଁ ଗୁଣ ଅର୍ଜନ କରିବା ପ୍ରୟୋଜନ, ସେହି ଗୁଣ ଅର୍ଜନ କରିବା ପାଇଁ ଶକ୍ତି ନିୟୋଗ କର । ଅନ୍ୟ କୌଣସି ଦିଗକୁ ଯେପରି ତୁମର ଅଭିଳାଷ ନ ଯାଏ । କେଉଁ ପଥରେ ଗଲେ ତୁମେମାନେ ଶ୍ରେୟଃ ଲାଭ କରିପାରିବ, ନିର୍ବିକଳ୍ପ ଭୂମିରେ ଜଗଦ୍‌ଗୁରୁ ମୋ ଭିତରେ ସେହି ପ୍ରେରଣା ଦେଇଛନ୍ତି । ମୁଁ ତୁମମାନଙ୍କ ପଥ ନିର୍ବାଚନ କରିଦେଇଛି । ମୋ ନିର୍ବାଚିତ ପନ୍ଥାରେ ଅଟଳ ନିଷ୍ଠା ରଖି ଚାଲ; ଦେଖିବ ପରିଣାମରେ ସେଇଥିରେ ହିଁ କଲ୍ୟାଣ ସାଧିତ ହେବ । ନିଜ ମନର ଉଦ୍‌ଭାବିତ ପନ୍ଥା ଉପରେ ବିଶ୍ୱାସ କରି ଚଳ ନାହିଁ । ମୋ ଚିନ୍ତା ଅପେକ୍ଷା ତୁମ ଚିନ୍ତା ଅଧିକ ମଙ୍ଗଳପ୍ରସୂ ନୁହେଁ । ତୁମମାନଙ୍କ ଠାକୁର ସତ୍ୟ

ଲାଭ କରି ସତ୍ୟ ବାଣୀ ବିତରଣ କରିଯାଉଛନ୍ତି । ଠାକୁରଙ୍କ କଥାରେ ଭୁଲ ବାଛିବାକୁ ଯାଅ ନାହିଁ, ତହିଁରେ ନିଜର ଅଶେଷ ଅନିଷ୍ଟ ହେବ ।

ସତ୍ୟଦୃଷ୍ଟିରେ ପଥ ନିର୍ବାଚନ

ଯଥାର୍ଥ କଲ୍ୟାଣକର ପଥ ସମସ୍ତେ ଆବିଷ୍କାର କରିପାରନ୍ତି ନାହିଁ । ଅଭିଜ୍ଞତା ଉପରେ ମଧ୍ୟ ଆଉ ଗୋଟିଏ ବିଷୟ ଅଛି, ତାହା ହେଉଛି ସତ୍ୟଦୃଷ୍ଟି । ଋଷିମାନଙ୍କର ତାହା ହିଁ ଥିଲା । ସଦ୍‌ଗୁରୁଙ୍କ ଭିତରେ ସେହି ଦିବ୍ୟ ଦୃଷ୍ଟି ହିଁ ଫୁଟିଉଠେ । ମୋ କଥା ଅଭିଜ୍ଞତାର କଥା ନୁହେଁ । ଆମ୍ଭେମାନେ ଯାହା କହୁଁ, ନିର୍ବିକଳ୍ପ ଭୂମିରେ ତତ୍ତ୍ୱହିସାବରେ ତାହା ପ୍ରତ୍ୟକ୍ଷ କରି କହିଥାଉଁ । ରୁଚିକର କଥା ବା ରୁଚିକର ଭାବ ଅନେକ ସମୟରେ କଲ୍ୟାଣପ୍ରସୂ ହୁଏନାହିଁ । ସାମୟିକ ଭାବରେ ହୁଏତ ଅନେକଙ୍କର କଥା ତୁମମାନଙ୍କୁ ଭଲ ଲାଗିପାରେ; କିନ୍ତୁ ଏତିକି ମନେରଖ, ଚରମ କଲ୍ୟାଣର ପଥ ମୁଁ ଯାହା କହିଯାଉଛି, ତାହା ହିଁ ତୁମମାନଙ୍କପକ୍ଷରେ ବରଣୀୟ ହେବ ।

ମୋର ଭାବ, ମୋର ଆଦର୍ଶ ମଧ୍ୟେ ମଧ୍ୟେ ନିବିଷ୍ଟ ଚିତ୍ତରେ ଚିନ୍ତା କର । ଠାକୁର ଏସବୁ କାହିଁକି କଲେ, ତାହା ବୁଝିବାକୁ ଚେଷ୍ଟା କର । ତାହା ହେଲେ ଭିତରେ ଚିନ୍ତାଶୀଳତା ଜାତ ହେବ । ଠାକୁରଙ୍କ ଦୂରଦୃଷ୍ଟି ଓ ମାହାତ୍ମ୍ୟ ହୃଦୟଙ୍ଗମ କରିପାରିବ । ସନ୍ନ୍ୟାସୀ ଓ ଗୃହୀମାନଙ୍କୁ ମୁଁ ଯେଉଁସବୁ ଉପଦେଶ ଦେଇଯାଉଛି, ସେଥିରେ ବ୍ୟକ୍ତିଗତ ଭାବରେ କେବଳ ସେମାନଙ୍କର ଉପକାର ହେବ ନାହିଁ, ସେଥିରେ ସମାଜ ଓ ଦେଶର ମଧ୍ୟ କଲ୍ୟାଣ ସାଧିତ ହେବ । ଧର ମୁଁ ଯେଉଁ ସଂଘର ପ୍ରବର୍ତ୍ତନ କରିଗଲି, ସେଥିରେ ପରିବାର, ସମାଜ, କ୍ରମେ ଦେଶ ମଧ୍ୟ ଉପକୃତ ହୋଇପାରିବ । **ମୋର ଆଦର୍ଶ ପାଳନନିମିତ୍ତ ପ୍ରଥମେ କେତେ ଜଣ ନିଷ୍ଠାବାନ୍ ଆଦର୍ଶ ସେବକଙ୍କର ପ୍ରୟୋଜନ ।**

ଆତ୍ମଗଠନମୂଳକ ସାଧନା

ଦେଶର ବା ଯୁଗର ଦୁର୍ବଳତାକୁ ସୁଯୋଗରୂପେ ଗ୍ରହଣ କରି ସମୟୋପଯୋଗୀ କୌଣସି କଥା ମୁଁ କହୁ ନାହିଁ । ଯହିଁରେ ଯଥାର୍ଥ କଲ୍ୟାଣ ସାଧିତ ହେବ, ମୁଁ ତାହା ହିଁ କହୁଛି । ଦେଶରେ ଅସ୍ଥାୟୀଭାବରେ କେତେ ଆନ୍ଦୋଳନର ସୃଷ୍ଟି ହେଲା, ଆଜି ହୁଏତ ସେସବୁ ବିସ୍ମୃତିଗର୍ଭରେ; କିନ୍ତୁ ଆମେମାନେ ଯାହା କହୁ, ପରିଣାମ ଚିନ୍ତା କରି କହିଥାଉଁ । ସାଧାରଣ ଲୋକଙ୍କର ପରିଣାମ ଚିନ୍ତା କରିବାର ଶକ୍ତି ନାହିଁ ।

ଚିତ୍ତ କାମନା ବାସନାଶୂନ୍ୟ ନ ହେଲେ କଲ୍ୟାଣସୂତ୍ର ଆବିଷ୍କାର କରାଯାଇପାରେ ନାହିଁ— ଏକଥାଟି ସର୍ବଦା ମନେରଖ ।

ବାହାରର କୋଳାହଳ ଆସି ମଧ୍ୟେ ମଧ୍ୟେ ତୁମମାନଙ୍କ ଚିତ୍ତରେ ସଂଶୟ ବା ଆନ୍ଦୋଳନ ଜାତ କରିପାରେ । ତୁଳନାତ୍ମକ ବିଚାର କରି ମୋର ନିର୍ଦ୍ଦେଶ ବା ଆଦେଶ-ଉପଦେଶରେ କୌଣସି ଅଭିନବତ୍ୱ ଖୋଜି ପାଇବ ନାହିଁ । ହୁଏତ କୋଳାହଳ ଫଳରେ ନିଜ ଆଦର୍ଶ ପ୍ରତି ଅବିଶ୍ୱାସ ଜନ୍ମିପାରେ, କିନ୍ତୁ ସର୍ବଦା ଏ କଥାଟି ମନେରଖ ଯେ ତୁମମାନଙ୍କ ଆଦର୍ଶ ଜଣେ ସଦ୍‌ଗୁରୁ ନିର୍ବାଚନ କରିଦେଇଛନ୍ତି । ଧୈର୍ଯ୍ୟଧରି ଏହାର ଉପକାରିତା ଉପଲବ୍‌ଧି କରିବାକୁ ଚେଷ୍ଟା କର । ମୁଁ ଯାହା କହିଛି, ସବୁ ଆତ୍ମଗଠନମୂଳକ । ନିଜେ ମନୁଷ୍ୟ ହେଲେ ପରିବାର, ସମାଜ, ଦେଶ ସମସ୍ତଙ୍କର ଉପକାର କରିପାରିବ । ପ୍ରଥମେ ନିଜେ ମନୁଷ୍ୟ ହୁଅ । ସମସ୍ତେ ମିଶି କେବଳ ହୋ-ହୋ ପାଟିତୁଣ୍ଡ ବା ସଭାସମିତିରେ ବକ୍ତୃତା ଦେବାମାତ୍ରେ ଆତ୍ମଗଠନ ହୋଇଯିବ ନାହିଁ । ଆତ୍ମଗଠନ କାର୍ଯ୍ୟରେ ସଂଯମ ଆବଶ୍ୟକ, ନିଷ୍ଠା ଆବଶ୍ୟକ, ଅନାଡ଼ମ୍ବର ଭାବ ରହିବା ଆବଶ୍ୟକ ।

କି ସନ୍ନ୍ୟାସୀ, କି ଗୃହୀ, ମୁଁ ସମସ୍ତଙ୍କୁ 'ମତ୍‌କର୍ମ ପରମୋଭବ' ଏହିସାଧନା ଦେଇଛି । ଏ ସାଧନା ନୂତନ ନୁହେଁ । ଏହା ଗୀତାର ସାଧନା । ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କ ଉପଦେଶରେ କେବଳ ମାତ୍ର ଶ୍ରୀକୃଷ୍ଣଙ୍କ କାର୍ଯ୍ୟ କରି ଶାନ୍ତି ଏବଂ ମୁକ୍ତିର ଅଧିକାରୀ ହୋଇଥିଲେ । ଏହି ସାଧନା ସର୍ବାପେକ୍ଷା ଉତ୍କୃଷ୍ଟ ସାଧନା । ମୋ ଇଚ୍ଛାଭିତରେ ସନାତନ ଭାବ ବା ସତ୍ୟ ହିଁ ଫୁଟିଉଠିଛି । ତୁମେମାନେ ସେହି ସନାତନ ଭାବପ୍ରଚାରରେ ସହାୟକ ହୁଅ ।

ସତ୍ୟଲାଭର ଯେଉଁ ପଥ ମୁଁ ନିର୍ବାଚନ କରିଦେଇଛି, ତାହା ଅପେକ୍ଷା ଉତ୍କୃଷ୍ଟ ପଥ ଯଦି କେହି ଆବିଷ୍କାର କରିପାର, ପୃଥକ୍ ଭାବରେ ମଠ ମିଶନ ପ୍ରତିଷ୍ଠା କର; କିନ୍ତୁ ମୋ ମଠରେ ରହି, ମୋ ଆଶ୍ରମରେ ରହି, ମୋ ବିରୁଦ୍ଧରେ ଅଭିଯାନ କରିବାକୁ ଯାଅ ନାହିଁ । ଗୁରୁଦେବଙ୍କ ଉପରେ ଗୁରୁଗିରି କରିବାକୁ ଯାଇ ମୋ ସମ୍ମୁଖରେ ହିଁ କେତେଜଣଙ୍କର ପତନ ହେବା ମୁଁ ଦେଖିଛି । ତୁମେମାନେ ଯେପରି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ବିପଥରେ ପରିଚାଳିତ ନ ହୁଅ, ସେଥିପାଇଁ ବାରମ୍ବାର ସାବଧାନ କରିଦେଉଛି ।

ଆଦର୍ଶ ରକ୍ଷା କର

ଦେଶର ବଡ଼ ଦୁର୍ଦ୍ଦିନ ଆସିଛି । ବର୍ତ୍ତମାନ ହୁଏତ କେବଳ ଆଦର୍ଶର ପ୍ରଦୀପ ଜାଳି ରଖିବାକୁ କେତେ ଜଣ ନିଷ୍ଠାବାନ୍ ସାଧକଙ୍କର ପ୍ରୟୋଜନ । ପ୍ରଚାର-ସମୟ ହୁଏ ତ ଏହାପରେ ଆସିବ । ତୁମେମାନେ ନିରାଶ ହୁଅ ନାହିଁ । ଦିନେ ସନାତନ ସତ୍ୟ ପ୍ରଚାରର ଉପଯୁକ୍ତ ସମୟ ତୁମମାନଙ୍କ ସମ୍ମୁଖରେ ଉପସ୍ଥିତ ହେବ । ଏହି ସଙ୍କଟମୟ ଯୁଗରେ ଆତ୍ମରକ୍ଷା ହିଁ ବିଶେଷ ପ୍ରୟୋଜନ ହୋଇପଡ଼ିଛି । ଚାରିଆଡ଼େ ଆଦର୍ଶଚ୍ୟୁତି, ବ୍ୟଭିଚାରର ସ୍ରୋତ । ଏହାଭିତରେ ନିଜର ଆଦର୍ଶ ରକ୍ଷା କରି ଅଚଳ ଅଟଳଭାବରେ ରହିବାପାଇଁ ଅତି ବଡ଼ ସାଧନଶକ୍ତିର ପ୍ରୟୋଜନ । ସମାଜଭିତରେ ତୁମେମାନେ ଆଶ୍ରମ କରି ରହିଛ । ହୁଏତ ଅନନ୍ୟଭାବରେ କେତେ ସମାଲୋଚନା ହେବ । ନୀରବରେ, ଧୀର-ସ୍ଥିରଭାବରେ ସବୁ ସହ୍ୟ କରିଯାଅ । ଦିନେ ସମସ୍ତେ ତୁମମାନଙ୍କର ଆଦର୍ଶର ଉପକାରିତା ହୃଦୟଙ୍ଗମ କରିପାରିବେ; କାରଣ ଉତ୍ତେଜନା ମୁହୂର୍ତ୍ତ ଚିରକାଳ ଅସ୍ଥାୟୀ ।

ମୋର ଶେଷ କଥା, ମୋର ଆଦର୍ଶକୁ ରୂପ ଦେବାପାଇଁ କି ଗୃହୀ, କି ସନ୍ନ୍ୟାସୀ ସମସ୍ତେ ମୋର ଆଶ୍ରୟ ନେଇଛ । ଏହା ତୁମମାନଙ୍କ ଜୀବନର ଏକମାତ୍ର ବ୍ରତ । କିପରି ଠାକୁରଙ୍କ ଭାବ ପ୍ରଚାର କରିପାରିବ, ସେ ବିଷୟ ନେଇ ଚିନ୍ତା ଓ ଚେଷ୍ଟା ନିୟୋଗ କରିବାକୁ ହେବ । ମାମଲା-ମକଦ୍ଦମା ଶିକ୍ଷା କରିବାକୁ କିମ୍ବା ବୈଷୟିକ ବୁଦ୍ଧିର ଉନ୍ନତିସାଧନ କରିବାପାଇଁ ତୁମେମାନେ ମୋ ନିକଟକୁ ଆସିନାହଁ । ସର୍ବଦା ମନେ ରଖ— ତୁମେମାନେ ସଂସାର-ତ୍ୟାଗୀ । ସୁତରାଂ, ସାଂସାରିକତାରେ ପୁନଃ ପ୍ରବେଶ କରିବା ଅଧଃପତନର ସ୍ପଷ୍ଟ ଲକ୍ଷଣ । ଏପରି କୁ-ବୃତ୍ତି ଯଦି ତୁମମାନଙ୍କ ଭିତରେ ଜାତ ହୁଏ, ଅନୁଶୋଚନା ଅନଳରେ ନିଜକୁ ଦଗ୍ଧ କର; ଗୁରୁଦେବଙ୍କ ନିକଟରେ କାତର ଭାବରେ ପ୍ରାର୍ଥନା କର ।

ଗୃହୀମାନଙ୍କୁ କହୁଛି, ତୁମେମାନେ ସମାଜରେ ଅଛ, ତୁମମାନଙ୍କ ଦାୟିତ୍ୱ ଆହୁରି ଅଧିକ । ସଦ୍‌ଗୁରୁଙ୍କ ସନ୍ତାନ ବୋଲି ନିଜକୁ ପରିଚୟ ଦେବାକୁ ଚେଷ୍ଟା କରିବା ହିଁ ତୁମମାନଙ୍କ ଜୀବନର ସାଧନା । ସମାଜରେ ବ୍ୟଭିଚାର ଦେଖାଦେଇଛି । ତୁମେମାନେ ମଧ୍ୟ ବ୍ୟଭିଚାରୀ ହେଲେ ଚଳିବ କିପରି ? ସମାଜରେ ଧର୍ମଭାବ ନାହିଁ । ତୁମେମାନେ ଅଧର୍ମପରାୟଣ ହେଲେ ଆଉ ସଦ୍‌ଗୁରୁଙ୍କ ସନ୍ତାନ ହେବ ବା କିପରି ? ତୁମେମାନେ ମନୁଷ୍ୟ ଏବଂ ସଦ୍‌ଗୁରୁଙ୍କ ଆଶ୍ରିତ ସନ୍ତାନ— ଏ କଥା ସର୍ବଦା ସ୍ମରଣ ରଖିବ ।

ବତ୍ସ ! ମୁଁ ଦେହତ୍ୟାଗ କଲେ ଜଗଦ୍‌ଗୁରୁଙ୍କ ସହିତ ମିଶିଯିବି ସତ; କିନ୍ତୁ ମୋର ଭକ୍ତମାନେ ମୋତେ ଠିକ୍ ଏହିଭାବରେ ପାଇବେ ।

ମୁଁ ଯେତେଦିନଯାଏ ସ୍ଥୂଳ ଦେହରେ ଅଛି, ତୁମେମାନେ ମୋତେ ବାହାରେ ଦେଖୁଥିବ । ଏହି ସ୍ଥୂଳ ଦେହ ରକ୍ଷା କଲାପରେ ମୁଁ ତୁମମାନଙ୍କ ଅନ୍ତରରେ ରହିଯିବି । ସେତେବେଳେ ତୁମେମାନେ ମୋତେ ସ୍ମରଣ କଲେ ସର୍ବଦା ଦେଖିପାରିବ ।

ମୁଁ ସ୍ଥୂଳଦେହରେ ଥିବାବେଳେ ତୁମମାନଙ୍କୁ ଯେଉଁଭାବରେ ପରିଚାଳନା କରୁଥିଲି, ବିଦେହୀ ହେଲେ ମଧ୍ୟ ଠିକ୍ ସେହିଭାବରେ ପରିଚାଳନା କରିବି । ମୋର ଏହି ସ୍ଥୂଳଦେହଟା ତୁମମାନଙ୍କର ଠାକୁର ନୁହନ୍ତି । ଏହାରିଭିତରେ ଯେ ଅଛନ୍ତି, ସେ ହେଉଛନ୍ତି ତୁମମାନଙ୍କର ଠାକୁର ।

ବତ୍ସ ! ବାହାରେ ମୋର ଦେଖାପାଇଲ ନାହିଁ ବୋଲି ଦୁଃଖ କରିବ ନାହିଁ; କାରଣ, ଲକ୍ଷ୍ୟ ତ ବାହାରେ ନାହିଁ ! ଯେତେବେଳେ ଯେଉଁ ଅବସ୍ଥାରେ ରହ ପଛକେ, ଅନ୍ତର୍ଲକ୍ଷ୍ୟ ଧରି ତାଙ୍କ ନାମକୁ ଅବଲମ୍ବନ କରି ପଡ଼ିଥାଅ । ବାହାର କଥା ନେଇ ବ୍ୟାକୁଳ ହେଲେ ମନ ଅନ୍ତର୍ମୁଖୀ ହୋଇପାରିବ ନାହିଁ; ଆତ୍ମାର ସ୍ୱରୂପ ବିକଶିତ ହେବନାହିଁ । ବାହାରେ ଅଛି ମାୟାମୋହର ମଦିରା; କିନ୍ତୁ ଅନ୍ତର-ମିଳନରେ ଅଛି ଶାନ୍ତିର ଅନାବିଳ ତରଙ୍ଗମାଳା । ବାହାରେ ଭାସିବାକୁ ମନ ବଳାଅ ନାହିଁ । ସ୍ୱଭାବକୁ ସଂଯତ କରି ଅନ୍ତରର ଅନ୍ତରତମ ପ୍ରଦେଶରେ ବୁଡ଼ିଯାଅ, ସେଥିରେ ଶାନ୍ତି ପାଇବ ।

ମୋର ବ୍ୟାପକ ଇଚ୍ଛାକୁ ରୂପ ଦେବାକୁ ହେଲେ ସମସ୍ତଙ୍କୁ ସଂଘବଦ୍ଧ ହେବାକୁ ପଡ଼ିବ । ମୁଁ ଚିରକାଳ ଅଛି ଓ ରହିବି । ସ୍ଥୂଳଦେହରେ ଥିବା ଅବସ୍ଥାରେ ମୁଁ ତୁମମାନଙ୍କର ବାହାରେ ଅଛି, ମାତ୍ର ଏ ସ୍ଥୂଳଦେହ ରକ୍ଷା କଲାପରେ ତୁମମାନଙ୍କ ଅନ୍ତରରେ ମୋର ଆସନ-ମନ୍ଦିର ପ୍ରତିଷ୍ଠିତ ହେବ । ତୁମେମାନେ ଆତ୍ମସ୍ଥ ହୁଅ, ସମାହିତ ହୁଅ, ତେବେ ଯାଇ ମୋର ବ୍ୟକ୍ତ ଓ ଅବ୍ୟକ୍ତ ସମସ୍ତ ଇଚ୍ଛାକୁ ଉପଲବ୍ଧି କରିପାରିବ । ତୁମେମାନେ ମୋର ବିରାଟ ଇଚ୍ଛାର ଗୋଟିଏ ଗୋଟିଏ ମୂର୍ତ୍ତ ପ୍ରତୀକ ହୁଅ—ଏହା ହିଁ ଶେଷ ଆଶୀର୍ବାଦ ।

ଜୟଗୁରୁ

ଜୟଗୁରୁ

ନୀଳାଚଳ ସାରସ୍ୱତ ସଂଘ, ପୁରୀ

କେନ୍ଦ୍ର ଆସନ ମନ୍ଦିର, ବୀରତୁଙ୍ଗଙ୍କ ଦ୍ୱାରା ପ୍ରକାଶିତ

ପୁସ୍ତକ-ସୂଚୀ

ନିଗମ ଗ୍ରନ୍ଥମାଳା

* ଶ୍ରୀଶ୍ରୀଠାକୁର ନିଗମାନନ୍ଦ
ଶ୍ରୀଶ୍ରୀଠାକୁର ନଗମାନନ୍ଦ (ହିନ୍ଦୀ)
ନିଗମ-ଲହରୀ
ନିଗମ-ତତ୍ତ୍ୱ
ନିଗମ ଉପଦେଶ
ନୀଳାଚଳ ବାଣୀ
ସଂସାର-ପଥେ (ଭାବନା)
ସଂସାର-ପଥେ (ସିଦ୍ଧିଯୋଗ)
ସଂସାର-ପଥେ (ସାଧନା)
ସଂସାର-ପଥେ (ସଂଗ୍ରାମ)
ଭକ୍ତ-ସମ୍ମିଳନୀ
* ସାରସ୍ୱତ ସଂଘନୀତି
ସତୀଚରିତମାଳା (୧,୨,୩ ଏକତ୍ର)
ଶ୍ରୀଶ୍ରୀ ନିଗମାନନ୍ଦ କଥାମୃତ (୧,୨)
ଶ୍ରୀଶ୍ରୀ ନିଗମାନନ୍ଦ କଥାସଂଗ୍ରହ (୧,୨)
ତତ୍ତ୍ୱମାଳା
ବେଦାନ୍ତ-ବିବେକ
ପ୍ରେମିକଗୁରୁ—ଏକ ଅଧ୍ୟୟନ
ଶ୍ରୀଶ୍ରୀ ଗୁରୁଗୀତା
ସାରସ୍ୱତ ପନ୍ଥା
ସାରସ୍ୱତ ଦୀକ୍ଷା
ନାମାମୃତ (୧ମ, ୨ୟ,୩ୟ)
ନିରାଜନା
ସାରସ୍ୱତ ସତୀ ନୀତି
ପ୍ରଣତି ଶତକ(୧,୨,୩,୪,୫)
ପ୍ରାର୍ଥନା ଶତକ
ନିଗମ-ସଙ୍ଗୀତ

ସାଧୁଚରିତମାଳା

* ଭଗବାନ ଶଙ୍କରାଚାର୍ଯ୍ୟ
(ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାରପ୍ରାପ୍ତ)

ଶ୍ରୀମତୀ ନାରାୟଣୀ ଦେବୀଙ୍କ ପ୍ରଣୀତ

ଶ୍ରୀଶ୍ରୀ ନିଗମାନନ୍ଦ ଜୀବନ-ପ୍ରସଙ୍ଗ (୧ମ, ୨ୟ)
ପିଲାଙ୍କ ନିଗମାନନ୍ଦ
ନୀଳାଚଳ ବାଣୀ (ବଙ୍ଗଳା)

ସାରସ୍ୱତ ଗ୍ରନ୍ଥମାଳା

* ବ୍ରହ୍ମଚର୍ଯ୍ୟ ସାଧନ (ଓଡ଼ିଆ)
* ଯୋଗୀଗୁରୁ (ଓଡ଼ିଆ)
* ଜ୍ଞାନୀଗୁରୁ (ଓଡ଼ିଆ)
* ତାନ୍ତ୍ରିକଗୁରୁ (ଓଡ଼ିଆ)
* ପ୍ରେମିକଗୁରୁ (ଓଡ଼ିଆ)

ଉତ୍କଳରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ଓ ଭାଇ ଦୁର୍ଗାଚରଣ (୧ମ,୨ୟ,୩ୟ,୪ର୍ଥ)

ପୁରାତନ ସଂଘ-ସେବକ—ବର୍ଷ ପ୍ରତି ଟ୮୦.୦୦

* ଚିହ୍ନିତ ପୁସ୍ତକମାନ ଡି.ପି.ଆଇଙ୍କ ନଂ 27983 (471) Dated 23.9.59 ଓ ନଂ 37154(58) Dated 28.12.71 ବିଜ୍ଞାପନ ଦ୍ୱାରା ପ୍ରାଇଜ୍-ଲାଇବ୍ରେରୀ ପୁସ୍ତକ ରୂପେ ଗୃହୀତ ।

ଅନ୍ୟାନ୍ୟ ସହଯୋଗୀ ପୁସ୍ତକ

ଶ୍ରୀଗୁରୁ

ଭାଇ

ଶ୍ରୀଶ୍ରୀଠାକୁର ନିଗମାନନ୍ଦ (ଜନ୍ମଲୀଳା ଓ ବାଲ୍ୟଲୀଳା)

ସଂଘସେବୀର ଆଦର୍ଶ ଓ ଆଚରଣ ବିଧି

ନୀଳାଚଳ ସାରସ୍ୱତ ସଂଘ ଇତିହାସ

ଆଦର୍ଶ ଗୁରୁପ୍ରାଣ ଦୁର୍ଗାଚରଣ ଭାଇ

ସାର୍ବଭୌମ ଗୁରୁ ଶ୍ରୀଶ୍ରୀ ଠାକୁର ଓ ପରିଚାଳକ

ଯୋଗାଯୋଗ ଠିକଣା

Nilachala Saraswata Sangha, Puri

(Kendra Asana Mandira)

At/P.O.- Biratunga, Puri

Pin-752116